
Spreading Knowledge Amongst Mankind.........

ଅକ୍ଟୋବର – ୨୦୧୯ OCTOBER - 2019



Painting by Shri Debashis Raut,
Advisor, ROSA, Riyadh

# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ……

ପ୍ରିୟ ପାଠକବନ୍ଧୁ, ଦିନେ ଟଲଷ୍ଟୟ ସାଧାରଣ ବେଶଭୂଷାରେ ଷ୍ଟେସନ ରେ ବୁଲୁଥିଲେ । ଏକ ସଂଭ୍ରାନ୍ତ ପରିବାରର ମହିଳା ତାଙ୍କୁ କୁଲି ଭାବି ଜିନଷ ଉଠାଇବାକୁ କହିଲ୍ । ବଦଳରେ ତାଙ୍କୁ ୨ ରୁବେଲ୍ ଦେବ ବୋଲି କହିଲ୍ । ଟଲଷ୍ଟୟ ତାଙ୍କ ଜିନଷ ହୋଟେଲରେ ପହଞ୍ଚାଇ ଦେଇଥିଲେ । ମହିଳା ତାଙ୍କୁ ମଧ ୨ ରୁବେଲ୍ ଦେଇଥିଲେ । ତତକ୍ଷଣାତ୍ ତାଙ୍କ ମିତ୍ର ସେଠାରେ ପହଞ୍ଚି ତାଙ୍କୁ କାଉଣ୍ଟ କହି ଅଭିଭାଦନ କରିଥିଲେ । ଏହା ଶୁଣି ମହିଳା ଆଶ୍ଚର୍ଯ୍ୟ ହୋଇ ସେହି ବ୍ୟକ୍ତିଙ୍କୁ ପଚାରିଲେ – ସିଏ କଏ । ଯେତେବେଳେ ଜାଣି ପାରିଲେ ସେ ଯାହାକୁ କୁଲି ବୋଲି ଭାବୁଥିଲେ, ସେ ବ୍ୟକ୍ତି ହେଉଛନ୍ତି ମହାନ ଲେଖକ କାଉଣ୍ଟ ଟଲଷ୍ଟୟ, ମହିଳା ଜଣକ ଲଜ୍ଜିତ ହୋଇ କ୍ଷମା ପ୍ରାର୍ଥନା କରି ନଜ ରୁବେଲ ଫେରାଇବାକୁ ଅନୁରୋଧ କରିଥିଲେ । ସେତେବେଳେ ଟଲଷ୍ଟୟ କରିଥିଲେ – ଆପଣ କ୍ଷମା କଣ ପାଇଁ ମାଗୁଛନ୍ତି । ଏଇଟା ହେଉଛି ମୋ ପରିଶ୍ରମର ଅର୍ଥ । ଏହା ମୁଁ ଆପଣଙ୍କୁ ଫେରାଇପାରିବି ନାହିଁ । ଅର୍ଥାତ ନଜ ପରିଶ୍ରମର ଅର୍ଜନକୁ ସର୍ବଦା ସମ୍ମାନ କରିବା ଉଚତ । ଛୋଟ ହେଉ ବା ବଡ, ମଣିଷର ଦୃଷ୍ଟି ସେହି କାମକୁ ବଡ ବନେଇ ଦେଇଥାଏ । ତାତ୍ପର୍ଯ୍ୟ, ଆମର କର୍ମକୁ ସମ୍ମାନପୂର୍ବକ ଏବଂ ପୁରା ନଷ୍ଠାର ସହିତ ପୁରା କଲେ ଆମକୁ ସଫଳତା ମିଳିବା ସହିତ ସମ୍ମାନ ବି ମିଳଥାଏ । ଆଜିର ଯୁବା ପିଢି ଛୋଟ କାମ କରିବାରେ ଅସମ୍ମାନ ଅନୁଭବ କରୁଛନ୍ତି । ଏହା ବେରୋଜଗାରୀର ଏକ ମୁଖ୍ୟ କାରଣ । ସବୁବେଳେ ଦୁଇଟି କଥା ମନେ ରଖିବା ଉଚତ । କୌଣସି କାମ ଛୋଟ ଏବଂ ବଡ ହୋଇନଥାଏ । ଏବଂ ପ୍ରତ୍ୟେକ ଫିଲ୍ଡ ରେ ଜଣେ ହିଁ ଟପର୍ ଥାଏ । ଆମର ଉଦ୍ଦେଶ୍ୟ ସେହି ଟପ୍ କୁ ପାଇବାର ହେବା ଉଚତ ।

ବଡବଡ କମ୍ପାନୀରେ କାମ କରି କୌଣସି ସଫଳତା ନପାଇବା ଅପେକ୍ଷା ତାଠାରୁ ଭଲ କୌଣସି ଛୋଟ କାମ ଆରମ୍ଭ କରି ବଡବଡ ସଫଳତା ପାଇବାପାଇଁ ଚେଷ୍ଟା କରିବା ଉଚିତ। ମନୁଷ୍ୟ ଜୀବନରେ ପରିଶ୍ରମର ମୂଲ୍ୟ ଅନେକ। ନିଜ ପରିଶ୍ରମରେ ପାଇଥିବା ସଫଳତାର ଆନନ୍ଦ କୌଣସି ମାତ୍ରାରେ କମ ନୁହଁ। ଆଜିର ଜେନେରେସନ୍ ନୂଆ ନୂଆ ଚୁନୌତିରେ ବିଚଳିତ ହୁଅନ୍ତି ନାହିଁ। ସାହାସର ସହିତ ସାମ୍ନା କରି ବଡ ବଡ ପଦବୀର ଅଧିକାର ପ୍ରାପ୍ତ କରିବାରେ ସକ୍ଷମ ଅଟନ୍ତି। ଭାରତୀୟ ଯୁବା ଦେଶର କୋଣେ ଅନୁକୋଣେ ନିଜ ଉପଲବ୍ଧିର ଝଣ୍ଡା ଉଡାଇ ପ୍ରସଂଶିତ। କିନ୍ତୁ ଏସବୁ ତୁରନ୍ତ ସମ୍ଭବ ନୁହଁ। ଏଥିପାଇଁ ବୁଝିବାକୁ ହେବ ଯେ କୌଣସି କାମ ଛୋଟ କିମ୍ବା ବଡ ନୁହଁ। ଯିଏ ସୁନ୍ଦର କାମ କରେ, ସିଏ ପ୍ରକୃତରେ ସୁନ୍ଦର। ବଡ କାମ ପାଇଁ ଭାବନା ଶକ୍ତି ସେହି ସ୍ତରରେ ହେବା ଦରକାର। ଉଚ୍ଚ ବିଚାର ଶକ୍ତି ଦ୍ୱାରା ମନୁଷ୍ୟ କୌଣସି କାର୍ଯ୍ୟ କରିବାକୁ ସଙ୍କୋଚ କରେନାହିଁ। ପ୍ରତ୍ୟେକ ମନୁଷ୍ୟକୁ ସ୍ୱାବଲମ୍ବୀ ହେବା ଦରକାର। ସବୁବେଳେ ପର ଉପରେ ନିର୍ଭର କରିବା ମୂର୍ଖତା ଅଟେ। ମନୁଷ୍ୟକୁ ଆତ୍ମ ନିର୍ଭର ବନିବା ଦରକାର। ମନୁଷ୍ୟ ମନରେ ଆତ୍ମନିର୍ଭର ଭାବନା ଆସିଲେ ନିଜର ବିକାଶ ସହିତ ଦେଶର ବିକାଶ ମଧ୍ୟ ସମ୍ଭବ ହୋଇଥାଏ। ହଜାର ମାଇଲ୍ ଯାତ୍ରା କେବଳ ଗୋଟିଏ ପାଦରୁ ହିଁ ଆରମ୍ଭ ହୋଇଥାଏ। ସ୍ୱୟଂକୁ କିଛି ପ୍ରଶ୍ନ ପଚାରନ୍ତୁ। ଯେମିତି କି ମୁଁ ବିକଶିତ ହେବାକୁ ଚାହୁଁଛି। ବିଚାର କରନ୍ତୁ ମୁଁ ଦୁନିଆକୁ କଣ ଦେବାକୁ ଚାହୁଁଛି। ଏହା ଦ୍ୱାରା ଆପଣଙ୍କ ପାଇଁ ସବୁଠାରୁ ମୂଲ୍ୟବାନ କଣ ଏହା ନିର୍ଦ୍ଧାରଣକରିବାରେ ସାହାଯ୍ୟ କରିବ।

ଦୁନିଆର ପ୍ରତ୍ୟେକ ବ୍ୟକ୍ତି ପ୍ରକୃତି କୋଳରେ ସେଲିବ୍ରେଟି ରୂପରେ ପରିଚିତ। ସମସ୍ତଙ୍କ ପାଇଁ କିଛି ନା କିଛି କାର୍ଯ୍ୟ ନିର୍ଦ୍ଧାରଣ ହୋଇଥାଏ। ପ୍ରକୃତି କୌଣସି କାର୍ଯ୍ୟରେ ଫର୍କ କରେନାହିଁ। ପ୍ରକୃତି କୋଳରେ ଏକ ଚଢେଇର କାର୍ଯ୍ୟ ଯେତିକି ଜରୁରୀ, ଏକ ଘୋଡା ଆଉ ଓଟର ମଧ୍ୟ ସେତିକି ଜରୁରୀ। ଯଦି କୃଷକ କୃଷି ନକରେ, ରିକ୍ସା ବାଲା ରିକ୍ସା ନଚଲାଏ, ଷ୍ଟେସନରେ କୁଲି ନମିଳିବେ, ଆମ ଜୀବନର ଜରୁରୀ ଜିନିଷ କୌଣସି ମିଲେନିୟର ହାତରେ ବନିନାହିଁ। ଲୋକ ସ୍ୱଚ୍ଛତା କାମ ଛାଡିଦେଲେ ଦୁନିଆର କଣ ହେବ କଳ୍ପନା କରିବା ଅସମ୍ଭବ। ଦୁନିଆକୁ ସୁନ୍ଦର ସେହିମାନେ ବନେଇଛନ୍ତି ଯେଉଁମାନଙ୍କ ଜୀବନରେ

କିଛି ବି ସୁନ୍ଦର ନଥିଲା । ଯେମିତି ତାଜମହଲ ବନେଇଥିବା ବନ୍ଧୁଆ ମଜଦୂର । ବୁଲେଟ ଟ୍ରେନ ର ରେଳ ପଟି ହେଉ ବା ଏଫେଲ୍ ଟାୱାର ହେଉ, ସାଧାରଣ ଲୋକ ହିଁ ଏହି ଅସାଧାରଣ କୃତିତ୍ୱ କୁ ଠିଆ କରାଇବାରେ ସଫଳ ହେଇଛନ୍ତି । କୌଣସି କାର୍ଯ୍ୟ ଛୋଟ କିମ୍ବା ବଡ ହୋଇ ନଥାଏ । ପଇସା, ପଦ ବ୍ୟତୀତ ଦୁନିଆରେ ବହୁତ କିଛି ଅଛି । ରଜନୀକାନ୍ତ ଜଣେ କଣ୍ଡକ୍ଟର ଥିଲେ । କଲାମ ଖବରକାଗଜ ବାଣ୍ଟୁଥିଲେ । ଧିରୁଭାଇ ଅମ୍ବାନି ପେଟ୍ରୋଲ ପମ୍ପ ରେ କାମ କରୁଥିଲେ । ମଦର ଟେରେସା କୌଣସି ଷ୍ଟେଟ୍ ର ରାଣୀ ନଥିଲେ । ଆନନ୍ଦ କୁମାର (ସୁପର ୩୦) କୌଣସି ମଲ୍ଟି ନାସନାଲ୍ କମ୍ପାନୀରେ ଆଇ.ଆଇ.ଟି.ଆନ୍ ସଫ୍ଟ୍ ଇଞ୍ଜିନିୟର ନଥିଲେ କି ନାହାନ୍ତି । ଏମିତି ଲକ୍ଷ୍ୟ ଲକ୍ଷ୍ୟ ଲୋକ ନିଜର ଲକ୍ଷ ନିର୍ଦ୍ଧାରଣ ପାଇଁ ପୁରା ନିଷ୍ଠାର ସହିତ ନିସ୍ୱାର୍ଥପର ଭାବରେ କାର୍ଯ୍ୟ କରୁଛନ୍ତି । ଯିଏ ଯୁଆଡେ ବି ଯାଉ, ଭଲ ଖବର ନେଇଯାଏ । ଅନ୍ୟ ପ୍ରତି ଇର୍ଷା ନୁହେଁ, ବରଂ ସାହାଯ୍ୟ କରିବାକୁ ଚେଷ୍ଟା କରେ । ଅନ୍ୟର ସଫଳତାରେ ପ୍ରୋତ୍ସାହିତ ହୁଏ । ନିଜ କାର୍ଯ୍ୟର ସଂପୂର୍ଣ୍ଣ ଇଚ୍ଛାଶକ୍ତି ନିବେଶ କରି ସର୍ବଦା ସଫଳ ହେବାକୁ ଚେଷ୍ଟା କରେ ।

ସ୍ୱୟଂ ପ୍ରତି ଏବଂ ଦେଶ ପ୍ରତି ଆବଶ୍ୟକତା ପୂର୍ତ୍ତିର ନାମ ହେଉଛି ସ୍ୱାବଲମ୍ବୀ । ଜୀବନରେ ସଫଳତା ପାଇବାର ମନ୍ତ୍ର ହେଉଛି ସ୍ୱାବଲମ୍ବନ । ବୀର, କର୍ମଯୋଗୀ, ନେତା-ଅଭିନେତା ଆଦି ମାନଙ୍କର ସଫଳତାର ମୂଳ ଆଧାର ଏହା ଅଟେ । ସ୍ୱାବଲମ୍ବୀ ବ୍ୟକ୍ତି ଙ୍କୁ ହିଁ ଆଦର୍ଶ ବ୍ୟକ୍ତି କୁହାଯାଏ । ଏପରି ବ୍ୟକ୍ତି ସମାଜ ରୂପି ବଗିଚାରେ ସୁଗନ୍ଧ ରୂପି ପୁଷ୍ପ ପରି ନିଜ ଆଖପାଖର ପରିବେଶକୁ ମହକେଇ ଦିଅନ୍ତି । କଠିନ ରୂପି କାର୍ଯ୍ୟରେ ମଧ୍ୟ ହାର ନମାନି ଦେଶକୁ ଆଗକୁ ନେଇଯିବାରେ ସର୍ବଦା ତତ୍ପର ଥାଆନ୍ତି ଏବଂ ସମସ୍ତ ସମ୍ମାନର ଅଧିକାରି ମଧ୍ୟ । କୌଣସି ବ୍ୟକ୍ତି କୁ ନିଜ ଭାଗ୍ୟର ଭରସାରେ ରହିବା ଉଚିତ ନୁହେଁ । ଏହିପରି ବ୍ୟକ୍ତି ଅଳସୁଆ ଏବଂ ପରିଶ୍ରମହୀନ ହୋଇଥାନ୍ତି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି କର୍ମ କରିଯାଅ, ଫଳର ଆଶା ରଖନାହିଁ । କିଛି ଲୋକ ମାନନ୍ତି ଭଗବାନ ଯେତିକି ଚାହିଁବେ ସେତିକି ମିଳିବ । ଆଉ ଏକ ଧାରଣା ମଧ୍ୟ ପ୍ରଚଳିତ – ସମୟ ପୂର୍ବରୁ ଏବଂ ଭାଗ୍ୟରୁ ଅଧିକ କାହାକୁ ମିଳେନାହିଁ । ଏହିପରି ଭାବନା ଶକ୍ତି ମନୁଷ୍ୟକୁ ଅକର୍ମଣ୍ୟ ବନେଇଥାଏ ଯଦ୍ୱାରା ସମୟ ହାତରୁ ପଳାଇଯାଏ ଏବଂ ଯେତିକି ଭାଗ୍ୟରେ ମିଳିବା କଥା ସେତିକି ମଧ୍ୟ

ମିଳ ନଥାଏ । ଏମିତି ବ୍ୟକ୍ତି ତାଙ୍କ ଜୀବନରେ କେବଳ ହାତ ଉପରେ ହାତ ରଖି ବସିଥାନ୍ତି । ସମୟର ସମ୍ମାନ ସହିତ ଜୀବନରେ ସ୍ୱାବଲମ୍ବୀ ହେବା ଦରକାର । ଭଗବାନ ହିଁ ସେହି ମାନଙ୍କର ସହାୟତା କରନ୍ତି ଯେଉଁମାନେ ସ୍ୱୟଂ ର ସହାୟତା କରନ୍ତି । ବାସ୍ତବରେ ସେହି ବ୍ୟକ୍ତି ସର୍ବଦା ଖୁସିରେ ରହିପାରେ ଯିଏ କଠିନ ପରିଶ୍ରମରେ ମଧ୍ଯ ବିଚଳିତ ହୁଏ ନାହିଁ । ଏମିତି ବ୍ୟକ୍ତି ଅନ୍ୟଠାରୁ ସାହାଯ୍ୟ ବଦଳରେ ଅନ୍ୟକୁ ସାହାଯ୍ୟ କରିବାରେ ସର୍ବଦା ତତ୍ପର ଥାନ୍ତି । ନିଜର ଆବଶ୍ୟକତା ପୂର୍ତ୍ତି ପାଇଁ ଅନ୍ୟ ଉପରେ ନିର୍ଭର କରିବା ଭଲ ଆଚରଣ ନୁହେଁ । ଆତ୍ମନିର୍ଭରତାର ଅର୍ଥ ହେଉଛି ନିଜ ଭରସାରେ ରହିବା । ଅର୍ଥାତ ନିଜ ଉପରେ ନିର୍ଭର ରହିବା । ଆତ୍ମନିର୍ଭରତାରେ ଆତ୍ମବିଶ୍ୱାସର ଭାବନା ଜାଗ୍ରତ ହୁଏ ଏବଂ ଆତ୍ମବିଶ୍ୱାସରେ ସଫଳତା । ଆମର ଚାରିପଟେ ପ୍ରକୃତି ଉପରେ ଦୃଷ୍ଟି ଦେଲେ ଜାଣିବା ପ୍ରକୃତି ଆମକୁ କଣ ଶିଖାଉଛି । ଆତ୍ମ ନିର୍ଭର ବନିବା । ଛୋଟ ବଡ ଜିବଜନ୍ତୁ ସମସ୍ତେ ଆତ୍ମନିର୍ଭର । ସେମାନେ କାହା ଉପରେ ନିର୍ଭର କରନ୍ତି ନାହିଁ । ନିଜ ଭୋଜନ ସେମାନେ ସଂଗ୍ରହ କରିଥାନ୍ତି । ଏକରାଷ୍ଟ୍ରର ଶକ୍ତି ତାର ଆତ୍ମନିର୍ଭରତା ଉପରେ ନିର୍ଭର କରେ । ଏବଂ ଆତ୍ମନିର୍ଭରତାରେ ହିଁ ମନୁଷ୍ୟର ପ୍ରଗତି ସମ୍ଭବ ।

ସ୍ୱାବଲମ୍ବନର ପ୍ରକୃତି ମନୁଷ୍ୟ ମନରେ ସ୍ୱତନ୍ତ୍ର ଚିନ୍ତନ ଶିଘ୍ର ନିର୍ମାଣର ଶକ୍ତି ଭରିଦିଏ ଏବଂ ଆମକୁ ଜିମ୍ମେଦାର ନାଗରିକ ବନେଇବାରେ ଯାହାଯ୍ୟ କରେ । ସ୍ୱାମୀ ବିବେକାନନ୍ଦ କହିଥିଲେ, “ମୋତେ ଏମିତି ଦଶଜଣ ଲୋକ ଦିଅନ୍ତୁ ଯାହାର ନିଜ ଉପରେ ବିଶ୍ୱାସ ଥିବ । ମୁଁ ସମ୍ପୂର୍ଣ୍ଣ ବିଶ୍ୱର କାୟା ପଲଟ କରିଦେବି” । ଆର୍ଥିକ ରୂପରେ ସ୍ୱାବଲମ୍ବୀ ନହୋଇ ମଧ୍ଯ ମନୁଷ୍ୟ ସମାଜକୁ ତାର ବିଚାର ଶକ୍ତି, ଚାଲି ଚଳଣ, ସ୍ୱଚ୍ଛ ପରିବେଶ, ସୁବ୍ୟବସ୍ଥିତ ପରିଚାଳଣା ନୀତି, ସତସଙ୍ଗ ଦ୍ୱାରା ତାର ପରିବାରର ହିତୈଷି ସାବିତ ହୋଇଥାଏ । ପରିବାର ହିତରେ ସମାଜର ହିତ । ସମାଜର ହିତରେ ଦେଶର ହିତ । ଦେଶର ହିତରେ ରାଷ୍ଟ୍ରର ହିତ । ଯେଉଁମାନେ ପରିବାର ତ ଛାଡ, ନିଜକୁ ଶୃଙ୍ଖଳିତ ଦିଗରେ ଚଳାଇବା ଜାଣିନାହାନ୍ତି, ସେମାନେ ପରିବାର କଣ, ଦେଶ, ସମାଜ, ରାଷ୍ଟ୍ରର ହିତରେ ସର୍ବଦା ବାଧକ ସାଜନ୍ତି । ଯିଏ କେବେ ନିଜର ଉନ୍ନତି ବିଷୟରେ ଚିନ୍ତା କରେନା, ସିଏ ଅନ୍ୟମାନଙ୍କ ପାଇଁ କଣ କରିବ? ଏମିତି ଲୋକ ଏବେ ବି ଅଛନ୍ତି ଯାହାଙ୍କୁ କାଲିର ଚିନ୍ତା ନାହିଁ । ଆଜି ଯାଉ,

କାଲି ଦେଖିବାର ନୀତି । ଦୁନିଆଁ କେତେ ଉନ୍ନତି କଲାଣି ତାଙ୍କୁ ଜଣାନାହିଁ । ଆଜି ବି ଯେମିତି ସେମିତି । ଉନ୍ନତି ଶବ୍ଦରେ ମୁହଁଫେରି ଦିଅନ୍ତି, ଅନ୍ୟକୁ ସ୍ୱାର୍ଥୀ କହି । ତାଙ୍କୁ ତ ଉନ୍ନତି ଆଉ ସ୍ୱାର୍ଥୀ ଭିତରେ ଫରକ ଜଣାନାହିଁ । ଏମିତି ଲୋକ ଉନ୍ନତି ପଥରେ ସର୍ବଦା ବାଧକ ସାଜନ୍ତି । ବୁଝନ୍ତିନ ସେମାନେ ସ୍ୱାର୍ଥୀ, ଅନ୍ୟମାନେ ଉନ୍ନତି ଚାହାନ୍ତି । ଏହି ପରିସ୍ଥିତିରେ ମନୁଷ୍ୟର ସ୍ୱାଭାବିକ ସୃଜନଶୀଳତା ନଷ୍ଟ ହୋଇ ଆତ୍ମବିଶ୍ୱାସକୁ ହରାଇ ବସେ । ଭାବନ୍ତି କିଛି କରିପାରିବେ ନାହିଁ । ଯଦ୍ୱାରା ଉନ୍ନତି ବାଧିତ ହୁଏ । ବ୍ୟକ୍ତିର ସହାୟତା ତାର ପ୍ରୟତ୍ନ ଉପରେ ନିର୍ଭର କରେ । ସଫଳତା ଆଉ ବିଫଳତା ଉପରେ ନୁହେଁ । ଏମିତି ବ୍ୟକ୍ତି ବିଶ୍ୱକୁ ମାନସିକ ଦୃଢତା, ସହନଶୀଳତା ଏବଂ ଆତ୍ମନିର୍ଭରତାର ଶିକ୍ଷା ଦିଅନ୍ତି । କମଜୋର, ପଛୁଆବର୍ଗ ଏମାନଙ୍କଠାରୁ ଶିକ୍ଷା ଗ୍ରହଣ କରେ । ଅନୁଚିତ ବ୍ୟବହାର, ଆଳସ୍ୟ, ଭାଗ୍ୟବାଦ, ଅନ୍ଧବିଶ୍ୱାସ ଆଦି ସ୍ୱାବଲମ୍ବନ କ୍ଷେତ୍ରରେ ବାଧା ସୃଷ୍ଟି କରନ୍ତି । କାହାକୁ ହତୋତ୍ସାହିତ କରିବା କିମ୍ବା ତାଙ୍କ ଉପରେ କଟକଣା ଜାରି କରିବା, ସେମାନଙ୍କ ଉପରେ ବିଶ୍ୱାସ ନକରିବା ଆଦି ମନୁଷ୍ୟର ବିକାଶରେ ବାଧା ସୃଷ୍ଟି କରେ । ଏହାସବୁ ସ୍ୱାବଲମ୍ବନର ଶତ୍ରୁ ଅଟନ୍ତି । ଏମାନଙ୍କଠାରୁ ଦୂରରେ ରହିବା ହିତକର ।

ପରିଶ୍ରମୀକୁ ସର୍ବଦା ସୁଖଦ ଫଳ ପ୍ରାପ୍ତ ହୁଏ । ଆତ୍ମନିର୍ଭରତା ଯୁକ୍ତ ବ୍ୟକ୍ତି ଅନ୍ୟ ସାଧାରଣ ବ୍ୟକ୍ତିଠାରୁ ଉଚ୍ଚ ହୋଇଥାଏ । ତାର ଜୀବନ ସାର୍ଥକ ଏବଂ ବିଶେଷ ଉଦ୍ଦେଶ୍ୟ ପ୍ରାପ୍ତିରେ ସକ୍ଷମ ହୋଇଥାଏ । ବ୍ୟକ୍ତିର ବୁଦ୍ଧି ଆଉ ଚାତୁର୍ଯ୍ୟ ତାର ହୃଦୟ ଅନୁସାରେ ହୋଇ ଉତ୍ତମ ସଂସ୍କାର ପ୍ରାପ୍ତ କରିଥାଏ, ଏବଂ ନିଜ କାର୍ଯ୍ୟରେ ମଧ୍ୟ ଶ୍ରେଷ୍ଠ । ଜୀବନରେ ପ୍ରଗତି ସହିତ ଅନ୍ୟମାନଙ୍କର ମାର୍ଗଦର୍ଶନରେ ସହାୟତା କରି ଉନ୍ନତଶୀଳ ବନାଇବାରେ ପ୍ରେରଣା ଦେଇଥାଏ । ପ୍ରତ୍ୟେକ ମନୁଷ୍ୟର ଭାଗ୍ୟ ତା ନିଜ ହାତରେ ଥାଏ । ନିଜର ଜୀବନ ନିର୍ବାହ ଶ୍ରେଷ୍ଠ ରୀତିରେ କରିପାରେ ।  ହନୁମାନ ଏକୁଟିଆ ସୀତାମାତାଙ୍କର ଖୋଜରେ ଥିଲେ । କଲମ୍ବସ୍ ଆମେରିକାକୁ ଖୋଜି ବାହାର କରିଥିଲେ । ଶିବାଜୀ କିଛି ସୈନିକଙ୍କ ସାହାଯ୍ୟରେ ଆଉରଙ୍ଗଜେବ୍ ଙ୍କ ନିଦ ଉଡାଇ ଦେଇଥିଲେ । ଏକଲବ୍ୟ ବିନା ଗୁରୁରେ ଜଙ୍ଗଲରେ ରହି ତିରନ୍ଦାଜୀରେ ସିଦ୍ଧି ପ୍ରାପ୍ତ କରିଥିଲେ । ଏହି ଚିତ୍ତବୃତି ମନୁଷ୍ୟକୁ ଅନ୍ୟଠାରୁ ଉଚ୍ଚ ବନାଇଥାଏ । ଯେଉଁ ମନୁଷ୍ୟର ବୁଦ୍ଧି ଆଉ ଚତୁରତା ତାର ହୃଦୟରେ ସ୍ଥିତ, ସେହି ମନୁଷ୍ୟ

ଜୀବନ ଆଉ କର୍ମ କ୍ଷେତ୍ରରେ ସର୍ଦୈବ ଶ୍ରେଷ୍ଠ ରହେ ଏବଂ ଅନ୍ୟମାନଙ୍କର ମାର୍ଗଦର୍ଶନ କରି ଉନ୍ନତି ପଥରେ ଡାକିନିଏ । ସ୍ୱାବଲମ୍ବୀ ବ୍ୟକ୍ତି ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି କରିପାରେ । ଅନ୍ୟ ଭରସାରେ ରହିବା ବ୍ୟକ୍ତି ଲୋକମାନଙ୍କ ନଜରରେ ସର୍ବଦା ଛୋଟ ବନିଥାଏ । ତା ପାଖରେ ନିଜର ହୋଇ କେହି ରହନ୍ତିନି । ଅନ୍ୟ ଭରସାରେ ରହି ସାହାସହୀନ ବନିଯାଏ । ନିଜର ଆବଶ୍ୟକତା ପୂର୍ତ୍ତି ପାଇଁ ଅନ୍ୟ ଉପରେ ନିର୍ଭର କରିଥାଏ । ଏହିଭଳି ଲୋକ ସ୍ୱାବଲମ୍ବୀ ହୋଇପାରନ୍ତି ନାହିଁ । ଅନ୍ୟର କମାଇ ଉପରେ ସବୁବେଳେ ନଜର ରଖେ, ଅନ୍ୟ ପରିଶ୍ରମର ଫଳ ଖାଇବାକୁ ସର୍ବଦା ତତ୍ପର ରହେ, ଏମାନଙ୍କୁ କର୍ମଯୋଗୀ କୁହାଯାଇ ପାରିବନି । ଏମାନଙ୍କୁ ଆତ୍ମନିର୍ଭରତାର ମହତ୍ତ୍ୱ ହିଁ ଜଣା ନଥାଏ । ଯଦି ଆମେ କାହାର ସାହାଯ୍ୟ ନେବାକୁ ଚାହୁଁଛେ, ତେବେ ନିଜ ଭିତରେ ଥିବା ଯୋଗ୍ୟତା, ମନୋବଳ ଏବଂ ଆତ୍ମବିଶ୍ୱାସର ସାହାଯ୍ୟ ନେବା ଉଚିତ । କାରଣ ଏହାଦ୍ୱାରା ମନୁଷ୍ୟ ଆତ୍ମନିର୍ଭର ବନିଥାଏ । ଏବଂ ଆତ୍ମନିର୍ଭର ବ୍ୟକ୍ତି ପାଇଁ ସଫଳତାର ଦ୍ୱାର ସବୁବେଳେ ଖୋଲା ଥାଏ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....



| | | |
|---|---|---|
| ବିଧ୍ୱଂସକ | ମମତା ଦାଶ | ୧୩ |
| ରୁଦ୍ରାକ୍ଷ ମାଳା | ଶାନ୍ତିଲତା ମିଶ୍ର | ୧୫ |
| ଅନ୍ତର୍ଗମ୍ବାର କୋହ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୯ |
| ଏକାନ୍ତ ମୁହୂର୍ତ୍ତରେ: ସମୟ ଓ ସ୍ମୃତି | ଡ. ସରଯୂ ରଥ | ୨୧ |
| ମହାଦ୍ରୁମ | ଅଧାପିକା ଜ୍ୟୋତ୍ସ୍ନା ରାୟ | ୨୩ |
| ଗତି ରୁ ସଦଗତି | ଡକ୍ଟର ମଧୁସ୍ମିତା ମିଶ୍ର | ୨୬ |
| କର୍ଣ୍ଣ | ସୁଲୋଚନା ପଟ୍ଟନାୟକ | ୨୯ |
| କାହିଁଗଲ ମୌସୁମୀ? | ଶଶଧର ମହାପାତ୍ର | ୩୦ |
| ବାହାଘରର ପୂର୍ବ ରାତି | ରାଜବାଳା ତ୍ରିପାଠୀ | ୩୩ |
| ଇନ୍ଦୁ ବଦନ | ରାଜଶେଖର ସି. “ଚମ୍ପା” | ୩୬ |
| ଭଜନ | ଉଦୟନ ସୂପକାର | ୩୮ |
| ଜୀବନ ସଂଧ୍ୟା | ଡଃ ପ୍ରତିମା ଉପାଧ୍ୟାୟ | ୩୯ |
| ବୈଶାଖୀ | ଲୋପାମୁଦ୍ରା ମିଶ୍ର | ୪୧ |
| ଚଶମା | ଡ. ଜ୍ଞାନେଶ୍ୱର ମିଶ୍ର | ୫୫ |
| ଆମ ଗାଆଁ ରଜ | ହରେରାମ ପଣ୍ଡା | ୫୬ |
| ସନ୍ତୋଷ | କୁମୁଦବନ୍ଧୁ ନାୟକ | ୫୮ |
| କରୁଣା ପ୍ରେମ | ରୋଜାଲିନ ମିଶ୍ର | ୫୯ |
| ପ୍ରେମ ଅଭିଧାନ | ଆଶୁତୋଷ ମେହେର | ୬୨ |
| ଜୀବନ ସାଥୀ | ସଂଯୁକ୍ତା ମହାପାତ୍ର | ୬୩ |
| ବଣ ମଲ୍ଲୀ | ବୈଦ୍ୟନାଥ ପଣ୍ଡା | ୬୫ |

| | | |
|---|---|---|
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୭୬ |
| ନମସ୍ତେସ୍ତୁ | ଲତିକା ବିଳାସ | ୭୭ |
| ଛୋଟ ପଡ଼ିଲ୍ ଏ ଜନ୍ମ | ଦିଲିପ୍ କୁମାର ତ୍ରିପାଠୀ | ୮୦ |
| ବିଚତ୍ର ମନ | ଡକ୍ଟର ବିଜ୍ଞାନୀ ଦାସ | ୮୨ |
| ଓଃଫ୍ ତୁମେ ଓ ତୁମ ଜିଦ୍ | କାର୍ତ୍ତିକ ପାଣିଗ୍ରାହୀ | ୯୪ |
| ଏମିତି ବର୍ଷା | ତପନ ସ୍ୱାଇଁ | ୯୬ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୯୭ |
| ଜୀବନ ବନାମ ପାନ୍ଥଶାଳା | ସୁମିତ୍ରା ପୃଷ୍ଟି | ୧୦୫ |
| ଜୀବନ ପୀୟୁଷ | ଅନାମ ଚରଣ ସାହୁ | ୧୦୭ |
| ଦୁଃଖର ଦୁଇଟି ସ୍କେଚ୍ | ନୂତନ କୁମାର ବେହେରା | ୧୦୯ |
| ଜୟନ୍ତୀ ଦିଦି | ଆଶା ସାହୁ (ଆରତୀ) | ୧୧୧ |
| ବିଷାଦ ଯୋଗ | ଜୟଲକ୍ଷ୍ମୀ ସେଠୀ | ୧୧୪ |
| ଆସ ଆସ ମାତା | ପ୍ରେମଶିଲ୍ ରାଉତ | ୧୧୫ |
| ପ୍ରିୟତମ | ସରୋଜିନୀ ବେହେରା (ଟିକି) | ୧୧୭ |
| କ୍ଷୁଦ୍ରଗଳ୍ପ- ଅନନ୍ତ ପ୍ରତିକ୍ଷା | ବିନୟ ମହାପାତ୍ର | ୧୧୯ |
| ସ୍ମୃତି | ଶରତ ଚନ୍ଦ୍ର ଜାଲି | ୧୨୩ |
| କାନ୍ଦେ ଜଳଦେବୀ | ଅନଲ କୁମାର ସାହୁ | ୧୨୪ |
| ଆଶା ବାନ୍ଧିଥାଏ ବସା | ନବ କୁମାର ଦାସ | ୧୨୬ |
| ମହାମାନବ ମହାତ୍ମା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୮ |
| ହେ ମଣିଷ | ନରେନ୍ଦ୍ର ପ୍ରସାଦ ବେହେରା | ୧୩୧ |
| ଗୃହିଣୀ | ଅବିନାଶ ବେହେରା | ୧୩୩ |
| ଜନନୀ | ଶ୍ରୀକ୍ଷେତ୍ର ସୁନ୍ଦର | ୧୩୪ |
| ନୈନୀତାଲ୍ ସନ୍ନିକଟ କୁମାୟୁନର ଅନନ୍ୟ ପର୍ଯ୍ୟଟନସ୍ଥଳ | ପ୍ରିୟବ୍ରତ ପାତ୍ର | ୧୩୫ |
| ମୋ ଦେଶ | ଅଜୟ କୁମାର ବେହେରା | ୧୪୩ |

| | | |
|---|---|---|
| ପ୍ରେମ ହୁଏନାହିଁ | ପ୍ରଶାନ୍ତ କୁମାର ନାଥ | ୧୪୫ |
| ଧାନ ଗୃଷ | କେଶରୀ ପ୍ରସାଦ ମହାନ୍ତି | ୧୪୭ |
| ଅନାଥ | ମନୋଜ କୁମାର ପଣ୍ଡା | ୧୪୮ |
| ଜଗତ ଜନନୀ ମା ଦୁର୍ଗା | ପୁଷ୍ପିତା ଭୂୟାଁ | ୧୫୮ |
| ସବୁ ଅଚଳ | ପୂର୍ଣ୍ଣଚନ୍ଦ୍ର ରଣା | ୧୬୦ |
| ମୁଁ କାହିଁକି ନାରୀ? | ସନାତନ ମହାକୁଡ | ୧୬୨ |
| ସ୍ୱାଭିମାନ | ସୁଷମା ପରିଜା | ୧୬୩ |
| ଜାତି ପିତା ହେ | ରାଜକିଶୋର ସାଇଁ | ୧୬୯ |
| ନିଜକୁ ଚହ୍ନିବା | ସରିତା ମହାନ୍ତି | ୧୭୧ |
| ଧରାବତରଣ | ସୁଧାଂଶୁ ଶେଖର ପଟ୍ଟନାୟକ | ୧୭୩ |
| ଅଜ୍ଞତା ଓ ଅନ୍ଧବିଶ୍ୱାସ | ବରଦା ପ୍ରସନ୍ନ ଦାସ | ୧୭୫ |
| ତୁମ ବିନା | ଏକାଙ୍କିକା ବୋଇତାଇ | ୧୭୮ |
| ଆତ୍ମଗ୍ଲାନି | ସଂଯୁକ୍ତା ସାହୁ | ୧୮୦ |
| ଝିଅର ମାଆ | ପରମିତା ମିଶ୍ର | ୧୮୨ |
| ମା ମଙ୍ଗଳା | ଦୀପା ମହାନ୍ତି | ୧୮୪ |
| ହେ ମୋର ପଙ୍ଖା | ଦୀନବନ୍ଧୁ ପୋଇ | ୧୮୫ |
| ମଦ | ତରଙ୍ଗ ଚଣ୍ଡି | ୧୮୬ |
| ଅବୁଝା ପ୍ରିୟା | ଶିଶିର କୁମାର ପଣ୍ଡା | ୧୮୯ |
| ତୁମକୁ ମୁଁ ଖୋଜୁଛି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୯୦ |
| ବରଷା ରାଣୀ | ସୁବାସ ଚନ୍ଦ୍ର ମୁଦୁଲି | ୧୯୧ |
| ଶରୀରକୁ ସମ୍ଭାଳ | ଶ୍ରୀ ଅଖଣ୍ଡ | ୧୯୨ |
| "ମା" ଆସୁଛନ୍ତି | ସତ୍ୟବ୍ରତ ସାହୁ | ୧୯୪ |
| ମୁଁ କବିତା | ସୁଜାତା ଗିରି | ୧୯୫ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତ ପଣ୍ଡା | ୧୯୭ |
| ମୋଟର ଯାନରେ ବର୍ଷା | ଶାରଦା ପ୍ରସନ୍ନ ସାହୁ | ୨୦୪ |

# ଅକ୍ଟୋବର – ୨୦୧୯


| | | |
|---|---|---|
| ଛୋଟ ପଡ଼ିଲ୍ ଏ ଜନ୍ମ | ଦିଲିପ୍ କୁମାର ତ୍ରିପାଠୀ | ୨୦୬ |
| ଭଙ୍ଗା ମନ | ସୀତାରାମ ଦାଶ | ୨୦୮ |
| ଲୁଚକାଳି | କୃଷ୍ଣ ଚନ୍ଦ୍ର ଡାକୁଆ | ୨୧୦ |
| ଦୁଇଟି ପରବ | ଅରୂପ କୁମାର ବିଶ୍ୱାଳ | ୨୧୨ |
| ଗୋଟିଏ ଅଧୁରା ପ୍ରେମ କାହାଣୀ | ପ୍ରକାଶ ସାହୁ | ୨୧୪ |
| ଭଗ୍ନଶିଳା ମୁଁ କହେ କଥା | ବିଶାଖା ଦେବୀ | ୨୨୦ |
| ତୁମେ | କଲ୍ୟାଣୀ ନନ୍ଦ | ୨୨୨ |
| ହାମଲିନ୍ -ବଂଶୀବାଦକ | ସୂର୍ଯ୍ୟକାନ୍ତ ବେହେରା | ୨୨୩ |
| ଭ୍ରମଣ କାହାଣୀ | ଅନଙ୍ଗ ମଞ୍ଜରୀ | ୨୨୫ |
| କାହିଁସେ ବରଷା | ରବି ନାରାୟଣ ବନ୍ଧ | ୨୨୯ |
| କଳା କେଉଟ | ପଣ୍ଡିତ ରଞ୍ଜନ ଦାସ | ୨୩୧ |
| କଥା | ବିଦ୍ୟାଧର ମିଶ୍ର | ୨୩୩ |
| ଉଆଁସୀ କନ୍ୟା | ଶିବରାମ ଦଳେଇ | ୨୩୪ |
| ମାଦକତା | ବୈଷ୍ଣବ ମେହେର | ୨୩୭ |
| ତମଖେ ଟାକ କରି | ପ୍ରବୀଣ୍ ରମେଶ୍ | ୨୩୮ |
| ଅଜଣା ଝଡ଼ | ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ | ୨୩୯ |
| ଏକାନ୍ତରେ | ଅରୁଣଲାଲ ହରପାଲ | ୨୪୩ |
| କଏ ବା କଲ୍ ହେଟାଦର | ଦୀପକ ବସ୍ତି | ୨୪୪ |
| ପଢାକ୍ ଲୋକର୍ କଥା | ଖଗେଶ୍ୱର ବାଗ | ୨୪୫ |
| କାଁଥି | ରାଜେଶ ପୂଜାରୀ | ୨୪୬ |
| ବିଶ୍ୱ ପରିବେଶ ଦିବସ | ବଳରାମ ତରାଇ | ୨୪୭ |
| ବୋଉ | ସନାତନ ସରକାର | ୨୪୯ |
| ବରଷା ରାଣୀ ଲୋ | ଡମ୍ବରୁଧର ବାଗ | ୨୫୨ |
| ଧ୍ୱଂସ ହେଉଛି ଐତିହ୍ୟ | ନିବେଦିତା ମହାପାତ୍ର | ୨୫୪ |
| ଧର୍ମ ନାମରେ ଧ୍ୱନି ପ୍ରଦୂଷଣ | ବାଲ୍ମୀକି ନାୟକ | ୨୫୭ |
| ସେ ଓ ତା'ର ଅପେକ୍ଷା | ତପନ ସାହୁ | ୨୬୩ |

| | | |
|---|---|---|
| ମୋ ମାଆ ମୋ ଗାଁ | ଲକ୍ଷ୍ମୀକାନ୍ତ ପଟ୍ଟନାୟକ | ୨୬୫ |
| ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୭ |
| ସାତ ଜନମ | ରମେଶ ଚନ୍ଦ୍ର ବେହେରା | ୨୭୧ |
| ଝିଁ' ତମର୍ ବାଟ୍ ଦେଖୁଛେ | ଚିତ୍ତରଞ୍ଜନ ପଧାନ | ୨୭୨ |
| ମିଛେଇ ପ୍ରେମିକା | ରମନ ଦୁରିଆ | ୨୭୪ |
| ପୁସ୍ତକ ସମୀକ୍ଷା | ସନାତନ ମହାକୁଡ | ୨୭୫ |


# ଶିଶୁ ବିଭାଗ


| | | |
|---|---|---|
| ଶୂନ୍ୟ ଉପରେ ପ୍ରଶ୍ନ | ମମତା ଦାଶ | ୨୭୮ |
| ମୋ ଦେଶ | ଅଜୟ କୁମାର ବେହେରା | ୨୮୦ |
| ଜହ୍ନମାମୁଁ | ନବୀନ କୁମାର ପଧାନ | ୨୮୨ |
| କରିବା ଆମେ ପଣ | ସତ୍ୟବ୍ରତ ସାହୁ | ୨୮୪ |
| ମୋ ପୂଜନୀୟ ମାଆ | ରାଜଶେଖର ସି "ଚମା" | ୨୮୫ |
| ଆଣିଲେ ମୋ ଜେଜେ ଗାଈ | ଧିରେନ୍ଦ୍ର ମଲ୍ଲିକ | ୨୮୭ |
| ଯେଉଁ ଦେଶ ଯାଇ | ରଞ୍ଜିତ କୁମାର ସାହୁ | ୨୮୮ |
| ଆସ ଆମେ ପଢିବା | ଅବିନାଶ ବେହେରା | ୨୯୧ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୯୩ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୯୪ |

# ବିଧ୍ୱଂସକ



ମମତା ଦାଶ

ଭଗ୍ନ ବ୍ରହ୍ମାଣ୍ଡର ଅକେଷ୍ଟ୍ରା
ପ୍ରତ୍ୟେକ କାନ୍ଥରେ ଫାଟର ରେଖା
ଶେଷ ଦାନ୍ତ ଭଳ ପୁରୁଣା ବୃକ୍ଷ
ବାସ୍, ଲାଗି ରହିଛି ପୃଥ୍ୱୀର ମାଢ଼ିରେ ।

କେବେ କେବେ ଲାଗେ
ପ୍ରତ୍ୟେକ ଯାଗାରେ ନଅଁ ପକେଇ
ଗୋଟିଏ ବି ଘର ନପାରିଲେ ବସେଇ
କଣ କହିବା, ପ୍ରଥମରୁ କଣ ଭୁଲ ଥିଲା ଘରର ନକ୍ସା ।

ମୂର୍ଖର ରାଜ ରେ
ମହନ୍ତ ହୋଇ ମାତେ ଛପନ ଭୋଗରେ
ନଷ୍ଟ ହୋଇଯିବ ଦିନେ
ଜାଗ୍ରତ ରାହିର ପବିତ୍ର ଆତ୍ମାରେ ।

ବର୍ଗର ବୁଦ୍ଧି ବର୍ଗଙ୍କୁ କହେ,
ଅନ୍ଧାର ରାତିରେ ଚଲମ ଫୁଙ୍କି
କୋଣରେ ବସି ବାହା ବାହା କରେ ମାତାଲ ପରି
ପାଖରେ ଜଳେ ଜଙ୍ଗଲ ପଳାଶ ପରି ।

ବନ ମହୋତ୍ସବରୁ
ଫେରନ୍ତା କାର୍ଯ୍ୟପ୍ରଣାଳୀ
ଅକାଳରେ ଲଙ୍ଗର ଚଲ୍ଏ
ଧର୍ମ ନୈତିକତାର ଦ୍ୱାହି ଦେଇ ।

ଆର୍ଥିକ ଶୋଷଣର ଗ୍ରାସ ପକେଇ
ଗାଁ ଦାଣ୍ଡେ ଗ୍ଲେ
ତୃତୀୟ ପରହରେ,
ଛୁଆ କାଖେଇ ।

ଭୟାଭୟ ଉଦାସୀନତାରେ ପକାଇ ଦେଇ
ତିକ୍ତ ଅନୁଭବ କେତେ ଆମ ସମାଜ ପାଇଁ
ଦଙ୍ଗାଗ୍ରସ୍ତ ମନୁଷ୍ୟର ଚେହେରା
ନଦୀର ବନ୍ୟାରେ ବହିଯାଏ କୂଳକୁ ପକେଇ ଦେଇ ।

ସମ୍ପାଦିକା

# ରୁଦ୍ରାକ୍ଷ ମାଳା



ଶାନ୍ତିଲତା ମିଶ୍ର

ଘରକୁ ବୋହୂ ଦି ଜଣ ଆସିଗଲା ପରେ ବୋଉର ମନମୁଖି ମିଜାସର ପାରଦ ସ୍ତମ୍ଭ ଟା ଆଜିକାଲି ବହୁ ଉପରେ ରହୁଛି । ଘରେ ସବୁ କିଛି ଠିକ୍ ଠାକ୍ ଚାଲିଥିବା ସତ୍ୱେ ଏକ ଅଦୃଶ୍ୟମାନ ଅଶାନ୍ତିର ଆସ୍ତରଣ ଘର ସାରା ଯେ ଆଚ୍ଛାଦିତ, ଯେ କେହି ଅନାୟସରେ କହି ପାରିବ । ବୋଉର ବୟସାଧିକ ଯୋଗୁ ତାକୁ କିଛି କହିବାକୁ କେହି ସାହସ ନକଲେ ବି ତାର ବ୍ୟବହାର କଥା ବାର୍ତ୍ତା ବେଳେ ବେଳେ ସୀମା ଲଂଘି ଯାଏ, ସହ୍ୟ କରିବା କଷ୍ଟ କର ହୋଇ ପଡେ ।

ବୋହୂ ମାନେ ଆସି ଘରର କାମ ବାଣ୍ଟିନେଲେ, ଦାୟିତ୍ୱ ବାଣ୍ଟିନେଲେ ବୋଉର ଏଥିରେ ଖୁସି ହେବା କଥା । ନା ତା ହାତର କାମ କମିଯିବାରୁ ଏବେ ଜିଭର କାମ ବଢି ଯାଇଛି । ତାର ପିଲାବେଳର କଥା, ତାର ପୂର୍ବଜଙ୍କର ସପ୍ତ ପୁରୁଷଙ୍କ ଇତିହାସ ତାର ସବୁ ମନେ ଅଛି । ବି । ପୂର୍ଣ୍ଣଚ୍ଛେଦରେ ଦି ଘଣ୍ଟା ଭାଷଣ ଦବାକୁ ତାକୁ ଭାବିବାକୁ ପଡୁ ଥିଲା କିନ୍ତୁ ତା ଚଷମା ଟା କୋଉଠି ରଖିଦେଇ ପାଞ୍ଚ ମିନଟ ପରେ ଭୁଲି ଯାଉଛି ଯେ ସେଥିପାଇଁ ଘର ହୁଲୁସ୍ଥୁଲ । ବୋହୂ ଠୁ ଆରମ୍ଭ କରି ପୁଅ, ଚାକର ମାନଙ୍କ ପର୍ଯ୍ୟନ୍ତ ସେ କାହାକୁ ଛାଡେନ । ସବୁବେଳେ ସେଇ ଗୋଟିଏ ଅଭିଯୋଗ ତା କଥା କେହି ବୁଝୁ ନାହାଁନ୍ତି, କେହି ଆଉ ଖାତିର କରୁ ନାହାଁନ୍ତି । ଯୁଗ ବଦଳିବା ସଂଗରେ କଣ ସଂପର୍କ, ପରମ୍ପରା, କର୍ତ୍ତବ୍ୟ ସବୁ ବଦଳି ଯାଇଛି ।

କିଏ ବୁଝେଇବ ତାକୁ । ବୁଝେଇଲେ ଆଗ ଆରମ୍ଭ କରିଦେବ ହଁ ବାହାସାହା ହେଇଗଲ ଏବେ ବୋଉ ଠିକ କାମ । ବୋଉ କଥା ଏବେ ଗଣ୍ଡେଇବ ତ ନିଶ୍ଚୟ । କୋଉ କଥା ନେଇ କୋଉଠି ଥୋଇବ । ଘରେ ଝଗଡା ନହେଲେ ତାର ଯେପରି ଖାଦ୍ୟ ହଜମ ହୁଏନ ।

ପୁଅମାନେ ଘରକୁ ଫେରିଲ୍ ମାତ୍ରେ ତାର ଲମ୍ବା ଲିଷ୍ଟ ପ୍ରସ୍ତୁତ ହୋଇ ରହିଥାଏ । କଣ କାହା ବିରୁଦ୍ଧରେ ଗପିବ । ଘରକୁ କ୍ଳାନ୍ତ ହୋଇ ଫେରିବା ପରେ କେହି ଏପରି ଅଭିଯୋଗ ଶୁଣିବା ମୁଡରେ ନଥାନ୍ତି । ଯଦି କାହା ପାଟିରୁ କଛି ଭୁଲ କ୍ରମେ ବାହାରିଗଲ୍ ତେବେ କଥା ସରିଲ୍ ସେଦି । ରାଗ ଅଭିମାନରେ ଆଉ ଖାଇବନ । ସେ ଆଉ ପ୍ରକାର ଝମେଲ୍ । ତେଣୁ ଆଜି କାଲି ସେ ଯାହା କହିଲେ ପଛେ କହୁ ସମସ୍ତେ ଚୁପ ରହି ଯିବାକୁ ଶ୍ରେୟ ମଣୁଛନ୍ତି ।

ଶ୍ୟାମ ଭାଇ ଆସି ପହଞ୍ଚି ଗଲେ ଦିନେ । ମାଉସୀ ପୁଅ ଭାଇ । ସୁବୀରଙ୍କର ସମ ବୟସ। ପିଲ୍‌ବେଲୁ ବହୁତ ସାଙ୍ଗ ଥିଲେ । ଓଡିଶା ବାହାରେ ତାଙ୍କର ଚାକରି ଥିବାରୁ ବହୁତ କମ ଆସନ୍ତି ଓଡିଶାକୁ । ଆସିଲେ ନିଜ ପରିବାର, ଶ୍ୱଶୁର ଘର ପରିବାରର ବାହା ବ୍ରତରେ ଆସନ୍ତି । ତେଣୁ ତାଙ୍କ ସଙ୍ଗେ ଅନେକ ଦିନରୁ ଦେଖା ହୋଇ ନଥିଲ୍ ସୁବୀରଙ୍କର । ଏଥରକ ମାସେ ଛୁଟି ନେଇକରି ଆସିଥିବାରୁ ବେଳ ଦେଖି ଚାଲି ଆସିଲେ ।

ସମସ୍ତଙ୍କ ସଂଗେ ଭାବ ବିନିମୟ ପରେ ବୋଉ ପାଖକୁ ଆସି ପଚାରିଲେ -"କଲେ ମାଉସୀ କେମିତି ଅଛୁ !' କଥା ପାଟିରୁ ନବାହାରୁଣୁ ବୋଉର ସାଙ୍ଗେ ସାଙ୍ଗେ ପୁରାଣ ପୋଥି ଖୋଲ୍ ହୋଇଗଲ୍ । -"କଣ ଆଉ କହିବିରେ ପୁଅ ! ଅଛି ଆଉ କଣ । ଆଜି କାଲିକା ପୁଅ ବୋହୁ ମାନେ କଣ ଆଉ ଶାଶୁକୁ କି ମା'କୁ ଖାତର କରୁଛନ୍ତି ! ଖାଇଲେ ନ ଖାଇଲେ କି ମଲେ ଗଲେ ପଚାରୁଛନ୍ତି ! ତୋ ମଉସାଙ୍କ ସାଙ୍ଗେ ଚାଲି ଯାଇଥିଲେ ଭଲ ହୋଇଥାନ୍ତା । ଆମ କାଳେ ପୁଅ ବୋହୁ ମାନେ ଏମିତି କରୁଥିଲେ ସେମିତି କରୁଥିଲେ ଇତ୍ୟାଦି... ଇତ୍ୟାଦି।

ଶ୍ୟାମ ଭାଇ ହସକୁ ଯଥା ସମ୍ଭବ ରୋକିବାକୁ ଚେଷ୍ଟା କଲେ । ବୋଉର ହଁ ରେ ହଁ ମିଳେଇ ଶେଷରେ କହିଲେ ହଁ ଲୋ ମାଉସୀ ଆଜି କାଲିକା ପିଲ୍ ଏମାନେ, ତୁମ ଯୁଗ ଅଲଗା ଥିଲ୍। ସେ ଜାଣିଥିଲେ ବୋଉ ଓ ଜେଜେମାଙ୍କର କେବେ ଭଲ ପଡୁ ନଥିଲ୍ । ସେଥିପାଇଁ ଜେଜେ ମା ସାରା ଜୀବନ ବୋଉ ପାଖରୁ ଅଲଗା ରହୁଥିଲେ, ତାଙ୍କ ସାନ ପୁଅ ବୋହୁଙ୍କ ପାଖରେ ଯାଇ । -"ଯାହା ହଉରେ ପୁଅ ତୁ ସବୁ ବୁଝି ପାରୁଛୁ, ତୋ ବୋଉ ସତରେ ବଡ ଭାଗ୍ୟବତୀ । ଏମାନେ ଜଣେ ହେଲେ କେହି ବୁଝନ୍ତେ ଭଲ୍ ମୋ କଥା ।'

ବୋଉ ସଙ୍ଗେ କଥା ହୋଇ ସାରିବା ପରେ ସେଦିନ ଆଉ କିଛି ସମୟ ସୁବୀର ସଙ୍ଗେ ବିତେଇବା ପରେ ଶ୍ୟାମ ଭାଇ ଫେରି ଯାଇଥିଲେ ତାଙ୍କ ଘରକୁ । କିନ୍ତୁ ତା ପର ଦିନ ଶ୍ୟାମ ଭାଇ ପୁଣି ଥରେ ଆସିଗଲେ ସୁବୀରର ଅନୁରୋଧ କ୍ରମେ । କିନ୍ତୁ ହାତରେ ଗୋଟାଏ ରୁଦ୍ରାକ୍ଷ ମାଳାଟିଏ ଧରି ଆସିଥିଲେ । କହିଲେ ମାଉସୀ -"ତୋ ପାଇଁ ଗୋଟେ ମନ୍ତ୍ରରେ ଧୂଆ ମ୍ୟାଜିକ ମାଳା ଆଣିଛି । ଆଜି ଠୁ ତୋର ସବୁ ଦୁଃଖ, ସମସ୍ୟା ସବୁ ଦୂର ହୋଇ ଯିବ ଜାଣ । ପୁଅ ବୋହୁ ତୋ କଥା ରେ ଉଠ କହିଲେ ଉଠ, ବସ କହିଲେ ବସ ହେଇ ଚଳିବେ ।” -"ହଁ ସତରେ'! ବୋଉର ଖୁସି କହିଲେ ନ ସରେ । -"ଦେଖେଇଲୁ ଦେଖେଇଲୁ ପୁଅ । ଦେଖି ସାରିଲା ପରେ,... ଆରେ ଏଇଟା ଗୋଟେ କଣ ? ମତେ ଭୁଲେଉଛୁ । ଏଇଟାତ ଗୋଟେ ରୁଦ୍ରାକ୍ଷ ମାଳା ଟାଏ । ଆଉ କଣ ସେ ମାଳ ଗଡା ଯୁଗ ଅଛି । ମୁଁ ସେ ଯୁଗର, ତୁ ଏ ଯୁଗର ବୋଲି ମତେ ଠକିବାକୁ ବସିଛୁ କିରେ । ମତେ ସେ ଯୁଗ ଏ ଯୁଗର ସବୁ ପାଠ ଜଣାରେ ପୁଅ ।

-"ନାଇଁ ତତେ କିଏ ଠକି ପାରିବାର ଦୁଃସାହାସ କରିବ କହିଲୁ । ତୁ ଏହାକୁ ସାଧାରଣ ମାଳା ବୋଲି ଯାହା ଭାବୁଛୁ ତାହା ଏମିତି ସେମିତି ନୁହେଁ । ତତେ ଗୋଟିଏ ଛୋଟିଆ କାମ କିନ୍ତୁ ପ୍ରତ୍ୟେକ ଦିନ କରିବାକୁ ହେବ । ତୁ ବର୍ତ୍ତମାନ ଏଇଟାକୁ ତୋ ବ୍ୟାଗ ଭିତରେ ଆଗ ରଖିକି ଚାଲେ ମୋ ସଙ୍ଗରେ । ଗୋଟିଏ ଯାଗାକୁ ତତେ ଏଇଲେ ନେଇ ଦେଖେଇଦେବି । ସବୁଦିନ ସକାଳୁ ଉଠି ତତେ ସେଇଠିକି ପ୍ରଥମେ ଯିବାକୁ ହେବ । ସେଇ ଯାଗାଟି ଜଣେ ସାଧୁ ବାବାଙ୍କର ସାଧନା ସ୍ଥଳ ଥିଲା, ଏବେ ତ ଆଉ ସେ ବାବା ନାହାନ୍ତି କିନ୍ତୁ ତାଙ୍କ ଶକ୍ତିର ପ୍ରଭାବ ଏବେବି ସେଠାରେ ଅଛି ।

ଶ୍ୟାମ ଭାଇ ବୋଉ କୁ ସେଠାକୁ ନେଇ ଦୁଇଟି ଗଛ ଦେଖେଇ କହିଲେ ତୁ ସବୁଦିନ ଆସି ଖାଲି ଏ ମାଳାକୁ ଏଠି ଖାଲି ଟିକେ ଛୁଆଇଁ ଦେଇ ନେଇଯିବୁ ତାପରେ ଏ ମାଳରେ ବାବାଙ୍କ ସମ୍ମୋହନ ଶକ୍ତି ତା ଭିତରକୁ ସଞ୍ଚାରିତ ହୋଇଯିବ । ତାପରେ ତୋର ସବୁ ମନ କଥା ବୁଝି ସେଇ ଅନୁସାରେ ଏ ମାଳା କାମ କରିବ । ଏ ଶକ୍ତି ମାତ୍ର ଗୋଟିଏ ଦିନ ପାଇଁ ରହିବ। ତେଣୁ ପ୍ରତ୍ୟେକ ଦିନ ଆସି ମାଳାକୁ ଏ ଗଛରେ ଛୁଆଁଇ ତାକୁ ସମ୍ମୋହିତ କରିବାକୁ ପଡିବ। ତୁ ମାସେ ଆସି ପରୀକ୍ଷା କରି ଦେଖ, ଯଦି ମୋ କଥା ମିଛ ହୁଏ ଆଉ ଆସିବୁନ । ହଁ, ଗଛ ଚାରିକଡ କିଛି ସମୟ ଟିକେ ବୁଲା ବୁଲି କରିକି ଘରକୁ ଯିବୁ ।

ସେଇ ଜାଗାଟା ପ୍ରକୃତରେ ଗୋଟାଏ ସାଧାରଣ ପାର୍କ ଥିଲା । ସେମାନଙ୍କ ଘରଠୁ ଅନତି ଦୂରରେ । ଚାଲିକରି ଯେପରି ଯାଇହେବ । ସବୁଦିନ ସକାଳୁ ଅନେକ ବୟସାଧୀକ୍ୟ ପୁରୁଷ ଓ ମହିଳା ମାନେ ଚାଲବୁଲ କରିବାକୁ ସେଠାକୁ ଆସନ୍ତି । ଶ୍ୟାମ ଭାଇ ସୁବୀରଙ୍କ ଘରକୁ ଗଲା ବାଟରେ ଏ ପାର୍କକୁ ଦେଖିକରି ଯାଇଥିଲେ । ମାଉସୀ ବୟସର ଅନେକ ଲୋକ ବୁଲୁଥିବାର ଦେଖି ତାଙ୍କ ମୁଣ୍ଡରେ ଏପରି ଗୋଟିଏ ବୁଦ୍ଧି ପଶିଥିଲା । ବୋଉର ବିଶ୍ୱାସ ଜିତି ତାକୁ ଘରୁ କିଛି ସମୟ ବାହାରେ ବୁଲି ମନ ପରିବର୍ତ୍ତନ ର ସୁଯୋଗ ଦେବା ପାଇଁ ସେ ଏପରି ଏକ କାଳ୍ପନିକ କାହାଣୀ ସୃଷ୍ଟି କରି ଶୁଣେଇଥିଲେ ।

ବୋଉ ଆସି ସବୁଦିନ ଶ୍ୟାମ ଭାଇ କହିବା ଅନୁସାରେ ଗୋଟାଏ ସାଧାରଣ ଗଛରେ ଖାଲି ତା ମାଳାକୁ ଛୁଆଇଁ ଦେଇ ଅନ୍ୟ ମାନଙ୍କ ଭଳି ସେଠାରେ ଚାଲବୁଲ ଆରମ୍ଭ କଲା । ଧୀରେ ଧୀରେ ଅନେକ ତା ବୟସର ମହିଳା ମାନଙ୍କ ସହିତ ଦେଖା ହେଲା ଓ ଗପସପରୁ ବନ୍ଧୁତ୍ୱ ବଢିଲା । ସମ ବୟସର ସମସ୍ୟା କେବଳ ସମ ବୟସ୍କ ମାନେ ହିଁ ବେଶି ବୁଝି ପାରିବେ ।

ମାଉସୀର ଧୀରେ ଧୀରେ ସେଠାରେ ମନ ଲାଗିଗଲା । ସକାଳୁ ଉଠିଲା ମାତ୍ରେ ପାର୍କକୁ ଗଲା। ସେଠାରୁ ଫେରି ଭିଷଣ କ୍ଳାନ୍ତ ଅନୁଭବ କରେ । ବୋହୂ ମାନେ ଯାହା ଖାଇବାକୁ ଦିଅନ୍ତି ଖାଇ ଶୋଇପଡେ । ଉଠିଲେ ସାଙ୍ଗ ସାଥୀ ମାନଙ୍କ ଫୋନ ନମ୍ବର ଆଣିଥାଏ ସେମାନଙ୍କୁ ବସି ଫୋନ କରେ ବା ସେମାନଙ୍କ ଫୋନ କଲ ଆସିଗଲେ ଧରି କରି ଗପେ । ବାକି ସମୟ ମାଳ କୁ ପୂଜା ଅର୍ଚ୍ଚନା କରେ । ବୋହୂ ମାନଙ୍କ ସଙ୍ଗେ ବକର ବକର ହେବାକୁ ବେଶୀ ସମୟ ମିଳେ ନାହିଁ ।

ଘରେ ଏକ ରକମ ଶାନ୍ତି ଫେରି ଆସିଲା । ସୁବୀର, ଶ୍ୟାମ ଭାଇଙ୍କୁ ଧନ୍ୟବାଦ ସହିତ ଶୁଭେଚ୍ଛା ପୂର୍ଣ୍ଣ ଇମେଲ ଗୋଟେ ପଠେଇଦେଲା । ଶ୍ୟାମ ଭାଇଙ୍କର ଉତ୍ତର ଆସିଥିଲା ସେ ସେହିପରି ବ୍ୟବସ୍ଥା ତାଙ୍କ ନିଜ ବୋଉ ପାଇଁ ବି କରି ଦେଇଛନ୍ତି । ସତରେ "ଆଳସ୍ୟ ମସ୍ତିସ୍କ ସଇତାନର ଘର ।" ଯାହା ଜ୍ଞାନୀ ଲୋକ ମାନେ କହି ଦେଇ ଯାଇଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଅନ୍ତରାତ୍ମାର କୋହ



ଭାସ୍କର ଚନ୍ଦ୍ର ଖଣ୍ଡା

ପଗୁରିଲି ଅନେକ ପ୍ରଶ୍ନବାଚୀ
କହି ଶୁଣିଲି
ଆଉ କହି ନ ଶୁଣି ଅଭିନୟ ବି କଲି
ପରିଶେଷରେ ନଜର ଉପସ୍ଥିତିକୁ
ଉଭେଇ ଯିବା ପାଇଁ
ସବୁକହି କଲି ।୧।

ନଜର ପରଛାଇ ଟାକୁ
ଦେଖିଥାନ୍ତି ଭଲକରି ଯଦି
ତାକୁ ଚହ୍ନିବି କ ନଚହ୍ନି ପାରିବି
ସେ କଥା କୁ ଥରେ ଭାବି ଥାନ୍ତି
ଅଣ ନଶ୍ୱାସିର ଘେରା ଭିତରେ
ଆଜି କାହିଁକି କେଜାଣି
ଅନ୍ତରାତ୍ମାର ଗହିରୀ କୁ ଯାଇ
ମନଟା ଖୋଜୁଛି
ପୁଳାଏ ଆଲୋକ । ୨ ।
ଏତେ ବରଷର ଅନୁଭୂତି
କପରି ମୁଁ ହଜାଇବି ସତ୍ତା
ଯଦି ମୁଁ ହୋଇଥାନ୍ତି ଛିଡା
ସେଇ ପ୍ରଚଣ୍ଡ ରୌଦ୍ରରେ

ଦେଖିଥାନ୍ତି ନିଜ ପରଛାଇ
ଚହ୍ନି ପାରିଥାନ୍ତି ଆଜି ତାକୁ ।୩ ।

ହଁ !
ନିଜ ଛାଇ ଦେଖିବାର
ଅଭିପ୍ରାୟ ଥିଲେ
ଛିଡା ହେବାକୁ ପଡେ
ସେଇ ପ୍ରଚଣ୍ଡ ରୌଦ୍ରରେ । ୪ ।

ସିଗାରେଟ୍ ଧୂଆଁ କୁଣ୍ଡଳ ଭିତରେ
ଆଜି ମୁଁ ଦେଖୁଛି
ସେଇ ବାହାର ଦୁନିଆ କୁ
କିଛି ଅସ୍ପଷ୍ଟ ଭାବେ ଦିଶୁଛି
ଗ୍ଲାସ ଆଗରୁ ଆଖିପତାକୁ
କଷାକଷି କରି ଅନାଇବାକୁ
ଇଛା କରି, ପାରୁନି ଏ ମନ
ପାଉନି ସାନ୍ତ୍ୱନା କିଛି
ନିଜ ଛବିଟି ଆଉଥରେ
ପାରିବିନି ଦେଖି ସତେ
ଅମାନିଆ ମନଟାକୁ
ଯେତେ ବି କହୁଛି
ପାରୁନି ବୁଝାଇ ମୁଁ ତାକୁ ।୫ ।

ଆଲ୍ଲାହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ଏକାନ୍ତ ମୁହୂର୍ତ୍ତରେ:
# ସମୟ ଓ ସ୍ମୃତି



ଡ. ସରଯୂ ରଥ

ସମୟ ମୁଁ..
ସମୟ ମୁଁ କ୍ଳାନ୍ତ ଆଉ ଶ୍ରାନ୍ତ
ଅସରନ୍ତି ବାଟଗୁଲେ ନିତି ପରିହିତ
ଭେଟେ ମୁଁ ବାଟୋଇ ସବୁ ଆଜି ଓ ଆଗତ
ସ୍ମୃତି କିନ୍ତୁ ଭେଟେନାହିଁ ହୁଏ ସେ ଅତୀତ

କୁହ ସ୍ମୃତି ପ୍ରାଣର ମିତଣୀ
କାହିଁ ହଜିଗଲ ମୋର ପଦଧ୍ୱନି ଶୁଣି
ତୁମ ବିରହରେ କାନ୍ଦେ ବାହୁନି ବାହୁନି
ବିଧୁର ସମୟ ମୁଁ ଗୋ, ପରାଜିତ ଫଣି

ଖୋଜୁଛି ତୁମକୁ ଆଜି ନିଶ୍ଚିହ୍ନ ସହରେ
ଶିଳ୍ପୀର ନିଖୁଣ ଗଢା ପ୍ରତିମା ଭଂଗୀରେ
ତନ୍ନ ତନ୍ନ ଖୋଜେ ତୁମେ ସେ ରଂଗଶାଳାରେ
ପାଦ ଧୀରେ ଥାପିବକ ମୋର ଅନ୍ତଃପୁରେ !

ସ୍ମୃତି ମୁଁ ଯେ..
ସ୍ମୃତି ମୁଁ ଯେ ହଜିଗଲି ବିସ୍ମୃତି ଗର୍ଭରେ
ପଦଚିହ୍ନ ଲୁଚିଗଲା କରାଳ କାଳରେ
ଗୁହିଁଥିଲି ଆଶ୍ଲେଷ ମୁଁ ସମୟ ବୁକୁରେ

ଥମିଯିବ ଅବା ତୁମେ ମୋ ପଦଧ୍ୱନରେ

ସ୍ମୃତି ଥିଲା ଦିନେ ପ୍ରିୟା ତୁମ ବିଜନର
ଏକାନ୍ତେ ସାଉଁଟୁ ଥିଲେ କାହାଣୀ ଆମର
ହାତେହାତ ଛନ୍ଦି ସାଥେ ସେତୁ ଲଂଘୁଥିଲେ
ଅଭୁଲା ପ୍ରୀତିରେ ପୁଣି ଗୀତି ରଚୁଥିଲେ

ଛାଡିଗଲ ସେଦିନର ଅମା ପାହାନ୍ତିରେ
ଉଷାର ସିନ୍ଦୁରବିନ୍ଦୁ ଜହ୍ନ ଜୋଛନାରେ
ଅବଗାହୁଥିଲ ହେ ସମୟ ପ୍ରିୟତମ !
ମଣ୍ଡିଦେଇ ସୀମନ୍ତେ ମୋ ପରିତ୍ୟକ୍ତା ନାମ..

ବରିଷ୍ଠ ଗବେଷିକା
ଲାଇଡେନ ବିଶ୍ୱବିଦ୍ୟାଳୟ, ଲାଇଡେନ
ଦି ନେଦରଲାଣ୍ଡସ୍, ୟୁରୋପ

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ମହାଦ୍ରୁମ



ଅଧ୍ୟାପିକା ଜ୍ୟୋସ୍ନା ରାୟ

ବୀଜରୁ ଗଜୁରି ଉଠେ
କଅଁଳିଆ ଛନ୍ ଛନ୍ କୁନ ଗଛଟିଏ,
ନୂଆବୋହୂର ଓଢଣା ତଳ
କନକନ ଆଖି ଦିଟା ପରି
ନିରେଖି ସେ ଗୃହିଁ ଦେଖେ
ନୂଆ କରି ଦୁନିଆକୁ ସପ୍ତରଙ୍ଗ ସପନରେ
ଭିଜା ଭିଜା ଶ୍ୟାମଳିଆ ଆଖି
କନ୍ କନ୍ ଆଖି ଦିଟା କନ୍ କନ୍ ଆଖି ।

ସମୟର ରଥଚକ୍ର ତଳେ
କ୍ରମେ କ୍ରମେ ବୟସ ବଢିଲେ
କୁନରୁ ସେ ବଡ ହୁଏ
ସୃଷ୍ଟିର ରହସ୍ୟ ତାକୁ ବିମୋହିତ ପୁଲକିତ କରେ
ସଂଗୋପିତ ଆତ୍ମା ତାର
ଜୀବନର ମୂଲ୍ୟ ଖୋଜେ ଅଣୁରେ ଅଣୁରେ
ଅନନ୍ତ ଏ ଆକାଶ ବୁକୁରେ
ପକ୍ଷୀଟିଏ ଡେଣା ମେଲି ଉଡିଗଲା ବେଳେ
ମନ ତାର ବିହ୍ୱଳିତ ହୁଏ
ଶାଖା ଆଉ ପ୍ରଶାଖାକୁ
ବିସ୍ତାରିତ କରିଦିଏ ସିଏ ସସୀମରୁ ଅସୀମକୁ

ଛୁଇଁବା ପ୍ରୟାସେ
ହେଲେ କ୍ଳାନ୍ତ ହୁଏ ଡେଣା ତାର
କ୍ଳାନ୍ତ ହୁଏ ଆଖି କ୍ଳାନ୍ତ ହୁଏ ଆଖି ।

ଏମିତି ବି ହୁଏ କେବେ
ଦେହକୁ ତା କୋରି କୋରି
ଖାଉଥାଏ ଗୋପନରେ ଉଇ
କେହି କହେ – ଆହା ଆହା
କେହି କହେ – ବାହା ବାହା
କେହି କହେ – ଠାକୁରେ ତୋ ସାହା
ଅଥଚ ଫୁଲଟିଏ ଫୁଟିଥିଲେ
ଚଉଦିଗ ମହକ ଉଠନ୍ତା ଫଳଟିଏ ଧରିଥିଲେ
ନିଜକୁ ସେ ସମ୍ଭାଳ ନଅନ୍ତା
ନା ଫୁଟେ ଫୁଲ ନା ଫଳେ ଫଳ
କଚରି ମିଚରି ଶବ୍ଦ କଛି ନାହିଁ ତାର
ଉଚ୍ଛୁର ଉଚ୍ଛୁର ବେଳ, ଖାଁ ଖାଁ ଲାଗେ ଘରିଆଡ,
ଭିଜିଯାଏ ଆଖିପତା ସିଝିଯାଏ ଗତି,
କାରୁଣ୍ୟରେ ଲୋଟୁଥାଏ ଆଖି ।
ନିଶବ୍ଦରେ ସହିଯାଏ ସବୁ
ଦୁଃଖ ନାହିଁ ତାର ଆଉ
ନିଃସ୍ୱାର୍ଥରେ ନିର୍ଦ୍ୱନ୍ଦ୍ୱରେ
ନିଜକୁ ସେ ଅନ୍ୟପାଇଁ / ପରହିତେ
ଜଳାଞ୍ଜଳି ଦେଇ
ହସିଦିଏ ତୋଫାଜନ୍ମ ହୋଇ
ନ ଦେଇ ପାରିଲି ନାହିଁ
ଫୁଲ ପେନ୍ଥେ କାହା କବରୀରେ
ନ ଭରି ପାରିଲି ନାହିଁ ଫଳ ଦିଟା ଭୋକଲି ପାଟିରେ

ହାରି ନାହିଁ ହାରି ନାହିଁ ଜମା
ତଥାପି ସେ ସୁଖକୁ ସାଉଁଟେ
ତୂଳୀ ଧରି ରଙ୍ଗ ଲିପେ ସଜୀବିତ କରେ
ଜୀବକୁ ଜୀବନ ଦିଏ, ବାଟୋଇକ ଛାଇ
ରୋଗୀକୁ ଔଷଧ ଦିଏ, ଜାଳଥାଏ ଜୁଇ
ସିଏ ହୁଏ ମହାଦ୍ରୁମ ନରବେ ନଥରେ
ଜାତି ଧର୍ମ ବର୍ଣ୍ଣ ଭେଦେ ନଜକୁ ବିତରେ
ଯୋଗୀ ହୁଏ ଭୋଗୀ ହୁଏ
ପୂର୍ଣ୍ଣତାରେ ଭରିଯାଏ ନଜ ଅଜାଣତେ
ହଜିଯାଏ ଶେଷେ -
ମିଶିଯାଏ ନର୍ବିକଳ୍ପ ମହାନର୍ବାଣରେ ॥

ବାଲେଶ୍ୱର, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଗତି ରୁ ସଦଗତି



ଡକ୍ଟର ମଧୁସ୍ମିତା ମିଶ୍ର

ସାଧାରଣ ମଣିଷ ଭାବରେ ଆମେମାନେ ବ୍ୟକ୍ତିଗତ ଭାବରେ କିଛି ଧାରଣା, ଚିନ୍ତାଧାରା ଓ ବିଶ୍ୱାସ ଧାରଣ କରିଥାଉ। କିନ୍ତୁ ମଣିଷ କଣ ଜାଣିଥାଏ କି କେଉଁ ଧାରଣା, କେଉଁ ଚିନ୍ତାଧାରା ଓ କେଉଁବିଶ୍ୱାସ ସତ୍ୟ ଅଟେ। ଜନ୍ମ, ମୃତ୍ୟୁ, ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ ଆଦି ଚିରନ୍ତନ ବାସ୍ତବ ଚିରନ୍ତନ ସତ୍ୟ ହୋଇଥିବା ବେଳେ ଏକା ସମୟରେ ଆମ ଘର ଦାଣ୍ଡପଟରେ ବର୍ଷା ହେଉଥିବା ବେଳେ ଘର ପଛପଟେ ବର୍ଷାର ଚିହ୍ନ ବର୍ଣ୍ଣ ନ ଥିବା ସାମ୍ପ୍ରତିକ ସତ୍ୟ ରୂପେ ଗ୍ରହଣୀୟ ହୋଇଥାଏ। କିନ୍ତୁ ଏକା ପରିସ୍ଥିତିରେ ଜଣେ ବ୍ୟକ୍ତିଙ୍କୁ ଗରମ ଅନୁଭବ ହେବା ଏବଂ ଅନ୍ୟଜଣଙ୍କୁ ଥଣ୍ଡା ଅନୁଭବ ହେବା ଆପେକ୍ଷିକ ସତ୍ୟ ମଧ୍ୟ ହୋଇପାରେ।

ଏହି ଆଲୋଚନାରେ ପୃଷ୍ଠଭୂମିରେ ସ୍ଥାନ, କାଳ, ପାତ୍ର ଅନୁସାରେ ସତ୍ୟର ନିଶ୍ଚିତତା ଆକଳନ କରିବା ଦୁରୂହ ବ୍ୟାପାର ବୋଲି ମନେହୁଏ। ଆଜି ଆମେ ପ୍ରକୃତି ଓ ମାୟାର ଅଧୀନ। ଉଭୟ ମଧ୍ୟ ତାତକାଳୀକ ସତ୍ୟ। ପ୍ରକୃତିର ଏକ ଅବଗୁଣ ଯେମିତି କି ଝଡବାତ୍ୟା, ଭୂମିକମ୍ପ, ଅକାଳ ଜୀବନକୁ ଦୋହଲାଇ ଦେଇପାରେ। ଠିକ୍ ସେହିଭଳି ଜଣଙ୍କର ଛଳନା, ମାୟାର ପ୍ରତିରୂପ। କିନ୍ତୁ ପ୍ରକୃତିର ବିଶାଳତା ଓ ବ୍ୟାପକତ୍ୱପୂର୍ଣ୍ଣ ପ୍ରଭାବ ହୁଏତ ଆମେ ବ୍ୟକ୍ତିଗତ ବା ସମଷ୍ଟିଗତ ଭାବରେ ପ୍ରତିବାଦ କରିବା ସମ୍ଭବପର ହୋଇ ନ ପାରେ । କିନ୍ତୁ ମାୟା ସହ ସଂଘର୍ଷ କରେ ଆମେ ବ୍ୟକ୍ତିଗତ ଭାବରେ ସଫଳ ହେବା ସହ ବିଜୟ ଲାଭ କରି ପାରିବା। ଶରୀର, ମନ ଓ ବୁଦ୍ଧି ଉପାଦାନରେ ସଂଗଠିତ ମଣିଷ ପାଇଁ

ଜୀବନର ସଦଗତି ଓ ମୁକ୍ତିର ଏକମାତ୍ର ପନ୍ଥା ହେଉଛି ମହାପ୍ରଭୁଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ ।

ମହାବାହୁ ଶ୍ରୀ ଜଗନ୍ନାଥଙ୍କୁ ନେଇ ବହୁ ତଥ୍ୟ, ଅନେକ ତତ୍ତ୍ୱ, ଭିନ୍ନ ଭିନ୍ନ ମତାମତ ତଥା ଅଗଣିତ ଫଳପ୍ରସୂ ଗବେଷଣା ଜାରି ରହିଛି । କିନ୍ତୁ ସାଧାରଣ ମଣିଷଟିଏ ମହାପ୍ରଭୁ ଚକାଡୋଳାଙ୍କୁ ନିଜ ପରେ ମଣିଷଟିଏ, ଦରଦୀ ବନ୍ଧୁ ଟିଏ, ନିର୍ଭର ଆଶ୍ରୟପ୍ରଦାୟୀ ପିତାଟିଏ, ଅସହାୟର ସହାୟଟିଏ ତଥା ସର୍ବସହା, ଅଭୟ ପ୍ରଦାୟିନୀ ଦକ୍ଷିଣକାଳୀ ଜନନୀଟିଏ ପରି ମନେ କରିଥାଏ । ସାମ୍ପ୍ରତିକ ଯୁଗରେ ପ୍ରସାଧନ ସାମଗ୍ରୀର ପ୍ରାବଲ୍ୟ ର ପ୍ରଭାବଜନିତ ନାରୀ, ପୁରୁଷ ନିର୍ବିଶେଷରେ ଜନଗଣ ଶ୍ୱେତବର୍ଣ୍ଣ ଧାରଣ କରିବା ପାଇଁ ଆପ୍ରାଣ ପ୍ରୟାସ ଜାରି ରଖିଛନ୍ତି । କିନ୍ତୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ "କାଳିଆ" ବୋଲି ଡାକିବାରେ ଯେଉଁ ସୌନ୍ଦର୍ଯ୍ୟ ବିଭୂଷିତ ଆନ୍ତରିକତା ପ୍ରତିଟି ଓଡିଆଙ୍କୁ ମିଳିଥାଏ, ତାହା ହୁଏତ ବର୍ଣ୍ଣାତୀତ ଦୃଷ୍ଟିକୋଣର ପରିଗ୍ରାହକ । ଜ୍ୟୋତିଷଶାସ୍ତ୍ର ଅନୁସାରେ ଗ୍ରହମାନଙ୍କର ପ୍ରଭାବ ହ୍ରାସ ଓବୃଦ୍ଧି ଜନିତ ଭାଗ୍ୟର ଖେଳକୁ ପ୍ରତିହତ କରିବାପାଇଁ ସର୍ବଗ୍ରହ ସମାହୃତ କାଳିଆ ସାଆନ୍ତଙ୍କ ମୁଖମଣ୍ଡଳଟିର କି ଅଦ୍ଭୁତ ଆକର୍ଷଣୀୟ ଶକ୍ତି ଓ ଚୁମ୍ବକୀୟ ପ୍ରଭାବ ତାହା କେବଳ ଅନୁଭବୀ ଭକ୍ତଟିଏ ହିଁ ଜାଣେ । ବିକଳାଙ୍ଗ ବ୍ୟକ୍ତି ଜଣେ ଅଧୁନା ଶାରୀରିକ ଭିନ୍ନକ୍ଷମରେ ପରିବର୍ତ୍ତିତ ହେବା ବେଳେ ହାତ ନଥିବା, ଗୋଡ ନଥିବା, ଜିହ୍ୱା ନଥିବା କର୍ଣ୍ଣ ନ ଥିବା ପୁର୍ଷୋତ୍ତମ ଶ୍ରୀ ଜଗନ୍ନାଥ ଯେ ଆହ୍ୱାନ ଦିଅନ୍ତି, "ଆରେ ଦେଖ, ମୋତେ ଦେଖ, ମୋର ଅଙ୍ଗ ଦୃଶ୍ୟମାନ ନହେଲେ ମଧ୍ୟ ଆକୃତି, ପ୍ରକୃତି ଊର୍ଦ୍ଧ୍ୱସ୍ଥ, ମୁଁ ପରା ସର୍ବକ୍ଷମ ।

ତ୍ରାଣକର୍ତ୍ତା ଶ୍ରୀ ପୁରୁଷୋତ୍ତମ କେବଳ ପୁରୀ ନୁହେଁ, ଓଡିଶା ନୁହେଁ, ଭାରତବର୍ଷ ନୁହେଁ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ର ନିୟନ୍ତା । ସର୍ବଧର୍ମ ସମନ୍ୱୟ ସନାତନ ଧର୍ମର ପ୍ରତୀକ ମହାପ୍ରଭୁ ଚକାଡୋଳାଙ୍କ ଦିବ୍ୟନୟନ ସବୁ ଦେଖୁଛି, ସବୁ ଶୁଣୁଛି, ସବୁ କହୁଛି, ସବୁ ଦେଖାଉଛି, ସବୁ ଶୁଣାଉଛି ଆଉ କୁହାଉଛି ଗୋଟିଏ ଚିରନ୍ତନ, ସତ୍ୟ, ଯାହା ତାତକାଳୀକ, ଆପେକ୍ଷିକ ଆଦି ସତ୍ୟର ସମାହାର । ପରଂବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କୁ ଆମେ ଦେଖି ପାରିଲେ, ଶୁଣି ପାରିଲେ, କହିପାରିଲେ ସେ ଆମର ଅଛନ୍ତି, ଆମେ ତାଂକର ହୋଇଯିବା । ଶ୍ରୀ ଜଗନ୍ନାଥ

ପରିଷଦର ସଦସ୍ୟ ଶ୍ରୀ ଦେବେନ୍ଦ୍ରନାଥ ଦାସଙ୍କ ଭାଷାରେ ସେ ସମସ୍ତ ବେଦନାର ବୈଦ୍ୟ । ସବୁଖୁସିର ସୁଖ, ସବୁ ଅଳଙ୍କାରରେ ପରିପୂର୍ଣ୍ଣ ମହା ଐଶ୍ବର୍ଯ୍ୟ ।

ପ୍ରତିଟି ମଣିଷର ଜୀବନ ସ୍ପନ୍ଦନରେ ସ୍ପନ୍ଦିତ, ଝଂକୃତ ଏକତନ୍ତ୍ରୀ, ଏକ ଚେତନା, ଏକ ଭାବ ଏବଂ ସର୍ବୋପରି ଏକ ଝଂକାର ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଲୌକିକ, ଅଲୌକିକ, ଚେତନା, ଚେତନାନୀତ, ଭାବନା, ଭାବନାତୀତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅବ୍ୟକ୍ତ ର ଉକ୍ତି, ପଙ୍ଗୁର ପଦ, ବଧୀରର ଶୃତି, ଚକ୍ଷୁହୀନର ଚକ୍ଷୁ, ଭିନ୍ନକ୍ଷମର ସର୍ବକ୍ଷମ ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ । ସେ ସମସ୍ୟା, ସେ ମଧ୍ୟ ସମସ୍ୟାର ସମାଧାନ ।

ଉନ୍ମୁକ୍ତ ଚକ୍ଷୁରେ ସାର୍ ସଂସାର, ନିବୁଜ ଆଖିରେ କେବଳ ମୁକ୍ତିଦାତା ପ୍ରଭୁ ଶ୍ରୀ ଜଗନ୍ନାଥ, ମାତା, ପିତା, ଦାତା, ଗ୍ରହୀତା, ତ୍ରାଣକର୍ତ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥ । ଗତିରୁ ସଦଗତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ।

ମାର୍ଫତ: ପ୍ରଫେସର ଶ୍ରୀନିବାସ ପାଠୀ,
ମିଜୋରାମ ବିଶ୍ୱବିଦ୍ୟାଳୟ, ଆଇଜଲ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# କର୍ଣ୍ଣ



ସୁଲୋଚନା ପଟ୍ଟନାୟକ

ଇତିହାସର ପୃଷ୍ଠା ଲେଉଟୁଛି
ଜୀବନ ଚାଲିଛି ଆଗରୁ ଆଗକୁ
ଭାଗ୍ୟଦେବୀର ଅଭିଶାପ ନେଇ
ମୁଁ ତଥାପି ଚାଲିଛି ।
ଭାଙ୍ଗିପଡିଛି ଜୀବନ
ମୁଁ ବଞ୍ଚିଛି ମରୁ ମରୁ
ଛାଡିଯାଇଛି ସ୍ୱାକ୍ଷର
ଲେଖି ଦେଇଛି ଇତିହାସ ।
ଭାଗ୍ୟର ଏ ବିଚିତ୍ର ଖେଳ
ନିୟତିର ଉପହାସ
ପୌରୁଷର ଅପମାନ
ପରାକ୍ରମ ଯେ ମୂଲ୍ୟହୀନ ।
ହାତରେ ଅପମାନର ପସରା
କୁନ୍ତି ଆଖିରେ ଲୁହ
ପାପବୋଧ ସେ କଳଙ୍କ
ମହାଭାରତର ସ୍ୱାକ୍ଷର

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କାହିଁଗଲ ମୌସୁମୀ?



ଶଶଧର ମହାପାତ୍ର

ମୌସୁମୀ ଗୋ ତୁମେ ଆସିବ ଆସିବ
କହି କରିଦେଲ ଡେରି
ସାର୍‌ ଓଡିଶାବାସୀ ଗ୍ଲହିଁଛନ୍ତି
ମରୁଛନ୍ତି ଝୁରିଝୁରି

ଦୂବ ଘାସଟିଏ କଅଁଳୁନ ପର୍‌
ତୁମ ଆଗମନ ବିନା
କ୍ଷଏକ୍ଷ ତୁମ ଜୀବନରେ ଆସି
କରିଦେଲ୍‌ ଆନମନା

ଝାଉଁଳ ଗଲ୍‌ଣି ସବୁ ଗଛ, ଲତା
ଝାଉଁଳ ପଡିଛି ମୁହଁ
ବଇଶାଖୀ ଝାଞ୍ଜି କାଢି ଲ୍‌ଲ୍‌ ଆଖି
କହୁଛି ମୋ ଆଡେ ଗ୍ଲହଁ

ଭରିଦିଅ ଯେତେ ନଈ, ନାଳ ଅଛି
ଚଷାପୁଅ ହେଉ ଖୁସି
ବଗଲ୍‌, ବଗୁଲୀ ନଈକୂଳେ ବସି
ମାଛ ଖାଉଥାଉ ହସି

ତୁମେ ଯେବେ ଆସ ଆଣ କେତେ ଆଶା
ସବୁଜିମା ଧାନକ୍ଷେତ
ସବୁରି ମୁହଁରେ ଫୁଟା କେତେ ହସ
ଫଟା ଓଠଟିରେ ଗୀତ

ତୁମପାଇଁ ପତ୍ର ସାଇତି ରଖିଛି
କାଗଜରେ ଗଢା ନାଆ
ଲେଖିଛି ସେଥିରେ କେତେ ସତ୍ୱଗରେ
ତୁମ ନାଁ, ମୋ ନାଁ

ତୁମ ଆଗମନେ ହେଇଯାଉ ଆଜି
ନୂତନ ଅଧ୍ୟାୟ ସୃଷ୍ଟି
ତୁମକୁ ଦେଖିଲେ ଜନତା ଖୁସିରେ
କରିଦେବେ ପୁଷ୍ପବୃଷ୍ଟି

ପାଣିପାଗ ବାଲା ଙ୍କ ଗଣନା କଲେ
କଛି ହେଲା ନାହିଁ ସତ
ଗଣନାରେ କେଣ୍ଟେ ତ୍ରୁଟି ରହିଗଲା
ଜାଣିବାକୁ ଗତିପଥ

ପବନରେ ଝୁଲି ବରଷାରେ ଭିଜି
ଆସିଯାଅ ଶୀଘ୍ର ବୁଲି
ଗ୍ରୀଷ୍ମୀକୂଳ ପତ୍ର ଗ୍ରହିଁ ବସିଛନ୍ତି
ଗ୍ରୀଷ୍ମ କରିବେ ବୋଲି

ମୁଣ୍ଡରେ ହାତ ମାରି ବସିଛନ୍ତି
ଆମ ରାଜ୍ୟ ଚାଷୀ ଭାଇ
ତାଙ୍କ ଚିନ୍ତା ବଢି ଯାଇଛି ଦିଗୁଣ
ବଞ୍ଚିବେ କଣ ଖାଇ?

ଅଭିଯାନ ଛାଡି ବିଜୁଳ ସାଥୀରେ
ଆଣ ତୁମ ଘଡ ଘଡି
ସାରା ରାଜ୍ୟବାସୀ ଖୁସି ମନାଇବେ
ଛାଡୁଥିମେ ମହାରଡି

ତାଙ୍କ ନିଶ୍ୱାସରେ ଢାଳନାହିଁ ବିଷ
ଶୁଣ ଆହେ ପ୍ରିୟତମା
କୋଟିକୋଟି ପ୍ରାଣ ବରବାଦ ହେବ
ସେ ଭୁଲ୍ କରନ ଜମା

ତୁମପାଇଁ ଆଜି ଲେଖନୀ ଧରିଛି
ଏ କବିତା ପଢ ତୁମେ
ମନକଥା ପଦେ ଲେଖିଲି ତୁମକୁ
ପଡି ତୁମ ପ୍ରେମେ ଭ୍ରମେ

(ଏଥର ଓଡିଶାକୁ ମୌସୁମୀ ଆସିବା ଡେରି କରିଦେଲା, ଚାଷବାସ କାମ ଡେରିରେ ଆରମ୍ଭ ହେଲା । ଏହାକୁ ଆଧାର କରି ଏ କବିତା)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବାହାଘରର ପୂର୍ବ ରାତି



ରାଜବାଳା ତ୍ରିପାଠୀ

ଘରେ ଦୁଇ ଦିନ ହେବ ବନ୍ଧୁ ବାନ୍ଧବଙ୍କ ଗହଳ ଚହଳ ଲାଗି ଯାଇଛି। ଗାଁରୁ କକା ଖୁଡି, ପିଉସା ପିଉସୀ, ମାମୁଁ, ମାଇଁ ଆସି ପହଞ୍ଚି ଗଲେଣି। ମାମୁଁ ଝିଅ ବିନ ନାନୀ ତା ବର ଆଉ ବର୍ଷକର ପୁଅ ସହ ଏଇ ସଂଗେ ସଂଗେ ଆସି ପହଂଚଛି। ଆସୁ ଆସୁ ଆଗେ ଖୋଜା ପଡିଛି ସିତୁ କାହିଁ। ସବୁ ପରିଜନମାନେ ନିଜ ନିଜ ସହ ଭଲ ମନ୍ଦ ଗପିବାରେ ଖୁବ ବ୍ୟସ୍ତ।

ବାରି ପଟ ବଉଳ ଗଛ ମୂଳେ ଆଜିଠୁ ରୋଷେଇ ଚୁଲିଲାଣି। ଗାଁରୁ ସରଣୀ ଅଜା ତା ରୋଷେଇ ସାମାନ ଆଉ ଲୋକବାକ ସହ କାଲିଠୁ ଆସି ଆସର ଜମେଇଲାଣି। ଜେଜେମା ସହ ଆଇ ଶ୍ରେଣୀୟ ସବୁ ନାରୀମାନେ ଘରର ଗୋଟିଏ କୋଣରେ ପାନ ସଜ ଧରି, ଭଳ କ ଭଳ ବରାଦ ଅନୁସାରେ ଅନବରତ ପାନ ଭାଙ୍ଗିବାରେ ବ୍ୟସ୍ତ। ଗୁଆ କାଟିର ଖଟର ଖଟର ଶବ୍ଦ ସହ ପାନ ଭର୍ତ୍ତି ପାଟିକୁ ପାକୁଳେଇ ସେମାନେ କେତେ କଣ ଯେ ଗପି ଯାଉଛନ୍ତି, ସିତୁକୁ ଲାଗିଲା ସତେ କି ସେମାନେ ଦୀର୍ଘ କେତେ ଦଶନ୍ଧି ପୂର୍ବେ ନିଜ ଜୀବନରେ  ଘଟି ଯାଇଥିବା ଏହି ଭଳ ଏକ ଘଟଣାର ହିଁ ରୋମନ୍ଥନରେ ବ୍ୟସ୍ତ।

ବାପାଙ୍କ ଶୋଇବା ଘରର ଖଟକୁ ଗୋଟେ କଣକୁ ଆଡେଇ ଦେଇ ଥୁଆ ହେଇଚ ଭଳ ଭଳ ପନ ପରିବା, ତେଲଠାରୁ ଲୁଣ ପର୍ଯ୍ୟନ୍ତ ସବୁତକ ଦ୍ରବ୍ୟ, ସରଘର। ଏ ଘରର ଦାୟିତ୍ୱରେ ବଡ଼ ମାଇଁ ଆଉ ଖୁଡି। ଘଡି ଘଡି ଭିତର ବାହାର ହେବାକୁ ପଡୁଛି। ବେଦୀ ପାଖରେ ଚେୟାର ପକେଇ କଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବ୍ୟସ୍ତ ଗୁରୁଜନ ଶ୍ରେଣୀର ମୁହଁ ସବୁକୁ ଆଖି ପକେଇ ଆଣୁ ଆଣୁ କଛି ଦୁରରେ ପରସ୍ପର ସହ କଥା ହେଉଥିବା ଦୁଇଟି ଅତି ପରିଚତ ବ୍ୟସ୍ତ ମୁହଁରେ ଆଖି ରହିଗଲା ତାର। ବାପା ଆଉ ମାଆ। ଛାତି ଭିତରଟା କୋରି ହୋଇଗଲା। ଛାତର ଗୋଟିଏ କଣକୁ ଡେରି ବସି ପଡ଼ିଲା ସିତୁ।

ଏତେ ଗହଳ ଚହଳ ଭିତରେ ବି ତାକୁ ଭାରି ଏକା ଏକା ଲାଗୁଚ। ତା ଶୋଇବା ଘରର ସେ ମାଡି ବସିଲା ପରି ପରିବେଶରୁ ରକ୍ଷା ପାଇବା ପାଇଁ ସୁଯୋଗ ପାଇ ଖସି ଆସିଛି ଏ ନିରୋଳା ଛାତ ଉପରକୁ। ବର୍ତ୍ତମାନ ସେ ଏକା । ତା ମୁଣ୍ଡ ଉପରେ କେବଳ ଆକାଶ ଯାହା ମିଟି ମିଟି କରୁଛି ମୁଠାଏ ତାରାଙ୍କୁ ଧରି। ଅନେକ ସମୟ ଧରି ସେ ଆକାଶକୁ ଚାହିଁ ରହିଲା ସିତୁ। ଦୀର୍ଘ ପଚିଶବର୍ଷ ଧରି ତା ଅତି ପରିଚିତ ଆକାଶ ଆଉ କାଲି ତାର ହେଇ ନଥିବ। ସେ କାଲି ପରଘରି। ଏ ଆକାଶକୁ ନଜର କହିବାର ଅଧିକାର କେବଳ ଆଜି ରାତିକ ପାଇଁ। ଆଜି ଯେ ତାର ବାହାଘରର ପୂର୍ବ ରାତି।

କାଲି ସକାଳୁ ସକାଳୁ ବାହା ଡେଙ୍ଗୁରା ବାଜିବ ତା ଘର ଦାଣ୍ଡରେ। ସେ ଡେଙ୍ଗୁରା ନୁହେଁ ତ ତା ବିଦାୟର ଫର୍ମାନ । ବାପା ମାଆ ଜେଜି ସାନ ଭାଇ ସୋନୁ, ତା ଘର, ସାହି ପଡିଶା ସବୁକୁ ପର କରି ତାକୁ ଚାଲି ଯିବାକୁ ହେବ ଏକ ଅପରିଚତ ସ୍ଥାନକୁ। କାହିଁକି କେଜାଣି ଝିଅମାନଙ୍କ ଜୀବନରେ ଆସେ ସେ ବାହାଘରର ପୂର୍ବ ରାତି।

କଇଁ କଇଁ ହୋଇ କାନ୍ଦି ଉଠିଲା ସିତୁ । ବେଶ କିଛି ଦିନ ଧରି ତା ଛାତି ଭିତରେ ରୁନ୍ଧି ହୋଇ ରହିଛି କୁଢ଼ କୁଢ଼ କୋହ ଆଉ ଅଜସ୍ର ପ୍ରଶ୍ନ । ଲୁହ ବୁନ୍ଦାରେ କିଛି ବୋଝ ହାଲୁକା ହେଇଗଲା ସତେ ଯେମିତି । ଶୀତଳ ପବନ ଧୀରେ ଛୁଇଁ ଦେଇ ଗଲା ତାର ଓଦା ଆଖି ଆଉ ଗାଲକୁ।

ଘରେ ତା ବିବାହକୁ ଧୁମ ଧାମରେ କରିବା ପାଇଁ ସବୁଯାକ ପ୍ରସ୍ତୁତି, ହେଲେ ଯେଉଁ ପ୍ରସ୍ତୁତି ବିବାହ ପାଇଁ ପ୍ରଥମ ଆବଶ୍ୟକ, ସେଇଟା କେମିତି କରିବାକୁ ପଡେ, କିଏ ଶିଖେଇବ ତାକୁ, ନିଜ ଘର ଛାଡିବାର ପ୍ରସ୍ତୁତି, ବାପା ମାଆ, ବନ୍ଧୁ ବାନ୍ଧବ ଗାଁ ସାଙ୍ଗ ସାଥୀଙ୍କୁ ପର କରିଦେବାର ପ୍ରସ୍ତୁତି, ନିଜର ଠିକଣା, ପରିଚୟ ହରେଇବାର ପ୍ରସ୍ତୁତି, ନିଜର ରକ୍ତ ସମ୍ପର୍କଙ୍କୁ ବଂଚ ଥାଉ ଥାଉ ପିଣ୍ଡ ଦେବାର ପ୍ରସ୍ତୁତି, ଗୋଟିଏ ରାତି ପରେ ଅପରିଚତମାନଙ୍କୁ ନିଜର ଭାବିବାର ପ୍ରସ୍ତୁତି, କେମିତି କରିବାକୁ ପଡେ ଏ ସବୁ । କିଏ ବତେଇବ । ବାହାଘର ତାରିଖ ଠିକ ହେବା ପରଠୁ ଏହିପରି ଅମୀମାଂସିତ ପ୍ରଶ୍ନ ସବୁରେ ଆକ୍ରାମାକ୍ରା ହେଉଛି ସେ।

କାହିଁକି ଏ ପରି ପରମ୍ପରା । କାହିଁକି ଝିଅଟିକୁ ହିଁ ହରେଇବାକୁ ପଡେ ତାର ପୈତୃକ ପରିବେଶ ଠିକ ଭିଟା ମାଟି ହରାଉଥିବା ବିସ୍ଥାପିତଟିଏ ପରି । ନିଜ ମୂଳ ହରାଇ ଏକ ଅଜଣା ସ୍ଥାନରେ ଅପରିଚିତଙ୍କର ଗହଣରେ ପୁଣି ଥରେ ରୋପିତ ହେବାକୁ ପଡେ ଝିଅଟିକୁ। ଖାଲି ରୋପିତ ହେବାକୁ ନୁହେଁ, ଚେରକୁ ମାଟିରେ ଶକ୍ତ ଭାବେ ଧରି ରଖି ଡାଳ ପତ୍ର ମେଲି ଫୁଲ ଫଳ ଫୁଟେଇବାକୁ ପଡେ, ସେ ଯେତେ କଷ୍ଟକର ହେଉନା କାହିଁକି। ଦୁନିଆରେ ସବୁ ବିସ୍ଥାପିତମାନଂକର କଷ୍ଟ ବୁଝୁଥିବା ମଣିଷ କେବେ କଣ ବୁଝେ ଏ ବିସ୍ଥାପନ ଆଉ ବିସ୍ଥାପିତର କଷ୍ଟ। ସିତୁର ଆଖିରୁ ଶୁଖି ଯାଇଥିବା ଲୁହ ଧାର ପୁଣି ଥରେ ଝର ଝର ହୋଇ ଝରିପଡ଼ିଲା । ଦୁଇ ଆଣ୍ଠୁ ମଝିରେ ମୁହଁ ରଖି କାନ୍ଦିବାରେ ଲାଗିଲା ସେ।

"ସିତୁ...ମାଆରେ ଏଇଠି ଏକୁଟିଆ ଅନ୍ଧାରରେ କଣ କରୁଛୁ" ବେଶ କିଛି ସମୟ ପରେ ବାପାଙ୍କ ପାଟି ଶୁଣି ମୁଣ୍ଡ ଟେକି ଚାହିଁଲା ସେ । ଆଗରେ ବାପା । ତାକୁ ଘରେ ନ ପାଇ ଏ ଭିତରେ ଖୁବ ଗୋଟେ ହଇଚଇ ହୋଇଯାଇଥିଲା । ସବୁ ଆଡେ ଖୋଜି ଖୋଜି ଛାତର ସେ ଅନ୍ଧାରୁଆ କୋଣରେ ତାକୁ ଆବିଷ୍କାର କରିଥିଲା ସୋନୁ । ଦିଦିକୁ ଏ ପରି ଅବସ୍ଥାରେ ଦେଖିବାରେ ଅଭ୍ୟସ୍ତ ନଥିବା ସୋନୁ ସିଧା ବାପାଙ୍କୁ ନେଇ ଆସିଥିଲା ଛାତ ଉପରକୁ ।

"କଣ ହେଲା..ତୁ କାନ୍ଦୁଛୁ କାହିଁକି" ପାଖରେ ବସିପଡ଼ି ମୁଣ୍ଡରେ ହାତ ବୁଲେଇ ପଚାରିଲେ ବାପା।

"ତୋ ଦେହ ଭଲ ଅଛି ତ ମାଆ, କିଛି ଅସୁବିଧା ହେଲାକି, ତୁ ଏ ବାହାଘର ରେ ଖୁସିତ" ଶେଷ ବାକ୍ୟଟି କହିଲା ବେଳେ ବେଶ ବାରି ହେଇ ପଡୁଥିଲା ବାପାଙ୍କ କଣ୍ଠର ବ୍ୟସ୍ତତା ।

"ମୁଁ ତୁମକୁ ଛାଡି କୁଆଡେ ଯିବିନି ବାପା । କାଲିଠୁ ମୁଁ ତୁମ ପାଇଁ ପର ହେଇଯିବିନା" ବାପାଙ୍କ କାନ୍ଧରେ ମୁଣ୍ଡ ରଖି ସକ ସକ ହୋଇ କାନ୍ଦି ଉଠିଲା ସିତୁ।

"ପାଗିଳ ଟା.. ତୁ କୁଆଡେ ଛାଡି ଯାଉଛୁ କି । ଏଇ ପାଖରେ ତୋତେ ରଖିବୁ ରେ ମାଆ। ଏ ଘର, ତୋ ପରିବାର ସବୁବେଳେ ତୋର ନିଜର, କେହି ପର ହେବେନି। ସେ ପୁରୁଣା କଥା କଣ ଆଉ ଅଛି । ସନ୍ଦୀପ ଭାରି ଭଲ ପିଲା । ତୁମେ ଦୁହେଁ ଖୁବ ଭଲରେ ରହିବ।

ଯେତେବେଳେ ତୋର ଆମ କଥା ମନେ ପଡିବ ତୁ ଚାଲି ଆସିବୁ ନହେଲେ ଆମେ ତୋ ପାଖକୁ ଚାଲିଯିବୁ। ଚାଲ ଆମେ ଟିକେ ଅଲଗା କରି ଭାବିବା, କାଲିଠୁ ମୋ ମାଆର ଆଉ ଗୋଟେ ଘର ହେବ। ଆଉ ଗୋଟେ ପରିବାର। ଏତ ବେଶି ଖୁସି ହେବା କଥାଟିଏ, ନୁହେଁକି।"

ସିତୁ ବାପାଙ୍କ ମୁହଁକୁ ଚାହିଁ ରହିଲା କେତେ ସହଜରେ ତା ଅବୁଝା ମନକୁ ବୁଝେଇ ଦେଉଛନ୍ତି ବାପା ଠିକ ପିଲା ବେଳେ ବୁଝେଇ ବୁଝେଇ ଦୁଧ ଭାତ ଖୁଆଇଲା ପରି।

"ଏବେ ଖୁସିତ। ଟିକେ ହସିଦେ ମୋ ମା। ବାହାଘରରେ ଆଜିକାଲି ଆଉ କଏ କଣ କାନ୍ଦେ। ତୁ ତୋ ତ ଜେଜିଠୁ ବଳ ଗଲୁ" ସିତୁର ନାକ ଚପି ଦେଇ ପରିବେଶକୁ ହାଲକା କରିବାକୁ ବାପା କହିଲେ।

ବାପାଙ୍କ ଥଟ୍ଟାରେ ହସି ପକେଇଲା ସିତୁ "ବାପା ଆଜି ରାତିରେ ମୁଁ ତୁମ ସହ ଖାଇବି । ତୁମେ ମୋତେ ଖୁଏଇ ଦେବ ନା" ବାପାଙ୍କ ବାହୁ ଧରି ଠିଆ ହଉ ହଉ କହିଲା ସିତୁ।

"ନା ଆଜି ତୁ ମୋତେ ଖୁଏଇ ଦେବୁ। ତୁ ପରା ମୋ ମାଆ"।

"ହଉ । ତୁମେ ପରା ମୋର ବୁଢା ପୁଅ।" ହସି ହସି ବାପାଙ୍କ ହାତ ଧରି ତଳକୁ ଓଲହେଇଗଲା ସିତୁ।

ସେ ଅନ୍ଧାରୁଆ ଛାତର ଉପର ଆକାଶରେ ଆଖି ମିଟି କରି ହସୁ ଥିଲେ ପୁଞ୍ଜାଏ ତାରା। ସତେ ଯେମିତି ସେମାନେ ଚୁପି ଚୁପି କହୁଥିଲେ ଆଜି ପରା ବାହାଘରର ପୂର୍ବ ରାତି।

ସହାୟକ ପ୍ରଫେସର, ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା।

# ଇନ୍ଦୁ ବଦନ



ରାଜଶେଖର ସି. “ଚମା”

ଭୁଲି ପାରିବି ନାହିଁ ସେହି ଶୁଭ୍ରକାନ୍ତ ଶୁଭଦିନ,
ଯେବେ ଦେଖିଲି ତୁମ କାନ୍ତିପ୍ରଦ ଇନ୍ଦୁବଦନ,
ଶୀତଳତା ନଶ୍ଚିତତା ପାଇଲ୍ ମୋ ମର୍ମସ୍ଥାନ,
ଚାହିଁଲି ଯେ ତୁମ ସହ ପ୍ରୀତିର କଥୋପକଥନ ।୧।


ତୁମ ଆଖିରେ ଦିଶିଲ୍ ଅଲୌକିକ ଆଲୋକ,
ସେହି ଚନ୍ଦ୍ରରେଖା ରୁ ଦେଖିଲି ମୁଁ ପ୍ରେମଲୋକ,
ପ୍ରଥମ ପ୍ରେମର ମହକ ଲାଗିଲ୍ ମନମୋହକ,
ନବଯୌବନ କୁ ମିଳଲ୍ ଚନ୍ଦ୍ରଲୋକର ଚମକ ।୨।

ଦେଖି ଚାହିଁ ରହିବି ସଦା ତୁମ ସ୍ନିଗ୍ଧ ସ୍ମିତହାସ,
ତୁମ ଚନ୍ଦ୍ରବଦନକୁ ଅଳଙ୍କୃତ କରୁଛି ମୃଦୁହାସ,
ମୋ ମାନସ ପାଇଲ୍ ପ୍ରଣୟର ବିକଚ ବିଳାସ,
ତୁମେ ହିଁ ଆଣି ପାରିବ ମୋ ଜୀବନରେ ଉଲ୍ଲାସ ।୩।

ଆଉ କରିବାକୁ ଚାହୁଁନ କୌଣସି ଅବଲୋକନ,
ଅପେକ୍ଷା କରୁଛି ପାଇବାକୁ ତୁମର ଅନୁମୋଦନ,
ତୁମେ ଆସିଲେ ହେବ ବସନ୍ତ ବେଳ ର ଆଗମନ,
ଆମ ଅନୁବନ୍ଧ ରୁ ହେବ ନବଜୀବନ ର ଆସ୍ୱାଦନ ।୪।

chvrajasekhar@gmail.com

# ଭଜନ



ଉଦୟନ ସୂପକାର

ବିଘ୍ନବିନାଶନ ହେ ଶିବ ନନ୍ଦନ ଖୋଜେ ତୁମକୁ ଏ ମର୍ତ୍ତ୍ୟ ଭୂବନ
ଆସ ଧର୍‌ପୃଷ୍ଠେ ଡାକଇ ଭକ୍ତ ଦେଶର କର ହେ ଅଘଖଣ୍ଡନ||
ପାପର ଭର୍‌ ତ ଲଘବ ନ ହୁଏ ସାଧୁ ହୋଇଲେ ଭୀତ ଓ ତ୍ରସ୍ତ
ଧର୍ମ ଓ ସତ୍ୟ ହେଲ୍‌ ଅନ୍ତର୍ହିତ ସଭିଏ ତ ଏବେ ସ୍ୱାର୍ଥରେ ବ୍ୟସ୍ତ
ଦୟା କର ଆହେ ଅଗ୍ରପୂଜ୍ୟ ବିପଦ ହର ହେ ବିପଦଭଞ୍ଜନ||.....
ନର୍‌ଶା ଅନ୍ଧାର ଘୋଟି ଆସେ ମୁଣ୍ଡ ଉପରକୁ ହେଲ୍‌ଣି ପାଣି
ହତାଶାର ମେଘ ଆକାଶେ ଭର୍‌, ସୂର୍ଯ୍ୟ ତ ଏବେ ହଜିଲ୍‌ଣି
ହେ ହେରମ୍ବ ପ୍ରଭୁ ହେ ଉମାପୁତ୍ର, ପଥ କୁ ତୁମରି ଗ୍ରହେଁ ନୟନ ||...

ଭୁବନେଶ୍ୱର, ଓଡିଶା

# ଜୀବନ ସଂଧ୍ୟା



ଡଃ ପ୍ରତିମା ଉପାଧ୍ୟାୟ

ମନର ନିର୍ଜନ କୋଠରୀ ଭିତରୁ
ଲେଖୁଛି ଆଜି ମୁଁ ଅନ୍ତର ତଳର କଥା
ହେ ଜୀବନ ତୁମେ ଶୁଣିଯାଅ ଥରେ
ମୋର ହୃଦୟତଳ କବିତା..... ।
ଏମିତି ଜୀବନେ ନିରବରେ ଦିନେ
ସଂଜ ଆସିବ ନଇଁ
ସବୁକିଛି ଥାଇ ଲାଗୁଥିବ ସିନା
କିଛି ମୋ ନିଜର ନାହିଁ ।
କାହା ବାଟ ଚାହିଁ ଥକି ପଡିଥିବ
ଅସହାୟ ଆଖି ଦୁଇ ।
ନିଦକୁ ନ ଆଣି ରାତି ଆସୁଥିବ
ଯାଉ ଥିବ ପୁଣି ପାହି ।
ଏ ଦେହ ଶେଷରେ ପାଉଁଶ ସ୍ତୁପରେ,
ଚିରଦିନ ଯିବ ହଜି
ଉଦାସ ମନରେ ଖୋଜି ବୁଲୁଥିବ
ଅତୀତକୁ ହେଜି ହେଜି ।

ଦେହ ଆଉ ମନ ଦୁଇଟି ଭିତରେ
ମାପିଛକ ବ୍ୟବଧାନ,
ପଞ୍ଚଭୂତରେ ଗଢା ଏ ଶରୀର

ସ୍ୱର୍ଗ ଠାରୁ ବଳ ମନ ।
ମାଂସ ପିଣ୍ଡୁଳା ସଂସାରୀ ଶରୀର
ମାଟି ସାଙ୍ଗେ ମିଶି ଯାଏ,
ପିୟୂଷରେ ସୃଷ୍ଟି ମଣିଷର ମନ
ରହିଯାଏ ସଦା ଦୂରେ ।
ଫୁଲ ପରି ଏଇ ନରମ ଦେହରେ
ରେଣୁ ମାତ୍ର ମନ ଥାଏ,
କାଳର କବଳେ ଦେହ ହୁଏ ଲୀନ
ମନ ଏକା ରହିଯାଏ ।

ସ୍ୱର୍ଗ ଠାରୁ ବଳ ସୁନ୍ଦର ପ୍ରେମ
ଶରୀରଠୁ ବଳ ମନ ଅଟେ ଅନୁପମ,
ହେ ମାନସ ସଦା ମନେ ରଖିଥିବ
ଚିର ସ୍ମୃତି ଏଇ ଅମଳିନ ଗାଥା,
ଏହି ମୋ ବୁକୁ ତଳର କବିତା.....

ମାରୁତି ଭିଲ୍ଲା, କଟ ଛକ,
ପଟିଆ, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ
ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ବୈଶାଖୀ



ଲୋପାମୁଦ୍ରା ମିଶ୍ର

ନାଁ ଟା ଯେମିତି, ଝିଅଟା ବି ସେମିତି । ଦୁହେଁ ଗୋଟିଏ ଅଞ୍ଚଳରୁ ଆସିଥିଲେ ମଧ୍ଯ ବରୁଣ କଲେଜ ରେ କୌଣସି ଦିନ ବୈଶାଖୀ ସହ ଭଲରେ କଥା ହେବା କେହି ଦେଖି ନାହାଁନ୍ତି, ବରଂ କ୍ଲାସ ଟାଇମ ବାଦ ରେ ବୈଶାଖୀ ଯେଉଁଠି ଥାଏ ବରୁଣ ସେ ଜାଗା ଛାଡି ଗ୍ଭଲିଯିବାକୁ ପସନ୍ଦ କରେ । ବୈଶାଖୀର କଥାବାର୍ତ୍ତା ଓ ଗ୍ଭଲିଚଳନ ରେ ଅତିବେଶି ଉଦ୍ଧତାମି ବରୁଣ କୁ ଅସହ୍ୟ ବୋଧ ହୁଏ । "ଛିଃ, ଝିଅପିଲ୍ ଟେ ହେଇ ଏତେ ଗୋଟେ ଉଗ୍ର କଣ ! ଝିଅମାନେ ସିନା ଶୀତଳ କୋମଳ ଦଲକାଏ ଥଣ୍ଡା ପବନ ପରି ହେଇଥାନ୍ତି । ଶିରିଶିରି ଗୀତ ଗାଇ ସୁଲୁସୁଲୁ ବହି ଆସି ଦେହ ଓ ମନକୁ ଏକାବେଳେ ଛୁଇଁଯାଆନ୍ତି । ଆଉ ଇଏ, ଛିଃ.. ଯାର କର୍କଶ ସ୍ୱର କାନରେ ବାଜିଲ୍ କ୍ଷଣି ହିଁ ମୋ କାନ ମୁଣ୍ଡ ଝାଇଁ ଝାଇଁ ହେଇଯାଉଛି । ବଡ଼ ବିରକ୍ତ ଲ୍ଗୁଛି", ବୈଶାଖୀ କୁ ଦେଖୁ ଦେଖୁ ବରୁଣ ଚଡି ଉଠି ମନେ ମନେ ଏମିତି ଗୁଣୁଗୁଣେଇ କହେ ।

ପ୍ରାଣୀ ବିଜ୍ଞାନର ଛାତ୍ର ବରୁଣ ର ହୃଦୟଟାକୁ ଅନବରତ ଆବଶ୍ୟକ ପଡ଼େ କଳା ଓ ସାହିତ୍ୟର ଅମ୍ଳଜାନ । ଡିସେକ୍ସନ୍ ଟେବଲ ଉପରେ ଚତ୍ ହେଇ ପଡ଼ିଥିବା ବେହୋସ ବା ମୃତ ବେଙ୍ଗ ର ଚର୍ମ ତଳେ କଇଁଚ ଚଲେଇ ତାର ଚମଡ଼ା ଓ ମାଂସ କୁ ମଝିରୁ ଦୁଇଫାଳ କରି ଚରି ଗ୍ଭରୋଟି ପିନ୍ ଲଗେଇ ଟ୍ରେ ରେ ସେଟ୍ କଲ୍ବେଳେ ବରୁଣ ର ଡାହାଣ ଆଖି ଗୋଟେ ଅଜଣା ପାପ ଆଉ ଦୁଃଖର ଭାରରେ ଆପେ ଆପେ ବନ୍ଦ ହେଇଯାଉଥାଏ । ସେତିକି ବେଳେ ସେ ବାମ ପଟ ଟେବଲ ରେ କାର୍ଯ୍ୟବ୍ୟସ୍ତ ଥିବା ବୈଶାଖୀ ଆଡେ ଟିକେ ଆଖି ବୁଲେଇ ଆଣେ । ମଦନ ସାର୍ କହନ୍ତି," ବୈଶାଖୀ ପରି କ୍ଲିୟର୍ ଓ ସୁନ୍ଦର ଡିସେକ୍ସନ୍ ଆଉ କେହି କରିପାରିବେନ" । ଅଣ୍ଡିରା ମୁହିଁ ଉଦ୍ଧତ ଝିଅଟା ନିର୍ବିଘ୍ନ ରେ ଜୀବିତ ଅଥଚ ଅଚେତ୍

ବେଙ୍ଗ ଉପରକୁ ଅଧା ନଇଁ ପଡି ଧକ୍ ଧକ୍ କରୁଥିବା ତା ଛୋଟ ତିନ କୋଠରୀ ବିଶିଷ୍ଟ ହୃତପିଣ୍ଡଟି କୁ ଫୋରସେପ୍ ରେ ଖେଞ୍ଚି ଓଠରୁ ବିଜୟର ହସ ଝରେଇ ସାଥୀ ଝିଅମାନଙ୍କୁ ଦେଖାଉ ଥାଏ ।

"ବୈଶୁ, ତୁ ସବୁବେଳେ ତୋ ନଜ ସ୍ପେସିମେନ୍ ସାଙ୍ଗରେ ଧରି ଆସୁ ନା ? ଦାମଭଇ କହୁଥିଲେ !", ଡିପାର୍ଟମେଣ୍ଟ ର ସବୁଠୁ ଗୋରୀ ଓ ପାତଳୀ ଝିଅ ସୁବର୍ଣ୍ଣା ପଚ଼ାରୁଥିଲା ବୈଶାଖୀ କୁ ।

--ହଁ ଏଇଟା ଆମ ହଷ୍ଟେଲ୍ ର ପାର ମାଉସୀ ଡ଼ାଇନଙ୍କ୍ ରୁ ଧରିକ ଆଣି ମୋତେ ଦେଇଥିଲେ । ବେଙ୍ଗ ଗୁଡାଙ୍କର ସଂଖ୍ୟା ଆମ ହଷ୍ଟେଲ୍ ରେ ବହୁତ ବଢ଼ିଗଲାଣି । ତା ଛଡା ଡେଡ୍ ସ୍ପେସିମେନ୍ ଠାରୁ ଲାଇଭ୍ ସ୍ପେସିମେନ୍ କୁ ଡ଼ିସେକ୍ଟ କରିବାଟା ବେଶି ଆପ୍ରୋପିଏଟ୍ ଦେଖ କେମିତି ମୋ ବେଙ୍ଗର ହାର୍ଟ ବିଟ୍ କରୁଛି । ଜାଣିଛୁ, ୟାକୁ କେମିକାଲ୍ ଦେଇ ବେହୋସ କରିବାକୁ ନା ଖୁବ ମଜା ଲାଗେ ।

ବୈଶାଖୀ ର ହାତରେ ମୁନଆଁ କଇଁଚ ହଲାଇ ଓ ବଡ଼ ପାଟିରେ କଥାବାର୍ତ୍ତା ବରୁଣ କୁ ଅସହ୍ୟ କଷ୍ଟ ଦେଉଥିଲା । କାରଣ ସାମାନ୍ୟ ଅସାବଧାନତାରୁ ବରୁଣର ସ୍ପେସିମେନ, ସେହି ମୃତ ବେଙ୍ଗଟିର ତିନକୋଣିଆ ହୃତପିଣ୍ଡ ଟି କଟିଯାଇଥିଲା ଓ ସିନ୍ଦୁର ପରି ଲାଲ୍ ରକ୍ତ ମେଞ୍ଚାଏ ବିଛାଡ଼ି ପଡିଥିଲା ତା ଡିସେକ୍ସନ୍ ଟ୍ରେ ଉପରେ । ମଦନ୍ ସାର୍ ଆସି ବରୁଣ ପାଖରେ ଠିଆ ହେଇଥିଲେ ଓ ବିରକ୍ତ ହୋଇ ବେଶ୍ କଡାକରି ଗୁଡ଼ାଏ ଗାଳ ବର୍ଷେଇ ଦେଇଯାଇଥିଲେ । ବରୁଣ କାନ୍ଦ କାନ୍ଦ ହେଇଯାଇଥିଲା । ପ୍ରାୟ ତ ସବୁ ପ୍ରାକ୍ଟିକାଲ୍ କ୍ଲାସ୍ ରେ ଏମିତି କଛି ହୁଏ ବରୁଣ୍ ସହ ।

"ବୈଶାଖୀ ପ୍ରାକ୍ଟିକାଲ ରେ ଯେତିକ ପରଫେକ୍ଟ ଥିଓରୀରେ ମଧ ସେତିକ ଥରେ", ବରୁଣ ବ୍ୟତୀତ ବାକ ସମସ୍ତେ ଏମିତି ମନ୍ତବ୍ୟ ଦିଅନ୍ତି । ବରୁଣ ଯଦିଓ ଥିଓରୀ ରେ ସର୍ବାଧିକ ନମ୍ବର ଆଣେ, ପ୍ରଶଂସା ଓ ପ୍ରସିଦ୍ଧି କନ୍ତୁ ଗ୍ଲିଯାଏ ପ୍ରାକ୍ଟିକାଲ୍ ପରଫେକ୍ଟ ଗର୍ଲ୍ ପାଖକୁ । ସେଇଟି ମଧ ଆଉ ଏକ କାରଣ ବରୁଣ ବୈଶାଖୀ କୁ ନାପସନ୍ଦ କରିବାର ।

ବୈଶାଖୀ କଲେଜ ରେ ମଧ୍ୟାହ୍ନର ସୂର୍ଯ୍ୟ ପରି ଡହ ଡହ ତାତିଲି ଓ ହଷ୍ଟେଲ ରେ ଗ୍ରୀଷ୍ମର ଅପରାହ୍ଣ ପରି ସୁ ସୁ ପବନ ଝଡ଼ ସମ ଅଗ୍ନିକ ଚଞ୍ଚଳା, ନହେଲେ ଏକଦମ ଗୁମସୁମ୍, ସତେ ଯେମିତି ଝଡ଼ ପୂର୍ବର ସ୍ଥିରତା ।

ଦଶମ ପରେ ପ୍ଲସ୍ ଟୁ ଦୁଇବର୍ଷ ଓ ଗ୍ରାଜୁଏସନ୍ ରୁ ଦେଢ଼ବର୍ଷ କଟିଗଲାଣି ବୈଶାଖୀର ଏହି ସମାନ କଲେଜ ଓ ହଷ୍ଟେଲ୍ ରେ । ଏହି ସାଢ଼େ ତିନ ରୁ ଚାରି ବର୍ଷ ଭିତରେ ଅନେକ ଛାତ୍ରଛାତ୍ରୀ ଙ୍କ ଜୀବନରେ ବହୁତ କିଛି ପରିବର୍ତ୍ତନ ହୋଇଗଲାଣି କିନ୍ତୁ ବୈଶାଖୀ ଯେମିତି କୁ ସେମିତି । ଏମିତିକି ତା ବୟ କଟ୍ ହେୟାର ବି ଆଜିଯାଏଁ ତା ସରୁ ବେକକୁ ଅତିକ୍ରମ କରି କାନ୍ଧ ସ୍ପର୍ଶ କରିପାରିଲାନି । କ୍ଲାସ୍ ଓଭର ହେଲାପରେ ହଷ୍ଟେଲ ଆସି ସେ ଯେତେବେଳେ ତା ଦୀର୍ଘ ଶରୀରରୁ କଲେଜ ୟୁନିଫର୍ମ ଟା ଖୋଲିପକାଏ, ପୁଅପିଲାଙ୍କ ହାପ୍ ପ୍ୟାଣ୍ଟ ଓ ଟି ସାର୍ଟ ଟିଏ ସେତେବେଳେ ଝୁଲିପଡେ ତା ଦେହରେ ବେଖାତିର ଢଙ୍ଗରେ ।

ରୁମ ମେଟ ଙ୍କ ସହ ବୈଶାଖୀର କେବେ ମିଲ ଆଣିବାକୁ ନେଇ ଝଗଡା ହୁଏ ତ କେବେ ପୁଣି ବାଥରୁମ ରେ ଲାଇନ ଲଗେଇବାକୁ ନେଇ । ପାଠ ପରି ଝଗଡା କଳ ଗୋଳ ରେ ବି ବୈଶାଖୀ ଆଗୁଆ । କେହି ପାରନ୍ତିନି ତାକୁ । ସାଙ୍ଗ ଝିଅମାନେ ରାଗ ଶୁଝେଇବାର ସୁଯୋଗ ଖୋଜୁଥିବା ବେଳେ ସେ ସେହି କେଇ ମିନିଟ୍ ଭିତରେ ସବୁ ରାଗ ରୁଷା ଭୁଲି ପୂର୍ବପରି ମିଶିଯାଏ । କେହିଜଣେ ତା ଉପରେ ରାଗି କଥା ନହେଉ, ସେ ସୁଯୋଗ ସେ କାହାକୁ ଦେଇନି । ବରୁଣ ଏକ ବ୍ୟତିକ୍ରମ ତା ଜୀବନରେ । ସେ ଅନେକ ଥର ନିଜଆଡୁ ବରୁଣ ସହ କଥା ହେବାକୁ ପ୍ରୟାଶ କରିଛି, ବରୁଣ କିନ୍ତୁ ମୁହଁ ବୁଲେଇ ନେଇଛି ତା ଆଡୁ ପ୍ରତିଥର । ବୈଶାଖୀ ଆଜିଯାଏଁ ବୁଝିପାରିନି ବ୍ୟାଚ୍ ଟପର ବରୁଣ ର ତା ପ୍ରତି ଏତାଦୃଶ ବିମୁଖତାର ପ୍ରକୃତ କାରଣ ଟା କଣ ।

ବରୁଣ କୁ ବୈଶାଖୀ ର ବିପରୀତ କହିଲେ ବି ଭୁଲ ହେବନି । ବରୁଣ କାହା ସହ ଝଗଡା କରେନି । ସଦା ସ୍ଥିର ଓ ଶାନ୍ତ । ଅଧିକାଂଶ ସମୟ ତାର ବିତେ ପଢାପଢି ରେ । ଯଦି କେବେ ପାଠ ରୁ ଅଳ୍ପ ବିରତି ମିଳେ ସେ ମଜ୍ଜିଯାଏ କବିତା ଲେଖିବାରେ । କଲେଜ ଓ ହଷ୍ଟେଲ ରେ କବିତା ଆସର, କବି ସମ୍ମିଳନୀ ଆୟୋଜିତ ହେଲେ ସେଠି ବରୁଣ ର ଉପସ୍ଥିତି ଥାଏ ଅନିବାର୍ଯ୍ୟ ।

ବୈଶାଖୀ କନ୍ତୁ ବୁଝେନ କବିତାର ଲାଳିତ୍ୟ, ସୌନ୍ଦର୍ଯ୍ୟ । ବରଂ ଆଧୁନିକ କବିତାର ଶବ୍ଦ ଯାଦୁଗରୀ ରେ ଛନ୍ଦି ହେଇ ସେ ଆକ୍ତାମାକ୍ତା ହେଇଯାଏ ।

ପ୍ଲସ୍ ଟୁ ପିଲାଙ୍କ ପରୀକ୍ଷା ସରିଯାଇଥିଲା । ହଷ୍ଟେଲ୍ ଫାଙ୍କା କରି ଅନେକ ପିଲା ନିଜ ନିଜ ଘରକୁ ଫେରିଯାଇଥିଲେ । କେବଳ ପ୍ରାକ୍ଟିକାଲ୍ ପରୀକ୍ଷା ପାଇଁ ଅଟକ ରହିଯାଇଥିଲେ ବରୁଣ, ବୈଶାଖୀ ଙ୍କ ପରି ଅଳ୍ପ କେତେଜଣ ଗ୍ରାଜୁଏସନ୍ ଷ୍ଟୁଡେଣ୍ଟସ । କଲେଜ କ୍ୟାମ୍ପସ ର ବୃକ୍ଷ ଲତା ରୁ ବେଳେ ବେଳେ ପବନର ସାଇଁ ସାଇଁ ଶବ୍ଦ ଓ ପକ୍ଷୀଙ୍କ କଚରି ମିଚରି ରହି ରହି ଶୁଭିଯାଉଥିଲା । କଲେଜ ପରିବେଶ ଅଦ୍ଭୁତ ଭାବେ ଶାନ୍ତ ପଡିଯାଇଥିଲା । ଲେଡିଜ ହଷ୍ଟେଲ ହତା ଭିତର ଆମ୍ବ ଗଛ ମୂଳ ଗ୍ରୁନିନୀ ରେ ବସି ବୈଶାଖୀ ତା ପ୍ରାକ୍ଟିକାଲ୍ ରେକର୍ଡ ଖାତାରେ ଜୀବ ଜନ୍ତୁ ଙ୍କ ଅଙ୍ଗ ପ୍ରତ୍ୟଙ୍ଗ ର ନିଖୁଣ ଚିତ୍ର ଆଙ୍କିପକାଉଥିଲା । କୋଇଲି ଟେ ଆସି 'କୁହୁ କୁହୁ' ଗାଇଲା । ତା ସ୍ୱର ସହ ତାଳ ଦେଇ ବୈଶାଖୀ ବି ପାଟିରେ କୋକିଳ ଶବ୍ଦ ସୃଷ୍ଟି କରିବା ଆରମ୍ଭ କରିଦେଲା । ସ୍ୱର ଦୁଇଟିରେ ଥିଲା ଅପୂର୍ବ ସାମଞ୍ଜସ୍ୟତା । ଲାଗୁଥିଲା ସେଇଟି ଯେମିତି ବସନ୍ତ ଓ ବୈଶାଖ ର ମିଳନର ସ୍ୱର । କୁହୁ ତାନ ଓ ଚିତ୍ରାଙ୍କନ ଭିତରେ ମଜ୍ଜିରହି ବୈଶାଖୀ ଜାଣିପାରୁନଥିଲା କରଣ କେତେବେଳୁ ଆସି ତା ପାଖରେ ଠିଆ ହେଲାଣି ।

"ବୈଶୁ, ଦୀପକ ଆଉ ବରୁଣ ଆସିଛନ୍ତି । ଆସେ ଗେଟ ପାଖକୁ", କରଣ, ବୈଶାଖୀ କୁ ହଲେଇ ଦେଇ କହିଲା । ବୈଶାଖୀ ତା ଖାତା ବହି ଉପରେ ପେନ୍ସିଲ୍ ପାଉଚ ଟା ରଖିଦେଇ ମୋବାଇଲ ଫୋନ ହାତରେ ଧରି ଗେଟ ପାଖକୁ ଗଲା ।

"ବୈଶାଖୀ କଣ ପଢୁଥିଲୁ?", ସେମିନାର୍ ସେକ୍ରେଟାରୀ ଦୀପକ ପଗ୍ଚରିଲା ।

--ନାଇଁ ମୋର ବହୁତ ଡାଇଗ୍ରାମ୍ ବାକିଥିଲା, ସେଇସବୁ କମ୍ପ୍ଲିଟ୍ କରୁଥିଲି। ତୁମ ହଷ୍ଟେଲ ର ପିଲାମାନେ ତ ବହି ପାଖରୁ ଆଉ ଉଠୁ ନାହାଁନ୍ତି ।

--କିଏ କହିଲା ?
--ଶୁଣିଲି ।

--ହେ ହେ । ଥିଓରି ପାଇଁ ଆମେ ପଢୁନଥିଲୁ, ଆଉ ଏ ପ୍ରାକ୍ଟିକାଲ୍ ଏକଜାମ୍ ପାଇଁ ଗ୍ରତି ଅନିଦ୍ରା ହେବୁ ! କଏ ଏତେ ସବୁ ମିଛ କହୁଛି ତୁମମାନଙ୍କୁ ?

--ହଉ ଛାଡ଼, ଟ୍ୟାଲେଣ୍ଟେଡ୍ ପିଲା ତୁମେ, ବେଶି ପଢିବା ଦରକାର ହେଉନଥିବ । ଆଉ କଣ କୁହ । ବରୁଣ କେମିତି ଆଜି ଏଠି ?

--ବରୁଣ ନୁହେଁ, କବି ବରୁଣ ରାୟ କୁହ । ଏଇ ଗ୍ରୀଷ୍ମର ଗୋଟେ ସୁନ୍ଦର ଛାଇ ଛାଇଆ ଅପରାହ୍ନ ରେ ଆମ ଡିପାର୍ଟମେଣ୍ଟ ର ସବୁ ବ୍ୟାଚ ର ପିଲାଙ୍କୁ ଆମେ ଲାଇବ୍ରେରୀ ପଛ ଗାର୍ଡେନ୍ ରେ ଏକାଠି କରି ଗୋଟେ ଖରାଦିନିଆଁ କବିତା ଆସର ଆୟୋଜନ କରିବାକୁ ଚାହୁଁଛୁ । ପ୍ରାଣୀ ବିଜ୍ଞାନ ସହ ସାହିତ୍ୟ ର ପ୍ରାଣକେନ୍ଦ୍ର - କବିତା ର ହେବ ଅପୂର୍ବ ଏକ ମିଳନ । ଆଉ ଏହି ପ୍ରସ୍ତାବ ଟି ଦେଇଛନ୍ତି ଆମ ଯୁବ କବି ବରୁଣ ରାୟ । କଲେଜ ତ ଏବେ ପ୍ରାୟ ବନ୍ଦ । ସେଥିପାଇଁ ଭାବିଲୁ ଲେଡିଜ ହଷ୍ଟେଲ୍ ରେ ଆସି ଜଣେଇଦେଲେ ଝିଅମାନେ ସମସ୍ତେ ଜାଣିଯିବେ । ଆରେ ହଁ ଆଉ ଗୋଟେ କଥା, ତୁମେମାନଙ୍କୁ ବି ଗୋଟେ ଗୋଟେ କବିତା ଲେଖିକରି ଆସିବାକୁ ହେବ, ସ୍ୱରଚିତ କବିତା ଆବୃତ୍ତି କରିବାକୁ ।

ଦୀପକ କଥା ଶେଷ କଲା ବେଳକୁ ବୈଶାଖୀ ତା ବୟ କଟ୍ ହେୟାର କୁ ଆଖି ଉପରୁ ଉଠେଇ ଆଣି ଖୁବ୍ ଜୋର ରେ ହସୁଛି । ବରୁଣ ତା ଆଡକୁ ରାଗ ଓ ଆଶ୍ଚର୍ଯ୍ୟ ଭରା ଦୃଷ୍ଟିରେ ଚାହୁଁଥିବାର ଦେଖି ବୈଶାଖୀ ହସ ବନ୍ଦ କରି କହିଲା, "ଆରେ ଏ କବିତା ଫବିତା ଆସର କୁ ମୋତେ ଦୟାକରି ଟାଣନି । ମୁଁ ନାଁ ସେସବୁ ବୁଝେ ନାଁ ଶୁଣିବାର ଧର୍ଯ୍ୟ ରଖେ । ଏତେ ଶବ୍ଦ, ସାହିତ୍ୟ ସତରେ ମୋର ହଜମ ହୁଏନି । ଭାବିକ ଧାଡ଼ିଏ ଲେଖିବା ତ ଆହୁରି ବହୁତ ଦୂରରେ ଅଛି । ହା ହା ହା ।"

"ହଉ ହେଲା, ତୁ ନଲେଖେ, ଆମେ କଣ ଆଉ ସବୁ କବି ହେଇଛୁ କ? ତୁ ଖାଲି ଆସେ, ଗପସପ ବି ହେବା, ମଜା ଲାଗିବ ।", ଦୀପକ କହିଲା । ବରୁଣ ତଥାପି ନିରବ । ବୈଶାଖୀ ଦୀପକ ଆଡୁ ଆଖି ବୁଲେଇ ଆଣି ବରୁଣ ଆଡେ ଦେଖି କହିଲା, "ବରୁଣ ର କବିତା ତ ଫେସବୁକ୍ ସାରା ଛାଇ ଗଲାଣି । ଯେତେବେଳେ ବି ଏଫ୍.ବି. ଖୋଲିଲେ ଆଗ କବି ବରୁଣ

ଙ୍କର ଧାଡି ଧାଡି କବିତା କୁ ମୋବାଇଲ୍ ସ୍କ୍ରିନ୍ ଉପରେ ସାମ୍ନା କରିବାକୁ ପଡୁଛି। କବିବର କୋଉଠୁ ପାଉଛନ୍ତି ଏତେ ସବୁ ଶବ୍ଦ, ଭାବ ଆଉ ଭାଷା? "

ବରୁଣ ଏଥର ଟିକେ ମୁରୁକ ହସିଲା । ତା ହସିବା ଦେଖି ବୈଶାଖୀ ସାହସ ପାଇଲା ପରି ପୁଣି ଥରେ ହସି ହସି କହିଲା, "ବରୁଣ, ମୋ ପାଇଁ ବି ଗୋଟେ କବିତା ଲେଖ ତ । ମୋତେ ବର୍ଣ୍ଣନା କରି ।"

ବୈଶାଖୀ ନାଁରେ କବିତା ଲେଖା କଥା ଭାବିବା କ୍ଷଣି ହିଁ ବରୁଣର ମନ ବିରକ୍ତ ହେଇଗଲା ଓ ସେ ମନ ଭିତରେ କହିହେଲା , "ତୋ ବିଷୟରେ କବିତା ଲେଖିବା ପାଇଁ କଣ ଏମିତି ଅଛି ଯେ ତୋ ପାଖରେ? " । କିନ୍ତୁ ମନର ଭାବକୁ ବାହାରକୁ ଜଣେଇବାକୁ ନଦେଇ ଓଠରେ ଖାଲି ସରୁ ହସଟେ ଖେଳାଇଦେଲା ।

ବୈଶାଖୀ ବାରମ୍ବାର ତାହାରି ଆଡକୁ ହିଁ ଦେଖି କଥା କହୁଥିବା ବରୁଣ ଜାଣିପାରିଲା । ବରୁଣ କୁ କାହିଁକି କେଜାଣି ଆଜି ଲାଗିଲା ସେ ବୈଶାଖୀ ଉପରେ ଅଯଥାରେ ହିଁ ରାଗୁଛି । ସେଥିପାଇଁ ସେମାନେ ସେ ଜାଗା ଛାଡ଼ିବା ପୂର୍ବରୁ ବରୁଣ ଆଉ ଥରେ ବୈଶାଖୀ କୁ କବିତା ଆସରକୁ ଆସିବା ପାଇଁ ନିମନ୍ତ୍ରଣ ଦେଲା ଓ କହିଲା, "ବୈଶାଖୀ, ତୁମେ ପାଠବହି ରୁ ମୁହଁ ଉଠେଇ ମୋ କବିତା ବି ପଢ଼, ଜାଣି ଖୁବ୍ ଖୁସି ହେଲି । ଯାହା ହେଉ ମୋ କବିତା ତୁମ ଭଳି ଟ୍ୟାଲେଣ୍ଟେଡ୍ ପିଲାଙ୍କୁ ଆଟ୍ରାକ୍ଟ କରି ପାଠ ପଢ଼ାରୁ କିଛି ସମୟ ପାଇଁ ତ ଡିଷ୍ଟ୍ରାକ୍ଟ କରିପାରୁଛି । ମୋ ଲେଖିବା ଏବେ ସତରେ ସାର୍ଥକ ହେବା ପରି ଲାଗୁଛି ।"

ବୈଶାଖୀ ହୋ ହୋ ହେଇ ହସିଉଠିଲା ଓ କହିଲା, "ଖାଲି ଖୁସି ହେଲି କହିଲେ ହେବନି ମ, ମୋତେ ନେଇ ଗୋଟେ କବିତା ବି ଲେଖ ।"

କରଣ ଠିଆ ହେଇଥିଲା, କିଛି କହୁନଥିଲା, ସେ ବି ଏଥର ହସି ହସି କହିଲା, "ତୋତେ ନେଇ ସେ ଲେଖିବ ? ତୋ ଭଳି ଅଣ୍ଡିରା ଚଣ୍ଡୀ କୁ ସାଙ୍ଗରେ ନେବାର ସାହସ କାହାର ଅଛି ଯେ ? "

ସମସ୍ତେ ହସିଲେ, ହସି ହସି ସେମାନେ ବିଦାୟ ନେଲେ । ବୈଶାଖୀ ପୁଣି ତା ଡାଇଗ୍ରାମ୍ ଜଗତ କୁ ଫେରିଆସିଲା ।

ପ୍ରାକ୍ଟିକାଲ୍ ପରୀକ୍ଷା ସରିଗଲା । ହଷ୍ଟେଲ୍ ରୁମ୍ ଗୁଡାକ ଆଗରେ ଧୀରେ ଧୀରେ ତାଲା ଝୁଲିଲା। ବିଜ୍ଞାନ ଛାତ୍ରଛାତ୍ରୀ ଙ୍କ କବିତା ଆସର ବି ଆଶାତୀତ ସଫଳତା ପାଇ ଆଉ ଗୋଟେ ଆସରର ଅପେକ୍ଷାରେ ଭାଙ୍ଗିଲା । ବୈଶାଖୀ ଦେଢ଼ମାସ ର ଛୁଟି ପାଇଁ ଘରକୁ ଯିବାର ପୂର୍ବପ୍ରସ୍ତୁତି ରେ ଲାଗିପଡ଼ିଲା । ଆସନ୍ତା ବର୍ଷ ବି ସେ ଏହି ବେଡ୍ ରେ ରହିବ କହି ନଜ ପୁରୁଣା ବହିପତ୍ର ଥିବା ଲଗେଜ୍ ବ୍ୟାଗ୍ ଟାକୁ ଉଠେଇ ସିଙ୍ଗଲ୍ ଖଟ ଟା ଉପରେ ଥୋଇଲା ଓ ବାକି ରୁମ୍ ମେଟସ୍ ଙ୍କୁ ସାବଧାନ କରିଦେଲା ତା ବେଡ୍ ରେ ହାତ ନମାରିବାକୁ ।

ମେ ମାସ ର ଟାଣ ଖରା । ହଷ୍ଟେଲ୍ ମାନଙ୍କରେ ମେସିଙ୍ଗ୍ ବନ୍ଦ ହେଇଯାଇଛି । କଲେଜ କ୍ୟାମ୍ପସ ରେ ସକାଳୁ ସକାଳୁ ରିକ୍ସା ଓ ଅଟୋ ବାଲା ମାନଙ୍କ ଯିବାଆସିବା ଲାଗିରହିଛି । ଖରା ବେଶି ତୀବ୍ର ହେବା ଆଗରୁ ପିଲାମାନେ ହଷ୍ଟେଲ୍ ରେଜିଷ୍ଟର ଉପରେ ଆପ୍ଲିକେସନ ଥୋଇଦେଇ ବସ ଷ୍ଟାଣ୍ଡ ଆଡେ ମୁହାଁଉଛନ୍ତି । କର୍ୟାଁଗୋଲା - ମଙ୍ଗଳପୁର ଲାଇନ ରେ ଦିନର ପ୍ରଥମ ବସ ଟା ଷ୍ଟାଣ୍ଡ ଛାଡେ ଛଅଟା ପନ୍ଦର ରେ । ଖରାଦିନ, ଛଅଟାରୁ ସିଟ ଫିଲ ଅପ ହେଇଯାଉଛି । ବରୁଣ ବ୍ୟସ୍ତ ହେଇ ଛଅଟା ଦଶ ରେ ବସ ପାଖରେ ପହଞ୍ଚିଲା । କଣ୍ଡକ୍ଟର ଠାରୁ ବୁଝିନେଲା ଆଉ ମାତ୍ର ଗୋଟିଏ ସିଟ ବାକି ଅଛି । ଟିକେଟ୍ କରି ବସ ଉପରକୁ ଉଠିଲା ବରୁଣ । ଅଠର ନମ୍ବର ସିଟ ପାଖକୁ ଯାଇ କ୍ୟାରୀ ବ୍ୟାଗ ଟା ଉପରକୁ ଟେକ ଦେଇ ବସିଗ । ପାଖ ସିଟ୍ ରେ ଝରକା ଆଡକୁ ମୁହଁ କରି ଝିଅଟେ ବସିଥିଲା । ଜିନ୍ସ, ଟି-ସାର୍ଟ ପିନ୍ଧା ଝିଅଟାକୁ ବରୁଣ ବ୍ୟସ୍ତତା ଭିତରେ ଦେଖିପାରିନଥିଲା । ପାଖରେ ବସୁ ବସୁ ବୈଶାଖୀର ସେହି ଚରିତ୍ରିତ ବଢ଼ ପାଟିରେ କଥାବାର୍ତ୍ତା ଆସି ପିଟିହେଲା ବରୁଣ ର କାନରେ ।

"ସିପୁନ୍ ତୁ ଜମା ବ୍ୟସ୍ତ ହନା । ମୁଁ ଅଛି ନା ! ଶୁଣ ତୁ ଠିକ ଦୁଇଘଣ୍ଟା ଛାଡି ତୋ ସାଇକେଲ ନେଇ ଛକ ଉପରକୁ ପଳେଇଆସେ । ସାଙ୍ଗ ହେଇ ଘରକୁ ଯିବା । ମୁଁ ଗଲେ ତାଲା ଟା ଭାଙ୍ଗିଦେବି । ତୁ ଆଉ ଚେଷ୍ଟା କରେନା । ଚଉଁରା ପାଖରେ ବସିଥା । ମୁଁ ଛକ ପାଖା ପାଖି ହେଇଗଲେ ଏହି ନମ୍ବର ରେ କଲ କରି ତତେ ଡାକଦେବି । ମୋ ସୁନା ଭାଇଟା ପା, ଆଉ

କାନ୍ଦେନା !", ବୈଶାଖୀ ଫୋନ୍ ରେ କାହା ସହ କଥା ହେଉଥିଲା । କଥା ହେଇସାରି ବରୁଣ କୁ ତା ପାଖରେ ବସିଥିବା ଦେଖି ଆଶ୍ଚର୍ଯ୍ୟ ମିଶା ହସଟେ ମୁହଁରେ ଫୁଟେଇ ପଚାରିଲା, "ତୁମ ଷ୍ଟପେଜ୍ କୋଉଠି? "

--କାଟିଆ ।

--ଓହୋ । ମୁଁ ଆଗରୁ ଜାଣିନଥିଲି ।

--ତୁମର ?

--ଟିକେ ଆଗକୁ । ବୌଳାଙ୍ଗ ।

--ଆଚ୍ଛା ! ମୁଁ ବି ଜାଣିନଥିଲି ।

--ହଁ କେବେ ଏକାଠି ଯାଇନାହାଁନ୍ତି ନା ସେଥିପାଇଁ ।

--ମୁଁ ସବୁବେଳେ ବାରଟା ବସ୍ ରେ ଯାଏ । ଏବେ ଏଇ ଖରା ପାଇଁ ସକାଳୁ ବାହାରିଲି ।

--ମୁଁ କିନ୍ତୁ ସବୁବେଳେ ସକାଳେ ନହେଲେ ସନ୍ଧ୍ୟାରେ ।

କଥା ହେଉ ହେଉ ବୈଶାଖୀର ପୁଣି ଫୋନ ଆସିଲା । ସେ ସେମିତି ପୂର୍ବଥର ପରି କାହାକୁ ଜଣଙ୍କୁ ସ୍ନେହଁବୋଳା କଣ୍ଠ ରେ କହୁଥିଲା ନକାନ୍ଦି, ବ୍ୟସ୍ତ ନହୋଇ ଅପେକ୍ଷା କରିବାକୁ । ତା ସ୍ୱରରେ ଏମିତି କୋମଳତା ବରୁଣ ପ୍ରଥମ କରି ଶୁଣୁଥିଲା । ବୈଶାଖୀ ଫୋନ ରେ ମାଆ ଟିଏ ପରି ଗେହ୍ଲା କରି କଅଁଳେଇ କଥା ହେଉଥିବା ବେଳେ ବରୁଣ ତାକୁ ଏକ ଲୟ ରେ ଚାହିଁରହିଥିଲା । ପୁଅଙ୍କ ପରି ତାର ସେ ଅଣ୍ଡିରା ମୁହଁ କୁ କଥାଗୁଡା ପ୍ରଥମେ ବେଖାପ ଲାଗୁଥିଲେ ବି ଶକ୍ତ ପାହାଡ଼ ତଳୁ କୁଳୁକୁଳୁ ଝରଣା ଟେ ବହି ଆସୁଥିବା ଦେଖି ବରୁଣ ର ମନରେ ବୈଶାଖୀ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ତା ନିଜ ଅଜାଣତରେ ଭିନ୍ନ ରୂପ ନେଉଥିଲା ।

ଖୁବ୍ ସକାଳୁ ବିଛଣା ଛାଡି ଉଠି ଆସିଥିବାରୁ ନିଦରେ ବରୁଣ ର ଆଖି ବନ୍ଦ ହେଇଯାଉଥିଲା। ସେ ଢୋଳେଇବା ଆରମ୍ଭ କରିଦେଲା । ଢୋଳାଉ ଢୋଳାଉ ଆଉଜି ପଡିଲା ବୈଶାଖୀର କାନ୍ଧରେ । ବୈଶାଖୀ ଆଦୌ ହଲଚଲ୍ ନହେଇ, ବରୁଣ କୁ ଘୁଞ୍ଚିଯିବାକୁ ନକହି ବସିରହିଲା । କିଛି ସମୟପରେ ରାସ୍ତାର ବନ୍ଧୁରତା ବରୁଣ ର ଲାଗିଆସୁଥିବା ନିଦକୁ ବସ ସହ କଚଡ଼ି ଭାଙ୍ଗିଦେଲା । ସେ ଆଖି ଖୋଲି ଦେଖିଲା ତା ଚବୁକ ଥୁଆ ହେଇଛି ବୈଶାଖୀର କାନ୍ଧ ଉପରେ । ଓଠଦେଇ ଲାଳ ବି ଗଡ଼ି ଆସି ବୈଶାଖୀର ଧଳା ଟି -ସାର୍ଟ ରେ ମଳାଏ ଦାଗ ହେଇଯାଛି । ବରୁଣ ଲଜ୍ୟା ରେ ଅସହଜ ହେଇଗଲା । ବୈଶାଖୀ ସହ ଆଉ କଥା ହେବାକୁ ବି ତାର ସାହସ ନଥିଲା । ପୁଣିଥରେ କିନ୍ତୁ ବୈଶାଖୀ ଆଶ୍ଚର୍ଯ୍ୟ କରି ତାକୁ କହିଲା, "ତୁମେ ଏତେ ନିଦରେ ଶୋଇଯାଇଥିଲ ଯେ କଣ୍ଡକ୍ଟର ଆସି ଡାକିଲା ପଇସା ଫେରେଇବାକୁ, ଉଠିଲନ । ମୁଁ କହିଛି ପରେ ଆସିବା ପାଇଁ । "

ବରୁଣ ଡବ ଡବ ଆଖିରେ କେବଳ ଅନେଇ ରହିଥିଲା ଝିଅଟାକୁ । "ଝିଅଟାର ବାହାର ଖୋଳପା ଫିଟିଗଲେ ଭିତରଟା କେତେ ଯେ କଅଁଳ ! ଆଉ କେହି ହେଇଥିଲେ କଣ ଯେ ଭାବି କେତେ କଣ ନକହିଥାନ୍ତା !!", ମନେ ମନେ ଭାବୁଥିଲା ବରୁଣ । ଧକଡ ଚକଡ ହେଇ ଚାଲୁଥିବା ବସ ଟା ଆଉଥରେ ବରୁଣ କୁ ଘୁଞ୍ଚେଇ ନେଇ ବୈଶାଖୀର ଦେହରେ ପିଟିଦେଲା । ଆହୁରି ଆଶ୍ଚର୍ଯ୍ୟ ହେଲା ବରୁଣ । ଗ୍ରୀଷ୍ମର ଗୁଳୁଗୁଳ ଭିତରେ ଶୀତଳତାର ମଲମ କିଏ ଯେମିତି ବୋଳିଦେଲା ତା ଦେହସାରା, ସେମିତି ଅନୁଭବ କଲା ବରୁଣ । ବୈଶାଖୀ ଏଥର ଟିକେ ସଜାଡି ହେଇଗଲା । ଲାଜ ଲାଜ ଆଖିରେ ବରୁଣ ର ନିଦୁଆ ମୁହଁଟାକୁ ଦେଖିଲା । ତା ମୁହଁକୁ ସେ ଲାଜ ବି ମାନୁନଥିଲା । ବରୁଣ କୁ ସେମିତି ହିଁ ଲାଗିଲା ତା ଲାଜୁଆ ମୁହଁକୁ ଦେଖି। କିନ୍ତୁ କିଛି ସମୟ ପାଇଁ ବୈଶାଖୀର ମୁହଁଟା ସୂର୍ଯ୍ୟସମ ଉଜ୍ଜ୍ୱଳ ଦିଶୁଥିଲା ଓ ଦେହଟା ଚନ୍ଦ୍ରକିରଣ ପରି ଶୀତଳତା ଢାଳିଦେଉଥିଲା ।

ବୈଶାଖୀ ପିନ୍ଧିଥିବା ପୁଅପିଲାଙ୍କ ପରି ସେହି ଧଳା ଟି-ସାର୍ଟ ର ସାମ୍ନାପଟ ଟା କାହିଁକି କେଜାଣି ଆଜି ବରୁଣ କୁ ଖୁବ୍ ଆକର୍ଷିତ କରୁଥିଲା । ଝିଅ ଝିଅ ଲାଗୁଥିଲା ସେ ।

ବୈଶାଖୀ କିଛି ସମୟ ନିରବ ବସିଲା ପରେ ଫୋନ ଲଗେଇ କଥା ହେଲା ।

--ହେଲୋ କୁନମାମା, ତୁମେ ଏତେ ସକାଳୁ ଘରେ ତାଲା ଦେଇ କୁଆଡେ ଯାଇଛ ? ମୁଁ ଆସୁଛି ତୁମକୁ କହିଥିଲି କ ନାହିଁ ? ସିପୁନ ସକାଳୁ ପଡିଆକୁ ଦୌଡ଼ିବାକୁ ଯାଇଥିଲା, ଆସିକ ଚଉଁଗ୍ ଉପରେ ବସି କାନ୍ଦୁଛି । କଣ କହିଲ, ବାରଟାରେ ଫେରିବ? ମୁଁ ସାଢ଼େ ଆଠ ରେ ପହଞ୍ଚି ଖରାରେ ସେଇଠି ସିଝୁଥିବି ? ନାଁ ନାଁ.. ତୁମେ ଦଶଟା ଭିତରେ ଆସ । ଫୋନ ଟା ଘଣ୍ଟେ ହେଲା ବନ୍ଦ ରଖିଛ । ଜାଣିଛ, ମୁଁ ଗାଧୋଇକରି ବି ଆସିନାହିଁ ।

ବରୁଣ ଶୁଣୁଥିଲା ସବୁ । ଆଜି ଆଉ ବୈଶାଖୀର ସ୍ୱର ତାକୁ କର୍କଶ ଶୁଭିଲା ନାହିଁ, ଯଦିଓ ସେ ଟାଣ କରି କଥା କହୁଥିଲା । ସେ ଗାଧୋଇନାହିଁ କଥାଟା ଶୁଣି ବରୁଣ ଭାବୁଥିଲା, "ଏ ଝିଅଟା କେମିତି ଗାଧୋଉଥିବ ? କଣ ସତରେ ଝିଅଙ୍କ ପରି ?"। ଭାବୁକ ବରୁଣ ଭାବୁଥିଲା ଆଉ ଅନ୍ୟମନସ୍କ ହୋଇ ଏକଲୟ ରେ ବୈଶାଖୀ କୁ ଦେଖୁଥିଲା । ଫୋନ ରଖି ବୈଶାଖୀ ବରୁଣ ଆଡେ ଦେଖିଲା ।

--କଣ ହେଲା କବି ମହାଶୟ ? କୋଉ ଭାବନା ରେ ମଗ୍ନ ହେଇଯାଇଛ ?

--ତୁମେ ଗୋଟେ ଅସୁବିଧା ରେ ପଡିଯାଇଛ ନା ?

--ହଁ ମୋ ପାପା ଙ୍କ ସେକେଣ୍ଡ ୱାଇଫ୍ ସକାଳୁ ଘରେ ତାଲା ଲଗେଇ ତାଙ୍କ ବାପଘରକୁ ପଳେଇଛନ୍ତି । ମୋ ସାନଭାଇ ବାହାରେ ଠିଆ ହୋଇ କାନ୍ଦୁଛି ।

--ସେକେଣ୍ଡ ୱାଇଫ୍ ମାନେ ? ସେ ତୁମ ମାଆ ନୁହଁନ୍ତି ?

--"ନାଁ, ମୋର ମାଆ ନାହାଁନ୍ତି । ଆମେ ଛୋଟ ହେଉଥିଲୁ ସେ ମରିଗଲେ।", ଅତି ସହଜରେ ଏତକ କହିଦେଲା ବୈଶାଖୀ। ବରୁଣ ଆଉ କଛି ପଚାରି ପାରିଲାନ ।

କଣ୍ଡକ୍ଟର ଆସି ବାକ ଟଙ୍କା ଦେଇଗଲା । ବରୁଣ ବୈଶାଖୀ ଆଡକୁ ମୁହଁ କରି ଆହୁରି ବହୁତ କଥା କହୁଥିଲା ଓ ଶୁଣୁଥିଲା । ବେଳେ ବେଳେ ମୋବାଇଲ ଖୋଲି ତା କବିତା ବୈଶାଖୀ କୁ ଶୁଣାଉଥିଲା । ବୈଶାଖୀ ତା ଟିକ୍ ଟକ୍ ଭିଡିଓ ବରୁଣ କୁ ଦେଖାଉଥିଲା । ଦୁହେଁ ହସୁଥିଲେ ।

ଦୁହିଁଙ୍କ ଭିତରେ ହଜିଯାଇ ବସ ର ଅନ୍ୟଯାତ୍ରୀ ଙ୍କ ଉପସ୍ଥିତି କଥା ଭୁଲିଯାଉଥିଲେ । କେତେବେଳେ ବରୁଣ ର ଗୋଡ଼ ବୈଶାଖୀର ପାଦ ଛୁଇଁଦେଉଥିଲା ତ କେତେବେଳେ ବୈଶାଖୀର ହାତ ବରୁଣ ର ପିଠି, କାନ୍ଧ । ଦୁହେଁ ସଚେତନ ଥିଲେ କ ନାହିଁ ଜାଣିବା କନ୍ତୁ ଦୁହିଁଙ୍କ ପାଇଁ ଆଉ ସମ୍ଭବ ନଥିଲା ।

ବରୁଣ କେମିତି ଜାଣିପାରିଲାନ ଦଶମିନଟ ଆଗରୁ ବସ ତା ଷ୍ଟପେଜ ପାର କରିସାରି ବୈଶାଖୀର ଷ୍ଟପେଜ ପାଖାପାଖି ପହଞ୍ଚିସାରିଥିଲା । ବରୁଣ ର କାନ ସେତେବେଳେକୁ ଆଉ କଣ୍ଡକ୍ଟର କୁ ଶୁଣିପାରିନଥିଲା । ବୈଶାଖୀ ର ସିପୁନ କଥା ମନେପଡିଗଲା । ସେ ଫୋନ୍ କରି ତାକୁ ଛକ ପାଖକୁ ଡକେଇଲା ଆଉ ଦେଖିଲା ବରୁଣ ବ୍ୟସ୍ତ ଜଣାଯାଉଛି ।

**--**କଣ ହେଲା ବରୁଣ । ଓହୋ**,** ତୁମେ ତ କାଟିଆ ରୁ ବହୁତ ଆଗକୁ ପଳେଇ ଆସିଲଣି **!** ଏବେ କଣ ହେବ **?**

**--**କଛି ନାହିଁ**,** ମୁଁ ଅଟୋ ଧରି ପଳେଇବି ।

**--**ହଉ ତେବେ । ପୁଣି ଦେଖା ହେବା ଯାଇ କଲେଜ ଖୋଲିଲେ**,** ନୁହେଁ **?**

ବରୁଣ ହସିଲା ଆଉ ଭାବିଲା**,** "ଏ ଝିଅଟା ଏତେ ସହଜରେ କେମିତି ସବୁ କହିଦେଇପାରେ**?** "

**--**କଣ ପୁଣି ଭାବିଲ**?** ତୁମେ ଯାହା ଲେଖିଦିଅ**,** ମୁଁ ସେଇଟା କହିଦିଏ । ଏୟା ତ ଫରକ । କଥା ହେବା କନ୍ତୁ ଛୁଟିରେ । ତୁମ ହ୍ୱାଟ୍ସଅପ୍ ନମ୍ବର ଟା ଦିଅ । ମୁଁ ଭିଡ଼ିଓ ସେଣ୍ଡ କରିବି ଆଉ ତୁମେ ମୋ ନାଁରେ କବିତା ଲେଖି ମୋତେ ପଠେଇବ ।

ବରୁଣ ନମ୍ବର ଦେଲା । ବୈାଳାଙ୍ଗ ଛକ ପୂର୍ବରୁ ବୈଶାଖୀ ଉଠି ଠିଆ ହେଲା । ଲଗେଜ୍ ବ୍ୟାଗ ଟା ବାହାର କରି ଥୋଇଲା । ବରୁଣ ମଙ୍ଗଳପୁର ରେ ଓହ୍ଲାଇବ ଠିକ କରି ବସ ରେ

ବସିରହିଲା କନ୍ତୁ ସେ ଝର୍କା ବାଟେ ଅନେଇ ରହିଥିଲା ବୌଳାଙ୍କ ଛକରୁ ବୈଶାଖୀର ଶେଷ ଝଲକ ଲୁଚଯିବା ଯାଏଁ ।

ବୈଶାଖୀ ଓହ୍ଲାଉ ଓହ୍ଲାଉ ତା ସାନଭାଇ ଆସି ତାକୁ କୁଣ୍ଢାଇ ପକେଇଥିଲା । ବୈଶାଖୀ ତାକୁ ମାଆଟିଏ ପରି କୋଳେଇ ନେଲା । ଏ ଦୃଶ୍ୟ ବି ବରୁଣ କୁ ବେଶ ପ୍ରଭାବିତ କରିଥିଲା ।"କଏ କହିଲା ଝିଅଙ୍କୁ ଚହ୍ନିବା ବଡ଼ ଜଟିଳ? ଝିଅଟେର ହୃଦୟ ସହ ପରିଚତ ହେବାପାଇଁ ଦୁଇଘଣ୍ଟା ପନ୍ଦର ମିନଟ ର ଗୋଟେ ବସ ଯାତ୍ରା ହିଁ ଯଥେଷ୍ଟ ।", ଭାବି ବରୁଣ ମୋବାଇଲ ଖୋଲି ବୈଶାଖୀର ନମ୍ବର୍ ସେଭ କଲା ।

ଦେଢ଼ମାସ ର ଛୁଟିଟା ବହୁତ ଦୀର୍ଘ ହେଇଯିବା ଭଳ ବରୁଣ କୁ ଲାଗୁଥିଲା । ସେ ବୈଶାଖୀ ସହ ନୟମିତ କଥାବାର୍ତ୍ତା ଓ ଚାଟିଂ କରୁଥିଲା, କନ୍ତୁ ବୈଶାଖୀ କୁ ଆଉଥରେ ଭେଟିବାକୁ ସେ ବ୍ୟାକୁଳ ହେଇଯାଉଥିଲା । ତାକୁ ଲାଗୁଥିଲା ସେହି ବସ ରେ ଆସିବା ଦିନ ହିଁ ସେ ପ୍ରଥମ କରି ବୈଶାଖୀ କୁ ଦେଖିଲା । ସେଥିପାଇଁ ଆଉଥରେ ତା ସହ ଦେଖା ହେବା ନହାତି ଜରୁରୀ ବୋଲି ବରୁଣ ଅନୁଭବ କରୁଥିଲା ।

ବରୁଣ ତା ବାପାଙ୍କ ବାଇକ ନେଇ ବୈଶାଖୀ କହିଥିବା ତାଙ୍କ ଗାଁ ଖେଳପଡିଆ କୁ ଗଲା । ଫୋନ ଲଗେଇବା ପୂର୍ବରୁ ବୈଶାଖୀ ଦୌଡ଼ି ଆସିଲା ତା ଆଡକୁ । ସତେଯେମିତି ଖରାଦିନଆଁ ଧୂଳି ଝଡ଼ଟେ ଥଣ୍ଡା ପବନ ଧରି ମାଡି ଆସୁଛି, ସେମିତି ହିଁ ଦିଶୁଥିଲା ବୈଶାଖୀ। ପିନ୍ଧିଥିଲା ଓ୍ବାନ ଥାର୍ଡ ପ୍ୟାଣ୍ଟ ଓ ଢିଲା ଟି-ସାର୍ଟ ଆଉ ହାତରେ ଅସ୍ତ୍ର ପରି ଧରିଥିଲା ଗୋଟେ କ୍ରିକେଟ୍ ବ୍ୟାଟ । ତା ଡାହାଣ ହାତ ରିଷ୍ଟ ରେ ଝୁଲୁଥିଲା ମୋଟା ଗୋଟେ ବଳା ।

--ବୈଶାଖୀ, ଗାଁ କୁ ଆସି ଗୁଣ୍ଡା ହେଇଗଲଣି । ଘଡି ଖୋଲି କଡ଼ି ପିନ୍ଧିଲଣି ।

--ସିପୁନ ମୋ ପାଇଁ ରଖିଥିଲା, ପିନ୍ଧିଦେଲି । ମୁଁ ଏମିତି ବୋଲି, ତୁମେ ମୋ ନାଁରେ କବିତା ଲେଖୁନ ନାଁ ?

--ହେଡ କଏ କହିଲା ? ମୁଁ ଲେଖିଛି । ଦେବି ପଢିବ । ହେଲା ।

ପାଞ୍ଚ ମିନଟ ର କଥାବାର୍ତ୍ତା ଭିତରେ ବରୁଣ ବାଇକ ବୁଲେଇ ଫେରିଗଲା ।

ରଜ ଛୁଟି ସରିଗଲା । ହଷ୍ଟେଲ ଆଗରେ ବୈଶାଖୀ ରିକ୍ସା ରୁ ଓହ୍ଲେଇ ପଡିଲା । ବୈଶାଖୀ ସହ ସେଦିନ ଆଉଜଣେ ବି ସେହି ସମାନ ଗୋଟିଏ ରିକ୍ସା ରେ ବସି ଷ୍ଟାଣ୍ଡ ରୁ କଲେଜ କୁ ଆସିଥିଲା । ସେ ଜଣକ ଗୃ ଲିଯାଇଥିଲା ବୟେଜ ହଷ୍ଟେଲ ଭିତରକୁ ।

କଲେଜ ପାଇଁ ବୈଶାଖୀ ରେଡି ହେଉଥିଲା । ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ପୂର୍ବଦିନ ସାରାରାତି ସେ କାହା ସହ କଥା ହେଇଥିଲା । "ଦେଢ଼ମାସ ର ଛୁଟି କଣ ସତରେ କାହାକୁ ଏତେ ବଦଳେଇ ଦେଇପାରେ**?"**, ସମସ୍ତଙ୍କ ମନରେ ଉଙ୍କି ମାରୁଥିଲା ସେହି ଗୋଟିଏ ପ୍ରଶ୍ନ ।

କରଣ କୁ ନଡାକ, ବୈଶାଖୀ ଏକା ଏକା ବାହାରିଗଲା । ଡିପାର୍ଟମେଣ୍ଟ ଗେଟ ବି ପାର କରିଗଲା, କିନ୍ତୁ ଭିତରକୁ ଗଲାନି । ପଛପଟ ଗାର୍ଡେନ ରେ ବରୁଣ ଠିଆ ହେଇଥି । ବୈଶାଖୀ କୁ ଦେଖି ଖୁସି ରେ ତା ମୁହଁ ଉଜ୍ଜ୍ୱଳ ହେଇଉଠିଲା ।

--ଟିକେ ଲେଟ୍ ହେଇଗଲା ନା **?** ମୁଁ କେମିତି ଦିଶୁଛି **?**

--ବୈଶାଖୀ, ତୁମେ ସବୁବେଳେ ସୁନ୍ଦର । ବହୁତ ବେଶି ସୁନ୍ଦର । ତୁମ ପରି ଆଉ କେହି ନାହିଁ ।

ମୋବାଇଲ ର ସେଲ୍ଫି କ୍ୟାମେରା ରେ ବୈଶାଖୀ ଆଉ ଥରେ ତା ଲିପଷ୍ଟିକ୍ ଲଗା ଓଠ ଓ କଜ୍ଜ୍ୱଳ ମଖା ଆଖି କୁ ଦେଖିନେଲା । ନିଜ ଭିତରେ ନିଜେ ବିଭୋର ହେଲା । ପ୍ରେମରେ କଛି ବି ସମ୍ଭବ -ଏମିତି ବୋଧେ କିଛି ଭାବୁଥିଲା ସେ ନିଜକୁ ଦେଖି ।

ହଠାତ ଜୁନ ମାସର ମୌସୁମୀ ବର୍ଷା ଠୋପା ଠୋପା ହେଇ ଆକାଶ ରୁ ଖସି ପଡିଲା । ବରୁଣ ଛତା ଖୋଲି ବୈଶାଖୀ କୁ ଭିତରକୁ ଟାଣି ନେଲା ।

--ମୁଁ ଜାଣିନଥିଲି ବର୍ଷା ହେବ, ଛତା ଆଣିନ ।

--ମୁଁ ଜାଣିଥିଲି, ବୈଶାଖୀ ଆସିଲେ, ବର୍ଷା ବି ଆସେ ।

--ମାନେ ?

--ତୁମ ପାଇଁ କବିତା ଲେଖିଛି ।

--କଣ ଲେଖିଛ ?

--ବୈଶାଖୀ ବିନା ମୌସୁମୀ ର ସ୍ୱପ୍ନ ଦେଖିହୁଏନା । ବୈଶାଖୀ ଗୋଟେ ସମ୍ଭାବନା, ସବୁଜିମାର । ବୁଝି ପାରିଲ କ ନାହିଁ ?

--ହୁଁ.. ବୁଝିଲି

-- ଯା.. ମିଛେଇ ।

ଆଉ କୁହ ଚୁଟି କେମିତି ଏତେ ଜଲଦି ବଢିଗଲା ? ସେହି ବୟ କଟ୍ ଟା ବି ତୁମ ମୁହଁକୁ ଖୁବ ମାନୁଥିଲା ଯେ ।

ପୁଣି ଦଲକାଏ ଥଣ୍ଡା ପବନ ଓ ମେଞ୍ଚାଏ ବର୍ଷା ଛିଟା । ବୈଶାଖୀ ନିଜ ପାଉଡର୍ ମଖା ମୁହଁଟାକୁ ବରୁଣ୍ ର ଛାତିରେ ଗୁଞ୍ଜିଦେଲା । ବରୁଣ୍ ନିଜ ବାଁ ହାତ ମୁଠିରେ ମୁଠେଇ ଧରିଥିବା ଷ୍ଟିଲ୍ ର ହାତ ବଳା ଟାକୁ ତଳକୁ ଖସେଇ ଦେଇ ବୈଶାଖୀ ସହ ନିଜକୁ ଛତା ତଳେ ଲୁଚେଇ ଦେଲା ।

ଜୁନ୍ ର ବର୍ଷାରେ ବୈଶାଖୀ ଭିଜୁଥିଲା ବରୁଣ ସହ । ଆକାଶରେ ବି ସୂର୍ଯ୍ୟ କଳା ଘୁମର ମେଘରେ ଗାଧୋଇ ପଡି ଆହୁରି ଉଜ୍ଜ୍ୱଳ ହେଇଉଠୁଥିଲେ ।

ନନ୍ଦିପୁର, ଦଶରଥ ପୁର, ଯାଜପୁର

# ଚଶମା



ଡ. ଜ୍ଞାନେଶ୍ୱର ମିଶ୍ର

ଧଳା ଚଶମାରେ
ଦିନ ଓ ରାତିରେ
ଯାହା ଦେଖିଲେ ବି ଧଳା ଦିଶେ
ଏହା ସାଧୁ ଓ ସତଜନଙ୍କର ଦୃଷ୍ଟି
କଳା ଚଶମାରେ
ଦିନ ଓ ରାତିରେ
ଯାହା ଦେଖିଲେ ବି ସବୁ କଳା ଦିଶେ
ଉଗ୍ରପନ୍ଥୀ ଚୋର ଓ ଅସାଧୁ ର ଦୃଷ୍ଟି
ଏହାତ ଆମକୁ ଭଲ ରୂପେ ଜଣା ଅଛି
ତେଣୁ ଏଥିରେ କ୍ଷତି ନାହିଁ କିଛି
କିନ୍ତୁ
ଯେଉଁ ଚଶମାରେ
ଧଳା ସବୁ କଳାଦିଶେ
କଳା ସବୁ ଧଳା ଦିଶେ
ଏ ଚଶମାଧାରୀ ଲୋକମାନେ
ହୁଅନ୍ତି ରାଜନେତା, ଡାକ୍ତର, ନ୍ୟାୟାଧୀଶ ବା ଶିକ୍ଷକ
ଏମାନେ ଭାଇରସ୍ ଆମ ସମାଜର
ସେମାନଙ୍କ ଚଶମାକୁ ଭାଙ୍ଗିରୁଜି କରିଦିଅ ଶେଷ
ନହେଲେ ମିଳିବ ଖାଲି ଅବଶୋଷ
କ୍ଷମାଦେବ ନାହିଁ କେବେ ଆମ ଇତିହାସ ।

୪୯/୫/ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

# ଆମ ଗାଆଁ ରଜ



ହରେରାମ ପଣ୍ଡା

ଛୁଟି କାଟିବାକୁ ରଜରେ ଏଥର
ନାତି ନାତୁଣୀଏଁ କଲେ ବିସ୍ତର ,
ପୁଅ, ବୋହୂ ଆଉ ଦୁଇ ଝିଅ ଜୋଇଁ
ସଭିଙ୍କ ମେଳରେ କମ୍ପିଲା ଘର ॥

ଘରଣୀଙ୍କ ପାଦ ତଳେ ଲାଗୁନାହିଁ
ରାତିରେ ଆଖିକୁ ନଆସେ ନିଦ ,
ଅମୁକ ଆଣିବ, ସମୁକ ଆଣିବ
ଲମ୍ବା ଚଠା ଧରି କେତେ ବରାଦ ॥

ପାହାନ୍ତାରୁ ଉଠି ଝିଅ ବୋହୂ ସଙ୍ଗେ
ଗଢ଼ିଥାନ୍ତି ପୋଡ଼ପିଠା, ଏଣ୍ଡୁରୀ ,
ନାନାଦି ବ୍ୟଞ୍ଜନ କରନ୍ତି ରନ୍ଧନ
କେମିତି ପୁରିବ ମନ ସବୁରି ॥

ସକାଳୁ ଗାଧୋଇ ନୂଆ ଡ୍ରେସ୍ ପିନ୍ଧି
ସଭିଏଁ ଏକାଠି ବସିଲେ ଆସି,
ଶରଧାରେ ମାଆ ନାତିନାତୁଣୀଙ୍କୁ
ପିଠାପଣା ଆଣି ଦେଲେ ପରସି ॥

ଚନୁ, ସାନୁ, ଆଷୁ, କଣ୍ଢେଇ, ନତୁନ୍,
କହନ୍ତି ପାଟିକୁ ଲାଗୁଛି ସ୍ୱାଦ !
ଏମିତିକା ପିଜା କେବେ ଖାଇନାହୁଁ
ସେଗୁଡ଼ାକ ଯାହା ଦେହକୁ ମନ୍ଦ ॥

ରଜ ପାନ ଖାଇ କୁଆଁସ ଢିଅରେ
ପଟାଝୁଲି ଖେଳ କହେ କଣ୍ଢେଇ,
ପାର୍କରେ ଖାଲି ଜଞ୍ଜିରର ଝୁଲି
ଏମିତିକା ଝୁଲି ସହରେ ନାହିଁ ।

ମାଆମାନେ ଆସି ବୁଝାନ୍ତି ପିଲାଙ୍କୁ
ସହରଠୁଁ ଗାଆଁ କେତେ ଯେ ଭଲ !
ଗାଆଁ ପିଠାପଣା, ଗାଆଁ ସାଙ୍ଗସାଥୀ,
କଏ ବା କରିବ ତାହାର ମୂଲ ?

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସନ୍ତୋଷ



କୁମୁଦବନ୍ଧୁ ନାୟକ

ଭାଗ୍ୟେ ଥିଲେ ମତେ ମିଳବ ଭାବି ଯେ
ସୁକର୍ମ କରିବ ନାହିଁ ।
ଭାଗ୍ୟ ଲକ୍ଷ୍ମୀ କଣ ଆଣିକ ସଂପତ୍ତି
ତାହା ଘରେ ଦେବ ଥୋଇ**?**

ଉଦ୍ୟମ ନକରି ଭାବିଲେ କେବଳ
ହୁଅଇକ କାର୍ଯ୍ୟ ଶିଦ୍ଧି**?**
ବାୟୁ ବେଗ ବିନା କହ କେବେ କୂଳ
ଲଙ୍ଘିଅଛି କ ଜଳଧି**?**

ଦିଅ ଦିଅ ବୋଲି ମାଗୁ ଥିଲେ ଖାଲି
ଆମେ କର୍ମ କୁଢି ହୋଇ।
ହାତ ଗୋଡ ବୁଦ୍ଧି ଜ୍ଞାନ ଦେଇଅଛି
ତାର କ କରିବା ଭାଇ**?**

ଦି କୋଡି ଶୋହଳ କୋଟି ଜିବ ମଧ୍ୟେ
ଶ୍ରେଷ୍ଠ କରିଛି ଆମକୁ।
ଆଉ କେଉଁ ପ୍ରାଣୀ ମାଗନ୍ତିନ କଛି
ଆମେ ମାଗିଥାଉ ତାକୁ।

ବୁଦ୍ଧି ଅଛି ବୋଲି ସବୁ ବେଳେ ଆମେ
ରଖୁ ଉଚ୍ଚ ଅଭିଳାସ।
ସେଥିପାଇଁ ସିନା ଆଜି ଆମ ମନେ
ଆସି ପାରୁନ ସନ୍ତୋଷ।

# ନରୁତା ପ୍ରେମ



ଗ୍ରେଜାଲିନ ମିଶ୍ର

ହଇରେ କୁଳାଙ୍ଗାର .. ତୁ ପୁଣି ଆସି ମୋ ପିଜୁଳ ଗଛରେ ଚଢ଼ିଲୁ। ଯାହା ତ ପିଜୁଳ ଖାଉଛୁ ଖାଉଛୁ। କଷି ପିଜୁଳ ଆଉ ଡାଳପତ୍ର ଛିଣ୍ଡେଇ ମୋ ବାଡି ଦୁଆର ଅରମା କରିକି ଯାଉଛୁ। ହଇରେ ବାଳୁଙ୍ଗା.. ଏଗୁଡା କଣ ତୋ ମା ଆସି ସଫା କରିବ କହିକି ଖଡିକା ଝାଡୁ ଖଣ୍ଡେ ଉଞ୍ଚେଇ ଦଉଡିଗଲା ନେତି ବୁଢ଼ୀ ପିଜୁଳ ଗଛ ଆଡକୁ।ନେତି ବୁଢ଼ୀକୁ ଦେଖି ପିଜୁଳ ଗଛରୁ ଡିଆଁଟେ ମାରି ଆଖି ପିଛୁଳାକେ ଧାଇଁ ଚାଲିଗଲା ମଙ୍କୁ ।

****

ଗାରୁଗାରୁ ହୋଇ ଘରବାଡି ଓଳେଇ ସଫା କଲା ନେତି ବୁଢ଼ୀ। ଦେଖ ହୋ...ଏ ପିଲାର ସାହସକୁ। ଆଜି ଯାଏ ମୋ ବାଡ଼ିରେ ବୁଲା ଷଣ୍ଢଟାଏ ବି ପଶିବାକୁ ସାହସ କରିନ ଆଉ ଏ ମେଞ୍ଚଡ ଟୋକା....

****

ହଇରେ ସର୍ବଗିଳା ତୁ ପୁଣି ଆସିଛୁ। ତୋତେ କଣ ଖରାବେଳେ ନିଦ ହଉନ?? ହଇରେ ପିଜୁଳଚୋର ତୋ ମା କଣ ତୋତେ ଖାଇବାକୁ ଦଉନ । ପୁଣି ମୋ ବାଡି ଦୁଆର ଅସନା କଲୁ କହି ଝାଡୁ ଉଞ୍ଚେଇ ଝପଟି ଗଲା ନେତି ବୁଢ଼ୀ। ମଙ୍କୁ ପିଜୁଳ ଗଛରୁ ଡିଆଁଟେ ମାରୁ ମାରୁ ତଳେ ପଡ଼ିଗଲା। ନେତି ବୁଢ଼ୀ କହିଲା ପଡିଗଲୁଟି...ଭଲ ହେଇଛି... ଠିକ ହୋଇଛି ତତେ। ମଙ୍କୁ ଉଠି ପଡି ଟିକେ ନେତିବୁଢ଼ୀ ମୁହଁକୁ ଚାହିଁଲା ତା ପରେ ଜିଭ କାଢ଼ି ଖତେଇ ହୋଇ ଆଖି ପିଛୁଳାକେ ଧାଇଁ ଚାଲିଗଲା। ଝାଡୁ ଧରି ଖଣ୍ଡେ ବାଟ ଗୋଡେଇ ଗଲା ନେତିବୁଢ଼ୀ।

*****

ହେଇଟି ମଙ୍ଗୁ ମା' ତୋତେ ଭଲରେ କହିଦେଲି ଶୁଣୁ। ତୋ ବିଛୁଆଟି ପୁଅକୁ ଜବତରେ ରଖ କହିଦଉଛି। ସବୁଦିନ ଯାଇ ମୋ ପିଜୁଳଗଛରେ ଚଢି ଡାଳ ପତ୍ର ସବୁ ଛିନଛତ୍ର କରି ଆସୁଛି। ଆଜି ଗଛରୁ ପଡି ହାତଗୋଡ ସବୁ ଖଣ୍ଡିଆ କରିଛି। ଭଲମନ୍ଦ ହେଲେ ମୋତେ ଦୋଷ ଦବୁନ ଆଉ। କ ବାଳୁଙ୍ଗା ଛୁଆ ଲୋ ମା....

****

ହଇରେ ସତ୍ୟାନାଶିଆ ଟୋକା ତୁ ଆଜି ପୁଣି......କହି କହି ଝାଡୁ ଖଣ୍ଡେ ଧରି ବାହାରକୁ ଆସିଲା ନେତିବୁଢ଼ୀ। କନ୍ତୁ ଏ କଣ..... ? ବାଡ଼ି ଦୁଆର ପୁରା ସଫା। ପିଜୁଳଗଛକୁ ବୁଲି ବୁଲି ଗ୍ଭହିଁଲା। ଗଛରେ କେହି ନାହାନ୍ତି। ମାଙ୍କଡଟାଏ ଡେଇଁ ଗ୍ଭଲିଗଲା ବୋଧେ । କ'ଣ ମଙ୍ଗୁ ଆଜି ଆସିନ କ ? ଟୋକା ଆଉ କାହା ଗଛରେ ଲାଖିଛି ଆଜି ତାହେଲେ। ଓହୋ...ମଣିଷ ନିହି ପାଇଲା ଟିକେ ଆଜି।

****

ଘରରୁ ବାଡ଼ି ଆଉ ବାଡିରୁ ଘର ହେଉଛି ନେତି ବୁଢ଼ୀ। ବାଡ଼ି ଦୁଆର ଖାଁ ଖାଁ ଗୋଡାଉଛି ତାକୁ। ପିଜୁଳଗଛକୁ ଗ୍ଭହୁଁଛି ସେ ବାରମ୍ବାର। ଦି ଦିନ ହେଲାଣି ମଙ୍ଗୁର ଦେଖା ନାହିଁ। ପିଜୁଳ ଗୁଡାକ ଝୁଲୁଛନ୍ତି ସେମିତି ଗଛରେ। ମନଟା ଗୋଳେଇଘାଣ୍ଟି ହେଲା ନେତିବୁଢ଼ୀର। ସେଦିନ ଟୋକାଟା ପଡିଗଲା। ହାତଗୋଡ କଣ ଭାଙ୍ଗିଗଲା କ ଆଉ।

****

ଆଲୋ ମଙ୍ଗୁ ମା' ..ମଙ୍ଗୁ ଘରେ ନାହିଁକ ? ଡାକଲୁ ତାକୁ ଟିକେ। ପୁଣି କଣ ହେଲା ଭାବି ଡରିଗଲା ମଙ୍ଗୁ ମା' । ନେତିମାଉସୀ ତା ଘରକୁ ଆସି ମଙ୍ଗୁକୁ କଣ ପାଇଁ ଖୋଜୁଛନ୍ତି। ମଙ୍ଗୁ ତ ତିନଦିନ ହେଲାନ ଘରୁ ପଦାକୁ ଗୋଡ ବି କାଢିନ।

****

ମଙ୍ଗୁ ପାଖରେ ବସିଲା ନେତି ବୁଢ଼ୀ। ମଙ୍ଗୁର ଦେହସାରା ବେତମାଡ଼ର ଚିହ୍ନ ଦେଖି ପ୍ରଶ୍ନିଳ ଦୃଷ୍ଟିରେ ଗ୍ଭହିଁଲା ମଙ୍ଗୁ ମା' କୁ। ମଙ୍ଗୁ ମା' ମୁଁହ ତଳକୁ କରିଦେଲା। ମଙ୍ଗୁ କହିଲା ସବୁଦିନେ ତୁମ ପିଜୁଳଗଛରେ ଚଢୁଛି ବୋଲି ବୋଉ ମୋତେ ସେଦିନ ବହୁତ ବାଡେଇଲା। ମୋତେ ତିନଦିନ ହେଲାଣି ଜର ହୋଇଛି।

****

କାନ୍ଦି ପକେଇଲ୍ ନେତି ବୁଢ଼ୀ। ହାତରେ ଧରି ଆସିଥିବା ବ୍ୟାଗରୁ ପିଜୁଳତକ ସବୁ କୁଢେଇ ଦେଲ୍ ମଙ୍ଗୁ ଆଗରେ। ହାତରେ ଗୋଟାଏ ପିଜୁଳ ଧରି ଖୁଆଇଦେଲ୍ ମଙ୍ଗୁକୁ। ସ୍ନେହରେ ହାତ ବୁଲେଇ ଆଣିଲ୍ ମଙ୍ଗୁର ଦେହସାରା ଲୁହ ଛଳଛଳ ଆଖିରେ।

****

ତୁ ମା' ନା ଡାହାଣୀ ଲୋ। ଗଛରେ ଚଢୁଛି କହିଦେଲି ବୋଲି ମାରି ମାରି ଦରମରା କରିଦେଇଛୁ ଛୁଆଟାକୁ। ମୁଁ ତିନ ତିନଟା ଛୁଆ ଜନ୍ମ କରିଛି ଆଉ ତୁ ମୋତେ ଶାସନ ଶିଖେଇବୁ **?** ଏମିତି ଶାସନ କରନ୍ତି ପିଲାଙ୍କୁ ସବୁ **?** ଏଇ ପାଠ ପଢିକି ଆସିଛୁ ତୋ ବାପା ଘରୁ। ଏମିତି କହି କହି ଚଉଦପୁରୁଷ ଉଖାଳଦେଲ୍ ନେତିବୁଢ଼ୀ ମଙ୍ଗୁ ମା'ର। ବିଚରା ମୁହଁ ତଳକୁ କରି ଠିଆ ହୋଇଛି ମଙ୍ଗୁ ମା'।

****

ଶୁଣ ମୁଁ ଯାଉଛି। ତାର ଦେହ ଭଲ ନାହିଁ ତାକୁ ଏବେ ବାହାରକୁ ଛାଡ଼ିବୁନା। ମୁଁ ସବୁଦିନ ତା ପାଇଁ ପିଜୁଳ ଆଣି ଦେଇଯିବି ଘରେ। ଆଉ **..ହଁ...** ଖବରଦାର**,** ମୋ ଛୁଆ ଦେହରେ ଯେମିତି ହାତ ନ ଦଉ ତୁ।

****

ନେତି ବୁଢ଼ୀ ଗୁଲିଗଲ୍ ଖାଲି ବ୍ୟାଗ ଖଣ୍ଡିକ ହାତରେ ଧରି। ଉପରେ ଏତେ କଠୋର ଦିଶୁଥିବା ନେତି ବୁଢ଼ୀର ନରୁତା ସ୍ନେହକୁ ଦେଖି କାନ୍ଦି ପକେଇଲ୍ ମଙ୍ଗୁ ମା'।

ଭି ଏସ ଏସ ନଗର**,** ଭୁବନେଶ୍ୱର

# ପ୍ରେମ ଅଭିଧାନ



ଆଶୁତୋଷ ମେହେର

କବି ମୁଁ, କବିତା କଲମ ଧାରେ ମୋ,
ପ୍ରେମ ରାଗ ସିଗ୍ଧ ଧାର
ସବୁଦିନ ପାଇଁ ଲଢି ଯେ ଆସିଛି
ପ୍ରେମେ ଜିତିବାକୁ ଧର ।।
କେବେ ଫୁଲ ପ୍ରେମେ, କେବେ ନଈ ଧାରେ
ଗାଇଛି ପ୍ରେମର ତାନ,
କିଏ ବା କହିଛି, ପାଗଳା ଲୋକ ଟା'
ନାହିଁ ତିଳେ ଅଭିମାନ ।।
ପ୍ରେମେ ବନ୍ଧା ମୋର ଜୀବନ ଜୀବିକା
ପ୍ରେମ ଇନ୍ଦ୍ରଧନୁ ଛାଇ
ମରୁଭୂମି ଲାଗେ ସୁଶୀତଳ ଛାୟା
ଝର ଝର ପ୍ରେମେ ବାଇ ।।
ସେଇ ରାଇଜର ରାଜକୁମାର ମୁଁ
ପ୍ରେମ ବୀଣା ଦେହେ ତାନ
ଜୀବନ ପରଦା ରଂଗେ ରଂଗା ଦିଶେ
ଲେଖା ପ୍ରେମ ଅଭିଧାନ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଜୀବନ ସାଥୀ



ସଂଯୁକ୍ତା ମହାପାତ୍ର

ତୁମଠୁ ଆରମ୍ଭ ସଂସାର ମୋହର
ତୁମେ ସାଥେ ଥିଲେ ଦୁଃଖର ଶେଷ,
ତୁମକୁ ପାଇ ମୁଁ ପାଇଅଛି ସବୁ
ମନେ ନାହିଁ କିଛି ଅବଶୋଷ ।

କେବେ ଯଦି କିଛି ଭୂଲ କରିଦିଏ
କହି ଦେବ ମୋତେ ସତ କରି,
ରାଗ ରଖିବନି ମନରେ ତୁମର
ସଜାଡି ନେବି ମୁଁ ଉଜୁଡା ଡୋରି ।

ଜୀବନର ଏଇ ଚଲ୍‌ପଥେ ସାଥୀ
ଯେବେ ପାଦ ମୋର ଥକି ଯିବ
ଆଉଜାଇ ନେବ ଛାତିରେ ତୁମର
ମଥାରେ ମୋ ପ୍ରିତି ପରଶ ଦେବ ।

ତୁମେ ମୋର ପ୍ରିୟ ମୁଁ ପ୍ରିୟତମା
ତୁମ ସଙ୍ଗେ ପଥ ଚାଲୁ ଥିବି,
ତୁମ ହୃଦୟର ରାଜ ଉଆସରେ
ତୁମ ମନ ରାଣୀ ସାଜି ଥିବି ।

ମାଗିବିନି କେବେ ସରଗର ଚାନ୍ଦ
ଅବା ସୁନା ରୂପା ହୀରା ମୋତି,
ଲିଭି ଯାଉ ମୋର ଜୀବନର ଦୀପ
ହସି ଖୁସି ତୁମ କୋଳରେ ସାଥୀ ।

ପଟିଆ, ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

ବେଦାନ୍ତୀ

# ବଣ ମଲ୍ଲୀ



ବୈଦ୍ୟନାଥ ପଣ୍ଡା

ବଣ ମଲ୍ଲୀ ଟିଏ ବଣରେ ଫୁଟି ସେ
ଝଡି ଯାଏ ସିନା କମେନା ତା ବାସ
ଛୋଟ ଫୁଲ ଟିଏ ହୋଇଥାଏ ସିନା
ଦିଶେ ଠିକ ତାର୍ ପରି ହସ ହସ
ଦୁଃଖ ତାର ନାହିଁ ଶୋଚନା ବି ନାହିଁ
ଯଦି ନପଗ୍ଭରଇ ତାହାକୁ ଥରେ
ତଥାପି ବି ସିଏ ମହକାଇ ଦିଏ
ଫୁଟି ଏକ ନଛାଟିଆ ଜଙ୍ଗଲରେ
କେବେ କାନ୍ଦେ ନାହିଁ ଅଳ କରି ସିଏ
ରହିବାକୁ ଦେବତାର ମସ୍ତକରେ
ଇଛା ନାହିଁ ତାର ହାରଟିଏ ହୋଇ
ଲମ୍ବିବାକୁ ନେତା ମନ୍ତ୍ରୀଙ୍କ ଗଳାରେ
ଇଛା ତା ଏତିକ କେହି ନଛୁଅନ୍ତୁ
କେହିବି ନ ତୋଳନ୍ତୁ ତାର ଫୁଲକୁ
ଆପଣା ଗୁଣରେ ମହକାଇ ଦେଇ
ରହିବ ସୁଗନ୍ଧିତ କରି ଧରା୍କୁ ।

ଅବଦଲପୁର, ଯାଜପୁର

# ସୁନ୍ଦରବନରେ ଯାତ୍ରା-୧



ଅଶୋକ ବିଶ୍ୱାଳ

ଏ ଯାତ୍ରାରେ ମଧ୍ୟ ଦେବଶ୍ରୀ କମ୍ପା ଅରିନ୍ଦମ ଆସିଲେ ନାହିଁ । ସେମାନଙ୍କୁ ସୁନ୍ଦରବନ ଏତେ ଭଲ ଲାଗେନା । ସେମାନେ ଭାବନ୍ତି ଜଙ୍ଗଲକୁ ଥରେ ଦେଖିଦେଲେ ଯଥେଷ୍ଟ ହୋଇଗଲା । ଜଙ୍ଗଲରେ କଣ ଅଛି ଯେ ବାରବାର ଦେଖିବାକୁ ଯିବ**?** ନେସି ହୋଇଯାଇଥିବା ଗଛପତ୍ର । କାଦୁଅ**,** କିଛି ଛୋଟ ବଡ ପକ୍ଷୀ । କାଦୁଆ ପାଣି । ଏଥିରେ କଣ ଚମତ୍କାର ଦେଖିବାକୁ ଅଛି**?** ସମୟ ଅଯଥାରେ ବରବାଦ । ସେ ସମୟରେ ଅନ୍ୟ ରିସର୍ଚ୍ଚରେ ବ୍ୟସ୍ତ ରହିଲେ ଭଲ । ସପନବାବୁ ଟିକେ ଭିନ୍ନ ହିସାବରେ ଭାବନ୍ତି ଆଉ ପ୍ରାୟ ସୁନ୍ଦରବନ ଆସିବାର ସୁଯୋଗ ଛାଡନ୍ତି ନାହିଁ । ଅନ୍ୟ କିଛି କାମପାଇଁ ସପନବାବୁ ମଧ୍ୟ ଆସିପାରିଲେ ନାହିଁ । ଏ ଯାତ୍ରାରେ ପାଓଲିଙ୍କ ସହ ଅନେକ ଲୋକ ଥିଲେ । ନଳୟ**,** କୌଶିକ**,** ତପନ ସେମାନଙ୍କର କିଛି ସରକାରୀ କାମରେ ସୁନ୍ଦରବନକୁ ଆସିଥିଲେ । ଏମାନଙ୍କ ସହ ସାକ୍ଷାତ ହେବାର ଏଇ ମାସେ ହୋଇଛି । ପାଓଲି ନଜର ରିସର୍ଚ୍ଚ କାମରେ ଅନେକ ବୁଲିଥିଲେ । ଏ ଦଳ ସୁନ୍ଦରବନ ଭିତରେ ବେଶ କିଛି ସମୟ କଟାଇବା କଥା ଶୁଣି ପାଓଲି ସେମାନଙ୍କ ସହ ଯୋଗ ଦେଲେ । ଏହିଦଳ ଗଛ ଲତା ବିଷୟରେ ଅଧ୍ୟୟନ କରିବେ । ତାଙ୍କୁ ସାହାର୍ଯ୍ୟ କରିବାପାଇଁ ହାଲଦାରବାବୁ ଆଉ ଗାୟନବାବୁ ଥିଲେ । ସେମାନେ ସୁନ୍ଦରବନରେ ଢେର ବୁଲିଛନ୍ତି । ଏଥରର ବୋଟ ଚାଳକ ହେଉଛି ଗୌତମ । ଗୌତମ ମଧ୍ୟବୟସ୍କ ବ୍ୟକ୍ତି । ତା'ର ଜ୍ଞାନ ତାରୁକଠାରୁ କିଛି କମ ବୋଲି କହିହେବନ । ସବୁ ଯାଗା ଭଲଭାବରେ ଗୌତମ ବୁଲିସାରିଛି । ସେ ଏକଦମ ଭିତରକୁ ବୋଟ ନେଇଯିବ ବୋଲି ରାଜି ହେଲା । ଛୋଟ ନାଳ ଭିତରକୁ ମଧ୍ୟ ବୋଟ ନେଇଯିବ । ଏମାନେ ସୁନ୍ଦରବନର ଅନ୍ଦିକନ୍ଦି ବୁଲିବେ।

ଏ ଦଳ ବଡା ମଜାଦାର ଦଳ ଥିଲେ | ଏମାନଙ୍କ ସାଙ୍ଗରେ ରହି କିଛି ଦିନପାଇଁ ପାଓଲି ନଜର ପୁରୁଣା ବନ୍ଧୁମାନଙ୍କୁ ଭୁଲିଗଲେ । ଏମାନେ ସବୁବେଳେ ଜଣେ ଜଣଙ୍କ ସହ

ଥଟ୍ଟାମଜା କରୁଥିଲେ । ବୋଟରେ ଥଟ୍ଟାମଜା ଗ୍ଭଲିଲେ ଲମ୍ବା ରାସ୍ତା ଜଣା ପଡେନ । ବୋଟଟା ମଧ୍ୟ ଟିକେ ଲମ୍ବା । ପ୍ରାୟ ୫୦-୬୦ ଫୁଟ । ସେତିକି ଯାଗା ମଣିଷର ବୁଲାଚଲା ପାଇଁ ଯଥେଷ୍ଟ ନୁହେଁ । କିନ୍ତୁ ହାତ ପାଦ ବେଶ ସଳଖି ହେବ, ଡେକ ଉପରେ ବସି ଜଙ୍ଗଲର ମଜା ଉଠାଇ ହେବ । ଏମାନଙ୍କୁ ପ୍ରାୟ ଗ୍ଭରିଦିନ ଗ୍ଭରିରାତି ବୋଟରେ ରହିବାକୁ ହେବ । ଏମିତି ପ୍ରଥମରୁ କଥାବାର୍ତ୍ତା ଛିଡିଥିଲା । ବୋଟରେ ଦିନଦିନ ବିତାଇବା କିଛି ସହଜ କଥା ନୁହେଁ । ତେଣୁ ଭଲ ସାଙ୍ଗ କମ୍ପା ଭଲ ଦଳର ଆବଶ୍ୟକତା ଅଛି ।

ଏ ଦଳରେ ସମସ୍ତଙ୍କର ଅଲଗା ଅଲଗା ଗୁଣ । ଜଣେ ଠିକ ଅନ୍ୟଠାରୁ ଓଲଟା । ନଳୟ ସବୁକଥାରେ କିଛି ନୂଆ କାରଣ ଖୋଜୁଥାଏ । କୌଶିକ ହେଉଛି ବୋଟର ଜୋକର । ତା'ର କହିବା, ଗ୍ଭଲିବାରେ ସମସ୍ତେ ହସନ୍ତି । ସେ ଏମିତି କିଛି କରିବ ଯେଉଁଥିରେ ନହସିଲେ ରହି ହେବନାହିଁ । ଅନ୍ୟ ସଦସ୍ୟ ତପନ ଆଖି ସବୁବେଳେ ଖାଇବା ଉପରେ । ତା'କୁ ସୁଆଦିଆ ଖାଇବା ଭଲଲାଗେ । ଖାଇବାଟା ଭଲ ହେଲେ ମନ ଶାନ୍ତ ହୋଇଯାଏ । ଗତକାଲି ଖାଇବାଟା ଏକଦମ ବେକାର ଥିଲା । ମନଟା ବୋଧ ହେଲାନ । ଖାଇବା ପରେ ମିଠା ଚଟଣି ଦେବାକୁ ବୋଟବାଲା ଭୁଲି ଯାଇଥିଲା । ବୋଟ ରାେଷେଇ, ସେଥିରେ ପୁଣି ଖାଇବାପରେ ମିଠା ନାହିଁ । ଅସମ୍ଭବ କଥା ! ଏମିତି କେମିତି ଖାଇବା ଯୋଗାଡ ହୋଇପାରେ? ସେବେଳଠାରୁ ମନ ଭିତରେ କିଛି ବହୁତ ଜୋରରେ ଗୋଳେଇ ଘାଣ୍ଟି ହେଉଥିଲା । ଭଲ ଭୋଜନପରେ ମନ ଶାନ୍ତ ହେବ । ସକାଳେ ତପନ ଆଉ ରୋଷେଇଆ ଭିତରେ ବେଶ ଯୁକ୍ତିତର୍କ ହୋଇଥିଲା । ରାଗଟା କାହା ଉପରେ ଶୁଝେଇବା ଦରକାର । ମନଟା ଥଣ୍ଡା ହୋଇନ । ଏପର୍ଯ୍ୟନ୍ତ ଖାଇବା ଠିକ ହୋଇନ ଆଗକୁ ଠିକ ହେବା ଦରକାର। ସେ ସକାଳୁ ସେମିତି ବୋଟର ଲୋକଙ୍କ ଉପରେ ଗୁରୁଗୁରୁ ହେଉଥିଲା ।

"ତମେ ଆମକୁ ଭୁଲ ବୁଝିଲ । ଦୀପକ ଆମକୁ ଏକଥା ତ କହିନ :"- ଗୌତମ କହୁଥିଲା। ତା'ର ପାଟିଟା ଆଫୁ ହୋଇଯାଉଥିଲା । ବୋଟର ଅତିଥିମାନେ ଖୁସି ହୁଅନ୍ତୁ । ବୋଟର ସମ୍ମାନର କଥା । ବୋଟରେ ଖାଇବା ପିଇବାଟା ସାଧାରଣତଃ ଭଲ ହୁଏ । କିନ୍ତୁ ଏ ଅତିଥିମାନଙ୍କ ବିଷୟରେ ଦୀପକ ଭଲଭାବେ କହି ନଥିଲା । ଅତିଥିମାନଙ୍କ ହିସାବରେ ଖାଇବା ହୁଏ । ଏମାନଙ୍କ ବିଷୟରେ ତା'କୁ ଭଲଭାବରେ ଜଣା ନଥିଲା । କିଛି ଲୋକ ମିଠା ପସନ୍ଦ କରନ୍ତି ନାହିଁ । ଗୌତମର ମୁହଁ ଭାରି ହୋଇଯାଉଥିଲା । କିଛି ଭୁଲ ହୋଇଯାଇଛି।

ଭଲ ଖାଇବା ଜିନଷ ସହଜରେ ମିଳବନ । ଆଗକୁ ଗାଁ ଗଣ୍ଡା ନାହିଁ । ଶେଷ ବଜାରଟା ପାଖରେ । ସେମିତି କଛି ମିଳବନ । କଛି କୋବି, ଅଣ୍ଡା ଆଉ ଏଣୁତେଣୁ ପରିବା ମିଳପାରେ । ମାଛ ବାଟରେ ମିଳବ । ସାଧାରଣତଃ ଡଙ୍ଗବାଲ୍ମାନେ ତା'କୁ ମାଛ କଙ୍କଡା ଦେଇ ଦିଅନ୍ତି । ସେ ପ୍ରାୟ ସମସ୍ତଙ୍କର ଚହ୍ନା । ତା' ଛଡା ଗାୟନବାବୁ ତ ସାଙ୍ଗରେ ଅଛନ୍ତି । ତାଙ୍କୁ ନଚହ୍ନେ କଏ?

ବୋଟ ବାଗାନପଡା ଗାଁ ପାଖରେ ଲ୍ଗିଥିଲ୍ । ଅନେକ ଡଙ୍ଗା ପାଖରେ ଥିଲ୍ । ଗାଁଟା ଏକଦମ ନଦୀ ଧାରରେ । ନଦୀକୂଳକୁ ଲ୍ଗି ଏକ ଛୋଟ ବଜାର । ମାଛୁଆ ଗାଁ । ସକାଳ ବେଳା । ଜଣେ ଲେ୍କ ପାଣିରେ ଟିକଏ ପଶି ଜାଲ ଫିଙ୍ଗି ମାଛ ଧରୁଥିଲ୍ । ତା'ର ଗୋଡ ଭଣ୍ଡା ପର୍ଯ୍ୟନ୍ତ କାଦୁଅରେ ଦବି ଯାଉଥିଲ୍ । ବୋଟର ଅତିଥିମାନେ ଅନେକ ସମୟଧରି ମାଛ ଧର୍ବାକୁ ଅନାଇ ରହିଲେ । ଏଠି କୁମ୍ଭୀରର ଡର ନାହିଁ । ଏତେ ଡଙ୍ଗା ଯା ଆସ କରୁଛି । କୁମ୍ଭୀର ଏଠିକୁ ଆସିବନ । ଖାର୍ ପୁଆଁଇବା ପାଇଁ ସ୍ଥାନ ନାହିଁ । ତା'ର ଜାଲରେ କେବେ କେବେ ଗୋଟିଏ ଦୁଇଟି ମାଛ ପଡିଯାଉଥିଲେ । ସେଥିରେ ସେ ଖୁସି ହୋଇଯାଉଥିଲ୍ । ଜାଲକୁ ଖେଳାଇ ମାଛ ଖାଳେଇରେ ରଖି ଦେଉଥିଲ୍ ।

ଏଭିତରେ ଅନେକ ବେଳ ହେଲ୍ଣି । ବୋଟର ମାଝି ଗୌତମ ଖାଇବା ଯୋଗାଡ କରିବା ପାଇଁ ଘଣ୍ଟାଏ ହେଲ୍ ଗଲ୍ଣି । ଦଳକୁ ଅନେକ ଆଗକୁ ଯିବାକୁ ଅଛି । ଏଠି ବିଳମ୍ବ କରିବାର କାରଣ ନାହିଁ । ଦୋକାନ ତ ଦୁଇଖୋଜ ଦୂରରେ । ଏତେ ବିଳମ୍ବ କରିବାର କଛି କାରଣ ନାହିଁ ।

"ଏ ବୋଟର ମାଝି ମୋଟେ ସମୟକୁ ଧ୍ୟାନ ଦେଉନାହିଁ ।" – ତପନ ସେମିତି ବ୍ୟସ୍ତ ହେଉଥିଲ୍ । କାଲି ଖାଇବାପିଇବା କାରଣରୁ ଅନେକ ବିଳମ୍ବ ହୋଇ ଯାଇଛି । ଅନ୍ୟମାନେ ମଧ୍ୟ ଟିକଏ ବ୍ୟସ୍ତ ହେଉଥିଲେ । ସେମାନଙ୍କୁ ଅନେକ ଦୂର ଯିବାର ଅଛି ।

ବେଶ କଛି ସମୟପରେ ଗୌତମ ଓଜନଆ ବ୍ୟାଗଟିଏ ହାତରେ ଧରି ଆସିଲ୍ । ତା'ର ମୁଣ୍ଡଟା ଆଗକୁ ନଇଁ ଆସିଥିଲ୍ । ତା'ର ମୁଣ୍ଡ ବନ୍ଧ ଉପରୁ ସ୍ପଷ୍ଟ ଦେଖାଯାଉଥିଲ୍ ।

"ଆଉ ବିଳମ୍ବ କରନା ଆଜି ବହୁତ କାମ ।"– ତପନ ବୋଟ ଉପରୁ ଡକା ପାରିଲା । ତପନର ଆଖି ଗୌତମର ଗ୍ଲାଲି ଉପରେ ଲାଗିଥିଲା । ଲୋକଟା କେତେ ଧିରେ ଗ୍ଲାଲୁଛି । ଗୋଡରେ ଯେମିତି କଏ ଶିଳପୁଆକୁ ବାନ୍ଧି ଦେଇଛି ।

"ଡେରି କରିଦେଲ ।"- ତପନ ଗୁଣୁଗୁଣୁ ହେଲା । ତା'କୁ ବିଳମ୍ବଟା ସହ୍ୟ ହେଉ ନଥିଲା।

"କଣ କରିବି । ଦୋକାନ ଖୋଲି ନଥିଲା । ଦୋକାନୀକୁ ଘରୁ ଡାକ ଜିନଷ କଣିବାକୁ ପଡିଲା । ଏତେ ସକଳୁ ଯେ ଦୋକାନ ଖୋଲେନ ।" – ଗୌତମ ବୋଟ ଚଢୁଥିଲା । ସେ ଅତି ସରଳଭାବେ କହୁଥିଲା । ଲୋକଟା ଗତକାଲିର ଭୁଲପାଇଁ ଭାଳ ହେଉଛି ।

"କାଲି ରାତିରେ ଯେ ଅନେକ ରାସ୍ତା ଚଲାଇଲି । ମୋ ଦାଦା ରାତିରେ ବୋଟ ଚଲାଇବାକୁ ମନା କରିଛି ।"- ଗୌତମ କାଲିର କଥା ତପନକୁ ମନେ ପକାଇ ଦେଉଥିଲା । କାଲି ରାତରେ ସେମାନେ ପ୍ରାୟ ଦୁଇଘଣ୍ଟା ଅନ୍ଧାରରେ ଯାତ୍ରା କରିଛନ୍ତି । ରାତିରେ ବୋଟ ଆଗର ହେଡଲାଇଟ୍ ଲଗାଉ ନଥିଲା । କଥାଟା କେମିତି ତପନକୁ ଆଶ୍ଚର୍ଯ୍ୟ ଲାଗୁଥିଲା । କେଉଁ ବୋଟ ରାତିରେ ହେଡଲାଇଟ ଲଗାଉ ନଥିଲେ । ଏକ ବୋଟ ତ ସେମାନଙ୍କର ବୋଟସହ ଏକଦମ ଘଷି ହୋଇ ଯାଇଥିଲା । ଟିକକରେ ପିଟି ହୋଇଯାଇଥାନ୍ତା ।

"ବିଳମ୍ବଟା ଦୀପକର ଭୁଲ ଖବରପାଇଁ । ଅଯଥାରେ ଏଠୁ ଚଢାଦାମ ଦେଇ ଜିନଷ ଖରିଦ କରିବାକୁ ପଡିଲା ।" – ଗୌତମ କହିଲା । ସେ କଛି ପଇସା ବେକାରରେ ଖର୍ଚ୍ଚ କରେନା। ତା'ର ସ୍ୱର ଟିକେ ଭାରି ହୋଇଥିଲା । ଯେତେ ପଇସା ବଞ୍ଚେଇବ ସେତେ ଲାଭ । ଏମିତି ପଇସା ବଞ୍ଚେଇବା ପ୍ରବୃତି ଯୋଗୁ ଏକ ସାଧାରଣ ଘରୁ ସେ ଅନେକ ବାଟ ଆଗେଇ ପାରିଛି।

ତପନ ଆଉ ଗୌତମ ଭିତରେ କଥାଟା ଟିକଏ ବଢିଗଲା ଭଳ ଲାଗୁଥିଲା । ବୋଟରେ ଶାନ୍ତିରେ ରହିଲେ ସମସ୍ତଙ୍କୁ ଭଲ ଲାଗିବ । ଗାୟନବାବୁ ଆଗକୁ ଆସି କଥାଟା ସେଇଠି ଶେଷ କଲେ । ରାତିରେ ବୋଟ ଗ୍ଲାଲିବନ । ଅଯଥାରେ ଗୌତମ ଗୁରୁଗୁରୁ ହେବନ ।

ସବୁଦିନ ସକାଳ ୬ଟାରେ ବାହାରିବେ । କେଉଁଠି ବିଳମ୍ବ ହେବନି । ଆଜିର ବିଳମ୍ବଟା ଅନ୍ୟ ସମୟରେ ଆଡଜଷ୍ଟ କରିନିଆଯିବ ।

କଥାଟା ଏତିକିରେ ସମାପ୍ତ ହେଲା । ଏ ଭିତରେ ଡଙ୍ଗା ଅନେକ ଦୂର ଗ୍ଲଲିଲାଣି । ପାଣି ଅଧିକା ହୋଇଗଲାଣି । ବୋଟ ବଡ ନଦୀରେ ଅନେକ ସମୟ ଧରି ଗ୍ଲଲୁଥିଲା । ଦୂରରେ କେତେଟା ଜାହାଜ ଭ୍ସୁଥିଲା । ଏଗୁଡାକ ମାଲ ବୋହୁଥିବା ଜାହାଜ । କଲିକତାରୁ ମାଲନେଇ ବାଙ୍ଗଲାଦେଶର ଢାକା ବା ଚଟ୍ଟଗ୍ରାମ ଯିବ । ଭ୍ରତ ଆଉ ବାଙ୍ଗଲାଦେଶ ଭିତରେ ପାଣିରେ ସାମଗ୍ରୀ ପରିବହନ ପାଇଁ ଚୁକ୍ତି ହୋଇଛି । ବେଶ ବଡ ଜାହାଜଗୁଡିଏ । ଅନେକ ସାମଗ୍ରୀ ଯାଇପାରିବ । ପାଣି ର୍ସ୍ତାରେ ପରିବହନ ଅନେକ ଶସ୍ତା । ବଡ ଦେଶୀ ଡଙ୍ଗାଗୁଡାକ ବାଙ୍ଗଲାଦେଶକୁ ଯାଏନା । ଏଗୁଡାକ ଭ୍ରତ ଭିତରେ ଜଳର୍ସ୍ତାରେ ପରିବହନ କରନ୍ତି ।

ଅନେକ ସମୟ ପରେ ଏକ ଛୋଟ ନାଳଦେଇ କାଳନ୍ଦୀ ନଦୀ ଆଡକୁ ବୋଟ ଯାଉଥିଲା । ନିଳୟ ଜି ପି ଏସ୍ ସାହାର୍ଯ୍ୟରେ ର୍ସ୍ତା ନିର୍ଦ୍ଧାରଣ କରୁଥିଲା । ଜି ପି ଏସ୍ ଦ୍ୱାର୍ ର୍ସ୍ତା ସହଜରେ ଜାଣି ହୋଇଯାଏ । ଅଯଥାରେ ବଡ ନଦୀରେ ଲମ୍ବା ବୁଲିବାକୁ ପଡେନା । ବଡ ନଦୀଗୁଡାକ ମଝିରେ ମଝିରେ ଅର୍ଦ୍ଧବୃତ୍ତ ଆକାରରେ ବାଙ୍କ ହୋଇ ପରେ ଲମ୍ବା ହୋଇଯାଇଥାଏ । କିନ୍ତୁ ଛୋଟ ନାଳମାନ ଦେଇ ବୋଟ ଗଲେ ଅଯଥା ଲମ୍ବା ବୁଲାଣି ବୁଲିବାକୁ ପଡେନା । ଏମିତି ଏକ ଛୋଟ ନାଳଦେଇ ର୍ଇମଙ୍ଗଳରୁ କାଳନ୍ଦୀ ନଦୀ ଯାଇହେବ । ବାଟରେ ଏକ ଛୋଟ ନାଳ ବଡନାଳକୁ ଡାହାଣପଟେ ଯୋଡୁଥିଲା । ସେ ନାଳରୁ ଏକ ଡଙ୍ଗା ଗଛ ଗହଳରୁ ଯେମିତି ପକ୍ଷୀଚରି ବାହାରି ଆସିଲା । ଗେଉଆଁଗଛର ଡାଳଗୁଡା ବେଶ ଶାଖାମେଲି ପାଣି ଉପରକୁ ନଇଁ ଆସିଛି । ବାମ ପଟକୁ ଆଉ ଏକ ସରୁ ନାଳ ଥିଲା । ଲ୍ଗୁଥିଲା ଯେମିତି ଡଙ୍ଗାଟା ଗଛ ଗଣ୍ଡି ଭିତରୁ ବାହାରି ଆସିଲା । ଅନେକ ତଳେ ପାଣି ।

ପାଓଲି ଆଶ୍ଚର୍ଯ୍ୟ ହୋଇଗଲେ । ସକାଳ ସମୟ । ଦିନ ହେଇ ତିନି ଗ୍ଲରି ଘଣ୍ଟା ହେଲା ଆରମ୍ଭ ହୋଇଛି । ଏ ଭିତରେ ଡଙ୍ଗାବାଲା ଏକ ପତଳା ନାଳରୁ ବାହାରି ଆସିଛି । ଏମିତି ବହୁତ ଡଙ୍ଗା ପାଣି ଭିତରେ ସମୟ କଟାନ୍ତି । କିନ୍ତୁ ସେ ଡଙ୍ଗାରେ ଜଣେ ମଧ୍ୟବୟସ୍କା

ମହିଳା ପଛରେ ବସି କାତ ମାରୁଥିଲେ । ଦେହରେ ରଙ୍ଗୀନ ସୂତା ଶାଢୀ । ମଙ୍ଗରେ ଜଣେ ପୁରୁଷ ଆଉ ଡଙ୍ଗା ମଝିରେ ଜଣେ ମହିଳା । ଆଗର ପୁରୁଷ ଜଣକ ଡଙ୍ଗାର ଏକଦମ ଅଗରେ ବସି ଏକ ଦଉଡିକୁ ଟାଣୁଥିଲା । ତା' ପାଖରେ ଆଉ ଜଣେ ମହିଳା ପାଖରେ ଏକ କାଠର ପିଢାରେ ବସି କାଣି ଆଙ୍ଗୁଠି ମୋଟା ଦଉଡିକୁ ଟାଣିବାକୁ ସାହାର୍ଯ୍ୟ କରୁଥିଲେ । ଲୋକଟିର ଗୋଡତଳେ ଗୋଛା ହୋଇ ସେଇ ଟଣା ଦଉଡି ପଡିଥିଲା । ପାଖରେ ମାଛ ବା କଙ୍କଡା ଛାଣି ଆଣିବା ପାଇଁ ଏକ ପ୍ରଜାପତି ଧରିବା ଜାଲ ଭଳି ଏକ ଗୋଲ ଜାଲ ଥିଲା । ଦୁଇ ମହିଳାଙ୍କ ହାତରେ ଧଳା ଶଂଖା ଥିଲା । ଏଥିରୁ ଜଣା ପଡୁଥିଲା ଦୁଇଜଣ ସଧବା । ପାଓଲି ସେମାନଙ୍କ ସହ କଥା ହେବାକୁ ଚାହିଁଲେ । ଏ ପାଣି ଭିତରେ ଆଉ ବାଘ କୁମ୍ଭୀରର ଡର ଭିତରେ ଦୁଇଜଣ ମହିଳାଙ୍କୁ ଦେଖି ତାଙ୍କୁ ଖୁସି ଲାଗୁଥିଲା । ଆଶ୍ଚର୍ଯ୍ୟ ଲାଗିବାର କଥା। କିନ୍ତୁ ଏ ମହିଳାମାନଙ୍କର ସାହାସ ଦେଖି ତାଙ୍କୁ ଭଲଲାଗୁଥିଲା । ଅନ୍ୟଥା ଏତେ ସକାଳେ ଏମାନେ ଏମିତି ନାଳ ଭିତରେ ପଶି ନଥାନ୍ତେ । ପାଖରେ ଗାଁ ଗଣ୍ଡା ନାହିଁ । ବୋଟରେ ଶେଷଗାଁ ପାଖରୁ ଏ ପର୍ଯ୍ୟନ୍ତ ପହଞ୍ଚିବାକୁ ଦୁଇଘଣ୍ଟା ଲାଗିଛି । ଏମାନେ ଡଙ୍ଗାରେ ଆସିଲେ ନିଶ୍ଚିତ ଭାବେ ତିନ ଚାରି ଘଣ୍ଟା ନେବେ । ବୋଧହୁଏ ଏ ମହିଳାମାନଙ୍କ ଦଳ ଏ ଛୋଟ ଡଙ୍ଗାରେ ଏକ ଛୋଟ ନାଳ ଭିତରେ ରାତି କଟାଇଛନ୍ତି ।

ପାଓଲିଙ୍କ ଆଗ୍ରହ ଦେଖି ଗୌତମ ଡଙ୍ଗାବାଲାଙ୍କୁ ହାତଠାରି ପାଖକୁ ଡାକିଲା । ପଛର ମହିଳାଙ୍କ ଉପରେ ସୂର୍ଯ୍ୟ କିରଣ ସିଧା ହୋଇ ପଡିଥିଲା । ଶ୍ୟାମଳ ବର୍ଣର ଶରୀର । ଦେହର ଗଢଣ ଭଲ, ଚଉଡା ଆଉ ଶକ୍ତ ଶରୀର । କିନ୍ତୁ ସେମିତି କିଛି ବଳିଲା ବଳିଲା ଦେହ ନୁହେଁ । ସାଧାରଣ ଶରୀର । ଦେହରେ କିଛି ଗହଣାଗାଣ୍ଠି ନାହିଁ । ମୁଣ୍ଡରେ ସିନ୍ଦୂର ଲଗାଇଛନ୍ତି । ହାତରେ ପଟେ ପଟେ ଧଳା ଶଂଖା ଆଉ ନାଲି ପାଣିକାଚ । ମୁଣ୍ଡବାଳକୁ ପଛରେ ଗଣ୍ଠିକରି ବାନ୍ଧି ଦେଇଛନ୍ତି । ଶାଢୀକୁ ଅଣ୍ଟାପାଖରେ ଖୋସିଦେଇଛନ୍ତି । ସେ ଦୃଢ ହାତରେ ଆହୁଲାକୁ ଧରିଥିଲେ । ତାଙ୍କର ହାତର ଶିରା ଫୁଟି ପଡୁଥିଲା ।

"କଣ ନେଉଛ?"- ପାଓଲି ସେ ଲୋକକୁ ଧୀର ସ୍ୱରରେ ପଚାରିଲେ ।
"କଙ୍କଡା ।"-
"ତମ ସ୍ତ୍ରୀ ।" – ପାଓଲିପଛରେ ଆହୁଲା ମାରୁଥିବା ସେ ମହିଳାଙ୍କୁ ଅନାଇ କହିଲେ ।

"ସେ ଦିଦିମା ।"- ଲୋକଟାର ମୁଣ୍ଡ ଟିକେ ତଳୁଆ ହୋଇଗଲା । ସେ ସ୍ତ୍ରୀ ଲୋକଟି ପ୍ରତି ତା'ର ବେଶ ସମ୍ମାନ ଥିଲା । ଲୋକଟି ପ୍ରାୟ ତରୁଣ । ମୁହଁରେ ଅଳ୍ପ ରୂଢ । କଳା ଶରୀର। ହାଫ ପ୍ୟାଣ୍ଟ ଆଉ ହାଲୁକା ନାରଙ୍ଗୀ ରଙ୍ଗର ରଙ୍ଗୀନ ଗେଞ୍ଜୀ ପିନ୍ଧିଛି । ତା' ହାତଗୁଡିକ ବେଶ ଶକ୍ତ ଲାଗୁଥିଲା । ମୁହଁଟା ସରଳ । ଲୋକଟି ମଝିରେ ଥିବା ଅନ୍ୟ ସ୍ତ୍ରୀଟିକୁ ଅନାଇଲା ।

"ଏ ମୋ ସ୍ତ୍ରୀ ।" – ସେ କହିଲା । ସେ ମହିଳାଟି ପ୍ରାୟ ତରୁଣୀ । ବେଶି ଦିନ ହେଲା ବାହା ହେଲା ଭଳି ଲାଗୁ ନଥିଲା । ତା'ର ମୁହଁରେ ସରଳ ଭାବ । ବୋଧହୁଏ ସେମାନଙ୍କର ଛୁଆପିଲା ନାହିଁ । ଅନ୍ୟ ସ୍ତ୍ରୀମାନଙ୍କ ଭଳି ସ୍ୱାମୀ ସାଙ୍ଗରେ ସୁନ୍ଦରବନର ପାଣିକୁ ଆସିଛି ମାଛ ଧରିବା ପାଇଁ । ଗୋଟିଏ ଭାଗ ବଞ୍ଚିଯିବ । ମାଛ ସବୁ ଭାଗ ହୁଏ । ତେଲ ଲୁଣର ସଂସାରରେ ଏକ ଭାଗର ଦାମ କିଛି କମ ନୁହେଁ । ସେଥିରେ ଘର ଅନେକ ଭଲ ଚଳବ । ଦିଦିମା ସାଙ୍ଗରେ ଆସିଛନ୍ତି । ତରୁଣୀ ସ୍ତ୍ରୀଟିକୁ ସୁନ୍ଦରବନର ପାଣି ବିଷୟରେ ଭଲ ଭାବରେ ଅବଗତ କରାଇବେ ।

ମଙ୍ଗରେ ଲୋକଟିର ଗୋଡପାଖରେ ପତଳା ନାଇଲନ ସୂତାରେ ଛୋଟ ଛୋଟ ମାଛ ଖଣ୍ଡ ସବୁ ବନ୍ଧାଥିଲା । ମଝିରେ ଏକ ଲମ୍ବା ସୂତାରେ ସରୁ ସୂତାମାନ ବନ୍ଧାଯାଇଛି । ସେଥିରେ ମାଛ ଖଣ୍ଡମାନ ଯୋଖି ଦିଆଯାଇଛି । ଏସବୁ କଙ୍କଡାର ଥୋପ । ଲମ୍ବା ସୂତାକୁ ପାଣିରେ ଓହ୍ଲାଇ ଦିଆଯାଏ । ସରୁ ସୂତାରେ ବନ୍ଧାଯାଇଥିବା ମାଛ ଖଣ୍ଡସବୁ ତଳ କାଦୁଅରେ ଯାଇ ଲାଗେ । କଙ୍କଡାମାନେ ହଠାତ୍ ଏମିତି ପ୍ରଚୁର ଖାଇବା ଦେଖି ପାଣି ତଳ କାଦୁଅରେ ନିଜ ଲୁଚବା ଯାଗାଛାଡି ଧାଇଁ ଆସନ୍ତି । କଙ୍କଡାମାନେ ହେଉଛନ୍ତି ପାଣି ତଳର ସଫାକାରୀ । ତଳେ ପଡିଥିବା ସବୁ ଉଚ୍ଛିଷ୍ଟକୁ ସେମାନେ ଖାଆନ୍ତି । ଏହା ଫଳରେ ତଳର କାଦୁଅ ସଫା ରହେ । କଙ୍କଡାମାନେ ଏମିତିଆ ସୁଆଦିଆ ମାଛଖଣ୍ଡ ଦେଖି ନିଜର ମୋଟା ଗୋଡରେ ଧରି ଖାଇବାକୁ ଆରମ୍ଭ କରନ୍ତି । ଏମିତି ବେଶ କିଛି ସମୟପରେ ଉପରେ ଧିବରଟି ଜାଣିପାରେ ଯେ ଯଥେଷ୍ଟ କଙ୍କଡା ଲାଗିଗଲେଣି । ସେ ଉପରୁ ମୁଖ୍ୟ ସୂତାକୁ ଟାଣେ । କାଙ୍କଡା ଧରିଥିବା ମାଛଟି ମଧ୍ୟ ଟାଣି ହୋଇଯାଏ । କଙ୍କଡା ଭାବେ ଯେ ତା'ର ଖାଇବାକୁ କିଏ ଛଡାଇ ନେଉଛି । କଙ୍କଡାମାନେ ଅତିରାଗୀ । ସେ ଜୋରରେ ମାଛ ଖଣ୍ଡକୁ ଧରି ରଖେ ଯେମିତିକି କିଏ ତା'ର ଖାଇବା ଛଡାଇ ନନେଇପାରେ । କଙ୍କଡାର ଏଇ ଗୁଣ ଯୋଗୁ

ସହଜରେ ସେ ପାଣି ଉପରକୁ ଟାଣି ହୋଇଆସେ ଆଉ ନିଜେ ମଣିଷର ଶିକାର ହୋଇଯାଏ ।

"କେତେ କଙ୍କଡା ଅଛି?"

ଲୋକଟି ଡଙ୍ଗାର ମଝି ପଟା ଉଠାଇଦେଲା । ଏ ସବୁ ଛୋଟ ଡଙ୍ଗାରେ ଏକ ଚଟାଣପାଇଁ ମଝିରେ ସରୁ ପଟାମାନ ଖଣ୍ଡ ଖଣ୍ଡ କରି ସଜାଇ ଦିଆଯାଇଥାଏ । ଫଳରେ ଚଟାଣ ତଳେ ଆଉ ଡଙ୍ଗାର ତଳ ଭିତରେ ଏକ ଖାଲି ଯାଗା ସୃଷ୍ଟି ହୁଏ । ସେମିତି ଯାଗାରେ ଏ ମାଛୁଆମାନେ ନିଜର ଧରା ମାଛ ବା କଙ୍କଡା ରଖନ୍ତି ।

ସେ ଭିତରେ ଅନେକ କଙ୍କଡା ଥିଲା । ମଝିରୁ ଛୋଟ ଆକାରର କଙ୍କଡା । ଦଉଡିରେ ମୁଖ୍ୟଗୋଡକୁ ବନ୍ଧା ଯାଇନ । ଫଳରେ କଙ୍କଡାମାନେ ଏଣେତେଣେ ବୁଲୁଛନ୍ତି । କିନ୍ତୁ ଉପରକୁ ପଟାଯୋଗୁ ଉଠିପାରିବେନ । ଅନେକ କଙ୍କଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ । କାଠରେ ଆଲକାତରା ଲାଗିଥିବା ହେତୁ କାଠ ବେଶ ପାଲିସ ହୋଇଯାଇଥିଲା । କଙ୍କଡାସବୁ ତଳକୁ ଖସି ପଡୁଥିଲେ ।

"କେତେ ଭାଉ ?" -

"କିଲୋ ୫୦୦ ଟଙ୍କା ।" -

"ଭଲ ଦର ତ ହେବ ।" -

ମଝି ସ୍ତ୍ରୀଟି ହସିଦେଲା । ଅଳ୍ପବୟସ୍କା ନବ ବିବାହିତା ଲାଗୁଥିବା ସ୍ତ୍ରୀଟି ନିଜର ଧରା କଙ୍କଡାକୁ ଗୃହୁଁଥିଲା । ଆଜି ଭଲ ଉପାର୍ଜ୍ଜନ ହୋଇଛି । ନିଜ ସ୍ୱାମୀ ସହ ଆସିବାରୁ ଏତେ କଙ୍କଡା ଧରା ହୋଇପାରିଛି । ସ୍ୱାମୀପାଇଁ ସେ ଭାଗ୍ୟବାନ ସାବ୍ୟସ୍ତ ହୋଇଛି । କୁହାଯାଇଛି ସ୍ତ୍ରୀତ ଘରର ଲକ୍ଷ୍ମୀ । ପାଖ ଗାଁରେ ଘର । ଏଠି ସମସ୍ତେ ଲକ୍ଷ୍ମୀ ପୂଜା କରନ୍ତି । ତା'ର ମୁହଁଟି ଉଜ୍ଜ୍ୱଳ ହୋଇ ଉଠିଲା । ମୁଣ୍ଡରେ ସୂନ୍ଥାଏ ସିନ୍ଦୂର । ମା' ତା'ର ଶଂଖା ସିନ୍ଦୂରକୁ ବଜାୟ ରଖନ୍ତୁ ।

"କେବେ ଆସିଲ?" - ପାଓଲି ପଚ୍ଚରିଲେ ।

"କାଲି ଦିନରୁ । ଆଜିକ ରହିବୁ ।"- ସେ ତରୁଣୀଟି କହିଲା ।

"ତମ ଘରକୁ କେତେ ବେଳ ଲାଗେ ।" -

"ଚ୍ଚରି ଘଣ୍ଟା ରୁ ପାଞ୍ଚ ଘଣ୍ଟା । କିଛି ଅସୁବିଧା ହୁଏ ନା ।"- ସେ କହିଲା

"ଆମେ ଯାଉଛୁ । ପାଣି ବଢିବ । ଜଲଦି ଆମକୁ ଥୋପ ତଳକୁ ଓହ୍ଲାଇବାକୁ ପଡିବ ।" - ସେ ସ୍ତ୍ରୀ ଲୋକଟି ପାଓଲିକୁ ଅନାଇ କହିଲା । ପାଓଲି ତା'କୁ ଅନାଇ ହସି ଦେଲେ । କେତେ ସୁଖୀ ତରୁଣୀଟି । ନିଜର ସ୍ୱାମୀ ସହ ସୁଖରେ ଅଛି । ସେମାନେ ନିଜ ସଂସାରକୁ ଭଲ ଭାବେ ଗଢି ତୋଳୁଛନ୍ତି । ଦିଦିମା ପାଖରେ ରହି ଭୁଲକୁ ଭଲରେ ବଦଳାଇ ଦେଉଛି । ଏଠି ସମାଜ ଏକ ଲମ୍ବା ଡୋରରେ ବନ୍ଧା । ସମସ୍ତେ ସମସ୍ତଙ୍କୁ ସାହାର୍ଯ୍ୟ କରନ୍ତି । ବିନା ବନ୍ଧୁ ବାନ୍ଧବରେ କ ଦୁନିଆ । ସେମାନଙ୍କ ଆଗକୁ ପାଣି ହାଲୁକା ସବୁଜ । ନଦୀରେ ଛୋଟ ଛୋଟ ଢେଉଥିଲା । ଲୋକଟି କଙ୍କଡା ରଖିବା ଯାଗାକୁ ଠିକ କରିନେଲା । ମଝିର ସ୍ତ୍ରୀଟି ତା'କୁ ନାଇଲନ ସୂତାକୁ ବାନ୍ଧିବାରେ ସାହର୍ଯ୍ୟ କରୁଥିଲା । ସେମାନେ ଆଉ କେଉଁଠି ଚ୍ଚର ପକାଇବେ । ଯେତେ ହେବ ସେତେ କଙ୍କଡା ଆଜି ଧରିନେବେ ।

ବୋଟବେଶ କିଛିବାଟ ଆଗକୁ ଚ୍ଚଲିଲା । କିଛି ବଡ ନଦୀ, ଛୋଟ ନାଳ । ଏପଟକୁ ଲୋକଙ୍କ ଯିବା ଆସିବା ସାଧାରଣତଃ କମ। ତଥାପି ବି କିଛି କିଛି ଛୋଟ ମାଛଧରା ଡଙ୍ଗା ଆସି ଯାଉଥିଲା । ସେମିତି ଏକ ଛୋଟ ଭାରତୀୟ ଡଙ୍ଗା ଭାରତପଟ ଶେଷ ଦ୍ୱୀପ କୂଳରେ ଥିଲା । ପତଳା ସରୁ ଡଙ୍ଗା । ବୋଟରେ ଏକ ଅଖାପାଲ ଲାଗିଥିଲା । ମଝିରେ ଏକ ବାଡିରେ ତିରଙ୍ଗା ପତାକା ଲାଗିଥିଲା । ଏଥିରୁ ଜଣାଯାଉଥିଲା ଲୋକମାନେ ଭାରତୀୟ ହୋଇଥିବେ । ଆଉ ଏକ ଡଙ୍ଗାରେ ସ୍ତ୍ରୀ ଲୋକଟିଏ ପଛରେ ବସି ଆହୁଲା ମାରୁଥିଲା । ଡଙ୍ଗାରେ ଦୁଇପଟେ ଦୁଇଟା ଆହୁଲା । ଗୋଟିଏ ଆହୁଲା ସ୍ତ୍ରୀ ଲୋକଟି ସମ୍ଭାଳୁଥିଲା । ଆହୁଲାଟା କାଠ ଭାରରେ ଡଙ୍ଗାଦେହରେ ଯୋଡା ଯାଇଥିଲା । ସେ ଦୁଇହାତରେ ଆହୁଲାକୁ ନିଜ ଆଡକୁ ଜୋରରେ ଟାଣି ଆଣୁଥିଲା । ଡାହାଣପଟେ ଆଉ ଜଣେ ପୁରୁଷ ବସି ସେମିତି ଜୋରରେ ଆହୁଲା ମାରୁଥିଲେ । ଆଗର ପୁରୁଷଙ୍କ ହାତରେ ଆଉ ଏକ ଆହୁଲା ଥିଲା । ସେ

ଆଗରେ ଡଙ୍ଗାକୁ ମଙ୍ଗ ଦେବେ । ବୋଟକୁ ଦେଖି ସେମାନେ ନିଜ ନିଜର ଆହୁଲାକୁ ଉପରକୁ ଉଠାଇ ଆଣିଲେ । ଆଉ ଏମାନଙ୍କ ଆଡକୁ ଅନାଇ ରହିଲେ ।

"ଏଠାକାର ମହିଳାମାନେ ବେଶ ସାହାସୀ ତ ।"- ତପନ କହିଲା ।

ପାଓଲି ମନେମନେ ସେ ମହିଳ କଥା ଭାବୁଥିଲେ । ସାଧାରଣ ଗଠଣ । କିନ୍ତୁ ଚଉଡା କୁହାଯାଇପାରେ । ମହିଳାଟି ଜୋରରେ ମଝି ଆଙ୍ଗୁଠି ସନ୍ଧିରେ ଏକ ସଣ୍ଢୁଆସୀ ଭଳି ଆହୁଲାକୁ ଧରିଥିଲା । ଜଣାପଡୁଥିଲା ମହିଳାଟି ଯେମିତି ଡଙ୍ଗାରେ ଲମ୍ବା ଯାତ୍ରା କରିବାପାଇଁ ଜନ୍ମ ନେଇଛି । ଏକେ ତ ଛୋଟ ଡଙ୍ଗା । ଉପର ଖୋଲା । ସେପଟେ ଟିକେ ଦୂରରେ ବାଙ୍ଗଲାଦେଶ । କିନ୍ତୁ ମନରେ ମୋଟେ ଡର ନାହିଁ ।

"ଆଗରୁ ମହିଳା ଦସ୍ୟୁମାନେ ଥିଲେ । ଆଜି ବି ଝାଡଖାଲି ଅଞ୍ଚଳରେ ମହିଳା ଜଳଦସ୍ୟୁମାନଙ୍କ କଥା ଶୁଣିବ ।" - କୌଶିକ କହିଲା ।

"ନହେଲେ ଏ ପାଣିକୁ କଏ ଆସିବା କଥା କେବେ ଭାବି ପାରନ୍ତାନି ।"- ତପନ କହିଲା ।

"ସୁନ୍ଦରବନର ପାଣିରେ କିଛି ଅଛି । ଏ ପାଣି ମହିଳାମାନଙ୍କୁ ସାହାସୀ କରି ଗଢି ତୋଳୁଛି ।" -ନିଳୟ କହିଲା ।

"ଆମେ କେତେ ବୁଲିଲୁଣି । କାହିଁ ଅନ୍ୟଯାଗାରେ ମହିଳାମାନେ ମାଛ ଧରିବା, ଏକାକୀ ଡଙ୍ଗାନେଇ ଯାତ୍ରା କରିବା କଥା କେବେ ଦେଖିନୁ ।"- ତପନ କହିଲା ।

ପାଓଲିଙ୍କୁ ଖୁସି ଲାଗୁଥିଲା । ଏ ଦେଶରେ ମହିଳାମାନେ ପୁରୁଷର ସହକର୍ମୀ, ଘର କଣରେ ଲୁଚ ରହିଥିବା ଅବଳା ନୁହେଁ । ସେ ମହିଳା ଆଗକୁ ଅନାଇଥିଲେ । ମଧ୍ୟବୟସ୍କା । ଶରୀରରେ ଅନାବଶ୍ୟକ ଚର୍ବି କେଉଁଠି ଥିଲାପରି ଜଣା ପଡୁନଥିଲା । ତାଙ୍କ କଳା ପିଠି ଉପରେ ସୂର୍ଯ୍ୟାଲୋକ ପଡିଛି । ପିଠିରେ ଲାଲ ରଙ୍ଗର ବ୍ଲାଉଜ। ସେ ଲାଲ ରଙ୍ଗର ସୂତାଶାଢୀକୁ ଜୋରରେ ଅଣ୍ଟାରେ ଗୁଡାଇ ଦେଇଛନ୍ତି । ତାଙ୍କ ହାତ ଏକ ବଡ ପେଣ୍ଡୁଲମ

ଘଣ୍ଟାର ସେକେଣ୍ଡ କଣ୍ଟାଭଳି ଡଙ୍ଗାରେ ଲାଗିଥିବା ଆହୁଲାର ଆଡ ବାଡିର ଆଗପଛ ହେଉଛି । ତାଙ୍କର ଗୋଡଟା ଆଗକୁ ଲମ୍ବି ଯାଇଥିଲା । ମନରେ ମୋଟେ ଆଶଙ୍କା ଥିଲାପରି ଜଣାପଡୁନଥିଲା । ଆଖି ସେମିତି ଆଗକୁ ଲମ୍ବି ଯାଇଥିଲା । କାଳନ୍ଦୀର ସେପଟେ ସେପଟେ ବେଶ କଛି ଦୂରରେ ବାଙ୍ଗଲାଦେଶ ।

ଆଉ ଶେଷରେ ସେମାନେ କଛି ସମୟପରେ କାଳନ୍ଦୀ ନଦୀର ସୀମାରେ ପହଞ୍ଚିଲେ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ନମସ୍ତେସ୍ତୁ



ଲତିକା ବିଳାସ

ଗୃନ୍ଦର ଶୀତଳ ଗୃନ୍ଦିନୀ ତୁ
ପଙ୍କେ ପ୍ରସ୍ଫୁଟିତ ପଦ୍ମିନୀ ତୁ,
ଦୁଃଖ କଳାମେଘେ ଦାମିନୀ ତୁ
କନ୍ୟା, କୂଳବଧୂ, କାମିନୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।

ଶ୍ରିୟା, ସରସ୍ୱତୀ, ଶିବାନୀ ତୁ
କାଳୀ, କାତ୍ୟାୟନୀ, କଲ୍ୟାଣୀ ତୁ,
ସୃଷ୍ଟିର ସୁନ୍ଦର ସୃଜନୀ ତୁ
ଜାୟା, ଭଗିନୀ, ଜନନୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।

ମମତାର ମଧୁ ଝରଣୀ ତୁ
ସ୍ନେହ, ଶରଧାର ସରଣୀ ତୁ,
ଧୈର୍ଯ୍ୟର ଧୀର୍‌ ଧରଣୀ ତୁ
ଦୁଃଖ ଦରିଆର ତରଣୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।
ନାରୀ ନାର୍‌ୟଣ ନମସ୍ତେସ୍ତୁ ।

ଯାଗ୍ନ୍ୟସେନୀ ଯଜ୍ଞ ନନ୍ଦିନୀ ତୁ
ବାରୁଣାର ବରବର୍ଣିନୀ ତୁ,
ପଞ୍ଚ ପତି ପଞ୍ଚ ଭ୍ବିନୀ ତୁ
କୁରୁକୂଳ କାଳ ଯାମିନୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।

ଅଶୋକ ବଣର ବନ୍ଦିନୀ ତୁ
ରଘୁ କୂଳ ମଥା ମଣ୍ଡିନୀ ତୁ,
ନିର୍ବାସିନୀ ବନ ବାସିନୀ ତୁ
ଦଶାନନ ଦର୍ପ ନାଶିନୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।
ନାରୀ ନାର୍‌ୟଣୀ ନମସ୍ତେସ୍ତୁ ।

ଦୁର୍ଗା, ଦୁର୍ଗତି ନାଶିନୀ ତୁ
ଶୁମ୍ଭ, ନିଶୁମ୍ଭ ଧ୍ଂସିନୀ ତୁ,
ଦେବ ଙ୍କ ବଳ ବର୍ଦ୍ଧିନୀ ତୁ
ମତ୍ତ ମହିଷା ମର୍ଦ୍ଦିନୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍ୟଣୀ ନମସ୍ତେସ୍ତୁ ।
ନାରୀ ନାର୍ୟଣୀ ନମସ୍ତେସ୍ତୁ ।

ସୃଷ୍ଟି, ସଂସାର ପାଳନୀ ତୁ
ସୁଖ, ସୌଭାଗ୍ୟ ଶାଳନୀ ତୁ,
ପ୍ରେମ, ପ୍ରଳୟ କାରିଣୀ ତୁ
ଶୋକ, ସନ୍ତାପ ହାରିଣୀ ତୁ,
ତୋହର ଉପମା ତୁ ହି ତୁ
ନାରୀ ନାର୍ୟଣୀ ନମସ୍ତେସ୍ତୁ ।
ନାରୀ ନାର୍ୟଣୀ ନମସ୍ତେସ୍ତୁ ।

ଭଟଲି ଛକ, ବରଗଡ

# ଛୋଟ ପଡ଼ିଲା ଏ ଜନ୍ମ



ଦିଲିପ୍ କୁମାର ତ୍ରିପାଠୀ

ତୁମ ହାତ ଧରି ବାଟ ଚାଲିବାକୁ
ଛୋଟ ପଡ଼ିଲା ଏ ଜନ୍ମ
ଶାମୁକା ଭିତରୁ ହଜିଲା ମୁକୁତା
ଫିକା ଦିଶିଲା ମୋ ମନ
ତୁମେ କ ଜାଣନା ! ତୁମେ କ ବୁଝନା ଜମା !
ବିନୁ ତୁମ ଏଠି ଶୁଖେ ମୋ ଜୀବନ ପ୍ରାଣ ।

ଭଲ ପାଉଛ କ ମୋ ଲୁହ ଏମିତି
ଝରୁଥାଉ ଦିନରାତି
ଆଉ ତୁମ ସ୍ମୃତି ଗୋଲାପ ବନରେ
ଉଡ଼ୁ ନୂଆ ପ୍ରଜାପତି
ଚାହଁ ଯଦି ତମେ ଏଇ ଛୋଟ କଥା ଜାଣ
ତୁମ ଖୁସି ପାଇଁ କାଟି ଦେବି ସବୁ ଋଣ ।

ପଗ୍ଭରିବ ଯଦି ମନକୁ ତୁମର

ଦୁଇ ଆଖି ବୁଜି ଦେଇ

ତୁମ ହୃଦୟର ପ୍ରତିଟି ସ୍ପନ୍ଦନ

ଦବ ମୋ ନାଁ କୁ କହି

ଥର ଟିଏ ପାଇଁ ଥରେ କାନ ଦେଇ ଶୁଣ

କାଳେ ଆମ ପ୍ରେମ ନେଇ ପାରେ ନୂଆ ଜନ୍ମ ।

ତୁମେ କ ଜାଣନା ! ତୁମେ କ ବୁଝନା ଜମା !

ବିନୁ ତୁମ ଏଠି ଶୁଖେ ମୋ ଜୀବନ ପ୍ରାଣ ।

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବିଚନ୍ଦ୍ର ମନ



ଡକ୍ଟର ବିଜ୍ଞାନୀ ଦାସ

କଣ ହୋଇଛି ରାଜେଶଙ୍କର ?

ଏମିତି ବିଚନ୍ଦ୍ର କଥାବାର୍ତ୍ତା କରୁଛନ୍ତି କେତେଦିନ ହେଲା । ସବୁବେଳେ ଡରିଡରି ରହୁଛନ୍ତି । କବାଟ, ଝରକା ସବୁବେଳେ ବନ୍ଦ । କଥାବାର୍ତ୍ତା ସବୁ ଫୁସ୍‌ଫାସ୍ । କାଳେ କଏ ଦେଖିଦେବ, କାଳେ କଏ ଶୁଣିଦେବ, ସବୁକଥାକୁ ଡର । ରାଧା ଏକଥା ଦେଖି ବ୍ୟସ୍ତ ହୋଇଗଲାଣି । ଏ କଣ ସବୁ ହେଉଛି ଜୀବନରେ ?

ସେଦିନ ଦୀପାବଳି ଥାଏ । ରାଧା କେତେ ପିଠାପଣା କଲା । ଘରେ ତ ରହୁଛି, କିଛି କାମ ନାହିଁ । ତେଣୁ ନିଜକୁ ବ୍ୟସ୍ତ ରଖିବାକୁ କିଛି ତ କରିବ । ପିଲା ଦୁଇଟି ସାନ । ତେଣୁ ସ୍ୱାଧୀନ ଭାବେ ଏମିତି ଦୋକାନ, ବଜାର ବି ଯାଇହେବନି । ଏଇ ପାଞ୍ଚମିନଟ୍ ଛାଡି ଆଉ ଗୋଟିଏ ଆପାର୍ଟମେଣ୍ଟ କଂପ୍ଲେକ୍ସରେ ରହନ୍ତି ରୁନି ଓ ପ୍ରଦୀପ । ଭାବିଥିଲା, ସେମାନଙ୍କୁ ଟିକେ ରାତିରେ ଡାକଦେବ । ସାଙ୍ଗ ହୋଇ ଦୀପାବଳି ଉପଭୋଗ କରିବେ । ରୁନି ଓ ପ୍ରଦୀପ ମଧ୍ୟ ସେମାନଙ୍କୁ ଏମିତି ଅତର୍କିତ ଭାବେ କେବେକେବେ ଡାକଦିଅନ୍ତି । ହେଲେ ରାଜେଶଙ୍କୁ ସେକଥା କହିବା ମାତ୍ରେ ସିଏ ଡରିଗଲେ । କହିଲେ, "ଦେଖ, କାହାକୁ ବିଶ୍ୱାସ ନାହିଁ । ତମେ ଏମିତି ସମସ୍ତଙ୍କୁ ସହଜରେ ବିଶ୍ୱାସ କରି ସେମାନଙ୍କୁ ଘରକୁ ଡାକ ବନ୍ଧୁ ବାନ୍ଧବ । ନିଜ ଘରେ ସୁରକ୍ଷିତ ହୋଇ ରୁହ ।"

"ଇଏ କି ଭଳିଆ କଥା ? ଏ କଥାର କିଛି ଅଗ, ମୂଳ ନାହିଁ ।" - ରାଧାକୁ ସେସବୁ ଅଜବ ଲାଗିଲା । ରାଜେଶ କଣ ତେବେ କିଛି ନିଶା ଦ୍ରବ୍ୟ ଖାଇଛନ୍ତି ନା କଣ ? ହେଲେ ସିଏ ତ

ସେସବୁ ଛୁଅନ୍ତିନି । ଯଦିଓ ଏବେ କଂପାନୀ ପାର୍ଟିରେ ଭଦ୍ରତା ଦୃଷ୍ଟିରୁ ଟିକେଟିକେ ୱାଇନ୍ ପିଉଛନ୍ତି, ତେବେ ଘରେ ସେସବୁ ବର୍ଜିତ । ସେ ଏମିତି ଅଦ୍ଭୁତ କଥାବାର୍ତ୍ତା କାହିଁକି କରୁଛନ୍ତି ? ହୁଏତ କଂପାନୀରେ ପାର୍ଟି ଥିଲା କି କଣ ? ସେଥିରେ ହୁଏତ ରାଜେଶ ଟିକେ ପିଇଦେଇଛନ୍ତି । ତେବେ ସିଏ ଆଉ ରୁନି ଓ ପ୍ରଦୀପଙ୍କୁ ଡାକିବାକୁ ଆଗ୍ରହ ପ୍ରକାଶ କଲାନି। ରାଜେଶ ଆସିବା ପରେ ସେମାନେ ଦୀପ ଜାଳି ପୂଜା କଲେ, ପିଠାପଣା ସବୁ ଖୁସିରେ ଖାଇଲେ । ରାଜେଶ ପଚାରିଲେ, "ରୁନି ଓ ପ୍ରଦୀପକୁ ଡାକିବାକୁ ମନାକଲି ବୋଲି ତମେ ମନରେ ଧରିଲ କି ?"

ରାଧା କହିଲା, "ନା ତ । ତାପରେ ଆଜି ତ ବୁଧବାର । କାମ କରି ସମସ୍ତେ କ୍ଲାନ୍ତ ଥିବେ । ବରଂ ଶନିବାର ପାଇଁ ଡାକିଲେ ହେବ ।"

ରାଜେଶ କହିଲେ, "ଶୁଣ, ତମେ ତ ଜାଣିଛ ପ୍ରଦୀପ କେମିଷ୍ଟ୍ରିରେ ପୋଷ୍ଟ-ଡକ୍ଟରାଲ କାମ କରୁଛି । ସିଏ ମୋ ପଛରେ ଲାଗି ଆମ କଂପାନୀର ସିକ୍ରେଟ୍ ନେଇ ନିଜେ କଂପାନୀ କରିଦେବାକୁ ଚିନ୍ତା କରୁଛି । ସେମାନଙ୍କ ସହିତ ଟିକେ ସାବଧାନତାର ସହିତ ମିଳାମିଶା କରିବ ।"

ରାଧାର ମୁଣ୍ଡ କଣ ହୋଇଗଲା । ଇଏ କି କଥା କହୁଛନ୍ତି ? ନିଜେ ସିଏ ଦୁଇବର୍ଷ ତଳେ ଆଣି ଏ ପ୍ରଦୀପ ଓ ରୁନିକୁ ପରିଚିତ କରାଇଥିଲେ । ସେତେବେଳେ ସିଏ ସେ ଏକା ୟୁନିଭର୍ସିଟିରେ ପୋଷ୍ଟ-ଡକ୍ଟରାଲ କାମ କରୁଥିଲେ । ପ୍ରଦୀପକୁ ସିଏ ହିଁ ନିଜେ ସୁପାରିଶ କରି ଅଣେଇଥିଲେ । ଅବଶ୍ୟ ପ୍ରଦୀପ ଆସିବା ପରେପରେ ରାଜେଶ ଏକ କଂପାନୀ ଚାକିରିରେ ଯୋଗ ଦେଇଥିଲେ । ହେଲେ ସେଇ ପ୍ରଦୀପକୁ, ଯାହାକୁ ନିଜ ସାନ ଭାଇ ଭଳି ଦେଖୁଥିଲେ, ଆଜି ତାକୁ ଅବିଶ୍ୱାସ କରୁଛନ୍ତି ?

ରାଧା କିଛି ବୁଝିପାରିଲାନି କି କିଛି କହିଲାନି ।

ଧୀରେଧୀରେ ରାଜେଶ ବଦଳିବାକୁ ଲାଗିଲେ । ହଠାତ୍ ଦିନେ ଆପାର୍ଟମେଣ୍ଟକୁ ଆସି ଭିତରର ଲାଇଟ୍ ସବୁ ବନ୍ଦ କରିଦେଲେ । ରାଧା ପଚାରିଲା, "ସେମିତି କାହିଁକି କରୁଛ? ଅନ୍ଧାରରେ କିଛି ଦେଖା ହେଉନି ଯେ ?"

ରାଜେଶ ଫୁସ୍‌ଫୁସ୍ କରି କହିଲେ, "ବଡ ପାଟିରେ କଥା ହୁଅନି । ସେମାନେ ମତେ ଫଲୋ କରୁଛନ୍ତି ।"

"କୋଉମାନେ ତମକୁ ଫଲୋ କରୁଛନ୍ତି ? ଆଉ କଣ ପାଇଁ ?" - ରାଧା ବିସ୍ମିତ ହୋଇ ପଚାରିଲା ।

"ଏବେ ଚୁପ୍ କର । ସେମାନେ ଯାଇସାରିବା ପରେ ମୁଁ ତମକୁ କହିବି ।" - ଏମିତି କହି ରାଜେଶ ବାହାରକୁ ଖାଲି ଚାହିଁଲେ । ଆପାର୍ଟମେଣ୍ଟକୁ କେତେ ଲୋକ ଯିବାଆସିବା କରୁଥାନ୍ତି। ତା ଭିତରୁ କିଏ ରାଜେଶଙ୍କୁ ଫଲୋ କରୁଥିଲା, ରାଧା ବୁଝିପାରିଲାନି । ତେବେ ଅଧଘଣ୍ଟାଏ ପରେ ରାଜେଶ ପୁଣି ଘରେ ଆଲୁଅ ଲଗେଇଲେ। ବଡପୁଅ ଲାଲା ଓ ସାନପୁଅ ବାଲା ଉଭୟ ସେତେବେଳେ ଶୋଇଥିଲେ । ତେଣୁ ବାପାଙ୍କର ଏ ଅଦ୍ଭୁତ ଆଚରଣ ବିରୁଦ୍ଧରେ କିଛି ବିଶୃଙ୍ଖଳା ଘଟିନଥିଲା ।

ଏମିତି ଆଉ ୫ ମାସ ବିତିଗଲା । ରାଜେଶଙ୍କର ଆଚରଣ ଦିନକୁଦିନ ବଦଳୁଥିଲା । ଦିନେ ସିଏ ଆସି ଜଣେଇଲେ, "ମୁଁ ଏ କଂପାନୀ ଚାକରି ଛାଡିଦେବି ବୋଲି ମନସ୍ଥ କରିଛି । ସେମାନେ ମୋ ପଛରେ ଲାଗିଛନ୍ତି । ମୋ କଂପ୍ୟୁଟରର ଡାଟା ସବୁ ଡିଲିଟ୍ କରିଦେଉଛନ୍ତି। ମୋତେ ରିସର୍ଚ୍ଚ ପେପର୍ ପ୍ରକାଶିତ କରିଦେବାକୁ ଦେଉନାହାନ୍ତି । ମୋତେ ସର୍ବସ୍ୱାନ୍ତ କରିଦେବାକୁ ଧମକ ଦେଉଛନ୍ତି ।"

ରାଧା ବିବ୍ରତ ହୋଇ ପଚାରିଲା, "ଆମେ ତ କାହାରି କିଛି କ୍ଷତି କରୁନାହାନ୍ତି । କିଏ କାହିଁକି ଆମର ଅନିଷ୍ଟ କରିବାକୁ ଚାହୁଁଛି ?"

ରାଜେଶ - "ଆମ କଂପାନୀ ଡାଇରେକ୍ଟର ଅନିଲ୍ ଯୋଶୀ ଆଉ ତାର କେତେକ ଚାମ୍‌ଚା ମୋ ପଛରେ ଲାଗିଯାଇଛନ୍ତି । ସେମାନେ ଭାବୁଛନ୍ତି ମୁଁ ଆମ କଂପାନୀର ସବୁ ଗୁପ୍ତ କାଗଜ

ରଖିଛି ଓ ସବୁ କଥା ଜାଣିଛି । କାଳେ ଆଉ କେଉଁ କଂପାନୀକୁ ସେ ଗୁପ୍ତ ତଥ୍ୟ ଦେଇଦେବି, ସେ ନେଇ ତାଙ୍କର ଡର । ସେଇ ଡର ପାଇଁ ମୋ ପଛରେ ଲାଗିଛନ୍ତି ।"

ରାଧା - "ହେଲେ ତମେ ତ ସେମିତି କରିନ ନା ! ସେଇ କଥା ତାଙ୍କୁ କହିଦେଉନ ।"

ରାଜେଶ - "ମୁଁ କଣ କହୁନ । ହେଲେ ସେମାନେ ବିଶ୍ୱାସ କରୁନାହାନ୍ତି । ତେବେ କଥାହେଲା, ମୋରି ଆଇଡିଆକୁ ନେଇ ତ ସେମାନେ ଏ କଂପାନୀ କରିଛନ୍ତି । ସେଥିପାଇଁ ମତେ ସବୁବେଳେ ଡରୁଛନ୍ତି । ସେଇ ଡର ପାଇଁ ମତେ ହଇରାଣ କରୁଛନ୍ତି ।"

ରାଧା ଅନଲ୍ ଯୋଶୀଙ୍କୁ ଥରେ ଦେଖିଥିଲା । ସିଏ ତାଙ୍କ ନୂଆ ଘର କଣିବା ବେଳେ କଂପାନୀର ସମସ୍ତଙ୍କୁ ଡାକଥିଲେ । ବେଶ୍ ଭଦ୍ର ଓ ଅମାୟିକ ମନେ ହେଉଥିଲେ ଅନଲ୍ ଯୋଶୀ ଓ ତାଙ୍କ ପତ୍ନୀ ଅନୁପମା । ରାଧା ତ ବେଶି କଥା କହେନ । ତେବେ ସେମାନେ ତାଙ୍କ ସହିତ ଏମିତି ମିଶିଯାଇଥିଲେ ଯେ ରାଧାଙ୍କ ମୁହଁରୁ ଅନେକ କଥା ଆପେଆପେ ବାହାରି ଯାଇଥିଲା । ଏତେ ଭଲ ଲୋକ ପୁଣି ରାଜେଶଙ୍କ ପଛରେ ଏମିତି ପଡିଯିବେ । ବିଶ୍ୱାସ ହେଉନଥିଲା । ତେବେ ହଁ, ଜୀବନରେ ଅସମ୍ଭବ ବୋଲି ତ କଛି ନାହିଁ । ନ ଦେଖିଲା କଥା ଦେଖିବାକୁ ମିଳୁଛି । ଏଇତ, ଗତବର୍ଷ ସେ ସ୍ନାଇପର୍ କେମିତି ମାତିଗଲା । ଜଣା, ଅଜଣା, ଯାହାକୁ ନାହିଁ ତାକୁ, ଯେତେବେଳେ ନାହିଁ ସେତେବେଳେ, ଯୋଉଠି ନାହିଁ ସେଠି ଗୁଳ କରିବା ଆରମ୍ଭ କରିଦେଇଥିଲା । ଭଗବାନଙ୍କୁ ଅଶେଷ ଧନ୍ୟବାଦ ଯେ ସେମାନେ ବର୍ତ୍ତି ଯାଇଥିଲେ ଓ ସେ ସ୍ନାଇପର୍ ଧରାପଡିଥିଲା । ତେବେ ସେଇଦିନରୁ ରାଧା ମଧ ଭୟଭୀତ । ଏ ଦେଶରେ ଯେ କୌଣସି ମୁହୂର୍ତ୍ତରେ ଯେ କୌଣସି ଘଟଣା ଘଟିଯାଇପାରେ । ରାଜେଶ ବି ଟିକେ ଅହଂକାରୀ । ତାଙ୍କ ଜ୍ଞାନକୁ ନେଇ ସିଏ ବହୁତ ଗର୍ବ କରନ୍ତି । ହୁଏତ ସେଥିପାଇଁ ଅନଲ୍ଙ୍କ ସହିତ କଛି ଭୁଲ୍ ବୁଝାମଣା ହୋଇପାରିଥାଏ କ କଣ ?

ରାଧାର ବି ମନେ ପଡୁଥିଲା ୟୁନଭର୍ସିଟି ମାନଙ୍କରେ କେମିତି ସବୁବେଳେ ପ୍ରତିଦ୍ୱନ୍ଦିତା ଲାଗିଥାଏ । ପ୍ରଫେସର୍ ମାନେ ସବୁବେଳେ ନଜନଜକୁ ହିଁ ସର୍ବଶ୍ରେଷ୍ଠ ବୋଲି ଭାବନ୍ତି ।

ଅନ୍ୟ ପ୍ରଫେସର୍ ମାନଙ୍କ ସହିତ ସବୁବେଳେ ଛକାପଞ୍ଝା ଲାଗି ରହିଥାଏ । ସେକଥା ନିଜର ଛାତ୍ରଛାତ୍ରୀ ମାନଙ୍କୁ ବି ଜଣାଇ ଦିଆଯାଏ । ଅନ୍ୟ ପ୍ରଫେସର୍‌ର ଛାତ୍ରଛାତ୍ରୀ ମାନଙ୍କ ସହିତ ନିଜର କୌଣସି ଆଇଡିଆ କି କୌଣସି କାମ ପ୍ରକାଶିତ ହେବା ପୂର୍ବରୁ କହିବାକୁ ବାରଣ କରି ଦିଆଯାଇଥାଏ । ରାଧା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜୀବ ବିଜ୍ଞାନରେ ପି.ଏଚ୍.ଡି କରିଛି। ତେବେ ଏ ଦେଶରେ ଏବେ ସିଏ କେବଳ ଗୃହିଣୀ ।

ହୁଏତ ସେମିତି କିଛି ଛକାପଞ୍ଝା ଚାଲିଛି ରାଜେଶ ଓ ଅନିଲ୍‌ଙ୍କ ମଧ୍ୟରେ । ହେଲେ ସେଇଟା ତ ସାଧାରଣ କଥା । ରାଜେଶ ତାକୁ ଏମିତି ଅଧିକ ଭାବି ପକାଉ ନାହାନ୍ତି ତ **?**

ରାଜେଶ ସେମିତି ଡରିଡରି ରହିବା ଆରମ୍ଭକଲେ । ରାଧାକୁ ଡରିଡରି ରହିବା ଶିଖେଇଲେ । ଉପରୋକ୍ତ ଘଟଣାର ବର୍ଷକ ପରେ, ରାଜେଶ ଆସି ଜଣେଇଲେ ଯେ ସିଏ କଂପାନୀ ଚାକରିରୁ ଇସ୍ତଫା ଦେଇଦେଇଛନ୍ତି । ଏକମାସ ପରେ ସେମାନେ ମେରୀଲାଣ୍ଡରୁ ଚାଲିଯିବେ ଚାରଲୋଟସଭିଲ୍, ଭିର୍ଜିନିଆ । ସେଠି ତାଙ୍କୁ କେମିଷ୍ଟ୍ରି ଡିପାର୍ଟମେଣ୍ଟରେ ଗୋଟିଏ ଲାବ୍ ରେ କାମ ମିଳିଛି ।

କଂପାନୀର ମୋଟା ଅଙ୍କର ଦରମା ଛାଡି ପୁଣି "ପୁନର୍ମୂଷିକ ଭବଃ" ଭଳି ସେଇ ପୋଷ୍ଟ-ଡକ୍ଟରାଲ କାମ ପାଇଁ କାହିଁକି ଯିବାକୁ ମନ ବଳେଇଲେ ରାଜେଶ **?** ରାଧା କିଛି ବୁଝିପାରୁନଥିଲା । ତେବେ ରାଜେଶଙ୍କ ମତ ବିରୁଦ୍ଧରେ କିଛି କହିବା ଭଳି, କି ପ୍ରତିବାଦ କରିବା ଭଳି ମାନସିକତା ତାର ନାହିଁ । ପ୍ରଥମେ ତ ରାଜେଶ ବଡ ଏକକୈନ୍ଦ୍ରିକ ମଣିଷ । ଯାହା ବୁଝିଥିବେ ସେଇଆ । ତାଙ୍କ କଥା ଯେମିତି ବେଦର ଗାର । ସିଏ ଯେମିତି ସବୁଠାରୁ ଜ୍ଞାନୀ ମଣିଷ । ଦ୍ୱିତୀୟରେ ରାଧାର ତ ଚାକରିବାକରି କିଛି ନାହିଁ, ପୁଣି ଛୋଟ ପିଲା ଦୁଇଟି। ଏମିତି ପରିସ୍ଥିତିରେ କେବଳ ବୋଲକାରୀ ସୁଗୃହିଣୀ ହେବା ହିଁ ତା ପକ୍ଷରେ ମଙ୍ଗଳ ।

ସେମିତି ହିଁ ହେଲା । ମେରୀଲାଣ୍ଡ ଛାଡି ସେମାନେ ଚାରଲୋଟସଭିଲ୍ ଆସିଲେ । ଚାରଲୋଟସଭିଲ୍ ଛୋଟ ସହର ଟିଏ । କୋଳାହଳ ବେଶି ନାହିଁ । କେବଳ ୟୁନିଭର୍ସିଟି

ପାଇଁ ହିଁ ସେ ସହରଟିର କଛିଟା ଭୂମିକା ରହିଛି । ତେବେ ରାଧାକୁ ବଡ ବୋରିଙ୍ଗ୍ ଲାଗୁଥିଲା। ସେଠି କଲମ୍ବିଆରେ ସିଏ କଛି ସାଙ୍ଗସାଥୀ କରିଥିଲା । ରାଜେଶଙ୍କ ବାରଣ ସତ୍ତ୍ୱେ ବି ସିଏ ଯେତେବେଳେ ଅଫିସରେ ଥାଆନ୍ତି, ଆପାର୍ଟମେଣ୍ଟ କଂପ୍ଲେକ୍ସରେ ରହୁଥିବା ଅନ୍ୟ ଭାରତୀୟ ପରିବାର ମାନଙ୍କ ସହିତ ସିଏ ମିଶୁଥିଲା । ସେଥିମଧ୍ୟରୁ ଅନେକଙ୍କ ଅବସ୍ଥା ରାଧା ଭଳି । ସେମାନଙ୍କ ସ୍ୱାମୀମାନେ କାମ କରନ୍ତି । ହେଲେ ସେମାନଙ୍କର ଭିସା ଅସୁବିଧା ନେଇ ସେମାନଙ୍କୁ କାମ କରିବାକୁ ଅନୁମତି ମିଳନଥାଏ । ଏ ଗ୍ୱରଲୋଟସଭିଲ୍ ରେ ପୁଣି ନୂଆ ସାଙ୍ଗ କରାଇବାକୁ ପଡିବ । ଯଦିଓ ଏଠି ବି ସିଏ ବେଳେବେଳେ ଭାରତୀୟ ପରିବାରଙ୍କୁ ଦେଖୁଥିଲା, ତେବେ ସେମାନେ ଏମିତି ଆପାର୍ଟମେଣ୍ଟର ପାଖାପାଖି ରହୁନଥିଲେ।

ଏମିତି ଦୁଇବର୍ଷ ବିତିଗଲା । ରାଜେଶ ଦୁଇଟି ରିସର୍ଚ୍ଚ ପେପର୍ ପବ୍ଲିସ୍ କଲେ । ପିଲାମାନେ ବଡ ହେଉଥିଲେ । ବଡପୁଅ ଏବେ ଥାର୍ଡ ଗ୍ରେଡରେ ପଢୁଥିଲା । ସାନପୁଅ ଫାଷ୍ଟ ଗ୍ରେଡରେ। ରାଧା ବେଳେବେଳେ ଡିପାର୍ଟମେଣ୍ଟ ଯାଇ କଛି ପାର୍ଟ ଟାଇମ୍ କାମ ମିଳପାରିବ କ ନା ବୋଲି ବୁଝୁଥିଲା ।

ହଠାତ୍ ଦିନେ ରାଜେଶ ଆସି ଜଣେଇଲେ ଯେ ପୁଣି ସେ ଅନଲ୍ ଓ ତା ଚରମାନେ ଆସି ତାଙ୍କ ବିରୁଦ୍ଧରେ ଏଠି କାମ ଆରମ୍ଭ କଲେଣି । ତାଙ୍କର ଦୁଇଟି ରିସର୍ଚ୍ଚ ପେପର୍ ପବ୍ଲିସ୍ ହେବା ପରେ ସେମାନେ ଅଧିକ ଈର୍ଷୁକ ହୋଇପଡିଛନ୍ତି ଓ ଏବେ ତାଙ୍କୁ ହଇରାଣ କରିବା ଆରମ୍ଭ କରିଦେଇଛନ୍ତି । ତାଙ୍କ କଂପ୍ୟୁଟର୍‌ରୁ ଡାଟା ଆପେଆପେ ନଷ୍ଟ ହୋଇଯାଉଛି । ଏବେ ତାଙ୍କ ପକ୍ଷେ ତାଙ୍କର ପରବର୍ତ୍ତୀ ରିସର୍ଚ୍ଚ ପେପର୍ ଲେଖିବା କଠିନ ହୋଇପଡିବ ।

ରାଧା ଡରିଗଲା । ହେଲେ ବୁଝିପାରୁନଥିଲା ଯେ ଅନଲ୍ କେମିତି ଏ ସବୁ କରିବା ପାଇଁ ସକ୍ଷମ ହୋଇପାରିବେ । ଏଠି ୟୁନଭର୍ସିଟିର କଂପ୍ୟୁଟର୍ ନେଟ୍‌ୱାର୍କକୁ ଭେଦ କରି ଅନଲ୍ ଭଳି ଜଣେ ପ୍ରବାସୀ ଭାରତୀୟ ଏସବୁ କେମିତି କରିପାରିବ ?

ରାଜେଶ ଏବେ ପୁଣି ଡରୁଆ ଡରୁଆ ମନେ ହେଉଥିଲେ । ତାଙ୍କର ସେ ପୁରୁଣା ଭୟ ତାଙ୍କୁ ପୁଣି ଆବୋରି ବସିଲା । ରାଧାକୁ ମନା କରିଦେଲେ ବେଶି ବାହାରକୁ ଯିବାପାଇଁ । ହୁଏତ କଏ ଲକ୍ଷ୍ୟ କରୁଥିବ । ତାଙ୍କ ଅନୁପସ୍ଥିତିରେ ତାଙ୍କ ଘରେ ପଶି ତାଙ୍କ ବ୍ୟକ୍ତିଗତ କଂପ୍ୟୁଟର୍ ଓ ଫାଇଲ୍ ସବୁ ଖୋଜି ସେମାନଙ୍କ ବିଷୟରେ ସବୁକଛି ଜାଣିବ ଓ କଛି ଚୋରିକରିବ । ରାଧା କେବଳ ପିଲାମାନଙ୍କୁ ବସ୍ ଷ୍ଟପ୍ ପର୍ଯ୍ୟନ୍ତ ନେଉଥିଲା ଓ ବସ୍ ଷ୍ଟପ୍‌ରୁ ଘରକୁ ଆଣୁଥିଲା । ତା ବ୍ୟତୀତ ଆଉ କେଉଁ ଆଡେ ଯିବାଆସିବା କରିବାର ଚାରା ନଥିଲା ।

ତେବେ ରାଧା ମନରେ ଅନେକ ପ୍ରଶ୍ନ ଉଠୁଥିଲା । ଇଚ୍ଛା ହେଉଥିଲା କାହା ଆଗରେ ଟିକେ ମନ ଖୋଲି ଗପିପକାନ୍ତା । ଜଣେ ସଦାବେଳେ ଏତେ ଭୟ ଭିତରେ ଜୀବନ କେମିତି ଜିଇଁବ ? ତାପରେ ପିଲାମାନେ ବଡ ହେଉଛନ୍ତି । ସେମାନଙ୍କ ଫିଲ୍ଡ୍ ଟ୍ରିପରେ ବି ସ୍ୱେଚ୍ଛାସେବୀ ଭାବେ ଯିବାପାଇଁ ରାଜେଶ ମନାକରି ଦେଇଛନ୍ତି ।

ରାଜେଶ ତ କଛି ଅତି ବିଶିଷ୍ଟ ଲୋକ ନୁହଁନ୍ତି । ଜଣେ ସାଧାରଣ ବୈଜ୍ଞାନକ । ତାଙ୍କ ଭଳି ହଜାରହଜାର ଲୋକ ପି.ଏଚ୍.ଡି. କରି ବୈଜ୍ଞାନକ, ଗବେଷକ ହୋଇଛନ୍ତି । ସିଏ ନା କେଉଁ ବଡ ପୋଜିସନରେ ଅଛନ୍ତି, ନା କେଉଁ ବିଶିଷ୍ଟ ବ୍ୟକ୍ତିର ବଂଶଧର । ସାଧାରଣ ପୋଷ୍ଟ-ଡକ୍ଟରାଲ ଅସ୍ଥାୟୀ ଗବେଷକ ଜଣେ । ତାଙ୍କ ବିରୁଦ୍ଧରେ ସତରେ କଣ କଏ ଏତେ ହାଇଟେକ୍ ଉପାୟ ଅବଲମ୍ବନ କରି ତାଙ୍କୁ ହଇରାଣ କରିବାକୁ ଚାହିଁବ ? ଆଉ ତାଙ୍କୁ ହଇରାଣ କରି ଜଣେ ପାଇବ ବା କଣ ?

ଏମିତି ହୋଇ ଆହୁରି ବର୍ଷଟିଏ ବିତିଗଲା । ଶିବୁ ଭାଇ ଓ ତାଙ୍କ ପତ୍ନୀ ସୋନ ଅପାଙ୍କ ପୁଅର ୟୁନଭର୍ସିଟିରେ ଆଡ୍‌ମିଶନ୍ ହୋଇଥିଲା । ସେମାନେ ତାଙ୍କ ପୁଅକୁ ଛାଡିବାକୁ ଆସୁଥିଲେ । ମେରୀଲାଣ୍ଡରେ ଥିବା ବେଳେ ସେମାନେ ହିଁ ରାଜେଶ ଓ ରାଧାଙ୍କର ବଡ ଭାଇ ଓ ଭଉଣୀ ଭଳ ଥିଲେ । ପର୍ବପର୍ବାଣୀରେ ସେମାନଙ୍କ ଘରକୁ ଡାକୁଥିଲେ ଓ ଅନ୍ୟ ଓଡିଆମାନଙ୍କ ସହିତ ମିଶିବାର ସୁଯୋଗ ଯୋଗାଇ ଦେଉଥିଲେ । ସମୟ ଅସମୟରେ ରାଜେଶ ଓ ରାଧା ସେମାନଙ୍କର ଉପଦେଶ ଲୋଡୁଥିଲେ । ସୋନ ଅପା ଫୋନ୍ କରି

କହିଲେ, "ରାଧା, ଆମେ ରାଉରକେଲାଠାରେ ଅଛୁ, ତମ ପାଖକୁ ଆସୁଛୁ । ଭାବୁଛୁ, ଯଦି ତମର ସମୟ ଥାଏ, ତେବେ ତମମାନଙ୍କୁ ଭେଟିବୁ ।"

ରାଜେଶ ଖୁସି ହେଲେ । ନିଜ ତରଫରୁ ସେମାନଙ୍କୁ ଫୋନ୍ କରି ନିଜ ଘରେ ରହିବାକୁ ଅନୁରୋଧ କଲେ । ସେମାନେ ବି ରାଜି ହେଲେ ।

ଶିବୁ ଭାଇ ଓ ସୋନ ଅପାଙ୍କ ରହଣି ସମୟରେ ତାଙ୍କ ପାଖରେ ଅନର୍ଗଳ ଗପିଗଲେ ରାଜେଶ । ଏବେ ସିଏ କିଛି କାମ କରିପାରୁନାହାନ୍ତି । ପ୍ରଥମ ଦୁଇବର୍ଷ ଭଲ ଚାଲିଥିଲା । ପୁଣି ଏବେ ସେମାନେ ସକ୍ରିୟ ହୋଇଯାଇଛନ୍ତି । ତାଙ୍କ କଂପ୍ୟୁଟରରୁ ଡାଟା ସବୁ ଆପେ ଆପେ ନଷ୍ଟ ହୋଇଯାଉଛି । ତାଙ୍କ ପ୍ରଫେସର୍ ଏଥିରେ ଅସନ୍ତୁଷ୍ଟ । ସେମାନଙ୍କ ପ୍ରୋଜେକ୍ଟ କାମର ରିପୋର୍ଟ ବି ଠିକ୍ ସମୟରେ ପ୍ରସ୍ତୁତ ହୋଇପାରୁନି । ଏବେ ତେଣୁ ତାଙ୍କ ପ୍ରଫେସର୍ ପାଖରେ ସେ ପ୍ରୋଜେକ୍ଟ ପାଇଁ ଫଣ୍ଡିଙ୍ଗ୍ ନାହିଁ । ରାଜେଶ ନୂଆ ଚାକିରି ଖୋଜୁଛନ୍ତି । କିନ୍ତୁ ନିଜ ଘରର ଇଣ୍ଟରନେଟ୍ ଉପରେ ତାଙ୍କର ଭରସା ନାହିଁ । ଏବେ ସେମାନେ ତାଙ୍କ ଘର ଇଣ୍ଟରନେଟ୍‌କୁ ବି ନିୟନ୍ତ୍ରଣ କରୁଛନ୍ତି ଓ ତାଙ୍କ ବ୍ୟକ୍ତିଗତ କଂପ୍ୟୁଟର୍‌କୁ ବି ହ୍ୟାକ୍ କରିନେଇଛନ୍ତି ।

ଶିବୁ ଭାଇ ଉପଦେଶ ଦେଲେ, "ତମେ ତେବେ ପୋଲିସ୍‌କୁ ଜଣାଉନ କାହିଁକି ?"

ରାଜେଶ କହିଲେ, "ପୋଲିସ୍‌କୁ ଜଣେଇଲେ ସେମାନେ ଯଦି ଆଉ କିଛି ଅଲଗା ଗଣ୍ଡଗୋଳ କରିବେ ? ଆମେ ପୋଲିସ୍ ପାଖକୁ ଗଲେ ସେମାନେ ଜାଣିପାରିବେ । ସେମାନେ ଆମର ସବୁ ଗତିବିଧିକୁ ଅନୁସରଣ କରୁଛନ୍ତି । ଆମେ ପୋଲିସ୍ ପାଖକୁ ଗଲେ ସେମାନେ ହୁଏତ ଅଧିକ ରାଗିଯାଇ କିଛି କରିବେ ।"

ଶିବୁ ଭାଇ କହିଲେ, "ତଥାପି ମୋ ମତରେ ପୋଲିସ୍‌କୁ ଜଣେଇବା ଉଚିତ । ତମେ, ଆମେ ସବୁ ସାଧାରଣ ଲୋକ, ସାଧାରଣ ଜୀବନଯାପନ କରିବାକୁ ଚାହୁଁଛୁ । ଆମ ଉପରେ କଣ ପାଇଁ କିଏ ଏତେଦୂର ପଦକ୍ଷେପ ନେବ ?"

ରାଧା ସେଦିନ ଅନେକ କଥା ଜାଣିଲା । ରାଜେଶ ତାକୁ ଅନେକ କଥା କହିନଥିଲେ । ଶିବୁ ଭାଇ କହିଚାଲିଲେ, "ତମର ପରିବାର ଅଛି । ସେମାନଙ୍କ ପ୍ରତିପୋଷଣର ଦାୟିତ୍ୱ ଅଛି । ତମେ ଯଦି ଚାହୁଁଛ ତ ଆମ ଘରକୁ କେବେ ଆସ । ସେଠି ଆମ କଂପ୍ୟୁଟର୍ ବ୍ୟବହାର କରି ତୁମେ ଚାକରି ପାଇଁ ଦରଖାସ୍ତ ପକେଇପାରିବ ।"

ରାଜେଶ କହିଲେ, "ହଁ ସେଇଆ କରିବି । ତେବେ ଆପଣଙ୍କୁ ମୁଁ ଫୋନ୍ କରିବି ଓ ମୋ ଆସିବା ବିଷୟରେ ଜଣେଇବି । ଆପଣ ମତେ ଫୋନ୍ କରିବେନ । ନହେଲେ ସେମାନେ ଜାଣିଦେବେ ।"

ରାଜେଶ ଶିବୁ ଭାଇଙ୍କ ଘରକୁ ଗଲେ । ସେଠି ଆପ୍ଲାଏ କଲେକ ନାହିଁ ସିଏ ଜାଣନ୍ତି । ତେବେ ଦୁଇ ମାସ ପରେ ଚାକରି ଚାଲିଗଲା । ପ୍ରଫେସର୍‌ର ଅନ୍ୟ ଯେଉଁ ପ୍ରୋଜେକ୍ଟ୍ ସବୁ ଥିଲା, ସେଥିରେ ଛୋଟମୋଟ କାମ ଦେଇ କିଛିଦିନ ଚଳେଇନେଲେ । ହେଲେ ରାଜେଶଙ୍କର କାମର ଫଳାଫଳ କିଛି ଭଲ ମିଳୁନଥିଲା । ଶେଷରେ ଦିନେ ସଂପୂର୍ଣ୍ଣଭାବେ ୟୁନିଭର୍ସିଟିରୁ ଛଟେଇ ହୋଇଗଲା । ଚାକରି ଚାଲିଯିବା ପରେ ବେକାରି ଭତ୍ତା ପାଇଁ ଦରଖାସ୍ତ ଦେବାକୁ ପଡିଲା । ସେତେବେଳକୁ ସେମାନଙ୍କୁ ଆମେରିକାର ନାଗରିକତ୍ୱ ମିଳଯାଇଥିଲା । ଆମେରିକାର ନାଗରିକ ମାନଙ୍କ ପାଇଁ ସରକାର ସେ ସୁବିଧା ରଖିଛି । ସେଦିନ ରାଧା କେତେ ଯେ କାନ୍ଦିଲା, କେତେ ନିଜକୁ ଧିକ୍କାର କଲା, କେବଳ ସିଏ ହିଁ ଜାଣେ । ଜଣେ ପ୍ରଫେସର୍‌ର ଝିଅ, ପି.ଏଚ୍.ଡି କରି ଡକ୍ଟରେଟ୍ ଡିଗ୍ରୀ ପାଇ ଘରେ ବସି ଯେତେଟା ନିଜକୁ ହୀନ ମନେ କରିନଥିଲା, ଆଜି ତା' ବୈଜ୍ଞାନିକ ସ୍ୱାମୀର ବେକାରୀ ଭତ୍ତା ପାଇଁ ଦରଖାସ୍ତ ଦେବାଟା ତାକୁ ଅଧିକ ଦୁଃଖ ଦେଉଥିଲା ।

ଏଥିରୁ ମୁକୁଳିବା ପାଇଁ କି ବାଟ ଧରିବ ରାଧା । କିଏ ଯେମିତି ମନ ଭିତରୁ କହୁଥିଲା, "ତୋର ବି ତ ଯୋଗ୍ୟତା ଅଛି । ତୁ ରାଜେଶକୁ ଛାଡିଦେ । ନିଜ ପିଲାମାନଙ୍କର ଭବିଷ୍ୟତ ଦେଖେ । ସେମାନଙ୍କୁ ନେଇ ଛୋଟମୋଟ କିଛି ଚାକରି ଦେଖି କେଉଁ ଦୂର ସ୍ଥାନକୁ ଚାଲିଯା। ନହେଲେ ରାଜେଶ ତୋ ମୁଣ୍ଡକୁ ବି ଖରାପ କରିଦେବ ଓ ତୋ ପିଲାମାନଙ୍କର ଭବିଷ୍ୟତ ଅନ୍ଧକାର ହୋଇଯିବ ।"

ସେମିତି କରିବ କ ରାଧା ? ସାହସ ହେଉନଥିଲା । ସିଏ କେବେ ରାଜେଶଙ୍କ କଥା ଉପରେ କଥା କହିନ । ତାଙ୍କ ମତ ଉପରେ ମତାମତ ଦେଇନ । କେବଳ ନିଜ କର୍ତ୍ତବ୍ୟ ମାନ ଭଲ ସ୍ତ୍ରୀ ହେବାକୁ ଯଥାସାଧ୍ୟ ଚେଷ୍ଟା କରିଛି । ମନେପଡିଲେ ଶାଶୂ, ଶ୍ୱଶୁର । ମନେପଡିଲେ ନଣନ୍ଦ, ଦିଅର । ମନେପଡିଲେ ବୋଉ, ବାପା, ଭାଇ, ଭଉଣୀ । ମନେପଡିଲା ବାହାଘର ସମୟର କୋଳାହଳ, ଖୁସି, ରାଜେଶଙ୍କ ଘରେ ତାଙ୍କର ସ୍ୱାଗତ । ଶାଶୂ, ଶ୍ୱଶୁର କେତେ ଭଲ । କେମିତି ସିଏ କଳଙ୍କ ଲଗେଇବ ଦୁଇ ପରିବାରରେ, ଦୁଇ କୂଳରେ ? ତାପରେ ରାଜେଶ, ତାଙ୍କୁ ବି ତ ରାଧା ଭଲପାଏ, ତାଙ୍କ ମଙ୍ଗଳ ଚାହେଁ । କଣ କରିବ ତେବେ ?

ହୁଏତ ରାଜେଶଙ୍କର କିଛି ମାନସିକ ରୋଗ ଅଛି, ଯାହାର ଚିକିତ୍ସା ଦରକାର । ଏବେ ପିଲାମାନଙ୍କ ସ୍କୁଲର ଉତ୍ସବକୁ ସବୁ ଯାଇ ସିଏ ଏସବୁ ବୁଝିଛି । କେତେକେତେ ପିଲାଙ୍କର ଅଟିଜିମ୍ ଭଳି ଗୋଟିଏ ମାନସିକ ରୋଗ ବାହାରୁଛି । ସେମାନେ ଅସ୍ୱାଭାବିକ ଆଚରଣ କରୁଛନ୍ତି । ବଡପୁଅର ଶ୍ରେଣୀରେ ସେମିତି ଦୁଇଟି ପିଲା ଅଛନ୍ତି ।

ପବ୍ଲିକ୍ ଲାଇବ୍ରେରୀରୁ କେତେକ ବହି ଆଣି ସିଏ ପଢି ଯାହା ବୁଝିଛି, ବୟସ୍କ ବ୍ୟକ୍ତି ମାନେ ବି କେତେକ ମାନସିକ ରୋଗର ଶୀକାର ହୁଅନ୍ତି । ରାଜେଶଙ୍କର କଣ ସେମିତି କିଛି ରୋଗ ଅଛି ? ହେଲେ ରାଜେଶ ଜଣେ ବୈଜ୍ଞାନିକ । ତାଙ୍କ ସ୍କୁଲ ସମୟରୁ କଲେଜ ପର୍ଯ୍ୟନ୍ତ ସବୁଥିରେ ଫାଷ୍ଟ କ୍ଲାସ୍ । ପି.ଏଚ୍.ଡି. କରି ପୋଷ୍ଟ-ଡକ୍ଟରାଲ କରି ଏତେ ସବୁ ସନ୍ଦର୍ଭ ଲେଖି ପ୍ରକାଶିତ କରାଇଛନ୍ତି । ସିଏ କଣ ପାଗଳ ହୋଇପାରିବେ ?

ତେବେ ଏ ସମସ୍ୟାର ସମାଧାନ କଣ ? ସିଏ କଣ ରାଜେଶଙ୍କୁ ଜଣେ ମାନସିକ ବିଶେଷଜ୍ଞଙ୍କୁ ଦେଖା କରିବାକୁ ପରାମର୍ଶ ଦେବ ?

ରାଜେଶ କଣ ତା' କଥା ଶୁଣିବେ ?

ଦିନ ବିତୁଥିଲା । ଏବେ ବେକାରୀ ଭତ୍ତା ପାଇ ଚଳବାର ଛଅ ମାସ ହେଲାଣି । କାହିଁ କେଉଁଠି ରାଜେଶଙ୍କ ଚାକିରି ହେବାର ସନ୍ଦେଶ ନାହିଁ । ବଡପୁଅ ସ୍କୁଲରୁ ଫେରି ସେଦିନ ଜଣେଇଲା, "ଜାଣିଛ ମମି, ଆଜି ଆମ ସ୍କୁଲରେ ବିଖ୍ୟାତ ଗାଣିତିକ ଜନ୍ ନ୍ୟାସ୍ଙ୍କ

ବିଷୟରେ ମାଡାମ୍ କହୁଥିଲେ । ତାଙ୍କ ଜୀବନକୁ ନେଇ ଗୋଟିଏ ସିନେମା ତିଆରି ହୋଇଛି "ଦ ବିଉଟିଫୁଲ୍ ମାଇଣ୍ଡ୍' । ଜାଣିଛ, ଏତେ ବଡ ଗାଣିତିକ, ହେଲେ ତାଙ୍କର ସ୍କିଜୋଫ୍ରେନଆ ଥିଲା । କଏ ବିଶ୍ୱାସ କରିବ କୁହ ତ ?"

ପୁଅ ତ ଏମିତି କହିଦେଲା । ଭଲ ହୋଇଛି ସେତେବେଳେ ରାଜେଶ ଘରେ ନଥିଲେ । ପୁଅ କହିସାରିବା ପରେ ରାଧା ଭାବିଲା, "ତେବେ କଣ ରାଜେଶଙ୍କର ସ୍କିଜୋଫ୍ରେନଆ ରୋଗ ଅଛି?"

ଲାଇବ୍ରେରୀ ଯାଇ ସ୍କିଜୋଫ୍ରେନଆ ରୋଗ ବିଷୟରେ ପଢିଲା ରାଧା । ମନେ ହେଉଥିଲା ହୁଏତ ରାଜେଶ ସ୍କିଜୋଫ୍ରେନଆ ରୋଗୀ । ଏ ବିଷୟରେ ଶାଶୁ, ଶ୍ୱଶୁରଙ୍କୁ କହିବ କି ସିଏ? ବାପା, ବୋଉଙ୍କୁ କହିବ କି ? ରାଜେଶଙ୍କ ସହିତ ଆଲୋଚନା କରିବ କି ?

ବଡପୁଅର ସ୍କୁଲରେ ପଞ୍ଚମ ବର୍ଷ । ସେମାନଙ୍କର "ବ୍ୟାକ୍ ଟୁ ସ୍କୁଲ୍ ଡେ' ଥିଲା । ରାଜେଶ ନ ଯାଇ ଘରେ ରହିଲେ । ରାଧା ଦୁଇ ପୁଅଙ୍କୁ ଧରି ସ୍କୁଲ୍ ଯାଇଥିଲା । ରାଧା ଫେରିବା ବେଳକୁ ଅନ୍ଧାର ହୋଇଥିଲା । ହେଲେ ରାଜେଶ କୁଆଡେ ଗଲେ । ଶୋଇପଡିଲେ କି ଆଉ? କବାଟରେ ଠକ୍‌ଠକ୍ କରି ମଧ୍ୟ କିଛି ଜବାବ ନାହିଁ । ସେଦିନ ଘର ଚାବି ନେବାକୁ ଭୁଲି ଯାଇଥିଲା ରାଧା । ଏବେ ତେବେ କରିବ କଣ ? ରାଜେଶଙ୍କର ତ ଘରେ ରହିବାର ଥିଲା, ହେଲେ ସିଏ ଗଲେ କୋଉଠିକି ?

ଏମିତି ଘଣ୍ଟାଏ ବିତିଗଲା । ଯେତେ କବାଟ ଠକ୍‌ଠକ୍ କରିଲେ ବି ଖୋଲିଲାନି । ରାଜେଶ ସେଲ୍ ଫୋନ୍ କି ଘର ଫୋନ୍ କିଛି ଧରୁନାହାନ୍ତି । ବାଧ୍ୟ ହୋଇ ପଡିଶା ଘରକୁ ଯାଇ ତାଙ୍କ ଫୋନରେ ପୋଲିସ୍ ଡାକିଲା ରାଧା । ପୋଲିସ୍ ଦୁଇଜଣ ଆସି କବାଟ ଭାଙ୍ଗି ଘରେ ପଶିଲେ। ରାଜେଶଙ୍କୁ କୋଉଠି ଦେଖିଲାନି ରାଧା । "ହେ ଭଗବାନ, କଣ କରିବି ମୁଁ ?" ଜଣେ ପୋଲିସ୍ କହିଲା, "ସିଏ ହୁଏତ ବାହାରକୁ ଯାଇଥିବେ ?" ହେଲେ ସେମାନଙ୍କର ତ ଗୋଟିଏ ଗାଡି, ଯେଉଁଟାକୁ ରାଧା ନେଇଯାଇଥିଲା । ତେବେ ସେ ଗଲେ କୁଆଡେ ? ଘର

ଭିତରେ କ ବାଥରୁମ ରେ ବି ତାଙ୍କୁ ନ ପାଇବାରୁ ପୋଲିସ୍ ଯାଇ କ୍ଲୋଜେଟ୍ ଭିତରେ ଖୋଜିଲା ।

ରାଧା ପ୍ରତିବାଦ କରୁଥିଲା । ସିଏ କ୍ଲୋଜେଟ୍ ଭିତରେ କାହିଁକି ପଶିବେ ? ହେଲେ ପୋଲିସ୍ ର ନିୟମ ଅନୁଯାୟୀ, ସେମାନେ ଘରର ପ୍ରତି କୋଣ, ଅନୁକୋଣ ଖୋଜିବେ, ଯଦି ସେଥିରେ ବିଫଳ ହେବେ, ତାପରେ ଯାଇ ଅନ୍ୟ ସବୁ ତଥ୍ୟ ଯଥା ଅପହରଣ ଇତ୍ୟାଦି ବିଷୟରେ ଭାବିବେ ।

କ୍ଲୋଜେଟ୍ ଭିତରେ ରାଜେଶ ଘୋଡେଇ ହୋଇ ବସି ରହିଥିଲେ । ପୋଲିସ୍ କୁ ଦେଖି ଚତ୍କାର କଲେ । "ସେମାନେ ମୋ ସ୍ତ୍ରୀକୁ ମାରିଦେଲେ । ସେମାନେ ମୋ ପୁଅକୁ ମାରିଦେଲେ । ମତେ ବି ମାରିଦେବେ । ଆପଣ ସେମାନଙ୍କୁ ଧରନ୍ତୁ । ସେମାନେ ମୋ କଂପ୍ୟୁଟରରୁ ସବୁ ଡାଟା ଡିଲିଟ୍ କରିଦେଲେ । ମତେ ସୁରକ୍ଷା ଦିଅନ୍ତୁ । ମୁଁ ବଞ୍ଚିବାକୁ ଚାହେଁ ।"

ରାଧା ସଜଳ ନେତ୍ରରେ ଏ ଦୃଶ୍ୟ ଦେଖୁଥିଲା । ପିଲାମାନେ ଭୟଭୀତ ଆଖିରେ ଦେଖୁଥିଲେ ସେମାନଙ୍କର ବୈଜ୍ଞାନିକ ପିତାଙ୍କୁ । ପୋଲିସ୍ କହିଲେ, "ଏବେ ଆମେ ତାଙ୍କୁ ୟୁନିଭର୍ସିଟି ହସ୍ପିଟାଲ୍ କୁ ନେଇଯାଉଛୁ । ସିଏ ଏକ ମାନସିକ ବିକାରଗ୍ରସ୍ତ ରୋଗୀ । ଏଠି ଆପଣଙ୍କ ପାଇଁ ଓ ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରନ୍ତି ।"

ପୋଲିସ୍ ରାଜେଶଙ୍କୁ ନେଇଗଲେ । ରାଧା ଭୋ ଭୋ କରି କାନ୍ଦି ଉଠିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଓଃଫ୍ ତୁମେ ଓ ତୁମ ଜିଦ୍



କାର୍ତ୍ତିକ ପାଣିଗ୍ରାହୀ

ସବୁ କଥାର କଛି କାରଣ ଥାଏ
ନା ସବୁ କାରଣ ପଛରେ କଛି କଥା ..!
ସତରେ ତୁମକୁ ବୁଝିବା କ ବୁଝାଇବା
ଏତେ କଷ୍ଟ ବୋଲି ଯଦି ଜାଣିଥାଆନ୍ତି
ତୁମକୁ ବୁଝାଇବା ପୂର୍ବରୁ
ଅନ୍ତତଃ ପକ୍ଷେ ନଜକୁ
ବୁଝିବାକୁ ଚେଷ୍ଟା କରିଥାନ୍ତି
ସତରେ,
ଯେବେ ବି ମୋ ନଜକୁ ଖୋଜେ
ମୋ ପାଦର ଯାତ୍ରା ତୁମ ନକଟରେ ହିଁ
କାହିଁକ ଶେଷ ହୋଇଯାଏ ..
ଯଦି ସେ କଥା ମୁଁ ଜାଣନ୍ତି
ତାହେଲେ ନଜକୁ ଖୋଜିବା ପୂର୍ବରୁ
ତୁମକୁ ହିଁ ଖୋଜି ଆଣନ୍ତି ....
ଯେବେ ବି ତୁମ ସହ କଥା ହୁଏ
ତୁମରି କଥା ହିଁ କହେ
ଯାହା ବି ଶୁଣେ
ତୁମକୁ ହିଁ ଶୁଣେ
ବୁଝି ପାରେନ କଥାମାନେ
ତୁମ ଗୃରି ପାଖରେ ଘୁରି ବୁଲନ୍ତି,

ନା କଥାମାନଙ୍କର କଥା ସବୁ
ତୁମଠୁ ଆରମ୍ଭ ହୋଇ
ତୁମ ପାଖେ ସାରିଯାଆନ୍ତି **...!**
ବେଳେ ବେଳେ ଭାବେ
ନା ଆଉ ନୁହେଁ
ଏଣିକ ଏକ ନିର୍ଣ୍ଣାୟକ ସ୍ତରକୁ ଆସିବାକୁ ହିଁ ପଡିବ
କିଛି କଥା ହିଁ କହିବାକୁ ହେବ
କିଛି ନ କହିବାକୁ ହେବ
ହଁ, ଏମିତି କିଛି ନ କହିବା କଥା ବି
ବେଳେ ବେଳେ କହିବାକୁ ହେବ
ଏପରି କିଛି କହିବା କଥା ବି
ନ କହିବାକୁ ହେବ **...**
ଜାଣିଛ, ଏ କହିବା ନ କହିବାର ଦୋଛକରେ ଛିଡା ହୋଇ
ମୁଁ ମିଛ କହିବା ବି ଶିଖିଗଲିଣି
ଆଉ ମୋ ମିଛ ଅନ୍ୟ ପାଇଁ
କଥା ଓ କାହାଣୀର କଥାବସ୍ତୁ ପାଲଟିଗଲାଣି
ସେ କଥା ମୁଁ ନିଜେ ହିଁ ଜାଣିପାରିନି **...**
ଅଥଚ ତୁମେ ଓ ତୁମ ଜିଦ
ଏବେ ବି ପଡିଛି
ମୋ ପ୍ରତିଟି ଅଭିବ୍ୟକ୍ତିର କାରଣ ପଛରେ**...**
ଯାହାର କାରଣ
ନା ତମେ ଜାଣିଛ ନା ମୁଁ**....!!!**

# ଏମିତି ବର୍ଷା



ତପନ ସ୍ୱାଇଁ

ଏପାଖେ ବର୍ଷୁଛି ସାରା ରାତି ବର୍ଷା
ସେପାଖେ ଚାହିଁଛି ପ୍ରିୟା ,
ଘାଟ ସେପାରିର ନାଆକୁ ଚାହିଁ ମୁଁ
ଏପାଖେ ହୋଇଛି ଠିଆ ।୦।
ଘୁମେଇ ପଡିଛି ରାତିର ଅନ୍ଧାର
ମନେ ଲାଗେ କାହିଁ ଭିତି,
ଅଳସୀ ପ୍ରିୟା ମୋ ବତୁରାଆଖିରେ
ଚାହିଁ ଥିବ ସାରା ରାତି,
କାହିଁକି ବର୍ଷୁଛି ଏମିତି ବରଷା
ବାଟ ଛାଡୁ ନାହିଁ କଆଁ ।
ମନ କାଗଜରେ ଆଙ୍କିଥିଲି ଛବି
ଦେଖି ମୁଁ ସପନେ ତାକୁ,
ସବୁ ଛବି ମୋର ଭିଜିଲା ବର୍ଷା ରେ
ନାହିଁ କଛି ଦେଖିବାକୁ
ନେହୁରା ହେଉଛି ଥମିଯାଆ ବର୍ଷା
ଶିଥିଳ ହେଲାଣି ହିଆ ।୨।

ଜଳଯୋଗାଣ ଶାଖା, ରାଣୀହାଟ, କଟକ

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)

**ପ୍ରଶ୍ନ - ୧୪ : ବ୍ୟକ୍ତିଗତ ସମସ୍ୟାର ସମାଧାନ ବା ଆରୋଗ୍ୟ ଲାଭ ନିମନ୍ତେ ବିଭିନ୍ନ ସ୍ଥାନରେ ହୁକୁମ୍ ଦିଆଯାଏ । ସେଠାରେ ବହୁ ଜନସମାଗମ ହୋଇଥାଏ । କିଛି ଲୋକଙ୍କ ଆଶା ପୂରଣ ହୋଇଥାଏ ବୋଲି ମଧ୍ୟ ଶୁଣାଯାଏ । ଏ ସମ୍ପର୍କରେ ଆପଣଙ୍କର କି ବିଶ୍ୱାସ ରହିଛି?**

**-ଉତ୍ତର-**

- ମନୁଷ୍ୟ ମନର ଏ ପ୍ରହେଳିକା କେତେକ ଲୋକଙ୍କୁ ଏହି ବିଜ୍ଞାନ ଯୁଗରେ ମଧ୍ୟ ଆଚ୍ଛନ୍ନ କରି ରଖିଛି ।

[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଆମେ ମହିମାଧର୍ମୀ ଏହାକୁ ଗ୍ରହଣ କରୁନାହିଁ ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ମୋର ଏ ବିଷୟରେ କୌଣସି ଧାରଣା ନାହିଁ ।

[ଡ. ସଚ୍ଚି ରାଉତରାୟ]

- କଥାରେ ଅଛି ବିଶ୍ୱାସେ ମିଳାଇ ହରି, ତର୍କେ ବହୁଦୂର । ଯେଉଁମାନଙ୍କର ହୁକୁମ ଉପରେ ବିଶ୍ୱାସ ଅଛି, ସେମାନେ ଫଳ ନ ପାଇଥିଲେ ସେଠାକୁ ଯାଆନ୍ତେ ନାହିଁ । ମୋ ନନାଙ୍କର ଜଣେ କକେଇ ନାରାୟଣ ଦାଶ ମହାଦେବ ନୀଳକଣ୍ଠଙ୍କ ପ୍ରେରଣାରେ ହୁକୁମ ଦେଇ ଓ ହୁକୁମ ଔଷଧ ପ୍ରୟୋଗ କରି ବହୁ ଲୋକଙ୍କୁ ଆରୋଗ୍ୟ କରିଛନ୍ତି ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏଥିରେ ସାମାନ୍ୟ ସତ୍ୟତା ରହିଛି । କିନ୍ତୁ ୧୯୩୬ (?)ରେ କାଳୁପଡାଘାଟର ହୁକୁମ, ତା'ପରେ ଅନୁଗୁଳର ନେପାଳ ବାବାଙ୍କ ହୁକୁମ ଓ ପ୍ରାୟ ଗୋଡ଼ିଏ ବର୍ଷ ପୂର୍ବେ ଫୁଲନଖରା ଧାନମଣ୍ଡଳର ହୁକୁମ ଓ ପୁରୀ-ଭୁବନେଶ୍ୱର ରାସ୍ତାରେ ଥିବା ସାତଶଂଖ ନିକଟବର୍ତ୍ତୀ ଏକ ଗ୍ରାମର ହୁକୁମ (ପ୍ରାୟ ୪ ବର୍ଷ ତଳେ) ଏକ ପ୍ରହସନରେ ପରିଣତ ହେଇଥିଲା । ବେଶୀ ଲୋକ ହେଲେ ସହରରେ ମଧ ହୋଟେଲରେ ଖାଇବାକୁ ମିଳେନାହିଁ ।

[ଅଧାପକ ଗୌରୀକୁମାର ବ୍ରହ୍ମା]

- କେତେକ ରୋଗ ଅଛି, ଯାହାକୁ psychosomatic କହନ୍ତି । ମାନସକ ଅବସ୍ଥା ଉପରେ ତାହା ନିର୍ଭର କରେ । ସେହିଭଳ ରୋଗ ଆରୋଗ୍ୟ ହୋଇପାରେ । ଅନ୍ୟ ରୋଗ ବିଷୟରେ ମୁଁ ସନ୍ଦିହାନ ।

[ଜଷ୍ଟିସ୍ ନବକୁମାର ଦାସ]

- କେତେକ ମନସ୍ତାତ୍ତ୍ୱିକ ରୋଗୀ ଏଥିରୁ ଅଳ୍ପ ସମୟ ପାଇଁ ଆରୋଗ୍ୟ ପାଆନ୍ତି, ସମ୍ପୂର୍ଣ୍ଣ ଭାବରେ ନୁହେଁ । ଏହାର ସତ୍ୟତା ପୂର୍ଣ୍ଣମାତ୍ରାରେ ପ୍ରମାଣିତ ହୋଇନାହିଁ ।

[ପ୍ରଫେସର ରାଧାନାଥ ରଥ]

- କଥା ସମ୍ପୂର୍ଣ୍ଣ ଅବିଶ୍ୱାସ କରାଯାଇ ପାରେନା, କିନ୍ତୁ ହଠାତ୍ ଯେଉଁ 'ହୁକୁମ' କଥା ଉଠେ, ସେସବୁ ଠକେଇ ବୋଲି ମୋର ମନେହୁଏ ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ଏଠାରେ ଲୋକଙ୍କ ବିଶ୍ୱାସ ହିଁ କାର୍ଯ୍ୟ କରେ । ବହୁ ଲୋକଙ୍କୁ ବିଭ୍ରାନ୍ତିରେ ପକାଏ । ମୁଁ ବିଶ୍ୱାସ କରେନା ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଯେଉଁମାନେ ଏଥିରେ ବିଶ୍ୱାସ କରନ୍ତି, ସେମାନଙ୍କୁ ନଷ୍ଟୟ କଛି ଫଳ ସାନ୍ତ୍ୱନା ମିଳୁଥିବ ।

[ଅଧାପକ ଚତ୍ତରଞ୍ଜନ ଦାସ]

- କ୍ଷମା କରିବେ, ମୋର ଆଦୌ ବିଶ୍ୱାସ ନାହିଁ ଏହି ପ୍ରକାର ଅଣବୌଦ୍ଧିକ ଚହଟ ଉପରେ ।

[କଶୋରୀ ଚରଣ ଦାସ]

- କେବଳ 'ଦିବ୍ୟପୁରୁଷ' ମାନଙ୍କ ଆଶୀର୍ବାଦ ବଳରେ ବିପଦମୁକ୍ତ ବା ଆରୋଗ୍ୟ ଲାଭ ହେବାର ଅନେକ ପ୍ରମାଣ ରହିଛି । ତଥାକଥିତ 'ହୁକୁମ' ସମ୍ପର୍କରେ ମୋର ଅଭିଜ୍ଞତା ନାହିଁ ।

[ଡ. ମନ୍ମଥ ନାଥ ଦାସ]

- ମୋର ସଠିକ୍ ଧାରଣା ନାହିଁ ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଏହା ଏକ କୁସଂସ୍କାର ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଅଧିକାଂଶ ଏହି ରି ଘଟଣା ଅନ୍ଧବିଶ୍ୱାସ ଜନତ ଦୁର୍ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ଶକ୍ତି ସଂପାତ କେତେକ ସ୍ଥାନରେ ଅସ୍ଥାୟୀ ଭାବରେ ହୁଏ । ପ୍ରକୃତ ଶକ୍ତିସଂପାତ ସମୟରେ ଅନେକ ଅଂଶରେ ଆଶା ପୂରଣ ହୋଇଥାଏ ।

[ଡ. ଲିଙ୍ଗରାଜ ଶତପଥୀ]

- ହୁକୁମରେ ମୋର ବିଶ୍ୱାସ ନାହିଁ ।

**[ହରିହର ବାହିନୀପତି]**

- ହୁକୁମ ଅର୍ଥ ଭକ୍ତି ବିଶେଷ ପ୍ରତି କୌଣସି ଦେବତାର ସ୍ୱତନ୍ତ୍ର ବରଦାନ । ତାହା ଭକ୍ତ ବ୍ୟକ୍ତି ପ୍ରତି କାର୍ଯ୍ୟକାରୀ ହେବା ପଛରେ ଦେବତାଙ୍କ ଶକ୍ତି ରହିଛି । କିନ୍ତୁ ଅନ୍ୟମାନଙ୍କ ପ୍ରତି କାର୍ଯ୍ୟକାରୀ ହେବା ବିଷୟରେ ସନ୍ଦେହ ହେବା ସ୍ୱାଭାବିକ । ରନ୍ତୁଲେଇ ହୁକୁମ ଘଟଣାର ଭୟାବହ ପରିଣାମ ସମସ୍ତଙ୍କୁ ଜଣା । ନିଜେ କୌଣସି ହୁକୁମ ଔଷଧ ଗ୍ରହଣ ପାଇଁ ଆଗ୍ରହୀ ନୁହେଁ ।

**[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]**

- ମୁଁ ଏ ପର୍ଯ୍ୟନ୍ତ ଏ ହୁକୁମ ସ୍ଥାନମାନଙ୍କୁ ଯାଇନାହିଁ କିମ୍ବା ହୁକୁମର କିଛି ପ୍ରୟୋଗ କରିନାହିଁ । ଲୋକଙ୍କ କଥାରେ ଭାସି ନ ଯାଇ ପରୀକ୍ଷା କରି ଏ ଦିଗରେ ପାଦ ବଢ଼ାଇବା ଉଚିତ, ନ ହେଲେ ବିଫଳତା ପଦେ ପଦେ ଘଟିବ । ସାଧାରଣତଃ ଏ ସବୁ ବିଷୟରେ ବୁଦ୍ଧି ଓ ବିଚାରର ପ୍ରୟୋଗ ନ କରି ଲୋକମାନେ ଅନ୍ୟମାନଙ୍କ କଥାରେ ଭାସିଯାଆନ୍ତି । ତେଣୁ ବିଶେଷ ସାବଧାନତା ଅବଲମ୍ବନ କରିବାକୁ ହେବ । କେତେକ ହୁକୁମରେ ସତ୍ୟତା ଥାଇପାରେ ।

**[ପ୍ରଫେସର ହୃଦାନନ୍ଦ ରାୟ]**

- ହୁକୁମ ଦ୍ୱାରା ବହୁ ଲୋକଙ୍କର ବହୁ ରୋଗ ଭଲ ହୋଇଥିବା ବିଷୟ ମୁଁ ନିଜେ ଜାଣିଛି । ଏହା ସତ୍ୟ ହୋଇ ନ ଥିଲେ ଜନସମାଗମ ହୁଅନ୍ତାନି ।

**[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]**

- ହୁକୁମ ଏକ ଭଣ୍ଡାମି ।

**[ଗିରିଜା ଭୂଷଣ ପଟ୍ଟନାୟକ]**

- ଜିତେନ୍ଦ୍ରିୟ, ସମାଧିରେ ଲୀନ ରହିଥିବା ଯୋଗଯୁକ୍ତ ପୁରୁଷମାନଙ୍କ ଦୃଷ୍ଟି, ସ୍ପର୍ଶ ଓ ବଚନ ପ୍ରଭାବଶାଳୀ । ପରନ୍ତୁ ଏପରି ସନ୍ଥମାନେ ହୁକୁମ ଦିଅନ୍ତି ନାହିଁ ।

**[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]**

- ଏପରି ଅଲୌକିକ ଘଟଣା ପଛରେ ସତ୍ୟ ପ୍ରାଥମିକ ସ୍ତରରେ ଥାଏ । କିନ୍ତୁ ଏହାକୁ ନେଇ ବ୍ୟବସାୟ କରିବା ଆରମ୍ଭ କଲେ ସତ୍ୟରୁ ମିଥ୍ୟା ଉତ୍ପାଦିତ ହୁଏ ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ଏସବୁ କ୍ଷେତ୍ରରେ ବିଶ୍ୱାସରେ ଫଳ ମିଳେ । ମୁଁ କେବେ ହୁକୁମ ପାଇଁ ଯାଇନାହିଁ । ଐଶ୍ୱରିକ ଶକ୍ତି ଲାଭ କରିଥିବା ବ୍ୟକ୍ତିଙ୍କର କିଛିଦିନ ପରେ ଶକ୍ତି କ୍ଷୟ ହୋଇଯାଏ ବୋଲି ମୋର ବିଶ୍ୱାସ ।

[ଡ. ରେଖା ମହାନ୍ତି]

- ବିଶ୍ୱାସ ନାହିଁ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ମୋର ଏସବୁ ବିଷୟରେ ବିଶ୍ୱାସ ଅତ୍ୟନ୍ତ କମ୍, ନାସ୍ତି କହିଲେ ଚଳେ । ଦୁନିଆର ସର୍ବଶ୍ରେଷ୍ଠ ଯାଦୁକର ଓ ହାକିମଙ୍କ ହୁକୁମ ଲାଭ କରିବା ଉଦ୍ଦେଶ୍ୟରେ ଜୀବନର ସମସ୍ତ କର୍ମ ନିୟୋଜିତ ହେବା ଉଚିତ । ଭକ୍ତର ଆଶା କେବଳ ଭଗବାନ ହିଁ ପୂର୍ଣ୍ଣ କରିପାରନ୍ତି ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- କେବଳ ଭଗବତ୍ ବିଶ୍ୱାସ ହିଁ ସବୁଠାରୁ ବଡ଼ 'ହୁକୁମ', ଅନ୍ୟାନ୍ୟ ସବୁ ନିକୃଷ୍ଟ ବା ଅସତ୍ 'ହୁକୁମ' ବା ପନ୍ଥା ।

[ଡାକ୍ତର କବି ପ୍ରସାଦ ମିଶ୍ର]

- ବ୍ୟକ୍ତିଗତ ଅଭିଜ୍ଞତା ନାହିଁ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ସାମ୍ପ୍ରତିକ ସମାଜରେ ବିଜ୍ଞାନର ସୁଦୂରପ୍ରସାରୀ ପ୍ରଭାବ ଲକ୍ଷ୍ୟ କରାଗଲେ ମଧ୍ୟ ଅନେକ ଲୋକ ସମସ୍ୟାର ସମାଧାନ ଏବଂ ରୋଗର ଆରୋଗ୍ୟ ପାଇଁ 'ହୁକୁମ' ଉପରେ ବିଶ୍ୱାସ କରନ୍ତି । ତେବେ ଦୈବୀ ଧାରଣାର ବଶୀଭୂତ ହୋଇ ଯେଉଁମାନେ ହୁକୁମ ପ୍ରଦାନ କରନ୍ତି ତାହାଦ୍ୱାରା କିଛି ଫଳ ମିଳିଥାଏ । ତା'ର କାରଣ ହେଉଛି ସେହି ସେହି ବ୍ୟକ୍ତିମାନଙ୍କର ଅନ୍ତର୍ନିଷ୍ଠା, ଶୁଚିନ୍ତା ଓ ଦୃଢ଼ ଆତ୍ମବିଶ୍ୱାସ । କିନ୍ତୁ ଅନେକ ବ୍ୟକ୍ତି ମିଥ୍ୟା ଓ ଭ୍ରାନ୍ତିର ବଶବର୍ତ୍ତୀ ହୋଇ ହୁକୁମ ପ୍ରଦାନ କରି ଅର୍ଥ

ପାଇବାର ଆଶା ରଖନ୍ତି । ଏପରି ହୁକୁମ ଦେଉଥିବା ବ୍ୟକ୍ତିଙ୍କୁ ଚହ୍ନି ସମୂଳେ ପରିହାର କରିବା ବିଧେୟ ।

[ଡ. ରତ୍ନାକର ସାହୁ]

- ସବୁ ବିଶ୍ୱାସ ଉପରେ ପ୍ରତିଷ୍ଠିତ ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ହୁକୁମ ମିଥ୍ୟା । ସାମୟିକ ସାହସ ଦେଇଥାଏ ।

[ଡାକ୍ତର ନରଞ୍ଜନ ତ୍ରିପାଠୀ]

- ହୁକୁମରେ ରୋଗ ଭଲ ହେବାର ଦୃଷ୍ଟାନ୍ତ ବହୁତ ଅଛି । କିନ୍ତୁ ଆମରି ଲୋକେ ଏହାକୁ ଅତିରଞ୍ଜିତ କରିବା ଫଳରେ କ୍ରମେ ହୁକୁମ ଦେଉଥିବା ବ୍ୟକ୍ତି ଶକ୍ତିହୀନ ହୋଇପଡ଼େ ଏବଂ ଶେଷକୁ ଏକ ପ୍ରହସନରେ ପରିଣତ ହୁଏ । ଏ ସୃଷ୍ଟିରେ ଏଭଳ ଯେତେସବୁ ବିଷୟ ଦେଖାଯାଏ ସବୁର ସୀମା ସୀମିତ । କେବଳ ଈଶ୍ୱର ହିଁ ସୀମାତୀତ ।

[ଜ୍ୟୋତିର୍ବିଦ୍ ଡ. ନମାଇଁ ବାନାର୍ଜୀ]

- ବିଶ୍ୱାସ ପାଖରେ ଭଗବାନ, ମାନିଲେ ଦିଅଁ, ନ ମାନିଲେ ପଥର । ଏହା ସମ୍ପୂର୍ଣ୍ଣ ରୂପେ ମାନସିକ । ଅନେକ କ୍ଷେତ୍ରରେ ଏହା ଭଣ୍ଡାମୀ । ହୁକୁମ ନାମରେ ସରଳ ବିଶ୍ୱାସୀ ଲୋକଙ୍କୁ ପ୍ରତାରିତ କରାଯାଉଛି ।

[ପ୍ରସନ୍ନ କୁମାର ପାଟ୍ଟଶାଣୀ, ସାଂସଦ]

- ହୁକୁମ ଦେଉଥିବା ବ୍ୟକ୍ତିର ଶକ୍ତି ଧାରଣର କ୍ଷମତା ଉପରେ ବିଶ୍ୱାସ ବା ଅବିଶ୍ୱାସ ନିର୍ଭର କରୁଛି ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଭାରତୀୟ ସାମାଜିକ ପରମ୍ପରାନୁଯାୟୀ ବୃଦ୍ଧ ବୟସରେ ପିତାମାତାମାନେ ପୁତ୍ର ଓ ବୋହୂ ଉପରେ ସେମାନଙ୍କ ତତ୍ତ୍ୱ ନେବାପାଇଁ ଆଶା ପୋଷଣ କରିଥାନ୍ତି ଏବଂ ପରିବାରରେ ତାହା ମଧ୍ୟ ଘଟିଥାଏ । କିନ୍ତୁ ଆସ୍ତେ ଆସ୍ତେ ଏହି ପରମ୍ପରାର ପରିବର୍ତ୍ତନ ଘଟୁଛି । ସମ୍ପ୍ରତି ସମ୍ବଳ ଥିବା ଲୋକେ ଅବସର ପରେ ସନ୍ତାନସନ୍ତତିଙ୍କଠାରୁ ଅଲଗା ରହିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ଯେଉଁମାନେ

ସହରରେ ଗୃକରି କରୁଛନ୍ତି, ସେମାନେ ବାସଗୃହର ସଂକୀର୍ଣ୍ଣତା ଦୃଷ୍ଟିରୁ ବାଧ ହୋଇ ବୃଦ୍ଧ ପିତାମାତାଙ୍କୁ ଗ୍ରାମରେ ରଖୁଛନ୍ତି । ବିଦେଶର କେତେକ ସମୃଦ୍ଧ ଦେଶରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ରହିବାର ବ୍ୟବସ୍ଥା ଅଛି । ପିତାମାତାଙ୍କ ଭବିଷ୍ୟତ ଜୀବନ ପାଇଁ ବିବାହିତା କନ୍ୟା ତାଙ୍କର ସୁଖଦୁଃଖରେ ଭାଗୀ ହେବା ଉଚତ । ସେଥିପାଇଁ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଅନ୍ୟମାନେ ବାଧା ସୃଷ୍ଟି କରିବା ଉଚତ ନୁହେଁ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ହୁକୁମ ଦେବାଦ୍ୱାରା ସମସ୍ୟା ସମାଧାନ ବା ଆରୋଗ୍ୟ ଲାଭ ହୁଏନାହିଁ । ଯଦି ଜଣେ ଧର୍ମ ପୁରୁଷ ଈଶ୍ୱରଙ୍କ ନାମରେ ପ୍ରାର୍ଥନା ଉତ୍ସର୍ଗ କରିବ ଓ ରୋଗୀ ସେହି ପ୍ରାର୍ଥନାରେ ବିଶ୍ୱାସ କରେ, ତେବେ ସେହି ପ୍ରାର୍ଥନା ମାଧ୍ୟମରେ ରୋଗର ଆରୋଗ୍ୟ ବେଳେବେଳେ ହୋଇଥାଏ ଏବଂ ଜୀବନର କିଛି ସମସ୍ୟାର ସମାଧାନ ହୋଇଥାଏ। ବାଇବେଲରେ ଏହି ବିଷୟରେ ଅନେକ ଘଟଣା ବର୍ଣ୍ଣିତ ହୋଇଛି । ପ୍ରବକ୍ତା ଏଲିସା ନାମାନଙ୍କୁ ପାଲେଷ୍ଟାଇନର ଜର୍ଦ୍ଦାନ ନଦୀରେ ସାତଥର ବୁଡ଼ ନେବାକୁ ଆଦେଶ ଦେଲେ ଏବଂ ନାମାନଙ୍କର କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଦୂର ହେଲା (୨ୟ ରାଜାବଳୀ, ୫, ଓଲଡ୍ ଟେଷ୍ଟାମେଣ୍ଟ) ଖ୍ରୀଷ୍ଟଙ୍କର ଶିଷ୍ୟ ପିତର, ଖ୍ରୀଷ୍ଟଙ୍କ ନାମରେ ଜଣେ ଛୋଟା ଲୋକକୁ ଗ୍ଲିବାକୁ ଆଦେଶ ଦେଲେ ଏବଂ ଛୋଟା ଲୋକ ଗ୍ଲିବାକୁ ସକ୍ଷମ ହେଲା । ପିତର ଅନ୍ୟ ପରିସ୍ଥିତିରେ, ପ୍ରାର୍ଥନା ବଳରେ ମୃତ ବିଧବା ତବିଥାକୁ ପୁନର୍ଜୀବିତ କଲେ । (ପ୍ରେରିତ : ୩୬ ଓ ୯ ଅଧ୍ୟାୟ) (ନଉ ଟେଷ୍ଟାମେଣ୍ଟ) ।

[ଡ. ଲୁଇ ସଭସୁନ୍ଦର, କାଥଲିକ୍]

- ଏପରି 'ହୁକୁମ' ଦ୍ୱାରା କୌଣସି ଉପକାର ହୁଏନାହିଁ । ଯେଉଁମାନେ ବିଶ୍ୱାସ କରନ୍ତି ଯେ ଉପକାର ହୋଇଛି, ଏହା କେବଳ psychological ବ୍ୟାପାର ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଯେଉଁମାନେ ହୁକୁମରେ ବିଶ୍ୱାସ କରନ୍ତି, ସେମାନଙ୍କୁ ନିଶ୍ଚୟ କିଛି ଫଳ ଓ ସାନ୍ତ୍ୱନା ମିଳୁଥିବ। ଏହା ବିଶିଷ୍ଟ ସାହିତ୍ୟିକ ଚିତ୍ତରଞ୍ଜନ ଦାସଙ୍କ ମତ । ତାଙ୍କ ସହ ମୁଁ ଏକମତ । ମାତ୍ର ବହୁଥର ଜେଜେମା'ଙ୍କ ସଙ୍ଗେ ପିଲାବେଳେ ହୁକୁମସ୍ଥଳୀମାନଙ୍କୁ ଯାଇଥିଲି, କିଛି ଲାଭ ମିଳିଲା ନାହିଁ । ଏଣୁ ବିଭିନ୍ନ ହୁକୁମ ସ୍ଥାନମାନ ବିଶ୍ୱାସ ସ୍ଥାପନ ପାଇଁ ପରିଦର୍ଶନ କରାଯାଇପାରେ । ମାତ୍ର ଭଣ୍ଡାମୀର ଯେପରି ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ସତର୍କ ଦୃଷ୍ଟି ରଖିବାକୁ ହେବ । ତେଣୁ କେତେକ କୁହନ୍ତି କାଦୁଅରେ ଗୋଡ଼ ପୂରାଇବ କିଆଁ, ଗୋଡ଼ ଧୋଇବ କିଆଁ? ଏହା ମଧ୍ୟ ଆଉ ଗୋଟିଏ ଯୋଜନାବଦ୍ଧ ଭଣ୍ଡାମୀ । ଭଗବାନ ଶାସ୍ତ୍ର ଆଦି ଉପରେ ଅଳ୍ପ ଜ୍ଞାନ ହେତୁ ଏପରି ଦଶା ଭୋଗିବାକୁ ହୁଏ । ବହୁ ଲୋକେ ଏହାର ଶିକାର ହୋଇ ପସ୍ତାଇ ଥାଆନ୍ତି ।

(ଲେଖକ)
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଜୀବନ ବନାମ ପାନ୍ଥଶାଳା



ସୁମିତ୍ରା ପୃଷ୍ଟି

ଜୀବନ ଏକ ପାନ୍ଥଶାଳା
ମୁଁ ତାର ଏକାକୀ ମାଲିକ
ପାନ୍ଥନିବାସେ କେତେ ପଥକ୍ଳାନ୍ତ ପାନ୍ଥ
କେତେ ନବାଗତ ଅତିଥିଙ୍କ ସମାଗମ
କେତେ କୋଳାହଳ ଏଠି ପୁଣି
ବହୁ ଅଚହ୍ନାମୁହଁଙ୍କ ସମବେତ
ନେଇଆସେ ପାନ୍ଥଶାଳେ ଖୁସିର ସମ୍ଭାର
ବହୁ ପଥହରା ପଥିକଙ୍କ ଆଗମନେ
ପୂରିଉଠେ ସୁନ୍ଦର ପାନ୍ଥଶାଳା ମୋର
ସମୟର କାଳଚକ୍ରେ ନିଜ ନିଜ କାର୍ଯ୍ୟସାରି
ବାହୁଡିଯାଆନ୍ତି ସଭିଏଁ ଆପଣା ବାଟରେ
କେତେ ମାୟାମୋହ ଲଗାଇ ଏଠି
ଶୂନ୍ୟ ହୋଇଯାଏ ପାନ୍ଥଶାଳା ମୋର
ଦରଦୀ ପଥିକ ବିନା
ଝୁରି ହେଉଥାଏ ପ୍ରତିଦିନ ପୁଣି
ଫେରି ଆସିବେ କି ଥରେ
ଆଉ କି ଫେରିବେ ଅଫେରା ପଥିକ
ପାନ୍ଥଶାଳା କିବା ଜାଣିବ

ଇଏତ ସଂସାରର ରୀତି
ତଥାପି ପଥିକଙ୍କ ଆତଯାତ
ଲାଗି ରହିଥାଏ ଏଠି
ଏମିତି ରହିଥିବ ପୁଣି
ଗ୍ଭଲୁଥିବା ଯାଏ ଏ ଜୀବନ ଘଡି ।

ପ୍ରାକଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜୀବନ ପୀୟୁଷ



ଅନାମ ଚରଣ ସାହୁ

ଜନନୀ ଜଠରୁ ଜୀବନ ଆରମ୍ଭ
ଅଟେ ପରୀକ୍ଷାର ବେଳ
ଜୀବନ ତରଣୀ ଭାସି ଗଲେ ପୁଣି
ଦେଖାଇ ବିଚିତ୍ର ଖେଳ ।
ଦେଖେ ନେତ୍ର ବେନ ଭ୍ରାତା ଓ ଭଗିନୀ
ପିତାମାତା ଗୁରୁଜନ
ଧନ, ଦାର୍, ସୁତ, ଅରି, ଖଳ, ମିତ
ମହିୟସୀ ମହାଜନ ।
ଫଳ ହେଲେ ପକ୍ୱ ରସାଳ ଅମୃତ
ଯେହ୍ନେ ଯାଏ ସେଥୁ ଝରି
ସମ୍ପର୍କର ବେଢି ଦିନ ଗଲେ ଗଢି
ଲାଗିଥାଏ ସେହିପରି ।
କେତେ ଉପନଦୀ ମିଳତ ହୁଅନ୍ତି
ଶାଖା ଯାଏ କେତେ ଖୋଲି
ନୂଆ ନୂଆ ସାଥୀ ଜୀବନ ପ୍ରତୀତି
ପାଖୁଡା ଯାଆନ୍ତି ମେଲି ।
କେବେ ଝରିଯାଏ ଶ୍ରାବଣର ଝର
ନଦାଘ ଦିଅଇ ଦୁଃଖ
କେବେ ବହେ ପୁଣି ମଳୟ ଚଇତି
ଘେନ ସାଥେ ନାନା ସୁଖ ।

ଜୀବନେ ଘୋଟଇ ଶେଷେ କାଳଗ୍ରନ୍ଥୀ
ସୂରୁଜ ବାରୁଣୀ ଗଲେ
ଯବନକା ପାତ ସଂସାର ନାଟକ
ଯଶ କୀର୍ତ୍ତି ରହେ ଭଲେ ।
ଜନମ ବେଦୀରୁ ଯୁଇ ନଆଁ ଯାଏଁ
ମଝିରେ ଯେତିକ ପଥ
ମାନବ ହସ୍ତରେ ସେତିକ ସମୟ
ଭଜିବାକୁ ଜଗନ୍ନାଥ ।
ଜନମ ମରଣ ବେନ ଆଦ୍ୟାକ୍ଷର
ମିଶି ସୃଷ୍ଟି କାଳ ଯମ
ଧର୍ମ ଅରଜନେ ମଣ୍ଡି ଦେଲେ ଜନେ
ଜୀବନ ପୀୟୁଷ ସମ ।

ବିଭୁତିପୁର, କାକଟପୁର, ପୁରୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ଦୁଃଖର ଦୁଇଟି ସ୍କେଚ୍



ନୂତନ କୁମାର ବେହେରା

( ୧ )

ଜୀବନେ ଦୁଃଖ ଆସେ ଅଗ୍ନିକ୍
ଅନୁପ୍ରବେଶକାରୀ ଭଳି
ନସିଦ୍ଧାଞ୍ଚଳର ସୀମାରେଖା ଡେଇଁ,
ଦମ୍ଭଭାବେ ଠିଆ ହୋଇଥିବା
ସୀମାନ୍ତରକ୍ଷୀ ସୈନିକଟାକୁ
ଅତି ସହଜରେ କାବୁ କରି ନିଏ
ଯାଏ ସେ ଗୋଟାପଣେ ନଇଁ ।
ପ୍ରତି ଆକ୍ରମଣ କରିବାକୁ
ଦେହରେ ନ ଥାଏ ଜୁ
ତଥାପି ପ୍ରାଣପଣେ ଶତ ଚେଷ୍ଟା କରେ
ଆସନ୍ନ ବିପଦରୁ ମୁକୁଳବାକୁ,
କରି ନାନା ଉପାୟ ସ୍ଥିର
କୌଶଳ କ୍ରମେ ସାହସ ଶକ୍ତି ସଞ୍ଚି
ଲଢେଇ କରୁଥାଏ ବଞ୍ଚିବାକୁ।
ଜୀବନ ସଂଗ୍ରାମର ନାହିଁ ତ ସମାପ୍ତି
ଅହରହ ଗ୍ଲିଥାଏ ଦୁଃଖ ସାଥେ ଯୁଝି,
ପ୍ରତି ପକ୍ଷର ରଣନୀତି ଦେଖି
ନିଜକୁ ପ୍ରସ୍ତୁତ କରେ ସବୁ କିଛି ବୁଝି।

( ୨ )

ଦୁଃଖ ସିନା ଆସେ ଅଚହ୍ନା ଅତିଥି ପରି
ପରୋକ୍ଷରେ ସଜାଗ କରିଦିଏ
ଫେରି ପାଇବାକୁ ଆତ୍ମବିଶ୍ୱାସ,
ସଦା ସଚେତନ ଜାଗୃତିର ପରିଚୟ
ବ୍ୟତିବ୍ୟସ୍ତ କ ଅଥୟ କରେ ନାହିଁ
ମନେ ଭରିଦିଏ ଅସୀମ ସାହସ।
ଉପରେ ଉପରେ ଭଙ୍ଗି ପଡୁଥିଲେ ବି
ଭିତରୁ ଆତ୍ମବଳ କରେ ତାକୁ ମଜଭୁତ୍,
ଆତ୍ମଜ୍ଞାନ ବ୍ରହ୍ମଜ୍ଞାନ ଦିଏ ପ୍ରେରଣା
ତାର ଶକ୍ତି ଅଶେଷ ଅଦ୍ଭୁତ।
ଦୈନିକ ଅଭ୍ୟାସ ଅଭିଜ୍ଞତା ବଳରେ
ହୋଇ ସେ ବଳୀୟାନ,
ସଦା ଯୁଦ୍ଧ ପାଇଁ ରହେ ପ୍ରସ୍ତୁତ
ହାତେ ଧରି ଅସ୍ତ୍ର ସେ ଯବାନ।
ଦୁଃଖ ସାଥେ କରି ମୁକାବିଲା
କରେ ତାକୁ ଅକ୍ତିଆର,
ପ୍ରମାଦ ପଡେନା କେବେ
ରହିଥାଏ ଯିଏ ହୋଇ ହୁସିଆର।

କୋହି, ଗଡ଼ିଆ, ମୟୂରଭଞ୍ଜ

# ଜୟନ୍ତୀ ଦିଦି



ଆଶା ସାହୁ (ଆରତୀ)

ଆଜି ଜୟନ୍ତୀ ଦିଦିଙ୍କୁ ସର୍ବଶ୍ରେଷ୍ଠ ଶିକ୍ଷଇତ୍ରୀ ପୁରସ୍କାର ଦ୍ୱାର୍ା ସମ୍ମାନିତା କରାଯାଇଛି । ସମ୍ପୂର୍ଣ୍ଣ ବିଦ୍ୟାଳୟ ଓ ତାଙ୍କର ସହରର ସମସ୍ତଙ୍କ ମୁହଁରେ ତାଙ୍କର ଭୂରି ଭୂରି ପ୍ରଶଂସା । ବିଦ୍ୟାଳୟ ପ୍ରସିଦ୍ଧି ଲାଭ କରିଛି ତାଙ୍କରି ସକାଶେ । ବିଦ୍ୟାଳୟ ପ୍ରାଙ୍ଗଣରେ ପତ୍ରକାରଙ୍କ ଗହଳ । ସମସ୍ତେ ତାଙ୍କର ସାକ୍ଷାତକାର ନେବାପାଇଁ ଉଦଗ୍ରୀବ, ଯତ୍ନଶୀଳ ।

ମଞ୍ଚରୁ ତଳକୁ ଓହ୍ଲାଇଲେ ଜୟନ୍ତୀ ଦିଦି । ପ୍ରଶାନ୍ତ ମୁଖମଣ୍ଡଳ, ଚେହେରାରେ ନାହିଁ ଲେଶମାତ୍ର ଅଭିମାନ । ଜଣେ ପତ୍ରକାର ହାବୁଡ଼ିଗଲା ତାଙ୍କୁ ।

- ପ୍ରଣାମ, ବେଶି ପ୍ରଶ୍ନ ପଚାରି ଆପଣଙ୍କୁ ଅଯଥା କଷ୍ଟ ଦେବିନାହିଁ । କେବଳ ଗୋଟିଏ ପ୍ରଶ୍ନ । ଆପଣଙ୍କର ଏ ଅସାମାନ୍ୟ କୃତିତ୍ୱର ପ୍ରେରଣା କିଏ, ଆପଣ ଏହାର ଶ୍ରେୟ କାହାକୁ ଦେବାକୁ ଚାହାନ୍ତି ?

- ମୋର ସ୍ୱାମୀ ସୁଧାଂଶୁ ଶେଖର । ଅନାୟାସରେ ତାଙ୍କ ମୁହଁରୁ ବାହାରି ଗଲା ।

ଆଶ୍ଚର୍ଯ୍ୟ ହୋଇଗଲା ଦିଦିଙ୍କର ପୂର୍ବତନ ଛାତ୍ର ତଥା ତାଙ୍କର ଏକମାତ୍ର ପୁତ୍ର ସମ୍ବିତ ଶେଖର। ମୁହଁ ତଳକୁ କରି ବାହାରି ଆସିଲା ।

*****

- ମାଆ, ତୁମେ ବାପାଙ୍କ ନାମ କପରି ନେଇ ପାରିଲ ? ତୁମକୁ ଏହି ସ୍ଥାନରେ ପହଞ୍ଚାଇବାର ସମସ୍ତ ଶ୍ରେୟ ତ ଯାଉଛି ଅଜାଙ୍କୁ । ଅଥଚ ବାପା, ଯିଏ ତୁମକୁ ଅଯୋଗ୍ୟା, ଗାଉଁଲି ବୋଲି କହି ଆଉ ଜଣକ ସାଥିରେ ସମ୍ବନ୍ଧ ରଖି ତୁମକୁ ଦୁଇଟା ଛୋଟ ଛୁଆ ସହିତ ପରିତ୍ୟକ୍ତା କରି ବେସାହାଗ୍ର ଛାଡ଼ିଦେଲେ ତାଙ୍କୁ ପୁଣି ନଜର ପ୍ରେରଣାର ଉତ୍ସ ବୋଲି କହୁଛ ? ଆଇ ସିମ୍ପଲି ହେଟ ଦେଟ ପର୍ସନ । କ୍ରୋଧ ଓ ଅଭିମନରେ ଗୁମୁରି ଉଠୁଥିଲା ସମ୍ବିତର ମନ ।

- ତୋତେ କଏ କହିଲା କେବଳ ସକାରାତ୍ମକ ପ୍ରେରଣାରୁ ଜଣେ ଆଗକୁ ବଢ଼ିପାରେ ବୋଲି, ନକାରାତ୍ମକ ପ୍ରେରଣାର ପ୍ରଭାବ ମଧ୍ୟ ଥାଏ ବାପା, ଯାହାକ ମୁଁ ତୋର ବାପାଙ୍କ ଠାରୁ ପାଇଥିଲି ।

- ତୁମେ ତାଙ୍କୁ ବାରମ୍ବାର ମୋର ବାପା ବୋଲି କହିବା ବନ୍ଦ କର ପ୍ଲିଜ ।

ମଝିରୁ କଥା କାଟିଲା ସିଏ ।

ମଉଳ ଯାଉଥିବା ହସଟିଏ ଯୋର ଜବରଦସ୍ତି ଓଠକୁ ଟାଣି ଆଣି କହିଲେ ଜୟନ୍ତୀ ଦିଦି ।

- ତୁ ମନା କଲେ କଣ ତୋର ଜିନ୍ ବଦଳ ଯିବ ? ତୋର ବାପା ଭୁଲ କହିନଥିଲେ ତ । ମୁଁ କଣ ଅପାଠୋଇ, ଗାଉଁଲି ନଥିଲି ? ନଥିଲି ସତରେ ତ ତୋ ବାପାଙ୍କ ସହଧର୍ମିଣୀ ହେବାପାଇଁ ଯୋଗ୍ୟ । ତୋର ବାପାଙ୍କ ଏଇଆ ଭୁଲ ଥିଲା ଯେ ବିବାହ ପୂର୍ବରୁ ମୋର ସାର୍ଟିଫିକେଟ ଦେଖି ନଥିଲେ । ସେଥିରେ ଅଜାଙ୍କର ମଧ୍ୟ କମ୍ ଭୁଲ ନଥିଲା । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇ ଥିଲେ । ମୋର ପାଠ ବିଷୟରେ ମିଥ୍ୟା ସୂଚନା ଦେଇଥିଲେ । ଏହା ଅବଶ୍ୟ ଠିକ ଯେ ମୋର ରୂପ ଲାବଣ୍ୟ ଆଗରେ ଯୋଗ୍ୟତା ହାର ମାନଥିଲା ତୋର ବାପା ଓ ତାଙ୍କର ମାତାପିତାଙ୍କ ଆଗରେ ।

ମୁଣ୍ଡ ତଳକୁ କରି ଶୁଣୁଥିଲା ସମ୍ବିତ ।

- ବାପା, ଭାବିଦେଖ ଯଦି ତୋର ବାପା ମୋତେ ପରିତ୍ୟାଗ କରି ନଥାନ୍ତେ ତେବେ କଣ ମୁଁ ଏ ସ୍ଥାନରେ ଥାଆନ୍ତି କ ? କଦାପି ନୁହେଁ । ମୋ ପାଇଁ ପଦ, ପ୍ରତିଷ୍ଠା, ସମ୍ମାନ ସବୁ ଆକାଶ କୁସୁମ ହୋଇ ରହି ଥାନ୍ତା । ତୁ ଜାଣିଥିବୁ ଆବିଷ୍କାରର ଜନନୀ ହେଉଛି ଆବଶ୍ୟକତା । ଆଉ ମୁଁ ଯଦି ବାଧା ବାଧକତାରେ ପଡ଼ି ନଥାନ୍ତି ତେବେ ମୁଁ ନା ଆଗକୁ ପଢ଼ିଥାନ୍ତି ନା ଆଗକୁ ବଢ଼ି ଥାଆନ୍ତି ।

ତାଙ୍କର ସମକକ୍ଷ ହେବାର ନିଶାରେ ହିଁ ତ ମୁଁ ଅସମ୍ଭବ କୁ ସମ୍ଭବ କରି ପାରିଛି । ନିଜର ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ଦୁନିଆକୁ । ଯାହା ପାଇଁ ତୁମେମାନେ ଆଜି ଗର୍ବ କରୁଛ । ଅଦୃଷ୍ଟ ନିର୍ଦ୍ଧାରିତ କରିସାରିଥିଲା ମୋର ଲକ୍ଷ୍ୟ । ସେଥିରେ କେବଳ ନିମିତ୍ତ ଥିଲେ ତୋର ବାପା । ତେଣୁ ତାଙ୍କର ଅମଙ୍ଗଳ କେବେହେଲେ ମୋର କାମ୍ୟ ନୁହେଁ । ତୁ ମଧ୍ୟ କୁ-ମତ ପୋଷଣ କରିବା ଠିକ କଥା ନୁହେଁ । ବରଂ କୃତଜ୍ଞ ହେବା ଉଚିତ ।

ହଠାତ ମୋବାଇଲରେ ଅଜଣା ନମ୍ବରରୁ କଲ୍ ଆସିଲା ।

ସମ୍ବିତ କହୁଥିଲା,

- କିଏ ? ବାପା ? ଥେଙ୍କ୍ୟୁ । ହଁ ହଁ, ମାଆଙ୍କୁ ଦେଉଛି ।

Happy teachers day to all



ବସନ୍ତ ବିହାର, ନୂଆ ଦିଲ୍ଲୀ

# (ଗୀତା ର ପ୍ରଥମ ଅଧ୍ୟାୟ)
# ବିଷାଦ ଯୋଗ

ଜୟଲକ୍ଷ୍ମୀ ସେଠୀ

କୁରୁ କ୍ଷେତ୍ର ଯୁଦ୍ଧ ଭୂମିରେ ଅର୍ଜୁନ
ସୈନ୍ୟ ଦର୍ଶନ ବିଷାଦେ,
ସବୁ ଯେ ନିଜର ଉପସ୍ଥିତି ଏଠି
ବଧୀ କ' ହେବା ଆନନ୍ଦେ ।।
ଶଙ୍ଖ ନାଦ ଶବ୍ଦ ଅତି ଭୟଙ୍କର
ହୃଦୟ ବିଦାର କେତେ,
ରାଜ୍ୟ ସୁଖ ପାଇଁ ମହାନ ପାପ କୁ
କରିକ ପାରିବି ସତେ ।।
ସମ୍ପର୍କର ମାୟା ଅର୍ଜୁନ ମନରେ
ବାନ୍ଧେ ଛଳନା ବନ୍ଧନ,
ମ୍ରିୟମାଣ ହୋଇ କହନ୍ତି ପ୍ରଭୁଙ୍କୁ
ପାରିବିନି ଦୁଃଖୀଧନ ।।
ଶ୍ରୀହରି ବୋଲନ୍ତି ଶୁଣ ସଖା ପାର୍ଥ
ଏସବୁ ମିଛର ଖେଳ,
ବିଶ୍ୱରୂପ ଦେଖି ସଂଯୋତ ହୋଇବ
ଆତ୍ମା, ପରମାତ୍ମା ମେଳ ।।
ସବୁ ମୁଁ କରଇ ମିଛେ ଦୋଷ ଦେଇ
ତୁ ଅଟୁ ମାଧ୍ୟମ ମୋର,
ଅହଂକାର ବନ୍ଧ କର କୁନ୍ତୀ ପୁତ୍ର
ହୋଇବ ସତ୍ୟ ଉଦ୍ଧାର ।।

ଚୌଦ୍ୱାର, କଟକ

# ଆସ ଆସ ମାତା



ପ୍ରେମଶିଲା ରାଉତ

କଲୁଷିତ ମୋର ମନ ତନ ପ୍ରାଣ
ଇର୍ଷାରେ ମୁଁ ଜର୍ଜରିତ
ଗର୍ବ ଅହଂକାର ହିଂସା ଓ କ୍ରୋଧରେ
ସବୁବେଳେ ମର୍ମାହତ ।

ଲୋଭ ଲାଳସାରେ ଜୀବନଟା ମୋର
ହେଉଅଛି ଛଟପଟ
ପେଟ ପାଟଣା ପାଇଁ ପ୍ରତିଦିନ ମୁଁ
କରିଥାଏ କେତେ ନାଟ ।

ଜୀବନରେ ମୋର ତିଳେ ହେଲେ ନାହିଁ
ଶାନ୍ତି ଶୃଙ୍ଖଳାର ଚହ୍ନ
ସୁଖ ସୌଭାଗ ସବୁ ଗଲାଣି ଯେ ମରି
ନାହିଁ ପାଖେ ପ୍ରେମ ସ୍ନେହ ।

ତୁମ ଆଗମନେ ଲଭିବି ଆଶିଷ
ପାଇ ମାତା ଦରଶନ
ଯେତେ ଅଛି ମୋର ଆଶା ଓ କାମନା
କରିବ ନଷ୍ଟେ ପୂରଣ ।

ଜଗତ ଜନନୀ ମାତା ଦୁର୍ଗା ତୁମେ

କରୁଣାର ଧାର୍ ଢାଳ ।
ମନକୁ ମୋହର ତୁମ ପ୍ରେମ ଧାରେ
କରି ସ୍ୱଚ୍ଛ ଓ ନର୍ମଳ

ଜୀବନରୁ ମୋର ଦୂର କର ଥରେ
ବଦଭ୍ୟାସ ଅଛି ଯେତେ
କୁଗୁଣ ଗୁଡିକୁ କରିଦିଅ ନାଶ
ସେହ୍ନ ପ୍ରେମ ଦେଇ ମତେ ।

ସତ୍ୟ ଧର୍ମ ଶାନ୍ତି ଅହିଂସା ପଥରେ
ନଅ ଆହେ ମହାମାୟୀ
ଶକ୍ତିସ୍ୱରୂପିଣୀ ଆହେ ଦୁର୍ଗାମାତା
ସୁଗୁଣ ଗୁଡ଼ିକ ଦେଇ ।

ଆସ ଆସ ମାତା ଧରଣୀ ବକ୍ଷକୁ
ହସହସ ମୁଖେ ଆସ
ଦୁଃଖ, ଯନ୍ତ୍ରଣାକୁ ଜୀବନରୁ ମୋର
କରିଦିଅ ବାରେ ନାଶ ।

ଭଲ ମଣିଷଟି କରିଦିଅ ଆସି
ଜାଳ ମୋ ମନେ ଆଲୋକ
ଅନ୍ଧକାର ମୟ ଏ ବିଶ୍ୱ ଜଗତେ
ରୂପରେ ତୁମେ ଅନେକ ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

# ପ୍ରିୟତମ



ସରୋଜିନୀ ବେହେରା (ଟିକି)

ସୁଦୂର ପ୍ରସାରି ଭୂଲେଖ
ଅତିକ୍ରମ କରି
ପ୍ରେମ ରଙ୍ଗ ନେଇ ଆସିଥିଲ
ମୋର ଜୀବନକୁ ମତେ
ପ୍ରେମ ରଙ୍ଗରେ ରଙ୍ଗେଇବାକୁ,
ତୁମେ ତୁମ ମନବାଞ୍ଛା ରେ
ହୋଇଗଲ ସଫଳ।

କେଇଦିନର ଅନ୍ତରାଳ ରେ
ହୋଇଗଲି କେମିତି କେଜାଣି
ଏତେ ନଜର ତୁମର
ତୁମର ସେ ପ୍ରଥମ ସ୍ପର୍ଶ
ପରେ ଜାଗି ଉଠିଛି
ମନରେ କାମନାର ଲାଳସା
ଦେହେ ଅସହ୍ୟ କମ୍ପନ।

କେଡେ ଅଲାଜୁକ ହେ ତୁମେ!
ବାରମ୍ବାର ସପନରେ ଆସି
ଚୁମି ଯାଉଛ ମୋ ଅଧର କୁ
ବାହୁବନ୍ଧନରେ ବାନ୍ଧି ଦେଇ
ଭାଙ୍ଗୁଛ ମୋ ନିଦକୁ।

ହେ ମୋର ପ୍ରିୟତମ!
ସପନର ସୀମାକୁ ଲଙ୍ଘି
ଆସିଯାଉ ବାସ୍ତବତାର
ଚହଣରେ ଆଖି ଆଗକୁ
ପୁଣିଥରେ ସେଇ ଅଭୁଲା
ଶିହରଣ କୁ ଭରି ଦିଅ
ଏଇ ମୋ ଦେହରେ ।

ତମକୁ କଣ ଫରକ
ପଡୁନ ମୋ ମନର ବ୍ୟାକୁଳତା
ଫେରି ଆସ ଫେରି ଆସ
ମୋର ବାସ୍ତବତାକୁ
ହେ ମୋର ପ୍ରିୟତମ
ପ୍ରିୟତମ
ପ୍ରିୟତମ
ପ୍ରିୟତମ ।

ଅଗରପଡା, ଭଦ୍ରକ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# କ୍ଷୁଦ୍ରଗଳ୍ପ- ଅନନ୍ତ ପ୍ରତିକ୍ଷା



ବିନୟ ମହାପାତ୍ର

ପ୍ରତିବର୍ଷ କ୍ୟାଲେଣ୍ଡର ବଦଳୁଛି, ମାସ ଶେଷରେ କ୍ୟାଲେଣ୍ଡରର ପୃଷ୍ଠାବି ବଦଳ ଯାଉଛି । ବହୁତ କଛି ବଦଳ ଯାଉଛି ଗୋଟିଏ ଗୋଟିଏ ଦିନରେ । କନ୍ତୁ ତୁମର ଫଟୋଟି ଯୋଉଁଠି ଲ୍‌ଗିଥିଲ୍ ଠିକ୍ ସେଇଠି ସେମିତି ଲ୍‌ଗିଛି । ଫୁଲମାଳଟି ସୁଖି ସୁଖି ଦିନେ ଛିଣ୍ଡି ଆପଣାଛାଏଁ ଖସିପଡିଲ୍ । ତା'ପରେ ଆଉ ସାହାସ ଜୁଟେଇ ପାରୁନ ନୂଆ ମାଳଟିଏ ଲଗାଇବି ବୋଲି । ତୁମେ ମଲ୍ଲୀ ଫୁଲକୁ ବହୁତ ପସନ୍ଦ କରୁଥିଲ, ଗଭ୍‌ରେ ଖୋସିଦେଲେ କେତେ ଖୁସି ହୋଇ ଯାଉଥିଲ ! ଆଜିବି ମନେ ଅଛି, ତୁମ ଜନ୍ମଦିନରେ ଥରେ ଗୋଲ୍ଲପ ତୋଡାଟିଏ ଆଣି ଦେଇଥିଲି । ତୁମେତ ବହୁତ ଖୁସି ହୋଇଯାଇଥିଲ, ହେଲେ ଉତ୍ସୁକତାଭର୍ ନୟନରେ ମୋତେ ସେମିତି ଅନେଇ ରହିଗଲ । ଯେମିତି ତୁମେ ଗୋଲ୍ଲପ ନୁହେଁ ଆଉକଛି ଖୋଜୁଥିଲ! ମୁଁ ପଗ୍ଭରିଲି ଭଲ ଲ୍‌ଗିଲ୍‌ନ ଗୋଲ୍ଲପ ଫୁଲର ତୋଡାଟା ? ତୁମେ ଟିକଏ ହସିଦେଇ କହିଲ, ଖୁବ୍ ସୁନ୍ଦର ହୋଇଛି ଗୋଲ୍ଲପ ଗୁଡିକ, ହେଲେ ମୁଁ ଭ୍‌ବିଥିଲି ତୁମେ ମଲ୍ଲୀ ମାଳଟିଏ ଆଣିବ, ତୁମ ନଜ ହାତରେ ମୋ ଗଭ୍‌ରେ ବାନ୍ଧିଦେବ ବୋଲି । ସେଇଦିନ ମୁଁ ଜାଣିଗଲି ମଲ୍ଲୀଫୁଲ ପ୍ରତି ତୁମର କେତେ ଦୁର୍ବଳତା । ଏବେବି କେବେ ବଜାର ଗଲେ କଣି ଆଣୁଚ ମଲ୍ଲୀମାଳ, କେବଳ ତୁମରି ଜୁଡାରେ ଖୋସିଦେବାପାଇଁ । ହେଲେ ତୁମ ଫଟୋରେ ତୁମ ଜୁଡାଟା ତ ଦିଶୁନ, କେମିତି ବାନ୍ଧିଦେବି କହୁନ ? ଏଇ ଟେବୁଲ ଉପରେ ଏମିତି ପଡିପଡି ମାଳସବୁ ସୁଖି ଯାଉଛି ସିନା ତୁମ ଫଟୋରେ ନୁଆ ମାଳାଟିଏ ଚଢେଇବାର ସାହାସ ଏକାଠି କରି ପାରୁନ । ବିଶ୍ୱାସ ହୁଏନ ତୁମେ ଆଉ ନାହଁ ବୋଲି ।

ନଇତି ସକାଳେ ଶେଜରୁ ଉଠିଲେ ପ୍ରଥମେ ବାଆଁପଟ ଶେଜ ଆଡକୁ ନଜର ଗ୍ଭଲିଯାଏ, ତୁମକୁ ସେଇଠି ଖୋଜେ, ତୁମରି କଥା ଭ୍‌ବେ । ମନେହୁଏ ତୁମ ଯେପରି ସକାଳୁ ସକାଳୁ ଉଠି ରୋ୍‌ଷେଇଘରେ ମୋ ପାଇଁ ଗ୍ଭହା ତିଆରି କରୁଛ ! ଏଇ ଏବେ ଏବେ ଗରମ ଗରମ ଗ୍ଭହା କପ୍ ଟେ ନେଇ ଗ୍ଭଲି ଆସିବ, ଆଉ ପାଖ ଟେବୁଲରେ ରଖି ମୋ ଉପରୁ ଗ୍ଭଦରଟା

ଓଟାରି ନେଇ କହିବ, ଆରେ ଉଠମ, କେତେବେଳୁ ସକାଳ ହୋଇସାରିଲାଣି, ଆଉ କେତେ ସମୟ ଶୋଇବ? ତୁମେ ପୁରା ଅଳସୁଆ ହୋଇଗଲଣି ଏବେ । ହେଲେ ଆଜିକାଲି ମୋତେ କେହି ଉଠାଇବାକୁ ଆସେନ, କନ୍ତୁ ସକାଳୁ ସକାଳୁ ଆପେ ଆପେ ନଦ ଭାଙ୍ଗିଯାଉଛି । ସକାଳୁ କେହି ଗ୍ଲାହାକପେ ବେଡପାଖକୁ ନେଇଆସୁନ । ଉଠିଗଲା ପରେ ମୁହଁଧୋଇ ଡାଇନଂ ଟେବଲ ପାଖରେ ଯାଇ ଦେଖେ, ପିଲାଏ ଉଠିଲେଣି କ ନାହିଁ । ତୁମେତ ଜାଣିଛ, ପିଲାଏ ଡେରିରେ ଉଠନ୍ତି । ନଜେ ରୋଷେଇ ଘରେ ପଶି ଗ୍ଲାହା କପଟେ ତିଆରିକରି ପିଇବାକୁ ଇଚ୍ଛାବି ହୁଏନ । ତୁମେ ଥିଲାବେଳେ କେତେଥର ତୁମ ସାଙ୍ଗରେ ଟିକେ ସମୟ ବିତେଇବା ପାଇଁ ମୁଁ ଗ୍ଲାହା କରିବା ବାହାନାରେ ରୋଷେଇ ଘରକୁ ଗ୍ଲଲି ଆସୁଥିଲି । ଗ୍ଲାହା ତିଆରି କରିବାକୁ ଚେଷ୍ଟା ବି କରୁଥିଲି । ହେଲେ ସବୁଥର ତୁମେ ମୋତେ ଅଟକେଇ ଦିଅ, ସବୁବେଳେ କୁହ, ରୁହ ମୁଁ ତିଆରି କରିଦେଉଛି । ହେଲେ ଆଜିକାଲି ରେଷେଇଘରର ସେ ଆକର୍ଷଣ ମୋ ପାଇଁ ଆଉ ନାହିଁ । ରାତିରେ ସେମିତି ଶେଜକୁ ଗଲେ, ଶେଜରେ ପଡିପଡି ତୁମକୁ ଅପେକ୍ଷାକରେ । ମନେହୁଏ ରୋଷେଇଘର କାମସାରି, ଲୁଗାକାନରେ ହାତ ପୋଛୁ ପୋଛୁ ତୁମେ ଏବେ ଆସିଯିବ ସତେ । ହେଲେ ତୁମେ ଆଉ କେବେବି ଆସନା । ଏମିତି ଅପେକ୍ଷା କରୁ କରୁ କେତେବେଳେ ନଦରେ ଆଖି ନଇଁଆସେ ଜାଣି ପାରେନ । ତୁମେ ନାହଁ, ଏକଥା ବିଶ୍ୱାସ ହୁଏନା । କେମିତି ଭୁଲିଯିବି ସେଇ ପଚଷବର୍ଷକୁ, ସାଥିହୋଇ ବିତେଇଥିବା ଜୀବନର ପ୍ରତିଟି ମୁହୁର୍ତ୍ତକୁ । କେତେ ସୁଖ ଦୁଃଖ, ହସ କାନ୍ଦର ମୁହୁର୍ତ୍ତ ସବୁକୁ । କେମିତି ବୁଝେଇ କହିଦେବି, ତୁମେ କେବଳ ମୋର ଆବଶ୍ୟକତା ନଥିଲ, ତୁମେତ ମୋର ଗୋଟିଏ ଅଭ୍ୟାସ ହୋଇଯାଇଥିଲ | ତୁମେ ମୋର ଅଧା ଅଙ୍ଗ, ଅଧା ପ୍ରାଣ ଥିଲ, ଏକାତ୍ମ, ସବୁଠାରୁ ବେଶି ଅନ୍ତରଙ୍ଗ ଥିଲ । ମନେହୁଏ ତୁମେ ସତେ ଆଜିବି ମୋ ସାଙ୍ଗରେ ସେମିତି ଅଛ, କଣ ଟିକେ ଅଭିମାନ କରି ତୁମେ ତୁମ ଭାଇଙ୍କ ପାଖକୁ ଗ୍ଲଲିଯାଇଛ । ପୁଣି ଶିଘ୍ର ଫେରିଆସିବ, ନଶ୍ଚୟ ଫେରି ଆସିବ । ତୁମପାଇଁ ମୁଁ ସବୁଦିନ ସବୁ ମୁହୁର୍ତ୍ତରେ ଏମିତି ଅପେକ୍ଷା କରି ରହିଛି ।

ତୁମେ ଆସିବବୋଲି କେବେ ସିନା କଥା ଦେଇନଥିଲ, ହେଲେ ମୁଁ ମୋ ଅଭ୍ୟାସକୁ ଆଜିଯାଏ ବଦଳେଇ ଦେଇ ପାରୁନ । ତୁମେ ଫଗୁଣକୁ ଭଲପାଅ, ହୋଲିର ରଙ୍ଗକୁ ଭଲପାଅ, ସେଥିପାଇଁ ଭାବିଥିଲି ତୁମ ଏଇ ଫଗୁଣରେ ତୁମେ ନଶ୍ଚୟ ଆସିବ । ତୁମେ ଆସିବ ବୋଲି, ପ୍ରତିଥର ପରି ଏଥରକ ବି ବସନ୍ତକୁ ଡାକଥିଲି, ମଳୟକୁ ଆଉ କୋଇଲିକୁ

ବି ଡାକଥିଲି । ହେଲେ ତୁମେ ଆସିଲନି । କିଛି କଥାନାହିଁ, ତୁମେ ଆସିଲନି ବୋଲି କିଛି ଦୁଃଖ ବି ନାହିଁ । ତୁମେ ଆସିଲନି ତ ଆସିଲନି, କଣ ବା ବିଗିଡିଗଲା !

ବସନ୍ତ ତା ସମୟରେ ଆସିଗଲା, ସବୁଦିଗରେ ତାର ରଙ୍ଗ ବିଛାଡି ଦେଲା । ମୋ ଅଗଣାର ଗୋଲାପ ଗଛରେ ନୁଆ ନୁଆ ଗୋଲାପ କଢ ଆସିଗଲାଣି, ତୁମେ ନିଜହାତରେ ଲଗେଇଥିଲ ନା ଏଇ ଗୋଲାପ ଗଛଟା, ହେଲେ ଫୁଲ ଫୁଟିବା ଆଗରୁ ତୁମେ ନିଜେ ଝାଉଁଳିଗଲ । ରାସ୍ତାକଡର କୃଷ୍ଣଚୁଡା ଗଛଟା ତା ମୁଣ୍ଡରେ ନାଲି ଓଢଣୀଟିଏ ଢାଙ୍କି ସାରିଲାଣି, ବୋଧହୁଏ ବସନ୍ତକୁ ଦେଖି ଲାଜେଇ ଯାଉଛି । ଜାଣିଛ ଦଶଦିନ ହୋଇଗଲାଣି ଶୋରିଷ ଖେତରେ କିଏ ଜଣେ କଳାକାର ହଳଦିଆ ରଙ୍ଗ ବୋଳି ଦେଇଛି, କି ସୁନ୍ଦର ଦିଶୁଛି ପେଣ୍ଟିଙ୍ଗଟିଏ ପରି, ଦୁର ପାହାଡର ନୀଳ ଗ୍ରାଦର ପର୍ଯ୍ୟନ୍ତ ସବୁ ହଳଦିଆ ହୋଇଯାଇଛି । ଆଉ ତ ଆଉ, ଆମ୍ବ ଗଛରେ ବଉଳ ଆସିଲାଣି, ମହୁଲଗଛରେ ଫୁଲବି ଫୁଟିଲାଣି, ମଳୟର ଧୀର ପବନରେ ଚଉଦିଗ ମହମହ ବାସ୍ନାର ମହକ ଗଲାଣି । ଆଜି ସକାଳେ ପ୍ରଥମ କୋଇଲିର କୁହୁ କୁହୁ ଗୀତ ଶୁଣିଲି, ସତେ ଯେମିତି ସିଏ କହୁଥିଲା ଆଖିଖୋଲି ଦେଖ ବସନ୍ତ ଆସିଗଲାଣି । ବସନ୍ତର ସ୍ପର୍ଶ ପ୍ରେମୀମାନଙ୍କ ହୃଦୟରେ ପ୍ରଣୟର ରୋମାଞ୍ଚ ଭରିଦେଲାଣି । ବନ, ଉପବନ, ତରୁ, ଲତା ଆଉ ଉପବନ ସବୁ କିଛି ପ୍ରେମର ରଙ୍ଗରେ ସତେ ଯେମିତି ବୁଡୁବୁଡୁ ହୋଇଗଲେଣି ।

ତୁମେ ଆସିଥିଲେ ମୋତେ ଭଲ ଲାଗିଥାନ୍ତା । ପାର୍କର କଣରେ, ତୁମର ସେଇ ପ୍ରିୟ ପୁରୁଣା କୃଷ୍ଣଚୁଡା ଗଛଟା ଆଜିବି ତୁମକୁ ଅପେକ୍ଷା କରିଛି । ତୁମେ ଆସିବ, ଆଉ ତାଆରି ତଳେ ସିମେଣ୍ଟ ବେଞ୍ଚରେ ଆମେ ସାଥିହୋଇ ଦେହକୁ ଦେହ ଲଗାଇ ବସିଯିବା । ଯେମିତି ଆଗରୁ ପାର୍କକୁ ଗଲେ ଆମେ ସେଇଠି ସବୁବେଳେ ବସୁଥିଲେ । ମୁଁ ତୁମ ହାତକୁ ମୋ ହାତରେ ଜାବୁଡି ଧରିଥାଆନ୍ତି । ଆମେ କିଛି ଗପ୍ ସପ୍ କରି ଥାଆନ୍ତେ । ପୁରୁଣା ଦିନର ସ୍ମୃତିସବୁ ମନେ ପକେଇ ଥାଆନ୍ତେ ଆଉ କିଛି ଭବିଷ୍ୟତର ଯୋଜନା ବି କରିଥାଆନ୍ତେ । ତୁମେ କିଛି କହିଥାଆନ୍ତ ମୁଁ ଶୁଣିଥାଆନ୍ତି, ଆଉ ମୁଁ କିଛି କହିଥାଆନ୍ତି, ତୁମେ ଶୁଣିଥାଆନ୍ତ । ଛୋଟ ଛୋଟ କଥାରେ ତୁମେ କେବେ ରୁଷି ଯାଆନ୍ତ, ଯେମିତି ଆଗରୁ ସବୁବେଳେ ନାକ ଫୁଲେଇ ରୁଷି ଯାଉଥିଲ ! ଆଉ ମୁଁ ଟିକେ ଗେହ୍ଲେଇ ଦେଲେ, କୁନି ଝିଅଟିଏ ପରି ତୁମେ ପୁଣି ଖିଲିଖିଲି ହସିଦେଇ ଥାଆନ୍ତ ଆଉ ମୋ ଦେହକୁ ଆଉଜି ପଡିଥାଆନ୍ତ । ହେଲେ ତୁମ ଅପେକ୍ଷାରେ ଦିନ ଲମ୍ବା ହୋଇଗଲା, ରାତି ବି ରୁଷିଗଲା, କିନ୍ତୁ ତୁମେ ଆସିଲନି । ମୋ

ସ୍ୱପ୍ନସବୁ କଳ୍ପନାରେ ହିଁ ରହିଗଲା । କେବେ ମନେ ମନେ ଭାବେ, ସେଠିକି ଯିଏ ଯାଏ ସେ କଣ ଆଉ କେବେ ଫେରେ ? ସେଇ ଅଜଣା ଦେଶରେ କଣ ଏମିତି ମିଳିଯାଏ ସେମାନଙ୍କୁ କେଜାଣି, ଯିଏ ଥରେ ଯାଏ ତାର ମନ ଲାଗିଯାଏ ସେଇଠି । ହେଲେ ତୁମକୁ ଭୁଲି ହେଉନି, ତୁମକୁ ଅପେକ୍ଷା କରିବା ଛଡା ଆଉ କଣ କରି ପାରିଥାଆନ୍ତି ? କିନ୍ତୁ ଏଇ ଅବୁଝା ମନକୁ ବୁଝେଇ ପାରୁନି ।

କିଛି କଥା ନାହିଁ, ଦୁଃଖ ବି ନାହିଁ ତୁମେ ଆସିଲନି ବୋଲି । ତୁମେ ସିନା ଆଖି ବୁଜିଦେଲ, ନିଷ୍ଠୁରରେ ଚିରନିଦ୍ରା ଶୋଇଗଲ ! କିନ୍ତୁ ଫଗୁଣତ ସବୁ ବର୍ଷ ଆସୁଛି, ସମସ୍ତଙ୍କୁ ହୋଲିର ନାଲି ନୀଳ ହଳଦିଆ ନାରଙ୍ଗୀ ରଙ୍ଗରେ ରଙ୍ଗେଇ ଦେଉଛି । ପୋଷାକ ତ ପୋଷାକ, ଗଛର ପତ୍ର, ଘରର କାନ୍ଥରେ ବି ହୋଲିର ଛିଟା ଲାଗିଯାଉଛି । ହେଲେ ତୁମେ କଣ ବିଶ୍ୱାସ କରିବ ? ମୋ ମନରେ ଟୋପିଏ ବି ରଙ୍ଗ ଲାଗି ପାରିଲାନି । କେମିତି ଲାଗିଥାଆନ୍ତା କୁହନି, ଅପରାହ୍ନ ସୂର୍ଯ୍ୟର କିରଣ ମୋ ଦେହ, ମୋ ମନ ଆଉ ହୃଦୟରେ କେବେଠାରୁ କ୍ଳାନ୍ତିର ନୀଳିମା ବୋଳି ସାରିଲାଣି । ହୋଲିର ରଙ୍ଗ ପାଇଁ ଦେହ ମନରେ ଆଉ ଜାଗା କେଉଁଠି ବାକିଥିଲା ! ତୁମେ ମୋତେ ଏକୁଟିଆ କରି ଆଗ ଚାଲିଗଲ, ଟିକିଏ ଅପେକ୍ଷା କରିବାକୁ ବି ତୁମର ମନ ହେଲାନି । ଏମିତି କଣ କିଏ ଯାଏ ? ଯାହାକୁ ଏତେ ନିଜର ଭାବୁଥିଲ ଶେଷରେ ତାକୁଇ ଏକୁଟିଆ ଛାଡିଦେଲ ! ତୁମେ କଣ ବୁଝି ପାରୁଛ ତୁମ ବିନା ଜୀବନଟା କେମିତି ନିସଙ୍ଗ, ବେରଙ୍ଗ ହୋଇଯାଇଛି, ତୁମ ବିନା ମୁଁ କେମିତି ବଞ୍ଚିଛି ? ଏଇ ଦେଖ ଏବେ ସଂଜ ଘୋଟି ଆସିଲାଣି, ରାତି ହେବାକୁ ଆଉ କେତେବା ଡେରି ? ହୋଇପାରେ ପୁଣି ଥରେ ଦେଖା ହୋଇଯିବ ! ଆର ପୁରରେ, ଅବା ଆର ଜନ୍ମରେ, ଦେଖା ହେଲେ ଦୁହିଙ୍କୁ ବହୁତ ଖୁସି ଲାଗିବ, କିନ୍ତୁ ସେତେବେଳେ ତୁମେ ମୋତେ କଣ ଚିହ୍ନି ପାରିବ ? ହଁ ଯଦି ଦେଖା ନହୁଏ ତେବେବି କିଛି କଥା ନାହିଁ । ଜୀବନର ଏଇ ନିଃସଙ୍ଗତା ଏବେ ମୋର ଦେହସୁହା ହୋଇ ସାରିଲାଣି । ତୁମ ବିନା ଜୀବନକୁ ଜିଇଁବା ଶିଖିଗଲିଣି । କିନ୍ତୁ ତଥାପି ଅପେକ୍ଷା କରିଛି, ଏମିତି କରୁଥିବି ଅନନ୍ତ କାଳଯାଏ । ଏଇ ପ୍ରତୀକ୍ଷା ଯେ ମୋର ଅନନ୍ତ ପ୍ରତୀକ୍ଷା ।

(ଗଳ୍ପଟି ମୋ କବିତା-"ତୁମେ ଆସିବ ବୋଲି"ର ଛାୟାରେ ଲିଖିତ)

କଟ୍ ସ୍କୋୟାର, ପଟିଆ

# ସ୍ମୃତି

ଶରତ ଚନ୍ଦ୍ର ଜାଲି

ଦୂରରେ ରହିଲେ ସୁଧା ତୁମେ ପଡମନେ
ତୁମ ସ୍ମୃତି ସାଉଁଟୁଛି ବସି ଦିନେ ଦିନେ ॥
କେତେ ଦୂରେ ଅରବିନ୍ଦ କେତେ ଦୂରେ ରବି
ସମୀପେ ପରସ୍ପେ ପ୍ରୀତି ଜାଣେ ଅନୁଭବି ॥
ମୁଦିତ କମଳ ପାଇ ଦିବାକର ଜ୍ୟୋତି
ସୌରଭ ପ୍ରଦାନ କରେ ତୁଟିଗଲେ ରତି ॥
ସେହିପରି ଜାଣିଥାଗୋ ପରାଣ ମିତଣୀ
ତୋ ସ୍ମୃତି ମୋ ହୃଦପୁରେ ଦିଏ ପ୍ରୀତି ବୁଣି ॥
ଅନୁଭବ କରେ ତୁମୋ ରହିଛୁ ଅନ୍ତରେ
ତୋ ଶୁଭ ନାଁକୁ ଜପକରେ ନିରନ୍ତରେ ॥
ଏତିକରେ ସରେନାହିଁ ପ୍ରେମିକର ଭାଷା
ଦୂରେ ଥିଲେ ପାଶେ ଅଛୁ ଅଛି ବୋଲି ଆଶା ॥
ତୁ ସିନା ଯାଇଛୁ ଦୂରେ ଅଛି ତୋର ସ୍ମୃତି
ସ୍ମୃତି ଥିବାଯାଏ ପ୍ରୀତି ହୁଏନାହିଁ ଇତି ॥
ଆଜି ସେଇ ସ୍ମୃତିଜହ୍ନ ହସେ ଖିଲିଖିଲି
ଲୁଚଲୁଚ ଦେଖୁଥିଲି ଝରକାକୁ ଖୋଲି ॥
ପ୍ରିୟା ସାଥେ ବିତିଥିବା ଅତୀତ ସମୟ
ଜ୍ୟୋସ୍ନା ରୂପେ ବିଛୁରିତ ଅଗଣା,ଆଳୟ ॥
କେବେ ଅନ୍ଧକାରମୟ କେବେ ପୂର୍ଣ୍ଣଜ୍ୟୋତି
ଅବୁଝା ସେ ପ୍ରିୟତମା ଅବୁଝା ତା ସ୍ମୃତି ॥

ପଥର୍‌, ଖଲିକୋଟ, ଗଂଜାମ

# କାନ୍ଦେ ଜଳଦେବୀ

ଅନିଲ କୁମାର ସାହୁ

ଆହେ ଗୁଣି ଜନ ଜଳ ହିଁ ଜୀବନ
ମନେ ରଖ ଏହି କଥା
ଦିନରାତି ତୁମେ କରୁଅଛ ପାନ
ବୁଝ ଥରେ ତା'ର ବ୍ୟଥା ॥

ଏ ସୁନ୍ଦର ସୃଷ୍ଟି ଗଢିଛନ୍ତି ସ୍ରଷ୍ଟା
ତିଷ୍ଠିଅଛି ଯାହା ପାଇଁ
ସେଇ ଜଳ ଦେବୀ ଅସନ୍ତୁଷ୍ଟ ଆଜି
କାନ୍ଦୁଅଛି କଇଁକଇଁ ॥

ଗଙ୍ଗା ଗୋଦାବରୀ କୃଷ୍ଣା ଯେ କାବେରୀ
ଯମୁନା ନର୍ମଦା ତାପ୍ତୀ
ସିନ୍ଧୁ ବ୍ରହ୍ମପୁତ୍ର ବ୍ରାହ୍ମଣୀ ଗୋମତୀ
ମହାନଦୀ ଇନ୍ଦ୍ରାବତୀ ॥

ସର୍ବ ଜଳଦେବୀ ବିପଦରେ ଆଜି
ପ୍ରଦୁଷିତ ଜଳକୂଳ
ସ୍ୱାର୍ଥେ ଅନ୍ଧ ନର ଖେଳୁଅଛି ଖେଳ
ରୋଗପୂର୍ଣ୍ଣ ମହୀତଳ ॥

କେତେ ଜୀବଜନ୍ତୁ ରହିଛନ୍ତି ବନ୍ଧୁ
ପୁଣ୍ୟ ଏହି ଧର୍‌ା ତଳେ
ଗ୍ଭହିଁ ରହିଥାନ୍ତି ଜଳ ବୁନ୍ଦେ ପାଇଁ
ଥରେ ଏହି କଥା ଭ୍‌ଲେ ॥

ନଷ୍ଟ କରିଅଛ ଯାହା କଛି ତୁମେ
ଭୁଲିଯାଅ ସେହି କଥା
ସତର୍କ ହୁଅ ହେ ଭବିଷ୍ୟତ ପାଇଁ
ନ ହେଲେ ଫାଟିବ ମଥା ॥

ମୁଣ୍ଡାପାଲି, ନଅଗାଁ, ଆଗଲପୁର, ବଲ୍‌ଙ୍ଗିର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍‌ା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆଶା ବାନ୍ଧିଥାଏ ବସା



ନବ କୁମାର ଦାସ

ମୋର ମୋର କହି    ହୃଦ ତଳୁ ସେହି
    ଆଶା ଅଙ୍କୁରିତ ହୁଏ
ଭରସା ମାଟିରେ    ସପନ ଗଛରେ
    ବସା ଟିଏ ବାନ୍ଧି ଥାଏ....

ଲୋଭ ମୋହ ଯେତେ    କାଠି କୁଟା ସେତେ
    ବସା ରେ ଜଡିତ ହେଇ
ପାଇବା ପଣରେ    ବିକଳ ମନରେ
    ବସା ର ଶୋଭା ବଢ଼ାଇ.....

ଆଶା ପରେ ଆଶା    ବାନ୍ଧିଣ ସହସା
    ଇଚ୍ଛା ସଂଗୃରିତ ହୁଏ
ଇଚ୍ଛା ସବୁ ଯେତେ    ଅପୂର୍ଣ୍ଣତା  ଗତେ
    ବିବେକ କୁ ମାରିଦିଏ.....

ତେବେ ସିନା ଜାଣ    କାହିଁ  କେତେ କଣ
    ମରୀଚକା ଛାଇ ଦିଶେ

କ୍ଷଣ ପ୍ରତି କ୍ଷଣେ ବିପତ୍ତି ର ଗୁଣେ
ଆଶା ବସା ଭାଙ୍ଗି ବସେ.....

ବସା ଭାଙ୍ଗି ଗଲେ ଜୀବନ ମହଲେ
ହୃଦୟରୁ ରକ୍ତ ଝରେ
ବିଚାରି ମଣିଷ ହରାଇ ସାହସ
ଟଳ ପଡେ ମହି ପରେ...

ଶିକ୍ଷକ, ବାଲିଆପାଳ, ବାଲେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।
ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ମହାମାନବ ମହାତ୍ମା



ସୁଧାଂଶୁ ଶେଖର ଦ୍ୱିବେଦୀ

(ଅକ୍ଟୋବର ୨ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ଦିବସ ଉପଲକ୍ଷେ)

୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖ । ଗୁଜୁରାଟର ପୋର ବନ୍ଦରର ସୁଦାମାପୁରୀରେ କାବା ଗାନ୍ଧି ଓ ପୁତୁଲିବାଈଙ୍କର ତୃତୀୟ ସନ୍ତାନ ରୂପେ ମୋହନ ଦାସ କରମଚାନ୍ଦ ଗାନ୍ଧିଙ୍କର ଜନ୍ମ ହୋଇଥିଲା । ଚଳିତ ବର୍ଷ ତାଙ୍କର ୧୫୦ତମ ଜନ୍ମ ତିଥି ସାରା ଭାରତ ବର୍ଷରେ ବଡ ଧୁମ୍ ଧାମ୍ ରେ ପାଳନ କରା ହେଉଛି ।

ମହାତ୍ମା ଗାନ୍ଧିଙ୍କ ଆବିର୍ଭାବ ସମୟରେ ଭାରତରେ ଗୋଟିଏ ନୈତିକ ଦୁର୍ଭିକ୍ଷ ଦେଖା ଦେଇଥିଲା । ସେହି ସମୟରେ ଭାରତକୁ ଇଂରେଜମାନେ ଶାସନ କରୁଥିଲେ । ଭାରତୀୟଙ୍କୁ ସେମାନଙ୍କର ଅକଥନୀୟ ଅତ୍ୟାଚାର ସହିବାକୁ ପଡୁଥିଲା । କଳା, ଗୋରା, ଜାତିଆଣ ଭାବ ଇଂରେଜମାନଙ୍କ ମନ ମଧ୍ୟରେ ଖୁନ୍ଦିହୋଇ ରହିଥିଲା । ତେଣୁ ଭାରତବାସୀ ସେମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଅହରହ ଭଗବାନଙ୍କୁ ପ୍ରାର୍ଥନା କରୁଥାନ୍ତି । ଯୁଗେ ଯୁଗେ ଭଗବାନ ଭକ୍ତର ଦାସ ରୂପେ ବିରାଜିତ ହୋଇଛନ୍ତି । ବୋଧହୁଏ ତାଙ୍କରି ଅଂଶ ହୋଇ ମହାତ୍ମାଗାନ୍ଧିଙ୍କୁ ପ୍ରେରଣ କରିଥିଲେ ଭାରତବାସୀଙ୍କୁ ରକ୍ଷା କରିବାପାଇଁ ।

ଅତି ଛୋଟବେଳୁ ଗାନ୍ଧି ଶାନ୍ତ, ଶିଷ୍ଟ, ସତ୍ୟପ୍ରିୟ ଓ ଉଦାରଶୀଳ ଥିଲେ । ତାଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ, ସେ କସ୍ତୁରବାଙ୍କୁ ବିବାହ କରିଥିଲେ । ମାଟ୍ରିକ୍ ପାଶ୍ ପରେ ଉଚ୍ଚଶିକ୍ଷା ପାଇଁ ବିଲାତ ଯାତ୍ରା କଲେ । ବିଲାତରୁ ବାରିଷ୍ଟର ପାଶ୍ କରି ପୁଣି ଭାରତକୁ

ଫେରିଲେ । ୧୯୧୨ ରେ ସରକାର ଓ ସତ୍ୟାଗ୍ରହୀଙ୍କ ମଧ୍ୟରେ ସମାଧାନ ପାଇଁ ଦକ୍ଷିଣ ଆଫ୍ରିକାରେ ଜେନେରାଲ ଓ ସତ୍ୟଗ୍ରହୀଙ୍କ ମଧ୍ୟରେ ସମାଧାନ ପାଇଁ ଦକ୍ଷିଣ ଆଫ୍ରିକାରେ ଜେନେରାଲ ବୋଥଙ୍କ ସହ ଗୋଖଲେ ଆଲୋଚନା କଲେ । କିନ୍ତୁ ଉଦ୍ଦେଶ୍ୟ ହାସଲ ନହେବାରୁ ୧୯୧୩ ଅକ୍ଟୋବର ୨୮ ତାରିଖରେ ଗାନ୍ଧିଙ୍କ ଅଧିନାୟକତ୍ୱରେ ଶୋଭାଯାତ୍ରା ଆରମ୍ଭ ହେଲା । ସତ୍ୟାଗ୍ରାହୀ ଦଳ ଶାନ୍ତିପ୍ରିୟ ଓ ଆତ୍ମନିର୍ଭରଶୀଳ ଥିଲେ । ବାଟରେ ଦେଢଖଣ୍ଡ ରୁଟି ଓ ସାମାନ୍ୟ ଚିନି ଥିଲା ସେମାନଙ୍କ ଖାଦ୍ୟ ।

ଏହି ସତ୍ୟାଗ୍ରହ ଶେଷହେଲା ବେଳକୁ ସେଥିରେ ବିଭିନ୍ନ ଜାତିର ୨୦୦୦ ପୁରୁଷ, ୧୨୨ ଜଣ ମହିଳା ଓ ୫୦ ଜଣ ଶିଶ୍ ଥିଲେ । ଶେଷରେ ଗାନ୍ଧିଜୀଙ୍କ ୮ ବର୍ଷର ସତ୍ୟାଗ୍ରହ ସଫଳ ହେଲା । ୧୯୧୫ ମସିହା ମଇ ମାସ ୨୫ ତାରିଖରେ ଅହମଦାବାଦଠାରେ ସତ୍ୟାଗ୍ରହ ଆଶ୍ରମ ପ୍ରତିଷ୍ଠା ହେଲା । ସତ୍ୟ ପ୍ରତି ଆଗ୍ରହ, ସତ୍ୟର ସନ୍ଧାନ ଓ ସତ୍ୟର ପୂଜା ଥିଲା ସେହି ଆଶ୍ରମର ମୂଳ ନିୟମ । ନିଜ ଦେଶର ଅଧିବାସୀମାନେ ପରାଧୀନ ଥିବାର ଦେଖି ଗାନ୍ଧି ସେମାନଙ୍କୁ ଅଭାବ, ଅନାଟନ ଓ ଅଧପତନରୁ ରକ୍ଷା କରିବାପାଇଁ ପଣ କଲେ । ଅତ୍ୟାଚାରୀମାନଙ୍କ ନିକଟରେ ମୁଣ୍ଡ ନୁଆଁଇବା ଓ ସେମାନଙ୍କୁ ଆଶ୍ରୟ ଦେବା ଅନ୍ୟାୟ । ଏଣୁ ଗାନ୍ଧି ସ୍ୱାଧୀନତା ଆନ୍ଦୋଳନରେ ଅହିଂସାକୁ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କଲେ ।

୧୯୨୦ ରେ ତାଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଏହି ଆନ୍ଦୋଳନରେ ଜବାହାରଲାଲ ନେହେରୁ, ଲାଲ ବାହାଦୁର ଶାସ୍ତ୍ରୀ ଓ ଆହୁରି ଅନେକ ଯୁବ ନେତାମାନେ ଯୋଗ ଦେଲେ । ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ବିଦେଶୀ ଦୋକାନ, କୋର୍ଟ-କଚେରୀ ଓ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଯୋଗ ନଦେବା, ଫଳରେ ଦିନକୁ ଦିନ ଆନ୍ଦୋଳନର ନିଆଁ ପ୍ରଖର ହେଲା । "ଇନକଲାବ-ଜିନ୍ଦାବାଦ" ଧ୍ୱନିରେ ଭାରତର ଭୂମି କମ୍ପି ଉଠିଲା । ୧୯୪୨ ଅଗଷ୍ଟ ୮ ରେ ଗାନ୍ଧି ଭାରତଛାଡ ଧ୍ୱନି ଦେଲେ । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଭାରତ ସ୍ୱାଧୀନ ହେଲା ।

ସତ୍ୟ ହିଁ ଗାନ୍ଧିଙ୍କର ସର୍ବଶ୍ରେଷ୍ଠ ଓ ସର୍ବଭୌମ ନୀତି ଥିଲା । ସତ୍ୟ ହିଁ ଭଗବାନ, ସତ୍ୟ ହିଁ ଜୀବନ, ସତ୍ୟ ହିଁ ଅମର ଆଉ କଛି ନୁହେଁ। ଅହିଂସା ଓ ସତ୍ୟକୁ ଆପଣାର କରି ସେ ଭାରତବାସୀଙ୍କୁ ଇଂରେଜ କବଳରୁ ମୁକ୍ତି ଦେଲେ । ଗୁଲାମ ଭାରତର ମୁକ୍ତି-ଗୁଲାମିରୁ ମୁକ୍ତ ଭାରତ । ମୁକ୍ତି ଅବିଭାଜ୍ୟ-ଅସୀମ ଓ ସର୍ବସ୍ପର୍ଶୀ ହୋଇଥାଏ । ତିଳକ ସଂକଳ୍ପ କରିଥିଲେ, ଗାନ୍ଧି ବଚନ ବଦ୍ଧ ହୋଇଥିଲେ, ସୁଭାଷ ବଳଦାନ ମାଗୁଥିଲେ। ତିନଜଣ ଗୋଟିଏ ଚଜ ମାଗୁଥିଲେ – ଭାରତର ସ୍ୱାଧୀନତା। କନ୍ତୁ ମାଗିବାର ଶୈଳୀ ଭିନ୍ନ ଥିଲା ।

ଏହା ସତ୍ତ୍ୱେ ଗାନ୍ଧିଜୀ କ୍ଷଣ-ପ୍ରତିକ୍ଷଣ ମୃତ୍ୟୁର ସାଧନା କରୁ କରୁ ତାହାରି ଧାସରେ ଜିଇ ଗ୍ଲିଥିଲେ। ସେହି ଧାସର ପ୍ରଖରତା ଏତେ ନୃସଂସ ଥିଲା ଯେ ଗାନ୍ଧି ଭଳ ଦୃଢ ବ୍ୟକ୍ତିଙ୍କ ଅଭିପ୍ସା ଅଶ୍ୱଥାମାଙ୍କ ପରି ଉଦାହରଣଟିଏ ହୋଇଯାଇଥିଲା ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ହେ ମଣିଷ



ନରେନ୍ଦ୍ର ପ୍ରସାଦ ବେହେରା

ହେ ମଣିଷ !
ସତରେ ତୁମେ କେଡେ ମହାନ ।

ତୁମେ ଗଢୁଛ ଏ ସମାଜ
ସମସ୍ତଙ୍କୁ ଦେଉଛ ସୁଖ
କେତେବେଳେ କୃଷକ ତ
ପୁଣି କେତେବେଳେ ଶିଳ୍ପୀ
କୃଷକ ହୋଇ ମୁହଁରେ ଦିଅ ଦାନା
ତ ପୁଣି ଶିଳ୍ପୀ ହୋଇ ସଜାଇ ଦେଉଛ
ମାଟି, କାଠ ଓ ପଥରର ସୁନ୍ଦର ମଣିଷ
ହେ ମଣିଷ ସତରେ ତୁମେ କେଡେ ମହାନ ।

ସାଜିଛ ମହାନ ଆଜି ତୁମେ
ରଙ୍ଗ ବେରଙ୍ଗର ମଣିଷ ତିଆରି
ରଙ୍ଗ ଦେଇ ଜୀବଦାନ ଦେଉଛ
ତୁମ ହାତ ଗଢା ମୂର୍ତ୍ତିର ମଣିଷ
ଦିଶେ ଅତି ସୁନ୍ଦର
ହଳ ଲଙ୍ଗଳେ ଯୋଗାଅ ଆହାର
ବିଶ୍ୱକର୍ମା ହୋଇ କରୁଛ ଚନ୍ଦ୍ର ବିଚନ୍ଦ୍ର

ଆନନ୍ଦରେ ନାଚ ଯାଏ ଜଗତ
ହେ ମାନବ ସତରେ ତୁମେ କେଡେ ମହାନ।

ସତରେ କ'ଣ ତୁମେ ମାନବ ନା ମଣିଷ
ମାଟିରେ କରୁଛ କେତେ ଯେ ବିକାଶ
ତୁମେ ଏ ମାଟିର ମଣିଷ
ଅନ୍ୟାୟ ଅତ୍ୟାଚ୍ଚରରେ ବୁଡିଛି ଏଦେଶ
ତୁମେ ଆଜି କର ତାର ବିନାଶ
ଏ ଦୁନିଆରୁ ପାପ ହେଉ ନାଶ
ହେ ମଣିଷ, ସତରେ ତୁମେ କ'ଣ ମହାନ।

ଆନନ୍ଦା, ଖଇରା, ବାଲେଶ୍ବର

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ଵାଟସଆପ୍ ଜରିଆରେ ପଠାଇପାରିବେ ।

# ଗୃହିଣୀ



ଅବିନାଶ ବେହେରା

ପ୍ରଭାତରୁ ରାତି ଯାଏଁ କରୁଥାଏ କାମ,
ମିଳେ ନାହିଁ ତାକୁ କେବେ ବି ବିଶ୍ରାମ ।
ଘରକୁ ସମ୍ଭାଳି ସବୁ କଥା ବୁଝେ ସିଏ,
ବରଷ ଯାକର ଓଷା ବ୍ରତ ପାଳୁଥାଏ ।
ସବୁବେଳେ ରହେ ତା କାମେ ତତ୍ପର,
ଘର କାମେ ବ୍ୟସ୍ତ ସେ ସଦା ଅହରହ ।

ଗୃହିଣୀ ବୋଲି ତାକୁ ମଣନା ହେୟ,
ତା ପାଇଁ ତ ଘର ଲାଗେ ଅମୃତ ମୟ ।
ସନ୍ତାନ ଠାରୁ ଶାଶୁଶଶୁରଙ୍କ ଦାୟିତ୍ୱ ତାର,
ମଙ୍ଗଳ ମନାସି ଠାକୁରଙ୍କୁ ଡାକେ ବାରମ୍ବାର ।
ନିଜକୁ ହେଲେ ମଧ କଷ୍ଟ କହେ ନାହିଁ କିଛି,
ବିବ୍ରତ ହୋଇ ପଡେ ଆଉ କାହାର ହେଲେ କିଛି ।
ସ୍ୱାମୀର ଭଲରେ ମନ୍ଦରେ ତା ପାଖେ ରହେ,
ଅସମୟେ ଭାଙ୍ଗି ପଡିବାକୁ ଦିଏନାହିଁ କେବେ ।
ଦାୟିତ୍ୱ ତାହାର ବଡ ଗୁରୁତର ଭାବି ଦେଖ,
ତା ବିନା କିପରି ଗଡିକ ପାରିବ ସଂସାର ରଥ ।
ଘରକୁ ସୁନ୍ଦର କରି ଗଢିପାରେ ବୋଲି ଜାଣି,
ସମାଜ ତାହାର ନାମ କରଣ କରିଛି ଗୃହିଣୀ ।

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

# ଜନନୀ



ଶ୍ରୀକ୍ଷେତ୍ର ସୁନ୍ଦର

ମା ଗୋ ଶିବାନୀ ! ମା ଗୋ ଭବାନୀ !
ତୋର ଶ୍ରୀପୟରେ କରୁଅଛି ଅଳ
ଦେ ମା ଆଶିଷ ଢାଳ ...( ୦ )

ଆସୁ ଯେତେ ଝଡ ଝଞ୍ଜା ଏ ଜୀବନେ ମୋର
ତୋ ନାମ ମାତରେ ମା ଗୋ ହୋଇଥାଏ ଦୂର
ମୋର ସୁଖ ଦୁଃଖ ସବୁ ବୁଝୁ ତୁହି
କରୁଣାମୟୀ ଜନନୀ ...( ୧ )

ଜଗତ ଦୁର୍ଗତି ନାଶି ଦଶଭୁଜା ତୁହି
ଅବିଦ୍ୟା ନାଶିଲୁ ମା ଗୋ ଦେବୀ ମହାମାୟୀ
ଦୀନଜନ ଲାଗି ତୁହି ଅନ୍ନଦାତ୍ରୀ
ମମତାମୟୀ ଜନନୀ ...( ୨ )

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ , ବରଗଡ

# ନୈନୀତାଲ୍ ସନ୍ନିକଟ କୁମାୟୁନର ଅନନ୍ୟ ପର୍ଯ୍ୟଟନସ୍ଥଳ

ପ୍ରିୟବ୍ରତ ପାତ୍ର

ବିବେକାନନ୍ଦଙ୍କ ଅତି ପ୍ରିୟ ଜାଗା ଥିଲା ନୈନୀତାଲ ଓ ଆଲମୋଡା । ଭଗିନୀ ନିବେଦିତା ନିଜର ଦିନଲିପିରେ ଏପରି ଏକ ସାଂନ୍ଧ୍ୟକାଳୀନ ଘଟଣା ବର୍ଣ୍ଣନା କରିଛନ୍ତି, ଯାହାକି ସମସ୍ତଙ୍କ ପାଇଁ ଶିକ୍ଷଣୀୟ । ନିଜ ଅନୁଗାମୀଙ୍କ ସହ ସ୍ୱାମୀଜୀ ପହଞ୍ଚିଲେ ନୈନାଦେବୀଙ୍କ ମନ୍ଦିରରେ । ତାଙ୍କର ଆସିବା ଖବର ପାଇ ଆଖପାଖର କିଛି ଲୋକ ରୁଣ୍ଡ ହୋଇଥିଲେ ଏବଂ ଦୁଇଜଣ ବାଇଜୀ ଆସି ମନ୍ଦିର ପ୍ରାଙ୍ଗଣରେ ନିଜ ନିଜର ଅପୂର୍ବ ସୁର ଝଙ୍କାର ତୋଳି ସୁରଦାସଙ୍କ ଏକ ଦୋହାକୁ ଗାନ କରୁଥିଲେ । ଦୋହାଟିର ଅର୍ଥ ଥିଲା – ହେ ପ୍ରଭୁ, ତୁମେ ଭଲମନ୍ଦ କିଛି ନ ବାରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖ, ତେଣୁ ଚାହିଁଲେ ଆମକୁ ଏ ଭବ ସାଗରରୁ ପାର କରିଦିଅ । ସେମାନେ ନୈନୀତାଲ୍ ସହରର କୌଣସି ସମ୍ଭ୍ରାନ୍ତ ଘରର ଭଦ୍ର ମହିଳାଙ୍କ ପରି ଦିଶୁଥିଲେ । କିନ୍ତୁ ଅସଲ ପରିଚୟ ପାଇବା ପରେ ଜମା ହୋଇଥିବା ଲୋକେ ଧରି ନେଲେ ଯେ, ବିବେକାନନ୍ଦଙ୍କ ପରି ଆଜନ୍ମ ପ୍ରଚଣ୍ଡ ବ୍ରହ୍ମଚାରି ଦୁଇ ବାଇଜୀଙ୍କୁ ତିରସ୍କାର କରି ତଡି ଦେବେ । କିନ୍ତୁ ସେଭଳି କିଛି ନ କରି ସ୍ୱାମୀଜୀ ସେମାନଙ୍କ ସଙ୍ଗୀତକୁ ମନ୍ତ୍ରବତ ଶୁଣିଥିଲେ । ଏହାପରେ ସ୍ୱାମୀଜୀ ସ୍ୱମୁଖରେ ଏକଥା କହିଥିଲେ – ମୋ ଚକ୍ଷୁରୁ ଏକ ପର୍ଦ୍ଦା ଉଠିଗଲା ଏବଂ ସବୁକିଛି ସେହି ଏକ ବ୍ରହ୍ମରୁ ସୃଷ୍ଟି ବୋଲି ହୃଦବୋଧ ହୋଇଛି । ସମସ୍ତଙ୍କ ପ୍ରତି ସମଭାବାପନ୍ନ ରହିବା ଏକ ଯୋଗୀର ପ୍ରଥମ ଲକ୍ଷଣ ।

ଦିଲ୍ଲୀରୁ ନୈନୀତାଲ୍ (୩୨୦ କି.ମି.) ବସ୍ ରେ ଗଲାବେଳେ କୋହଲା ପବନ ସାଙ୍ଗକୁ କୋଳାହଳ ହୀନ ଜନପଦ ଓ ପରିବର୍ତ୍ତିତ ବୃକ୍ଷରାଜିମାଳା କୁମାୟୁନ୍ ଅଞ୍ଚଳର ଆରମ୍ଭ ଜଣେଇ ଦିଏ । ଲକ୍ଷ୍ନୌରୁ କାଠଗୋଦାମ (୪୦୪ କି.ମି.) ମିଟର ଗେଜ୍ ରେଳରେ ଯାତ୍ରା

ବୋଧେ ଭାରତର ସବୁଠୁ ସୁନ୍ଦର ଯାତ୍ରା । ଦୁଇ କଡେ କୁଢ କୁଢ ଫୁଲ, ଖାଲି ଫୁଲ । ଅଜଣା ପକ୍ଷୀମାନଙ୍କ ଗତି ଓ କୋଳାହଳ ରେଳର ଗତି ଓ ଚକ୍‌ାରକୁ ବଳ ପଡିବା ଯୋଗୁଁ ସବୁକଛି ଦେଖି ହୁଏ, ଶୁଣି ହୁଏ । ସେଠାରୁ ନୈନୀତାଲ୍ ୨୦ କ.ମି. ପାଇଁ ସବୁବେଳେ ଗାଡି ଥାଏ ।

ନୈନୀତାରେ ଏକାଧିକ ଦିନ ରହିବା ପାଇଁ ମନସ୍ଥ କରିଥିବା ପର୍ଯ୍ୟଟକ ପର୍ଯ୍ୟଟକଙ୍କ ପାଇଁ ସବୁଠୁ ଆକର୍ଷଣୀୟ ଅନୁଭୂତି ହେଉଛି ଟ୍ରେକଂ, ଯାହାର ଆକ୍ଷରିକ ଅର୍ଥ ହେବ ପାର୍ବତ୍ୟ ରାସ୍ତାରେ ଚାଲି ଚାଲି ଯିବା । ବିଭିନ୍ନ ପିକ୍ ବା ପର୍ବତ ଶିଖରକୁ ଯିବା ପାଇଁ ଘୋଡାର ସୁବିଧା ରହିଛି, ତା ସତ୍ତ୍ୱେ ପାଦରେ ଯିବା ହିଁ ସର୍ବୋତ୍କୃଷ୍ଟ ଅନୁଭୂତି ଆଣି ଦେଇଥାଏ । ଛୋଟିଏ ଝୁଲାମୁଣାରେ ପାଣି, ଛତା ଓ କଛି ଖାଇବା ଜିନଷ ନେଇଗଲେ, ଗାଇଡ୍ ସହିତ ଯେ କୌଣସି ଜାଗାକୁ ଯିବାରେ ଅସୁବିଧା ନାହିଁ । ଏପରିକ ଯିବା ଆସିବା କରୁଥିବା ଲୋକଙ୍କୁ ପଚାରି ରାସ୍ତା ବୁଝି ହେବ, କନ୍ତୁ ପାଖରେ ପ୍ରଶିକ୍ଷିତ ଗାଇଡ୍ ଜଣେ ଥିଲେ ଅଧିକ କଛି ଖବର ଓ ତଥ୍ୟ ଜାଣି ହୁଏ । ସବୁଠୁ ସୁନ୍ଦର, ପିକ୍ ହେଲା ନୈନା ପିକ୍ ବା ଚାଇନା ପିକ୍, କାରଣ ଏଠୁ ଚୀନାର ସୀମାନ୍ତ ଦେଖାଯାଏ । ସେଠାକୁ ଯିବା ବେଳେ ଖୋଲା ପବନରେ ଅବଗାହନ କରି, ଝରଣା ସବୁର କୂଳେ କୂଳେ ରାସ୍ତା ଚାଲୁ ଚାଲୁ କ୍ଳାନ୍ତି ଜଣା ପଡେନାହିଁ । ସରୁ ସରୁ ପତ୍ର ଓହଳ ଥିବା ଫାରନ୍ ଓ ଲାଲ୍ ଲାଲ୍ ନଆଁ ଫୁଲ ପରି ଦିଶୁଥିବା କଢିପୂର୍ଣ୍ଣ ଡାଳମ୍ବ ବଣ ସାରୁ ଦେଖିବାକୁ ମିଳେ । ସେଠାରେ ଗୋଟିଏ ଘର ରହିଛି ଓ ଉଚ୍ଚ କ୍ଷମତା ସମ୍ପନ୍ନ ଦୂରବୀକ୍ଷଣ ଯନ୍ତ୍ରର ସୁବିଧା ଉପଲବ୍ଧ। ପାଗ ଭଲ ଥିଲେ ତ୍ରିଶୁଳ, ନନ୍ଦାଦେବୀ, ପଞ୍ଚଶୁଳୀ, କେଦାରନାଥ, ବଦ୍ରିନାଥ ଶୃଙ୍ଗ ମଧ ଦେଖାଯାଏ । କୌଣସି ଉଚ୍ଚ ଜାଗାରୁ ତଳକୁ ନୈନୀ ହ୍ରଦକୁ ଦେଖିଲେ ଲାଗେ ଯେମିତି ଘନ ଜଙ୍ଗଲ ଘେର ଭିତରେ ହ୍ରଦଟି ରହିଛି, ସତେକ ବରୁଣ ତନୟାର ମୁଖମଣ୍ଡଳକୁ ଘେରି ପାଇନ୍ ଗଛର ଜଙ୍ଗଲ କେଶ ବିମଣ୍ଡିତ କରି ରଖିଛି । ୨୬୧୧ ମିଟର ଉଚ୍ଚରେ ଥିବା ନୈନା ପିକ୍ ମୂଳ ସହରଠୁ ୭ କ.ମି. ଦୂରରେ ଅବସ୍ଥିତ । ସେଠାରୁ ଡରୋଥି ସିଟ୍ କୁ ରାସ୍ତା ରହିଛି । **Kelet** ମହାଶୟ ବିମାନ ଦୁର୍ଘଟଣାରେ ମୃତ ନଜ ପତ୍ନୀଙ୍କ ପାଇଁ ଏଠାରେ ଏକ ସ୍ମୃତି ସୌଧ ନର୍ମାଣ କରିଛନ୍ତି । ଅନ୍ୟ ଏକ ନରୋଳା ରାସ୍ତା ହେଲା ୨୧୧୮ ମିଟର ଉପରେ ଥିବା **Land's**

**End** କୁ ରାସ୍ତା ଯାହାକ ୪ କ.ମି. ଲମ୍ବା । ସେହି ରାସ୍ତାରେ ଅନେକ ବଣ୍ୟ ଜୀବଜନ୍ତୁ ସହଜରେ ଦେଖାଯାଇଥାନ୍ତି । ବଣୁଆ ଛେଳ, କୁକୁଡା, ଠେକୁଆ, ବିଲୁଆ, ଗୋଧି, ନେଉଳ ଏସବୁ ସହ ଭେଟ ହେବା ନିଶ୍ଚିତ ।

ଟ୍ରେକିଂ ରାସ୍ତା ସାରା କୋଳ ବିକାଳୀମାନେ ବିଭିନ୍ନ ବଣ୍ୟକୋଳ ବିକୁଥାନ୍ତି – ତା ଭିତରେ ମୁଖ୍ୟ ହେଲା ଷ୍ଟ୍ରବେରୀ ଓ ରାସ୍ ବେରୀ । ଧାଡି ଧାଡି ହୋଇ ଏ ପର୍ବତରୁ ସେ ପର୍ବତ ବିସ୍ତୃତ ହୋଇଥିବା ପଇନ୍ ଗଛର ମୁନିଆ ଅଗମାନ ସବୁଜ ସମୁଦ୍ରର ସମତଳ ଉପରେ ଗାଢ ସବୁଜ ରଙ୍ଗର ତରଙ୍ଗ ଚୂଡା ପରି ଦେଖାଯାଏ । ଚାରିପାଖରେ ଉଚ୍ଚ ପର୍ବତମାଳା ପ୍ରାଚୀର ପରି ଦଣ୍ଡାୟମାନ ଥାଏ । କେଉଁଠି ପୁଣି ଶୁଭ୍ର ମୁକୁଟ ପରି ଦିଶୁଥିବା ଗିରିଶୃଙ୍ଗ ସବୁ ନୀଳ ଆକାଶକୁ ଧସେଇ ପଶିଛନ୍ତି । କେବେଜେବେ ମେଘମାଳା ସବୁ ଧ୍ୟାନମଗ୍ନ ଶିଳା-ଶିଖର ସବୁକୁ ଜଟାପରି ଗୁଡେଇ ହୋଇ ଯାଉଛନ୍ତି । କେତେବେଳେ କେଉଁ ଗିରି ଶିଖର ସଦ୍ୟ ପତିତ ତୁଷାର କଣାରେ ରୂପା ଚଦର ପରି ଝଲମଲ କରୁଛି ତ, କେବେ ପୁଣି ପବନ ବହିଆସି ସେହି ସଦ୍ୟପତିତ ତୁଷାର କଣାକୁ ପାଣି କରି ତଳକୁ ବୁହାଇ ଦେଉଛି । ଜଙ୍ଗଲ ସାରା କାଷ୍ଠାନିଆ, କଇଁଭୁ, ଚୀଡ୍, ପାଇନ୍, ଓକ୍, ପାଙ୍ଗର, ତୁନ୍, କାଫାଲ ଆଦି ଗଛ ସହ ଭେଟ ହୁଏ । କଛି ଗଛର ଗଣ୍ଡି ସାରା ମୋଟା ଶିଉଳ ସବୁ କମ୍ବଳ ପରି ଘୋଡାଇ ହୋଇ ରହିଥାଏ । ରାତ୍ରୀର ନୈଶ ନିଶବ୍ଦତା, କ୍ଷୀଣ ନକ୍ଷତ୍ରମାଳାଙ୍କ ଆଲୋକ ଏବଂ ଋଷିପ୍ରତିମ ପର୍ବତମାଳାଙ୍କ ଭାବ-ଗାମ୍ଭୀର୍ଯ୍ୟ ଯେକୌଣସି ଜହ୍ନ ପକ୍ଷ ରାତ୍ରୀକୁ ଅପୂର୍ବ ଉପଲବ୍ଧିରେ ପରିଣତ କରିଥାଏ । ପାର୍ବତ୍ୟ ରାସ୍ତାରେ ନୈଶ୍ୟ ଦୃଶ୍ୟାବଳୀ କବିତ୍ୱରେ ଭରପୂର । ନିଜ ନିଜ ଅଗ୍ନିକୁଣ୍ଡ ଚାରିପଟେ ଉପବିଷ୍ଟ କୁଲି ସଂଘ, ଅଶ୍ୱଗଣଙ୍କ ହ୍ରେସରବ, ତରୁରାଜିର ସନ୍ ସନ୍ ଶବ୍ଦ, ଅରଣ୍ୟାନୀର ଗଭୀର ଭାବୋଦ୍ଦୀପକ ତମିସ୍ରା ଓ ଉପରେ ତାରାଭରା ଆକାଶ – ଏସବୁ ହେଲା ସନ୍ଧ୍ୟାକାଳୀନ ଦୃଶ୍ୟର ଗୋଟିଏ ଝଲକ ।

ଦିଲ୍ଲୀରୁ ନୈନୀତାଲ (୩୨୦ କ.ମି.) ଆସି ଆଖପାଖ ପ୍ରସିଦ୍ଧ ଜାଗାସବୁ ବୁଲିଯିବା ମଧ୍ୟ ଜରୁରୀ । ସେସବୁକୁ ନ ବୁଲିଲେ ହିମାଳୟ, ବିଶେଷ କରି କୁମାୟୁନ୍ କୁ ସମଗ୍ର ଭାବେ ବୁଝିବା ସମ୍ଭବ ହୁଏ ନାହିଁ । ସେହି ବିଶ୍ୱ ପ୍ରସିଦ୍ଧ ଜାଗା ସବୁ ଦର୍ଶନକରିବା ଜରୁରୀ । ଥରେ

ଥରେ ଆମର ନିତିଦିନିଆ ସଂସାରର କ୍ଷୁଦ୍ରତା ଓ ଆବଦ୍ଧତା ଛାଡି ଏହିପରି ବ୍ୟାପ୍ତି ଭିତରକୁ ଚାଲି ଆସିବା ଦରକାର, ନିଜର ହଜାରେ ମାନସିକ ଜଞ୍ଜାଳ ଏଡିଦେଇ ଜୀବନର ଅସଲ ଆନନ୍ଦ ହରାଇ ବସିବାର ଦୁର୍ଗତିରୁ ରକ୍ଷା ପାଇବା ପାଇଁ ଏସବୁ ଜାଗାକୁ ଆସିବା ଦରକାର । ସେସବୁ ଜାଗା ହେଲା –

ରାମଗଡ (୧୫ କି.ମି.): - ହଲଦୱାନୀ ଯିବା ରାସ୍ତାରେ ପଡେ ରାମଗଡ, ଯାହାକି ଫଳଗଛ ପାଇଁ ବିଖ୍ୟାତ । ଜଙ୍ଗଲୀ ଗଛ ଅପେକ୍ଷା ଏଠାରେ ଏକର ଏକର ବ୍ୟାପୀ ଫଳଗଛ ଓ ଫୁଲ ଗଛ ଅଧିକ । ଘୋଡାନାଲ ଆକୃତିର ଏକ ଶିଖର ଉପରେ ଏକଦା ରବୀନ୍ଦ୍ର ନାଥ ଠାକୁର ଏକ କୁଟୀର ନିର୍ମାଣ କରି ରହିଥିଲେ ଏବଂ ଜାଗାଟି ଏତେ ଭଲ ଲାଗିଥିଲା ଯେ ନିଜର ପ୍ରିୟ ବଙ୍ଗଳା ଛାଡି ଏଠାରେ ଦେଢ ବର୍ଷ ରହି ଯାଇଥିଲେ । ଆଖି ଆଗରେ ସଫେଦ ବରଫର ଚୂଡା, ନୀରବ ନିସ୍ତବ୍ଧ ପ୍ରକୃତି କୋଳରେ, କିଛି ବଣୁଆ ପକ୍ଷୀଙ୍କ କାକଳୀରେ ମନରେ ଯେଉଁ ଅଦ୍ଭୁତ ଭାବାନ୍ତର ସୃଷ୍ଟି ହୋଇଥିଲା ସେଥିରୁ ଜନ୍ମ ନେଇଥିଲା "ଗୀତାଞ୍ଜଳୀ" ର ବିଶ୍ୱ ପ୍ରସିଦ୍ଧ କବିତା ସବୁ ।

ରାଣୀକ୍ଷେତ୍ (୬୧ କି.ମି.) :- ପ୍ରାଚୀନ ମନ୍ଦିର, ଫଳ ବଗିଚା ତଥା ପାଇନ୍ ଜଙ୍ଗଲରେ ପରିପୂର୍ଣ୍ଣ ଜାଗାଟିଧୀରେ ଧୀରେ ଲୋକପ୍ରିୟ ହୋଇ ଉଠୁଛି । କୁମାୟୁନ୍ ରେଜିମେଣ୍ଟ ର ମୁଖ୍ୟ କାର୍ଯ୍ୟାଳୟ ଥିବା ଏହି ଜାଗାଟି ସାମରୀକ ଗାଡି, ସାମରୀକ ଲୋକ, ପାହାଡୀ ଲୋକ ତଥା ପର୍ଯ୍ୟଟକଙ୍କ ବିଚିତ୍ର ସମାଗମରେ ଅଦ୍ଭୁତ ଲାଗେ । କିଛି ପ୍ରାଚୀନ ଚର୍ଚ୍ଚ ଆଜିକାଲି ଉଲେ ଗରମ ପୋଷାକ ତିଆରି କାରଖାନାରେ ପରିଣତ ହୋଇଛି । ପାହାଡୀ ଲୋକଙ୍କ କର୍ମ ସଂସ୍ଥାନ ପାଇଁ ହସ୍ତତନ୍ତ ଶିଳ୍ପର ପ୍ରସାର ଘଟିଛି ।

କରବେଟ୍ ନେସନାଲ୍ ପାର୍କ (୭୦ କି.ମି.):- ଏହା ମୁଖ୍ୟତଃ ବ୍ୟାଘ୍ର ସଂରକ୍ଷଣ ପାଇଁ ପ୍ରସିଦ୍ଧ, ଯଦିଓ ରାମଗଙ୍ଗା ନଦୀ କୂଳେ ଅବସ୍ଥିତ ଘଞ୍ଚ ଜାଗାଟି ଅନେକ ବିରଳ ହିମାଳୟ ପ୍ରଜାତିକୁ ଆଶ୍ରୟ ଦେଇଛି । କୁହାଯାଏ କରବେଟ୍ ମହାଶୟ ବନ୍ଧୁକ ଦ୍ୱାରା ଯେତିକିଟି ନରଖାଦକ ବାଘଙ୍କୁ ସୁଟ୍ କରିନଥିଲେ, ତାଠୁ କେତେ ଗୁଣ ନିଜ କ୍ୟାମେରାର ସଟ୍

ନେଇଥିଲେ । ଜଙ୍ଗଲ ଅଧିକାରୀଙ୍କ ଠାରୁ ଅନୁମତି ନେଇ, ଜିପ୍ ରିଜର୍ଭ କରି ଭିତରକୁ ଯିବାକୁ ପଡେ ।

**କଉସାନୀ (୧୦୦କ.ମି.) :-** ହିମାଳୟରେ ସୂର୍ଯ୍ୟୋଦୟ ଦେଖିବା ପାଇଁ ଲୋକେ ଏଠାକୁ ଆସନ୍ତି । ଏହାକୁ ଭାରତର ସୁଇଜରଲାଣ୍ଡ ବୋଲି କହନ୍ତି, କାରଣ ବରଫ ପଡିବା ସାଙ୍ଗରେ ସ୍କେଟିଂ ଓ ଗଲଫ୍ ଖେଳବା ପାଇଁ ସୁବିଧା ଉପଲବ୍ଧ ହୋଇଥାଏ । ତୁଛା ଘାସ ପଡିଆ ସବୁ ଗଲଫ୍ କୋର୍ଟର ଭ୍ରମ ସୃଷ୍ଟି କରେ । ଏଠାରେ ଥିବା ଅନାସକ୍ତି ଆଶ୍ରମରେ ଗାନ୍ଧୀ ୧୯୨୯ ମସିହାରେ ରହିଥିଲେ ଓ ଅଭିଭୂତ ହୋଇ ପଡିଥିଲେ । ଶ୍ରୀମତି ସରଳାଦେବୀଙ୍କ ଲକ୍ଷ୍ମୀ ଆଶ୍ରମ ଓ ବାଳକା ବିଦ୍ୟାଳୟ ଏବେ ମଧ୍ୟ ଖୋଲିଛି । ସରଳାଦେବୀ ବିଦେଶିନୀ ଥିଲେ ଓ ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ପାର୍ବତ୍ୟ ଅଞ୍ଚଳରେ ରଚନାତ୍ମକ କାର୍ଯ୍ୟ କରୁଥିଲେ । ସେହି ସ୍କୁଲରେ ପ୍ରାର୍ଥନା, ପାଠପଢା ଛଡା ପଶମ ସୂତା କାଟିବା ଓ ଗାଲିଚ୍ଚ ବୁଣିବା ମଧ୍ୟ ଶିକ୍ଷା ଦିଆଯାଏ ।

**ଜାଗେଶ୍ୱର (୧୦୦ କ.ମି.) :-** ଚନ୍ଦନ ଗଛର ବଣ, ମାଇଲ୍ ମାଇଲ୍ ବ୍ୟାପି ଦେବଦାରୁ ଗଛର ବଣ ଓ ପାଖାପାଖି ୨୦୦ ମନ୍ଦିର ଥିବା ଏହି ଅପୂର୍ବ ଜାଗାଟି ଧୀରେ ଧୀରେ ତୀର୍ଥ ଜାଗାରେ ପରିଣତ ହେଉଛି । ଶକ ଜାତି ଅନ୍ତର୍ଗତ କତ୍ୟୁରୀ ବଂଶର ରାଜାମାନେ କୁମାୟୁନ ଅଞ୍ଚଳରେ ୮୫୦ ରୁ ୧୧୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରୁଥିଲେ । ସେମାନେ ବିଭିନ୍ନ ଜାଗାରେ ଦ୍ୱିଭୂଜ – ସୂର୍ଯ୍ୟଙ୍କ ମୂର୍ତ୍ତି କରି ଉପାସନା କରୁଥିଲେ ।

**ହନୁମାନ ଗଡ (୩ କ.ମି.) :-** ହନୁମାନ ମନ୍ଦିର ନିକଟସ୍ଥ ସମତଳ ସେପଟେ ସୂର୍ଯ୍ୟାସ୍ତ ଦେଖିବା ପାଇଁ ପର୍ଯ୍ୟଟକ ଆସନ୍ତି । ନୈନୀତାଲ ସହର ବାହାରେ କଛି ହ୍ରଦ ରହିଛି ଯେଉଁଠାକୁ ପର୍ଯ୍ୟଟକମାନେ ମଟର ଭଡା କରି ଏକାଦିନେ ବୁଲି ଆସି ପାରିବେ । ସ୍ୱର୍ଗର ଅପସରାମାନଙ୍କ ଅତି ପ୍ରିୟ ବୋଲି କୁହାଯାଉଥିବା ଖୁର୍ପାତାଲରେ ଆଜିକାଲି ମାଛଚାଷ ହେଉଛି । ଇଉରୋପୀୟଙ୍କ ପରି ବନଶି କଣ୍ଟା ଧରି ସମ୍ଭ୍ରାନ୍ତ ଲୋକେ ମାଛ ଧରିବା ପାଇଁ ଘଣ୍ଟା ଘଣ୍ଟା ବସି ଯାଆନ୍ତି । ଗରୁଡ ତାଲ, ରାମ ତାଲ, ସୀତା ତାଲ ଆଦି ସାତଟି ହ୍ରଦକୁ

ନେଇ ସାତ ତାଲ୍ ଗଠିତ । ସେଠାର ଗାଢ ସବୁଜ ରଙ୍ଗ୍ ସ୍ଫଟିକ ପରି ଦିଶୁଥିବା ପାଣି ଓ ହଳଦିଆ ରଙ୍ଗର ପାଣି ସମସ୍ତଙ୍କୁ ଆକର୍ଷିତ କରେ । ନଅ କୋଣ ବିଶିଷ୍ଟ ବିଚିତ୍ର ହ୍ରଦ ନଉ-କୁଚଆ ହ୍ରଦର ଚାରିପଟେ ରହିଛି ଭୀଷଣ ଅରଣ୍ୟ ଓ ମନକୁ ସ୍ତବ୍ଧ କରିଦେଲା ପରି ଗଭୀର ନିଶବ୍ଦ ବଣ ।

**ଆଲମୋଡା (୩୫ କ.ମି. ଦୂର, ୩ ଘଣ୍ଟାର ରାସ୍ତା):-** ପ୍ରାୟ ଚାରିଶହ ବର୍ଷ ତଳେ ଚଣ୍ଡ ରାଜାମାନଙ୍କ ରାଜଧାନୀ ଥିଲା ଆଲମୋଡା । ଧ୍ୟାନ ଓ ଆଧ୍ୟାତ୍ମିକ ଅଗ୍ରଗତି ପାଇଁ ଏହି ଜାଗାର ମାହାତ୍ମ୍ୟ ଖୁବ୍ ଅଧିକ । କସର ଦେବୀଙ୍କ ମନ୍ଦିରକୁ ବିବେକାନନ୍ଦ କେତେଥର ଧ୍ୟାନ ପାଇଁ ଆସିଛନ୍ତି । ସେଠାରେ ଏକ ଅଭିନବ ଶୈଳୀର ମନ୍ଦିର ହେବ ବୋଲି ସ୍ୱାମୀଜୀ ଚାହିଁଥିଲେ ଯାହାର ସମ୍ମୁଖସ୍ଥ ମୁଖଶାଳାରେ ଗୋଟିଏ କକ୍ଷରେ ହିଁ ସକଳଧର୍ମର ମନିଷୀ ଓ ସନ୍ଦେଶବାହକଙ୍କ ପ୍ରତିମୂର୍ତ୍ତିମାନ ସ୍ଥାପିତ ହେବ ଏବଂ ସେହି କକ୍ଷର ପଶ୍ଚାତରେ ଏକ ଆଭ୍ୟନ୍ତରୀଣ ଆୟତନରେ ଗୋଟିଏ ସ୍ତମ୍ଭ ରହିବ, ଯାହା ଉପରେ ଓଁ ଅକ୍ଷରଟି ଖୋଦିତ ହୋଇ ରହିବ ଏବଂ ଏକମାତ୍ର ସେହି ସ୍ତମ୍ଭଟି ମୁକ୍ତାକାଶ ତଳେ ଶୋଭା ପାଉଥିବ । ସ୍ୱାମୀଜୀଙ୍କ ପରବର୍ତ୍ତୀ ଜୀବନରେ ସେହି ଇଚ୍ଛାଟି କେବେହେଲେ ପୂରଣ ହୋଇନଥିଲା ।

ଆଲମୋଡାରୁ ଉପରକୁ ଉତ୍ତର ଦିଗେ ଅଳ୍ପବାଟ ଗଲେ ଯେଉଁ ଶୁନଶାନ୍ ଜାଗାଟି ପଡେ, ସେଠାରେ ଏକଦା ତିଆରି ହୋଇଥିଲା ଶ୍ରୀ ରାମକୃଷ୍ଣ ମିଶନ୍ ଆନ୍ଦୋଳନର ଅନ୍ୟତମ କେନ୍ଦ୍ର ମାୟାବତୀ । ସ୍ୱାମୀଜୀ ସେଠାରେ ପ୍ରତିଷ୍ଠା କରିଥିବା ଆଶ୍ରମଟିର ନାମ ଥିଲା ଅଦ୍ୱୈତ ଆଶ୍ରମ । ସେଠାରେ କିଛି ବେଦେଶୀ ଶିଷ୍ୟା ଓ ସାଥୀ ସନ୍ୟାସୀଙ୍କ ସହ ସ୍ୱାମୀଜୀ ଅନେକ ଦିନ ରହିଥିଲେ । ସେଠାରେ ଶ୍ରୀ ରାମକୃଷ୍ଣଙ୍କୁ ନେଇ କୌଣସି ବାହ୍ୟ ଉପାସନା ନ ହେଉ ବୋଲି ଅଭିଳାଷ ଥିଲା, ଯାହାକି ମା ସାରଦା ଦେବୀ ମଧ୍ୟ ଚାହୁଁଥିଲେ । କିନ୍ତୁ କିଛି ବର୍ଷ ବିଦେଶ ରହିବା ପରେ ସ୍ୱାମୀଜୀ ଫେରି ଦେଖନ୍ତି ତ ଧୂପ ପୁଷ୍ପ ଅର୍ପଣ ହୋଇ ଶ୍ରୀ ରାମକୃଷ୍ଣଙ୍କ ଫଟୋଟିଏ ଉପାସନାର ବସ୍ତୁ ହୋଇ ରହିଛି ଯାହାକି ଅଦ୍ୱୈତ ଆଶ୍ରମର ଲକ୍ଷ୍ୟ ନୁହେଁ ବୋଲି ସ୍ୱାମୀଜୀ ଖେଦୋକ୍ତି ପ୍ରକାଶ କରି କହିଲେ । ସେଠାରେ ଦ୍ୱୈତ ଭାବାପନ୍ନ

ଦୁର୍ବଳତା ତଥା ନିର୍ଭରଶୀଳତାକୁ ପ୍ରଶୟ ଦିଆଯିବ ନାହିଁବୋଲି ଘୋଷଣା କରିବା ଯୋଗୁଁ ସମ୍ଭବତଃ ୧୯୦୨ ମସିହା ମାର୍ଚ୍ଚ ୧୮ ରେ ସେହି ମନ୍ଦିରଟି ବନ୍ଦ ହୋଇଗଲେ ।

**କଇଁ (୨୫ କ.ମି.) :-** ଏହା ଏକ ଆଧୁନିକ ତୀର୍ଥ ଜାଗା । ନିମ୍-କରୋଲୀ ବାବାଙ୍କ ଆଶ୍ରମ ପାଇଁ ଏହା ପ୍ରସିଦ୍ଧ । ସମଗ୍ର ଗଡଓ୍ୱାଲ ଓ କୁମାୟୁନ ଇଲାକାରେ ଏହି ବାବା ଖୁବ୍ ଲୋକପ୍ରିୟ ଓ ଶ୍ରଦ୍ଧେୟ ।

ଏହି ବାବା ଜୀବନର ଅଧିକାଂଶ ସମୟ ଏକ ନିମ୍ବ ଗଛ ମୂଳେ ବସିଥାନ୍ତି ଓ ଶ୍ରଦ୍ଧାଳୁମାନେ ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା ପାଇଁ ଆସୁଥାନ୍ତି । ତାଙ୍କୁ ନେଇ ଅନେକ କାହାଣୀ କିମ୍ବଦନ୍ତୀ ରହିଛି । ଥରେ ବାବାଙ୍କ ରେଳରେ ଯିବାକୁ ଇଚ୍ଛା ହେଲା ଓ ବିନା ଟିକେଟରେ ଯାଉଥିବା ସମୟରେ ଇଂରେଜ ଟିଟି ଅଧାବାଟରେ ଓହ୍ଲେଇଦେଲା । ନିର୍ବିକାର ବାବାଙ୍କ ପାଟିରୁ ବାହାରି ପଡିଲା, "ମତେ ଛାଡି ତୁମେମାନେ ଗ୍ଲିଯିବ?" । ତାପରେ ବାବା ନିକଟସ୍ଥ ଗଛ ମୂଳେ ଥକ୍କା ମାରି ବସିଗଲେ, କିନ୍ତୁ ରେଳ କୌଣସି ଯାନ୍ତ୍ରୀକ ତ୍ରୁଟି ନଥିବା ସତ୍ତ୍ୱେ ପାଦଟିଏ ମଧ ଆଗକୁ ଗଡି ପାରିଲା ନାହିଁ ।

ସର୍ବଦା ସତ୍ୟ ଚେତନାରେ ବାସ କରୁଥିବା ବାବାଙ୍କ ଏପରି ବାକ୍ ସିଦ୍ଧି ଆସି ଯାଇଥିଲା ଯେ, ଭୁଲ୍ ରେ ବି ପାଟିରୁ କିଛି ବାହାରି ଗଲେ ତାହା ସତ୍ୟ ହେବାକୁ ବାଧ ହେଉଥିଲା । ରେଳ ବନ୍ଦ ହୋଇଯିବା ଘଟଣାଟି ସେହି ବାକସିଦ୍ଧିର ପରିଣାମ ବୋଲି ଜାଣିବା ପରେ ଅନୁତପ୍ତ ଇଂରେଜ ଟି.ଟି. ସହ ଅନ୍ୟ କର୍ମକର୍ତ୍ତାମାନେ ଆସି ବାବାଙ୍କୁ ପୁଣି ପାଛୋଟି ନେଇଥିଲେ ଓ ରେଳ ଗ୍ଲିଲା । ହାବାର୍ଡ ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ରସାୟନବିତ୍ ପ୍ରଫେସର୍ ଜଣେ ନାସ୍ତିକ ଥିଲେ ଓ ଭାରତରେ ବାବା, ପୀର ଓ ସନ୍ଥଙ୍କ ଅନ୍ଧବିଶ୍ୱାସ ସବୁକୁ ପରାଭୂତ କରିବେ ବୋଲି ସେ ମନରେ ପ୍ରସ୍ତୁତି ସାରି ବାବାଙ୍କୁ ଭେଟିଲେ । ଚେତନାର ଉର୍ଦ୍ଧ୍ୱ ଗତି ବଡ ବିଚିତ୍ର । ପରବର୍ତ୍ତୀ କାଳରେ ସେ ସନ୍ଥ "ହରିଦାସ" ବୋଲି ନାମ ପାଇ ବାବାଙ୍କ ଚିର ଅନୁଗତ ହୋଇ ସାରା ଜୀବନ ସେଠାରେ ରହିଗଲେ ।

ନୈନୀତାଲରୁ କଇଁଚ ଜଙ୍ଗଲୀ ରାସ୍ତାରେ ସତର କଲୋମିଟର । ଜୀବନରେ କେବେ ଥରୁଟିଏ ସୁଯୋଗ ମିଳିଲେ ଯାଆନ୍ତୁ । ଏହି ରାସ୍ତାରେ ଯିବା ଭାଗ୍ୟରେ ଥିଲେ ମିଳେ । ପାହାଡୀ ଲୋକଙ୍କ ଜନଜୀବନ, ଗ୍ରାମ୍ୟ ଜୀବନ ଓ ବିଚିତ୍ର ବିଭବରେ ଭରା ପାହାଡୀ ଦୃଶ୍ୟାବଳୀ ସାରା ଜୀବନ ପାଇଁ ଅମୂଲ୍ୟ ଅନୁଭବ ହୋଇଯିବ । ବାଟସାରା ଝାଉଁ ପତରର ବଡବଡ ଗୋଲିଆ ବୋଝ ନେଇ ସ୍ତ୍ରୀ ଲୋକମାନେ ଘରକୁ ଫେରୁଥାନ୍ତି । ସେହି ଝାଉଁ ବା ପାଇନ୍ ଗଛକୁପାହାଡୀ ଭାଷାରେ ଚଡ୍ କହନ୍ତି । ଡାଳରେ ଥିବା ପତ୍ର ଆଗରେ ପତ୍ର ଛୁଞ୍ଚିମାନ ଥାଏ, ଯାହାକି ଝରିପଡି ଜଙ୍ଗଲସାରା ଭୂମିକୁ ଘୋଡେଇ ରଖିଥାଏ । ଝାଡୁରେ ସେସବୁ ଏକାଠି କରି, ଗୋଲାକାର କରି ବାନ୍ଧି ମୁଣ୍ଡରେ ଅଣାଯାଏ ଓ ଗୃଷ ପାଇଁ ଉଦ୍ଦିଷ୍ଟ ଜମିରେ ପକାଯାଇ ଖତ କରାଯାଏ । ତାକୁ ଜାଳେଣି ମଧ୍ୟ କରାଯାଏ । ସ୍ତ୍ରୀ ଲୋକେ କାଠ ଗୋଛା ନିକଟ ସହରକୁ ବିକିବା ପାଇଁ ଯାଆନ୍ତି ଓ ସେଠାରୁ ଫେରିଲେ ଗୃଷବାସରେ ମରଦମାନଙ୍କୁ ସାହାଯ୍ୟ କରନ୍ତି । ଗାଢ କଳା ରଙ୍ଗ ପଛକୁ ନାଲି ରଙ୍ଗ ସେମାନଙ୍କ ପସନ୍ଦ, କାରଣ ସେସବୁ ମଇଳା ହେଲେ ଜଣାପଡେ ନାହିଁ ଓ ବାରମ୍ବାର ସଫା କରିବାର ବିପତ୍ତି ନଥାଏ । ବେଳେବେଳେ ଅଜଣା ନଈଟିଏ ପଡେ ଯାହାର ଦୁଇକଡେ ସବୁଜ ରଙ୍ଗର ଆଳୁ ଗଛ ଓ ଗହମ କ୍ଷେତ ରହିଥାଏ । ଛୋଟିଆ ନଈ ନାଳର ମଝିର ବନ୍ଧ ପକାଇ ପାଣିକୁ ଏକ ମୁହାଁ କରି ଅନେକ ସ୍ଥାନରେ ପାଣି ଚକ ବସାଯାଇଥାଏ, ଯାହା ଦ୍ୱାରା କରେଣ୍ଟ ନଥିବା ଜାଗାରେ ଲୋକେ ଗହମ ପେଷିବା କାର୍ଯ୍ୟ କରିଥାନ୍ତି । ପାଇନ୍ ଗଛର ଗଣ୍ଡିରେ ଏକ ଫୁଟ ଲମ୍ବ ଓ ଦୁଇ ଇଞ୍ଚ ଗାଢର ଛେଦଟିଏ ବାହାରି ଗିଲାସଟିଏ ଝୁଲାଇ ଦିଆଯାଇଥାଏ । ଗଛର ମଞ୍ଜ ଭିତରୁ ଟୋପା ଟୋପା ହୋଇ ତାର୍ପିନ୍ ରସ ବାହାରି ଗିଲାସରେ ଏକତ୍ରିତ ହୁଏ । ଏହି ରସକୁ ଲିସା କୁହାଯାଏ । ବାରମ୍ବାର ଲିସା ସଂଗ୍ରହ ପର ଗଛଟି ମରିଯାଏ ଏବଂ ପାହାଡୀ ଲୋକେ ତାକୁ କାଟିକୁଟି ଜାଳେଣୀ ରୂପେ ବ୍ୟବହାର କରନ୍ତି ।

କୁମାୟୁନ୍ ଅଞ୍ଚଳର ଦର୍ଶନୀୟ ଜାଗା ସବୁ କେବଳ ଏକ ସୁଖପାଠ୍ୟ ନୁହଁ, ବରଂ ନିଜେ ଅନୁଭବ କରିବାର ବିଷୟ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ମୋ ଦେଶ



ଅଜୟ କୁମାର ବେହେରା

କୋଟିଏରେ ଗୋଟିଏ ମୋ ଦେଶ
କେତେ ବିଚିତ୍ର ସତେ ଯାର ଇତିହାସ
ଏଇଠି ଗଙ୍ଗା, ଯମୁନା ବହେ
କାନେ କାନେ କେତେ କଥା ଅବା ସେ କହେ।୧।

ତାହାରି ପାଣି ପବନେ ସତେ
ଶରୀର ଆମ ହୁଏତ ଛୋଟରୁ ବଡ଼
ତାହାରି ସେବା ପାଇଁ କି ଆମେ
ଦିନେ ଲଙ୍ଘିବା ଯେତେ ସବୁ ବନ୍ଧବାଡ଼।୨।

ଏଇଠି ଅଛି ହିମାଳୟ
ସତେ ଛୁଇଁଛି ଯାଇ ସେ ଦିଗବଳୟ
ଏଇଠି ବହେ ଖୁସିର ବାଆ
କେତେ ମନହର ମନ୍ଦମଳୟ ଆହା।୩।

ଯାହାର ଚରଣ ନିତି ଧୋଏ
ସତେ ଶତଶତ ପାରାବାର ଯେ କେତେ
ଏମିତି ଏହି ମୋହରି ଦେଶ
ସୁଖ ଦୁଃଖରେ ସେ ଲାଗଇ ଭଲ ମୋତେ।୪।

ଏହି ଦେଶରେ ବାଛ ବିଗ୍ଭର
ଛୁଆଁ ଅଛୁଆଁ ଜାତି ଅଜାତି ତ ନାହିଁ
ସଭିଏଁ ଏଠି ନଜେ ବଞ୍ଚନ୍ତି
ଆପଣାପର ସବୁରି ମୁହଁକୁ ଗ୍ଭହିଁ ।୫।

କେଡେ ସୁନ୍ଦର ଦେଶ ଆମରି
ଖୁସି ଭରି ରହିଥାଏ ମୁଖେ ସବୁରି
ହିନ୍ଦୁ, ମୁସଲମାନ ସଭିଏଁ
ଏଠି ତ ପାଆନ୍ତି ସୁଯୋଗ ଏକା ପରି ।୬।

ମୋରଡ଼ା, ମୟୂରଭଞ୍ଜ

**"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**



# ପ୍ରେମ ହୁଏନାହିଁ.....

ପ୍ରଶାନ୍ତ କୁମାର ନାଥ

ପ୍ରେମ ହୁଏନାହିଁ ପାଖରେ ରହିଲେ
ଗପୁଥିଲେ ପ୍ରତିଦିନ
ପ୍ରେମ ହୁଏନାହିଁ କହିଦେଲେ ଥରେ
ତୋଳଆଣି ଦେବି ଜହ୍ନ ।
ପ୍ରେମ ହୁଏନାହିଁ ବଜାର ବୁଲିଲେ
ସାଥିରେ କାହାର ମିଶି
ପ୍ରେମ ହୁଏନାହିଁ ଗ୍ଲ କଫି ଅଫିସରେ
ପିଇଦେଲେ ଦୁହେଁ ବସି ।
ପ୍ରେମ ହୁଏନାହିଁ ସିନେମା ଦେଖିଲେ
ସାଥିରେ କାହାକୁ ନେଇ
ପ୍ରେମ ହୁଏନାହିଁ କାହାକୁ ଓଠରେ
ଭଲପାଏ ଦେଲେ କହି ।
ପ୍ରେମ ହୁଏନାହିଁ ଗୋଟିଏ ଛତାରେ
ବର୍ଷାରେ ରହିଲେ ଥରେ
ପ୍ରେମ ହୁଏନାହିଁ କାହାକୁ କଏସେ
ଜଗା ଦେଇଦେଲେ ଘରେ ।

ପ୍ରେମ ହୁଏନାହିଁ ଯାଉଯାଉ କେହି
ବୁଲି ଥରେ ଗ୍ଡହିଁଦେଲେ
ପ୍ରେମ ହୁଏନାହିଁ ଥରୁଟିଏ କେହି
ହାତ ମାରିଦେଲେ ଗାଲେ ।
ପ୍ରେମ ହୁଏନାହିଁ ଯଦି ଥରେ କେହି
ହାତ ତୁମ ଧରିନଏ
ତା ସାଥିରେ ପ୍ରେମ ହୋଇଥାଏ ପରା
ହୃଦୟ ଯାହାକୁ ଗ୍ଡହେଁ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଧାନ ଚାଷ



କେଶରୀ ପ୍ରସାଦ ମହାନ୍ତି

ଭାରତ ଆମର କୃଷିର ଦେଶ
କୃଷକ ମାନଙ୍କ ଜୀବିକା ଚାଷ ।
ଓଡିଶାର ମୂଖ୍ୟ ଫସଲ ଧାନ
ଧାନ ନୁହେଁ ଏ ତ ସତେ ସୁବର୍ଣ୍ଣ ।
ରବି, ଖରିଫ ରେ ହୁଅଇ ଚାଷ
ହଳ କରି କୃଷକ ବାଛନ୍ତି ଘାସ ।
ନାନା ପଦ୍ଧତି ରେ ହୁଅଇ ଚାଷ
ଭଲ ପ୍ରଣାଳୀରେ ପୋତିବ ଗଛ ।
କ୍ଷେତରେ ଯେବେ ଲଗାଅ ଖତ
ଫସଲ ନଷ୍ଟେ ହେବ ଉନ୍ନତ ।
ଆବଶ୍ୟକ ବେଳେ ଯୋଗାଅ ଜଳ
ତାହାଲେ ହୋଇବ ଭଲ ଅମଳ ।
ମୂଳପତ୍ର, କାଣ୍ଡବିନ୍ଧା ମହିଶା
ମାଟିଆଗୁଣ୍ଡିକୁ ନାହିଁ ଭରସା ।
ରୋଗର ଲକ୍ଷଣ ଦେଖି
କୀଟ ନାଶକ ଦେବ ଖେପି ।
ଧାନ କ୍ଷେତ ସାର୍ ହେଲେ ପାକଳ
ଆନନ୍ଦେ କୃଷକକର ଅମଳ ।
ଉଦ୍ଭିଦ ବିଜ୍ଞାନ କୁ ପଢି
ବର୍ଣ୍ଣିଲି ମାତ୍ର ମୁଁ କେଇ ଧାଡି ।

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ଅନାଥ

ମନୋଜ କୁମାର ପଣ୍ଡା

ଆକାଶରୁ ଅଗ୍ନି ଅବିରତ ଧାରାରେ ବର୍ଷି ଚାଲିଛି। ପ୍ରଚଣ୍ଡ ରୌଦ୍ର ତାପ ହେତୁ ଗଛ ମାନଙ୍କର ଶାଖା, ପ୍ରଶାଖା, ପତ୍ର ଝାଉଁଳି ପଡିଛନ୍ତି। ନଦୀ, ପୋଖରୀ ଓ ପୁଷ୍କରିଣୀ ଆଦି ଶୁଷ୍କ ପ୍ରାୟ ଓ ରାସ୍ତାଘାଟ ଜନ ମାନବ ଶୂନ୍ୟ। ରାଜ ରାସ୍ତାରେ ତତଲା ପିଚୁର ବାଷ୍ପ ଉଠି, ମରୁଭୂମିରେ ମରୀଚିକାର ଭ୍ରମ ସୃଷ୍ଟି କରୁଛି। ବେଶ୍ କିଛିଦିନ ହେବ ପୃଥିବୀ ଉପରେ ଇନ୍ଦ୍ର ଦେବଙ୍କ କୋପର ବଜ୍ର ପଡିଛି ସିନା, ମାଟିକୁ ଭିଜାଇଲା ପରି ପାଣି ଟୋପେ ପଡିନି। ଚତୁର୍ଦ୍ଦିଗରେ କେବଳ ଶ୍ମଶାନର ନୀରବତା। ସେହି ନୀରବତାକୁ ଭଙ୍ଗ କରି କିଛି ଗାଡି, ରାସ୍ତାର ତତଲା ପିଚୁର ମୋଟା ଚାଦରକୁ ବିଦୀର୍ଣ୍ଣ କରି ମାଡି ଚାଲିଛନ୍ତି। ନିଜ ଚତୁଃପାର୍ଶ୍ୱର ଦାରୁଣ ପରିବେଶକୁ ବେଖାତିର କରି ଜଣେ ବୃଦ୍ଧ, ମୁଣ୍ଡରେ ଚରା ଗାମୁଛା ଖଣ୍ଡିଏ ଘୋଡିହୋଇ, ହାତରେ କିଛି ଲେଖା ଥିବା ଏକ ପଟି ଧରି କାହା ପାଇଁ ଅପେକ୍ଷାରତ। ଭଲରେ ଦେଖିବାରୁ ଜଣାପଡୁଛି ସେ ପଟିଟିରେ "ଖାଦ୍ୟ ପ୍ରସ୍ତୁତ" ବୋଲି ଲେଖାଅଛି। ଏତିକି ଜଣା ପଡୁଛି ଯେ, ଆସୁଥିବା ଗାଡି ମାନଙ୍କ ଉଦ୍ଦେଶ୍ୟରେ ଏହା ଏକ ସୂଚନା ମାତ୍ର। ରାସ୍ତାଠାରୁ କେଇ ଫୁଟ ଦୂରରେ ଏକ ହୋଟେଲ୍। ବିଶେଷ ବଡ ନହେଲେ ବି, ଛୋଟ କୁହାଯାଇ ପାରିବନି। ହୋଟେଲର ଭିତର ଦୃଶ୍ୟକୁ ଲୁଚାଇ ରଖିଛି କଳା କାଚ ଲାଗିଥିବା କବାଟ ଓ ଝରକା। ସାମନାରେ କିଛି ଗାଡି ମୋଟରର ଉପସ୍ଥିତି ପ୍ରମାଣ କରୁଛି ଯେ ହୋଟେଲଟି ଭଲ ବ୍ୟବସାୟ କରୁଛି। ଜନ ମାନବ ଶୂନ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ କେବଳ ଟାଙ୍ଗରା ଭୂଇଁକୁ ଛାଡିଦେଲେ ଅନ୍ୟ କିଛି ଦୃଷ୍ଟିଗୋଚର ହେଉନି। କାହିଁ କେତେ ମାଇଲ୍ ଯାଏ, ଦୋକାନ ବଜାର ପାଇବା କଷ୍ଟ । ଏମିତି ପରିସ୍ଥିତିରେ ସେଇ ହୋଟେଲ୍ ହିଁ ସମସ୍ତଙ୍କର ସାହା ଭରସା। ବୃଦ୍ଧ ଲୋକର ଆଖିରେ କେବଳ ପ୍ରତୀକ୍ଷା ବ୍ୟତୀତ ଅନ୍ୟ କୌଣସି ଭାବ ପରିଲକ୍ଷିତ ହେଉନାହିଁ। ତା'ର ଘର୍ମାକ୍ତ ଶରୀର, ଶେତାଳିଆ ଆଖି ଓ ଶିରାଳ

ହାତର ଥରଥର ଅବସ୍ଥା ଦେଖିଲେ ଜଣା ପଡୁଛି ସେ ବହୁତ ସମୟ ଧରି ସେହି ଖରାରେ ଛିଡା ହୋଇରହିଛି ।

ମଧୁପୁର ଗ୍ରାମର ଅଧାନ ସାହୁ । ବୟସ ପାଖାପାଖି ସତୁରୀ ହେବ । ଘରେ ରୋଗିଣା ସ୍ତ୍ରୀ, ଯିଏ ବର୍ଷର ଅର୍ଦ୍ଧାଧିକ କାଳ ବିଛଣାରେ ପଡିରୁହେ । କିଛିଦିନ ତଳେ ହୋଟେଲରେ କାମ କରୁଥିବା ଏକମାତ୍ର ପୁଅ ଗୋପାଳ, ସେହି ହୋଟେଲରେ ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ମୃତ୍ୟୁବରଣ କରିଛି । ଗୋପାଳ ଚାଲିଯିବା ପରେ, ତା'ର ସ୍ତ୍ରୀ ଓ ଚାରି ବର୍ଷର ଝିଅର ସବୁ ଦାୟିତ୍ୱ ଅଧାନ ଉପରେ ନ୍ୟସ୍ତ । ବଳ ବୟସ ଥିଲା ବେଳେ ଅଧାନ ବସ ଷ୍ଟାଣ୍ଡରେ ହକର କାମ କରୁଥିଲା । ତାର ଗୁରୁଗମ୍ଭୀର ସ୍ୱରର ଯାଦୁରେ ଯାତ୍ରୀମାନଙ୍କୁ ଟାଣି ଆଣୁଥିଲା ବସ୍ ଭିତରକୁ । ଅଧାନ ଯେଉଁ ବସ୍ ଆଗରେ ଛିଡା ହେଉଥିଲା, ସେ ବସ୍ ରେ କେବେ ସିଟ୍ ଖାଲି ପଡୁ ନ ଥିଲା । ଯାତ୍ରୀ ମାନଙ୍କୁ ଭାଇ, ମାଆ, ଭଉଣୀ ଆଦି ସମ୍ବୋଧନ କରି ବସ୍ ଭିତରକୁ ପାଛୋଟି ନେଲା ବେଳର ଦୃଶ୍ୟ ଯିଏ ଦେଖିଛି, ସେ ହିଁ ଜାଣି ପାରିବ ଅଧାନ ବ୍ୟକ୍ତିତ୍ୱର ପରାକାଷ୍ଠା । ଧିରେ ଧିରେ ବୟସ ବଢିବା କାରଣରୁ ଦେହରେ ନାନା ବେମାରୀ ଜନ୍ମ ନେଲା ଓ ଅଧାନର ସ୍ୱରର ଗାମ୍ଭୀର୍ଯ୍ୟତା କମିଗଲିଲା । ବସଷ୍ଟାଣ୍ଡରେ ଗୁଣ୍ଡାଗିରି ଓ ଜୋର ଜବରଦସ୍ତି କରି ଯାତ୍ରୀ ମାନଙ୍କୁ ନିଜ ଗାଡିକୁ ଟାଣି ନେବା ପ୍ରତିଯୋଗିତାରେ ବାରମ୍ବାର ହାରି, ସେ ହକର୍ ଚାକରୀ ପରିତ୍ୟାଗ କଲା । ଚାକରୀ ଛାଡିବା ପଛରେ ଅନ୍ୟ କାରଣ ଟି ଥିଲା ପୁଅ ଗୋପାଳର ବାହାଘର ଓ ଏକ ହୋଟେଲରେ ରୋଷେଇଆ ଭାବରେ ନିଯୁକ୍ତି । ଗାଁଆ ପାଖ ହୋଟେଲଟି ଆଖପାଖ ଅଞ୍ଚଳରେ ସୁସ୍ୱାଦୁ ଖାଦ୍ୟ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । ରାଜ ରାସ୍ତା ପାଖରେ ଦୂର ଦୂର ଯାଏ କୌଣସି ହୋଟେଲ ନ ଥିବା କାରଣରୁ ହୋଟେଲର ବିକ୍ରୀ ଯଥେଷ୍ଟ ଅଧିକା ଥିଲା । ଗୋପାଳ ଦରମା ଟଙ୍କାରେ ସମସ୍ତଙ୍କର ଆବଶ୍ୟକତା ପୂର୍ଣ୍ଣ ହେବା ସହ, କିଛି ସଞ୍ଚୟ ମଧ ହେଉଥିଲା । ପୁଅ ଚାକରୀ କଲା ପରେ ଭଙ୍ଗା ଚାଳ ଘରର ରୂପରେଖ ବଦଳି ଆଜବେସଟସ୍ ଘରକୁ ରୂପାନ୍ତରିତ ହୋଇସାରିଥିଲା । କିନ୍ତୁ ଏକ ଦୁର୍ଦ୍ଦିନରେ ଗ୍ୟାସ ସିଲିଣ୍ଡର ଫାଟି ଗୋପାଳ ଆରପାରିକୁ ଚାଲିଗଲା । ହୋଟେଲଟି ଜଳି ପୋଡି ପାଉଁଶ ହୋଇଯାଇଥିଲା । ଖବର କାଗଜରେ ଘଟଣା ବିଷୟରେ ବାହାରିଲା ସତ, କିନ୍ତୁ ସେଥିରେ ଗୋପାଳର ମୃତ୍ୟୁ କଥା କିଛି ଲେଖା ନ ଥିଲା । ଜୀବନ ବୀମା ପଇସା ସାହାଯ୍ୟରେ ହୋଟେଲ କିଛି ଦିନ ଭିତରେ ପୁଣି ନିଜ ପୂର୍ବ ରୂପ

ଭେକ ଫେରି ପାଇଲା। ଫେରିଲାନି କେବଳ ଗୋପାଳ, ତା ଚତା ଜଳବା ସହ ଅଥାନ ପରିବାରର ଭବିଷ୍ୟତ ଜଳ ପୋଡି ଛାରଖାର ହୋଇଯାଇଥିଲା। ମାଲିକ ଅନୁକମ୍ପା କରି, ନାଲି ଆଖି ଦେଖେଇ ଟଙ୍କା ଦୁଇହଜାର ଅଥାନ ହାତରେ ଧରେଇ କହିଲା-- ପୋଲିସ୍ ପାଖକୁ ଗଲେ ଓ କୋର୍ଟ କଚେରୀ ମାମଲାରେ ପଡିଲେ ଘରଦ୍ୱାର ବିକ୍ରୀ କରିବାକୁ ପଡିବ। ଯାହା ହେଲା, ସେ କଥା ଭୁଲି ଯା। ହକର କାମ କରି ଯାତ୍ରୀଙ୍କୁ ବସ୍ କୁ ଟାଣୁଥିଲୁ, ଏବେ ସେଇ କାମ କରି ଲୋକଙ୍କୁ ମୋ ହୋଟେଲକୁ ଟାଣିବୁ। ଦିନକୁ ପଚାଶ ଟଙ୍କା ଦେବି। କ'ଣ ରାଜି ତ?

ମାଲିକର କଥା କହାତି ଅପ୍ରାସଙ୍ଗିକ ଓ ଅଯୌକ୍ତିକ ଲାଗୁଥିଲେ ମଧ୍ୟ ଅଥାନ ପାଖରେ ଅନ୍ୟ କିଛି ରାସ୍ତା ନ ଥିଲା। ରୋଗୀଣା ସ୍ତ୍ରୀ, ଗୋପାଳର ସ୍ତ୍ରୀ ଓ ଝିଅର ଭରଣପୋଷଣ ପାଇଁ ସେ ଦୁନିଆର ସବୁ ସର୍ତ୍ତ ମାନିବାକୁ ପ୍ରସ୍ତୁତ ଥିଲା। ତା' ପରଦିନ ସକାଳୁ ପୁରୁଣା ସାଇକେଲଟି ମରାମତି କରି ଅଥାନ ହୋଟେଲ ଗଲା। ସକାଳ ସାତଟାରୁ ସନ୍ଧ୍ୟା ସାତଟା ତା'ର ଠିକଣା ଥିଲା ରାଜ ରାସ୍ତାର ପାର୍ଶ୍ୱରେ ଥିବା ହୋଟେଲର ସାମନା ଯାଗା। ସକାଳୁ ତୋରାଣୀ ମୁନ୍ଦିଏ ପିଇ ସେ ବାହାରି ଆସେ ଓ ସଞ୍ଜ ବୁଡିବା ବେଳକୁ ପାଉଣା ନେଇ ଘରକୁ ଫେରେ। ସେତିକି ପଇସାରେ ଘର ଚଳାଇବା ନିତାନ୍ତ ଅସମ୍ଭବ ହେଲେ ମଧ୍ୟ ପରିବାର ଚଳାଇବାର ଅନ୍ୟ କୌଣସି ରାସ୍ତା ନ ଥିଲା। ମାଲିକ ଭଲରେ ଜାଣିଥିଲା ଅଥାନର ଦୁରବସ୍ଥା ବିଷୟରେ, ତେଣୁ ତା ପାଖରୁ ଯେତେ ଉପାୟରେ କାମ ହାସଲ କରାଯାଇପାରେ ସେ କରି ଚାଲିଥିଲା। ପ୍ରତିବାଦ କରିବାର ସ୍ୱର କେବେ ଠାରୁ ହଜେଇ ସାରିଥିଲା ଅଥାନ, କେବଳ ଯନ୍ତ୍ରବତ୍ ଆଦେଶ ପାଳନ କରିବା ହିଁ ତା'ର ଭାଗ୍ୟ ହୋଇସାରିଥିଲା।

ସବୁ ଦିନ ପରି ସେଦିନ ମଧ୍ୟ ସେ ଗ୍ରାହକ ଆଶାରେ ଛିଡା ହୋଇଥିଲା ସକାଳୁ । କିନ୍ତୁ ଭୟଙ୍କର ଖରା ପାଇଁ ଲୋକଙ୍କର ସଂଖ୍ୟା ଅପେକ୍ଷାକୃତ କମ୍ ଥିଲା। ମାଲିକ ତିନି ଚାରିଥର ଡାକ ଡାଗିଦ୍ କରି କହିଲାଣି—କ'ଣ ଶୋଇପଡୁଛୁ ନା କ'ଣ? ଲୋକ କୁଆଡେ ଗଲେ ଆଜି। ରାସ୍ତାରେ ଛିଡା ହୋଇଛୁ ନା ଗଛ ମୂଳେ ବସି ଢୁଳଉଛୁ। ଏମିତି କାମ କରିବୁ ଯଦି ଟଙ୍କାଟେ ବି ଦେବିନି। ଯା ଭାଗ୍ ଏଠୁ।

ନିଜ ଠାରୁ ବୟସରେ ଢେର୍ ସାନ ମାଲିକ ଠାରୁ, ସମସ୍ତଙ୍କ ଆଗରେ ଗାଳି ଖାଇବା ବହୁତ ଅପମାନଜନକ ହେଲେ ବି ଅଧୀର ସେ ଗରଳକୁ ପିଇଦେଇଥିଲା ସବୁ ଦିନ ପରି। କିନ୍ତୁ ତା ମନଟା ଉଦାସ ହୋଇଗଲା। ମାଲିକ କ'ଣ ଜାଣିବ ତା ଅବସ୍ଥା କେମିତି ହେଉଛି ! ଛାଇ ଭିତରେ ବସି ଶୀତତାପଯନ୍ତ୍ରର ଥଣ୍ଡା ପବନରେ ଟେଲିଭିଜନ ଦେଖିବାରେ ମସଗୁଲ ଥିବା ଲୋକ, କେମିତି ବୁଝିବ ଯେ ଏତେ ଖରାରେ ଦେହର ଶେଷ ବିନ୍ଦୁ ଝାଳ ବି ଶୁଖି ସାରିଲାଣି। ଶୋଷରେ ଜିଭ ତଣ୍ଟି ଅଠା ହୋଇଯାଉଛି। ତତଲା ମାଟି ଓ ତା ପାଦ ଭିତରେ ପାଚେରୀ ହୋଇ ଛିଡା ହୋଇଥିବା ଛିଣ୍ଡା ଚପଲଟି ତାତି ସମ୍ଭାଳିବା ଅବସ୍ଥାରେ ନାହିଁ। ଗଛ ଛାଇ ତ ଦୂରର କଥା, ସେ ଛିଡା ହୋଇଥିବା ଯାଗାରେ ଦୁବଘାସଟିଏର ମଧ୍ୟ ଅସ୍ତିତ୍ୱ ନାହିଁ।

ସେତିକି ବେଳେ ହୋଟେଲରେ କାମ କରୁଥିବା ଦଶ ବାର ବର୍ଷର ପିଲା ଧାଇଁ ଆସି ଅଧୀର ହାତକୁ ପାଣି ଗିଲାସେ ବଢେଇଦେଇ କହିଲା-- ଅଧୀର ଅଜା, ମନ କାଇଁ ମାରିଛୁ ଯେ, ମାଲିକ କ'ଣ କହିଲା କି ? ମନ ଊଣା କରନି, ସେ ଲୋକଟା ମଣିଷ ନୁହଁ ଅସୁର। ଦେଖୁନୁ, କାଲି ସେ ଅଇଁଠା ବାସନରୁ ଅଧାଖିଆ ମାଛଟେ ଖାଇଦେଲି ବୋଲି କେମିତି ମୋ ପିଠିରେ ନିଆଁ ଚେଙ୍କ ଦେଇଛି। ଖାଲି ସେତିକି ନୁହଁ, ରାତିରେ ମଦ ପିଇ ସବୁ ପିଲା ମାନଙ୍କୁ ଗାଈଗୋରୁ ପରି ମାରୁଛି ଓ କେତେ ଅକଥା କହୁଛି। ଦିନରାତି ନିଜେ ଏ.ସିରେ ବସି ଢୁଳଉଛି, କିନ୍ତୁ ଆମେ ପଙ୍ଖା ଲଗେଇଦେଲେ ଇଲେକ୍ଟ୍ରିକ ବିଲ୍ ବଢିଯିବ ବୋଲି ଘାଉଁ କରି ମାଡି ଆସୁଛି। ହୋଟେଲରେ ଏତେ ଜାତିର ଖାଇବା ତିଆରି ହେଉଛି, କିନ୍ତୁ ଆମ ଭାଗ୍ୟରେ ସବୁ ଦିନ ସେଇ ଗୋଡିଭର୍ତ୍ତି ଭାତ ଆଉ ପାଣିଆ ଡାଲମା। ଜିନିଷ ନଷ୍ଟ ହୋଇଗଲେ ଫିଙ୍ଗିଦେବ ସିନା ଆମକୁ ଦେବନି, କହିବ ଖାଇଲେ ତୁମର ଅଭ୍ୟାସ ହୋଇଯିବ। ଗଲା ମାସରେ ଆମ ଗାଁଆର ମିଥୁନ ସେ ବାସନ ମଜା ଜାଗାରୁ ଦି ପୁଟ କୁକୁଡା ମାଉଁସ ଆଣି ଭାତ ସହ ଖାଇବ ବୋଲି ବସିଥିଲା। ମାଲିକ କେମିତି ଜାଣିଲା କେଜାଣି, ମିଥୁନର ଚୁଟି ଘୋଷାରୀ କାନ୍ଥରେ ବାଡେଇ ଦେଲା। ପାଟିରେ ଭାତ ଗୁଣ୍ଡା ଧରି ପିଲାଟା ରକ୍ତଝୋଳିଆ ହୋଇ ପଡିଗଲା। ସେତିକରେ ମାଲିକ ମନ ଶାନ୍ତ ହେଲାନି ଯେ ଗରମ ପାଣି ତା ଦିହ ଯାକ ଢାଳଦେଲା। ବିଚରା, ମରିବ ମରିବ ହୋଇ ମେଡିକାଲ୍ ରେ ପଡିଛି । ଡାକ୍ତର କହୁଛି ପଇସା ନ ଦେଲେ ବଞ୍ଚେଇ ହେବନି, କିନ୍ତୁ ତା ମାଆ ପାଖରେ ଏତେ ପଇସା ଆସିବ କୁଆଡୁ? ଲୋକେ କହୁଛନ୍ତି ମିଥୁନ ଆଉ ବଞ୍ଚିବନି। ତୁ ତ ସଦାବେଳେ ରାସ୍ତାକୁ ଜଗି

ରହିଲୁ; ଏ ମାଲିକର ଫନ୍ଦି ଫିକର ଜାଣିବୁ କୁଆଡୁ। ଆମ ଗାଁଆ ଲୋକେ କହୁଛନ୍ତି ମାଲିକ ସାନ ପିଲା ମାନଙ୍କୁ ବାହାର ରାଜ୍ୟରେ ବିକ୍ରି କରିଦେଉଛି। କାଳେ ମୋତେ ବିକି ଦେବ ବୋଲି ମନରେ ମୋର ଭୀଷଣ ଡର।

ଅଥାନ ପିଲାଟିର ପିଠି ଦେଖି ଚମକ ପଡିଲା। ଲୁହା ଚେଙ୍କ ସ୍ପଷ୍ଟ ଦିଶୁଛି, ମାଂସ ସବୁ ମେଞ୍ଚା ହୋଇଗଲା ପରି ଲାଗୁଛି। ବ୍ୟସ୍ତ ହୋଇ ପଚାରିଲା-- ଆରେ ପୁଅ, ଔଷଧ ଟିକେ ଲଗେଇଲୁ କି ନାହିଁ? ଘାଆଟା ଯଦି ବିସିରିପି ଯିବ ବହୁତ କଷ୍ଟ ପାଇବୁ।

– ଅଜା, ଔଷଧ, ମଲମ ଆମ ଭାଗ୍ୟରେ ନାହିଁ। ହୋଟେଲ୍ ପଛରେ ଥିବା ବିଶଲ୍ୟକରଣୀ ପତ୍ର ଟିକେ ଛେଚ ଲଗେଇଦେଇଛି, ବଳେ ଶୁଖିଯିବ। ଆଜି ସକାଳୁ ମାଲିକ ମୋତେ ଧମକାଇ କହିଛି, ଯଦି ଏ କଥା କାହା ଆଗରେ କହିବି ମୋତେ ଗାଡି ଆଗକୁ ଫିଙ୍ଗି ଦେବ।

- - ଏ ଜାଗାରୁ ଅନ୍ୟ କୁଆଡେ ପଳଉନୁ କ'ଣ ପାଇଁ। ସବୁ ଜାଣି, ମରିବାକୁ କାହିଁକି ପଡିଛୁ ଯେ? ମୋ ପୁଅକୁ ଏଇ ଲୋକ ମାରିଦେଲା, କେହି ଜାଣିଲେନ ସେ କଥା। ତୁମ ମାନଙ୍କ ଅବସ୍ଥା ଦେଖିଲେ ଲାଗୁଛି ସେ ଜାଣି ଶୁଣି ମୋ ପୁଅକୁ ଜାନ ଦେଲା।

--- କୁଆଡେ ଯିବି ଅଜା, ନାନୀ ବାହାଘର ପାଇଁ ମୋ ବାପା ମାଲିକଠୁ ପଇସା ଧାର ନେଇଥିଲା। କେତେ ପଇସା ନେଇଥିଲା ଆମେ କେହି ଜାଣିନୁ। ବାପା ଟଙ୍କା ଶୁଝି ନ ପାରି ଆରପାରିକୁ ଚାଲିଗଲା। ସେଇ ପଇସା ଶୁଝିବାକୁ ମୋତେ ଆଜିକି ଚାରିବର୍ଷ ହେଲା ମାଲିକ ଗୋରୁ ଗାଇ ପରି ଖଟଉଛି। ମୋର ଦରମା ବୋଲି କିଛି ନାହିଁ। ଦିନରାତି ଖଟିବି, ବଦଳରେ ଦୁଇ ଓଳି ଖାଇବି। କେବେ ସେ କରଜ ଶୁଝିବା ସରିବ ମୁଁ ନିଜେ ବି ଜାଣିନ।

ସେତିକି ବେଳେ କାହାର ଗର୍ଜନରେ ଅଥାନ ଓ ସେ ପିଲା ଚମକି ଉଠିଲେ। ହାତରେ ଏକ ରୁଲ୍ ବାଡି ଧରି ମାଲିକ ସେମାନଙ୍କ ପଛରେ ଛିଡା ହୋଇଛି। ସେମାନେ କିଛି କହିବା ଆଗରୁ ରୁଲ୍ ବାଡିରେ ଦୁଇଜଣଙ୍କୁ ଜୋର କରି କେଇ ପାହାର କଷି ଦେଇ କହିଲା-- ନିକମା ଦୁଇଟା, ଏଠି କି ପାଲା ଲଗେଇଛ? କାମ ନ କରି ଏଠି ଖୁସି ଗପମାତ ଚାଲିଛି,

ନାଇଁ! ଆଉ ଯଦି ଦୁଇଜଣଙ୍କୁ ଗପିବାର ଦେଖିଲି, ମୁହଁରେ ନିଆଁ ରଡ ଫିଙ୍ଗି ଦେବି। ରୁଲ୍ ବାଡିର ପାହାରଟା ପିଲାଟିର ପୋଡି ଯାଇଥିବା ଯାଗାରେ ବାଜିଲା କ କ'ଣ, ପିଲାଟି ଭେଁ ଭେଁ କରି ଭୂଇଁରେ ଗଡିଗଲା। ସେତିକରେ ମାଲିକ ମନ ଶାନ୍ତ ହେଲାନି, ଜୋତାରେ ପିଲାର ପେଟକୁ ମାରିଲା ଏକ ଶକ୍ତ ଗୋଇଠା। ବିଚରା ଗଁ ଗଁ କରି ଗୁରୁଣ୍ଡି ଗୁରୁଣ୍ଡି ସେ ଯାଗାରୁ ଚାଲିଗଲା। ମାଲିକ ଠାରୁ ମାଡ ଖାଇ ଅଧାନ ଅପମାନର ବହ୍ନିରେ ଜର୍ଜରିତ ହୋଇସାରିଥିଲା। ତା ପରି ଜଣେ ଦୁର୍ବଳ ବୃଦ୍ଧ ଲୋକକୁ କିଏ ଏମିତି ନୃଶଂସ ଭାବରେ ମାରିବ, ସେ କଥା ହଜମ ଯୋଗ୍ୟ ନ ଥିଲା। ସେ ମନରେ ସିଦ୍ଧାନ୍ତ ନେଇ ସାରିଥିଲା ଯେ, ଆଉ ହୋଟେଲରେ କାମ କରିବ ନାହିଁ। ଆଜି ପରଠାରୁ ସେ ପଛେ ମୂଲ ଲାଗିବ, ଏଇ ମାଲିକ ପାଖରେ ବେଜ୍ଜିତ୍ ହେବାକୁ ଆସିବ ନାହିଁ।

ସେତିକି ବେଳକୁ ତା ନାତୁଣୀର ନିଷ୍ପାପ ମୁହଁଟା ଆଖି ଆଗରେ ଝଲସି ଉଠିଲା। ଆଜି ତା'ର ଜନ୍ମଦିନ। ଆସିଲା ବେଳେ ସେ ଦରୋଟି କଥାରେ ଅଧାନକୁ କହିଥିଲା-- ଜେଜେ, ଆଜି ମୋ ଜନମ ଦିନ। ଫେଲିଲା ବେଲେ ହୋତେଲ ଲୁ ମୋ ପାଇ ଲୁଟି ତଲକାଲି ଆଣିବ। ଗୋତେ ଖେଲନା ବି ଆନବ। ମୁଁ ତା ସହ ଖେଲିବି ଦିନସାଲା। କନ ଆନବ ତ?

ହସିହସି ଅଧାନ ନାତୁଣୀ ମୁଣ୍ଡରେ ହାତ ରଖି କହିଲା-- ଆଣିବି ଲୋ ମାଆ, ତୁ ଯାହା କହିବୁ ସବୁ ଆଣିଦେବି। ଭଗବାନ ତୋତେ ଲମ୍ବା ଆୟୁଷ ଦିଅନ୍ତୁ। ଆଜି ସେ ନାତୁଣୀ କୁ କଥା ଦେଇଛି, ତା ପାଇଁ ଜିନିଷ ନେବାକୁ ହେବ। ବାପ ଛେଉଣ୍ଡ ପିଲାଟିର ଭାଗ୍ୟରେ ହସ ବୋଲି କିଛି ରହିଲାନି। ସେ ଶେଯରୁ ଉଠିଲା ବେଳକୁ ଅଧାନ ହୋଟେଲ ଆଗରେ ପହଞ୍ଚି ସାରିଥାଏ ଓ ଫେରିଲା ବେଳେ ନାତୁଣୀ ଶୋଇ ସାରିଥାଏ। ଦିନ ସାରା ବିଚାରୀ କାହା ସହ ଖେଳିବ; ତା ମାଆ ଆଖିରୁ ତ ଆଜିଯାଏ ଲୁହ ଶୁଖିନି। ସ୍ତ୍ରୀ ଦିନ ତମାମ ଖଟରେ ଆକାଶକୁ ଚାହିଁ ପଡିରହିଥାଏ। ଘର ଭିତରେ ବସି ନଡିଆ ସଢେଇ, କୁଟା କାଠି ଓ କିଛି ଫୁଲ ଧରି ନାତୁଣୀ ଖେଳ ଚଲେଇଥାଏ। କେବେକେବେ ବାପ କଥା ମନେ ପଡିଲେ ରାହା ଛାଡି କାନ୍ଦେ। ପାଖ ଘରର ପିଲାମାନେ ଯେତେବେଳେ "ତୋ ବାପ କୁଆଡେ ଗଲା ବୋଲି" ଚିଗୁଲାଇ ପଚାରନ୍ତି, ଝିଅଟି ଅତି ନିରୀହ ଭାବରେ କୁହେ "ବାପା ହୋତେଲ ଲେ ମଲିଗଲା"। ସେ ପିଲା ମାନଙ୍କୁ କ'ଣ ଖୁସି ଲାଗେ କେଜାଣି, ତାଳି ମାରି ନାଚନାଚ କୁହନ୍ତି

"ଦେଖରେ ୟା ବାପ ମରିଗଲା"। ସେ ଯାଗାରୁ କାନ୍ଦିକାନ୍ଦି ଝିଅଟି ଘରକୁ ଗ୍ଲିଆସେ। ବେଶ୍ କଛି ସମୟ ଯାଏ ଘରେ କାନ୍ଦ ବୋବାଳ ଗ୍ଲେ। ଅଧାନ ବୁଝି ପାରେନ, ଗାଁଆର ସାନ ପିଲା ମାନଙ୍କ ମୁଣ୍ଡରେ ଏମିତି ସଇତାନୀ ବୁଦ୍ଧି ଆସେ କୁଆଡୁ? ହଁ, ଆସିବନ କ'ଣ ପାଇଁ, ଆଜିକାଲି ତ ସବୁ "ଓଳଆରୁ ପଡି ଗଜା" କହିବ କାହାକୁ।

ଆଖି ଲୁହରେ ଗ୍ସ୍ତାଟା ଝାପସା ଦିଶିବାରୁ, ଗାମୁଛାରେ ଆଖିକୁ ଟିକେ ଭଲରେ ମଳ ସେ ଗ୍ସ୍ତା ଆଡକୁ ନଜର ପକାଇଲା । ଯାହା ହେଉ ପିଲାଟା ପାଣି ଟୋପେ ଦେଲା, ନୋହିଲେ ଜୀବନ ଛାଡି ଯାଇ ଥାଆନ୍ତା। ଦୂରରୁ ଗ୍ରି ଚକଆ ଗାଡିଟେ ଆସୁଛି ବୋଧେ। ହାତ ଟେକ ସେ ପଟିଟାକୁ ଉପରକୁ ଉଠାଇ ଧରିଲା। ତା ପାଖରେ ଗାଡିଟି ଆସି ରହିଲା ଓ କାଚ ତଳକୁ ଖସିଲା-- ଗାଡିରେ ସ୍ୱାମୀ, ସ୍ତ୍ରୀ ଓ ଗୋଟେ ପାଞ୍ଚ ବର୍ଷର କୁନ ଝିଅ।

– କଣ ମଉସା, ହୋଟେଲରେ ଖାଇବା ଅଛି ତ?

- - ହଁ ବାବୁ ସବୁ ଅଛି। ଆମିଷ, ନିରାମିଷ, ଭାତ, ରୁଟି ଯାହା ଖୋଜିବେ ସବୁ ମିଳବ। ଆଜି କଙ୍କଡା ତରକାରୀ ତିଆରି କରାଯାଇଛି। ସପ୍ତାହରେ ଥରେ ହୁଏ, ଚିଲିକା କଙ୍କଡା ଆଜ୍ଞା, ଥରେ ଖାଇଲେ ପାଟିରୁ ଛାଡିବନ। ତା ସାଙ୍ଗକୁ ପିନ୍ଦରି, ଛତୁ, ମଞ୍ଚୁରିୟାନ ବି ଅଛି, ଆଉ ଆମ ସାନ ମାମା ପାଇଁ ଆଇସକ୍ରିମ୍, ଚକୋଲେଟ୍ ।

ଅଧାନର କଥାରେ ଭରି ରହିଥିଲା ଆତ୍ମୀୟତା। ଦୟନୀୟ ଅବସ୍ଥା ପାଇଁ ହେଉ ବା ଅଧାନର ବାକଗ୍ତୁରୀ ପାଇଁ ହେଉ, ଗାଡିର ମୁହଁ ହୋଟେଲ ଆଡକୁ ବୁଲିଲା। ସେ ଶାନ୍ତିରେ ନିଶ୍ୱାସ ମାରିଲା।

ସେ ଗାଡି ପଛକୁ ଆଉ ତିନଟି ଗାଡି ହୋଟେଲ ଆଡକୁ ମୁହାଁଇଲା। ଯୋଗକୁ ତିନଟି ଗାଡିରେ ପାଖା ପାଖି ପନ୍ଦର ଲୋକ ବସିଥିଲେ।

– – ଯାହା ହେଉ ଭଗବାନ ବଞ୍ଚେଇ ଦେଲେ। ଥିଲାବାଲା ଲୋକ ପରି ଲାଗୁଛନ୍ତି। କିଛି ଭଲ ଜିନିଷ ଖାଇବେ ନିହାତି, ବେଶ୍ ଭଲ ବିକ୍ରୀ ହେବ ହୋଟେଲର ମନେ ମନେ କହିଲା ଅଥାନ।

ସଫଳତା ଠାରୁ ବଡ ଔଷଧ ଦୁନିଆରେ ନାହିଁ। ତାହା ଏପରି ଏକ ଔଷଧ, ଯାହା ଦୁଃଖ, ଶୋକ, କଷ୍ଟ ସବୁକୁ ନିମିଷକରେ ଦୂରେଇ ଦିଏ। ସେହି ନ୍ୟାୟରେ, ଅଥାନ ମନରେ ଥିବା ସମସ୍ତ ବେଦନା ଦୂରେଇ ଯାଇଥିଲା। ସୂର୍ଯ୍ୟଙ୍କର ପ୍ରଚଣ୍ଡ ଅଗ୍ନି ବର୍ଷା, ଅଥାନର ଆତ୍ମବିଶ୍ୱାସ ଆଗରେ ନିଷ୍ପ୍ରଭ ହୋଇପଡୁଥିଲା। ଜୀବନ ଯୁଦ୍ଧରେ ଲଢେଇ କରି ଜିତିବାର ପ୍ରଣ କରିଥିବା ଅଥାନ ଏକକ ଯୋଦ୍ଧା ଭାବରେ ଅଖିଆ, ଅପିଆ ଲଢି ଚାଲିଥିଲା। ସେଦିନ ଖରାବେଳେ ସେ କିଛି ଖାଇବା ପାଇଁ ଆଣି ନ ଥିଲା। ନହେଲେ ସବୁ ଦିନ ଜରିରେ କିଛି ମୁଢି ବା ଚୂଡା ଭଜା ଆଣି ଦି'ହିପହର ଖାଇବାଟା ଚଳାଇ ନିଏ।

ହୋଟେଲରୁ ବାହାରି ରାସ୍ତା ଉପରକୁ ଚଢିବା ପୂର୍ବରୁ ଗାଡିଟି ପୁଣି ତା ପାଖରେ ଆସି ରହିଲା। କବାଟ ଖୋଲି ସେ କୁନି ଝିଅଟି ଅଥାନ ହାତକୁ ଖାଦ୍ୟ ପୁଡିଆ ଓ ଗୋଟେ ଚକୋଲେଟ୍ ବଢେଇ ଦେଲା। ନାରୀ ଜଣକ କହିଲେ-- ଖରାପ ଭାବିବନି ମଉସା, ଏ ପୁଡିଆରେ କିଛି ଖାଦ୍ୟ ଅଛି, ଯାହା ଆମେ ଅଇଁଠା କରିନୁ। ଆମେ ବହୁତ ଦୂର ବାଟ ଯିବୁ। ଘରେ ପହଞ୍ଚିଲା ବେଳକୁ ଖରାପ ହୋଇ ଯାଇପାରେ। ତୁମେ ଖାଇ ନେବ। ଏତେ ଭଲ ଖାଇବା ଯାଗାର ଠିକଣାଟେ ଦେବାରୁ ବହୁତ ଧନ୍ୟବାଦ। ଗାଡିରେ ବସିଥିବା ପୁରୁଷ ଲୋକଟି ଅଥାନ ହାତକୁ ଶହେ ଟଙ୍କା ନୋଟ ଖଣ୍ଡେ ବଢେଇ ଦେଇ କହିଲେ-- ପୁଣି କେବେ ଆସିଲେ ଦେଖାହେବା। ଅଥାନ ଆଶୀର୍ବାଦ ଦେବା ଭଙ୍ଗୀରେ କୁନି ଝିଅଟିର ମୁଣ୍ଡରେ ହାତ ରଖି କହିଲା-- ଭଗବାନ, ଆପଣ ମାନଙ୍କର ମଙ୍ଗଳ କରନ୍ତୁ।

ଗାଡିଟି ଧୂଳି ଉଡେଇ ଚାଲିଗଲା। ଅଥାନର ଦୁଇ ହାତ କୃତଜ୍ଞତାରେ ଯୋଡି ହୋଇଗଲା ଓ ସେଇ ଯୋଡା ହାତ ଆକାଶକୁ ଟେକି କହିଲା-- ଧନ୍ୟ ତୁମ ଲୀଳା ପ୍ରଭୋ, ଧନ୍ୟ ତୁମ କୃପା। ମୋ ନାତୁଣୀ ପାଇଁ କେମିତି ଜିନିଷ ଯୋଗାଡ କରିବି ଭାବିଲା ବେଳକୁ ମୋ ହାତରେ ସବୁ ଧରାଇ ଦେଇ ଚାଲିଗଲା।

ପଛରେ କାହାର ପାଦ ଶବ୍ଦ ଶୁଣି ବୁଲି ପଡ଼ିଲା ବେଳକୁ, ମାଲିକ ହାତରେ ରୁଲ୍ ବାଡି ଧରି ଛିଡା ହୋଇଛି। ଅଥାନ ମୁହଁରୁ କଥା ବାହାରିବା ଆଗରୁ ସେ ବାଡିଟିରେ ଅତି ନିର୍ଦ୍ଦୟ ଭାବରେ ମାଡ ଆରମ୍ଭ କରିଦେଲା।

– ଏଇ ଲୀଳା ଚଲେଇଛୁ ରାସ୍ତାରେ ଛିଡା ହୋଇ। ତୁ ଏତେ ବଡ ହାକମ ଯେ ଆମ ହୋଟେଲର ଖାଇବା ତୋ ଘରକୁ ପାର୍ସଲ ହୋଇଯିବ। ବାଦ ସେ ଶହେ ଟଙ୍କିଆ ନୋଟ୍। ଗ୍ରାହକ ଆମକୁ ପଇସା ଦେଲା ବେଳେ ରିହାତି କର ବୋଲି କହି ଲାଗିବେ, କିନ୍ତୁ ତୁମ ମାନଙ୍କ ହାତକୁ ନୋଟ୍ ବଢେଇ ଦେଇ ଚାଲିଯିବେ। ମୁଁ ହୋଟେଲ ଖୋଲିଛି ନା ଭିକାରୀଖାନା?

- - ମୋତେ ବିଶ୍ୱାସ କର ବାବୁ, ମୁଁ ତାଙ୍କୁ କିଛି ମାଗିନି। ସେମାନେ ନିଜ ଆଡୁ ଦେଲେ। ଆଜି ମୋ ନାତୁଣୀର ଜନ୍ମ ଦିନ। ତାକୁ ଏତିକି ଜିନଷ ଦେଲେ ସେ ବହୁତ୍ ଖୁସି ହେବ। କହିଲା ବେଳକୁ ଛାତିରେ କୋଟି ନିଧି ପାଇଲା ପରି ସେ ଖାଦ୍ୟ ପୁଡିଆ, ଚକୋଲେଟ୍ ଓ ନୋଟକୁ ଜାବୁଡି ଧରିଥିଲା ଅଥାନ।

ମାଡ ଖାଇ ମୁଣ୍ଡ ଓ କାନ ପାଖରୁ ରକ୍ତ ଧାର ବୋହି ଚାଲିଥିଲା। ପେଟରେ ବାଜିଥିବା ଗୋଇଠା ଯୋଗୁଁ ଭିତରଟା ଛିଣ୍ଡିଗଲା ପରି ଲାଗୁଥିଲା। ତା ଛାତିରେ ମାଲିକ ଧକ୍କା ମାରିବାରୁ ସେ ତଳେ ପଡିଗଲା। ଖାଦ୍ୟ ପୁଡିଆଟା ଚରି ବିଛାଡି ହୋଇ ପଡିଲା ରାସ୍ତା ଉପରେ। ସେତିକରେ ମାଲିକର ମନ ମାନିଲାନି ଯେ ଖାଦ୍ୟ ଉପରେ ବାଲି ପକେଇଦେଲା। ପୈଶାଚିକ ହସ ହସି କହିଲା-- ନେ ତୋ ନାତୁଣୀ କୁ ଦେବୁ। ଏମାନେ ପୁଣି ଜନ୍ମ ଦିନ ପାଳିବେ!!!!, ତୋ ମୁହଁ କୁ ଲାଜ ନାହିଁ ଯାହା। କାଲିଠୁ ଯଦି ହୋଟେଲ ମୁହଁ ମାଡିବୁ ମାରି ଜଙ୍ଗଲରେ ଫିଙ୍ଗିଦେବି। ଶ୍ୱେର କୋଉଠିକାର।

ଅଥାନ ମୁହଁରୁ କଥା ବାହାରୁ ନ ଥିଲା। ମନ ଭିତରର କୋହ ଏତେ ବଢି ଯାଇଥିଲା ଯେ କଣ୍ଠ ବାଷ୍ପରୁଦ୍ଧ ହୋଇ ଆସୁଥିଲା। ଦିନ ସାରା ପରିଶ୍ରମ କରି ଏମିତି ପାଉଣା ମିଳିବ ବୋଲି

ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା। ମାଲିକ, ତା ହାତରୁ ଶହେ ଟଙ୍କିଆ ନୋଟ୍ ଓ ଚକୋଲେଟଟି ଛଡାଇନେଲା, ସେଦିନର ଦରମା ମଧ୍ୟ ଦେଲାନି। ସାଇକେଲ ଦୋକାନ ସାମନାରେ ଛିଡା ହୋଇ ଟଙ୍କା ଗଣୁଥିଲା ଅଥାନ। ସମୁଦାୟ ଦୁଇଶହ ପଚାଶ ଟଙ୍କା। ପୁରୁଣା ସାଇକେଲର ବିକ୍ରି ଦରଟା କିଛି ମନ୍ଦ ନୁହଁ। ଦୋକାନରୁ ନାତୁଣୀ ପାଇଁ ରୁଟି, ତରକାରୀ ଓ ମିଠା କିଣିଲା। ଗୋଟେ ସୁନ୍ଦରିଆ କଣ୍ଢେଇ ଓ ପେଁ କାଳୀ ସହ ନୀଳ ରଙ୍ଗର ଡ୍ରେସ୍ ବି ଆଣିଲା।

ଚାଲିବା ପାଇଁ ଦେହରେ ବଳ ନାହିଁ। ମୁଣ୍ଡ ଘୁରାଇବା ସହ, ଛାତି ଭିତରଟା ମନ୍ଥିଦେଲା ପରି ଲାଗୁଛି। ପେଟ ଭିତରର ବେଦନା ସମ୍ଭାଳ ହେଉନ, ବୋଧେ ମାଲିକର ଗୋଇଠା ବାଜିବା ଫଳରେ ପେଟ ଭିତରେ କ୍ଷତ ହୋଇଯାଇଛି। ନୋହିଲେ, କିଛି ନ ଖାଇ ମଧ୍ୟ ଏମିତି ରକ୍ତ ବାନ୍ତି ହେଉଛି କଣ ପାଇଁ ? ଦେହ ସାରା ରକ୍ତଧାର ବୋହି ଚାଲିଛି। ବଡ କଷ୍ଟରେ ପାଦ ଘୋଷାରି ଘରେ ପହଞ୍ଚିଲା ବେଳକୁ ନାତୁଣୀ ଦୁଆର ପାଖରେ ବସି ତାକୁ ଜଗିଛି।

– ଜେଜେ, ମୋ ଜିନଷ ଆଣିଲ କି ନାଇ କୁହ।

– ହଁ ରେ ମାଆ, ତୋ ପାଇଁ ସବୁ ଆଣିଛି। ଆଜି ମୋ ସୁନା ରୁଟି, ତରକାରୀ ଖାଇବ। ନୂଆ ଜାମା ପିନ୍ଧିବ, କଣ୍ଢେଇ ଖେଳିବ।

ଝିଅଟିର ଆଖିରେ ଖେଳିଗଲା ଖୁସିର ଝଲକ। କୁନି ହାତରେ ଜିନଷ ସବୁ ଧରି ଘର ଭିତରକୁ ମନ ଖୁସିରେ ଦଉଡି ଗଲା। ଦିନ ସାରାର ପ୍ରାଣାନ୍ତକ ପୀଡା ଓ ବେଦନାରେ ଅତିଷ୍ଠ କ୍ଷତବିକ୍ଷତ ଅଥାନ ଆଖି ଆଗରେ ଅନ୍ଧକାର ଛାଇଗଲା। ପାଟି କରି କାହାକୁ ଡାକିବା ପୂର୍ବରୁ ଘର ବାରଣ୍ଡାରେ ବେକମୋଡି କଚାଡି ହୋଇପଡିଲା। ମୁଣ୍ଡ, ହାତରୁ ଝରୁଥିବା ରକ୍ତ ମାଟି ଉପରେ ଜମାଟ ବାନ୍ଧିଲା ବେଳକୁ ଘର ଭିତରୁ ଆର୍ତ୍ତନାଦ ଶୁଭୁଥିଲା--- ଶେଷରେ ତୁମେ ବି ଆମକୁ ଅନାଥ କରି ଚାଲିଗଲ??

ଅଡା, ବାଲେଶ୍ୱର

# ଜଗତ ଜନନୀ ମା ଦୁର୍ଗା



ପୁଷ୍ପିତା ଭୂୟାଁ

ନଦୀ ପାଟ ତୋଟା ମାଳ
ସବୁଆଡେ କାଶତାଣ୍ଡି ର ସମ୍ଭାର
ନୀଳ ଆକାଶ ରେ ଦୋଳା ଦୋଳା
ସଫେଦ ବାଦଲ
ସୂଚଉଇ ଦେଉଛି
ଶରତ ର ଆଗମନ
ଆଉ ଜଗତ ଜନନୀ ମାଆଙ୍କର
ଆସିବାର ବେଳ,
ହୋଇଛି ଏକ ବର୍ଷ
ଅପେକ୍ଷର ଅବସାନ
ପବନ ବି ବୁଲି ବୁଲି କରୁଛି ଜାଗ୍ରତ
ଅପେକ୍ଷା ଶୁଭ ମୁହୂର୍ତ୍ତକୁ,
କାଶତାଣ୍ଡି ର ସଫେଦ ଗାଲିଚ୍ଚରେ
ପାଦ ଦେଇ ଧରାବରଣ କରିବେ ମା'
ନୂପୁର ର ରୁଣୁଝୁଣୁ ଶବ୍ଦରେ
ତରଙ୍ଗାୟିତ ହୋଇ ଉଠିବ ପୃଥିବୀ

ସମସ୍ତଙ୍କ ମନେ ଭରି ଉଠିବ ଆନନ୍ଦ ଉଲ୍ଲାସ
ଝଲସି ଉଠିବ ଦୁର୍ଗା ମଣ୍ଡପ
ଉତ୍ସବ ମୁଖର ହୋଇଉଠିବ ଗାଁ ରୁ ସହର
ମା' ର ଦର୍ଶନ ମାତ୍ରକେ
ଦୁଃଖ ଦୁର୍ଦ୍ଦଶା ଯିବ ଦୂରହୋଇ
ମନ ଖୋଲି ମନ କଥା ଗୁହାରି କରିବେ ଭକ୍ତ
ମା' ଉପରେ ଯେ ପ୍ରଗାଢ ଆସ୍ଥା ଓ ବିଶ୍ୱାସ ।

ପୁଷ୍ପିତା ଭୂୟାଁ, ପ୍ରତାପନଗରୀ, ଜରିପଡା, କଟକ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସବୁ ଅଚଳ



ପୂର୍ଣ୍ଣଚନ୍ଦ୍ର ରଣା

ଫୁଙ୍ଗୁଳା ଶରୀର ମୁକୁଳା କେଶ
ଜର୍‌ଜର୍ଜୀର୍ଣ୍ଣ ତା'ର ସଂପୂର୍ଣ୍ଣ ବେଶ
ବାସ କରନ୍ତି ର୍‌ଜ ର୍‌ସ୍ତା କଡେ
ମୁଖେ ଦେବା ପାଇଁ ନାହିଁ କେ ରସ ।୧

ଗ୍ଯରିଖଣ୍ଡ କାଠି ଖଣ୍ଡିଏ ଲୁଗା
ମୁଣ୍ଡ ଗେଞ୍ଜିବାକୁ ନାହିଁ ତା ଜାଗା
କେହି ପଗ୍ଯରେନ କାହାକୁ ଏଠି
ଦୁନଆଁରେ ସିଏ ତ ହତଭ୍‌ଗା ।୨

ନାହିଁ ହାତ ଅବା ନାହିଁ ତା ଗୋଡ
ସତେ ଯେମିତି ସେ ଭଙ୍ଗା ଶଗଡ଼
ଅଖ ଚକ ତା ଅଚଳ ପଡିଛି
ଆଶର୍‌ ନେଇ ଲେଉଟାଏ କଡ ।୩

ବଡ଼ ବରଗଛ ଆଶର୍‌ ତା'ର
ଝାଞ୍ଜି ପବନକୁ ନାହିଁ ତା ଡର
ଜାଳବାକୁ ନାହିଁ ତା ପାଖେ ବତୀ
ଗାଡ଼ିର ଆଲ୍‌ୋକ ଭରଷା ତା'ର ।୪

ଫୋପଡ଼ା ଖାଦ୍ୟ ସେ ଆଣେ ସାଉଁଟି
ହେଉ ଭାତ ଅବା ହେଉ ଯେ ରୁଟି
ଷୋଷଣ କରଇ ତା ପରିବାର
କଷ୍ଟରେ କଟୁଛି ତାହାରି ରାତି । ୫

ଦଇବର ସତେ ଏ କି ବିଚାର
ଜୀବନ କଟୁଛି ରାସ୍ତାରେ ତା'ର
ଅବହେଳିତଙ୍କୁ ଦେଖ ଟିକେ ପ୍ରଭୁ
ତୋ ଚରଣ ତଳେ ବିନତୀ ମୋର ।୬

ହାଟସିଂହାପୁର, ଯାଜପୁର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।



ମୂଳ ରଚନା (ହିନ୍ଦୀ) :
ଧରମ ଦୁବେ

# ମୁଁ କାହିଁକି ନାରୀ?



ଓଡ଼ିଆ ଭାଷାନ୍ତର:
ସନାତନ ମହାକୁଡ

ମୁଁ
ପ୍ରତିକ୍ଷଣ
ସଭିଙ୍କ ପାଇଁ ବଞ୍ଚିଛି ମୁଁ
ଏହା ଭାବି
କେବେ ସଭିଏଁ
ଦୁଇ କ୍ଷଣ
ମୋ ପାଇଁ ବଞ୍ଚିବେ !
କାହିଁକି ?
କାହିଁକି ସବୁ କଥା
ମାପି ତଉଲ
ଆଉ
ଭାବି ଚନ୍ତି ହୁଅ
ଜୀବନ ଏକ ଯନ୍ତ୍ର ନୁହେଁ !!
ନାରୀ
ସୃଷ୍ଟି ନାରୀ
ବିଶ୍ୱ ନାରୀ
ମାତୃଭୂମି ବି ନାରୀ
ନାରୀ ଆଗେ ନତ ମସ୍ତକ
ଦୁନଆ ସବୁରୀ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ସ୍ୱାଭିମାନ



ସୁଷମା ପରିଜା

ବେଣୁଧର ବାବୁ ରାତି ଖାଇବା ଖାଇ ସାରି ଘର ବାରଣ୍ଡାରେ ଏପଟ ସେପଟ ହେଉଥିଲେ । ଗତକାଲି ରାତି ରେ ଫୋନକଲ୍ ବେଳେ ଶୁଣିଥିବା ମନୋରମାଙ୍କର ସେଇ ଖୁଁଖୁଁକାଶ ଆଉ ରୁନ୍ଧିହୋଇ ପଡୁଥିବା ନିଶ୍ୱାସ ତାଙ୍କୁ ବିଚଳିତ କରି ପକାଉଥିଲା। ବିଗତ ଦିନର କଥାସବୁ ରହି ରହି ଆଖିରେ ନାଚ ଉଠୁଥିଲା।

ଗରିବ ଚାଷୀ ପରିବାରର ଏକମାତ୍ର ସନ୍ତାନ ଥିଲେ ବେଣୁଧର। ବାପା ହରିହର ଆଉ ମାଆ ପାର୍ବତୀଙ୍କର ନୟନ ର ମଣି। ପୈତୃକ ସମ୍ପତ୍ତି ଯାହା ଥିଲା ସେଇଥିରେ ଚାଷବାସ କରି ଚଳୁଥିଲା ତାଙ୍କର ସଂସାର। ମାଇନର ପାସ କଲାପରେ ଗାଆଁରେ ହାଇସ୍କୁଲଟିଏ ନଥିବାରୁ ବାପା ତାଙ୍କ ଦୂର ସଂପର୍କୀୟ ମାମୁଁ ପୁଅ ଭାଇ ନୃସିଂହ ଦାଦାଙ୍କ ପାଖକୁ ପଠାଇ ଦେଲେ କଟକ। ସେଇଠି ତାଙ୍କରି ଘରେ ରହି, ଖୁଡୀଙ୍କ ବୋଲହାକ କରି କୌଣସି ମତେ ମାଟ୍ରିକ ଖଣ୍ଡକ ପାଶ କଲା ପରେ ନୃସିଂହ ଦାଦା କାହାକୁ କୁହାବୋଲା କରି କଲେକ୍ଟରଙ୍କ ଅଫିସରେ ପିଅନ ଚାକରୀଟିଏ ଯୋଗାଡ କରି ଦେଇଥିଲେ। ମାସକୁ ଦରମା ଦେଢଶହ ଟଙ୍କା। ରହିବା ଖାଇବା ଦାଦାଙ୍କ ଘରେ। ଚାକରୀ ସମୟରେ ଚାକରୀ ଆଉ ଅନ୍ୟ ସମୟରେ ଦାଦାଙ୍କ ଘର ବୋଲହାକ, ଏମିତି ହୋଇ କଛିଦିନ କଟିଗଲା। ଚାକରୀ କରିବା ପରେପରେ ଗାଆଁରେ ବାପାବୋଉ ବ୍ୟସ୍ତହୋଇ ପଡିଲେ ବାହାଘର କରିବା ପାଇଁ। ବେଣୁଧର ଚାହୁଁଥିଲେ ଆଗ ନିଜର ଭଙ୍ଗା ଚାଳଆଟିକୁ ସଜାଡି ଛାତଘରଟିଏ କରିବେ, ତା'ପରେ ବାହାଘର କଥା ଦେଖାଯିବ, ହେଲେ ବୋଉ ର ଏକାଜିଦ୍ ଆଗ ବାହାଘର, ତା'ପରେ ଘର। ବୋଉ ର ଜିଦ୍ ଆଗରେ ମୁଣ୍ଡ ନୁଆଁଇଲେ ଏକୋଇଶି ବର୍ଷର ବେଣୁଧର, ଅଠର ବର୍ଷର ମନୋରମାଙ୍କ ସହିତ ବାହାଘର ହୋଇଗଲା ତାଙ୍କର। ମନୋରମା ତାଙ୍କର ନାମକୁ ସାର୍ଥକକରି

ବୋହୂପଣିଆରେ ସମସ୍ତଙ୍କ ମନ ଜିଣି ନେଇଥିଲେ। କୁଶଳୀ ଗୃହିଣୀଟିଏ ହୋଇ ସ୍ୱଳ୍ପ ସମ୍ବଳ ଭିତରେ ଘର ଚଳେଇବାର ସମସ୍ତ କଳା ଆୟତ୍ତ କରି ନେଇଥିଲେ ବୋଉ ପାଖରୁ। କେବେ ହେଲେ କୌଣସି ଦାବୀ କରୁ ନଥିଲେ ବେଣୁଧରଙ୍କ ପାଖରେ। ସୁଖଦୁଃଖ ସବୁ ଚଳେଇ ନେଇ ସୁନାବୋହୂ ହୋଇଥିଲେ ବାପା ବୋଉଙ୍କର। ବେଣୁଧର ନିଜକୁ ଧନ୍ୟ ମନେକରୁଥିଲେ ତାଙ୍କୁ ସ୍ତ୍ରୀ ରୂପରେ ପାଇ।

ଧୀରେଧୀରେ ବାପାଙ୍କ ବଳ ହଟିଯାଉଥିଲା, କାମକୁ ଆଉ ପାରୁନଥିଲେ, ଗୃଷ ଜମିପଡିଆ ପଡୁଥିଲା, ଘରେ ଅଭାବ ବଢୁଥିଲା । ଏମିତି ସମୟରେ ବାଧକା ରେ ପଡି ବାପା ଗ୍ଲଲିଗଲେ। ଗାଆଁରେ ଶାଶୁବୋହୁ ଏକୁଟିଆ, ଏପଟେ ବେଣୁଧରଙ୍କର ସମ୍ବଳ ନାହିଁ, ସେମାନଙ୍କୁ ଆଣି କଟକରେ ବସାଘର କରି ରହିବା ଲାଗି। ମନୋରମା ପ୍ରସ୍ତାବ ଦେଲେ ମୁଁ ଏଇଠି ଗାଆଁରେ ରହିବି ବୋଉଙ୍କୁ ସହିତ, ତମେ ସପ୍ତାହରେ ଥରେ ଆସି ବୁଝିଯିବ ଆମ ଖବର, କୌଣ ସିଅସୁବିଧା ହେବନି। ସେଇଆ ହେଲା, ଶାଶୁବୋହୂଙ୍କୁ ଗାଆଁରେ ଛାଡି କଟକ ଫେରିଲେ ବେଣୁଧର।

ଅଫିସରେ କାମ କରିବା ସହିତ ବେଳେବେଳେ ବାବୁମାନଙ୍କର ବ୍ୟକ୍ତିଗତ କାମ ବି କରି ଦେଉଥିଲେ ବେଣୁଧର, ସେଥିପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। କେହିକେହି ଖୁସିରେ କେବେ କେମିତି କିଛି ହାତଖର୍ଚ୍ଚ ବି ଦେଉଥିଲେ, ସେଇଥିରେ ଦୁଃଖେ ସୁଖେ ଚଳିଯାଉଥିଲା ସେମାନଙ୍କ ସଂସାର। ଏଥିମଧ୍ୟରେ ଜନ୍ମ ନେଇଥିଲା ତାଙ୍କର ପ୍ରଥମ ସନ୍ତାନ। ଘରକୁ ଆନନ୍ଦ ଆଣି ଆସିଥିଲା ବୋଲି ବୋଉ ତା'ର ନାଆଁ ଦେଇଥିଲା ଆନନ୍ଦ। ଆନନ୍ଦ ତିନି ବର୍ଷର ହେଲା ବେଳକୁ ତାଙ୍କର ଦ୍ୱିତୀୟ ସନ୍ତାନ ବିନୋଦ ଜନ୍ମ ନେଇଥିଲା। ଦୁଇଦୁଇଟା ପିଲାଙ୍କୁ ସମ୍ଭାଳ, ବୋଉ ର ସେବାଶୁଶ୍ରୁଷା କରି ଅସୁସ୍ଥ ହୋଇ ପଡୁଥିଲେ ମନୋରମା, ତଥାପି ଗାଆଁ ଛାଡି ଆସିବାକୁ ମନ କରୁ ନଥିଲେ। ଭଙ୍ଗା ଗ୍ଲଳଆଟି ତାଙ୍କର ପକ୍କା ଆଜବେଷ୍ଟସରେ ପରିଣତ ହୋଇ ସାରିଥିଲା, ଗାଁ କୁ ବିଜୁଳି ମଧ୍ୟ ଆସି ସାରିଥିଲା। ଆନନ୍ଦ ଗାଆଁ ସ୍କୁଲରେ ନାମ ଲେଖାଇ ସାରିଥିଲା। ହଠାତ୍ ବୋଉ ପଡିଲା ମସ୍ତିଷ୍କ ଜ୍ୱରରେ। ବେଣୁଧର ଖବର ପାଇ କଟକରୁ ଧାଇଁଲେ, ହେଲେ ସେ ପହଞ୍ଚିବା ପୂର୍ବରୁ ବୋଉ ଆଖି ବୁଜି ସାରିଥିଲା ସବୁଦିନ ପାଇଁ। ବୋଉ ର କ୍ରିୟାକର୍ମ ସାରି ପିଲାଙ୍କୁ ସାଥିରେ ଧରି କଟକ ଆସିବା ଛଡା ଆଉ କୌଣସି ଉପାୟ ନଥିଲା ବେଣୁଧରଙ୍କ ପାଖରେ।

ଛୋଟ ବସାଘର ଟିଏ ନେଇ ନିଜର ନୂଆ ସଂସାର ଗଢିଥିଲେ ବେଣୁଧର ଆଉ ମନୋରମା। ସେଇ ସ୍ୱଳ୍ପ ସମ୍ବଳ ଭିତରେ ବହୁତ କଷ୍ଟରେ ଘର ଚଳେଇଥିଲେ ମନୋରମା। ସକାଳ ସଞ୍ଜ ଦୁଇଓଳି ଭାତ ସାଥିରେ ଗୋଟିଏରୁ ଦୁଇଟି ତରକାରୀ କେବେ ହୋଇ ନଥିଲା ତାଙ୍କ ଘରେ। ନିଜେ ଦି'ଖଣ୍ଡ ସୂତା ଶାଢୀ ଛଡା କେବେ କିଛି ଦାମୀ ଶାଢୀ ପିନ୍ଧି ନ ଥିଲେ, ବେଣୁଧର ଅଫିସରେ ସେମିତି ବାବୁମାନଙ୍କର ବୋଲହାକ କରିକରି ଅଧିକ ଦୁଇ ପଇସା ଆଣିବେ ବୋଲି ଜୀବନର ସବୁ ସୁଖ ତୁଚ୍ଛକରି ଦେଇଥିଲେ। ମନୋରମାଙ୍କର ଗହଣା ବିକ୍ରିକରି ଆନନ୍ଦ ଆଉ ବିନୋଦ, ଦୁଇ ପୁଅଙ୍କୁ ସେ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢାଇଥିଲେ। ଭାବିଥିଲେ ସିଏ ସିନା ଅର୍ଥାଭାବରୁ ବେଶୀ ପଢି ପାରିଲେନି ବୋଲି ପିଅନ ଚାକରୀଟିଏ କରିଜୀବନ ସାରା ଦୁଃଖକଷ୍ଟରେ ଚଳିଲେ, ମନୋରମାଙ୍କୁ ସୁଖ ଟିକିଏଦେଇ ପାରିଲେନି, ହେଲେ ତାଙ୍କ ପୁଅ ଦୁହିଁଙ୍କୁ ସେ ଭଲ ସ୍କୁଲରେ ପଢାଇ ବଡ ମଣିଷ କରିବେ। ଯେଉଁସୁଖ ସେ ମନୋରମାଙ୍କୁ ଦେଇ ପାରି ନାହାଁନ୍ତି, ସେଇ ସୁଖ ତାଙ୍କପୁଅ ଦିହେଁ ଦେବେ।ଦୁଇ ପୁଅଯାକ ଖୁବ୍ ମେଧାବୀ ଥିଲେ, ମାଟ୍ରିକ ଆଉ ପ୍ଲସ ଟୁ ପଢି ଇଞ୍ଜିନିୟରିଂ କରିଥିଲେ ଦୁହେଁ। ପରେ ପରେ ପୋଷ୍ଟିଂ ହୋଇଥିଲେ ବେଙ୍ଗାଲୁରୁ ଆଉ ଦିଲ୍ଲୀରେ। ପିଲାମାନଙ୍କ ପଢାପଢି ଖର୍ଚ୍ଚ ଭରଣା କରିବା ପାଇଁ ବ୍ୟାଙ୍କରୁ ଋଣ ଆଣିବା ସହିତ ନିଜର ଶେଷ ସମ୍ବଳ ଗାଆଁର ଜମିଖଣ୍ଡକୁ ବିକ୍ରି କରି ସାରିଥିଲେ ବେଣୁଧର। ମନେ ମନେ ଭାବୁଥିଲେ, ପିଲାମାନେ ବଡ ହୋଇ ଚାକରୀକଲେ ବଳେବଳେ ଭଲ ଘରଦ୍ୱାର କରି ଦେବେନି କି? ପିଲାମାନେ ପାରିଗଲେ ଆଉ କ'ଣ ଦୁଃଖ ରହିବ ? ଏମିତି ଦୁଃଖସୁଖରେ ଦିନକାଟି ଚାକରୀରୁ ଅବସର ନେଲେ ବେଣୁଧର। ଭାବିଲେ ଜଞ୍ଜାଳ ଶେଷହେଲା, ଏତେ ଦିନ ଯାଏଁ ସେ ପିଲାଙ୍କୁ ଚଳେଇଲେ, ଏଣିକି ପିଲାମାନେ ଚଳେଇବେ ସେମାନଙ୍କୁ। ହେଲେ ମଣିଷ ଯାହା ଇଚ୍ଛାକରେ ତାହା ସବୁବେଳେ ପୂରଣ ହୁଏନା।

ପିଲାମାନେ ଚାକରୀ କରି ଯିଏ ଯାହା ବାଟରେ ରହିଲେ। ନିଜ ନିଜର ଜୀବନକୁ ସୁଖମୟ କରିନିଜ ନିଜର ଜୀବନ ସାଥୀ ବାଛି ନେଇ ସୁଖରେ ରହିଲେ। ଘରକୁ ମନ ହେଲେ ଦିନେ ଦୁଇଦିନ ପାଇଁ ଆସୁଥିଲେ ନହେଲେ ନାହିଁ। ନିଜେ ଅବସର ନେବା ପୂର୍ବରୁ ପୁଅ ଦୁଇଜଣଙ୍କ ବାହାଘର ସାରିଦେବେ ବୋଲି ଚିନ୍ତାକରି ପୁଅମାନଙ୍କ ମତାମତ ଲୋଡିଲେ ସେ।

ପୁଅ ଦୁହେଁ ସିଧାସଳଖ ଜଣାଇ ଦେଲେ ସେମାନଙ୍କ ପାଇଁ ବ୍ୟସ୍ତହେବା ଦରକାର ନାହିଁ, ସେମାନେ ନିଜନିଜର ଜୀବନସାଥୀ ବାଛି ସାରିଛନ୍ତି।

ନିଜର ଅବସର କାଳୀନ ପ୍ରାପ୍ୟ ସବୁ ଖର୍ଚ୍ଚ କରି ପିଲ୍ମାନଙ୍କ ଇଚ୍ଛାକୁ ସମ୍ମାନଦେଇ ସେମାନଙ୍କ ମନ ପସନ୍ଦର ସାଥୀମାନଙ୍କ ସହିତ ଖୁବ ଧୂମଧାମରେ ବାହାଘର କରିଥିଲେ ଗୋଟିଏ ବଡ ହୋଟେଲରେ। ଭୋଜିଭାତ ସରିଲା, ପୁଅ ବୋହୂ ମାନେ ଛୋଟ ବସା ଘରେ ଚଳିବାକୁ ରାଜି ହେଲେନି, କିଛିଦିନ ପରେ ଯିଏ ଯାହାର ଚାକରୀ ଜାଗାକୁ ବାହାରିଗଲେ ନିଜନିଜର ସ୍ତ୍ରୀଙ୍କୁ ଧରି। ଥରେ ହେଲେ କେହି ପଚାରିଲେ ନାହିଁ ଯେ ଅବସର ପରେ ବାପା ବୋଉ ଏକାଏକା ଚଳିବେ କେମିତି, ଖାଇବେ କ'ଣ ? ରହିବେ କେଉଁଠି ? ଅଭିମାନରେ ଭାରି ହୋଇ ପଡୁଥିଲା ବେଣୁଧରଙ୍କ ମନ, କାହାକୁ କିଛି ନ କହି ବାହାରକୁ ବାହାରି ଗଲେ ସେ। ମନୋରମା ପିଲା ମାନଙ୍କୁ ସବୁ ଜିନିଷପତ୍ର ସଜଡାସଜଡି କରି ପଠାଇଲାବେଳେ ପିଲାଙ୍କ କାନରେ ପକାଇଥିଲେ କଥାଟି। କହିଥିଲେ "ଆରେ ତମେ ମାନେତ ଯିବାକୁ ବାହାରିଲଣି, ଆମେ ବୁଢାବୁଢୀ ଦୁଇଟା ଏଠି କେମିତି ଚଳିବୁ, କେମିତି ରହିବୁ, ସେ କଥା ତ କେହି ହେଲେ କହୁନ। ବାପା ତ ଖଟିଖଟି ବୁଢା ହେଲେ, ଆଉ କ'ଣ ମୋର ବଳ ବୟସ ଅଛି ହାତରେ ରାନ୍ଧି ବାଢି ଖାଇ ଏକୁଟିଆ ରହିବାକୁ ? ମନୋରମାଙ୍କର କଥା ଶୁଣି ନିଜ ନିଜଭିତରେ ଖୁସି ଗପ କରୁଥିବା ଦୁଇ ବୋହୂ, ଗପ ବନ୍ଦକରି ଅନାଅନି ହେଲେ ପରସ୍ପରକୁ। ଯେମିତି ଖୁସିର ଲହରୀ ଥମିଗଲା ସେଇଠି। ବଡ ବୋହୂ ଶୀନା କହିଲା "ଆମେ ଆଗେ ନିଜେ ସେଟେଲ୍ ହୋଇ ସାରିଲେ ସିନା ଆପଣମାନଙ୍କର କଥା ଭାବିବୁ, ଏବେତ ଆମେ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛୁ, ଆମକୁ ଟିକଏ ଲାଇଫକୁ ଏନଜୟେ କରିବାକୁ ସୁଯୋଗ ଦିଅନ୍ତୁନା, ଏବେ ଠାରୁ ଆପଣ ଦୁଇଜଣଙ୍କ ବୋଝ ଆମ ଉପରେ ଲଦି ଦେଲେ ଆମେ ଅଣନିଶ୍ୱାସୀ ହୋଇ ପଡିବୁନାହିଁ ? ସାନ ବୋହୂ ସରିତା କହିଲା "ସତ କଥା କହିଲ ଅପା! ଏବେ ଏବେ ଆମେ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛୁ, ଏମାନଙ୍କର କ'ଣ ଏତିକ ସାଧାରଣ ଜ୍ଞାନ ନାହିଁ, ଆମକୁ ଟିକଏ ଲାଇଫକୁ ଏନଜୟ କରିବାକୁ ଦେବେନି, ଯେତେ ଯାହା ହେଲେ ବି ଲୋ-କ୍ଲାସ ମେଣ୍ଟାଲିଟି ଛାଡି ପାରିବେନି ଏମାନେ।" ଦୁଇ ଗାଲରେ ଠାଏ ଠାଏ କରି ଚଟକଣୀ ଦୁଇଟା ବାଜିଲା ପରି ଲାଗିଲା ମନୋରମାଙ୍କୁ। ଲଜ୍ୟା ଅପମାନରେ ମୁଣ୍ଡ ନଇଁ ଯାଇଥିଲା ତାଙ୍କର। ଦୁଇ ଆଖି

ଦେଇ ଝରି ଆସୁଥିବା ଲୁହକୁ ଲୁଚାଇବା ଲାଗି ସେ ଉଠି ଆସିଲେ ଅଗଣାକୁ। ରୋଷେଇ ଘର ଆଡକୁ ପଶିଗଲା ବେଳକୁ ତାଙ୍କ କାନରେ ବାଜିଲା ସାନପୁଅ ବିନୋଦର ସ୍ୱର "ଭାଇ ! ତୁମେ ତ ଜାଣିଛ ମୋର ନୂଆ ଚାକରୀ, ଏଥିରେ ମୁଁ ବାପା ବୋଉଙ୍କ ଦାୟିତ୍ୱ ନେଇ ଦିଲ୍ଲୀ ଭଳିଆ ଜାଗାରେ କେମିତି ରଖିବି କହିଲ? ବରଂ ତୁମେ ସେମାନଙ୍କୁ ସାଥିରେ ନେଇଯାଅ ବାଙ୍ଗାଲୋର । ତୁମ ର ତ ସେଠି ବଡ ଆପାର୍ଟମେଣ୍ଟ । ସେଇଠି ସେମାନଙ୍କୁ ରଖିବ, ମୋର ସୁବିଧା ହେଲେ ମାସକୁ ମାସ କଛି ଟଙ୍କା ପଠାଇ ଦେବି ତୁମ ପାଖକୁ ।" ବଡ ପୁଅ ଆନନ୍ଦ କହିଲା "ନା', ନା' ମୋତେ ସମ୍ଭବ ନୁହେଁ, ତୁ ଜାଣିନୁ କ, ଅନେକଦିନ ଆଗରୁ ଶୀନା ଆଉ ମୁଁ ସେଇ ଆପାର୍ଟମେଣ୍ଟରେ ସାଥୀ ହୋଇ ରହୁଛୁ ବୋଲି। ତା'ର ଚଏସରେ ସେ ଇଣ୍ଟେରିଅର ଡିଜାଇନଂ କରିଛି, ସବୁ କଛି ସୁବ୍ୟବସ୍ଥିତ ଢଙ୍ଗରେ ଅଛି ସେଠି । ଆମେ ଯିବା ପରେ ହନିମୁନ ଟ୍ରିପରେ ଯିବାର ପ୍ଲାନ୍ଂ ସରିଛି । ଏବେ ଏମାନଙ୍କୁ ନେଲେ ଏମାନଙ୍କ ରହିବା ପାଇଁ ଜାଗା କୋଉଠି ଅଛି ଯେ ? ବରଂ ତୁ ବାପା ବୋଉଙ୍କୁ କହ ସେମାନେ ଏଇଠି ଭଡାଘରେ ଥାଆନ୍ତୁ, ଆମେ ଦୁଇଜଣ ମାସକୁ ମାସ ତାଙ୍କ ଖର୍ଚ୍ଚ ପାଇଁ କଛି ଟଙ୍କା ପଠାଇଦେବା ସେମାନଙ୍କ ପାଖକୁ । ସେମାନେଏଇଠି ସେମାନଙ୍କ ଢଙ୍ଗରେ ଚଳନ୍ତୁ। କେତେ କେତେ ବୁଢାବୁଢୀ ଏକୁଟିଆ ରହୁଛନ୍ତି ଏ ସହରରେ, ଏମାନେ କ'ଣ ରହି ପାରିବେନ? ବୋଉର ଗୋଟାଏ କଥା କହିବାର ଢଙ୍ଗ ନା ।" ଦୁହିଁଙ୍କ ମୁହଁରେ ବିରକ୍ତିଭାବ ସ୍ପଷ୍ଟ ଦେଖି ପାରୁଥିଲେ ମନୋରମା। ମେଞ୍ଚାମେଞ୍ଚା କୋହ ଜମାଟ ବାନ୍ଧି ଛାତି ଫାଟି ଯାଉଥିଲା ତାଙ୍କର। ସେ ଭାବୁଥିଲେ, ଜୀବନରେ ସବୁ ସୁଖକୁ ଜଳାଞ୍ଜଳ ଦେଇ ପୁଅ ଦୁହିଁଙ୍କୁ ମଣିଷ କରିଥିଲେ କ'ଣ ଏଇ କଥା ଶୁଣିବାକୁ? ଯେଉଁମାନଙ୍କୁ ସେ ଜୀବନର ଆଶାବାଡି ବୋଲି ଭାବିଥିଲେ, ସେମାନେ ବୋଝ ମଣୁଛନ୍ତି ତାଙ୍କୁ, ନିଜ ଘରେ ନିଜ ବାପା ମାଆଙ୍କ ପାଇଁ ସ୍ଥାନ ନାହିଁ ତାଙ୍କର। ଛିଃ, ଲୋଡା ନାହିଁ ସେମାନଙ୍କର ଦୟା, ଯେଉଁମାନେ ତାଙ୍କର ମୂଲ୍ୟ ବୁଝିବାପାଇଁ ଅସମର୍ଥ ।

ଥାଆନ୍ତୁ ତାଙ୍କର ସୁଖରେ ସେମାନେ, ନିଜ ନିଜ ପରିବାର ସହିତ। ସେ ଏଇଠି ରହିବେ, ବେଣୁଧରଙ୍କ ଦୁଃଖ ସୁଖର ସାଥୀ ହୋଇ। ଯେମିତି ଏତେ ବର୍ଷହେଲା ଚଳ ଆସିଛନ୍ତି, ସେମିତି ଚଳବେ, କଛି ଅସୁବିଧା ହେବ ନାହିଁ।

ପୁଅ ଦୁହିଁଙ୍କର କଥା ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ତାଙ୍କ କାନରେ, ମନୋରମାଙ୍କର କାନମୁଣ୍ଡା ଝାଇଁ ଝାଇଁ ହୋଇ ଆଖିରେ ଅନ୍ଧାର ଘୋଟି ଆସୁଥିଲା, ତାଙ୍କୁ ଲାଗୁଥିଲା ସେ ପୁଅ ଜନ୍ମକରି ଭୁଲ କରି ନାହାଁନ୍ତି ତ? ହୁଏତ ଝିଅଟିଏ ଜନ୍ମ କରିଥିଲେ ସେ ମାଆର ମନକଥା ବୁଝି ପାରିଥାନ୍ତା। ହୁଏତ ସିଏ ବୁଢାବାପା ଆଉ ବୁଢୀ ମାଆଙ୍କୁ ନେଇ ନିଜ ପାଖରେ ରଖିଥାଆନ୍ତା, ତା'ରି ପାଖରେ ରହି ତା'ର ପିଲାମାନଙ୍କୁ କୋଳେଇ କାଖେଇ ତାଙ୍କର ଦିନ କଟି ଯାଇ ଥାଆନ୍ତା। ଆଖିରୁ ଲୁହ ପୋଛି ଶୋଇବା ଘରଆଡକୁ ଆଗେଇ ଯାଉଥିଲା ବେଳେ ବାରଣ୍ଡାରେ ଅନ୍ଧାର ଭିତରେ କାହା ସହିତ ଧକ୍କା ଖାଇଲେ ମନୋରମା। ପଡି ଯାଉ ଯାଉ ତାଙ୍କୁ ଆବୋରି ଧରିଥିବା ବି ସେଇ ଚିର ପରିଚିତ ବାହୁବନ୍ଧନ କୁ ଅନ୍ଧାର ଭିତରେ ବି ଖୁବ ଚହ୍ନି ପାରୁଥିଲେ ସେ। ତାଙ୍କର କାନ ପାଖରେ ଗୁଞ୍ଜରି ଉଠିଲା ବେଣୁଧରଙ୍କର ସେଇ ଦୃଢ କଣ୍ଠସ୍ୱର "ବ୍ୟସ୍ତ ହୁଅ ନାହିଁ ମନୁ ! ଆମ ଗାଆଁରେ ଆମର ସେଇ ଆଜବେଷ୍ଟସ୍ ଘରଟି ଏବେ ବି ଅଛି, ଟିକଏ ମରାମତି କରିଦେଲେ ହେବ। ମୋ ପିଅନ ଚାକରୀର ପେନସନ୍ ଗଣ୍ଡାକ ଯଥେଷ୍ଟ ହେବ ଆମ ବୁଢାବୁଢୀ ଦି'ଜଣଙ୍କ ଚଳିବା ପାଇଁ। ଗାଆଁର ମୁକ୍ତବାୟୁରେ ଆମର ଏଇ ରୁନ୍ଧିହୋଇ ଯାଉଥିବା ନିଶ୍ୱାସକୁ ଆରାମ ମିଳିବ, ଗାଈଟିଏ କିଣିଦେବା ଯେ, ଆମକୁ ଆଉ ଏ ସହରରେ ପାଣିଆ କ୍ଷୀରର ଚାହା ପିଇବାକୁ ପଡିବନି। ସେମାନେ ଯାଆନ୍ତୁ ତାଙ୍କ ବାଟରେ, ଆମେ ଦିହେଁ ଗାଆଁରେ ରହି ଆମ ହଜିଲା ସୁଖକୁ ଆଉ ଥରେ ଖୋଜିବା, କ'ଣ କହୁଛନ୍ତିଟି ସେମାନେ? ହନିମୁନ୍? ହଁ ହଁ ସେଇ ହନିମୁନ କରିବା ।"

ଅନ୍ଧାର ଭିତରେ ବେଣୁଧରଙ୍କ ଛାତିକୁ ଆଉଜିଥିବା ମନୋରମା କାନ୍ଦୁକାନ୍ଦୁ ଫିକ କରି ହସି ପକାଇଲେ। ବେଣୁଧର ଯେ ସବୁ କଥା ଶୁଣିଛନ୍ତି ଆଉ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରି ରଖିଛନ୍ତି ଗାଆଁକୁ ଯିବାକୁ ସେ କଥା ହୃଦବୋଧ ହେଲା ତାଙ୍କର।

ଶାରଳା ଭବନ, ପୋଡାପୋଖରୀ,
ନୂଆବଜାର, କଟକ -753004

# ଜାତି ପିତା ହେ



ରାଜକିଶୋର ସାହୁ

ଜାତି ପିତା ହେ,
ଘେନ ଆମ ପ୍ରଣାମ
ଶିଖାଇଲ ସତ୍ୟ ଅହିଂସା ମନ୍ତ୍ର
ବିଶ୍ୱବାସୀ କରୁଛନ୍ତି ସଲାମ
ଜାତି ପିତା ହେ..... ।୧।

ସତ୍ୟ ହିଁ ଈଶ୍ୱର ଶ୍ରମ ଉପାସନା, ଏ ବାଣୀ ବାଣ୍ଟିଲ ଦୁନିଆ ସାରା
ମାନବବାଦର ସୁରକ୍ଷା ପାଇଁକ, ଅହିଂସା ହିଁ ଏକମାତ୍ର ଆଶରା ।
ହିଂସା ଦ୍ୱାରା ହିଂସା ଥମେନି କଦାଚ
ଅନଳରେ ଘୃତ ଢାଳିବା ସମ ।୨।

ଆଖି ବଦଳରେ ଆଖି ନେବା ନୀତି, ଅନ୍ଧ କରିଦେବ ସଭିଙ୍କୁ ଦିନେ
ହିଂସା ଟାଳିବାକୁ ଶାନ୍ତି ବୁଝାମଣା, କହିଗଲ ତୁମ୍ଭେ ସବୁରି କାନେ ।
ବିଶ୍ୱଶାନ୍ତି ପାଇଁ ସବୁରି ପରାଣେ
ଭରିଥିଲ ତୁମେ ଏଇ ଇଲମ । ।୩।

ସାଧୁ ପାଇଁ ସାଜେ ସୁରକ୍ଷା କବଚ ମିଛର ଜାଲକୁ ଛେଦଇ ସତ
କଛି କରିପାରେ ନାହିଁ ଦୁରୁଜନ ଜୀବନେ ସତ୍ୟକୁ କରେ ଯେ ବ୍ରତ ।
ସଭିଙ୍କୁ ଦୀକ୍ଷିତ ପାଇଁ ଏ ମନ୍ତ୍ରରେ
କରିଥିଲ ଦିନରାତି ସଂଗ୍ରାମ ।୪।

ଫୁଟାଇଲ ହସ ସଭିଙ୍କ ମୁହଁରେ ଦେଶ ପାଇଁ ତୁମେ ଦେଲ ଜୀବନ
ମାନବ ଧରମ କରି ଆଚରଣ ଜିଣିଲ ସବୁରି ହୃଦୟ ମନ
ରଖିଗଲ ଭବେ ଅକ୍ଷୟ କୀରତି
ଅଭୁଲା ତୁମର ସ୍ୱଦେଶ ପ୍ରେମ ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା,ନୂଆବଜାର, କଟକ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ନିଜକୁ ଚହ୍ନିବା



ସରିତା ମହାନ୍ତି

ସଂସାର ଭିତରେ ଘର କରିଥିଲେ
ସୁଖ ଖାଲି ଆସେ ନାହିଁ
ସୁଖ ସହିତରେ ଛାଇ ପରି ଦୁଃଖ
ସାଥେ ସଦା ଥାଏ ରହି ।

ଯେ ଯାହାର କର୍ମ ଫଳ ଭୋଗିଥାନ୍ତି
ଅନ୍ୟଥା ଘଟି ନଥାଏ
ବେଢି ଉପରେ କୋରଡ଼ା ତ କାର
ପାଟ ଛତା ଧରିଥାଏ।

ପଳାୟନ ପନ୍ଥି ସାଜିବାନ କେବେ
ମୁକାବିଲ୍ କରୁଥିବା
ସଂସାରରୁ ମାୟା ତ୍ୟାଗ ପାଇଁ କେବେ
ମନେ ଆମେ ନ ଭାବିବା।

ଯେଉଁ ନିଷ୍ପତ୍ତିଟି ନେବାକୁ ଚାହିଁବା
ବିବେକକୁ ପଚାରିବା
ସଠିକ ଉତ୍ତର ପାଇଯିବା ନିଶ୍ଚେ
ଭ୍ରମରେ ବି ନ ପଡ଼ିବା।

ସାଂସାରିକ ମାୟା ତ୍ୟାଗ କରିଦେଲେ
ବନ୍ଧନୁ ମୁକ୍ତି ମିଳେ ନା
ଏଠି ସେଠି ସବୁଠି ବ୍ୟାପ୍ତ ଏ ମାୟା
ସହଜେ ବୁଝି ହୁଏନା ।

ଖର୍ ଛାଇ ଆଉ ଆଲୁଅ ଅନ୍ଧାର
ଆସିଥାଏ ଜୀବନ ରେ
ମୁକ୍ତି ପାଇବାକୁ ଚାହୁଁଥିବ ଯଦି
କାମନା ତ୍ୟାଗ କରରେ ।

ସମ୍ବନ୍ଧକୁ ତ୍ୟାଗୀ ଈଶ୍ୱର ଖୋଜିଲେ
ଦେଖା କେବେ ମିଳେ ନାହିଁ
ସର୍ବ ପ୍ରାଣୀ ଦେହେ ଈଶ୍ୱର ଖୋଜିଲେ
ଦେଖା ତାଙ୍କ ପାଇ ଥାଇ ।

ଈଶ୍ୱର ସତ୍ତାକୁ ନିଜଠାରେ ଦେଖି
ତାଙ୍କ ପ୍ରିୟ ପାତ୍ର ହେବା
ନିଜେ ଅନୁଭବ ଯେ ଦିନ କରିବା
ପ୍ରଭୂ ଦର୍ଶନ ପାଇବା ।

ଶିକ୍ଷୟିତ୍ରୀ, ବାଲିଆପାଳ, ବାଲେଶ୍ୱର

# ଧରାବତରଣ



ସୁଧାଂଶୁ ଶେଖର ପଟ୍ଟନାୟକ

ଅଜସ୍ର ଚନ୍ତା ଓ ଚେତନା ସବୁ
ମା ତୋ ଆଜି ଆହ୍ଲାଦିତ ।
ତୁମ ଧରାବରଣରେ ମା
ଜୀବନ ହୋଇଛି ପୁଲ୍ଲକତ ॥
ପବନ ବି ପ୍ରକୃତି ବି
ଚତୁର୍ଦ୍ଦିଗ ଆଜି ଉଲ୍ଲସିତ,
ତୁମ ଆଗମନରେ ମା ଭବାନୀ
ପ୍ରତିଟି ମନ ପ୍ରାଣ ପ୍ରକମ୍ପିତ ॥
ପଡିଯାଉ ମା ପୂର୍ଣ୍ଣଚ୍ଛେଦ
ଅଜସ୍ର ଆନ୍ତରିକ ଶକ୍ତିରେ,
ପ୍ରତିଟି ପ୍ରାଣ ପୁନଃ ସ୍ପନ୍ଦିତ
ମା ତୁମ ପବିତ୍ର ଆଗମନରେ ॥
ଈର୍ଷା, ଦ୍ୱେଷ, ଘୃଣା ଓ କ୍ଷୁଧାରେ
ସାରା ବିଶ୍ୱ ଦେଖ କବଳତ,

ଉଦ୍ଧାର କର ମା ଜଗତଜନନୀ
ତ୍ରାହି ତ୍ରାହି ଡାକେ ଏ ଜଗତ ॥
ରକ୍ଷା କର ମା ଏ ଦୁର୍ଗତୀରୁ
ଡାକୁଛି ମା ଦୁର୍ଗତିନାଶିନୀ
ତ୍ରିଲୋକରେ ପାପ ଦୂରିଭୂତ କର,

ପ୍ରାର୍ଥନା କରୁଛି ମା କାମ୍ପିଲ୍ୟବାସିନୀ ।
ଭକ୍ତି ଓ ଶକ୍ତି ସବୁ ଏକାକାର
ସ୍ୱାଗତମ ମା ଦଶଭୂଜା
ତୁମ ଚରଣରେ କରେ ବନ୍ଦନା
ଜଗତେ ଉଡୁ ମା ଧର୍ମର ଧ୍ୱଜା ॥

ଅଧ୍ୟାପକ(ପଦାର୍ଥ ବିଜ୍ଞାନ), ଭୈରବ ମହାବିଦ୍ୟାଳୟ,
ବୋରିଗୁମ୍ମା, ଜିଲ୍ଲା-କୋରାପୁଟ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା
ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ
ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ
ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର,
ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର
ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।

# ଅଜ୍ଞତା ଓ ଅନ୍ଧବିଶ୍ୱାସ



ବରଦା ପ୍ରସନ୍ନ ଦାସ

ଅଜ୍ଞତା ଓ ଅନ୍ଧବିଶ୍ୱାସ ବ୍ୟାପକ ମାତ୍ରାରେ ମାନବ ସମାଜକୁ ଆଜି କବଳତ କରିଛି । ସମସ୍ତେ ଅଳ୍ପେ ବହୁତେ ଏହାର ଶିକାରେ ହୋଇଛନ୍ତି । ବିଦ୍ୟାଳୟ ବା ମହାବିଦ୍ୟାଳୟ ଶିକ୍ଷା କେବଳ ଚାକିରି ଅଭିମୁଖୀ ହୋଇଛି । ଚାକିରି କରି ରୋଜଗାର କରିବା, ବେପାର ବଣିଜ କରିପରିବାର ଭରଣପୋଷଣ କରିବା, ସମାଜର ସେବା କରିବା ବା ଆଧ୍ୟାତ୍ମିକ ମାର୍ଗରେ ଆଗେଇବା ଏ ସବୁ ଅଲଗା ଅଲଗା ବ୍ୟାପାର । ମାତ୍ର ଜ୍ଞାନ ଆହରଣ କରି ସଭ୍ୟଶିକ୍ଷିତ ହେବା ଏକଥା ବେଶୀ ଲୋକ ଚାହାନ୍ତିନ ।

ସମ୍ବିଧାନରେ ଧର୍ମନିରପେକ୍ଷତା ଶବ୍ଦର ବ୍ୟବହାର ବିଶେଷଜ୍ଞମାନେ କରିଛନ୍ତି । ଖ୍ରୀଷ୍ଟିୟାନମାନେ ବାଇବେଲ ପାଠ ଓ ମୁସଲମାନମାନେ କୋରାନ୍ ପାଠ ତଥା ପଞ୍ଜାବୀମାନେ ଗୁରୁଗ୍ରନ୍ଥ ସାହେବ ଆଦି ପାଠ କରିବାରେ ଯେପରି ଆଗ୍ରହ ଦେଖାନ୍ତି, ହିନ୍ଦୁମାନେ ବେଦ, ଗୀତା, ଭାଗବତ ଆଦି ପାଠ କରିବାରେ ସେପରି ଆଗ୍ରହ ପ୍ରକାଶ କରିନଥାନ୍ତି । ବିଦ୍ୟାଳୟ ମାନଙ୍କରେ ଏ ସମ୍ପର୍କରେ ଶିକ୍ଷାଦାନର ବ୍ୟବସ୍ଥା ଥିଲେ ସମସ୍ତେ ଭାଗ୍ୟ, ଭଗବାନ, ସୃଷ୍ଟି ଆଦି ବିଷୟରେ ସମ୍ୟକ ଜ୍ଞାନ ପାଆନ୍ତେ । ଭାରତ ପରି ହିନ୍ଦୁ ରାଷ୍ଟ୍ରରେ ଧର୍ମ ନିରପେକ୍ଷ ନୀତି ଅବଲମ୍ବନ କରାଯାଉଥିବାରୁ ଆମ ଶାସ୍ତ୍ର ଆମଠାରୁ ଦୂରେଇ ରହିବାକୁ ବାଧ । ଫଳରେ କିଛି ଭଣ୍ଡ ବୃତ୍ତିଧାରୀ ବ୍ୟକ୍ତିମାନଙ୍କର ଆବିର୍ଭାବ ହେଉଛି । ସେମାନେ ସମସ୍ୟା ଜର୍ଜରିତ ଜନତାଙ୍କୁ ବିଭିନ୍ନ ଉପାୟ ଏପରିକି ସମ୍ମୋହନ ବିଦ୍ୟାବଳରେ କାବୁ କରି ମୁଣ୍ଡରେ ଭିନ୍ନ ଭିନ୍ନ ନୀତି ପ୍ରବେଶ କରାଇ ସଫଳକାମୀ ହୁଅନ୍ତି । ଫଳରେ ମଣିଷ ପରିସ୍ଥିତିର ଦାସ ହୋଇ ଅଜ୍ଞତାର ଫାଶରେ ପଡେ ଓ ବିଶ୍ୱାସ, ଅବିଶ୍ୱାସ ଅନ୍ଧବିଶ୍ୱାସ ମଧ୍ୟରେ ଆଉଟୁପାଉଟୁ ହୋଇଥାଏ ।

ଏଣୁ ମଣିଷ ଦୁର୍ଲଭ ଜନ୍ମ ପାଇ କପରି ପ୍ରକୃତ ଜ୍ଞାନ ପାଇବ ସେଥିପାଇଁ କେତେକଙ୍କ ମନରେ ଜିଜ୍ଞାସା ରହିଥାଏ । ସେଥିପାଇଁ ନିର୍ଦ୍ଦିଷ୍ଟ ପୁସ୍ତକଟି ମିଳେନି, ଶିକ୍ଷକଟିଏ ପାଇବା କଷ୍ଟକର ହୋଇପଡେ । ପ୍ରକାଶକମାନେ ଭିନ୍ନ ଭିନ୍ନ ପୁସ୍ତକ ପ୍ରକାଶ କରିଛନ୍ତି । ମାତ୍ର ଉପାୟ ଭିନ୍ନଭିନ୍ନ ହୋଇଥିବାରୁ କାହାକୁ ସହଜରେ ଗ୍ରହଣ କରିବା ଏକ କାଠିକର ବ୍ୟାପାର । ସମାଜରେ ବହୁ ବିଦ୍ୱାନ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ମାତ୍ର ସବୁ କ୍ଷେତ୍ରରେ ବା ସବୁଠାରେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛନ୍ତି କି? ତାର କାରଣ ହେଲା, ନାନା ମୁନିଙ୍କ ନାନା ମତ!

ଅଜ୍ଞତାରୁ ଜନ୍ମନିଏ ଅନ୍ଧବିଶ୍ୱାସ । ବିଶ୍ୱାସ ଅବିଶ୍ୱାସ ଦୋ ଛକରେ ମାନବସମାଜ ଗତି କରୁଛି । ବିଦେଶରେ ପୂର୍ବଜନ୍ମକୁ ବିଶ୍ୱାସ ନକରୁଥିବାବେଳେ କେତେକ ଦେଶର ଏହାକୁ ବିଶ୍ୱାସ କରନ୍ତି । କର୍ମ, ଭାଗ୍ୟ, ଭଗବାନ, ଜାତକ ଆଦି ସମ୍ପର୍କରେ ଶିକ୍ଷା ବିଭାଗ ନୀରବ । ଅସଲି ଶିକ୍ଷାରେ ଏ ବିଷୟ ନାହିଁ, ବ୍ୟକ୍ତିଗତ ସ୍ତରରେ ଯିଏ ଯାହା ପଢିଲା ଜାଣିଲା, ଦେଖି ଶୁଣି ଶିଖିଲା । କେମିତି ତତ୍ତ୍ୱଜ୍ଞାନ ସମ୍ପର୍କରେ ଜ୍ଞାତ ହେବା, ଜିଜ୍ଞାସୁଟିର ଏଥିପାଇଁ ସାମାଜିକ ବ୍ୟବସ୍ଥା କଣ? ଭିନ୍ନ ଭିନ୍ନ ଉପାୟ ପୁସ୍ତକ, ଧର୍ମାବଲମ୍ବୀମାନଙ୍କର ପ୍ରବଳ ଗହଳ । ଅସଲି କିଏ? ନକଲି କିଏ ଜାଣିବା କଷ୍ଟକର । ଯେଉଁ ଜ୍ଞାନ ଶାସ୍ତ୍ରରୁ ମିଳଲେ ସତ ଶିକ୍ଷା ପାଇହେବ ସେ ଜ୍ଞାନ ବିତରଣର ବ୍ୟବସ୍ଥା ସ୍ୱଳ୍ପ । ପୂର୍ବେ ଶୈଶବ ଅବସ୍ଥାରୁ ଗୁରୁକୁଳ ଶିକ୍ଷା ପ୍ରଦାନର ବ୍ୟବସ୍ଥା ଥିଲା । ସଂପ୍ରତି ସେ ସବୁ ନାହିଁ । ସାଧାରଣ ମଣିଷଟିଏ ଆଖିଥାଏ ଅନ୍ଧ । ଜ୍ଞାନର ଆଲୋକରେ ନିଜେ ଆଲୋକିତ ହେଲେ ଅନ୍ୟକୁ ଆଲୋକିତ କରିପାରିବ । ସେଥିପାଇଁ ସାମାଜିକ ବ୍ୟବସ୍ଥାକୁ ସଜାଡିବାକୁ ପଡିବ । ଏ ଦିଗରେ ନେତୃତ୍ୱ କିଏ, କପରି ନେବ ତାହାହିଁ ଆଜିର ଚିନ୍ତନ । ସଂପ୍ରତି ଆମେ ସ୍ୱାଧୀନ । ଆମ ଶାସ୍ତ୍ର ଶିକ୍ଷା କରିବାରେ ସ୍ୱାଧୀନତା ଅଛି । ମାତ୍ର ଆଗ୍ରହ ନାହିଁ । ସାମାଜିକ ବ୍ୟବସ୍ଥା, ଶିକ୍ଷାଦାନର ଘୋର ଅଭାବ ରହିଛି । ଫଳରେ ଲୋକେ ସଦଜ୍ଞାନ ପାଇବାରୁ ବଞ୍ଚିତ ହେଉଛନ୍ତି ।

ଅନ୍ଧବିଶ୍ୱାସ, ଅବିଦ୍ୟା ଯୋଗୁଁ ସଂସାରରେ ଅନେକ ଦୁଃଖ ସମସ୍ୟା ଲାଗି ରହିଛି । ଯଥା ମନ୍ତ୍ରପାଠ କରି ମାଟି ପିତୁଳାକୁ ଜୀବନ୍ୟାସ ଦେବା ଓ ବିସର୍ଜନ କରିବା । ମୃତ୍ୟୁପରେ ଦଶାହ, ଏକାଦଶାହ ଆଦି କର୍ମ, ଶ୍ରାଦ୍ଧ ଓ ପିଣ୍ଡଦାନ ପଦ୍ଧତି, କପରି ପ୍ରଭୁ ପୂଜା କରିବା, ଭାଗ୍ୟଫଳ ଗଣନା, ଏସବୁ ବିଶ୍ୱାସରେ ବିଭିନ୍ନ ସଂପ୍ରଦାୟକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଥାଏ । ମାନବୀୟ ଦୃଷ୍ଟିକୋଣରୁ ବାଇବେଲ, କୋରାନ୍, ଶିଖ୍, ବୁଦ୍ଧ, ଜୈନ, ହିନ୍ଦୁ ଧର୍ମ

ଅନୁଯାୟୀ ବିଧିବ୍ୟବସ୍ଥାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ମାତ୍ର ଅନ୍ଧାନୁସରଣ କରି ଠିକ୍ ଭୁଲ୍ ବିଶ୍ୱାସ ନକରିବା କଣ ଠିକ୍ ମାର୍ଗ କି? ଏଣୁ ଅନୁସନ୍ଧିତ୍ସୁ ହୋଇ ସୁ-ଜୀବନ ଧାରଣା କରିବାକୁ ହେଲେ ମାନସମନ୍ଥନ କରିବାକୁ ହେବ । ସନାତନ ଧର୍ମର ବୈଦିକ ଜ୍ଞାନ ଆହରଣ ପାଇଁ ପ୍ରୟାସ କଲେ କ୍ରମେ ମନରୁ ଅନ୍ଧବିଶ୍ୱାସ ଲୋପ ପାଇଯିବ । ପୂଜାପାଠ ମାଧ୍ୟମରେ ପାପକୁ ନଷ୍ଟ କରିହୁଏ ବୋଲି ଭାବିବାର କଥା ସଂପୂର୍ଣ୍ଣ ମିଥ୍ୟା ଏବଂ ମୂର୍ଖତା ଅଟେ । ଏହି ବିଚାର ବେଦ ବିରୁଦ୍ଧ, ବିଜ୍ଞାନ ବିରୁଦ୍ଧ, ତର୍କ ବିରୁଦ୍ଧ, ବିବେକ ବିରୁଦ୍ଧ ଅଟେ । ଏହା ଅଜ୍ଞତାବଶତଃ ଅନ୍ଧବିଶ୍ୱାସ ଅଟେ ।

ଯେଉଁ ଶରୀରରୁ ଜୀବାତ୍ମା ସଂପୂର୍ଣ୍ଣ ରୂପେ ଚାଲିଗଲା, ଜ୍ଞାନୀ ପୁରୁଷଗଣ ଓ ଶାସ୍ତ୍ରଗୁଡିକ କହନ୍ତି ସେ ମନୁଷ୍ୟ ଭୂତ ହୋଇଗଲା । ତାର ଅସ୍ତିତ୍ୱ ଆଉ ବର୍ତ୍ତମାନ ନାହିଁ । ଭୂତର ଅର୍ଥ ଅତୀତକୁ ଚାଲିଗଲା । ଲୋକେ ଏ ଦୁଇଟି ଶବ୍ଦର ସମ୍ୟକ ଅର୍ଥକୁ ନ ବୁଝି ଅଙ୍କନ ଓ ଅନ୍ଧବିଶ୍ୱାସରେ ପଡି ନାନାଦି ହଇରାଣ ହୋଇଥାନ୍ତି । ଏ ଅଜ୍ଞାନତାର ସୁଯୋଗ ନେଇ ତାନ୍ତ୍ରିକ ବା ଗୁଣିଆମାନେ ସରଳ ଜନତାଙ୍କୁ ସର୍ବଦା ଶୋଷଣ ଓ ଅତ୍ୟାଚାର କରୁଛନ୍ତି । ସେହିପରି ଅନ୍ତରର ପଶୁ ଆଚରଣ ବା ପଶୁତ୍ୱକୁ ବଳଦେବା ପାଇଁ ବା ହତ୍ୟା କରିବା ପାଇଁ କୁହାଯାଇଥିବା ବେଳେ ଆମ୍ଭେ ପଶୁକୁ ବଳଦେଇ ଠାକୁରାଣୀଙ୍କ ପାଖରେ ମନର କାମନା ପୂର୍ଣ୍ଣ ପାଇଁ ପ୍ରୟାସୀ ହୋଇଥାଉ ।

ବୈଜ୍ଞାନକ ଉପାୟରେ ବିଚାରବିମର୍ଶ ନକଲେ ଅନ୍ଧବିଶ୍ୱାସ ଦୂରୀଭୂତ ହେବା କଷ୍ଟକର । ଏ ବିଷୟକୁ ଯଥାର୍ଥ ବିଭାଗର ଅନ୍ତର୍ଭୁକ୍ତ କରାଯାଇ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଗଲେ ଲୋକେ ଜ୍ଞାତ ହେବା ସଙ୍ଗେସଙ୍ଗେ ସମାଜରୁ ଅନ୍ଧବିଶ୍ୱାସ କ୍ରମେ ଲୋପ ପାଆନ୍ତା । ଅନ୍ଧବିଶ୍ୱାସରୁ ମୁକ୍ତି ପାଇବା ଆଜିର ଜରୁରୀକତା ଆବଶ୍ୟକତା ଅଟେ । ସତ୍ୟ ଏବଂ ଯଥାର୍ଥ ଜ୍ଞାନଲାଭ କରି ବିଶ୍ୱବାସୀ ସୁଖୀ ହୁଅନ୍ତୁ ।

ଉପ ନର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ତୁମ ବିନା



ଏକାଙ୍କିକା ବୋଇତାଇ

ଏବେ ଯଦି ଅଗ୍ଣନକ
ହଠାତ୍ ମୋ ଆଗରେ ଉଭା ହୋଇ
ମତେ ତୁମେ ପଗ୍ଚରିବ
ମୋ ବିନା ତୁ କେମିତି ବିତାଇଛୁ ଦିନରାତି
ତୁମ ପ୍ରଶ୍ନର ବାଣରେ ତରବି ଯାଆନ୍ତା ତ ମୋର
ଶବ୍ଦ ସବୁ ଫେରିଯାନ୍ତେ
ଭାଷା ମୋର ଲୁହ ହୋଇ ବହିଯାନ୍ତା
ମୂର୍ତ୍ତିଟିଏ ପରି ତୁମେ ବି ଠିଆ ହୋଇ ରହିଥାନ୍ତ ।

ତୁମ ଘର, ବାଡି, ଇଡିପାହାରେ ମନପ୍ଲାଣ୍ଟ
କବାଟ କଣର ଠେଙ୍ଗା କବଲ୍ ପାଉତି
ଖଜଣା ରସିଦ, ଆସବାବ ପତ୍ର
ତୁମ ପିନ୍ଧା ସାର୍ଟ, ପ୍ୟାଣ୍ଟ
ଆକ୍ୟୁରିୟମର ମାଛ
ଆଦରରେ ପାଳୁଥିବା କୁକୁର ଛୁଆ
ସବୁ ସେମିତି ଅଛନ୍ତି, ଦିନଯାଇ ରାତି ବି ଆସୁଛି
ମୁଁ କିନ୍ତୁ ଅହରହ ଜଳୁଅଛି
ସ୍ମୃତିର ନିଆଁରେ, କଥାକୁହା ଚଢେଇଟା ଚୁପଚାପ୍
ମନମାରି ବସିଅଛି, ଥୁଣ୍ଟାଗଛ ଡାଳେ

ସତେ କେତେ ଭଲ ଥିଲ୍ ଏ ଜୀବନ
ନିର୍ବିକାରେ ରହୁଥିଲି, ତୁମ ବାହୁ ଛାୟା ତଳେ
ଖେଳୁଥିଲି ଫୁଲ ପ୍ରଜାପତି ଖେଳ
ମନେ ମନେ ଭାବୁଥିଲି
ଜୀବନଟା ବୋଧେ ରଙ୍ଗ ରସଭରା ଏକ
ପ୍ରଗତିର ସହର ।
ଭାବିତ ନଥିଲି କେବେ, ଅଶୁଭର କଳା ବାଦଲଟେ
ଢାଙ୍କିଦେବ ଜୀବନର ସୂର୍ଯ୍ୟ
ଅନ୍ଧକାର ଛାଇଯିବ, ଲିଭିଯିବ ମଥାର ସିନ୍ଦୁର
ତନ୍ନ ତନ୍ନ କରି ଅନୁଭବ କରୁଛି ମୁଁ ଏବେ
ଜୀବନ ପୃଷ୍ଠାକୁ
ଘୂରିଆଡେ ହୋ ହାଲ୍ଲା, ଲୋକାରଣ୍ୟ ଆଲୋକ ଫୁଆର
ଘନ ଘୋର ଅନ୍ଧାରରେ କମ୍ପେ ପାଦ ମୋର ଟଳମଳ
ମୋ ଆଖିର ଦିପାଳୀରେ
ସ୍ମୃତିର ସଳତା ହୋଇ
ଅହରହ ଜଳୁଅଛ ତୁମେ ।

ମାର୍ଫତ – ଆଶୋକ କୁମାର ମହାପାତ୍ର
ବାଗ ବୃନ୍ଦାବନ, ହସପିଟାଲ ରୋଡ, ବାଲେଶ୍ୱର

# ଆତ୍ମଗ୍ଲାନ



ସଂଯୁକ୍ତା ସାହୁ

କେଉଁ ଏକ ଅସଜଡ଼ା ମୁହୂର୍ତ୍ତରେ

ଆତ୍ମଗ୍ଲାନ ଅବଶୋଷର

ହୀନମାନ ଶୈଶବର

ନରଳସ ଶବ୍ଦହୀନ ଯୌବନର

ଦିଗହୀନ ଏକୁଟିଆପଣ ପାନ୍ଥଶାଳର

କୁଳକନାର୍ ପାଉନଥିବା କଶୋରୀର

ଅଶ୍ଳେଷଭର୍ କ୍ଷୋଭ ନଭୃତ କୋଣର

ଲକ୍ଷହୀନ ଅକୁହା କାହାଣୀର

କେଉଁଠି ଆରମ୍ଭ କେଉଁଠି ଶେଷ

ଅନେକ ଦୁଃଖ ଯନ୍ତ୍ରଣା

କୋହର ସମାହାର

କାହାରିକୁ ନଦେଖେଇ

ପାରିବା ପଣିଆର

ଖାଲି ମରୀଚକା ଅତଳ ମନଗହନର

ମନଖୋଲି ହସିବାକୁ ଆଦେଶ

ନ ଥାଏ ତାହାର

ବ୍ରତି ବିତିଯାଏ ସବୁଦିନ

ଜଡ଼ସଡ଼ ସ୍ୱପ୍ନର
ଛାଇ ହୋଇଯାଏ ଖାଲି
ଭୟ ଆଉ ଭୟର
ଦିନ ବିତିଯାଏ ଅଶାନ୍ତମନର
ଅସମ୍ଭବ ଶୂନ୍ୟତାର
ରକ୍ତ ଜୁଡୁବୁଡୁ ଆତ୍ମା ଭିଜିଯାଇଛି
ଆଖି ଲୁହର
ନା କାନ୍ଦିପାରେ ନା ହସିପାରେ
ଖୋଲା ଆକାଶର
କଣ ଭାଗ୍ୟର ବିଡ଼ମ୍ବନା
ନା ଆତ୍ମଗ୍ଲାନ ଅବଶୋଷର ।

ଉପସଭାପତି, "ମାଟିଘର ସାହିତ୍ୟ ସଂସଦ "
ଗ୍ରାମା, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଝିଅର ମାଆ



ପରମିତା ମିଶ୍ର

ରିଚା ତ କହିକି ଫୋନ କାଟି ଦେଲା ଯେ ତାକୁ ବହୁତ୍ କାମ ଅଛି, ମାସକ ଜାକ ପାଇଁ ଚାଉଳ କାଢିବାର ଅଛି । ବହୁତ କାମ ପଡିଛି ପରେ କଥା ହେବି କିନ୍ତୁ ମା ସୁଜାତାକୁ ଭାରି ବ୍ୟସ୍ତ ହୋଇପଡିଲେ । ନୂଆଁ ବାହାହୋଇଛି ଝିଅ ରିଚା । ବଡ ଅଲିଅଳର ଝିଅ ତାଙ୍କର । ଅଭାବ ହେଲେ ବି କୁଟାଟିଏ ବି ଗଡି କରିବାକୁ ଦେଇ ନଥିଲେ ଝିଅକୁ । ବାପା ଥିଲାବେଳେ ରିଚାକୁ ଗୋଡରେ ବସେଇ ଖୁଆଇ ଦେଉଥିଲେ।ଭାରି ଗେହ୍ଲା ସେ ବାପାଙ୍କର । ବହୁତ ଜଲଦି ଇହଧାମ ଛାଡିଦେଲେ ସେ ହେଲେ ଯିବା ଆଗରୁ କହି ଯାଇଥିଲେ ଝିଅକୁ ଖୁବ୍ ପଢେଇବ । କେବେ କୌଣସି ଜିନିଷରେ ଅଭାବ କରିବନି । ମା ବି ସେୟା କଲେ । ରିଚର ବହୁତ୍ ଭଲରେ ଲାଳନପାଳନ କଲେ। ଝିଅ ସହରରେ ବହୁତ୍ ଭଲ ଚାକିରିଟାଏ ବି ପାଇଲା । ଆଉ ଏଇ ଅଳ୍ପ ଦିନ ହେବ ତାକୁ ପାଖ ଗାଁରେ ଏକ ଭଲ ଘର ଦେଖି ବାହା ଦେଇଛନ୍ତି । ଜ୍ୱାଇଁ ବି ସେଇ ଅଫିସରେ ଭଲ ଚାକିରି ଖଣ୍ଡେ କରନ୍ତି । ସ୍ୱାମୀ ସ୍ତ୍ରୀ ଦୁହେଁ ଦୁଇ ମାସ ଛୁଟି ନେଇଥିଲେ ବାହାଘର ପାଇଁ । ଦୁଇ ଦିନ ପରେ ଛୁଟି ସରିଯିବ । ଝିଅ ଜ୍ୱାଇଁ ଦୁଇ ଜଣ ଚାଲିଯିବେ।

କିନ୍ତୁ ଆଜି ହଠାତ୍ ଝିଅର କଥା ଶୁଣି ସୁଜାତା ଭାରି ବ୍ୟସ୍ତ ହୋଇପଡିଲେ । ସାରା ଦିନ ଗୋଟିଏ ଜାଗାରେ ବସି ପାରିଲେନି । କୋଉଠି କଣ ଅଛି ସବୁ ଦରାଣ୍ଡି ପକେଇଲେ । ଦୁଇ ମାସ ହେଲା ଝିଅ ବାହା ହୋଇକି । ଯାହା ଯୋଉଠୁ ପଇସା ପତ୍ର ଥିଲା ସବୁ ସରିଛି । ମୁଣ୍ଡ କିଛି କାମ କରୁନି । ଧାଇଁ ଗଲେ ବରିଆକୁ । କିଛି ବୁଦ୍ଧି ବାଟ ନପାଇ କୁଲା ଖଣ୍ଡେ ଧରି ବସିଗଲେ । ଭୋକଶୋଷ ଛାଡି ଦିନଟାଯାକ ଲାଗିପଡି ଦୁଇ ବସ୍ତା ଚାଉଳ ଯୋଗାଡ କଲେ।

ସାରା ରାତି ଆଖିରେ ନିଦ ନାହିଁ । ଗୁଡ଼ାଏ ଭାବନାରେ ରାତି ପାହିଲା । ଆଜି ସନ୍ଧ୍ୟାରେ ଝିଅ ଚାଲିଯିବ ତେଣୁ ତା ପାଇଁ ତାରି ପସନ୍ଦର ତଥା ଜୋଇଁ ବାବୁଙ୍କ ପସନ୍ଦର ନାନା ଦରବ ସବୁ ବରାଦ ଦେଇ ବନା ଗଲା । ଋଇତ ସମୟରେ ଆସିଗଲା । ସୁଜାତା ଆଉ ରହି ପାରୁନଥିଲେ, କାଳ ବିଳମ୍ବ ନକରି ଧାଇଁଲେ ଝିଅ ଘରକୁ । ଏତେ ସକାଳୁ ମାକୁ ତା ଘରେ ଦେଖି ରିଙ୍କୁ ବି ଆଶ୍ଚର୍ଯ୍ୟରେ ଚାହିଁ ରହିଲା । କହିଲା ମା ଟ୍ରେନ ତ ରାତିରେ ଅଛି, ମୁଁ ତ ଆସିଥାନ୍ତି ତୁମ ପାଖକୁ । ଝିଅକୁ ଉପରୁ ତଳକୁ ଚାହିଁ ସୁଜାତା କହିଲେ ତୁ କୋଉଠି ମାସ କର ଚାଉଳ କାଢି ପାରିବୁ । ଋଇତ ଆଡ଼େ ଇସାରା ଦେଇ କହିଲେ ଚାଉଳ ନେଇ ଆସିଛି, ଆରାମରେ ମାସେ ପଳେଇବ ବୁଝିଲୁ । ଋଇତ କହିଲା ଆଲୋ ମା ସାଆନ୍ତାଣୀ ପରା କାଲି ଦିନ ଯାକ ଲାଗିକି ତୋ ପାଇଁ ଭାର ଯୋଗାଡି ଛନ୍ତି । ସୁଜାତାର ମୁହଁରୁ ତାର କ୍ଲାନ୍ତି ସଫା ଜଣା ପଡୁଥିଲା । ରିଙ୍କୁ ମାଆକୁ ଏମିତି ଅବସ୍ଥାରେ ଦେଖି ନିଜ ଲୁହ ସମ୍ଭାଳି ପାରିଲାନି । କହିଲା ମୋତେ ଆଉ ଥରେ ଟିକେ ପଚାରି ପାରିଲାନି ମାଆ ଏତେ କଷ୍ଟ କରିବା ଆଗରୁ । ମୁଁ ଦୋକାନରୁ ମାସକର ଚାଉଳ ଆଣିବାକୁ ଯିବା କଥା କହିଥିଲି, ଆଙ୍ଗୁଠି ନିର୍ଦ୍ଦେଶ କରି ଦେଖାଇଲା ବସ୍ତାଏ ଚାଉଳକୁ । ସୁଜାତା ହାଁ କରି ଚାହିଁ ରହିଥିଲେ । ସମୁଦୁଣି ଆସି କହିଲେ ହଇହୋ ସମୁଦୁଣି ମୁଁ ବିଭାଘର ଦିନ ପରା କହିଥିଲି ମୁଁ ଝିଅ ନେଉଛି ପୁଅ ଦେଉଛି । ତା ପରେ ବି ତମକୁ ଲାଗିଲା ମୁଁ ଆମ ବୋହୂ ହାତରେ ଏତକ ଯାକ କାମ କରେଇବି । ସୁଜାତା ମୁଣ୍ଡ ଲଇଁଗଲା ଟିକେ ଲାଜରେ । କହିଲେ କାମ କଥା ନାହିଁ ସମୁଦୁଣି, ମୋ ଝିଅ ଯେତେ ବଡ କାମ ବି କରିଦେବ । ହେଲେ ମୁଁ ଝିଅର ମାଆ ନା ମନଟା ମାନିଲାନି ।

ରିଙ୍କୁ ମାଆକୁ କୁଣ୍ଢେଇ ବହେ କାନ୍ଦୁଥିଲା । ।

ଆମ୍ବପୁଆ, ବ୍ରହ୍ମପୁର-୧୦

# ମା ମଙ୍ଗଳା

ଦୀପା ମହାନ୍ତି

କେଉଁ ଶବ୍ଦ ନେଇ ଲେଖିବି ଲୋ ମା
ଶବ୍ଦ ଜମା ପାଉନାହିଁ,
ଲେଖୁଲେଖୁ ତୁମ ନାମ ଯେ ଅନେକ
ସ୍ମରଣରେ ଆସୁଥାଇ ।।

କାକଟପୁରେ ମା ମଙ୍ଗଳା ସାଜିତୁ
ଭକତ ଆପଣା କଲୁ,
ଘଟଗାଁରେ ମା ତାରିଣୀ ନାମରେ
ଭକତ ମନ ମୋହିଲୁ ।।

ଫୁଲ ଭିତରେ ମା ବାଛିନେଲୁ ପୁଣି
ମନ୍ଦାର ଫୁଲକୁ ସାର,
ନାଲିନାଲି ପୁଣି ଦେଖାଯାଉଥାଏ
ମୋହିନଏ ମନ ତୋର ।।

ଭୁବନେଶ୍ୱରରେ ଗୌରୀ ସାଜିତୁ
ସ୍ୱୟଂ ବିଜମାନ ହେଲୁ,
ସମ୍ବଲପୁରରେ ସମଲେଇ ସାଜି
ସ୍ୱୟଂ ବିମୋହିତ କଲୁ ।।

ପଣାପାଣିରେ ମା ଆଗ୍ରହ କରିଛୁ
ଭକତ ଜାଣିଲେ ମନ,
କଳଯୁଗେ ମହାକାଳୀକା ସାଜିତୁ
କରିଲୁ ଦୁଷ୍ଟ ଦମନ ।।

# ହେ ମୋର ପଙ୍ଖା

ଦୀନବନ୍ଧୁ ପୋଇ

ହେମୋର ପଙ୍ଖା ତୁ ମୋ ପ୍ରିୟ ଶଖା
ଯେସନେ କୃଷ୍ଣ ସୁଦାମା,
କ୍ଷଣେ ତୋତେ ଯଦି ଛାଡ଼ି ଦେବି ମୁହିଁ
ଶରୀରଟି ହେବ କୋମା ।୧।
ପ୍ରକୃତିତ ଧାଉ୍ ମତେ ବଦଳୁ ନ
ବର୍ଷସାର୍ ଏଠି ଖଉ୍,
ଜନମ ଦିନରୁ ପିତା ମାତା ମୋର
ତୋ ଆଶ୍ରା ଲୋଡୁଛି ପଉ୍ ।୨।
ପାଣି ଓ ପବନ ଖାଦ୍ୟ ବିନା କେହି
ବଞ୍ଚିକପାରିବେ ମହୀ,
ଶୂନ୍ୟ କୋଠରିରେ ତୋତେ ଗୁଳ ଦେଲେ
ଡାକଥାଏ ନାହି ନାହି ।୩।
ବାୟୁ କୁ ପବନ କରି ଦେଇ ଥାଉ
କରୁଥାଉ ଗରଜନ,
ବିବାହ, ବ୍ରତ ଓ ମେଳା ମହୋତ୍ସବେ
ସବୁଠି ତୋ ଉପସ୍ଥାନ ।୪ ।
ରେଳଗାଡ଼ି ଉଡାଜାହାଜରେ ଥାଇ
କରୁ କେତେ ଉପକାର,
ତୋ ବିନା ପଙ୍ଖାରେ ଏ ମାନବ ଗୋଷ୍ଠି
ହୋଇବ ରେ ନାରଖାର ।୫।
ତୋତେ ଯେ ଘୂରାଏ ମୋତେ ସେ ଘୂରାଏ
ଖୋଜି ଖୋଜି ଯାଏ ଦିନ,
ପାଇବାତ କଷ୍ଟ ହୁଏ ଏ ଜୀବନେ
ନପାଇ ହୋଇବା ଲୀନ ।୬।

ଶିକ୍ଷକ, ଗୋରଡ଼ାପାଳ

# ମଦ



ତରଙ୍ଗ ଚଣ୍ଡି

ସେ ଦିନ ଅଫିସ୍ ରେ ସାହୁ ସାର ଆଉ ନଆଲ ସାର ଙ୍କ ମଧ୍ୟରେ ମଦ କୁ ନେଇ ବାକ୍ ଯୁଦ୍ଧ, ପ୍ରସଙ୍ଗ ମଦ ଭଲ କ ଖରାପ? ଠିକ୍ ସେହି ସମୟରେ ମୋ'ର ହାଜିର ସେମାନଙ୍କୁ ଖୋରାକ୍ ଯୋଗାଇଛି। ଇଚ୍ଛା ନଥିଲେ ବି ଶୁଣିବାକୁ ପଡିଛି, ଶେଷରେ ଉଭୟଙ୍କ ପ୍ରଶ୍ନ ମୋ ଉପରେ । କଛି ନ ବିଚାରି ସମାଧନ ପାଇଁ କହିଦେଲି ମଦ ଭଲ ।

ମୋ ଉତ୍ତର ଶୁଣି କଥା କଟା କଟି ସିନା ଖତମ୍ ହୋଇଗଲା ହେଲେ ମୋ ମନରେ ଅନେକ ପ୍ରଶ୍ନ ଆଘାତ କରି ଚାଲିଲା । କଥା ଟି କେତେ ଦୂର ସତ । ଏ ପ୍ରଶ୍ନ ରାତି ସାରା ଶୋଇବାକୁ ଦେଇ ନା।ବିଭିନ୍ନ ଦିଗରୁ ତର୍ଜମା କରିଚାଲିଛି .......

ମଦ କୁ ଓଡିଶା ରେ କଏ ବା ନ ଜାଣେ ! କେଉଁଠି ଯାକୁ ନାଲି ପାଣି ତ କେଉଁଠି ମଦିରା, ଆସ୍କା ୪୦, ସରାବ ଆଦି ଅନେକ ନାଁ ନେଇ ଆଦରରେ ଡାକଥାନ୍ତି ।

ଯଦି ମଦ ଖରାପ୍ ହୋଇଥାନ୍ତା ତେବେ ଏହାର ପ୍ରେମୀ ଏତେ ନ ଥାନ୍ତେ । ଯଦି ଏହା ଏତେ ଖରାପ ହୋଇଥାନ୍ତା ତେବେ ଯେଉଁ ସରକାର ଙ୍କୁ ଜନତା ବାଛିଛନ୍ତି ସେ ସରକାର ଏହାର ବିକ୍ରି ଉପରେ ପୁରସ୍କାର ରାଶି ରଖି ନ ଥାନ୍ତେ କ ବିକ୍ରି ପାଇଁ ଖୋଲା ଛାଡି ଦେଇଥାନ୍ତେ।।

ଗଞ୍ଜେଇ ଖରାପ୍ ବୋଲି ମୂଳୁ ଉପାଡି ବା ପାଇଁ ବାରମ୍ବାର ଚଡାଉ କରାଯାଉଛି, ସେ ହିସାବରେ ମଦ ଯଦି ଖରାପ ହୋଇଥାନ୍ତା ତେବେ କେବେ ଠୁ ବ୍ରେକ ଲାଗି ସାରନ୍ତା ।

ହାତ ପାଖରେ ଡାକ୍ତରଖାନା ର ସୁବିଧା ନ ଥାଇ ପାରେ, କି ମୋବାଇଲ୍ ନେଟ୍ ୱାର୍କ ଥାଇ ନ ପାରେ ହେଲେ ହାତ ପାହାନ୍ତାରେ ମଦ ସବୁଠି । ଗାଁ ମାନଙ୍କରେ ମଦ କୋଠି ଆଣିବା ପାଇଁ ନିଲାମ୍ ଗ୍ଭଲେ, ଗାଁ କୁ ବି ବେଶ୍ କିଛି ପଇସା ଭଟି ଆଉ କୋଠି ରୁ ମିଳିଯାଏ।

ପୋଲିସ୍ ଆଉ ଅବକାରୀ ବିଭାଗ ସବୁ ଦେଖନ୍ତି ଚୁପ୍ ରହନ୍ତି । ମାଉଁସ ଆଉ ମଦ ଆପଣା ଛାଏଁ ମିଳିଯାଏ ତା ସାଙ୍ଗ କୁ ମାସିକ ବଟି ବି ମିଳିଯାଏ, ଉପରି ଆୟ । ସରପଞ୍ଚ ଙ୍କୁ ବେଶ୍ କିଛି ଫାଇଦା । ମଦ କୋଠି ବନ୍ଦ କରାଇ ଦେବି ବୋଲି ଧମକ ଦେଲେ ଭଟି ମାଲିକ ଘିଅ ମହୁ ପଠାଇ ଦିଏ।

ରାସ୍ତାକଡରେ ଝୁମ୍ପୁଡି ମାନେ ବୁଝିନେବା କୁ ହେବ ମଦର ମନ୍ଦିର । ଆଉ ଭିଡ ହେଲା ଭକ୍ତ ଙ୍କ !! ଆଜିର ଦୁନିଆ କହିଲେ M କମ୍ପାନୀ ର, ଖାଲି ଲାଭ ହିଁ ଲାଭ, ଆଉ ଗରାଖ ଖୋଜି ବାର ଟେନସନ ନାହିଁ, ଗରାଖ ନିଜେ ଖୋଜି ଖୋଜି ଆସନ୍ତି। M କମ୍ପାନୀ କହିଲେ, ମଦ, ସ, medicine ଆଉ mobile। ଏହାର ଗ୍ରାହକ ସଂଖ୍ୟା ବଢିବାରେ ସିନା ଲାଗିଛି କମିବାର ପ୍ରଶ୍ନ ନାହିଁ ।

ଲୋକଙ୍କୁ ମଜୁରିଆ ଡାକିଲେ ମିଳନ୍ତିନି ହେଲେ ମଦ ବୋତଲେ ଦେଇଦେଲେ ଆପେ ଆପେ ଆସି କାମ କରି ଦିଅନ୍ତି । ଜନ ସଂଖ୍ୟା କମାଇବାରେ ଆଉ ଅପରାଧ ବୃଦ୍ଧି ରେ ମଦ ର ଭୂମିକା ଢେର୍। ସଡକ ଦୁର୍ଘଟଣା, ହତ୍ୟା, ଲୁଣ୍ଠନ, ଧର୍ଷଣ ଭଳି ଅନେକ କିଛି ଉପହାର ମଦ ଦେଇ ଥାଏ !!

କଥା ପଦେ ଭଲ କି କହି ପାରୁନଥିବା ଲୋକ ଯଦି ଛାକେ ନେଇଗଲା କ, କିଛି ପଢି ନଥିବା ଲୋକ ଢୋକେ ପିଇ ଦେଲା ତେବେ ଟନିକ୍ ଭଳି କାମ କରେ।। ଆଇରନ୍ ମେନ୍ ଭଳି ସାହାସ ଦେବା ସହ ଅନର୍ଗଳ ଇଂଲିଶ - ହିନ୍ଦୀ, ପାଟିରୁ ଆପେ ଆପେ ବହରାଇ ଦିଏ । ମଦ, ବୁଢିଆଣୀ ଜାଲ ପରି ଧୀରେ ଧୀରେ ମଣିଷ କୁ ଜାବୁଡ଼ି ଶେଷରେ ଲୁହାର ଶିକୁଳି- ପର୍ଯ୍ୟେ ତା ଜାଲ ରେ ଛନ୍ଦି ପକାଇ ମଣିଷ କୁ ନର୍କ କୁ ଠେଲି ଦେଇଥାଏ ।

ଗାଁ ରେ ଗୋଟିଏ ଦୁଇଟି ଦେଖା ଯାଉଥିଲା ଆଗରୁ, ହେଲେ ଆଜି ସବୁ ଗଣନା ଭୁଲ ହେବ। ବାହାଘର ହେଉ କି ଯାନିଯାତରା ଆଗ ମଦ ର ଖୋଜା, ଆଗେ ଘରକୁ ଅତିଥି ଆସିଲେ ପାଣିଢାଳେ ଦିଆ ଯାଇ ଗୁ ଯତ୍ନ ଯାଉଥିଲା, ଏବେ ଆଗେ ମଦ .....। ଶୁଭ ହେଉ କି ଅଶୁଭ ସବୁଥିରେ ମଦ ର ଗ୍ରହିଦା । ନିର୍ବାଚନ ବୈତରଣୀ ରେ ନଉକା ଭଳି କାମ କରେ । ଏବେ ତ ଶୁଣିବାକୁ ମିଳୁଛି, ବୋଲ ବମ ଭକ୍ତ ମାନେ ବି ବ୍ରତରେ ଉପଯୋଗ କରୁଛନ୍ତି ।

ଶିକ୍ଷା ବଢିଛି, ଶିକ୍ଷିତ ସଂଖ୍ୟା ବି ବଢିଛି, ତା ସାଙ୍ଗ କୁ ମଦ ପ୍ରେମୀ ସଂଖ୍ୟା ବି ଢେର୍ ବଢିଛି, ଯା ବାପା ମଦୁଆ ସେ ବେଶ୍ ଜାଣିପାରିଛି ମଦ ର ଅବଦାନ । ଶାନ୍ତି ଆଉ ଲକ୍ଷ୍ମୀ ତାଙ୍କ ପାଇ ସପନ ପାଲଟିଯାଏ, ଅଧା ବାଟରେ ପାଠ ରେ ଡୋରି ପଡିଯାଏ ।

ଗାଳ ମାଡ ରେ ସକାଳ ପାହି ଭୋକ ଉପାସରେ ରାତି କଟିଯାଏ । ଛିଣ୍ଡା କନା ରେ ଦେହ ଆଉ ପର କଥାରେ ମନ ଭରିଯାଏ । ଜୀବନ ଟା ଅଭିଶପ୍ତ ଅଭିଶପ୍ତ ଲାଗେ । ସମାଜରେ ନା ଆଦର ନା ଯାଗା ମିଳେ। ରାଜସ୍ୱ ସିନା ବେଶି, ହେଲେ ଯୁବ ପିଢି ଆଜି ଧ୍ୱଂସ ଆଡକୁ।

ମଦ କେତେ ଭଲ ଏ ଦିଗରେ ଶିକ୍ଷିତ ସମାଜ ଆଉ ଆମ ପ୍ରିୟ ସରକାର ଭାବିବା ର ବେଳ ଆସି ଯାଇଛି। କାହାକୁ ଠେସ୍ ପହଞ୍ଚାଇବା ମୋ'ର ଅଭିଳାଷ ନାହିଁ। ଦେବ ଭୂମି ପୂଣ୍ୟ ଭୂମି ଉତ୍କଳ ପ୍ରଦେଶ କୁ ଶିକ୍ଷା କୁ ଆୟୁଧ କରି ଶାନ୍ତି ମୟୀ ପ୍ରୀତି ମୟୀ ରାଇଜ ଭାବେ ଗଢିତୋଳିବା ପାଇଁ ଅନୁରୋଧ ।।

ଲିମସେର ବୃନ୍ଦାବାହାଲ,
ସାହିତ୍ୟ ସଂସଦ ଧର୍ମଗଡ

# ଅବୁଝା ପ୍ରିୟା

ଶିଶିର କୁମାର ପଣ୍ଡା

ହୃଦୟ କାହାକୁ ଦେଇନ ସୁନ୍ଦରୀ
ପାଇନ କାହାକୁ ଭଲ
ଜନମ ନେଇନ ପ୍ରେମରେ କାହାର
ହେବାପାଇଁ କଲବଲ ।
ତୁମକୁ ଦେଖିବା ଦିନରୁ ବସିଛି
ଆଶାର ବିହୁଡ଼ି ଜାଳ
ଜାଣେନା କେବେ ମୁଁ ଶୁଣିବି ତୁମଠୁ
ଅକୁହା ମିଠା ସେ ଗାଳ !
ଆନମନା ହେଲେ ମୋ ପାଖେ ଆସନ୍ତି
ଆକାଶରୁ ତାରା ଜହ୍ନ
ସିଏ ଯଦି ସବୁ ବୁଝିପାରୁଛନ୍ତି
ତୁମେ କି ବୁଝୁନ ମନ ?

କୁଆଁସ, ମେରଦା କାଟିଆ, ଯାଜପୁର

# ତୁମକୁ ମୁଁ ଖୋଜୁଛି



ପ୍ରକାଶ ଚନ୍ଦ୍ର ପଣ୍ଡା

ପୂର୍ଣ୍ଣିମାର ତୋଫା ଜହ୍ନର ଜ୍ୟୋତ୍ସ୍ନାରେ
ତୁମକୁ ମୁଁ ଖୁଜୁଛି
ମୃଦୁ୍ୟ ମଳୟର ସୁଲୁସୁଲୁ ବାହାରେ
ତୁମର ଉପସ୍ଥିତି ପାଇଛି ।
ଗୋଲାପର ରକ୍ତିମ ପାଖୁଡାରେ
ତୁମକୁ ମୁଁ ଦେଖୁଛି
ନିର୍ମଳ ଆକାଶରେ ତାରକା ମେଳରେ
ତୁମକୁ ମୁଁ ଖୁଜୁଛି
ଘନ ଅନ୍ଧାରର କାଳିମା ଅନ୍ଧାରରେ
ତୁମକୁ ମୁଁ ଖୋଜୁଛି ।
ଏଠି ସେଠି ସବୁଠି ଖୋଜିଲେ ଯେଉଁଠି
ନାଁ ମୁଁ ତୁମକୁ ପାଉଛି
ନାଁ ମୁଁ ତୁମକୁ ଦେଖୁଛି
ହଠାତ୍ ଦିନେ ରାତିରେ
ତୁମେ ଆସ ସ୍ୱପ୍ନରେ ।

ତୁମ କୁହ, ଭୁଲିଯାଅ
ମୁଁ ପା ତୁମଠାରୁ ଦୂରେଇ ଯାଇଛି
ଆଉପାରିବେ ମୁଁ ତୁମକୁ
ଅପେକ୍ଷା କରିଛି
ଆଖିରେ ମୋ ଅଶ୍ରୁଧାର
ନିରବରେ ବହୁଛି
ପୂର୍ଣ୍ଣିମାର ତୋଫା ଜହ୍ନ.....

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ବରଷା ରାଣୀ



ସୁବାସ ଚନ୍ଦ୍ର ମୁଦୁଲି

ବରଷାର ମୁକୁଳା ବେଣୀରେ
ସବୁଜିମା ଓଠ ଧାରେ
ପଣତ ତା ଉଡିଯାଏ
ଦୂର ଆକାଶରେ
ଫୁଲ ଫୁଟେ ଘନ କବରୀରେ
ବାଦଲର ଓଢଣୀ ତଳୁ
ଆଖିତାର ଲାଜେଇ ଯାଏ
ବିଜୁଳି ଆଲୁଅରେ
ଘଡଘଡି ଡରି ଯାଏ
ଇନ୍ଦ୍ରଧନୁ ଆସୁଛି ସାତ ରଙ୍ଗ ସାଜି
କାଳେ ନେଇଯିବ ବୋହୂ କରି
ବରଷା ରାଣୀକୁ

ବରିଷ୍ଠ ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକସ୍ଥାଳୟ, ସମ୍ବଲପୁର

# ଶରୀରକୁ ସମ୍ମାନ



ଶ୍ରୀ ଅଖଣ୍ଡ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଧର୍ମର ସମନ୍ୱୟର ଇଶ୍ୱର । ବିଭିନ୍ନ ଯୁଗରେ ପ୍ରକଟ ହୋଇଥିବା ଅବତାର ହେଉଛନ୍ତି ସ୍ୱୟଂ ଜଗନ୍ନାଥ । ତ୍ରେତୟାରେ ସେ ହିଁ ପୁରୁଷୋତମ ଶ୍ରୀରାମ ହୋଇ ପ୍ରକଟ ହୋଇ ରାବଣ ଓ ଅନ୍ୟାନ୍ୟ ଅସୁରକୁ ଶାନ୍ତ କରି ଧର୍ମ ସଂସ୍ଥାପନ କରିଥିଲେ । ଦ୍ୱାପର ଯୁଗରେ ଦେବକୀନନ୍ଦନ, ଗୋପୀରତ୍ନ ଓ ଯୋଶଦାକୋଳ ମଣ୍ଡନକାରୀ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ରୂପରେ ଉଭା ହୋଇ ଅନେକ ଲୀଳା ମାଧ୍ୟମରେ ସାରା ଜଗତରେ ପ୍ରେମ ଓ ଆନନ୍ଦର ସନ୍ଦେଶ ପ୍ରତିଷ୍ଠା କରିଥିଲେ । ପୁଣି ବୁଦ୍ଧରୂପରେ ସାରା ବିଶ୍ୱରେ ଅହିଂସା ଓ ଶାନ୍ତି ମାର୍ଗଦର୍ଶନର ଶିକ୍ଷା ଦେଇଥିଲେ । ସବୁ ଅବତାର ସେହି, ପୁଣି ସେ ଅବତାରୀ । କଳଯୁଗରେ ଏକ ମାତ୍ର ଅବତାର ପ୍ରଭୁ ଶ୍ରୀଜଗନ୍ନାଥ । ସେ ହିଁ କଲକୀ। ସେ ହିଁ ଆମର ସୃଷ୍ଟିକର୍ତା । ସେ ହିଁ ଆମର ତ୍ରାଣକର୍ତା । ବିଶ୍ୱର ଆଦି ଗୁରୁ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ହିଁ ବିଶ୍ୱଗୁରୁ । ତାଙ୍କୁ କଏ ପ୍ରଣାମ ନକରେ କହିଲେ ? ସଂସାରରେ କୋଟି କୋଟି ଭକ୍ତ ତାଙ୍କ ଭକ୍ତିରେ ମୋହିତ ହେଉଛନ୍ତି । ଜଗନ୍ନାଥଙ୍କ ଭକ୍ତିରେ ମଜି ଆନନ୍ଦ ଅମୃତ ପାଇଛନ୍ତି । ଦୁନଆରେ ସବୁ ଜିନଷ ଦିନେ ନା ଦିନେ ନାଶ ଯିବ, ପ୍ରଭୁ ହେଉଛନ୍ତି ଅକ୍ଷୟ । ସଂସାରର ସବୁ ଜିନଷକୁ ବ୍ୟକ୍ତ କରିହେବ, କନ୍ତୁ ଇଶ୍ୱର ହେଉଛନ୍ତି ଅବ୍ୟକ୍ତ । ଏହି ଜଗତରେ ଯାହାର ଆଦି ଅଛି, ତାହାର ନଶ୍ଚିତ ଅନ୍ତ ଅଛି । କନ୍ତୁ ମହାପ୍ରଭୁ ହେଉଛନ୍ତି ଅନାଦି, ଅନନ୍ତ ଓ ଅମର । ଏଭଳ ମହାପ୍ରଭୁଙ୍କୁ ଭକ୍ତି କଲେ, ପ୍ରଣାମ କଲେ ନଶ୍ଚିତ ଭାବେ ଅଶାନ୍ତ ମନରେ ମଧ୍ୟ ଆନନ୍ଦର ଜୁଆର ସୃଷ୍ଟି ହୁଏ । ଶ୍ରୀଜଗନ୍ନାଥଙ୍କ ନାମ ଓ ଗୀତକୁ ପ୍ରେମ ଓ ସ୍ନେହ ସହକାରେ ଭଜନ୍ତୁ । ସେ ଭାବର

ଠାକୁର । ଭକ୍ତର ଭାବରେ ସେ ବନ୍ଧା । ପ୍ରଭୁ ସିନା ଜଗତର ମାଲିକ । କିନ୍ତୁ ଭକ୍ତ ନିକଟରେ ପ୍ରଭୁ କବଳିତ । ଭକ୍ତର ଭାବ ପାଖରେ ସେ ଦୁର୍ବଳ । ତେଣୁ 'ଗୀତ ଶ୍ରୀଜଗନ୍ନାଥ' ପୁସ୍ତକରେ କୁହାଯାଇଛି, "ସ୍ନେହଭାବେ ଭଜ ଜଗନ୍ନାଥ ଗୀତ, ଭକ୍ତ କବଳିତ ପ୍ରଭୁ ଜଗନ୍ନାଥ" । ଆମେ ପ୍ରଭୁଙ୍କ ନିକଟବର୍ତ୍ତୀ ହେବା ପାଇଁ କଣ କରୁଛେ, ଏହା ଆମକୁ ଚିନ୍ତା କରିବା ଦରକାର । ପ୍ରଭୁଙ୍କ ନିକଟବର୍ତ୍ତୀ ହେବା ପାଇଁ ଆମେ କଣ ଦିବ୍ୟ ମାର୍ଗକୁ ଆପଣେଇଛେ କି ? ଆମେ କଣ ଆମ ପାଇଁ କିଛି ନିୟମ କରିଛେ କି ? ତେବେ ଆମ ପାଖକୁ କିଭଳି ପ୍ରଭୁଙ୍କ ଦିବ୍ୟ କୃପା ପହଂଚିବ ? ଜଗତର ବାନ୍ଧବ ସେହି ଶ୍ରୀରାମ କେଶବ ଶ୍ରୀଜଗନ୍ନାଥ । କିନ୍ତୁ ଆମେ ତାଙ୍କ ସହ ବନ୍ଧୁତ୍ୱ କରିବା ପାଇଁ କେତେ ଦୂର ପ୍ରସ୍ତୁତ ରହୁଛେ? ଆମେ ପ୍ରଭୁଙ୍କ ଦ୍ୱାରା ପ୍ରତିଷ୍ଠିତ ମାର୍ଗରେ ନ ଯିବାର କାରଣ କଣ ? ଆମେ ପ୍ରଭୁଙ୍କ ଜାଣିବା ଦରକାର ଓ ସବୁବେଳେ ମନନ ସ୍ମରଣ କରିବା ଦରକାର । ଏହି ଦେହରେ ହିଁ ବିଶ୍ୱାତ୍ମା ପ୍ରଭୁ ଜଗନ୍ନାଥ ବ୍ରହ୍ମ ରୂପରେ ଅବସ୍ଥାନ କରିଛନ୍ତି, ତାହା ବୁଝିବା ଦରକାର । କୋଟିତୀର୍ଥ ସମ ଏହି ନୀଳାଚଳ ଧାମ ଭଳି ଆମ ଶରୀର ପବିତ୍ର । ଆମେ କାହିଁକି ତାକୁ ମଦ, ମାଂସ, ନିଶାରେ ଅପବିତ୍ର କରୁଛେ? ଆମ ଦେହ ଶ୍ରୀମନ୍ଦିର । ତାରି ଭିତରେ ମହାପ୍ରଭୁ ଅବସ୍ଥାନ କରୁଛନ୍ତି । ଏହା ଯଦି ଆମେ ଭାବୁଛେ, ତାହାଲେ ଶରୀର ଶ୍ରୀମନ୍ଦିରକୁ ଆମେ ଜାଣିଶୁଣି ନଷ୍ଟ କରୁଛେ କାହିଁକି ? ଆସନ୍ତୁ ଶ୍ରୀଜଗନ୍ନାଥଙ୍କ ନାମ ନେବା ଏବଂ ଆମ ଦେହ ଓ ମନକୁ ପବିତ୍ର ରଖି ଦିବ୍ୟ ଜୀବନ ଅତିବାହିତ କରିବା ।

ଦୀକ୍ଷା ମିଶନ, ପିପିଲି, ପୁରୀ

# "ମା" ଆସୁଛନ୍ତି



ସତ୍ୟବ୍ରତ ସାହୁ

ଦଶ ଭୁଜେ ଦଶ ଅସ୍ତ୍ର ଧରି
ମହିଷାର ବକ୍ଷ ଦେଶେ ଶୂଳବିଦ୍ଧ କରି
ଦୁଷ୍ଟର ବିନାଶ ପାଇଁ, ସନ୍ତାନ ପାଳନ ପାଇଁ
ମା ମୋର ଆସୁଛନ୍ତି ଧରାପରେ ସାଜି ସଂହାରିଣୀ,
ଦୁଷ୍ଟ ପାଇଁ ହୋଇପାରେ ମା ସଂହାରିଣୀ,
ଭୟଙ୍କରୀ ଦୁଷ୍କର୍ମୀଙ୍କ ପାଇଁ
ହେଲେ ଶିଷ୍ଟ ପାଇଁ ପାରିଦିଏ ମା ତାର
ପଣତର କାନ ।
ମା ତ ଆସୁଛି ଖାଲି ଦୁଷ୍ଟଙ୍କ ସଂହାର ଆଉ
ସାଧୁଙ୍କର ଉଦ୍ଧାରଣ ପାଇଁ ।
ମା..... ତମେ ଆସ
ତବ ଆରାଧନା ପାଇଁ ପ୍ରସ୍ତୁତ ଧରଣୀ
ପ୍ରତି କଣ୍ଠୁ ଝରେ ତବ ଶକ୍ତିର କାହାଣୀ
ତମେ ପରା ସନ୍ତାନ ପାଳନୀ
ତେଣୁ ମା ମୋର ତବ ପଦେ ଏତିକ ଦଇନ
ଦୁଷ୍ଟ ନାଶି ଶାନ୍ତ କର ସାରା ବିଶ୍ୱ
ପ୍ରତି କଣ୍ଠୁ ଶୁଭୁ ତବ ଜୟ,
ଜୟ ମା ଦୁର୍ଗେ, ଭବାନୀ, ଶିବାନୀ,
ଅମ୍ବେ, ଅଭୟ ଦାୟିନୀ ମା
ଦୁର୍ଗତି ନାଶିନୀ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

ବେଦାନ୍ତୀ

# ମୁଁ କବିତା



ସୁଜାତା ଗିରି

ମୁଁ କବିତା.....
ପରିସ୍ଥିତି ଅବସ୍ଥା ଲେଖୁଛି
ହୃଦୟର ରହସ୍ୟ କୁ ଲେଖୁଛି !
ମନେ ମନେ
ଗୁଣୁ ଗୁଣୁ ହେଉଥିବା
ବେସୁର୍ ଛନ୍ଦର
ମଧୁରିଆ ସ୍ୱରକୁ ଲେଖୁଛି !

ଦରଦୀ ମନକୁ ବୁଝାଇ
କାଗଜରେ ଆଙ୍ଗୁଳକୁ ଛୁଇଁ
ନୟନର ନୀର କୁ ମିଳାଇ
ଖୁସିର ଉତ୍ସାହ କୁ ଲେଖୁଛି !

ଶୈଶବର ଅଗଣା
ଯୌବନର ଖିଆଲୀ ସ୍ୱପ୍ନ
ବାର୍ଦ୍ଧକ୍ୟର ପୀଡାର ବେଦନା
ତୋର ମୋର ଅସ୍ତିତ୍ୱ
ତେଲ ଲୁଣ ସଂସାରର
କାହାଣୀ ଲେଖୁଛି !

ପରମାତ୍ମାର ଜ୍ଞାନ
ମାନବ ରୂପୀ ଦାନବର
ପାପ କୁକର୍ମ
କାହାପାଇଁ କଠୋରତା
କାହାପାଇଁ ନମ୍ରତା
ସଦା ସତ୍ୟକୁ ଲେଖୁଛି

ମୁଁ କବିତା..
ସମୟ, ଅବସ୍ଥା, ପରିସ୍ଥିତି
ସତ୍ୟ, ନାୟକୁ ଲେଖୁଛି !!!

ଚନ୍ଦନେଶ୍ୱର, ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୧୬- ଅଦୃଶ ପଙ୍କ - କଟକ ସହର ବଡ ମହରଗ

### କଲ୍ୟାଣରେ କଲ୍ୟାଣୀ -

ଊଣେଇଶ ବାଷଠି ମସିହା ଅକ୍ଟୋବର ଛବିଶ ତାରିଖ । ଇଣ୍ଡୋଗ୍ଚଇନା ଯୁଦ୍ଧ ପାଇଁ ଦେଶରେ ଏମରଜେନ୍ସୀ ଘୋଷଣା ଜାରୀ । ଏଥର ଦୀପାବଳୀରେ ବାଣର ଶବ୍ଦ ଶୁଣାଗଲ୍ନ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ । ବଡ ଦୁଃଖର କଥା । ଏଥିରେ ଦେଶମାନଙ୍କର କେତେ କ୍ଷତି ହେବ। ମୁହଁ ଶୁଖାଇ ବସିଥିଲି । ତରବର ହୋଇ କେଉଁଠୁ ଆସି କଲ୍ୟାଣୀ ଡରମିଟୋରୀ ଦୁଆରେ ଛିଡା ହୋଇ ମତେ ବାହାରକୁ ଡାକଲ୍ ପଗ୍ଚରିଲ୍, କଲ୍ୟାଣୀ ମୋର ଖୁବ୍ ସାଙ୍ଗ, ମାତ୍ର ଡେ ସ୍କୋଲ୍ର । ଏତେ ଦିନ ଭିତରେ ତ କଲ୍ୟାଣୀ ଦିନେ ହଷ୍ଟେଲ ଭିତରକୁ ଆସିନ । ବରଂ କେବେ କେବେ ମୁଁ ରବିବାର ଦିନ ପ୍ରତିନାନୀଙ୍କ ଘରୁ ତା ଘରକୁ ଯାଇଥାଏ । ସୋମବାର ଦିନ ଏକାଠି କଲେଜ ଆସୁ । ହଷ୍ଟେଲ ନ ଆସିବାର ମୁଖ୍ୟ କାରଣ ହେଲ୍ ଏଠାର କାୟଦା, କଟକଣା ଖୁବ୍ କଡା, ଶୋଭ୍ଦିଦି (ହଷ୍ଟେଲ ସୁପରିଟେଣ୍ଠ) ଏହା ଉପରେ ଖୁବ୍ ନଜର ରଖିଥାନ୍ତି । ତାଙ୍କ ଠାରୁ ଅଧିକା ଦୁଇ ତତ୍ତ୍ୱାବାଧିକା । ଲଳତା ମାସୀମା ଏବଂ ଉମା ମାସୀମା । କେହି ଷ୍ଟୁଡେଣ୍ଟ କଛି ହଷ୍ଟେଲ ବିରୁଦ୍ଧ ଜନତ କାମ କଲେ ଉମା ମାସୀମା ତାକୁ ଲଳତା ମାସୀମାଙ୍କର ସାମ୍ନା କରନ୍ତି । ପରେ କଥାଟା ଶୋଭ୍ ଦିଦିଙ୍କ କାନକୁ ଯାଇଥାଏ । ମାତ୍ର ଛାତ୍ରୀମାନେ କହନ୍ତି ପ୍ରାୟତଃ ସମସ୍ତ ସମାସ୍ୟାର ସମାଧାନ ଲଳତା ମାସୀମା କରି ଦେଇଥାନ୍ତି । ଶୋଭ୍ ଦିଦିଙ୍କ ପର୍ଯ୍ୟନ୍ତ କଥା ଯାଏନା, ମତେ ବାର୍ଣ୍ଡାର ଏକ କୋଣକୁ ଡାକ ନେଇ କଲ୍ୟାଣୀ କହିଲ୍, "ଉମା ମାଉସୀ ଦେଖିଲେ ଆମ ଦୁହିଁଙ୍କର ଅବସ୍ଥା ବାରଣ୍ଡା ଦି କଡା କରିଦେବେ । ମୋ କଥା ଖୁବ୍ ମନ ଦେଇ ଶୁଣ୍, ବହୁତ ଜରୁରୀ ।"

ଜରୁରୀ**?** କ'ଣ ଏତେ ଜରୁରୀ ହୋଇପାରେ**!!** ଆଗ୍ରହରେ ତା ମୁହଁକୁ ଗୁହି ରହିଲି ।

ଆଜି ଓଡିଆ କ୍ଲାସ୍ ରେ ସାର୍ କହୁଥିଲେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏମରଜେନ୍ସୀ ସମ୍ବନ୍ଧରେ ଜାଗୃତି ବଢାଇବା ପାଇଁ କଲେଜ ସ୍ତରୀୟ ଏକ ପ୍ରବନ୍ଧ ପ୍ରତିଯୋଗୀତାର ଯୋଜନା ଷ୍ଟୁଆର୍ଟ କଲେଜରେ ନଭେମ୍ବର ୫ ତାରିଖ ଦିନ ୧୦ଟା ବେଳେ ହେବ । ଏଥିରେ କେବଳ କଟକ କଲେଜର ପିଲ୍ ନୁହଁନ୍ତି, ପାଖଆଖ କଲେଜର ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗଦାନ କରିବେ । ଆମ କଲେଜରୁ କୁଙ୍କୁମ ଅପା, ଉର୍ବଶୀ ଅପାଙ୍କ ସହିତ ଉପର କ୍ଲାସର ଆଉ ଗୁରିଜଣ କଳାର ଛାତ୍ରୀ ମଧ୍ୟ ନାଁ ଦେଇଛନ୍ତି । ତୁ ତ ଭଲ ଲେଖୁ । ମୋ ମତରେ ତୋ ନାଁ ଦେଇ ଦେ ।

ବିଜ୍ଞାନ ଛାତ୍ରୀ ମାନେ ଉପଯୁକ୍ତ ତ **?**

ସେମିତି କଛି କଟକଣା ନାହିଁ ।

ସତ କହୁଛୁ**!** ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କୁ ଅତିରିକ୍ତ କାର୍ଯ୍ୟ କ୍ରମରେ ଯୋଗ ଦେବାକୁ ସମ୍ମତି ନ ଥାଏ ।

ସେ ଅଲଗା କଥା । ବିଜ୍ଞାନ ଛାତ୍ରୀମାନଙ୍କର ଥିଓରୀ, ପ୍ରାକଟିକାଲ୍ ରେ ବହୁ ସମୟ ବିତିଯାଏ ବୋଲି ଏ ସବୁ କାର୍ଯ୍ୟକ୍ରମ ପାଇଁ ସମୟ ମିଳେନା, ତୁ କାଲି ଯାଇ ବେଣୁ ସାର୍ ଙ୍କୁ ନା ଦେଇ ଦେ ।

କଲ୍ୟାଣୀ ଗୁଲିଯିବା ପରେ ଚିନ୍ତା କଲି । ପ୍ରବନ୍ଧର ଶୀର୍ଷକ କ'ଣ ହୋଇଥିବ । ସେଇ ଅନୁସାରେ ତିଆରି କରିବି । ସମୟ ବହୁତ କମ୍ ଅଛି । ଏଠାରେ ଖୋଜା ଖୋଜି କରି ପଢିବାକୁ ବହୁ ସମୟ ଲାଗିବ । କଳା ଛାତ୍ରୀ ମାନଙ୍କ ଠାରୁ ଆମେ ଦୂରରେ । ବିଜ୍ଞାନ ଛାତ୍ରୀ ମାନଙ୍କ ପାଖରେ ସମୟ ଅଭାବ । ଆମ ଘରେ ନିଶ୍ଚିତ ଭାବେ ବହୁତ କଛି ପଢିବାକୁ ମିଳିଯିବ । ତା ଛଡା ବଡନନାଙ୍କର ସାହାଯ୍ୟ ମଧ୍ୟ ନେଇ ପାରିବି । ସେଇଆ ହେଲା । ମୋର ଉତ୍ସାହ ଦେଖି ବଡନନା ଖୁବ୍ ଖୁସି ହୋଇ କହିଲେ, "ତତେ ତ ପ୍ରବନ୍ଧର ଶୀର୍ଷକ ଜଣା ନାହିଁ । ତେଣୁ ତୁ ମୋଟାମୋଟି ଏହା ବିଷୟରେ ଜାଣିବା ଉଚତ୍ । ତୁ କେବଳ ଏଇ ତିନଟା ଗାଇଡ୍ ଲାଇନ୍ ତିଆରି କରିନେ । ଏମରଜେନ୍ସୀ ଉପରେ ଯାହା ଶିରୋନାମା ଦେବେ ଏଇ ତିନଟା ବିଷୟ ଉପରେ ଆଧାର କରି ତୋ ହିସାବରେ ଲେଖିବୁ । ବେଶୀ ଲମ୍ବା କରିବୁନ, ଅର୍ଥାତ୍ ଟୁ ଦ ପଏଣ୍ଟ । ତା ଛଡା ବାକ୍ୟ ଗୁଡିକ ଛୋଟ ଲେଖିବାକୁ ଚେଷ୍ଟା

କରିବୁ । ବଡ ବଡ ବାକ୍ୟ, ଲମ୍ବା ଚଉଡା ବିଷୟ ପଢିବାକୁ ପରୀକ୍ଷକଙ୍କର ଧୈର୍ଯ୍ୟଚ୍ୟୁତି ଘଟେ ।

## ବାଖ୍ୟା ଓ ଭୂମିକା:

ଦେଶର ସମ୍ବିଧାନକ ଆନ୍ଦୋଳନ ଶାସନ କାର୍ଯ୍ୟ ବା ପରିଚ୍ଳନା ବ୍ୟକ୍ତିକ୍ରମ ଦେଖାଦେଲେ ଦେଶରେ ରାଷ୍ଟ୍ରପତି ଶାସନ ଚଳେ । ସେଇ ସମୟକୁ "ଏମରଜେନ୍‌ସୀ" ସମୟ କୁହାଯାଇଥାଏ । ତାର କାରଣ ହେଲା ରାଷ୍ଟ୍ରପତିଙ୍କର ସାମ୍ବିଧାନକ ଆନ୍ଦୋଳନକୁ ସମାଜ ହିତରେ 'ଓଭର ରୁଲ' କରିବାର କ୍ଷମତା ଅଛି । ରାଷ୍ଟ୍ରପତି ତିନ ପ୍ରକାର ଏମରଜେନ୍‌ସୀ ଲାଗୁ କରାଇ ପାରନ୍ତି ।

ପ୍ରଥମ-ଜାତୀୟ ଏମରଜେନ୍‌ସୀ (ଦଫା ୩୫୨)

ଦ୍ୱିତୀୟ-ରାଜସ୍ତରୀୟ ଏମରଜେନ୍‌ସୀ (ଦଫା ୩୬୫)

ତୃତୀୟ-ଆର୍ଥିକ ଏମରଜେନ୍‌ସୀ (ଦଫା ୩୬୦)

## ଜାତୀୟ ଏମରଜେନ୍‌ସୀ:

ଦେଶ ଉପରେ ବର୍ହି ଦେଶଜନତ ଚାପ, ବିଶେଷ କରି ଯୁଦ୍ଧ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ଏହାର ଘୋଷଣା କରାଯାଇଥାଏ । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ସମିତି ମନ୍ତ୍ରୀ ପରିଷଦମାନଙ୍କର ଆବେଦନ ପରେ ହିଁ ଲାଗୁ ହୋଇଥାଏ । ଏହି ସମୟରେ ଦେଶବାସୀଙ୍କର ଛଅଗୋଟି ଯାକ ଫଣ୍ଡାମେଣ୍ଟାଲ ରାଇଟ୍ କୁ ପ୍ରଲମ୍ବିତ କରାଯାଇଥାଏ । ମାତ୍ର ରାଇଟ୍ ଟୁ ଲାଇଫ୍ ଏବଂ ବ୍ୟକ୍ତିଗତ ସମ୍ବତନ୍ତ୍ରକୁ (ପ୍ରଲମ୍ବିତ) କରାଯାଇ ନଥାଏ ।

## ରାଜସ୍ତରୀୟ ଏମରଜେନ୍‌ସୀ:

କୋଣସି ରାଜ୍ୟର ଶାସନ କାର୍ଯ୍ୟରେ ବିଫଳତା କିମ୍ବା ଅକୃତ କାର୍ଯ୍ୟ ଦେଖାଦେଲେ ଏହା ଲାଗୁ ହୋଇଥାଏ ।ଏହାକୁ "ପ୍ରେସିଡେନ୍‌ସିଆଲ୍ ରୁଲ୍" କୁହାଯାଇଥାଏ । ଏହା ମଧ୍ୟ ଦୁଇମାସ ମଧ୍ୟରେ ପାର୍ଲିଆମେଣ୍ଟ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ।

## ଆର୍ଥିକ ଏମରଜେନ୍ସୀ:

ଯେତେବେଳେ ରାଷ୍ଟ୍ରପତି ଅନୁଭବ କରନ୍ତି ଯେ ଭାରତର ଆର୍ଥିକ ନିର୍ଭୟତା ଅବସ୍ଥା ଶଙ୍କାକୁଳ ସେତେବେଳେ ଏହି ଏମରଜେନ୍ସୀ ଲାଗୁ ହୋଇଥାଏ । ଏହି ସମୟରେ ସରକରୀ କର୍ମଚାରୀ ସୁପ୍ରିମ କୋର୍ଟ ଏବଂ ହାଇକୋର୍ଟ ଜଜ୍ ମାନଙ୍କର ବେତନ କମ୍ କରିବାର କ୍ଷମତା ରାଷ୍ଟ୍ରପତିଙ୍କର ଅଛି । ତେଣୁ ସରକାରୀ ସ୍ତରରେ ଯେ କୌଣସି ବିଲ୍ ପାସ୍ କରାଯାଇଥାଏ ତାହା ରାଷ୍ଟ୍ରପତିଙ୍କ ନିକଟରୁ ଅନୁମୋଦନ ନିମନ୍ତେ ପଠାଯାଏ । ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଅଣାଇଥିଲେ ମଧ୍ୟ ଆଜିର ଦେଶବାସୀଙ୍କର ଫଣ୍ଡାମେଣ୍ଟାଲ ରାଇଟ୍ସରେ ବ୍ୟାଘାତ ଦିଆଯାଇ ନଥାଏ ।

## ଆଜିର ସମସ୍ୟା:

ଇଣ୍ଡୋଚାଇନା ଯୁଦ୍ଧ ସମସ୍ୟାକୁ ନେଇ ୨୬ ଅକ୍ଟୋବର ୧୯୬୨ରେ ଜାତୀୟ ଏମରଜେନ୍ସୀ ଘୋଷଣା କରାଯାଇଛି । ଏହି ଏମରଜେନ୍ସୀ ବିଷୟରେ ସମସ୍ତଙ୍କୁ ସଜାଗ ରହିବା ଉଚତ୍। ତେଣୁ ଭାରତର ସମସ୍ତ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କୁ ଏ ବିଷୟରେ ଅବଗତ ହେବା ସ୍ୱାଭାବିକ ।

ପ୍ରବନ୍ଧ ପ୍ରତିଯୋଗୀତା ଶେଷ ହୋଇଥିଲା । ଆମ କଲେଜକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ତ ନୁହେଁ ଏମିତିକ ପ୍ରବନ୍ଧ ଜନକ ପୁରସ୍କାର ମଧ୍ୟ ମିଳିନଥିଲା । ଉର୍ବଶୀ ଅପାଙ୍କର ମନ୍ତବ୍ୟ, gender bias| ଛଅ ସାତ ଦିନ ପରେ ବେଣୁ ସାର୍ ଆର୍ଟ ଷ୍ଟୁଡେଣ୍ଟମାନଙ୍କ କ୍ଲାସ୍ ରେ ମୋ ପ୍ରବନ୍ଧଟି ପଢି ଶୁଣାଇ କହିଲେ, "ମୁଁ ଜୁରୀ ହୋଇଥିଲେ, ଏଇ ଝିଅଟିର ପ୍ରବନ୍ଧକୁ ନିଶ୍ଚୟ ବାଛିଥାନ୍ତି । ଲେଖିବାର ପଦ୍ଧତି ଅନୁପମ ।" ଇଚ୍ଛା ହେଲା କହିବି "ଏଇ ପଦ୍ଧତି ମୋର ନୁହେଁ, ଜଣେ ଓୟେସ୍ ଅଫିସରଙ୍କର ।" ସେଇଥିଲା କଲେଜର ମୋର ଅଧୋଃପତନର ଆରମ୍ଭ ମଧ୍ୟରେ ବହୁ ପାର୍ଥକ୍ୟ । ଭଦ୍ରକ, ବାଲେଶ୍ୱର ଛୋଟ ସହର । ସେଠା ଛାତ୍ରଛାତ୍ରୀ ମାନେ କଟକ ଭଳି ନୁହଁନ୍ତି ।

## ମୀନା ବଜାର ଓ ବୁଦ୍ଧଂ ଶରଣଂ ଗଚ୍ଛାମି

କଲେଜରୁ ଫେରି ମୁଁ ହଷ୍ଟେଲ କମନ୍ ରୁମ୍ ରେ କିଛି ସମୟ ବସି ପରେ ଡାଇନିଂ ହଲକୁ ଜଳଖିଆ ପାଇଁ ଯାଇଥାଏ । ଯା ପଛରେ କେତେଗୁଡିଏ କାରଣ ଅଛି । ପ୍ରଥମଟି ହେଲା କେତେଜଣ ସ୍ମାର୍ଟ ଡେ ସ୍କୋଲାର ଝିଅ ଯେଉଁମାନେ କଲେଜ ସୋସାଇଟି ସହ ସଂପୃକ୍ତ

ସମାନେ ମଧ ଡାଇନିଂ ହଲ୍ କୁ ଆସନ୍ତି । ମତେ ଦେଖି ପୁଣି ସେଇ ଥଟ୍ଟା, ଅଟ୍ଟହାସ୍ୟ, ତାଚ୍ଛଲ୍ୟ ଭରା କଥା କହିବେ | ତେଣୁ ଡେରିରେ ଯିବା ଭଲ । ଦିନେ ଦିନେ ଜଳଖିଆ ସମୟ ଶେଷ ହୋଇଯାଇଥିବା ହେତୁ ଉପାସରେ ଡିନର ଟାଇମ୍ ପର୍ଯ୍ୟନ୍ତ ରହିବାକୁ ହୁଏ । ଜଳଖିଆ ସମୟରେ କାକୁ ଦା (ଡାଇନିଂ ହଲ ମ୍ୟାନେଜର) ଆମର ଆଟେଣ୍ଡାନ୍ସ ନିଏ । ପ୍ରେୟାର କ୍ଲାସ୍ ସବୁଦିନ ସନ୍ଧ୍ୟା ୭ଟାରେ ହୁଏ ।

ପ୍ରେୟାର ପରେ ଡିନର ଘଡି ସାଢେ ଦଶଟା ପରେ ହଷ୍ଟେଲ ରୁମ୍ ସବୁ ଅନ୍ଧାର । ଭୁଲ ଭଟ୍ଟକରେ କାହା ରୁମ୍ ରେ ଲାଇଟ୍ ଜଳିବା ଦେଖାଗଲା ତ ମାଉସୀ ମା ଆସି ହାଜର୍ ହୋଇଯାଆନ୍ତି । ଗାଳି ତ ଗାଳି, ପରେ ପୁଣି ଜୋରିମାନା ଭରିବାକୁ ପଡେ ।

(ପ୍ରାର୍ଥନା) କ୍ଲାସ ଶେଷ ହେବା ପରେ ଲଳିତା ମାଉସୀ ମା ରୋଲ୍ କଲ କରନ୍ତି । କାହିଁକି କେଜାଣି ଆଜି ଦୁଇଟି ଯାକ ଆଟେଣ୍ଡାନ୍ସ ରେଜିଷ୍ଟର ମିଳାଇ ଦେଖାଗଲା ।

"ଡରମିଟାରୀର ୪ ନମ୍ବର ଝିଅକୁ ଡାକ ।" ଶୋଭା ଦିଦିଙ୍କର କଣ୍ଠସ୍ୱର । ସବୁ ଝିଅମାନେ ତଟସ୍ଥ । ନିଶ୍ଚୟ କିଛି ଗମ୍ଭୀର ମାମଲା । ଯାହା ମାଉସୀ ମାଙ୍କ ଦ୍ୱାରା କଣ୍ଟ୍ରୋଲ ହୋଇ ପାରିନି । ସେତେବେଳେ ବରଫ ସଙ୍ଗେ ମୋ ଦେହର ତାପମାନକୁ କେହି ତୁଳନା କରିଥିଲେ ମୋ ଶରୀରର ତାପମାନ ନିଶ୍ଚୟ ତଳକୁ ରହିଥାନ୍ତା । ତଳକୁ ମୁହଁ ପୋତି ଶୋଭା ଦିଦିଙ୍କ ସାମ୍ନାରେ ଛିଡା ହେଲି । ଉମା ମାଉସୀ ବଡ ପାଟିଟାଏ କରି କହିଲେ, "ଏଠି କ'ଣ ଲଡୁ, ପେଡା ବଣ୍ଟା ହେବ ଯେ ଅନେଇ ବସିଛ? ନିଜ ନିଜ ରୁମକୁ ଯାଅ ।" ଏ ନିରୀହ ଝିଅ ଟା ଭୂଲ କରି ପାରେନା । ୟା ନାଁ ରେ ଆଉ କିଏ କ'ଣ କରିଛି । କାକୁ ଦା କୁ ଡକା ହେଲା ।

"ତୁମେ କ୍ଲାସ୍ ପରେ ବିନା ପରମିସନ୍ ରେ କୁଆଡେ ଚାଲିଯାଅ?" ଶୋଭା ଦିଦି ପଚାରିଲେ ।

ସେତେବେଳକୁ ମୋ ଆଖିରେ ଲୁହ ଟଳମଳ । ପାଟିରେ କଥା ବାହାରୁନି । ଉମା ମାଉସୀ ମୋ ପାଖକୁ ଆସି କହିଲେ, ଡାଇନିଂ ରୁମ୍ ରେ ଜଳଖିଆ ଖାଇବା ଆଗରୁ ଆଟେଣ୍ଡାନ୍ସ ନାହିଁ ଜାଣିଛୁ? ସେଇମିତି ତଳକୁ ମୁହଁ କରି କହିଲି ଜାଣିଛି । ଏ ମାସରେ ତୋର ଅଠରଦିନ ଆବସେଣ୍ଟ ଲାଗିଛି ।

ମୁଁ ସେଠାରେ ନ ଥିଲି ମାଉସୀ ମା ?

ନ ଥିଲୁ? କୁଆଡେ ଯାଇଥିଲୁ??

ଲାଇବ୍ରେରୀ ରୁମ୍ ରେ । ସବୁଦିନ କଲେଜରୁ ଆସି ସେଇଠି ବସି ସମାଜ, ପ୍ରଜାତନ୍ତ୍ର ପଢିବାକୁ ମତେ ବହୁତ ଭଲ ଲାଗେ । ବିଶେଷ କରି ଗୁରୁବାର ଦିନ ।

କ'ଣ କୋହୁଛୁ ମୋ ମୁଣ୍ଡରେ କଛି ପଶୁନ ।

ତୁମେ ଟିକଏ ଚୁପ୍ ରୁହ ଉମା । କ'ଣ କହିଲ ? ଗୁରୁବାର ପ୍ରଜାତନ୍ତ୍ର ତୁମକୁ ଭଲ ଲାଗେ। ମାତ୍ର କାହିଁକ ?

ସେ ଦିନ ପେପରରେ ମୀନାବଜାର ଥାଏ । ମୋର ଗୋଟିଏ ଲେଖା "ବୁଦ୍ଧଂ ଶରଣଂ ଗଚ୍ଛାମି" ମୀନା ବଜାର ପାଇଁ ପଠାଇଛି । କେବେ ପ୍ରକାଶ ପାଇବ ବାହାରିବ ବୋଲି ମୁଁ ସବୁ ଗୁରୁବାର କୁ ଅପେକ୍ଷା କରେ ।

ଗୁରୁବାର ତ ଗ୍ଲରିଟା, ଆଉ ୧୪ ଦିନ । କହିଲେ ମାଉସୀ ମା । ସତ କଥାଟା କହିଲେ ସିନୟର ମାନଙ୍କୁ ପନସମେଣ୍ଟ ମିଳବ ପରେ ସେମାନେ ମତେ ବେଶୀ ହଇରାଣ କରିବେ । ତେଣୁ କହିଲି ଦୁଇଟା ଯାକ ପେପର ପଢିବାକୁ ବହୁ ସମୟ ଲାଗିଥାଏ ।

ମୁଁ ମଧ ସେମିତି କଛି ଭବୁଥିଲି ଉମା । କାରଣ ସବୁଦିନେ ଯାକୁ ମୁଁ ପ୍ରେୟାର କ୍ଲାସର ପୂର୍ବରୁ ପହଞ୍ଚିଥିବାର ଦେଖିଛି ।

ଶୋଭାଦିଦିଙ୍କର କଥା ଶୁଣି ଟିକଏ ଆଶ୍ୱସ୍ତ ହେଲି । ତୁମକୁ ସଂସ୍କୃତ ଜଣା? ଅର୍ଥାତ ପ୍ରନାଉନେ୍ସସନ୍ ଭଲ ଭବେ କରି ପାରିବ? ଚେଷ୍ଟା କରିବି ଦିଦି । ସ୍କୁଲରେ ମୋର ସଂସ୍କୃତ ଅପସନାଲ ଥିଲା ।

ଏଇଶ୍ଳୋକଟି ପଢି ଶୁଣାଅ! ଟେବୁଲ ଉପରୁ ଖଣ୍ଡିଏ କାଗଜ ଉଠାଇ ମୋ ହାତରେ ଦେଲେ ଶୋଭାଦିଦି ।

କାଗଜଟି ଉପରେ ଥରେ ନଜର ପକାଇ ଦିଦିଙ୍କ ହାତକୁ ବଢାଇ ଦେଲି ।

କ'ଣ ହେଲା? କଛି ଅସୁବିଧା?

ଏଇଟା ମତେ ଜଣାଅଛି ଦିଦି, ଶୁଣାଉଛି ।

"ସଙ୍ଗଂଛଦ୍ୱ ସମ୍ବୋଦର୍ଥମ୍ ସମ୍ବୋମ୍ନାଃ

ଶ୍ରୀ ଜାନାତାମ୍....

ସମାନଭଃ ଆକୃତି, ସମାନେହୀ ଦୟାନଭଃ

ସମାନ୍ନଂ ଭବ ମନସା ତବ ସୁସହାସତି ।"

ଏଇ ଶ୍ଳୋକଟି ତୁମର ପୂର୍ବ ପରିଚତ ମନେ ହୁଏ !

ବାପାଙ୍କ ଆଦେଶ କ୍ରମେ ଆମେ ଘରେ ସବୁଦିନ ସନ୍ଧ୍ୟାରେ ଗୋଟିଏ ବିଷ୍ଣୁଙ୍କ ଶ୍ଳୋକ "ଶାନ୍ତାକାରମ୍ ଭୁଜଗ ଶୟନମ୍" ଏବଂ ଅନ୍ୟ ଦେବା ଦେବୀମାନଙ୍କକ ଗୋଟିଏ ଶ୍ଳୋକଟିଏ ମଧ୍ୟ ଗାଇଥାଉ ।

ତୁମ ଘରେ କେହି ବୁଦ୍ଧିଜିବୀ?

ନାଁ, ବାପା ଗାନ୍ଧୀ ବାଦୀ ।

ଆସନ୍ତା କାଲିଠାରୁ ଆମ ପ୍ରାର୍ଥନା କ୍ଳାସରେ ଏଇ ଶ୍ଳୋକଟି ବୋଲାଯିବ, ତୁମେ ଏହାର ଗ୍ଭଳତ କରିବ ।

କେତେଦିନ ପରେ ଅନୁଭବ କଲି ଢେ ସ୍କୋଲ୍‌ର ଛାତ୍ରୀମାନେ ମୋ ଉପରେ ଅସମ୍ଭବ ଧରଣରେ ବିରକ୍ତି ହେଉଛନ୍ତି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୋଟର ଯାନରେ ବର୍ଷା

ଶାରଦା ପ୍ରସନ୍ନ ସାହୁ

ଥୟ ଧର ବାବୁ ମୋର ମୋଟରଯାନ
ଦୂର ଆକାଶେ  ମେଘମାଳ ଭ୍ରମମାନ,
ଦେଖି ମେଘାଚ୍ଛନ୍ନ ଗିରିବ୍ରଜ ଗୋବର୍ଦ୍ଧନ
ଭୋଗିବାକୁ ସୌନ୍ଦର୍ଯ୍ୟ ବ୍ୟାକୁଳ ଏ ନୟନ ||

ଗିରିଶୃଙ୍ଗେ ଆବୃତ କଳା ବାଦଲ ଶିରି
ଘଡ ଘଡ ନାଦରେ ଧରା ଉଠେ ଥରି,
ତା ଦେହେ  ଝଲଝଲ ବିଜୁଳି ଆବେଗ
ଇଚ୍ଛା କ୍ଷଣେ ରହି କରିବାକୁ ଉପଭୋଗ ||

ଗିରି ପାଦେ ଚଂଚଳତ ସେ ଖରସ୍ରୋତା
ସାଗରେ ଲୀନ ପାଇଁ ଦିଶେ ଚପଳତା,
ତାଳ ବରଡାରେ  ଦୋଳୁଛି ବାୟା
ମେଘ ତଳେ ଫେରୁଛି ବିହଙ୍ଗ ଛାୟା ||

ଥୟ ଧର ବାବୁ ମୋର ମୋଟରଜାନ
କାହିଁ କରୁଛ ଏତେ ଅଭିମାନ,
ମନେ ପଡୁଛି ମୋ ଅତୀତ ଶ୍ରାବଣ ସ୍ମୃତି
ମୋ ପ୍ରିୟା ବର୍ଷା ସହ ଗ୍ରୈର୍ ପୀରତି ||

କେଡେ ଅଭିମାନୀ ସେ ପ୍ରିୟା ବର୍ଷା
ତା ଭିଜା ବଦନ ସତେ ଲଗଇ ଇର୍ଷା,
ତାକୁ ମନାସି ବୋହିନେଲି କାଉଡି ଭର
ସେ ଗ୍ଭଲିଗଲ୍ ଧରି ହାତ ଆଉ କାହାର ‖

ଆଉ କ୍ଷଣେ ଥୟ ଧର ମୋ ମୋଟରଜାନ
ଭିଜିବାକୁ ଦିଅ ମୋର ଏ ଶୁଷ୍କ ତନ ମନ,
ଝିପିଝିପି ବରଷା ରେ ଲୁଚଯିବ ଏ ଲୁହ
ଶୀତଳ ବାଆ ରେ ଲିଭିଜିବ ଏ କୋହ ‖

ଥୟ ଧର ଟିକେ ବାବୁ  ମୋଟରଯାନ
ଯିବା ପାଇଁ କାହିଁ କର ବିଚଳତ ମନ,
ଭୋଗିବାକୁ ଦିଅ ଏ ପ୍ରକୃତି ମନୋରମ
ସାର୍ଥକ  ହୋଇବ ମୋ ଜୀବନ ମର୍ମ ||

କଶୀନାପୁର, ସାଲେପୁର, କଟକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ଯ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଛୋଟ ପଡ଼ିଲା ଏ ଜନ୍ମ



ଦିଲିପ୍ କୁମାର ତ୍ରିପାଠୀ

ତୁମ ହାତ ଧରି ବାଟ ଚାଲିବାକୁ
ଛୋଟ ପଡ଼ିଲା ଏ ଜନ୍ମ
ଶାମୁକା ଭିତରୁ ହଜିଲା ମୁକୁତା
ଫିକା ଦିଶିଲା ମୋ ମନ
ତୁମେ କ ଜାଣନା ! ତୁମେ କ ବୁଝନା ଜମା !
ବିନୁ ତୁମ ଏଠି ଶୁଖେ ମୋ ଜୀବନ ପ୍ରାଣ ।

ଭଲ ପାଉଛ କ ମୋ ଲୁହ ଏମିତି
ଝରୁଥାଉ ଦିନରାତି
ଆଉ ତୁମ ସ୍ମୃତି ଗୋଲାପ ବନରେ
ଉଡୁ ନୂଆ ପ୍ରଜାପତି
ଚାହେଁ ଯଦି ତମେ ଏଇ ଛୋଟ କଥା ଜାଣ
ତୁମ ଖୁସି ପାଇଁ କାଟି ଦେବି ସବୁ ରାଣ ।

ପଗ୍ଭରିବ ଯଦି ମନକୁ ତୁମର
ଦୁଇ ଆଖି ବୁଜି ଦେଇ
ତୁମ ହୃଦୟର ପ୍ରତିଟି ସ୍ପନ୍ଦନ
ଦବ ମୋ ନାଁ କୁ କହି
ଥର ଟିଏ ପାଇଁ ଥରେ କାନ ଦେଇ ଶୁଣ
କାଳେ ଆମ ପ୍ରେମ ନେଇ ପାରେ ନୂଆ ଜନ୍ମ ।

ତୁମେ କ ଜାଣନା ! ତୁମେ କ ବୁଝନା ଜମା !
ବିନୁ ତୁମ ଏଠି ଶୁଖେ ମୋ ଜୀବନ ପ୍ରାଣ ।

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭଙ୍ଗା ମନ



ସୀତାରାମ ଦାଶ

କୁମାର ପୂର୍ଣ୍ଣିମା ଆଉ ଦିନ କେଇଟା ବାକି ଅଛି। ବହୁତ ଇଚ୍ଛା ଥିଲା ବବଲିକୁ ରାକ୍ଷୀ ବନ୍ଧା ବାବଦକୁ ଡ୍ରେସ ହଳେ ଦେବାକୁ, କିନ୍ତୁ ଘରର ତେଲ ଲୁଣକୁ ପଇସା ନଅଣ୍ଟ। ଡ୍ରେସ ବଦଳରେ ଛୋଟ ଭ୍ୟାନିଟି ବ୍ୟାଗ ଟିଏ ଆଉ କିଛି ଷ୍ଟେସନାରୀ ଜିନିଷ କିଣିଲି ନିଜ ଅନିଚ୍ଛା ସତ୍ତ୍ୱେ। ହଁ, ଗରିବର ମନ ଗୋଟେ କଣ? ପକେଟରେ ପଇସା ନ ଥିଲେ ମନ ବି ମରିଯାଏ ଆପେଆପେ ।

ବବଲି ମୋର ପଡୋଶୀ। ଦୁଇ ବର୍ଷ ହେବ ଭଡାରେ ରହୁଛନ୍ତି। ତାର ଭାଇ ନାହିଁ ଆଉ ମୋର ଭଉଣୀ ଥାଇ ବି ନ ଥିଲା ଭଳି। ବବଲି ବହୁତ ଭଲପାଏ ମତେ। କଣ ଟିକେ ଭଲ ମନ୍ଦ ହେଲେ ଦେଇ ଯାଏ ଘରେ। ରକ୍ତର ସମ୍ପର୍କ ଠୁ ବେଳେବେଳେ ସ୍ନେହ ମମତା ର ବନ୍ଧନ ଆହୁରି ମଜବୁତ ହୋଇଥାଏ।

ଆଜି ସନ୍ଧ୍ୟାରେ ମାଉସୀ (ବବଲିଙ୍କ ବୋଉ)ଙ୍କ ହାତରେ କିଣିଥିବା ଜିନିଷ ଦେଇ ପଠାଇଲି। ଘରକୁ ଯିବାପାଇଁ ଇଚ୍ଛା ଥିଲେ ବି ଯାଇ ପାରିଲି ନାହିଁ। ମନ ଟା ଜମା ମାନୁ ନ ଥାଏ। ଡ୍ରେସ ହଳେ ହୋଇ ଥିଲେ କେତେ ଖୁସି ହୋଇଥାନ୍ତା ପିଲାଟା।

ରାତିରେ ହ୍ୱାଟ୍ସଆପରେ ବବଲି ପାଖକୁ ମେସେଜ ଦେଲି,

-- ବବଲି ମୁଁ ଜାଣିଛି, ମୋ ଜିନିଷ ତୋ ମନକୁ ଆସି ନ ଥିବ। ତମର ତ ବଡ଼ ଲୋକଙ୍କ କଥା। ତେଣୁ ଘରକୁ ବି ଯିବାକୁ ଭଲ ଲାଗି ଲାନ।

ବବଲିର କିଛି ଉତ୍ତର ଆସିଲାନି। ବଡ଼ ବିଚଳିତ ହେଉ ଥିଲା ମୋ ମନ। ପୁଣି ମେସେଜ ଦେଲି .....

-- ଝିଅ ଖରାପ ଭାବିଲୁ କି? ଲେଖୁ ଲେଖୁ ଏମିତି ଲେଖିଦେଲି।

ବବଲି ନୀରବତା ଭାଙ୍ଗି ଉତ୍ତର ଦେଲା....

-- ମୁଁ ତୁମ ନିଜ ଭଉଣୀ ନୁହେଁ, ନିଜର ହୋଇଥିଲେ କଣ ଏମିତି କହିଥାନ୍ତ?

ମନ ଟା ମୋର ଭାଙ୍ଗି ଗଲା। ବବଲିର ଭଲ ପାଇବାର ଗଭୀରତା କୁ ଅନୁଭବ କରୁଥିଲି ମୁଁ ନୀରବରେ । ଶେଷରେ ମୋ ଉତ୍ତର ରଖିଲି....

-- ତୁ ବି ମୋ ଭଉଣୀ। ତଥାପି ବେଳେବେଳେ ବୁଝାଇବାକୁ ପଡେ ସମସ୍ତଙ୍କୁ। ସେ ଭାଇ ହେଉ କି ଭଉଣୀ, ବାପ ହୁଅନ୍ତୁ କି ମା, ଆଉ ବେଳେବେଳେ ନିଜ ମନ କୁ ବି।

ବବଲିର ଉତ୍ତର ଆସିଥିଲା.....

-- ହଁ, ପ୍ରଣାମ ଭାଇ।

ଏବେ ଟିକେ ଆଶ୍ୱସ୍ତ ଲାଗୁଥିଲା ମୋ ନିଜକୁ। ଆଉ ବବିଲି ଖୁସିରେ ହୋଉଥିଲା ଆତ୍ମହରା।

ସାନମୂଳେଇ, କଟକ

# ଲୁଚକାଳି



କୃଷ୍ଣ ଚନ୍ଦ୍ର ଡାକୁଆ

ତୁମେ ଘୁରୁ ଅଛ
ତୁମରି ରାସ୍ତାରେ
ତୁମେ କ ଜାଣିବ
ମୋ ମନ ଦୁଃଖ

ତୁମେ ଆସିବା ଖବର ପାଇ
ଦିନେ ଖୁସି ହୋଇଥିଲି
ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ
ହେଲେ ଆଜି କାହିଁ ତୁମ
ଦେଖା ମିଳୁ ନାହିଁ
ଏଠି ଖାଲୀ ଖରା ପ୍ରଚଣ୍ଡ
ହଁ ଖରା ପ୍ରଚଣ୍ଡ

ଏଠି ବର୍ଷା ଲୁଚକାଳି
ଖେଳ ଖେଳୁଅଛି
ନୀଳ ଆକାଶ ବୁକୁରେ
ମନେ ହେଉଚ ଯେମିତି
ଶ୍ରାବଣ ଅନାଇ ବସିଛି
କେବେ ମିଳଯିବ ମୌସୁମୀଟା
ତା ଚଲା ବାଟରେ
ହଁ ଚଲା ବାଟରେ

ଗ୍ରୀଷ୍ମ କୂଳ ଏଠି ବାଉଳା ହେଉଚ
କେବେ ଆସିବ ତା ମୌସୁମୀ
ଏ ଉତ୍ତପ୍ତ ଧର୍‌ରେ ଜଳ ବରଷିବ
ଶାନ୍ତ ପାଇବ ଏ ଧରଣୀ ଭୂଇଁ
ହଁ ଧରଣୀ ଭୂଇଁ

ଧୁ ଧୁ ଖର୍‌ ବେଳଟାରେ
ଆତ୍ମା ତୃପ୍ତି ପାଇଁ
ମନ ତ ଖୋଜୁଛି
ଟିକଏ ମୌସୁମୀ ବାୟୁ
ବେଳେ ବେଳେ ଦେଖା ଦେଇ
ସେ ତ ଉଭେଇ ଯାଉଛି
ଠିକଣା ଦେଉନ କେବେ ଆସିବ
ଏଠି ସଭିଏଁ ଗୃହିଁ ରହିଛନ୍ତି ଅନାଇ
ହଁ ଗୃହିଁ ରହିଛନ୍ତି ଅନାଇ

ମୌସୁମୀ ବାୟୁ ଆସିବା ତ
ଗୋଟଏ ଆଶାର ଆଲୋ୍କ
ମନ ମୋ କହୁଛି ସେ ଆସିବ ଯହିଁ
ତା ପ୍ରେମ ପରଶରେ ଉଦ୍‌ ଭସିତ ହେବ
ଏ ଧରଣୀ ମହୀ
ହଁ ଏ ଧରଣୀ ମହୀ

କରଚୁଲି(ବୁଗୁଡ଼ା) ଗଞ୍ଜାମ

# ଦୁଇଟି ପରବ

ଅରୂପ କୁମାର ବିଶ୍ୱାଳ

ଆନନ୍ଦର ଏଇ ଦୁଇଟି ପରବ

ଏକାଦିନେ ପଡିଅଛି ।

ସ୍ୱାଧିନ ଭାରତ ଜନ୍ମଦିନ ଆଜି

ସତେକ ଝଟକୁଅଛି ।

ରକ୍ଷା ବନ୍ଧନର ପବିତ୍ର ମାହୋଲ

ସମ୍ପର୍କ ରେଶମୀ ଡୋରୀ ।

ଭଉଣୀ ବାନ୍ଧୁଛି ଭାଇ ହାତେ ନେଇ

ହସଖୁସି ଅଛି ଭରି ।

ତ୍ରୀରଙ୍ଗା ଉଡୁଛି ଫରଫର ହୋଇ

ଗାଉଛି ଭାରତ ଜୟ ।

ଗର୍ବ ଗୌରବର କାହାଣୀ କହୁଛି

ଆମେ ସବୁ ଭାରତୀୟ ।

ଏକତାର ମନ୍ତ୍ରେ ହୃଦୟ ତନ୍ତ୍ରେ

ଗାଅହେ ଭାରତ ବାସୀ ।

ଦିଅ ଏ ଦେଶକୁ ନୂଆ ପରିଚୟ

ଭେଦଭାବ ସବୁ ନାସି ।

ମାଟି ମାଆ ଡାକେ ହାତ ଠାରି ଦେଖ

ଉଠ ରେ ବୀର ସନ୍ତାନ।

ଭାରତୀୟ ସବୁ ଭାଇ ଓ ଭଉଣୀ

ଏକ ମନ ଏକ ପ୍ରାଣ।

ଭାଷା ଧର୍ମ ବର୍ଣ୍ଣ ଜାତି ବେଶଭୂଷା

ପ୍ରଦେଶ ବି ଭିନ୍ନ ଭିନ୍ନ।

ଏଇ ଦେଶ ଆମର ଜନମ ଭୂଇଁ

ଏଇଠାରେ ଆମେ ଜନ୍ମ।

ଏଇଠି ପଡିଛି ଅନ୍ତରି ପାଉଁଶ

ଏଇଠି ଜଳବ ଚତା ।

ଏଇ ଦେଶ ପାଇଁ ସାଜିବା ସୈନିକ

ଗର୍ବରେ ଟେକବା ମଥା ।

ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦ୍ୱୀପ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗୋଟିଏ ଅଧୁରା ପ୍ରେମ କାହାଣୀ



ପ୍ରକାଶ ସାହୁ

ଆଷାଢ଼ ମାସ ର ସେହି ଝିପ ଝିପ ବର୍ଷା।ଶୀତଳ ପବନ ର ସ୍ପର୍ଶ ମଧ୍ୟରେ ଚକାଡୋଳା ବସ ଟା ପହଞ୍ଚି ସାରିଥିଲା ରାମପୁର ଗାଁ ରେ। ବସ ଟା ଜାତୀୟ ରାଜପଥ ଠାରୁ ଦୁଇ ମାଇଲ ଦୂର ଗାଁ ବସଷ୍ଟାଣ୍ଡ ର ବର ଗଛ ପାଖ ରେ ଛିଡା ହୋଇଥିଲା। ଏହି ସଂକୀର୍ଣ୍ଣ ଗ୍ରାମ୍ୟ ରାସ୍ତା ଲମ୍ବି ଯାଇଛି ପ୍ରାୟ ଚାରି ରୁ ପାଞ୍ଚ ମାଇଲ ଗାଁ ଭିତରକୁ।ରାସ୍ତା ର ଉଭୟ ପାର୍ଶ୍ୱ ରେ ଦୂର ଦିଗବଳୟ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ସବୁଜ ଧାନ କ୍ଷେତ। ତିନ ମାଇଲ ଦୁରେ ଅଛି ପୁରୁଣା ଜଗନ୍ନାଥ ଙ୍କ ମନ୍ଦିର। ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ରାମପୁର ଗାଁ କୁ ଦେଖି ଯେ କେହି ଖୁସି ରେ ବିଭୋର ହେବା ସ୍ୱାଭାବିକ। ବର୍ଷା ଯେବେ ଠୁ ରାମପୁର କୁ ଫେରିଛି ରାମପୁର ଗାଁ ଟି ସମ୍ପୂର୍ଣ୍ଣ ସବୁଜ ହୋଇଯାଇଛି। ଅସରାଏ ବର୍ଷା ବୋଧେ ହୋଇଯାଇଛି। ତଥାପି ଆକାଶ ଟା କଳା ବାଦଲ ର ଚାଦର କୁ ବିଛେଇ ଦେଇଛି। କଛି କ୍ଷଣ ପୂର୍ବେ ବିଜୁଳ ର ପ୍ରତିଧ୍ୱନ ସହିତ ବର୍ଷୁ ଥିବା ବର୍ଷା ଟା ଟିକେ ନରମି ଯାଇଛି। ବୋଧ ହୁଏ ସ୍ୱାଧୀନ ପାଇଁ।

ସ୍ୱାଧୀନ ର ଘର ରାମପୁର ର ପାଖ ଗାଁ ମଖନପୁର ରେ । ସୁଦୂର ବାଙ୍ଗାଲୋର ରେ ଚାକରୀ କରୁଛି। ରାମପୁର ଆଞ୍ଚଳିକ ମହାବିଦ୍ୟାଳୟ ରେ ପଢୁଥିବା ସମୟ ରେ ଗଢ଼ି ଉଠିଥିଲା ସ୍ୱାଧୀନ ର ସମ୍ପର୍କ ରାମପୁର ଗାଁ ସହିତ ଆଉ ଏହି ମାଟି ରେ ଆରମ୍ଭ ହୋଇଥିଲା ତା ପ୍ରେମ କାହାଣୀ। ଚକାଡୋଳା ବସ ରୁ ଓହ୍ଲାଇବା ପରେ ନିରବ ରେ ଗାଁ ର ଅଣଓସାରିଆ ରାସ୍ତା ଉପରେ ଛିଡା ହୋଇଛି ସ୍ୱାଧୀନ । କାହିଁ କେହି ତ ନେବା କୁ ଆସୁନାହାନ୍ତି? କେମିତି ବା ଆସିବେ। ଦୀର୍ଘ ଦିନ ପରେ ରାମପୁର ଗାଁ କୁ ଆସିଛି। ତା ଆସିବାର ପୂର୍ବ ସୂଚନା କାହା

ପାଖ ରେ ବି ନାହିଁ। ଦୀର୍ଘ ନିଶ୍ୱାସ ଟିଏ ଛାଡି ଆକାଶ କୁ ଚାହୁଁଛି ସ୍ୱାଧୀନ ଆଉ କଣ ସବୁ ଭାବି ଭାବି ମୁରୁକି ହସି ଦେଉଛି ମନ ରେ। ଠିକ ଏହି ସମୟ ରେ ପୁଣି ଥରେ ଆକାଶ ରୁ ଖସି ପଡ଼ିଲା ଅସରାଏ ବର୍ଷା। ଭିଜିଗଲା ତା ଆଖି ଆଉ ଦେହ ବି ଶୀତଳ ବର୍ଷା ର ଛୁଆଁ ଟା କାହିଁକି କେଜାଣି ସ୍ୱାଧିନ ର ସ୍ୱାଧୀନତା ଉପଲବ୍ଧି କରାଇ ଦେଲା। ବର୍ଷା ଭିଜା ମୁହଁ ଟି ରେ ଗାଲ ଓ ଓଠ ଦେଇ ତା ଆଖି ରୁ କେତେ ଯେ ଅଶ୍ରୁ ଧାର ଝରି ପଡୁଛି ତାହା ଜଣା ପଡୁନି।

ଏଥର ସ୍ୱାଧୀନ ନିଜ ହୃଦୟ କୁ ଦୃଢ କରି ଆଗ କୁ ଆଗ କୁ ପାଦ ବଢାଇଲା। ଆଗକୁ ଯିବା କୁ ଚାହୁଁ ନ ଥିଲା ବୋଧେ ସେ ସେଠି ପାଇଁ ସେ ବରଗଛ ଚାନ୍ଦିନୀ ଉପରେ ବସିପଡ଼ିଲା ତା ପରେ ସେ ନିଜ ବ୍ୟାଗ ରୁ କିଛି ବାହାର କରିବା ପାଇଁ ଚେଷ୍ଟା କରିଲା। ଶେଷ ରେ ମିଳିଥିଲା ତା ପ୍ରେମ କାହାଣୀ ର ସାକ୍ଷୀ, ମାମାଲି ଦେଇଥିବା ରାଧାକୃଷ୍ଣ ଙ୍କ ର ଯୁଗଳ ମୂର୍ତ୍ତି। ଆସ୍ତେ ଆସ୍ତେ ମୂର୍ତ୍ତି କୁ ଛାତି ଉପରେ ରଖି ଅନୁଭବ କରିବାକୁ ଚେଷ୍ଟା କରୁଥିଲା ପୁରୁଣା ସ୍ମୃତିକୁ। ଆଖି ସାମ୍ନା ରେ ନାଚ ଉଠିଲା ମାମାଲି ର ମୁହଁ।

ସେଦିନ ଠିକ ଏହି ରାମପୁର ବସଷ୍ଟାଣ୍ଡ ରେ ଶେଷଥର ପାଇଁ ମମାଲି ସହିତ ଦେଖା ହୋଇଥିଲା। ସେଦିନ ବସ ର ଯାନ୍ତ୍ରିକ ତ୍ରୁଟି ପାଇଁ ବସ ପ୍ରାୟ ଅଧ ଘଣ୍ଟା ବିଳମ୍ବ ହୋଇଥିଲା। ଏହି ଯାନ୍ତ୍ରିକ ତ୍ରୁଟି ବୋଧେ ଈଶ୍ୱର ସେ ଦୁହିଁ ଙ୍କ ପାଇଁ ହିଁ କରିଥିଲେ । ଦୁହେଁ ସେଦିନ ବରଗଛ ଚାନ୍ଦିନୀ ଉପରେ ଖୁବ ବାର୍ତ୍ତାଳାପ କରିଥିଲେ। ପରସ୍ପର ଭିତ ରେ ଥଟ୍ଟା ମଜା କରିଥିଲେ। କିନ୍ତୁ ଏହି ମିଳନ ଯେ ସେମାନ ଙ୍କ ଶେଷ ମିଳନ ହେବ ତା ସେମାନ ଙ୍କୁ ଜଣା ନ ଥିଲା। ସମୟ ସରିଗଲା ଏହି ଶେଷ ଦେଖା ର। ଶେଷ ରେ ବସ ଟି ହର୍ଣ୍ଣ ମାରି ସମସ୍ତ ଯାତ୍ରୀ ଙ୍କୁ ଦଶ ମିନିଟ ର ସମୟ ଦେଲା ବସ ରେ ବସିବା ପାଇଁ। କାନ୍ଦ କାନ୍ଦ ମୁହଁ ରେ ସ୍ୱାଧୀନ ର ହାତ ଧରି କହିଥିଲା ମାମାଲି "କଥା ଦିଅ ସ୍ୱାଧୀନ ଆର ଥର କୁ ତୁମ ସଙ୍ଗେ ମତେ ନେଇଯିବ ତୁମ ଘର କୁ। ତୁମ ବିନା ଏ ଜୀବନ ଅସମ୍ପୂର୍ଣ୍ଣ। ତମେ ତୁମ ବାପା ମା ଙ୍କ ଆଗରେ ଆମ ବିବାହ ର ପ୍ରସ୍ତାବ ରଖ" ମାମାଲି ର ଆଖି ରୁ ଝରି ପଡୁଥିବା

ଅଶ୍ରୁ କୁ ପୋଛି ସ୍ଵାଧୀନ ବି କଥା ଦେଲା ଆର ଥର କୁ ସେ ବାପା ମା ଙ୍କୁ କହି ମାମାଲି କୁ ନିଜ ଘର କୁ ବଧୂ ବେଶେ ନେଇଯିବ।

ସ୍ଵାଧୀନ ର ଏହି ଭାବନା ଭିତରେ ହଠାତ ଆକାଶ ଟା ଛାତି ରେ ଜାକିଥିବା ସମସ୍ତ ଜଳ କୁ ବର୍ଷାଇ ଦେଲା ରାମପୁର ଗାଁ ଉପରେ। ସତେ ଯେପରି ବର୍ଷା ର ଜଳଧାରା ବି ସ୍ଵାଧୀନ ର ପୁରୁଣା ସ୍ମୃତି କୁ ଲିଭାଇବାକୁ ଚେଷ୍ଟା କରୁଥିଲା। ଆଉ କହୁଥିଲା ଭୁଲିଯାଅ ସ୍ଵାଧୀନ ତାକୁ ଭୁଲିଯାଅ। ତା ପ୍ରେମ ର ଅଧିକାର ତୁମ ପାଇଁ ଏ ଜନ୍ମ ରେ ନ ଥିଲା। ଯା ଭିତରେ କାଳଆ ବୁଲେଟ ର ଗର୍ଜନ ସହିତ ପାଖ ରେ ପହଞ୍ଚିଥିଲା ଦେବାଶିଷ । ଦେବାଶିଷ ସଙ୍ଗେ ସଙ୍ଗେ ଗୋଟିଏ ଛତା ସାହାଯ୍ୟ ରେ ସ୍ଵାଧୀନ କୁ ପାଖ ଚାହା ଦୋକାନ କୁ ନେଇଗଲା। ଦେବାଶିଷ ମାମାଲି ର ପଡ଼ିଶା ଘର ସାଙ୍ଗ ଥିଲା। ପ୍ରାୟ ଛଅ ବର୍ଷ ତଳେ ଦେବାଶିଷ ଆଉ ସ୍ଵାଧୀନ ପଦାର୍ଥ ବିଜ୍ଞାନ ରେ ସ୍ନାତକୋତ୍ତର କରୁଥିବା ବେଳେ ମାମାଲି ନୂଆ କରି କଲେଜ କୁ ଆସିଥିଲା। ମାମାଲି ଯୁକ୍ତ ଦୁଇ ବିଜ୍ଞାନ ପ୍ରଥମ ବର୍ଷ ର ଛାତ୍ରୀ ଥିଲା। ସେହି ପ୍ରେମ ର ପବିତ୍ର ବନ୍ଧନ ରେ ଆବଦ୍ଧ ହେବା କୁ ଯାଉଥିବା ନୂଆ ପକ୍ଷୀ ଯୁଗଳ ଙ୍କ ଦେବାଶିଷ ଥିଲା ବାର୍ତ୍ତାବହ। ସ୍ଵାଧୀନ ର ପ୍ରେମ କୁ ସାର୍ଥକ କରିବା ର ଦାୟିତ୍ଵ ନେଇଥିଲା ଦେବାଶିଷ। ଦେବାଶିଷ ଙ୍କୁ ଦେଖିଲେ ଉଭୟ ଙ୍କ ମନ ରେ ଖେଳି ଯାଉଥିଲା ପ୍ରେମ ର ମୂର୍ଚ୍ଛନା।

ଗୋଟିଏ ସିଗାରେଟ ଆଉ ଚାହା କପ ଟା ହାତ କୁ ବଢ଼ାଇ ଦେବାଶିଷ କହୁଥିଲା ସ୍ଵାଧୀନ କୁ ଆରେ ସାଙ୍ଗ ଏତେ ଦିନ ପରେ ଆମ ଗାଁ କୁ ଆସିଛୁ ଅଥଚ ଟିକେ ମେସେଜ କି କଲ ଟେ କରିପାରିଲୁନି। ତୋ ଆସିବା ର ଖବର ମୁଁ ଗାଁ ର କଛି ଛୋଟ ପିଲା ଙ୍କ ଠାରୁ ଜାଣିବାକୁ ପାଇଲି। ଆରେ ଏ ରାମପୁର ଗାଁ ତୋତେ ଆଜି ବି ମନେ ରଖିଛି। ଏ ଗାଁ ର ଗଛ ଲତା ପାଣି ପବନ ସବୁ ତୋତେ ମନେ ରଖିଛନ୍ତି ରେ। ତୁ କଣ ଭାବିଥିଲୁ ତୁ ଆଗୁଆ ନ ଜଣାଇଲେ ମୁଁ ଜାଣିପାରିବିନି ତୋ ଆସିବା ର ଖବର। ହଉ ଛାଡ଼ ସେ କଥା ଏବେ ତୋ କଥା କହ ତୁ କେମିତି ଅଛୁ। ତୋ ଚାକିରୀ କେମିତି ଚାଲିଛି କହି ସ୍ଵାଧୀନ ର କାନ୍ଧ ଉପରେ ହାତ ରଖି ଦେଲା ଦେବାଶିଷ।

ସ୍ୱାଧୀନ ଦେବାଶିଷ କୁ ସେମିତି ଚାହିଁ ରହିଥିଲା । ତା ଆଖି ରୁ ବହି ଯାଉଥିଲା ଲୁହ ର ଧାର। ତାର ଲାଲ ଆଖି ଯୋଡିଏ ବ୍ୟକ୍ତ କରୁଥିଲା ତା ହୃଦୟରେ ଥିବା ତୁହା ତୁହା ବେଦନା। ଓଠ ତଳେ ଥିଲା ଅନେକ ପ୍ରଶ୍ନ। ଯୁକ୍ତ ତିନ ପଢିବା ସମୟ ରେ ପଦାର୍ଥ ବିଜ୍ଞାନ ର କୌଣସି ବିଷୟ ଉପରେ ଯେପରି ଭାବେ ଦେବାଶିଷ କୁ ପ୍ରଶ୍ନ ପଚାରି ନିଜ ଦ୍ୱନ୍ଦ ଦୂର କରୁଥିଲା କିନ୍ତୁ ଆଜି ସେ ଅସମର୍ଥ। ସେ କିଛି ବି ଉଚ୍ଚାରଣ କରିପାରୁନଥିଲା। ଦେବାଶିଷ ବୁଝିପାରିଲା ସ୍ୱାଧୀନ ର ମନ କଥା। ଜାଣିପାରିଲା ସ୍ୱାଧୀନ କେଉଁ ବିଷୟ ରେ ପଚାରିବାକୁ ଚାହୁଁଛି।

ସମ୍ପୂର୍ଣ୍ଣ ଘଟଣା ବିଷୟ ରେ ଆରମ୍ଭ କରିଲା ଦେବାଶିଷ। ଗୋଟିଏ ସୁନ୍ଦର ପ୍ରେମ କାହାଣୀ କେମିତି ଅଧୁରା ରହିଗଲା। ଯେତେବେଳେ ମାମାଲି ର ପରିବାର ତୁମ ଦୁଇ ଜଣ ଙ୍କ ର ସଂପର୍କ ବିଷୟରେ ଜାଣିବାକୁ ପାଇଲେ, ତାକୁ ଖୁବ ଗାଳି ଗୁଲଜ କରିଥିଲେ। କାରଣ ତୁ ଥିଲୁ ଗରିବ ଘର ର ପୁଅ ଆଉ ସେ ଥିଲା ଧନୀ ଘର ର ଝିଅ । ତାକୁ ନଜର ବନ୍ଦୀ ରେ ରଖିଲେ। ତାକୁ ବାହାର କୁ ଛାଡିଲେ ନାହିଁ। ତାର ସମସ୍ତ ସାଙ୍ଗ ମାନ ଙ୍କ ସହିତ ତା ସମ୍ପର୍କ କୁ କାଟିଦେଲେ। ତା ଠାରୁ ମୋବାଇଲ ନେଇଗଲେ। ବିଚାରି ଆଉ କେତେ କଷ୍ଟ ସହିଥାନ୍ତା। ଶେଷ ରେ ମାମାଲି ର ବିବାହ ପାଖ ଗାଁ ଜାମିନଦାର ର ପୁଅ ସହିତ ଜବରଦସ୍ତି ଠିକ କରିଦିଆଗଲା।

ସେଦିନ ମାମାଲି ଘର କୁ ମୁଁ ଯାଇଥିଲି ତା ହାଲଚାଲ ବୁଝିବା ପାଇଁ। ମାମାଲି ମୋତେ ଦେଖି ବହୁତ ନେହୁରା ହୋଇଥିଲା। କିଛି ଗୋଟେ ବ୍ୟବସ୍ଥା କରିବା ପାଇଁ କହିଥିଲା। ତା ବିବାହ ର ଆଉ ସାତ ଦିନ ବାକି ଥିଲା। ତାରି ଭିତରେ ମୁଁ କିଛି ଗୋଟେ ବନ୍ଦୋବସ୍ତ କରିବା ପାଇଁ କଥା ଦେଲି। ତା ପରେ ମୁଁ ତୋ ସହିତ ସମ୍ପର୍କ କରିବା ପାଇଁ ସେହି ଦିନ ଚେଷ୍ଟା କରିଥିଲି କିନ୍ତୁ ତୋ ଫୋନ ନେଟୱର୍କ ର ସୀମା ରେଖା ବାହାରେ ଥିଲା।

ଏବେ ଦେବାଶିଷ ର ଆଖି ରୁ ଲୁହ ବହିଯାଉଥିଲା। ସେ ମାମାଲି ବିଷୟରେ କଛି କହି ପାରୁନଥିଲା। ସ୍ଵାଧୀନ ବାରମ୍ବାର ତା କାନ୍ଧ କୁ ହଲାଇ ପ୍ରଶ୍ନ କରୁଥିଲା "ତା ପରେ କଣ ହେଲା ମାମାଲି ର କହ ସାଙ୍ଗ କହ ତା ପରେ କଣ ହେଲା **?....**

ଦେବାଶିଷ ଆଖି ରୁ ଲୁହ ପୋଛି ଆଉ ଗଳା ଢୋକ କହିଲା ସେଦିନ ମାମାଲି କୁ ମୁଁ କଥା ଦେଇ ଆସିଥିଲି କଛି ଗୋଟେ ବ୍ୟବସ୍ଥା କରିବା ପାଇଁ । କନ୍ତୁ ମୋ କଥା ରେ ତାର ଭରସା ବୋଧେ ପାଇଲା ନାହିଁ। ଠିକ ସେହି ଦିନ ରାତି ପ୍ରାୟ ଦୁଇ ଟା ସମୟ ରେ ମୁଁ ଶୋଇଥିବା ବେଳେ ମତେ କଛି ଲୋକ ଙ୍କ ର ହୋହାଲ୍ଲା ହେବା ର ଶବ୍ଦ ଶୁଣା ଗଲା। ମୁଁ କଛି ବୁଝିପାରୁନଥିଲି। ଘଟଣା ର ମର୍ମ ବୁଝିବା ପାଇଁ ମୁଁ ଘର ବାହାର କୁ ଆସିଥିଲି। ମୁଁ ବି ସେହି ଦିଗ ଆଡ କୁ ଅଗ୍ରସର ହେଲି ଯେଉଁ ଆଡ କୁ ସାହି ପଡ଼ିଶା ଧାଇଁ ଥିଲେ। ଏ କଣ ସବୁ ମାମାଲି ଘର ଆଡ କୁ ଯାଉଛନ୍ତି। ଶେଷ ରେ ମୁଁ ମାମାଲି ଘରେ ପହଞ୍ଚିଥିଲି କନ୍ତୁ ସେତେବେଳ କୁ ବହୁତ ଡେରି ହୋଇସାରିଥିଲା, ମାମାଲି ସୁଇସାଇଡ଼ କରିଥିଲା।
ଏ ସବୁ ଶୁଣିବା ପରେ ସ୍ୱାଦିନ ର ଶ୍ୱାସରୁଦ୍ଧ ହୋଇଗଲା। ତାକୁ ନଶ୍ୱାସ ନେବା ରେ କଷ୍ଟ ଅନୁଭବ ହେଲା ଚତୁର୍ଦିଗ ତାକୁ ଅନ୍ଧାର ଦେଖାଗଲା। ଟଳ ପଡିଲା ସେ ଭୂଇଁ ରେ ଅଚେତ ହୋଇ। ପାରେ ସ୍ୱାଧିନ ନଜ କୁ ପାଇଥିଲା ବରଗଛ ଗ୍ରନ୍ଥିନୀ ଉପରେ। ସ୍ୱାଧୀନ ପୁଣି ଥରେ ଦେବାଶିଷ କୁ ପଗ୍ଚରିଥିଲା ସେ କାହିଁକ ତାକୁ ମିଛ କହିଥିଲା ଯେ ମାମାଲି ର ବିବାହ ସରିଛି। ମାମାଲି ବି ଏହି ବିବାହ ରେ ବହୁତ ଖୁସି ଅଛି। ଆଉ ସେ ବିବାହ କରିଥିବା ପିଲା ର ମାସିକ ଦରମା ସ୍ୱାଧୀନ ଠାରୁ ଢେର ବେଶି।

ପରେ ଦେବାଶିଷ ତା ମୋବାଇଲ କାଢି ତା ହ୍ୱାଟସ୍ ଆପ୍ ରେ ମାମାଲି ସେହି ଦିନ ରାତି ରେ ତା ସାନ ଭାଇ ମୋବାଇଲ ରୁ ପଠାଇଥିବା ଶେଷ ମେସେଜ କୁ ଦେଖାଇଥିଲା ଯେଉଁ ଥିରେ ଲେଖା ଥିଲା ଏମିତି-

"ଦେବାଶିଷ ଭାଇ ମୁଁ ଆଜି ଯାଉଛି ଏ ଦୁନଆି କୁ ଛାଡି । ତୁମ ଉପରେ ମୋ ଭରଷା ଯଥେଷ୍ଟ ଅଛି । ତୁମେ ନଶ୍ଚୟ କଛି ଗୋଟେ ବ୍ୟବସ୍ଥା କରିବ। କନ୍ତୁ ମୋ ବିବେକ ମୋତେ ବାଧା ଦେଲ୍ ମୋ ପାଇଁ ତୁମେ କାହିଁକ ଅସୁବିଧା ର ସମ୍ମୁଖୀନହେବ। ମୋ ପାଇଁ ଆମ ପରିବାର ର ନଜର ରେ ତୁମେ କାହିଁକ ଛୋଟ ହେବ ।"

ମୋବାଇଲ କୁ ସ୍ୱାଧିନ ର ନଜର ରୁ ହଟାଇ ଦେବାଶିଷ କହିଲ୍ ମିଛ ବିବାହ ର କଥା କହିବା ପାଇଁ ମମାଲି ହିଁ ତାକୁ କହିଥିଲ୍। ଶେଷ ରେ ସେ ମାମାଲି ର ଆଉ ଗୋଟିଏ ହ୍ୱାଟସ୍ ଆପ୍ ମେସେଜ ଦେଖାଇଲ୍ ଯାହା ସ୍ୱାଧୀନ ଉଦେଶ୍ୟ ରେ ମମାଲି ଲେଖିଥିଲ୍ -

"ଡ଼ିଅର ସ୍ୱାଧୀନ ତୁମ ଭଲପାଇବା ମୋ ଭାଗ୍ୟ ରେ ନାହିଁ। ତୁମ ବିନା ମୋ ଜୀବନ ମୋ ପ୍ରେମ କାହାଣୀ ଅଧୁର୍। ମୁଁ ନଜ କୁ ଆଉ କାହାର ହେବାର ଯୋଗ୍ୟ ଭାବିଲି ନାହିଁ। ମୋତେ କ୍ଷମା କରିଦେବ ସ୍ୱାଧୀନ ମୁଁ ନରୁପାୟ ମୁଁ ଧର୍ଯ୍ୟହର୍। ଅନେକ ଚେଷ୍ଟା କରିବା ପରେ ମୁଁ ବିଫଳ ହେଲି । ଯଦି ଏ ଜନ୍ମ ରେ ତୁମ କୁ ପାଇଁ ପାରିଲି ନାହିଁ ତେବେ ଏ ଜୀବନ ରଖି ଲାଭ କଣ। ମୁଁ ଆଜି ଚାଲିଯାଉଛି ବହୁ ଦୂର କୁ ସେହି ରାଧାକୃଷ୍ଣ ଙ୍କ ର ଶାଶ୍ୱତ ପ୍ରେମ ର ଦୁନଆି କୁ ଯେଉଁଠି ପ୍ରତି ଟି ମୁହଁ ରେ ଉଚ୍ଚାରିତ ହେଉଥିବ କେବଳ ପ୍ରେମ ର ସଂଜ୍ଞା। ଆଜି ର ଏ ସଭ୍ୟ ସମାଜ ସିନା ଆମ କୁ ଅଲଗା କରିଦେଲେ। ହେଲେ ଦିନ ଆସିବ ଏ ସମାଜ ଆମ ପ୍ରେମ ର ମୂଲ୍ୟ କୁ ବୁଝିପାରିବ। ଆଉ ଯଦି କେବେ ଏ ସୃଷ୍ଟି ରେ ପ୍ରେମ ର ଇତିହାସ ରଚନା ହେବ ସେହି ଇତିହାସ ର ଗୋଟିଏ ପୃଷ୍ଠା ରେ ଲେଖା ହେବ ତୁମ ଆଉ ମୋ ଭିତରେ ଥିବା ଗୋଟିଏ ଅଧୁରା ପ୍ରେମ କାହାଣୀ....

ନଭି ମୁମ୍ବାଇ, ମହାରାଷ୍ଟ୍ର

ବିଶାଖା ଦେବୀ

# ଭଗ୍ନଶିଳା ମୁଁ କହେ କଥା

ଶୁଣିଛ କି ବନ୍ଧୁ ଶୁଣିଛ କି କେବେ
ଭଗ୍ନଶିଳା ମୁଁ କହେ କଥା
ନଗ୍ନ ରୂପରେ ଉଭା ମୁହିଁ ଆଜି
ଗାଉଛି ପ୍ରଣୟ ପ୍ରୀତି କଥା

ପ୍ରଣୟର ପ୍ରୀତି ମଧୁମୟ ସ୍ମୃତି
କୋଣାର୍କ ମୁଁ ଗାଏ ପୂର୍ବ ଗାଥା
ଧ୍ୟାନମଗ୍ନ ଋଷି ମଉନରେ ବସି
ଭାବୁଛି ମୁଁ ମୋର ଶିଳ୍ପୀ କଥା

କାହିଁଛନ୍ତି ମୋର ବିଶୁ ଧର୍ମପଦ
କାହିଁଛନ୍ତି ବାରଶହ ବଢେଇ
ନହାଣ ମୁଗୁର ମୁଣ୍ଡା କି ତାଙ୍କର
ପାରିବନି ଆଉ କଥା କହି

ଦେଖିଛ କି ବନ୍ଧୁ ଦେଖିଛ କି କେବେ
ପାଷାଣ ଦେହର ରୂପକାନ୍ତି
ସରୁସୂଚୀ ମୁନେ ଫୁଟି ଉଠିଅଛି
ଦେଖିଲେ ମନରୁ ଯିବ ଭ୍ରାନ୍ତି

ଗାୟକ ବାଦକ ସବାରି ବାହକ
ନଟ ନଟୀ କେତେ ଅପସରୀ
ବାରାଙ୍ଗନା ନୃତ୍ୟେ ଦେବତା ମଣ୍ଡଳୀ
ସରଗୁ ଆସନ୍ତି ଅବତରି

ବୁଝିଛ କ ବନ୍ଧୁ ବୁଝିଛ କ କେବେ
ଭଗ୍ନଶିଳା ମୁଁ କହେ କଥା
ଜରା ଜୀର୍ଣ୍ଣ ଦେହେ ସାଇତି ରଖିଛି
ବିଶ୍ୱ ଭାରତର ଜୟଗାଥା

ଭାବିଛ କ ବନ୍ଧୁ ଭାବିଛ କ କେବେ
ଦ୍ୱିତୀୟ କୋଣାର୍କ ସୃଷ୍ଟି କଥା
ସପ୍ତ ଆଶ୍ଚର୍ଯ୍ୟରେ ମୋ ସ୍ଥାନ ଯେଉଁଠି
ସିଏ କ ଟେକବ କେବେ ମଥା

ଜାଣିଛ କ ବନ୍ଧୁ ଜାଣିଛ କ କେବେ
କୋଣାର୍କ ମୁଁ ମୋର ନାହିଁ ମଥା
ତଥାପି ବଞ୍ଚିଛି ଗାଉଛି ଗାଇବି
ଅତୀତ ଉତ୍କଳ ଲୋକ ଗାଥା

ଶୁଣିଯାଅ ବନ୍ଧୁ ଶୁଣିଯାଅ ଥରେ
କଥାଦିଅ ମୋତେ କଥା ଦିଅ
ଭୁଲିଯାଅ ନାହିଁ ସ୍ମୃତିକୁ ମୋହର
ବାରମ୍ବାର ମୋତେ ଦେଖୁଥାଅ

ସାକ୍ଷୀଗୋପାଳ

# ତୁମେ

କଲ୍ୟାଣୀ ନନ୍ଦ

ଲେଖୁ ଲେଖୁ ଲେଖିଦେଲି
ସ୍ମୃତି ଅଗଣାରୁ
ତୁମ ମନ ପଢି
ମନ କାଗଜେ ଲେଖିଲି,,,

ଆସିଲା ଶ୍ରାବଣ
ବରସିଲା ନାହିଁ
ବସୁମତୀ ଝୁରି ହୁଏ,
ଘନ ବାଦଲରେ
ଚପଳା ଖେଳଲେ
ମୋ ଛାତି ଥରାଇ ଦିଏ
ତୁମ ପାଇଁ କହି
ଲେଖି ମୁଁ ଗୁଲିଛି
କଥା ମୁଁ ଯେ ଦେଇଥିଲି,,,,
ଲେଖୁ ଲେଖୁ ଲେଖିଦେଲି

ପାଶେ ଯେବେ ଥାଅ
ତୁମ ଆଖି ଦେଖି
ତୁମ ମନ ପଢି ନିଏ,
ଅନ୍ତର ହୋଇଲେ
ମନକୁ ମନରେ
ମୁଁ ଗୁଣୁ ଗୁଣୁ ଜଣାଏ
କହିଛି ଲେଖିବି
ଲେଖି ଗୁଲିଥିବି
ହୃଦୟେ ହୃଦ ରଖିଲି,,

ଫକୀର ମୋହନ ସାହିତ୍ୟ
ପରିଷଦ,ବାଲେଶ୍ୱର

# ହାମଲିନ୍ - ବଂଶୀବାଦକ



ସୂର୍ଯ୍ୟକାନ୍ତ ବେହେରା

କଲମ ସିନା ଚେତେଇ ଦିଏ, ତତେଇ ଦିଏ
ବିଦ୍ରୋହ କରାଏ ପିପ୍ଳବ ଆଣିଦିଏ
ତେବେ କଣ ଖଣ୍ଡିଏ ବାଉଁଶ କାଠିର
ଏତେ ବହପ ଏତେ ଆସ୍ପର୍ଦ୍ଧା
ସେ ବି ବଳଯିବ, ଠକ ମାନଙ୍କୁ କ୍ଷମା ଦେବ ।

ହଁ ଅସମୟରେ ଠିଆ ହେଉଥିବା ମଣିଷ ସାଜେ ଦେବଦୂତ
କିନ୍ତୁ ବଦଳଲା ପରେ ସମୟ
ସଭିଏଁ ଭୁଲିଯାନ୍ତି ତାକୁ, ଅଲୋଡ଼ା ପାଲଟେ
ଅଚହ୍ନା ଅଛିହ୍ନା ଲାଗେ ।

ଦଇବ ତ ସବୁ ଦେଖୁଥାଏ
ଅତୀତ ବର୍ତ୍ତମାନ ଆବର୍ତ୍ତମାନର ହିସାବ ରଖୁଥାଏ

କଏ କେତେବେଳେ କୋଉ ଫାଶରେ ପଡିବ

ଜାଣି ମୁରୁକ ମୁରୁକ ହସୁଥାଏ ।

ଯେଉଁ ବଂଶୀସ୍ୱନରେ ଗୋପୀବାଳା କଣ

ସାରା ବ୍ରହ୍ମାଣ୍ଡ ପାଗଳ ପ୍ରାୟ ଥାଏ

ସେଠି ମୂଷା କ କୁନ କୁନ ପିଲାଙ୍କ କଥା

କଏ ପଗ୍ଭରେ ।

ମୂଷା ଥିଲେ – ହାମଲିନ୍ ନ ଥିଲା

ହାମଲିନ୍ ଥିଲା – ମୂଷା ନଥିଲେ

ପ୍ରତିଶ୍ରୁତି ଭୁଲିଗଲ – ଏଇୟା ତ

ତେବେ ହାମଲିନ୍ ନାହିଁ ତ ପିଲାଏ ନ ଥିବେ ।

କଣ ଭାବୁଛ – ପ୍ରତିଶ୍ରୁତି ପୂରଣ, ନା

ପିଲାଙ୍କ ବଳଦାନ ।

ଦେଉଳଗ୍ରାମେଶ୍ୱର, ଜଗତସିଂହପୁର

# ଭ୍ରମଣ କାହାଣୀ



ଅନଙ୍ଗ ମଞ୍ଜରୀ

ଭ୍ରମଣ କାହାଣୀ ଲେଖିବାକୁ ହେଲେ ଘରୁ ଦାଣ୍ଡକୁ ବାହାରି ଅନେକ ସ୍ଥାନ ପରିଭ୍ରମଣ କରିବାକୁ ହେବ । କଛି ଲକ୍ଷ୍ୟ ମଧ ମିଳବ ଆଉ ଲକ୍ଷ୍ୟକୁ ଖୋଜିବାକୁ ହେଲେ ଭ୍ରମଣକୁ ସାଥି କରିବାକୁ ସେଠାକାର ଲୋକଙ୍କର ଚାଲିଚଲଣ, ଖାଦ୍ୟ, ପାନୀୟ, ଦୋକାନ ବଜାର ଦେଖିବାକୁ ଏବଂ ସ୍ୱାଦ ନେବାକୁ ହେବ । ଏହା ଆମକୁ ଅନେକ କଛି ଶିକ୍ଷା ଦେଇଥାଏ । ଛୋଟ ବେଳରୁ ବୁଲିବାର ମଜା ପାଇଥିଲି ମୋ ବାପାଙ୍କ ଠାରୁ, ଓଡିଶାର କୌଣସି ଏମିତି ସ୍ଥାନ ନାହିଁ ଯାହା ବାପା ଆମକୁ ବୁଲେଇ ନଥିଲେ । ସରକାରକ ଏକ ପ୍ରୌଢଶିକ୍ଷା ସଂସ୍ଥାରେ ଉଚ୍ଚପଦସ୍ଥ ଅଫିସର ଥିଲେ । ତାଙ୍କର ପ୍ରତ୍ୟେକ ଜିଲ୍ଲାରେ ପୋଷ୍ଟିଙ୍ଗ୍ ହେଉଥାଏ । ଏହି ଅବସରରେ ଆମର ସ୍କୁଲ ଛୁଟି ସମୟରେ ସେ ଯେଉଁ ଜିଲ୍ଲାରେ ଥାଆନ୍ତି ଆମମାନଙ୍କୁ ପାଖକୁ ଡାକ ସେହି ଯାଗାର ପ୍ରତିଟି ପର୍ଯ୍ୟଟନ କ୍ଷେତ୍ରକୁ ବୁଲାଇ ଆଣନ୍ତି । ଯେପରି ପୁରୀ ଜିଲ୍ଲାର ଜଗନ୍ନାଥ ମନ୍ଦିର, କଣ୍ଟିଲୋ ନୀଳମାଧବ, ନଡୁବାବା, କୋଣାର୍କ, ରାମଚଣ୍ଡୀ, ସପ୍ତପାଣୀ ତା ଛଡା ସୁନ୍ଦରଗଡ, ସମ୍ବଲପୁର, ଢେଙ୍କାନାଳ । ସେଠିଥିବା କପିଳାସ, ସାତକୋଶିଆ ଗଣ୍ଡ, ଟିକରପଡା ଆଉ ପ୍ରତିବର୍ଷ ବଡ ଯାକଯମକରେ ସେଠାରେ ହେଉଥିବା ଲକ୍ଷ୍ମୀପୂଜା, ଏହି ସବୁ ଦେଖିବା ମୋର ଛୋଟବେଳର ଅଭିଜ୍ଞତା । ଆଜି ବି ମନେପଡେ ବାପାଙ୍କ କଥା । କନ୍ତୁ ବାପା ଅଜି ଚାଲିଗଲେଣି । ସତରେ କନ୍ତୁ ତାଙ୍କର ଏହି ଆନନ୍ଦରେ ଆମକୁ ବୁଲେଇବା ମତେ ଅନେକ ଖୁସୀ ଦେଇଥାଏ । ଭଲଲାଗେ ମତେ ଲୋକଙ୍କ ସମ୍ପର୍କରେ ଆସିବା, ଅନ୍ୟ ରାଜ୍ୟର ନୀତି ନିୟମକୁ ପରଖିବା, ଦେଖିବା ଆଉ କଛି ମଧ ଶିଖିବା ।

ପ୍ରଥମ ସ୍ଥାନରେ ମୁଁ ମୋର ଟୁର୍ ମୁମ୍ବାଇ ରଖିଥିଲି । ମୁମ୍ବାଇ ଆମର ବଲିଉଡ୍ ଷ୍ଟାରଙ୍କ ପାଇଁ ବହୁତ ପ୍ରସିଦ୍ଧ । ଆଉ ମୁମ୍ବାଇ ଅନେକ ସୁନ୍ଦର ମଧ । ଏହି ସହର ଅନେକ ଲୋକଙ୍କୁ

ରୋଜଗାର ଦେଇଥାଏ । କିନ୍ତୁ ଲୋକ   ଜୀବନ ଏଠି  ଏକ ମେସିନ୍ ପରି । ସମୟର ଗୋଟିଏ ଗୋଟିଏ ମିନଟ୍ ଆଉ ସେକେଣ୍ଡ କୁ ସେମାନେ ଉପଯୋଗ କରିଥାଆନ୍ତି । ଶିଖିବାର ଅଛି ସେମାନଙ୍କ ପରିଶ୍ରମ, ସେମାନଙ୍କ ଆପଣାପଣ ।

ଆମର ହୋଟେଲ ବୁକ୍ ହୋଇଥିଲା ମେରିଇନ୍ ଡ୍ରାଇଭ୍ ପାଖରେ । ସମୟ ସକାଳ ୬.୩୦ ମିନଟ୍ । ସୁନ୍ଦର ଥଣ୍ଡା ଥଣ୍ଡା ପବନ ବହୁଥାଏ । ଅକ୍ଟୋବର ମାସ ଥାଏ । କିନ୍ତୁ ସେତେବେଳକୁ ମଧ୍ୟ ଲୋକଙ୍କର ଯାତାୟାତ ଆଉ ଦୈନନ୍ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥାଏ । ପିଲାମାନେ ସ୍କୁଲ ଯିବା, ପ୍ୟାରେଣ୍ଟ ମାନେ ଆସି ସ୍କୁଲରେ ଛାଡିବା ଏପରି ଦୃଶ୍ୟ ଦେଖି ଭାରି ଭଲ ଲାଗେ । କିନ୍ତୁ ଦେଖି ଖରାପ ଲାଗିଲା ସେଠାର ଫୁଟପାଥରେ ଶୋଇଥିବା ଅନେକ ଲୋକଙ୍କୁ ଦେଖି । ଅନେକ ସ୍ଥାନ ମଇଳା ଅବର୍ଜନାରେ ମଧ୍ୟ ଭରପୁର ଥାଏ । ଆଜିକାଲି ଅବଶ୍ୟ କିଛି ସଂସ୍ଥା ସହରକୁ ସଫାସୁତରା ରଖିବାକୁ ଆଗେଇ ଆସିଲେଣି । ଆଉ ଏଥିପାଇଁ ସମସ୍ତଙ୍କର ସହଯୋଗ ମଧ୍ୟ ଦରକାର । ଏମିତି ଭିତରେ ମନ ତ କିଛି କଥା ବା ଦୃଶ୍ୟ ଦେଖି ଦୁଃଖୀ ତ ହୋଇଥାଏ । ମୁମ୍ବାଇ ନଗରୀର ସୁନ୍ଦରତା ବଢାଉଥିବା ତାଜ୍ ହୋଟେଲ, ଯାହାକି ସମୁଦ୍ର କୂଳରେ ଥାଏ ଆଉ ରାତ୍ରୀର ମେରିଇନ୍ ଡ୍ରାଇଭ୍ ଏବଂ ଲୋକମାନଙ୍କର ମର୍ଣ୍ଣିଙ୍ଗ୍ ୱାକ ଆଉ ଇଭିନିଙ୍ଗ୍ ୱାକ୍ ଏହି ଦୁଇଟା ସମୟରେ ମୁଁ ଯାଇ ସେଠାରେ ବସିପଡେ । ସକାଳରେ ସମୁଦ୍ର କୂଳରେ ସୁଲୁସୁଲିଆ ପବନ ଦେହକୁ ଥଣ୍ଡା କରିଦେଉଥାଏ ଆଉ ବୃଦ୍ଧ, ଯବାନ, ଛୋଟପିଲାମାନେ ଆସି ଏହି ସମୟରେ ୱାକ କରୁଥାଆନ୍ତି । ସେମାନଙ୍କ ମନରେ ଏକ ସୁନ୍ଦର ସ୍ପୃହା ଜାଗ୍ରତ ହୋଇଥାଏ । ଭାବୁଥାଏ ଏଥର ମୁଁ ହାଇଦ୍ରାବାଦ ଫେରିଲେ ନିଶ୍ଚୟ ମର୍ଣ୍ଣିଙ୍ଗ୍ ୱାକ ଆରମ୍ଭ କରିବି । ରାତ୍ରୀରେ ସବୁଠୁ ସୁନ୍ଦର ଥାଏ ସମୁଦ୍ରର ନୀଳପାଣିର ସ୍ଥିରତା ଆଉ ତା ପଖରେ ଘେରିଥିବା ବଡବଡ ସୁନ୍ଦର ସୁନ୍ଦର ଅଟ୍ଟାଳିକା ଆଉ ଲାଇଟିଙ୍ଗ୍ ର ଦୃଶ୍ୟ । ୨୪ ଘଣ୍ଟା ସଫାଇର ବ୍ୟବସ୍ଥା ମନକୁ ବହୁତ ଆକର୍ଶିତ କରିଥିଲା । ସନ୍ଧ୍ୟାରେ ଯାଇ ବସି ବସି ରାତି ୧୨ଟା ରେ ହୋଟେଲ୍ ରୁମ କୁ ଫେରିବାର ଇଚ୍ଛା ନଥାଏ । ମନ କହୁଥାଏ ସମୁଦ୍ର କୂଳରେ ପୁରା ରାତି କଟେଇବାପାଇଁ । ମନରେ ଉଙ୍କି ମାରୁଥାଏ ପାଆନ୍ତି କି କାଗଜ କଲମ ଆଉ ଲେଖିଯାଆନ୍ତି ଓ ବର୍ଣ୍ଣି ଯାଆନ୍ତି ଏହାର କାହାଣୀ । ଲୋକମାନେ ଖାଇବା ଜିନିଷ ସବୁ ଧରି ସେଠାକୁ ପରିବାର ସହିତ ଆସି ଥାଆନ୍ତି । ସମସ୍ତେ ମିଳିମିଶି ବସନ୍ତି । କେହିକେହି ବାଲି ଉପରେ ବା ପଥରର ଚଟାଣ ଉପରେ ବସି ଖାଦ୍ୟକୁ ଉପଭୋଗ କରୁଥାନ୍ତି । କାରଣ ବଡ ସହରରେ ଲୋକସଂଖ୍ୟା ଅଧିକ

ଆଉ ସମସ୍ତେ କାର୍ଯ୍ୟରତ । କାର୍ଯ୍ୟ ସରିବା ପରେ ବନ୍ଦ କୋଠରୀରେ ରହିବା ଅପେକ୍ଷା ଆସି ଖୋଲା ଆକାଶ ତଳେ ସୁନ୍ଦର ସମୁଦ୍ର ତଟରେ ବସି ଜୀବନକୁ ଉପଭୋଗ କରିଥାଆନ୍ତି ।

ମନ ମୋର କହେ ସତେ କ ସୁନ୍ଦର
ଏହି ତୋର ସମୁଦ୍ରତଟ
ମନକୁ ମୋହେ ହୃଦୟକୁ ରସେ
ଆହା ମୋର ମୁମ୍ବେଇ ସହର

ରାତିରେ ଆସି ରୁମ୍ ରେ ପହଞ୍ଚିଗଲୁ, କାରଣ ତା ପର ଦିନ ସକାଳୁ ଆମର ବୁଲିବାକୁ ଯିବାର ଥାଏ । ମୁମ୍ବାଇ ର ପ୍ରସିଦ୍ଧ ମନ୍ଦିର ଯାହାକ ମୁମ୍ବେଇ ବାସୀଙ୍କର ପ୍ରିୟ, ତାହା ହେଉଛି ସିଦ୍ଧି ବିନାୟକ ମନ୍ଦିର । ମୁମ୍ବେଇବାସୀ ପ୍ରାୟତଃ ଲୋକାଲ ଟ୍ରେନ ବ୍ୟବହାର କରିଥାନ୍ତି । ଏହାର ଏକ୍ସପେରିୟନ୍ସ ନେବାପାଇଁ ଆମେ ଜୁହୁ ରୁ ସିଦ୍ଧିବିନାୟକ ଯିବାପାଇଁ ଲୋକାଲ ଟ୍ରେନ ନେଲୁ । ଅକ୍ଟୋବର ମାସ ଥାଏ ଆଉ ସେଦିନ ଦଶହରା ଥାଏ । ଷ୍ଟେସନରୁ ଓହ୍ଲାଇ କଛିବାଟ ଯିବା ପରେ ଏକ ଅଟୋ କରିବାକୁ ପଡିଲା । କନ୍ତୁ ସେହି ଷ୍ଟେସନ୍ ପାଖରେ ଏକ ସୁନ୍ଦର ଫୁଲ ମାର୍କେଟ ଥିଲା । ଦଶହରା ଉପଲକ୍ଷେ ବହୁ ଭିଡଥିଲା ଆଉ ଦଶହରା ପୂଜା ପାଇଁ ବହୁତ ଲୋକେ ଫୁଲ କଣୁଥିଲେ । ଆମେ ମଧ୍ୟ ସେଠୁ ଫୁଲ କଣି ସିଦ୍ଧିବିନାୟକ ଦର୍ଶନ ପାଇଁ ଆଗେଇ ଗଲିଲୁ । ବହୁତ ଦିନର ମନକାମନା ପୂର୍ଣ୍ଣ ହେଲା ବୋଲି ଭାବିଲି । ସବୁବେଳେ ଟି.ଭି. ରେ ଦେଖେ । ବହୁତ ବଲିଉଡ୍ ଅଭିନେତା ଓ ଅଭିନେତ୍ରୀମାନେ ପଦଯାତ୍ରା କରି ଦର୍ଶନ କରନ୍ତି । ଆମେ ମଧ୍ୟ ଗଣପତି ବାବା ମୋରିୟା କହି କହି ଗଲି ଗଲି ଦର୍ଶନ କଲୁ । ସେଠାରୁ ଆମେ ମହାଲକ୍ଷ୍ମୀ ମନ୍ଦିର ଅଭିମୁଖେ ଗଲୁ । ଦଶହରା ଉପଲକ୍ଷେ ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ହୋଇଥିଲା । ବଡ ଲମ୍ବା ଲାଇନରେ ଛିଡା ହେବାକୁ ପଡିଲା । ୩/୪ ଘଣ୍ଟା ପରେ ଦର୍ଶନ ହେଲା । ସେଠାରେ ବହୁତ ବଡ ମେଳା ଲାଗିଥାଏ । ଆମେ ବିଶ୍ରାମ ନକରି ସେଠୁ ବାହାରିଲୁ ହାଜିଅଲ୍ଲୀ ଦରଘା । ଏହା ସମୁଦ୍ର ଭିତରେ ଅବସ୍ଥିତ । ଗାରିପଟେ ସମୁଦ୍ର । କନ୍ତୁ ଦୁଃଖ ଆଉ ବିଡମ୍ବନା ଯେ ପାଣି କମିଯାଇଥିବାରୁ ସମୁଦ୍ର କୂଳରେ ପ୍ଲାଷ୍ଟିକ୍ ଆଉ ବହୁ ଅଳଆ ଅବର୍ଜନା ଠୁଳ ହୋଇଥିଲା । ଏହି ଦରଘାକୁ ଯିବା ପାଇଁ ଏକ ଲମ୍ବା ସେତୁବନ୍ଧ ଅତିକ୍ରମ କରିବାକୁ ପଡେ । ଆଉ ଏହି ବନ୍ଧର ଦୁଇକଡେ ଭିକାରୀମାନଙ୍କ

ସଂଖ୍ୟା ମଧ୍ୟ ଅଧିକ । ତାଙ୍କୁ ଦେଖି ଏପରି ଲାଗୁଥାଏ ସତରେ ମଣିଷ ଜନ୍ମ କଛି ଲୋକଙ୍କର ସୁଖରେ ଆଉ କଛି ଲୋକଙ୍କର ଦୁଃଖରେ ବିତୁଛି ।

ଆମର ଏହାପରେ ଯିବାର ଥିଲା ଜୁହୁ ବିଚ୍ । ଏହା ବହୁତ ବିଖ୍ୟାତ ଏବଂ ଏଠାରେ ଥିବା ପାଓ ଭଜି, ବରଫ ଗୋଲା ଅନେକ ପ୍ରସିଦ୍ଧ । କନ୍ତୁ ଆରମ ଓଡିଶା ପରି ଏତେ ସଫା ଲାଗୁନଥାଏ । କେମେତି ବା ଲାଗିବ ଏତେ ଲୋକଥିବା ଯୋଗୁ । ଏହା ସାଙ୍ଗକୁ ପାଖରେ ଥିବା କଛି ଫ୍ୟାକଟ୍ରି ରେ ଥିବା ଯାବତୀୟ ମଇଳା ପାଣିକୁ ଏହି ସମୁଦ୍ରରେ ଛଡା ଯାଉଛି । ସେଠି କଛି ସମୟ ଛିଡା ହେଲୁ । କାରଣ ବସିବାକୁ ଇଚ୍ଛା ହେଉନଥାଏ । ଜୁହୁ ବିଚ୍ ପାଖରେ ହେଉଛି ପ୍ରସିଦ୍ଧ କଳାକାର ଶାହାରୁଖ୍ ଖାନ୍ ଙ୍କ ଘର । ଆମେ ସେଠାକୁ ମଧ୍ୟ ଗଲୁ । ସେଠାରେ ମଧ୍ୟ ବହୁତ ଭିଡ ଥିଲା । ଅସଲ ହିରୋ ତ ନଥିଲେ । ବଡ ଗେଟ ଏବଂ ତା ପଛକୁ ଦୁଇ ତିନୋଟି ଚୌକିଦାର ଜଗି ଥାଆନ୍ତି । ବାସ ସମସ୍ତେ ଗେଟ୍ ପାଖକୁ ଯାଇ ଫଟୋ ଉଠାଇ ଫେରୁଥାନ୍ତି । ଆମେ ବି ସେମିତି କଲୁ ଆଉ ଖୁସି ଲାଗିଲା ମଧ୍ୟ । ସେଠାରୁ ଆମେ ଟାକ୍ସି ନେଇ ଅମିତାଭ ବଚନଙ୍କ ଘର, ଅମ୍ବାନି ଙ୍କ ଘର ମଧ୍ୟ ଦେଖିଲୁ । ଏହିପରି ୨ୟ ଦିନ କାର୍ଯ୍ୟ ସାରି ହୋଟେଲକୁ ଫେରିଲୁ । ବହୁତ ବାଧା ଲାଗୁଥିଲା । ନଜନଜର ନତ୍ୟକର୍ମ ସାରି ବାହାରେ ଖାଇବା ପାଇଁ ଗଲୁ । ପୁଣି ସେଠି ଖାଇସାରି ମେରାଇନ୍ ଡ୍ରାଇଭ୍ ରେ ଯାଇ ୱାକଙ୍ଗ୍ କଲୁ । ତା ପରଦିନ ଆମର ଯିବାର ଥାଏ ଆଲିବାଗ ଯାହା ମୁମ୍ବାଇ ଠାରୁ ୧୨୦ କ.ମି. ଦୂର । ସେଠାକୁ ଯିବାକୁ ସକାଳୁ ବାହାରିବାକୁ ପଡିବ କାରଣ ରାତିରେ ଆମର ଟ୍ରେନ ଥାଏ ହାଇଦ୍ରାବାଦ ପାଇଁ । ଆଲିବାଗ ଯିବାକୁ ହେଲେ ଗେଟୱେ ଅଫ୍ ଇଣ୍ଡିଆ ପାଖରୁ ବୋଟରେ ଯିବାକୁ ପଡେ ସମୁଦ୍ର ରେ । ବହୁତ ସୁନ୍ଦର ଯାଗା । ବୋଟରେ ବହୁତ ସମୟ ବସିବା ପରେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିଗଲୁ । ବୋଟ୍ ଚାଲିଥିବା ସମୟରେ ଅନେକ ପକ୍ଷୀ ବୋଟ ଚାରିପାଖରେ ବହୁତ ସୁନ୍ଦର ଭାବରେ ଆଖପାଖରେ ଆସିଯାଆନ୍ତି । ଲୋକମାନେ ତାଙ୍କୁ ଚଣା, ବୁଟ ଖାଇବାକୁ ଦେଉଥାଆନ୍ତି । ବୋଟରୁ ଓହ୍ଲାଇବା ପରେ ଧିରେ ଧିରେ ସମସ୍ତେ ସେଠାରୁ ବସ୍ ଧରି ଆଲିବାଗ୍ ଗଲୁ । ପାଖାପାଖି ଅନେକ ଫାର୍ମ ହାଉସ୍ ଦେଖିବାକୁ ମିଳଲା ।

ଏହି ସବୁ ମୋର ମୁମ୍ବାଇ ପରିଦର୍ଶନର ଛୋଟ ଅଭିଜ୍ଞତା । ମୁଁ ଅନେକ ସ୍ଥାନ ଯାଇଛି ଆଉ ସେ ବିଷୟରେ ମୁଁ ଧିରେ ଧିରେ ଲେଖିବି ।

ହାଇଦରାବାଦ

# କାହିଁସେ ବରଷା

ରବି ନାରାୟଣ ବନ୍ଧ

ଆକାଶଟା ଖାଲି ଫିକା ଫିକା
ଲାଗେ
ଚାଷୀ ମନେଆସେ ଶଙ୍କା
ଦିନ ପରେ ଦିନ ଗଡିଯାଉଅଛି
ନାହିଁତ ମେଘର ଦେଖା !
ଆଷାଢ଼ ଟପିଲା ରଥ ଚାଲିଗଲା
ଚାଷୀର ଲଙ୍ଗଳ ଟେକା
କୁଢିଆ ବଳଦ ମନେମନେ ଭାବେ
ଆମପାଇଁ ପାଗ ପକା !
ବସ୍ତାରେ ରହିଲା ଅକ୍ଷୟ ବୀଜ
ଲାଗୁଛି ତାଙ୍କୁ ଝଟକା
ପରାଧୀନ ହୋଇ ବନ୍ଦୀରେ ରହିଲୁ
ଆସେନ କ୍ଷେତର ଡକା !
ଅନ୍ତଶ୍ଵତା କଷ୍ଟେ ବେଙ୍ଗୁଲୀ ବସିଛି
ବର୍ଷାକୁ କରି ଅପେକ୍ଷା
ପ୍ରସବର ଦିନ ପାଖେଇତା ଆସେ
ଗଡିଆ ପୁଖରୀ ସୁଖା !
ଉପରକୁ ଚାହିଁ ମାଟିଟା ଭାବୁଛି
ଆକାଶ ନେଇଛି ଠିକା
ଅଦିନରେ ଆଣି ବନ୍ୟା କରାଇଛି
ପ୍ରକୃତିକୁ ଦିଏ ଧକା !
ବରଷାରେ ବଢେ ସବୁଜିମା ଶୋଭା

ସମତଳ ଉପତ୍ୟକା
ମରୁପରି ଲାଗେ ଏବେ ଭେଶଭୁଷା
ସତେ ଟାଙ୍ଗର୍‌ ଇଲାକା !
ଭଷା ବାଦଲଟା ପଇଁତର୍‌ ମାରେ
ଗାଁ ଗାଁ ଖୁଜେଏକା
କାହିଁଗଲ ତୁମେ ଆସ ମଉସୁମୀ
ସମୟ ଚକ୍ର ପ୍ରେମିକ !
ଘୂରିଆଡ଼େ ଖାଲି ହା ହା କାର ଶୁଭେ
ଋତୁ ବନାଇଲା ବୁକା
ମଉସୁମୀ ବୋଧେ ଦିଗ ଭୁଲିଗଲା
ଡେଉଁ ନାହିଁ ସୀମା ରେଖା !
ଋତୁଟା କାହିଁକି ଅଭିମାନ କରେ
ଆସିବା ତାର ଭୂମିକା
କେଉଁ କାରଣରୁ ଲଗାଉଛି ବାଦ
କରିବ କଏ ସମୀକ୍ଷା !
ଘୁଲିଥିଲା ଦିନେ ଠିକଠାକ ଭାବେ
ଋତୁ ଚକ୍ରେ ଜୀବନକା
ସେଦିନର ସ୍ୱାଦ ନାହିଁ ତାର ଗନ୍ଧ
ଲାଗୁଅଛି ଫିକଫିକା !

ଅଡା ବାଲେଶ୍ୱର

# କଳା କେଉଟ

ପଣ୍ଡିତ ରଞ୍ଜନ ଦାସ

(ବଡ ମାୟାବୀ ଜୀବ ନୁହେଁ କାହାରୀ.....ବୃତ୍ତେ)

କଳା କେଉଟ କର୍‌ମତି ଦେଖାନା
ମନ-ମୀନାକୁ ବନଶୀ ତୁ ପକାନା
॥ ଘୋଷା ॥
ସଂସାର-ନଈର ଗୋଳପାଣିରେ ଖେଳ ।
ଫକର ଫକର ହୋଇ ଡେଉଁଛି ଖାଲି
ମୋ ମନ ଦଣ୍ଡିକରି
ଅଥୟ ହୁଏଭାରି
ବନଶୀ ଗୁନ୍ଥା ଖୁମ୍ପି
ଖଣ୍ଡିଆ ମୁହଁ ଆଖି
ନ ପକା ଆଉ ବିଷୟ-ଦାନା ॥ ୧ ॥
ଇନ୍ଦ୍ରିୟ-କାଦୁଅ ପଙ୍କେ ହୋଇ ମୁଁ ଧନ୍ଦି
ମହା ମାୟାମୋହ ଜାଲେ ରହିଛି ବନ୍ଦୀ ।
ସ୍ନେହି ଭକ୍ତର କରି
ମାୟାଜାଲକୁ ଚିରି
ଅଗାଧ ଭକ୍ତି-ଜଳେ
ରଖିଦେ ତୋ କବଳେ
କରୁଣା ହେଉ କରେ ପ୍ରାର୍ଥନା ॥ ୨ ॥

କାଳ ଛଞ୍ଚାଣ ଉଡୁଛି ଉପରେ ମୋର
ଝାମ୍ପିନେବ କେତେବେଳେ ମାଡୁଛି ଡର
ତୋ ନାମ ଘୋଷି ଘୋଷି
ନଈରେ ଭସି ଭସି
ଦାଶ କରେ ଗୁହାରି
ପାଦପଦ୍ମ ସୁମରି
ନେଇ ଯା ମହାସିନ୍ଧୁ ସାମନା ॥୩॥

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

ବିଦ୍ୟାଧର ମିଶ୍ର

# କଥା

ମୁଁ ଈଶ୍ୱର ନୁହେଁ
ବରପୁତ୍ର ନୁହେଁ
ନା ମହାତ୍ମା

ଯାହା କହିବି ସତ
ସତ ମାନଲେ ଭଲ
ହଁ, ମାନବି
କଏ ଜାଣେ

ମୋ କଥା
ଦୁଃଖ ଦେଇପାରେ
ମନଭାଙ୍ଗି ପାରେ
ମୋଡ ବଦଳାଇ ପାରେ

ତଥାପି -
ଇଚ୍ଛା, କହିବି
ଆଖି ଦେଖାକଥା
ମନଗଢା କଥା
ଅପାନ୍ତରୁ ଉପାନ୍ତ
ଯିବା କଥା

ବଞ୍ଚିବା କଥା
ନଘୋଡ କଥା
ଶୁଣ ବା ନ ଶୁଣ
କେହି ମୋ କଥା ।

ଯାଜପୁର ଟାଉନ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଉଆଁସୀ କନ୍ୟା



ଶିବରାମ ଦଳେଇ

ସବୁଜ ବୃକ୍ଷ ଲତାରେ ପରିପୂର୍ଣ୍ଣ ଜଳୋକା ପାହାଡର ପାଦ ଦେଶରେ ନାଳୀକୂଳ ଏକ ଛୋଟିଆ ଗାଆଁ । ସେହି ଗାଁ କଡେ କଡେ ଜଳୋକା ପାହାଡ ର ପାଦ ଛୁଇଁ ଅଙ୍କେଇ ବଙ୍କେଇ ହେଇ ବହି ଯାଇଛି ବିରୂପା ନଦୀ । ଥରେ ସେହି ପାହାଡ ର ଜଙ୍ଗଲ ଭିତରକୁ ପଶିଗଲେ ମନେ ହୁଏ ନାହିଁ ସେହି ପ୍ରାକୃତିକ ସୌନ୍ଦର୍ଯ୍ୟ ଠାରୁ ଦୂରେଇ ଯିବାକୁ । ଚଢେଇ ମାନଙ୍କ କଚରି ମିଚରି ଶବ୍ଦ, କୋଇଲି ର କୁହୁ କୁହୁ ସ୍ୱର ସାଙ୍ଗକୁ ବିରୂପା ନଦୀର କୁଳୁକୁଳୁ ଶବ୍ଦ ରମେଶ କୁ ବେସ ଆନନ୍ଦିତ କରିଥିଲା । ସେହି ପାହାଡ଼ର ଆର କଡରେ ଗୋବିନ୍ଦପୁର ଗାଁ । ଦୁଇ ଗାଁର ମଝିରେ ପ୍ରାଥମିକ ବିଦ୍ୟାଳୟଟିଏ । ସେହି ବିଦ୍ୟାଳୟରେ ରମେଶ ର ପ୍ରଥମ ଶିକ୍ଷକତା । ସମୟ ମିଳଲେ ରମେଶ ସେହି ନଦୀ କୂଳ କୁ ଯାଇ ପ୍ରକୃତିର ସେ ମନୋରମ ଦୃଶ୍ୟ କୁ ମନ ଭରି ଉପଭୋଗ କରେ । ପଶ୍ଚିମ ଆକାଶ ରେ ସୂର୍ଯ୍ୟାସ୍ତ, ପୂର୍ବ ଆକାଶର ସୂର୍ଯୋଦୟ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଦ୍ୱିଗୁଣିତ କରେ ।

ସେଦିନ ସକାଳ ର ସୁନେଲି କରଣ ବିରୂପା ନଦୀ ଜଳରେ ପଡି ଚକମକ କରୁଥାଏ । ରମେଶ ଏହି ଦୃଶ୍ୟକୁ ଉପଭୋଗ କରୁକରୁ ହଠାତ ତାହାର ନଜର ପଡ଼ିଲା ଗୋଟେ ପିନ୍ଧା ବସ୍ତ୍ର ଭିତରୁ ଫାଟି ପଡୁଥିବା ଗୋରା ତକତକ ତରୁଣୀ ର ଦେହ ଉପରେ । ତାର ଗୋରା ଦେହ ସାଙ୍ଗକୁ କଳା ମେଘ ପରି ଲମ୍ବା କେଶ, ନୀଳ ନୀଳ ଆଖି ପଦ୍ମ ପାଖୁଡା ଭଳ ଓଠ ସତେ ଯେପରି ଫିକା କରି ଦେଉଥିଲା ପ୍ରାକୃତିକ ସୌନ୍ଦର୍ଯ୍ୟ କୁ । ସେଦିନ ସେହି ତରୁଣୀକୁ ଦେଖି ରାତିରେ ତାହାର ନିଦ ହଜିଗଲା । ପ୍ରତିଟି ମୁହୂର୍ତ୍ତରେ ତା ଆଖି ଆଗରେ ନାଚ ଉଠୁଥିଲା ସେହି ତରୁଣୀର ଛବି । ତା ହୃଦୟର ସ୍ପନ୍ଦନ ପତି ମୁହୂର୍ତ୍ତରେ ସେହି ତରୁଣୀ

ବିଷୟରେ ଜାଣିବା କୁ ପ୍ରବର୍ତ୍ତାଉ ଥିଲା । ଏମିତି ରେ ଦୁଇ ଚାରି ଦିନ ବିତିଗଲା । ପ୍ରଥମ ଦେଖାରେ ରମେଶ ନିଜ ହୃଦୟ କୁ ସେହି ତରୁଣୀ ପାଖରେ ଛାଡି ଦେଇଥିଲା ।

ପରଦିନ ସକାଳୁ ନିଜ ମନକୁ ପଞ୍ଜୁରୀ ଭିତରେ ରଖି ପାରିଲା ନାହିଁ, ଧାଇଁଗଲା ସେହି ନଦୀ ତୁଠ ଆଡ଼କୁ । ପୂର୍ବପରି ଠିକ ସମୟରେ ସ୍ନାନ ପାଇଁ ପହଞ୍ଚି ସାରିଥିଲା ସେହି ତରୁଣୀ । ଦୂରରୁ ଥାଇ ଲକ୍ଷ୍ୟ କରୁଥାଏ ରମେଶ । ଯୌବନରେ ନୂଆ ନୂଆ ପାଦ ପାଦ ଥାପିଥିବା ତରୁଣୀ ଜଣକ ସ୍ନାନ ସାରି ବାହାରିଲା । ସେଦିନ ସେ ପୁନେଇଁ ର ଚାନ୍ଦ ଠାରୁ ଆହୁରି ସୁନ୍ଦର ଦିଶୁଥିଲା । ତାହାର ପିଛା କରି ଘରଟାକୁ ଦେଖି ନେଲା ରମେଶ । ସ୍କୁଲ ପିଅନ ମଧୁଆ ବି ସେହି ଗାଁର ଥିଲା । ତାକୁ ସେହି ଝିଅ ବିଷୟରେ ପଚାରିବାରୁ ମଧୁଆ ଏତିକ କହିଲା ସାର ସେ ହେଉଛି ଗୋଟେ ଉଆଁସୀ କନ୍ୟା । ଆଉ ଯେତେ ଯାହା ପଚାରିଲେ ବି କଛି କହିଲା ନାହିଁ ।

ପରଦିନ ରମେଶ ଚୁମ୍ବକ ର ଆକର୍ଷଣ ପରି ସେହି ତୁଠ ପାଖରେ ପହଞ୍ଚି ଗଲା । ଆଜି ସାହସର ସହ କଥା ହେବାକୁ ନିଷ୍ପତ୍ତି ନେଲା । ସବୁଦିନ ପରି ଆଜି ବି ଆସିଥଲା ସେ । ଏତେ ପାଖରୁ କୌଣସି ଯୁବତୀ କୁ ଦେଖି ନ ଥିଲା ରମେଶ । ରମେଶ ଆକାଶ ର ଚାନ୍ଦକୁ ଚାହିଁଲା ପରି ଚାହିଁ ରହିଥାଏ । ଏପରି ଚାହିଁବା ଦେଖି ତରୁଣୀ ଜଣଙ୍କ ପାଖକୁ ଆସି ପଚାରିଲା "ଓ ବାବୁ ଏପରି ଅଭଦ୍ରାମି ର ମାନେ କଣ ? ମୁଁ ଦେଖୁଛି କଛି ଦିନ ହେବ ତୁମେ ମୋର ପିଛା କରୁଛ ? କଣ ଚାହଁ ତୁମେ ?" ରମେଶ କିନ୍ତୁ ଆଖି ମେଲି ସେମିତି ଚାହିଁ ରହିଥାଏ । ତାକୁ ଯୁବତୀ ର କଥା ସବୁ ନୂଆ ନୂଆ ଲାଗୁଥାଏ, ସେ କଣ ସବୁ କହୁଥାଏ ତାକୁ ଭ୍ରୁକ୍ଷେପ ନ କରି ତାହାର ଓଠର ମାଦକତା, ଆଖିର ଚାହାଣିକୁ ପଥର ପରି ଚାହିଁ ରହିଥାଏ । ସେ ରମେଶ ର ମୁଁହ ଆଗରେ ହାତ ହଲେଇ ପ୍ରକୃତିସ୍ଥ କରାଇଲା ।

ରମେଶ :-ମୁଁ ମାନେ......... ମୁଁ.... ମାନେ...

ତରୁଣୀ :-କଣ ଅଭଦ୍ରଙ୍କ ଭଳ ମୁଁ ମାନେ....ମୁଁ ମାନେ ହଉଛ । ଅଧିକ ଅଭଦ୍ରାମି କରିବାକୁ ଚେଷ୍ଟା କରନ, ନଚେତ ମୁଁ ମୋ ଘରେ ଜଣେଇବାକୁ ବାଧ୍ୟ ହେବି ।

"ରମେଶ ମନେ ମନେ ଭାବୁଥାଏ ଭଲ ହୁଅନ୍ତା ଯଦି ମୋ କହିବା ଆଗରୁ ତୁମେ ତୁମ ଘରେ ଜଣେଇ ଦିଅନ୍ତ ।" ଏତିକ ଭିତରେ ସେ ସ୍ନାନ ନ କରି ଚାଲିଗଲା ତା ଘରକୁ ।

ଅଳ୍ପ କିଛି ସମୟ ଭିତରେ ସ୍କୁଲ ପିଅନ ମଥୁରା ଆସି ରମେଶ ସାରଙ୍କୁ କହିଲା ସାର ଆପଣ ଯୋଉଟା କରୁଛନ୍ତି ତାହା ଠିକ ନୁହେଁ । ସାର ସେ ଗୋଟେ ଉଆଁସୀ କନ୍ୟା । ଜନ୍ମ ରୁ ତା ମାଆକୁ ଖାଇଛି, ଆଉ ଦୁଇ ଦୁଇଟା ବାହାଘର ଜୁଟେଇ ଥିଲି ଯେ ଜଣେ ବାହା ହେବାକୁ ଆସୁ ଆସୁ ଅଧା ବାଟରେ ଦୁର୍ଘଟଣା ରେ ପ୍ରାଣ ହରାଇଲା ! ଆଉ ଜଣେ ବାହା ବେଦୀରୁ ଉଆଁସୀ କନ୍ୟା ଜାଣି ଚାଲିଗଲା । ସେହି ଦିନ ପରଠାରୁ କୋଣସି ପ୍ରସ୍ତାବ ଆସିଲେ ଗାଁ ମୁଣ୍ଡରୁ ଫେରିଯାଆନ୍ତି ସେମାନେ । ଏତିକ କହିଲା ବେଳକୁ ଆଖିମାଡ଼ି ଭେଁ ଭେଁ କାନ୍ଦୁଥିଲା ମଥୁରା ।

ରମେଶ ସାର :-ହେଲେ ତୁମେ ଏତେ ସବୁ .....

ମଥୁରା :- ମୁଁ ତାହାର ହତଭାଗା ବାପ

ରମେଶ ସାର :- ତେବେ ତାହାର କଣ ବିବାହ ଅସମ୍ଭବ ?

ମଥୁରା :- ତାହାର ଜାତକ ନେଇ ଆର ଗାଁ ଅବଧାନଙ୍କୁ ଦେଖେଇଲି ଯେ ସେ କହିଲେ ସେ ଗୋଟେ ଉଆଁସୀ କନ୍ୟା । ତା ରାଶି ଟା ଭାରି ଉଚ୍ଚା । ଚଉଠି ରାତିରେ ତା ସ୍ୱାମୀ ମୃତ୍ୟୁ ଯୋଗ ଅଛି ।

ରମେଶ ସାର କିନ୍ତୁ ଏ ସବୁର ବିଶ୍ୱାସ ନକରି ଯଥା ବିଧିରେ ଉଆଁସୀ କନ୍ୟାକୁ ବିବାହ ପାଇଁ ପ୍ରସ୍ତାବ ଦେଲେ । ବଡ଼ ଧୁମଧାମରେ ବିବାହ ସମ୍ପର୍ଣ୍ଣ ହେଲା । ବିବାହ ର ଆଜିକୁ ସାତ ବର୍ଷ ବିତିଗଲାଣି । ରମେଶ ସାରଙ୍କ ଦୁଇ ଦୁଇଟା ପୁଅ । ସେହି ଦିନୁ ଲୋକଙ୍କ ମନରୁ ଉଆଁସୀ ଶବଦଟା ଉଭେଇ ଗଲା । ରମେଶ ସାର ଆଜି ସେହି ଜନ୍ହୋକା ର ଦୃଶ୍ୟ ଦେଖୁଥିଲେ, ଆଜି କାହିଁ ଜନ୍ହୋକା ଆଗ ଜନ୍ହୋକା ଠାରୁ ଦ୍ୱିଗୁଣିତ ସୁନ୍ଦର ଦିଶୁଥିଲା ।

ଲେଖନପୁର, ସାଲେପୁର

# ମାଦକତା

ବୈଷ୍ଣବ ମେହେର

ଭଅଁର ଜାଣିଛି ଫୁଲର ମାଦକତା,
କଇଁ ଜାଣିଛି ଜ୍ୟୋସ୍ନାର ମାଦକତା,
ପ୍ରେମି ଜାଣିଛି ପ୍ରିୟାର ମାଦକତା,
କବି ଜାଣିଛି କବିତାର ମାଦକତା ।

ସତେ ଯେମିତି....
ପ୍ରତୀକ୍ଷାର ଅନ୍ତ ହୁଏ ମିଳନରେ,
ସେମିତି...
ମାଦକତା ଚରମେ ମଧୁ ପାନରେ |

କେତେବେଳୁ ଅପେକ୍ଷିତ ପ୍ରେୟସୀ,
କେବେ ଆସିବ ଗୋ ସାଥି,
ଥରେ ଦିଅ ତୁମେ କହି....
ଅପେକ୍ଷାର ଅନ୍ତ ନାହିଁ,
ଏଠି ପ୍ରେମର ମାଦକତାରେ,
ବିରହେ ଅଶ୍ରୁ ଯାଏ ବହି ।

ଗଣ୍ଡାବାହାଲି, ନୂଆପଡା

# ତମଖେ ଟାଙ୍କ କରି



ପ୍ରବୀଣ୍ ରମେଶ୍

ର୍ଏତ୍ ହେଲେ ସୁଇଲ୍ ବେଳେ
ଟାଙ୍କଥିସିଁ ତୁମର୍ ଲେଖାକେ
ଟାଙ୍କଥିସିଁ ତୁମର୍ ସପନ୍ କେ
ନଦ୍ ପଡଲ୍ ଉତାରୁ
ଦେଖସିଁ ପଦମ୍ ଫୁଲିଆ ମୁହୁଁକେ
ଉଠୁନ୍ ଧାପ୍ ମନେମନ୍
ସୋର୍ କରସି ତୁମର୍ ହସି କେ
ଟାଙ୍କଥିସିଁ ତୁମର୍ ଗେଜ୍ ଗେଜ୍
କଥାକେ ଶୁନବାକେ
ଭୁଲି ଜାଏସିଁ ଭୋକ୍ ଶୋଷ୍
ଭୁଲି ଜାଏସିଁ ସକାଳର୍ ଶୀତ୍ କେ
ଟାଙ୍କଥିସିଁ ତମଖେ ଦେଖବା କେ ।।

ଗଣ୍ଡାବାହାଲି, ନୂଆପଡ଼ା

# ଅଜଣା ଝଡ଼



ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ

ପ୍ରଚଣ୍ଡ ରୌଦ୍ର ତାପରୁ ବସୁମତୀ କ୍ରମେ ମୁକ୍ତି ହୋଇଛି | ଶ୍ରାବଣ ର ଧାର୍ ରେ ଧରଣୀ ର୍ଣୀ ସାନ୍ତ୍ୱନା ଅନୁଭବ କରୁଛି| ଓଦା ମାଟିର ଗନ୍ଧ ରେ ମନ ପୁଲକତ ଆଜି ସୁଷମା ର ବହୁତ ଖୁସି ସେ ଆଜି କାରଣ ତାର ବହୁତ ଦିନର ସ୍ୱପ୍ନ ଆଜି ସାକାର ହେଉଛି | ଆ.ଏ **(+2)** ପରେ ଘରେ ଗ୍ବହୁଁଥିଲେ ତାକୁ ବିବାହ କରିଦେବା ପାଇଁ କନ୍ତୁ ତାର ସହପାଠୀ ପିଙ୍କୁ ପାଇଁ ଆଜି ସେ ତାର ଅଧୁର୍ ସ୍ୱପ୍ନ ପୁର୍ କରିପାରିବ| ପିଙ୍କୁ ର ତାର ଗୋଟିଏ ଭଲ କଲେଜରେ ନାମ ଲେଖାଇଲେ | ପିଙ୍କୁ ଆଉ ସୁଷମା ବହୁତ ଭଲ ସାଙ୍ଗ| ଦୁଇଜଣ ହଷ୍ଟେଲ ରେ ରହିକ ପାଠ ପଢିଲେ| ସେ ଦୁଇଜଣ ଙ୍କ ଭିତରେ ବନ୍ଧୁତା ଛଡା ଆଉ କୌଣସି ସମ୍ପର୍କ ଦେଖାଯାଉନଥିଲ୍| କନ୍ତୁ ଉଭୟ ଙ୍କର ବାପା ମା ଭ୍ବିନେଇଥିଲେ ଦୁଇଜଣ ଙ୍କର ବିବାହ କରିବା ପାଇଁ| ଦୁଇ ପରିବାର ସେ ଦୁଇଜଣଙ୍କ ଅଜଣାତରେ ପରସ୍ପର ସମୁଦୁଣୀ ସମୁଦୀ ହୋଇଯାଇଥିଲେ | ପିଲ୍ମାନଙ୍କ ର ପାଠ ପଢାରେ ବ୍ୟାଘାତ ହେବ ବୋଲି ଏସବୁ ବିଷୟରେ ତାଙ୍କୁ କଛିବି ଜଣାଇ ନଥିଲେ|

କେତେଦିନ ପରେ ସୁଷମା ଦେଖିଲ୍ ପିଙ୍କୁ ଆଉ ତା ସହିତ ଭଲରେ ମିଶୁନ| କଲେଜରେ ନଷ୍ଟ ଓ ନଶାଗ୍ରସ୍ତ ପିଲ୍ମାନଙ୍କ ସହିତ ମିଳାମିଶା କରୁଛି | କେତେ ନଷ୍ଟ ଚରିନ୍ର ଝିଅଙ୍କ ସହ ବନ୍ଧୁତା ସ୍ଥାପନ କରିଛି | ଏସବୁ ଦେଖି ସୁଷମା ଜମାରୁ ସାହିପାରିଲ୍ ନାହିଁ କାରଣ ସେ ଦୁଇଜଣ ଥିଲେ ଅନ୍ତରଙ୍ଗ ବନ୍ଧୁ | ଜଣକୁ କଷ୍ଟ ହେଲେ ସାଙ୍ଗେ ସାଙ୍ଗେ ଅନ୍ୟ ଜଣକୁ କଷ୍ଟ ହୁଏ | ସୁଷମା ବହୁତ ବୁଝାଇଲ୍ ପିଙ୍କୁ କୁ ତୁ ଏମାନଙ୍କ ସହ ବନ୍ଧୁତା ସ୍ଥାପନ କରେନ ତୋର ଜୀବନ ବରବାଦ ହୋଇଯିବ | ମଉସା ଓ ମାଉସୀ ତୋତେ ନେଇ କେତେ ସ୍ୱପ୍ନ ଦେଖିଛନ୍ତି ପୁଅ ମୋର ଗ୍ବକରୀ କରିବ, ବୃଦ୍ଧା ସମୟ ରେ ଆମର ଆଶାବାଡି ହେବ କନ୍ତୁ

ତୁ ଆଜି ଏମିତି କାହିଁକି ହେଉଛୁ| ଏସବୁ ଶୁଣିଲା ପରେ ପିଙ୍କୁ ସୁଷମା ର ସବୁ କଥା କୁ ପ୍ରତ୍ୟାଖାନ କରିଦେଇ ଚାଲିଗଲା| ସୁଷମା ଯେତେ ପଛରୁ ଡାକଲା ସେ ଆଉ ଶୁଣିଲାନ| ଏହାପରେ ସୁଷମା ଦେଖିଲା ସେ ରାତିରେ ସବୁଦିନ ଝିଅ ମାନଙ୍କୁ ନେଇ କ୍ଲବ ଯାଉଛି, ମଦ୍ୟପାନ କରୁଛି, ଓ ଠିକ ରେ କଲେଜ ରେ କ୍ଲାସ କରୁନ | ଏସବୁ ଦେଖି ସୁଷମା ବହୁତ କାନ୍ଦିଲା ପୁଣି ତାକୁ ବୁଝାଇବାକୁ ଚେଷ୍ଟା କଲା | ଶେଷରେ ପିଙ୍କୁ ନଶାରୂପୀ ରାକ୍ଷସ ର ଶିକାର ହୋଇ କ୍ଷଣକ ମଧ୍ୟରେ ସୁଷମା ଜୀବନରେ ଅଜଣା ଝଡ଼ ସୃଷ୍ଟି କରିଦେଲା |

ସେଦିନ ଶ୍ରାବଣର ଭିଜା ଭିଜା ରାତି ରେ ପିଙ୍କୁ ମଦ୍ୟପାନ କରି ହଷ୍ଟେଲ ରାସ୍ତା ରେ ପଡିଗଲା । ସୁଷମା ସେ ସମୟରେ ଟିଉସନ ସାରି ତାର ରୁମ କୁ ଫେରୁଥିଲା ସେ ଏସବୁ ଦେଖି ସହିପରିଲାନ । ସେ ତାକୁ ନଶା ଅବସ୍ଥା ରେ ତାର ରୁମ ରେ ଛାଡିଲା କିନ୍ତୁ ସେଦିନ ମିତା ଜୀବନରେ ଏକ ଅଜଣା ଝଡ଼ ଆସି ତାର କୋମଳ ଜୀବନ ଆଉ ସବୁ ସ୍ୱପ୍ନ କୁ ଧୂଳିସାତ କରିଦେଇଥିଲା | ହଠାତ ପିଙ୍କୁ ମଦ ନଶାରେ ମାତାଲ ହୋଇ ରାକ୍ଷସ ସାଜି ମିତା ଜୀବନରେ ଅଜଣା ଝଡ଼ ସୃଷ୍ଟି କରିଦେଲା| ସେଦିନ ନିଜର ହିତାହିତ ଜ୍ଞାନ ସେ ହଜାଇ ଦେଇଥିଲା | ଶ୍ରାବଣ ଭିଜା ଅନ୍ଧକାର ରାତିରେ ଏକାକୀନୀ ମିତାର ଆର୍ତ୍ତ ଚିତ୍କାର ଶୁଣିବାକୁ ସେଠି କିଏ ବି ନଥିଲେ | କାହାକୁ କହିବ କାହା ବିଷୟରେ ଯାହାକୁ ବନ୍ଧୁତ୍ୱ ବନ୍ଧନରେ ବାନ୍ଧିଥିଲା ଓ ଯାହା ସହିତ ପବିତ୍ର ସମ୍ପର୍କ ର ପାହାଡ଼ ଗଢ଼ିଉଠିଥିଲା| ସେ ଆଜି ସ୍ତବ୍ଧ ଅଜଣା ଶ୍ରାବଣ ଧାରା ହଠାତ ତାର ଜଳ ବିନ୍ଦୁ କୁ ରୋକିଦେଲା କାରଣ ସୁଷମା ଅଶ୍ରୁରେ ବର୍ଷା ର ଧାରା ରୋକିଗଲା| ସକାଳ ର ପ୍ରଥମ ସୂର୍ଯ୍ୟ କିରଣ ରେ ସୁଷମା ନିଜକୁ ନୂଆ କରି ଗଢ଼ିବା ପାଇଁ ସ୍ଥିର କଲା| ଅତୀତ ର ସବୁ ଘଟଣା ଭୁଲିଯିବା ପାଇଁ ସ୍ଥିର କଲା|

ସେହିଦିନ ଠାରୁ ଆଉ ସେ ପିଙ୍କୁ କୁ ମୁହଁ ଦେଖାଇନ| ସେ ଏକ ପ୍ରାଇଭେଟ ଚାକିରୀ ଟିଏ କରିଛି ନିଜେ ସ୍ୱାବଲମ୍ବୀ ହୋଇପାରିଛି| ପିଙ୍କୁ ଦିନକୁ ଦିନ ବିଗିଡି ଯାଇଛି ଆଉ ରାଜନୀତି ରେ ପାଦ ଦେଇ ନିଜକୁ ଏକ କୁଜିନେତା ସଜାଇ ଦେଇଛି | ସର୍ବଦା ମଦପାନ କରି ଜୀବନ ବିତାଉଛି |

ପିଙ୍କୁ ର ମଦ୍ୟପାନ ବିଷୟରେ ଦୁଇ ପରିବାର ଜାଣି ନଥିଲେ | କାରଣ ପିଙ୍କୁ ଉପରେ ସୁନା ପୁଅ ଭଳି ଆଚରଣ ଦେଖାଇଥାଏ | ରାତିରେ ଲୁଚାଇ ମଦ୍ୟପାନ କରିଥାଏ |

ସୁଷମା ଆଉ ପିଙ୍କୁ ପରିବାର ଚନ୍ତା କଲେ ଆଉ ଡେରି କରିବାନ ଦୁଇଜଣ ଙ୍କର ବିବାହ କରିଦେବା | ଖାଲି ଦୁଇଜଣ ଙ୍କର ମତାମତ ନେଇଯିବା କଥା| ପିଙ୍କୁ କୁ ବିବାହ ବିଷୟରେ ପଗ୍ଗ୍ରିଲେ ତାର ମା| ପିଙ୍କୁ ନଜେ ଜାଣିଚ ସୁଷମା ପ୍ରତି ସେ କ ଅନ୍ୟାୟ କରିଛି ସେଥିପାଇଁ ସେ ବିବାହ ପାଇଁ ରାଜି ହୋଇଗଲା | ସୁଷମା ଏହି ବିବାହ ବିଷୟରେ ଯେତେବେଳେ ଜାଣିଲା ତାର ମୁଣ୍ଡ ଉପରେ ଆକାଶ ଛିଡିପଡିଲା, ପାଦ ତଳୁ ମାଟି ଖସିଗଲା କାରଣ ଯିଏ ତାର ଜୀବନକୁ ବରବାଦ କରିଦେଇଛି ନଶାଗ୍ରସ୍ତ ହୋଇ ପୁଣି ସେ ତାର ହାତ ଧରି ଜୀବନ ସାରା ରହିବ | ଏମିତି ଅନେକ ପ୍ରଶ୍ନ ତାର ମାନସିକ ପଟରେ ଉଙ୍କି ମାରିଥିଲା| ଶେଷରେ ସେ ନଷ୍ପତି ନେଲା ହଁ ସେ ପିଙ୍କୁ କୁ ବିବାହ କରିବ| ସେ କଣ ତାର ସ୍ନେହ ଶ୍ରଦ୍ଧା ଆଉ ସଂସ୍କାର ରୂପୀ ଅସ୍ତ୍ର ଦ୍ୱାରା ପିଙ୍କୁ କୁ ବଦଳାଇଦେଇ ପାରିବ ନାହିଁ| ଅନ୍ୟ ଝିଅ ମାନେ ମଦୁଆ ସ୍ୱାମୀ କୁ ବିବାହ କରିବା ପାଇଁ ମନା କରିଦିଅନ୍ତି କନ୍ତୁ ଅନ୍ୟ ଠୁ ଅଭିନ୍ନ ହୋଇପାରିବ ନାହିଁ.. ସମାଜରେ ରାକ୍ଷସ ରୂପୀ ନଶା କୁ ସେ ଦୁରକରିପାରିବ|

ଦୁଇଜଣ ଙ୍କର ବିବାହ ଯଥା ରୀତି ଅନୁସାରେ ସମ୍ପର୍ଣ୍ଣ ହେଲା| ନବ ବଧୂ ସାଜି ସୁଷମା ପିଙ୍କୁ ର ଘରକୁ ଗଲା | ବିବାହ ଦିନ ରାତ୍ରିରେ ଯେତେବେଳେ ପିଙ୍କୁ ସୁଷମା କୁ ମଦ ଆଣି ଆସିବା ପାଇଁ କହିଥିଲା ସେ ତାକୁ ଦେଇନଥିଲା | ସବୁବେଳେ ତାକୁ ମଦ କୁ ଛାଡି ଆଉ କଛି ମାଗିବା ପାଇଁ କହୁଥିଲା ସୁଷମା | ଏସବୁ କଥା ପିଙ୍କୁ ମାନୁନଥିଲା ବାହାରେ ସାଙ୍ଗ ସାଥିରେ ମଦ୍ୟ ପାନ କରି ଆସୁଥିଲା ସୁଷମା କୁ ବହୁତ ଅଶ୍ଲୀଳ ଗାଳ କରୁଥିଲା | ତଥାପି କେଭେ ଭାଙ୍ଗି ପଡ଼ିନଥିଲା । ସ୍ୱାମୀ ର କଟୁ ବଚନ ରେ ସେ ଦୃଢ଼ ନଷ୍ପତି ନେଇଥିଲା ପିଙ୍କୁ କୁ ସେ ବଦଳାଇ ଦେବ | ଥରେ ପିଙ୍କୁ ବାଇକ ରେ ମଦ୍ୟପାନ କରି ଆସୁଥିଲା | ନଶା ରେ କୌଣସି ଗାଡ଼ିରେ ନଜ ବାଇକ କୁ ପିଟିଦେଲା ଫଳରେ ତାର ଆସିଡେଣ୍ଟ ହୋଇଗଲା ସେ ନଜର ଚକ୍ଷୁ ଦୁଇଟି ହରାଇଦେଲା | ସୁଷମା ତାର ବହୁତ ସେବା କଲା ଶେଷରେ ଜଣେ ବୈଦାନ ବ୍ୟକ୍ତି ନଜ ସ୍ତ୍ରୀ ଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁ ଦୁଇଟି ପିଙ୍କୁ କୁ ପ୍ରଦାନ କଲେ | ପିଙ୍କୁ ପୁଣି ଥରେ ନଜ ଜୀବନ ର ସୂର୍ଯ୍ୟ କରଣ ଦେଖିପାରିଲା | ସୁଷମା ସବୁବେଳେ ତାକୁ ସ୍ନେହ ପୂର୍ଣ୍ଣ କଥା ବାର୍ତ୍ତା କରୁଥିଲା| ଯେପରି ସେ ପିଙ୍କୁ ର ମା ଟିଏ | ଧୀରେ ଧୀରେ ପିଙ୍କୁ ଭିତରେ କଛି ଅଲଗା ଆଚରଣ ଦୃଶ୍ୟମାନ ହେଲା| ସେ ମଧ ସୁଷମା କୁ ଧୀରେ ଧୀରେ ନଜ ସ୍ତ୍ରୀ ର ମର୍ଯ୍ୟାଦା ଦେଲା ଏବଂ ନଜର ଭୂଲ କୁ ବୁଝିପାରିଲା | ସୁଷମା ସହିତ ନଜର ସୁଖୀ ପରିବାର ରେ ବହୁତ ଆନନ୍ଦ ରେ ରହିଲା | ଶୀତ ପାହାନ୍ତି ର କୁହୁଡି ପରି ଅଜଣା

ଝଡ଼ ଟି ଦୁଇଜଣ ଙ୍କ ଜୀବନରୁ କୁଆଡେ ଉଭେଇ ଗଲା | ସୁଷମା ମଧ୍ୟ ସ୍ତ୍ରୀ ଲୋକ ଆଉ ବିଦ୍ୟାଳୟ ପିଲା ମାନଙ୍କୁ ନେଇ ଗ୍ରାମ ବୁଲିଆଡେ ନିଶା ନିବାରଣ ଜନମତ ସୃଷ୍ଟି କଲା | ସୁଷମା ର ପ୍ରଚେଷ୍ଟା ଫଳରେ ମଦ ରୂପୀ ରାକ୍ଷସ ର ଅନ୍ତ ହୋଇପାରିଲା ଓ ତାର ଜୀବନରେ ଖୁସିର ଜୁଆର ପ୍ରବାହିତ ହେଲା |

କିଏ କହିଲା ମଦ ଯିଏ ପିଏ ସେ ଆଉ ତାର କରାଳ କବଳ ରୁ ମୁକ୍ତି ପାଇନଥାଏ |ଏସବୁ ମନର ଭ୍ରାନ୍ତ ଧାରଣା ନିଜ ହୃଦୟ କୁ ଜଣେ ମଣିଷ ଦୃଢ଼ କରିପାରିଲେ ସବୁ କିଛି ସମ୍ଭବ ହୋଇପାରିବ | ଗୋଟିଏ ନାରୀ ପୁରୁଷ ମଦ ପିଇଲେ ସେ ନିଜକୁ ଦୁର୍ବଳ କରିଦେଉଛି ଶେଷରେ ଦୁଇଜଣ ଙ୍କ ଭିତରେ ବିଭିନ୍ନ କନ୍ଦଳ ସୃଷ୍ଟି ହୋଇ ଛାଡପତ୍ର ର ରୂପ ନେଉଛି | କେଭେ ବିଚଳିତ ନହୋଇ ନିଜେ ଜଣେ ନାରୀ ନିଜକୁ ସୁଦୃଢ କରି ନିଶା ରୂପୀ ରାକ୍ଷସ କୁ ନିଜର ଉପସ୍ଥିତ ବୁଦ୍ଧିରୂପୀ ଅସ୍ତ୍ର ଦ୍ଵାରା ବଧ କରିପାରିବ, ଅମଣିଷ କୁ ମଣିଷ କରି ସମାଜରେ ତାର ପଶୁତ୍ୱ କୁ ନିପାତ କରି ଏକ ସରଳ ମଣିଷ ଟିଏ ସୃଷ୍ଟି କରିପାରିବ ଏବଂ ସମାଜ କୁ ଆସନ୍ନ ବିପଦରୁ ରକ୍ଷା କରିପାରିବ |

ବେଦପୁର, ବାଙ୍କୀ, କଟକ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ଏକାନ୍ତରେ

ଅରୁଣଲାଲ ହରପାଲ

ନିରବ ଘଡିରେ ବସିଲେ ଏକା ମୁଁ
କାହା କଥା ମନେ ପଡେ ।
ନାହିଁ କେହି ମୋର ସାଥୀ ସହଦର
ନିସ୍ୱ ଆଜି ମୁଁ ନିଡ଼େ ।
ଚାହିଦେଲେ ମୁଁ ଦୁର ସୀମାନ୍ତରେ
ଏକଲ୍ ତରା ଟି ଦିଶେ
ଚାହିଁଦେହି କରି ମୋତେ ମିଟି ମିଟି କରି
ମୁରୁକ ଟିକିଏ ହସେ ।।
ସଂଜୁଆ ଲଗନେ ବସେ ଯେବେ ମୁହିଁ
ଏକା ବାତାୟନ ପାଶେ
ସେଫାଲି ସୁରଭି
ଥିରି ଥିରି ହୋଇ ଆସେ ।।
ନଈ କୂଳେ ଯେବେ ମୁହିଁ
ନଈ ସୁଅକୁ ଚାହିଁ ରହେ
ଅନନ୍ତ ସମୟ ସୁଅରେ ସେ ମତେ ଭାସି ବାକୁ ଡାକ ନିଏ ।।
ଦିନ ଆସେ ପୁଣି ଯାଏ କେତେ ବିତି
ମୁ ସେମିତି ଚାହିଁ ରହେ
ଆସିଲେ ମୋ ବେଳ ଯିବି ମୁଁ ଭାସି
ସେହି କଥା ଭାଲି ହୁଏ ।।

କର୍ଲାଗୁଡା, ଏମ ଏ, ପ୍ରଥମ ବର୍ଷ
ସ୍ୱୟଂଶାସିତ ମହାବିଦ୍ୟାଳୟ ଭବାନୀପାଟଣା

# କଏ ବା କଲା ହେଟାଦର

ଦୀପକ ବସ୍ତି

ନଜର ବୋଲି ମୁଁ ଯାହାକୁ ଭାବିଲି
ସିଏ କଲା ମତେ ପର
କଥା ହେବ ପାଇଁ ଇଚ୍ଛା କରୁନାହିଁ
କରୁଅଛି ହେଟାଦର ।

ସମୟ କହିବ ତମେବି ଜାଣିବ
କାହିଁ ହେଉ ଅଛ ଉଛନ
ରାତି ପାହି ଗଲେ କାକଜେ ରାବିବ
ହେଇ ଯାଉ ଟିକେ ଦିନ ।

ଏମିତି ମଣିଷ ଅଛନ୍ତି ବୋଲିକା
ଜାଣି ନଥିଲି ଜମା ମୁହିଁ
ସେହି କଥା ଆଜି ଭାବିଲା ବେଳକୁ
ଲୋତକ ଯାଉଛି ବୋହି ।

# ପଢ଼ାକ୍ ଲୋକର୍ କଥା



ଖଗେଶ୍ୱର ବାଗ

ମାଆ କେ ମମି ବାପା କେ ଡେଡ୍ ପତ୍ନି ତାକର୍  ଓ୍ୱାଇଫ୍ ଭବ୍ ନେ
ଡାକସନ୍ ଡାର୍ଲିଙ୍ଗ୍ ବୋଲି ଇଟା ପଢାକ୍ ଲୋକର୍ ଲାଇଫ୍ ।।
ହାତ୍ ଯୋଡି କଏ କରବା କଏ ଲାଙ୍ଗ୍ ଛାଟ୍ ପଡି ଜୁହାର୍
ହାଏ ହ୍ୟାଲୋ ଗୁଡ୍ ମର୍ଣ୍ଣିଙ୍ଗ୍ ସିନା ପଢାକ୍ ଲୋକର୍ ବେଭାର୍ ।।
ମାତୃଭାଷା କହେଲେ ଲାଜ୍ ସନମାନ୍ ହାନ ହେସି ଇଂରାଜୀ
ଦୁଇପଦ କହେଲେ ସିନା ଗୁରୁଦୁ ପ୍ରେଷ୍ଟିଜ୍ ମିଲସି ।।
ପୂଜା ପାଠ୍ ନେ ଧୂପ୍ ଦୀପ୍ ନେଇ ଅନ୍ଧବିଶ୍ୱାସ କହେସନ୍
କ୍ୟାଣ୍ଡଲ୍ ଫୁଙ୍କ ଜନମ୍ ଦିନେ ଆୟୁଷ କମେଇ ଦେସନ୍ ।।
କଁଟା ଗ୍ୱମୁଚେ ଡିନର୍ ଲଞ୍ଚ୍ ପଖାଲ୍ ଶାଗ୍ କଏ ଖାଏସି
ଝିଲି ମହୁଲି ମୁରୁଖ୍ ଲୋକର୍ ପଢାକର୍ ବିଅର୍ ଏସି।।
ଡହଡହ  ଇ ଖରାର୍ ବେଳା ଦେହେ ବୁଟସୁଟ୍ ରହେସି
ଆର୍ ଟୁକେଲ୍ ଜାତିର୍ କପଡା ପିନ୍ଧା ଧଙ୍ଗଧଙ୍ଗା ଦିଶୁଥିସି ।।
ଭାଇଗ୍ୱର୍ ଥି ନେଇନା ଗତି ଦେଶ୍ ପୀରତି କେ ଜୁହାର୍
ନଜେ ବଞ୍ଚିଥିଲେ ବାପର୍ ନାଁ ଜୀବନ୍ ଯାକର୍ ସାର୍ ।।
ପ୍ରଥା ପରମ୍ପରା ଚୁଲିକେ ଯାଉ ନୂଆ ଜମାନାର୍ ଲୋକ୍
ଖାଇ ପିଇ କରି ଅଏସ୍ କର ଯେନ୍ ମଲେ କାଏ ଶୋକ୍ ।।
ଦୁଇ ଅକ୍ଷର୍ ପଢ଼ିଛୁ ବୋଲି କାଏଯେ ସଂସ୍କୃତି ଭୁଲିମା
ଅନ୍ଧାନୁକରଣ କରି କାଏ ଯେ ମୁରୁଖ୍ ଲେଖେନ୍ ହେମା **?**

ଖଗେଶ୍ୱର ବାଗ, ବୁଢ଼ିକୋମନା, ଜିଲ୍ଲା-ନୂଆପଡ଼ା

# କାଁଥି



ଗ୍ରଜେଶ ପୂଜାରୀ

ଦେଖବ, ଇ ସରବନା ଶୁଖାଶୁଖି ଭିତରେ ନ
ମୋର ମୁରଦାର୍  ଆବରି ପକାବା
ବାସିଫୁଲର ଦସନା
ପୁରଥି ପୂରିଆର ମେଦାପନକେ ଢିଲି ସେନେ
ଶୁଇଯିବା ନଷ୍କଲଁକ୍ ଚୁପ୍ ଗୁପ୍,

ତୁମେ ଭେଟ୍ ଦେଇ ଥିବାର ସୁରତା ଥି
ମତେ ମୋର ବଲି କହୁଥିବାର
ମୋର ଭାବନା ମାନକୁ ବି ଅଲଝେଇ ଦେମି
ଇ ଆଏଁଖ୍ ସେ' ଆଏଁଖ୍ ଭିତରେ କାଁଥି କରି...!

କୁଶମେଲ, ଝାରସୁଗୁଡ଼ା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ବିଶ୍ୱ ପରିବେଶ ଦିବସ

ବଳରାମ ତରାଇ

ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସାରା ବିଶ୍ୱରେ ଜୁନ ୫ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି ଅଛି। ୧୯୭୨ରେ ଜାତିସଂଘ ପକ୍ଷରୁ ଏହି ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା। ୧୯୭୪ ଜୁନ ୫ରୁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଆସୁଛି। ଆଜି ଆମେ ଆବଶ୍ୟକ ସଚେତନତା ଅଭାବରୁ ଯେଉଁ ହାତରେ ଏହାର ଉଦ୍ଦେଶ୍ୟ ସଫଳ ହେବା କଥା ତାହା ହୋଇପାରୁ ନାହିଁ। କାହିଁକି ଗଛର ପରିମାଣ ବହୁତ କମିଗଲା ବାୟୁ ନଷ୍ଟ ଆମର ହେବାର ଲାଗିଛି ପରିବେଶ ବି ଦୁସିତ ହେଲାଣି।

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୪ରେ 'ପରିବେଶର ଏପରି ଖରାପ ସ୍ଥିତି ଏବଂ ବିଶ୍ୱର ଭବିଷ୍ୟତ ଉପରେ ଏହାର ପ୍ରଭାବ' ବିଷୟ ଉପରେ ବ୍ୟାଖ୍ୟାନ କରିଥିଲେ। ପରିବେଶ ସୁରକ୍ଷା ଦିଗରେ ଭାରତର ଏହା ପ୍ରଥମ ପଦକ୍ଷେପ ଥିଲା ତାଙ୍କର। ସେବେଠାରୁ ଦେଶରେ ଜୁନ ୫ରେ ଏହି ଦିବସ ପାଳନ କରାଯାଉଛି।

ଆସନ୍ତୁ ଆଜିର ଦିନରେ ଏକ ଶପଥ ନେବା ସମସ୍ତେ କଛି ଗଛ ଲଗାଇବା । ସୁନ୍ଦର ବନକରଣ କରିବା ଏକ ଗଛ ଆମ ଜିବନ ଗଛ ଟେ ଥିଲେ ଆମକୁ ଫଳ, ମୂଳ, ଓଷଧ, କାଠ, ବଷା, ପାଣି, ପବନ, ଥଣ୍ଡା ସବୁ କଛି ଦେବ।ଗଛ ରୁ ଶାଳ, ଶାଗୁଆନ, ମହୁ, ବହୁତ ଉପକରଣ ଆମକୁ ମିଳବ । ବାଟର ବାଟେଇ କୁ ଥଣ୍ଡା ଖରାଦିନ ଉତାପ ରୁ ଥଣ୍ଡା ଦିଅ। ଗଛ ଆମର ଏକମାତ୍ର ଜିବନ, ଗଛ ନଥିଲେ ବାତ୍ୟା ବନ୍ୟା ଖରା ସବୁ କଛି ସାମାନା କରିବାକୁ ପଡେ। ଗଛ କାଟି ଜଙ୍ଗଲ ନଷ୍ଟ କରନ୍ତୁ ନାହିଁ । ଗଛ ଅଙ୍ଗାରକାମ୍ଳ ନଏ ଆମକୁ,

ଅମ୍ଳଜାନ ଦିଏ ଜାହା ଶରୀର ପାଇଁ ଉପଯୁକ୍ତ ତାହା ବିନା ଆମେ ବଞ୍ଚିବା କଷ୍ଟକର ହେଇପଡିବ । ଆମର ଏ ସୁନ୍ଦର ପରିବେଶ ନଷ୍ଟ କରନ୍ତୁ ନାହିଁ।

ବର୍ତ୍ତମାନ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ଔଦ୍ୟୋଗିକ ପ୍ରଦୂଷଣ, ବିକରଣ, ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂର ବିପଦ ବହୁ ମାତ୍ରା ରେ ବଢ଼ିବାରେ ଲାଗିଛି। ୧୯୮୬ରେ ପରିବେଶ ସମ୍ବନ୍ଧୀୟ ଅଧିନୟମ ଲାଗୁ କରାଯାଇଥିଲା। ଏଥିରେ ଜଳ, ଭୂମି ଏବଂ ବାୟୁ ଏହି ୩ଟି ସହ ସମ୍ବନ୍ଧିତ କାରକ ଯେପରି ମଣିଷ, ବୃକ୍ଷ, ଛୋଟ ଜୀବ, ଅନ୍ୟ ଜୀବିତ ପଦାର୍ଥ ଆଦି ପରିବେଶ ଅଧୀନରେ ଆସୁଛି। ଏହି ଦିବସର ଏକ ବିଶେଷତ୍ୱ ହେଉଛି ପ୍ରତିବର୍ଷ ଏଥିରେ ଏକ ନୂଆ ଥିମ ନୁଆ ଆଲୋଚନା କରାଯାଇଥାଏ। ଚଳତ ବର୍ଷ ଥିମ ରହିଛି 'ବାୟୁ ପ୍ରଦୂଷଣ'| ସମୁଦ୍ର ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ଲାଷ୍ଟିକ ସାମଗ୍ରୀ ଓ ପ୍ଲାଷ୍ଟିକ ବ୍ୟାଗ୍ ଆଦି ଫିଙ୍ଗାଯାଉଥିବାରୁ ପ୍ରତିବର୍ଷ ୧୦ ଲକ୍ଷ ଜଳଜୀବଙ୍କ ମୃତ୍ୟୁ ହେଉଛି। ଏଥିପାଇଁ ପ୍ଲାଷ୍ଟିକ କୁ ବନ୍ଦ କରିବାର ସରକାରଙ୍କ ତରଫରୁ ନିଷ୍ପତ୍ତି କରାଯାଇଛି। ଆନ୍ଦୋଳନ ବି କରାଯାଇଛି ବହୁତ ସଚେତନତା ବି କରାଯାଇଛି | ସେହିପରି ଏକ ସର୍ଭେ ଅନୁସାରେ ବିଶ୍ୱରେ ଟୟଲେଟ ପେପରର ଗୃହିଦା ମେଣ୍ଟାଇବା ଲାଗି ପ୍ରତିଦିନ ୨୭ ହଜାର ଗଛ କଟାଯାଉଛି। ଏହାକୁ ଆମେ ବିରୋଧ କରୁନେ କାହିଁକ । ବହୁତ ମୂଲ୍ୟର କାଠ ସାମଗ୍ରୀ ନଷ୍ଟ ହୋଉଛି ଆଉ ପରିବେଶ ପ୍ରଦୂଷଣ ବି ହୋଉଛି । ଏଭଳ ଅମାନବୀୟ କାର୍ଯ୍ୟ ପରିବେଶକୁ ନଷ୍ଟ କରିବା ସହିତ ବିଶ୍ୱକୁ ଧ୍ୱଂସାଭିମୂଖୀ କରୁଛି। ଏଥିରୁ ବର୍ତ୍ତିବା ଲାଗି ପରିବେଶର ସୁରକ୍ଷା ଏକମାତ୍ର ବିକଳ୍ପ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି | ପରିବେଶବିତ୍‌ଙ୍କ ମତରେ ପରିବେଶ ଦିବସରେ ଲୋକମାନେ ପରିବେଶ ବିଷୟରେ ଅଧିକ ଚନ୍ତା କରନ୍ତି। ଏହି ଦିନ ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ସକାଳର ଆଶା ଦେଇଥାଏ। ତେଣୁ ପ୍ଲାଷ୍ଟିକର ବ୍ୟବହାର କମ୍ କରିବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଉଚତ। ଫଳରେ ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ।

ହାଟବରଡିହ, ଖୋର୍ଦ୍ଧା ଜିଲ୍ଲା

# ବୋଉ



ସନାତନ ସରକାର

ଘରୁ ଯାଇ ବୋଉ      ଆସିଲ୍ ପାଖରୁ
ଭଲ ଲାଗୁନାହିଁ ମୋତେ
କାହିଁକି କେଜାଣି     ସବୁବେଳେ ଖାଲି
ହୃଦୟ ଖୋଜୁଛି ତୋତେ

ଭାତ ଗୁଣ୍ଡା ଯେବେ    ପାଟିକୁ ନେଉଛି
ମୁଣ୍ଡକୁ ଉଠୁଛି ମୋର
ମୋ କଥା  ବୋଧେ     ମନେ ପକଉଛୁ
ଖରକାଲ୍ ବେଳେ ଘର

ଡାହା ମିଛ କୁହେ      ପୁଅଟା ତୋହର
ଜାଣିଛୁ ଭଲକ ତୁହି
ଖର୍‌ପରେ ଥିଲେ    ଭଣ୍ଡେଇ ଦିଏ ସେ
ଭଲ ଅଛି ବୋଲି କହି

ବିଦେଶ ଖବର          ଭାରି ଲୋ ଜବର
          ଗୁରିଆଡ଼େ କୋଠା ବାଡ଼ି
କଏ ଏଠି ଖୋଜେ      ଜିଇଁବାର ରାହା
          ଆଉ କଏ କରେ ରଡ଼ି

ରାତି ଯେବେ ହୁଏ       ପ୍ରତିଧ୍ୱନି ଶୁଭେ
          ବସଷ୍ଟାଣ୍ଡ ଆଉ ଗଳି
ସକାଳର ସୂର୍ଯ୍ୟ          ଉଠିବା ଆଗରୁ
          ପଡ଼ିଥାନ୍ତି କେତେ ବଳି

ତାହାରି ଭିତରେ          ସଙ୍ଘର୍ଷ କରୁଛି
          ତୋର ଏଇ ହତଭାଗା
ହନ୍ତସନ୍ତ ହୋଇ          ବଞ୍ଚିବାକୁ ପଡେ
          ଡର ଲାଗେ ଏଇ ଜାଗା

ନିଦ ଭାଙ୍ଗୁନାହିଁ        ସକାଳକୁ ମୋର
          ଉଠିଲେ ହେଉଛି ଡେରି
ଦଶଟା ବେଳକୁ          କାମକୁ ଯାଉଛି
          ନିତ୍ୟକର୍ମ ସବୁ ସାରି

ତୁ ସିନା ସକାଳୁ       ବିଛଣାରୁ ମୋତେ
          ବେଣୁସୁ ଉଠେଇ ଦେଉ

ଏଠି କନ୍ତ ମୋର        କଏ ଅଛି ଆଉ
କହିବ ଦିଗୁଣ୍ଡା ଖାଉ

ସତରେ ଲୋ ବୋଉ ବାରଘଣ୍ଟା କାମ
ସାରି ଯେତେବେଳେ ଆସେ
ଦୀର୍ଘଶ୍ୱାସ ନେଇ        ଉପରକୁ ଗୃହିଁ
ଥକା ମାରି ଟିକେ ବସେ

ମାରି ଦେଉଥିଲୁ        ପାଉଁଶିଆ ପାଦେ
ସୋରିଷ ତେଲକୁ ନେଇ
ଏଠି ଖାଇ ସାରି        ନିଦ ଲାଗିଗଲେ
ସେମିତି ପଡୁଛି ଶୋଇ

ଭୁରି ମନେ ପଡେ ହାତରନ୍ଧା ତୋର
ଶାଗ ପଖାଳରେ ମନ
ଭଲ ଲାଗୁନାହିଁ        ବିଦେଶ ବ୍ୟଞ୍ଜନ
କେମିତି କାଟିବି ଦିନ

ବେତଡ଼ା, ଭଦ୍ରକ

# ବରଷା ରାଣୀ ଲୋ



ଡମ୍ବରୁଧର ବାଗ

ବରଷା ରାଣୀ ଲୋ ବରଷା ରାଣୀ
କହୁଛି ତତେଲୋ ଗାଳ ଦେବୁନ ।
ଶୁଣିଯା ଲୋ ବସି ମନ ଧ୍ୟାନରେ
କହିବୁ ଯାଇ ମୋ ସାଙ୍ଗ ପାଖରେ ।
ସାଙ୍ଗର ଘର ମୋ ବହୁତ ଦୂର
କାହା କୁ କେବେ ସେ ଭାବେ ନ ପର ।
ତା ସାଙ୍ଗେ ସଂପର୍କ ଭାରି ବଢିଆ
ଗଲେ ତତେ ଦେବେ ଖଣ୍ଡ ନଡିଆ ।
ଖରାରେ ସିଝିଛି ତାଙ୍କରି ଗାଆଁ
ଫାଟି ଗାଆଁ ଭୂଇଁ କରିଛି ଆଆଁ ।
ସଅଳେ ଯାଇତୁ ଭିଜେଇ ଦେବୁ
ସମସ୍ତଙ୍କ ମନରେ ଆଶ୍ୱସ୍ତି ଦେବୁ ।
ଗଛ ଲତା ସବୁ ଝାଉଁଳଛନ୍ତି
ଜୀବଜନ୍ତୁ ସବୁ ତ୍ରାହୀ ଡାକନ୍ତି ।
ପ୍ରାଣ ସଞ୍ଚରିବ ତୋର ଦୟାରେ
ଯିବୁ ଯଦି ତୁହି ତାଙ୍କ ପାଖରେ ।
କର୍ଷିବେ ଭୂମିକୁ ଚଷା ସେଠାର
ବିହନ ବୁଣିବେ ହୋଇ ଆତୁର ।
ଗଜୁରି ଉଠିବ ସବୁ ବିହନ
ଖୁସିରେ ନାଚବ ସଭିଙ୍କ ମନ ।

ଦାଉ ସାଧିବୁନ ଜମା ସେଇଠି
ନହେଲେ ସଭିଏଁ ଖଟିବେ ବେଠି ।
ଭଲରେ ଭଲରେ ରହିବୁ ଯାଇ
ମନ ଜାଣି ବର୍ଷା ଦେବୁ ଭିଜାଇ ।
ଯେତେ ଥିବ ସେଠି ନାଳ ପୋଖରୀ
ମନ ଇଚ୍ଛା ଜଳ ଦେବୁତୁ ଭରି ।
ପରିବେଶ ସେଠି ବଦଳିଯିବ
ମୋ ସାଥୀ ର ମନ ହସି ଉଠିବ।
ସବୁଜ ସୁନ୍ଦର ଦିଶିବ ଧରା
ସବୁଠି ଖେଳବ ହସ ପସରା ।
ଶସ୍ୟ ରେ ଭରିବ ସାଙ୍ଗର ଗାଆଁ
ନଥିବ କା ପେଟେ ଭୋକର ନାଆଁ ।
ପଠାଇଲି ତତେ ଯିବୁ ସେଠାକୁ
ସ୍ନେହ ଶ୍ରଦ୍ଧା ମୋର ଦେବୁ ସାଙ୍ଗକୁ ।
କହିବୁ ତୋ ସାଙ୍ଗ ଭଲରେ ଅଛି
ତୋ ଗାଆଁ ପାଇଁ ସେ ମୋତେ ଦେଇଛି।

ଗୋଲ୍‌ମୁଣ୍ଡା, କଳାହାଣ୍ଡି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଧ୍ୱଂସ ହେଉଛି ଐତିହ୍ୟ

ନବେଦିତା ମହାପାତ୍ର

ମ ବୈକୁଣ୍ଠ ନାମରେ ବିଦିତ
ଆମରି ଶ୍ରୀକ୍ଷେତ୍ର ଧାମ
ବିଶ୍ୱ ପର୍ଯ୍ୟଟନେ ସ୍ୱର୍ଣ୍ଣାକ୍ଷରରେ
ଲିପିବଦ୍ଧ ତାର ନାମ ॥
ଯୁଗ ଯୁଗର ଐତିହ୍ୟ ଗୁଡିକୁ
ବକ୍ଷରେ ଜାବୁଡି ଧରି
ବଡ ଶରଧାରେ ଭକତ ଜନଙ୍କୁ
ଡାକୁଛି ସେ ହାତ ଠାରି ॥
ପୁରାତନ କେତେ ଗାଥା କାହାଣୀର
ସ୍ମୃତି ସାଇତିବା ପାଇଁ
ଗଢି ଉଠିଥିଲା କେତେ ଯେ ମଠ
ଶ୍ରୀଜିଉଙ୍କ ସେବା ପାଇଁ ॥
ରାମାନୁଜ ଚୈତନ୍ୟ ବଳରାମ
କେତେ ଭକତ ପ୍ରବୀର
କରି ଅବସ୍ଥାନ ବଣ୍ଟୁଥିଲେ ସେ
ବାର୍ତ୍ତା ଭକ୍ତି ଚେତନାର ॥
ବଡ ଦେଉଳେ ପାଳତ ହୁଅଇ
ବାରମାସେ ତେର ଯାତ

ସମସ୍ତ ପର୍ବର ନୀତି କାନ୍ତିରେ
ସଂପୃକ୍ତ ଥାଆନ୍ତି ମଠ ॥
ବଡ ସିଂହାରେ ପୁଷ୍ପ ଅଳଙ୍କାର
ସାଥେ ଗୁମର ଆଲଟ
ଯାନଯାତ୍ରାରେ ପନ୍ତି ଭୋଗ ସେବା
ଯୋଗାନ୍ତି ଏମାର ମଠ ॥
ସମର୍ପଣ କରୁଥିଲେ ଦୈନିକ
ଗୋପାଳ ବଲ୍ଲଭ ଭୋଗ
ରାମାନୁଜୀ ଚତା ଅଙ୍କିତ କରି
ପାଉଥିଲେ କେତେ ସୁଖ ॥
ବଡ ଓଡିଆ ମଠର ମହନ୍ତ
କରନ୍ତି ସେବା ଅନେକ
ରତ୍ନ ସିଂହାସନ ମାର୍ଜନା କରି
ପାଆନ୍ତି ଆତ୍ମ ସନ୍ତୋଷ ॥
ଫୁଲୁରି ତେଲ ଅଣସର ପଣା
ଚନ୍ଦନ କାଠ ଯୋଗାଣ
ତ୍ରିମୁଣ୍ଡି ଗୁନ୍ଦୁଆ ବାନ୍ଧିବା ଶ୍ରେୟ
ଦେଇଛନ୍ତି ନାରାୟଣ ॥
କାର୍ତ୍ତିକ ମାସେ ଦୀପ ପ୍ରଜ୍ଜ୍ୱଳନ
ହେଉ ଅବା ସଂକୀର୍ତ୍ତନ
ସୋଳ ଚତାଲାଗି ମହନ ଭୋଗ
ଯୋଗାଇ ଦିଅନ୍ତି ମଠ ॥
କପରି ହୋଇବ ଆଉ ଏ ନୀତି
ଦିଶୁନାହିଁ କଛି ବାଟ
ଅତୀତ ଗୌରବର କୀର୍ତ୍ତିସ୍ତମ୍ଭ
ପ୍ରଶାସନ କରେ ଧ୍ୱଂସ ॥

ସରକାରଙ୍କ ନଷ୍ଟଭିକୁ ମାନ
ଗ୍ଲୁଛି ଲୌହ ମାନବ
ମୁହୁର୍ତ୍ତକେ ଧୂଳସାତ୍ କରୁଛି
ବିଶ୍ୱ ଐତିହ୍ୟର ଚହ୍ନ ॥
ଚକାଆଖି ମେଲି ଦେଖୁଛ ତୁମେ
ଧ୍ୱଂସର ତାଣ୍ଡବ ଲୀଳା
ମଠ ପରମ୍ପରା ଲୋପ ପାଉଛି
ଲାଗୁନ ତୁମକୁ ବାଧା ॥

ମୁକୁନ୍ଦ ମିଶ୍ର ନଗର,ପୁରୀ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଧର୍ମ ନାମରେ ଧ୍ୱନି ପ୍ରଦୂଷଣ



ବାଲ୍ମୀକ ନାୟକ

ଭାରତ ଏକ ସ୍ୱାଧୀନ ଦେଶ ଏବଂ ଏହାର ଅଧିବାସୀ ସ୍ୱାଧୀନ ନାଗରିକ ନାମରେ ପରିଚିତ। ଆମର ସମ୍ବିଧାନ ବ୍ୟକ୍ତି ସ୍ୱାଧୀନତା ନାମରେ ଅନେକ ସୁଯୋଗ ଦେଇଛି, ଯାହା ଦ୍ୱାରା ଆମେ ନିଜକୁ ସ୍ୱାଧୀନ ବୋଲି ଅନୁଭବ କରିପାରିବା। କିନ୍ତୁ ଏହାର ଏକ ବିପରୀତ ଦିଗ ବି ଦେଖିବାକୁ ମିଳୁଛି। ତାହା ହେଉଛି ସ୍ୱାଧୀନତାର ଦୁରୁପଯୋଗ। ସ୍ୱାଧୀନତା ନାମରେ କେତେକ ବ୍ୟକ୍ତି, ସଂସ୍ଥା ଓ ସଂପ୍ରଦାୟ ଏଭଳି ଅମାନବୀୟ କାମ କରୁଛନ୍ତି, ଯାହା ଦ୍ୱାରା ସମାଜର ଅନେକ ଅପୂରଣୀୟ କ୍ଷତି ବି ହେଉଛି। ସମାଜର ଆବାଳ ବୃଦ୍ଧବନିତା ଅଶାନ୍ତିରେ କାଳ କାଟିବାକୁ ବାଧ୍ୟ ହେଉଛନ୍ତି, ଯଦିଓ ଭାରତୀୟ ସମ୍ବିଧାନ ଆମକୁ ସମ୍ପୂର୍ଣ୍ଣ ଅନୁମତି ଦେଇଛି କି ଆମେ ଆମର ଆଧ୍ୟାତ୍ମିକ ନୀତି ନିୟମ ଓ କର୍ମକାଣ୍ଡ ସ୍ୱତନ୍ତ୍ର ଭାବେ ପାଳନ କରି ପାରିବା, ତଥାପି ଏହାର ଅର୍ଥ ନୁହେଁ ଯେ ଆଧ୍ୟାତ୍ମିକତା ନାମରେ କରାଯାଉଥିବା କର୍ମକାଣ୍ଡ ଓ ଆୟୋଜନ ଦ୍ୱାରା ଅନ୍ୟ ଜନସାଧାରଣଙ୍କୁ ଶାରୀରିକ ଓ ମାନସିକ କଷ୍ଟ ଭୋଗ କରିବାକୁ ବାଧ୍ୟ କରିବା। ବିଡମ୍ବନା ହେଉଛି ଯେ ଆମ ଦେଶରେ ଧର୍ମ ନାମରେ ଏହି ଭଳି ଅନେକ ଗତିବିଧି ଚାଲିଛି, ଯାହାର ପ୍ରତିକାର ଅସମ୍ଭବ ଲାଗୁଛି।

ଉଦାହରଣ ସ୍ୱରୂପ ଆମେ ଦେଖିବା ପ୍ରତ୍ୟେକ ହିନ୍ଦୁ, ମୁସଲମାନ, ଶିଖ୍ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପୂଜାସ୍ଥଳରେ ଲାଉଡସ୍ପିକର ଖଞ୍ଜାଯାଇଛି। ମନ୍ଦିରମାନଙ୍କରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଭଜନ, ଜଣାଣ ଆଦି ପ୍ରସାରିତ ହେଉଛି। ମସଜିଦ୍ ମାନଙ୍କରେ ପ୍ରତିଦିନ ପାଞ୍ଚଥର ନମାଜ ପ୍ରସାରିତ ହେଉଛି। ଗୁରୁଦ୍ୱାରମାନଙ୍କରେ ସକାଳ ଚାରିଟାରୁ ଗୁରୁଗ୍ରନ୍ଥ ପାଠ ଆରମ୍ଭ ହେଉଛି। ଗୀର୍ଜାଘର ମାନଙ୍କରେ ବି ସକାଳୁ ପ୍ରାର୍ଥନା ପ୍ରସାରିତ ହେଉଛି,

ତାହା ଆଖପାଖର ଜନତାଙ୍କ ପାଇଁ କେତେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି, ସେ କଥା ଅନୁଭବି ହିଁ ଜାଣିପାରିବେ ।

ଲାଉଡସ୍ପିକର ବା ଡାକବାଜୀ ଯନ୍ତ୍ରର ଉପଯୋଗ ବ୍ୟବସାୟିକ ପ୍ରଚାର କିମ୍ବା ପ୍ରଶାସନକ ସୂଚନା ଦେବାପାଇଁ ହେବାଟା ନ୍ୟାୟସଂଗତ ଲାଗୁଛି । ସେହିଭଳି କେତେକ ଜନଗହଳ ମେଳା ବା ରାଜନୈତିକ ସଭାର ଆୟୋଜନ ବେଳେ ଜନସାଧାରଣଙ୍କୁ ମହତ୍ୱପୂର୍ଣ୍ଣ ସୂଚନା ଦେବା, ଭିଡକୁ ନିୟନ୍ତ୍ରଣ କରିବା, ବକ୍ତାଙ୍କ ଭାଷଣ ଆଦିକୁ ପ୍ରଚାର କରିବା କାମରେ ଏହି ଯନ୍ତ୍ରକୁ ବ୍ୟବହାର କରାଯାଇଥାଏ । ବସ୍ ଷ୍ଟାଣ୍ଡ, ରେଳଷ୍ଟେସନ୍, ଏୟାରପୋର୍ଟ ଆଦି ଜନଗହଳ ସ୍ଥାନ ମାନଙ୍କରେ ଆବଶ୍ୟକ ସୂଚନା ଦେବା ପାଇଁ ଲାଉଡ୍ ସ୍ପିକର ଯନ୍ତ୍ରର ବ୍ୟବହାରକୁ ଅପରିହାର୍ଯ୍ୟ ଶ୍ରେଣୀରେ ଗଣନା କରାଯିବ । କିନ୍ତୁ ନିୟମିତ ଭାବେ ପ୍ରତିଦିନ ପାଞ୍ଚଥର କିମ୍ବା ଯେ କୌଣସି ସମୟରେ ଲାଉଡ୍ ସ୍ପିକର ଦ୍ୱାରା ଭଜନ, ପ୍ରବଚନ, ନମାଜ ଆଦି ବାରମ୍ବାର ଘୋଷଣା କରିବାର ଔଚିତ୍ୟ କଣ? ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ସମସ୍ତେ ଏକମତ ହେବେ ଯେ ଯେଉଁମାନେ ଯେଉଁ ଧର୍ମକୁ କିମ୍ବା ଯେଉଁ ତଥାକଥିତ ଦେବତାଙ୍କୁ ବିଶ୍ୱାସ କରୁଛନ୍ତି, ସେମାନେ ନିୟମିତ ଭାବେ ଧାର୍ମିକ ନୀତିନିୟମ ମାନ କର୍ମକାଣ୍ଡ ତ କରୁଛନ୍ତି, ପ୍ରତିଦିନ ସେମାନଙ୍କୁ ମନେ ପକାଇଦେବା କଣ ନିହାତି ଜରୁରୀ? ଭକ୍ତମାନେ କାଳେ ବାଟବଣା ହୋଇ ଅନ୍ୟ କେଉଁ ଆଡକୁ ଚାଲିଯିବେ ବୋଲି ହୁଏତ ଭୟ ରହୁଥିବାରୁ ଡାକବାଜୀ ଯନ୍ତ୍ରଦ୍ୱାରା ସୂଚେଇ ଦିଆ ହେଉଛି ଆସ ଆସ ତୁମର ଧାର୍ମିକ ସ୍ଥଳ ଏଇଠି ଅଛି । ଏହା ବି ତ ସମ୍ଭବ ନୁହେଁ ଯେ ଗୋଟିଏ ଧାର୍ମିକ ସଂପ୍ରଦାୟର ଲୋକ ଅନ୍ୟ ଧାର୍ମିକ ସଂପ୍ରଦାୟର ଭଜନ ବା ପ୍ରବଚନ ଶୁଣି ନିଜର ଧର୍ମ ପରିବର୍ତ୍ତନ କରିଦେବେ । ଧର୍ମ ହେଉଛି ମଣିଷର ବ୍ୟକ୍ତିଗତ ଆସ୍ଥା ଦ୍ୱାରା ପ୍ରଭାବିତ ଏମିତି ଏକ ସମ୍ବେଦନଶୀଳ ବିଷୟ ଯାହାକୁ ବିନା ଲାଉଡ୍ ସ୍ପିକରରେ ବି ଧର୍ମ ସହିତ ବାନ୍ଧି ରଖୁଛି । ସେ ସ୍ୱଇଚ୍ଛାରେ ହିଁ ବାନ୍ଧି ହୋଇ ରହିବାକୁ ଚାହୁଁଛି । ଯେଉଁ ବ୍ୟକ୍ତି ଭକ୍ତିଭାବନା ଯୋଗୁଁ ସ୍ୱଇଚ୍ଛାରେ ପ୍ରାତଃକାଳରେ ଉଠି ନିତ୍ୟକର୍ମ ଶେଷ କରି ମନ୍ଦିର, ମସଜିଦ୍, ଗୁରୁଦ୍ୱାର, ଗୀର୍ଜାଘର୍ କିମ୍ବା ଅନ୍ୟ ଧାର୍ମିକସ୍ଥଳକୁ ଯିବା ଅପେକ୍ଷା ଅନ୍ୟ କିଛି ମହତ୍ୱପୂର୍ଣ୍ଣ କାମ କରିବାକୁ ଇଚ୍ଛା କରୁଛି, ତାଙ୍କୁ ଏହି

ଧାର୍ମିକସ୍ଥଳରୁ ଶୁଣାଯାଉଥିବା ଭଜନ ବା ପ୍ରବଚନ ଆଧ୍ୟାତ୍ମିକସ୍ଥଳ ଆଡକୁ ଆକର୍ଷିତ କରିପାରିବନି । ସେଥିପାଇଁ ପ୍ରଶ୍ନ ଉଠୁଛି ଲାଉଡସ୍ପିକର ଦ୍ୱାରା ଉଚ୍ଚଧ୍ୱନି ରେ ପ୍ରଚାର କରାଯାଉଥିବା ଧାର୍ମିକବାଣୀର ଆବଶ୍ୟକତା କାହା ପାଇଁ? ଏହାର ଔଚିତ୍ୟ କଣ?

ଏହାର ଉପକାରିତା ଉପରେ ଯଦି ବିଚାର କରାଯାଏ, ଆମେ ସ୍ପଷ୍ଟ ଭାବେ ଅନୁଭବ କରିପାରିବା ଯେ କେବଳ ବ୍ୟକ୍ତିଙ୍କୁ ନୁହେଁ ସମଗ୍ର ଦେଶକୁ ଏହି ଧ୍ୱନି ପ୍ରଦୂଷଣ ଗ୍ରାସ କରି ରଖିଛି । ଉଦାହରଣତଃ ଘରେ ରହୁଥିବା ବୟସ୍କ ବ୍ୟକ୍ତି ଏବଂ ରୋଗଶଯ୍ୟାରେ ପଡିଥିବା ବ୍ୟକ୍ତିଙ୍କ ମାନସିକ ଶାନ୍ତି ନଷ୍ଟ ହେଉଛି । ବୟସ୍କ ଲୋକମାନଙ୍କୁ ବିଭିନ୍ନ ଆନୁସଙ୍ଗିକ ରୋଗ ଯୋଗୁଁ ରାତିରେ ସହଜରେ ନିଦ ହୁଏ ନାହିଁ। ସେମାନେ ପ୍ରାୟ ପାହାନ୍ତିଆ ପହର ବେଳକୁ ଗାଢ ନିଦରେ ଶୋଇଥାନ୍ତି । ସେହି ସମୟରେ ଘର ପାଖରେ ଥିବା କୌଣସି ଧାର୍ମିକସ୍ଥଳରୁ ଗର୍ଜନ କରୁଥିବା ଲାଉଡ୍ ସ୍ପିକରର କର୍କଶ ଶବ୍ଦରେ ଯଦି ତାଙ୍କର ନିଦ ଭାଙ୍ଗିଯାଏ ତେବେ ବିଚାରା ଅସହାୟ ବ୍ୟକ୍ତି ଜଣକ କାହାକୁ ଯାଇ ଅଭିଯୋଗ କରିପାରିବ? ଗୋଟିଏ ବୟସ୍କ, ଅସୁସ୍ଥ ଓ ଅସହାୟ ବ୍ୟକ୍ତିଙ୍କ ନିଦ ହରଣ କରିବା ଏବଂ ତାଙ୍କ କାନରେ ନିଜର ଧାର୍ମିକ ଉପଦେଶ, ପ୍ରବଚନ ବା ଭଜନକୁ ଜବରଦସ୍ତି ଠୁସି ଦେବା କଣ ମାନବୀୟ କାର୍ଯ୍ୟ ବୋଲି କହିବା ଉଚିତ ହେବ କି? ଦେଶର ଏକ ବା ଦୁଇ ନୁହେଁ ହଜାର ହଜାର ଧାର୍ମିକସ୍ଥଳ ମାନଙ୍କ ଦ୍ୱାରା ହେଉଥିବା ଧ୍ୱନି ପ୍ରଦୂଷଣ ବିରୋଧରେ ଦାବି କରାଯାଉଛି । କିନ୍ତୁ ଶୁଣିବାକୁ କେହି ନାହିଁ । ପ୍ରଶାସନର ଅଧିକାରିଗଣ ଏହା ଏକ ଧାର୍ମିକ ବିଷୟ ସହିତ ଯୋଡି ହୋଇଥିବା ସମ୍ବେଦନଶୀଳ ମାମଲା ହୋଇଥିବାରୁ କୋଣସି ପ୍ରତିବନ୍ଧ ଲଗାଇବାକୁ ସାହସ କରୁନାହାନ୍ତି ।

ଏହା ବ୍ୟତୀତ ଆମର ଭବିଷ୍ୟତ ବଂଶଧର ଛାତ୍ର ଓ ଛାତ୍ରୀମାନେ ଅତି ଦୟନୀୟ ଭାବେ ଧ୍ୱନୀ ପ୍ରଦୂଷଣର ଶୀକାର ହେଉଛନ୍ତି । ସେମାନଙ୍କର ପାଠ ପଢିବାର ଅନୁକୂଳ ସମୟ ହେଉଛି ପ୍ରାତଃକାଳ ଓ ସନ୍ଧ୍ୟା ସମୟ । ଠିକ୍ ସେହି ସମୟରେ ଯଦି ଧାର୍ମିକସ୍ଥଳରୁ ଲାଉଡ୍ ସ୍ପିକରରେ ଉଚ୍ଚଧ୍ୱନିରେ ଶବ୍ଦ ଆସି କାନରେ ବାଜିବ, ତେବେ ପାଠ ପଢାରେ ବ୍ୟାଘାତ ହେବ ହିଁ ହେବ । ଆଜିର ମହଙ୍ଗା ଯୁଗରେ ପିଲାମାନଙ୍କର ଶିକ୍ଷା ପ୍ରାପ୍ତି ପାଇଁ ପିତାମାତା

ଯଥେଷ୍ଟ ଧନ ଖର୍ଚ୍ଚ କରୁଛନ୍ତି । ପିଲାମାନେ ବି ପ୍ରତିଯୋଗିତାମୂଳକ ବୈଷୟିକ ଶିକ୍ଷାପ୍ରାପ୍ତି କରି ସଫଳହେବା ପାଇଁ ଦିନରାତି ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ସେମାନଙ୍କୁ ପାଠ ପଢିବା ପାଇଁ ଏକ ଶାନ୍ତ ବାତାବରଣ ଯୋଗାଇ ଦେବା କଣ ଧାର୍ମିକ ସଂପ୍ରଦାୟର କର୍ତ୍ତବ୍ୟ ନୁହେଁ**?** କିନ୍ତୁ ପରିତାପର ବିଷୟ ହେଉଛି ଯେ ଧର୍ମ ନାମରେ ଅଧା ପାଠ ପଢି ପୋଥିରେ ଡୋର ବାନ୍ଧି, କର୍ତ୍ତବ୍ୟ ବିମୁଖ ହୋଇ ଯେଉଁ ପଣ୍ଡାପୂଜାରୀଗଣ ଧାର୍ମିକସ୍ଥଳ ମାନଙ୍କରେ ବସି ଭଜନ ବା ପ୍ରବଚନ ଶୁଣାଉଛନ୍ତି, ସେମାନେ କେମିତି ବୁଝିବେ ଯେ ଲାଉଡ୍ ସ୍ପିକର ଯନ୍ତ୍ର ଧର୍ମଶାସ୍ତ୍ର ପଢି କେହି ତିଆରି କରିନାହାନ୍ତି ବରଂ ବିଜ୍ଞାନ ପାଠ ପଢି ତିଆରି କରିଛନ୍ତି । ସେମାନଙ୍କ ପାଇଁ ତ ଭକ୍ତଙ୍କ ମାନସିକ ଦୋହନ କରି ନିଜ ପାଇଁ ଧନ ସଂଗ୍ରହ ଏବଂ ଭକ୍ତଙ୍କୁ ତଥାକଥିତ ମୋକ୍ଷପ୍ରାପ୍ତିର ମିଥ୍ୟା ପ୍ରତିଶ୍ରୁତି ହେଉଛି ଅସଲ ଧନ୍ଦା । ପିଲାମାନଙ୍କର ଶିକ୍ଷା ବାଧାପ୍ରାପ୍ତ ହୋଇ ଦେଶର ଯେତେ କ୍ଷତି ହେଲେ ବି ସେମାନଙ୍କ ଆମଦାନୀରେ କୌଣସି ଫରକ ପଡିବନି, ଏକଥା ସେମାନେ ଭଲ କରି ଜାଣିଛନ୍ତି । ସେଥିପାଇଁ ଯେଉଁ ପିଲାମାନେ ଏହି ତଥାକଥିତ ଆଧ୍ୟାତ୍ମିକ ଅଧିକାରୀଙ୍କ ନିର୍ଦ୍ଧାରିତ ସୀମାରେଖାକୁ ଲଙ୍ଘନ କରି ନିଜର, ପରିବାରର, ସମାଜର ଏବଂ ଦେଶର ଉନ୍ନତି କରିବାକୁ ଚାହୁଁଛନ୍ତି ସେମାନଙ୍କ ମୌଳିକ ସମସ୍ୟା ଉପରେ ଗଭୀର ଭାବେ ଚିନ୍ତା କରିବା ପାଇଁ କୌଣସି ଧର୍ମଗୁରୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେମାନଙ୍କ ମତରେ ଇଶ୍ୱରଙ୍କ ଆଶୀର୍ବାଦ ଏବଂ ଭାଗ୍ୟରେ ଥିଲେ ଛାତ୍ର ନିଶ୍ଚୟ ଉନ୍ନତି କରିବ । ଅନ୍ୟଥା ଯେତେ ପାଠ ପଢିଲେ ବି କିଛି ହେବନାହିଁ ।

ଉପରୋକ୍ତ ସମସ୍ତ ଉଦାହରଣରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ ଯଦିଓ ଧର୍ମ କୌଣସି ଭୌତିକ ଉତ୍ପାଦନ ବସ୍ତୁ ନୁହେଁ, ଏବଂ ଧର୍ମକୁ ଭୌତିକ ବସ୍ତୁଭାବରେ କାହାକୁ ବିକ୍ରୀ କରିହେବ ନାହିଁ, ତଥାପି ଧାର୍ମିକସ୍ଥଳ ମାନଙ୍କରେ ଲାଉଡ୍ ସ୍ପିକର୍ ଲଗାଇ ଯେଉଁଭଳି ପ୍ରଚାର କରାଯାଉଛି, ସେଥିରୁ ଲାଗୁଛି ଯେପରି ସମସ୍ତେ ନିଜର ମାଲ୍ ଅଧିକରୁ ଅଧିକ ବିକ୍ରୀ କରିବାକୁ ପ୍ରତିଯୋଗିତା କରୁଛନ୍ତି ।

ଏହା ବି ଏକ ଅପ୍ରିୟ ସତ୍ୟକଥା ଯେ ଧର୍ମ ବି ଆଜିକାଲି କୌଣସି ଭୌତିକ ବସ୍ତୁଠାରୁ ଭିନ୍ନ ନୁହେଁ । ଆପଣ ଯେତେ ଅଧିକ ଦାନ ଦକ୍ଷିଣା ଦେଇ ପାରିବେ, ସେତେ ଅଧିକ ପୂଣ୍ୟ ପ୍ରାପ୍ତ

କରିପାରିବାର ଗ୍ୟାରେଣ୍ଟି ପାଇ ପାରିବେ। ଅନେକ ଧର୍ମ ବିଶ୍ୱାସୀ ସ୍ୱାର୍ଥନ୍ୱେଷୀ ଠକ ବ୍ୟକ୍ତି ବୁଝିସାରିଲେଣି ଯେ ଆଜି ତଥାକଥିତ ଧ୍ୟାନ, ଧାରଣା, ତପସ୍ୟା ଓ ପ୍ରାର୍ଥନା ଆଦିର କଛି ମୂଲ୍ୟ ନାହିଁ। ଅଯଥା ସମୟ ନଷ୍ଟ କରି ଘଣ୍ଟା ଘଣ୍ଟା ଧରି ତଥାକଥିତ ଠାକୁରଙ୍କୁ ପୂଜା କରିବା ଆବଶ୍ୟ ନାହିଁ। ମନ୍ଦିରକୁ ଯାଅ, ଘଣ୍ଟା ବଜାଅ, ପୂଜାରୀଙ୍କୁ ମନମୁତାବକ ଦକ୍ଷିଣା ଦିଅ, କାମ ଶେଷ। ସେ ତୁମପାଇଁ ବାକ ସବୁ କାମ କରିଦେବେ। ଘରକୁ ଫେରି ଅପରାଧ ବୋଧରୁ ମୁକ୍ତ ହୋଇ ନଜ କର୍ମରେ ବ୍ୟସ୍ତ ରହ। ସେ କର୍ମ, ସୁକର୍ମ ବା କୁକର୍ମ ଚନ୍ତା କରିବା ଆବଶ୍ୟକ ନାହିଁ। ଅଧିକରୁ ଅଧିକ ଧନ ଉପାର୍ଜନରେ ମନ ଦିଅ। ହଁ, ମଝିରେ ମଝିରେ ଧାର୍ମିକସ୍ଥଳକୁ ଯାଇ ପୂଣ୍ୟ ଅର୍ଜନ ପାଇଁ କଛି ଦକ୍ଷିଣା ଦେଇଦିଅ। ବାସ ସେତିକରେ ତୁମର ଇହକାଳ ଓ ପରକାଳ ସୁଧୁରିଯିବ। ଏହିଭଳ ପ୍ରବଞ୍ଚକ, ସ୍ୱାର୍ଥନ୍ୱେଷୀ ଓ ଠକ ଭକ୍ତଙ୍କ ଯୋଗୁଁ ଧାର୍ମିକସ୍ଥଳ ଓ ସେଠାରେ ଆସ୍ଥାନ ଜମେଇ ବସିଥିବା କାମଗ୍ରେର ଧର୍ମ ଧ୍ୱଜାଧାରୀମାନଙ୍କ ଜୟଜୟକାର ହେଉଛି। ଯେଉଁଠି ଧନର ବାନା ଉଡୁଛି, ସେଇଠି ଧର୍ମର ବାନା ଏକ ପ୍ରହସନ ହୋଇ ରହିଯାଉଛି।

ଆମ ସମାଜ ଏବଂ ଧର୍ମର ଏକ ନୈତିକ ଦାୟିତ୍ୱ ହେଉଛି ଯେ ଆମର ବୟସ୍କ, ରୋଗୀ ଏବଂ ଅସହାୟ ବ୍ୟକ୍ତିଙ୍କୁ ଯେତେଦୂର ସମ୍ଭବ ସୁଖ ଓ ଶାନ୍ତିରେ ରଖିବା। ଯଦି ସେତିକ କରିବା ସମ୍ଭବ ନୁହେଁ, ତେବେ ବି ଆମର କୌଣସି ଅଧିକାର ନାହିଁ ଯେ ରୋଗରେ ପଡିଥିବା ବ୍ୟକ୍ତି ଓ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ କାନରେ ଜବରଦସ୍ତି ଭଜନ, ଜଣାଣ, ଶୁଣାଇ ସେମାନଙ୍କୁ ମାନସିକ ଭାବରେ ଅଶାନ୍ତି କରିବା। ଏହାକୁ ନୈତିକ ନୁହେଁ ବରଂ ଅନୈତିକ ଗତିବିଧି ବୋଲି କୁହାଯାଇପାରିବ। ବୈଜ୍ଞାନକ ଦୃଷ୍ଟିକୋଣରୁ ବିଗ୍ଭର କଲେ ଆମେ ବୁଝିପାରିବା ଯେ ସକାଳଓ ସନ୍ଧ୍ୟାରେ ପ୍ରକୃତି ପ୍ରଦୂଷଣମୁକ୍ତ ରହେ। ପ୍ରକୃତି ମାନବ ପାଇଁ ଶାନ୍ତ ବାତାବରଣ ପ୍ରଦାନ କରିଛି କନ୍ତୁ କଛି ମାନବ ଧର୍ମ ନାମରେ ଲାଉଡ୍ ସ୍ପିକର୍ ବ୍ୟବହାର କରି ବାତାବରଣକୁ ଅଶାନ୍ତ କରି ଦେଉଛନ୍ତି।

ଯେତେବେଳେ ଦୁନଆରେ ଲାଉଡ୍ ସ୍ପିକର୍ ଉଦ୍ଭାବନ ହୋଇନଥିଲା, ସେତେବେଳେ କଣ ଲୋକମାନେ ଆଧାତ୍ମ୍ୟବାଦୀ ନଥିଲେ**?** ସେତେବେଳେ କଣ ଆଧାତ୍ୟବାଦୀମାନଙ୍କ ସଂଖ୍ୟା

କମ ଥିଲ? ବର୍ତ୍ତମାନ ଜନତାଙ୍କ ମନରେ ଆଧ୍ୟାତ୍ମିକ ଚେତନା ଓ ଆଧ୍ୟାତ୍ମବାଦୀ ମାନଙ୍କ ସଂଖ୍ୟାବୃଦ୍ଧି କରିବା ପାଇଁ ଲାଉଡ୍ ସ୍ପିକର୍ ବ୍ୟବହାର କରିବା ଅତି ଆବଶ୍ୟକ ବୋଲି ହୁଏତ ଧର୍ମ ଗୁରୁମାନେ ଭାବୁଛନ୍ତି । ଧର୍ମସ୍ଥଳ ମାନଙ୍କରେ ବସିଥିବା ତଥାକଥିତ ସାଧୁ, ସନ୍ନ୍ୟାସୀ, ପଣ୍ଡା, ପୁରୋହିତ, ମୌଲବୀ ମାନଙ୍କୁ ଗମ୍ଭୀରତା ସହ ବିଚାର କରିବା ଉଚିତ ଯେ, ପିଲା ବୁଢା ସମସ୍ତଙ୍କୁ ଶାନ୍ତି ଓ ଆରାମ ମିଳିବା ଉଚିତ ।

କେତେକ ପୂଜାପର୍ବ ସମୟରେ ରାତି ଦଶଟାରୁ ସକାଳ ଛଅଟା ପର୍ଯ୍ୟନ୍ତ ଲାଉଡ୍ ସ୍ପିକର୍ ବଜେଇବା ପାଇଁ ପ୍ରଶାସନ ତରଫରୁ ନିଷେଧାଜ୍ଞା ଜାରି କରାଯାଇଛି । ସେତିକି କଣ ଯଥେଷ୍ଟ? ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ବାଜୁଥିବା ଲାଉଡ୍ ସ୍ପିକର୍ ଯୋଗୁଁ ଯେଉଁ ଅଶାନ୍ତି ସୃଷ୍ଟି ହେଉଛି, ତାହା କିପରି ବନ୍ଦ ହେବ? ଏଥିପାଇଁ କେବଳ ପ୍ରଶାସନ ହିଁ ସାହସର ସହିତ ପଦକ୍ଷେପ ନେଲେ, ଜନତାଙ୍କୁ ମୋକ୍ଷ ମିଳୁ ବା ନମିଳୁ, କିନ୍ତୁ ମାନସିକ ସୁଖ ଓ ଶାନ୍ତି ନିଶ୍ଚୟ ମିଳିବ ।

କେ.ଆର. ପୂରମ, ବାଙ୍ଗାଲୋର

# ସେ ଓ ତା'ର ଅପେକ୍ଷା

ତପନ ସାହୁ

ସେ ଗୁମ୍ ମାରି ବସିଛି ଡହ ଡହ ଖରାରେ
ଅପେକ୍ଷା ତା ଇସ୍ପିତ ସମୟକୁ
ବୋଧହୁଏ ଜାଣିନ,
ଅପେକ୍ଷାର ଚନ୍ଦନ ଟିପାଟା
କେବେଠୁ ଝାଳ ହୋଇ ବୋହି ଗଲାଣି
ତା' ତାଳୁରୁ ତଳପା ।

ସେ ତ ନରେଖି ଦେଖୁଛି
ତା' ଅସହାୟତାର ପ୍ରତିବିମ୍ବକୁ,
ଘାସ ପତ୍ରରେ ଦୋହଲୁଥିବା
ଟୋପା ଟୋପା କାକର ବିନ୍ଦୁରେ.... ।

ବେଳେ ବେଳେ ଅସହଜ ଅନୁଭବୁଛି
ଗୁଡାଏ ଅବୈଜ୍ଞାନିକ ସିଦ୍ଧାନ୍ତକୁ ଜାବୁଡି ଧରି
ଅଯୁତ ପ୍ରଚେଷ୍ଟାର ଟେକା ପଥରକୁ
ଫିଙ୍ଗି ସାରିଲାଣି.........
ସ୍ୱପ୍ନ ଗାଡିଆକୁ
ଠିକ୍ ମାର୍କୋନିଙ୍କ ପରି....।

ଇତସ୍ତତଃ ହୋଇ ଖୋଜୁଛି
ସଫଳତାର ଶବ୍ଦ ତରଙ୍ଗଙ୍କୁ......।

ସେ...
ନିଜେ ବି ଜାଣିନି ନୂଆ ନୂଆ ଅନୁସିଦ୍ଧାନ୍ତକୁ
ପୁଞ୍ଜି କରିବ ନା ପୁରୁଣା ଉପପାଦ୍ୟର ସାହାଯ୍ୟରେ
ସମାଧାନ କରିବ ସେହି ଅସମାହିତ ପ୍ରଶ୍ନକୁ
ତା ହୃଦୟର ଫର୍ଦ୍ଦେ କାଗଜରେ.........
ଏବେ ବି ସେ ଉପେକ୍ଷିତ
ସେହି ଅପେକ୍ଷାର ମରୁଭୂମିରେ..........

କନିଷ୍ଠ ଶିକ୍ଷକ,
ଗୌଡୁଣୀପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଗୃନ୍ଦବାଲି, ଭଦ୍ରକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୋ ମାଆ ମୋ ଗାଁ



ଲକ୍ଷ୍ମୀକାନ୍ତ ପଟ୍ଟନାୟକ

ଯେଉଁ ମାଟି ପରେ ଜନମ ଲଭି ମୁଁ
ଥାପିଲି ମୋ କୁନ ପାଦ
ନାଚ କୁଦି ଖେଳ ଡେଇଁ ତା ବୁକୁରେ
ଲଭିଲି ମହା ଆନନ୍ଦ ।
ଯା ବୁକୁ ବିଦାରି ପେଟ ପାଇଁ ମୋର
ଯୋଗାଡ କଲି ମୁଁ ଦାନା
ଅନେକ ଯାତନା ସହିଚ ମୋ ପାଇଁ
କେବେ ସେ କରିନ ମନା ।
ତା ପାଣି ପବନ ଲାଗି ମୋର ତନୁ
ହୋଇଅଛି ସିନା ପୁଷ୍ଟ
ତାର ପରଶରେ ଭୁଲି ଅଛି ସବୁ
ଜୀବନର ଦୁଃଖ କଷ୍ଟ ।
ଅଳ ଅରଦଳ ସବୁ ସହି ମୋର
ପରଶିଛି ସଦା ସୁଧା
ସବୁ କାମେ ସିଏ ଢାଳଛି ଆଶିଷ
ଘୁଞ୍ଚାଇଛି ସବୁ ବାଧା ।
ଦେଇଛି ସେ କେତେ ପ୍ରିୟ ପରିଜନ
ତା କୋଳେ ମୋ ସୁଖ ପାଇଁ
ଏ ତିନ ଭୁବନେ ସେହି ଏକା ଜଣେ
ଯାହାର ତୁଳନା ନାହିଁ ।

ମୋର ପିଲାଦିନ କୈଶୋର ଯୌବନ
ବୃଦ୍ଧାବସ୍ଥା ଭଲମନ୍ଦ
ଜନମ ମରଣ ଏକ୍ଷ୍ଣିଡି ଶ୍ମଶାନ
ଦୁଃଖ ସୁଖ ହସ କାନ୍ଦ ।
ରଖିଥିବ ସଦା ସାଇତି ତୋ ବୁକେ
ସେନେହର ରଙ୍ଗ ଦେଇ
ସେ ରଙ୍ଗ ଲଗାଇ ତୋ କୋଳେ ଦିନେ ମୋ
ଯିବ ଆଖି ମୁଦି ହୋଇ ।
ସେଇ ମୋର ମାଆ ସେଇ ମୋର ଗାଁ
ତା ପାଦେ ଲଗାଇ ମନ
ଅନ୍ତିମ ନଦରେ ଶୋଇବି ତୋ କୋଳେ
କରି ତାର ଜୟଗାନ ।

କୁରୁମବାଙ୍କତର୍, ଓଡଗାଁ, ନୟାଗଡ

**ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟର ସାରକଥା-୧



ନରେନ୍ଦ୍ର ପ୍ରସାଦ ବେହେରା

ଧୃତରାଷ୍ଟ୍ର ଜନ୍ମାନ୍ଧ ଥିବାରୁ ସାନଭାଇ ପାଣ୍ଡୁ ରାଜା ହୋଇ ସମସ୍ତ ରାଜକାର୍ଯ୍ୟ ବୁଝୁଥିଲେ । ମାତ୍ର ପାଣ୍ଡୁ ଅଳ୍ପ ଦିନରେ ମରିଗଲେ । ପାଣ୍ଡୁଙ୍କ ମୃତ୍ୟୁ ପରେ ଲୋଭୀ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ମାରିଦେଇ ଏକାକୀ ସମଗ୍ର ରାଜ୍ୟ ଭୋଗ କରିବାକୁ ନାନା ଚକ୍ରାନ୍ତ ଚଳାଇଲେ। ଫଳରେ ଦ୍ରୌପଦୀଙ୍କ ବିବାହ ପୂର୍ବରୁ ପାଣ୍ଡବମାନେ ମାତା କୁନ୍ତୀଙ୍କ ସହ ରାଜ୍ୟ ଛାଡି ବ୍ରାହ୍ମଣ ବେଶରେ ଦେଶ ଦେଶାନ୍ତର ବୁଲୁଥିଲେ । ସ୍ୱୟମ୍ବରରେ ତୃତୀୟ ପାଣ୍ଡବ ଅର୍ଜୁନ ଜିତି ଦ୍ରୌପଦୀଙ୍କୁ ଲାଭ କଲେ ଏବଂ ମାତାଙ୍କ ଇଚ୍ଛାନୁସାରେ ପାଞ୍ଚ ଭାଇ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଦ୍ରୌପଦୀଙ୍କୁ ବିବାହ କଲେ । ଖବର ପାଇ ରାଜାଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ଡକାଇ ନେଲେ ଓ ରାଜ୍ୟକୁ ଦୁଇଭାଗ କରି ଗୋଟିଏ ଭାଗ ଯୁଧିଷ୍ଠିରଙ୍କୁ ଦେଲେ । ଯୁଧିଷ୍ଠିର ତାଙ୍କ ରାଜ୍ୟର ରାଜଧାନୀ ଇନ୍ଦ୍ରପ୍ରସ୍ଥକୁ ନୂତନ କରି ନିର୍ମାଣ କଲେ । ରାଜସୂୟ ଯଜ୍ଞରେ ଦୁର୍ଯ୍ୟୋଧନ ଇନ୍ଦ୍ରପ୍ରସ୍ଥର ସୌନ୍ଦର୍ଯ୍ୟ ଓ ବିଭବ ଦେଖି ଅଧିକ ଈର୍ଷାନ୍ୱିତ ହୋଇ ପଡିଲେ । ପରେ କପଟ ପଶାଖେଳରେ ଜିତି ଯୁଧିଷ୍ଠିରଙ୍କୁ ରାଜ୍ୟଚ୍ୟୁତ କରାଇଲେ । ଦ୍ରୌପଦୀଙ୍କୁ ରାଜସଭାରେ ବିବସ୍ତ୍ର କରାଇବାକୁ ଉଦ୍ୟମ କଲେ । ପଶା ଖେଳର ସର୍ତ୍ତାନୁସାରେ ଯୁଧିଷ୍ଠିର ରାଜ୍ୟ ଛାଡି ଚାରିଭାଇ ଓ ଦ୍ରୌପଦୀଙ୍କୁ ସଙ୍ଗରେ ନେଇ ୧୨ ବର୍ଷ ବଣରେ ବୁଲିଲେ ଓ ୧ବର୍ଷ ଅଜ୍ଞାତ ବାସରେ କଟାଇଲେ । ୧୩ ବର୍ଷ ପୂର୍ଣ୍ଣ ହେଲାପରେ ରାଜ୍ୟକୁ ଫେରି ଦୁର୍ଯ୍ୟୋଧନଙ୍କୁ ରାଜ୍ୟ ଫେରସ୍ତ ମାଗନ୍ତେ ସେ ତାହା ଫେରାଇଲେ ନାହିଁ । ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ଦୁର୍ଯ୍ୟୋଧନ ପରିଷ୍କାର ଘୋଷଣା କଲେ -ବିନା ଯୁଦ୍ଧରେ ସୂଚ୍ୟଗ୍ରେ ପରିମିତ ଭୂମି ମଧ୍ୟ ପାଣ୍ଡବମାନଙ୍କୁ ଦିଆଯିବ ନାହିଁ । ଫଳତଃ ଯୁଦ୍ଧ ଅନିବାର୍ଯ୍ୟ

ହେଲା । ଏହି ଯୁଦ୍ଧ କୁରୁକ୍ଷେତ୍ର ନାମକ ଏକ ବିଶାଳ ପ୍ରାନ୍ତରରେ ଅନୁଷ୍ଠିତ ହେଲା । ଏହି କୁରୁକ୍ଷେତ୍ର ସରସ୍ୱତୀ ଓ ଦୃଶଦବତୀ ନଦୀଦ୍ୱୟ ମଧ୍ୟରେ ଏବଂ ଦିଲ୍ଲୀର ଉତ୍ତରକୁ ଓ ଅମ୍ବାଲାର ଦକ୍ଷିଣକୁ ପାଞ୍ଚକୋଶ ଦୀର୍ଘ ପ୍ରସ୍ଥ ବିଶିଷ୍ଟ ଅଟେ । ଏଠାରେ କୌରବ ଓ ପାଣ୍ଡବଙ୍କ ପୂର୍ବ ବଂଶଜ କୁରୁ ନାମକ ଜଣେ ରାଜା ପ୍ରଥମେ ଚାଷ କରିଥିଲେ ଓ ପରେ ଦେବତାମାନଙ୍କ ଆଦେଶରେ ନାନା ଧର୍ମାନୁଷ୍ଠାନ କରିଥିଲେ । ଏଣୁ ଏହାକୁ କୁରୁକ୍ଷେତ୍ର ଓ ଧର୍ମକ୍ଷେତ୍ର କୁହାଯାଏ । ଏବେ ମଧ୍ୟ କୁରୁକ୍ଷେତ୍ର ଅଛି, ଏହା ହରିୟାଣା ରାଜ୍ୟାନ୍ତର୍ଗତ । ଯୁଦ୍ଧ ପୂର୍ବରୁ ମହର୍ଷି ବ୍ୟାସଦେବ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯୁଦ୍ଧ ଦେଖିବା ପାଇଁ ଦିବ୍ୟଦୃଷ୍ଟି ପ୍ରଦାନ କରିବାକୁ ଇଚ୍ଛା କଲେ । କିନ୍ତୁ ସେ କୁଳକ୍ଷୟ ସ୍ୱଚକ୍ଷୁରେ ଦେଖି ସହିପାରିବେ ନାହିଁ ବୋଲି କହିବାରୁ ତାଙ୍କର ସାରଥି (ମନ୍ତ୍ରୀ) ସଞ୍ଜୟଙ୍କୁ ଦିବ୍ୟଚକ୍ଷୁ ଦେଇ ଚାଲିଗଲେ । ଫଳରେ ସଞ୍ଜୟ ରାଜପ୍ରସାଦରେ ବସି ଯୁଦ୍ଧର ସମସ୍ତ ଦୃଶ୍ୟ ଦେଖି ପାରୁଥିଲେ । ଯୁଦ୍ଧର ୧୦ମ ଦିବସରେ କୌରବମାନଙ୍କର ପ୍ରଥମ ପ୍ରଧାନ ସେନାପତି ଆଜନ୍ମ ବ୍ରହ୍ମଚାରୀ ଅଜେୟ ଗାଙ୍ଗେୟ ଭୀଷ୍ମଙ୍କର ପତନ ହେଲା । ସଙ୍ଗେ ସଙ୍ଗେ ସଞ୍ଜୟ ଯାଇ ଏ ଖବର ରାଜା ଧୃତରାଷ୍ଟ୍ରଙ୍କୁ ଜଣାଇବାରୁ ରାଜାଙ୍କର ଯୁଦ୍ଧ ବିଷୟରେ ସମସ୍ତ ତଥ୍ୟ ଜାଣିବା ପାଇଁ ଆଗ୍ରହ ହେଲା ଏବଂ ସେ ଏ ପ୍ରଶ୍ନ ସଞ୍ଜୟଙ୍କୁ ପଚାରିଲେ-"ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ......." ଇତ୍ୟାଦି । ଏଠାରୁ ଶ୍ରୀମଦ୍ ଭଗବତ୍ ଗୀତାର ଆରମ୍ଭ । ଏହା "ମହାଭାରତ"ର ଭୀଷ୍ମପର୍ବର ଅନ୍ତର୍ଗତ ।

ଧୃତରାଷ୍ଟ୍ର ସଞ୍ଜୟଙ୍କୁ ପଚାରିଲେ - ହେ ସଞ୍ଜୟ ! ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରରେ ଦୁର୍ଯ୍ୟୋଧନାଦି ମୋର ପୁଅମାନେ ଓ ପାଣ୍ଡବମାନେ ସମବେତ ହୋଇ କ'ଣ କ'ଣ କଲେ କୁହ ! ତା'ପରେ ସଞ୍ଜୟ କହିଲେ - ଦୁର୍ଯ୍ୟୋଧନ ପାଣ୍ଡବ ସେନାକୁ ବ୍ୟୂହାକାରରେ ସଜ୍ଜିତ ରହିଥିବାର ଦେଖି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ କହିଲେ-ଗୁରୁଦେବ ! ଆପଣଙ୍କ ଶିଷ୍ୟ ଧୃଷ୍ଟଦ୍ୟୁମ୍ନଙ୍କ ଦ୍ୱାରା ପାଣ୍ଡବଙ୍କ ସୈନ୍ୟସଜ୍ଜା ଦେଖନ୍ତୁ । ପାଣ୍ଡବମାନଙ୍କର ସୈନ୍ୟବଳ ଆମ ସୈନ୍ୟବଳଠାରୁ ସଂଖ୍ୟାରେ କମ୍ ହୋଇଥିଲେ ହେଁ ସେମାନେ ଯୁଦ୍ଧ ପାଇଁ ଯଥେଷ୍ଟ

ସମର୍ଥ ବୋଲି ମନେ ରଖିବାକୁ ହେବ । ଏଣୁ ନିଜ ନିଜ ଆସ୍ଥାନରେ ଦୃଢ଼ରହି ପ୍ରଧାନ ସେନାପତି ପିତାମହ ଭୀଷ୍ମଙ୍କୁ ସର୍ବତୋଭାବେ ରକ୍ଷା କରନ୍ତୁ ।

ଥରେ ଦ୍ରୋଣଙ୍କ ଦ୍ୱାରା ପରାଜିତ ହୋଇ ରାଜା ଦ୍ରୁପଦ ପ୍ରତିଶୋଧ ନେବା ଆଶାରେ ଯଜ୍ଞ କରିଥିଲେ ଏବଂ ସେଥିରୁ ଧୃଷ୍ଟଦ୍ୟୁମ୍ନଙ୍କର ଜନ୍ମ । ଦ୍ରୋଣାଚାର୍ଯ୍ୟଙ୍କର ପ୍ରଧାନ ଶତ୍ରୁ ବୋଲି ସୂଚାଇବାକୁ ଯାଇ ହୁଏତ ଦୁର୍ଯ୍ୟୋଧନ ଧୃଷ୍ଟଦ୍ୟୁମ୍ନଙ୍କ ନାମ ପ୍ରଥମେ କହିଛନ୍ତି । ପିତାମହ ଭୀଷ୍ମଙ୍କୁ ପ୍ରଧାନ ସେନାପତି ପଦରେ ନିଯୁକ୍ତ କରାଯାଇ ଥିବାରୁ କାଳେ ଗୁରୁ ଦ୍ରୋଣ ମନଦୁଃଖ କରିଥିବେ ସେଥିପାଇଁ ଆଗ ଗୁରୁଙ୍କ ନିକଟକୁ ଯାଇ ତାଙ୍କର ସାହାଯ୍ୟ ଓ ସହଯୋଗ କରିଥିଲେ । ଦ୍ରୋଣାଚାର୍ଯ୍ୟଙ୍କର କୌଣସି ପ୍ରତିକ୍ରିୟା ପ୍ରକାଶ ପାଇବା ପୂର୍ବରୁ ପିତାମହ ଭୀଷ୍ମ ସିଂହନାଦ ପୂର୍ବକ ଶଙ୍ଖଧ୍ୱନି କରି ଯୁଦ୍ଧ ଘୋଷଣା କଲେ । କୌରବ ସେନାରେ ହଠାତ୍ ଶଙ୍ଖ, ଢୋଲ, ନାଗରା, ମୃଦଙ୍ଗ ପ୍ରଭୃତି ବାଜି ଉଠିଲା । ତାପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଓ ଅର୍ଜୁନ ଦେବଦତ୍ତ ନାମକ ଶଙ୍ଖ ବଜାଇଲେ । ଶଙ୍ଖ ଓ ଅନ୍ୟ ବାଦ୍ୟମାନଙ୍କର ଭୟଙ୍କର ଶବ୍ଦରେ ଆକାଶ ଓ ପୃଥିବୀ ପ୍ରତିଧ୍ୱନୀତ ହେବାକୁ ଲାଗିଲା ।

ଅର୍ଜୁନ ନିଜର ସାରଥି ଭଗବାନ ଶ୍ରୀକୃଷ୍ଣଙ୍କୁ କହିଲେ-ହେ ଅଚ୍ୟୁତ ! ଉଭୟ ସେନାର ମଧ୍ୟଭାଗରେ ମୋ ରଥକୁ ସ୍ଥାପନ କର, ଯେପରି କି ଯୁଦ୍ଧ କରିବାକୁ ପ୍ରସ୍ତୁତ ଥିବା ସମସ୍ତଙ୍କୁ ମୁଁ ଦେଖିପାରିବି । ଭଗବାନ ଶ୍ରୀକୃଷ୍ଣ ସେହିପରି ଉଭୟ ସେନା ମଧ୍ୟରେ ରଥ ରଖି ଅର୍ଜୁନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥିବା ସବୁ ବୀରଙ୍କୁ ଦେଖିବାକୁ କହିଲେ । ଉଭୟ ପକ୍ଷରେ ନିଜ ଜୀବନର ଆଶା ତ୍ୟାଗ କରି ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲେ-ଆଚାର୍ଯ୍ୟ, ପିତାମହ, ପିତୃବ୍ୟ, ପୁତ୍ର, ପୌତ୍ର, ମାତୁଳ, ଶ୍ୟାଳା, ଶ୍ୱଶୁର, ସମ୍ବନ୍ଧୀ ଓ ଅନ୍ୟ ବନ୍ଧୁମାନେ । ଆତ୍ମୀୟମାନଙ୍କୁ ଦେଖି ଓ ଯୁଦ୍ଧର ଭୟାବହ ପରିଣାମ ଚିନ୍ତାକରି ଅର୍ଜୁନଙ୍କର ଦେହ ଥରିବାକୁ ଲାଗିଲା, ଲୋମ ଟାଙ୍କୁରି ଉଠିଲା, ମୁଖ ଶୁଖିଗଲା, ଦେହ ଜଳିଗଲା ପରି ଲାଗିଲା ଓ ମନ ଅସ୍ଥିର ହୋଇଉଠିଲା । ହାତରୁ ଧନୁ ଖସି ପଡିଲା । ସେ ଭଗବାନ ଶ୍ରୀକୃଷ୍ଣଙ୍କୁ ଏ

ଯୁଦ୍ଧ କରିପାରିବେ ନାହିଁ ବୋଲି କହିଲେ । ଯୁଦ୍ଧରେ ଆତ୍ମୀୟମାନଙ୍କୁ ମାରିଲେ କୁଳଧର୍ମ ନଷ୍ଟ ହେବ, ସ୍ତ୍ରୀମାନେ ଦୂଷିତା ହେବେ, ବର୍ଣ୍ଣସଙ୍କର ଜାତ ହେବେ, ପିତା ପିତାମହ ପିଣ୍ଡପାଣି ନପାଇ ନରକଗାମୀ ହେବେ । ବରଂ ତାଙ୍କୁ ନିରସ୍ତ୍ର ଦେଖି କୌରବମାନେ ମାରି ଦିଅନ୍ତୁ ପଛକେ ସେ ସାମାନ୍ୟ ରାଜ୍ୟସୁଖ ଲାଭ ଆଶାରେ ଏଭଳି ପାପକାର୍ଯ୍ୟ କରିପାରିବେ ନାହିଁ । ଧନୁ ଓ ଶର ତ୍ୟାଗକରି ରଥ ଉପରେ ଶୋକାକୁଳ ଚିତ୍ତରେ ଅର୍ଜୁନ ବସି ରହିଲେ।

ଅର୍ଜୁନ ପୂର୍ବରୁ ବହୁବାର ବଡ ବଡ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ବିଜୟୀ ହୋଇଥିଲେ । ମହାଭାରତ ଯୁଦ୍ଧର ଠିକ୍ ପୂର୍ବରୁ ବିରାଟ ରାଜାଙ୍କର ଗୋଧନ ଉଦ୍ଧାର କରିବା ପାଇଁ ସେ ଏକାକୀ କୌରବ ବାହିନୀକୁ ପରାସ୍ତ କରିଥିଲେ । ମାତ୍ର ଏ ଯୁଦ୍ଧରେ ଭାରତବର୍ଷର ପ୍ରାୟ ସମସ୍ତ ରାଜା ଓ ସେମାନଙ୍କର ସୈନ୍ୟବଳ ଉଭୟପକ୍ଷକୁ ସାହାଯ୍ୟ କରିବା ପାଇଁ ଜୀବନର ଆଶା ତ୍ୟାଗ କରି ଉପସ୍ଥିତ ଥିଲେ । ଯୁଦ୍ଧର ଭୟାବହ ପରିଣତି ଚିନ୍ତାକରି ଅର୍ଜୁନ ବିଚଳିତ ହୋଇପଡିଲେ ଓ ତାଙ୍କର କର୍ତ୍ତବ୍ୟଜ୍ଞାନ ଲୋପ ପାଇଲା । ଏପରି ପରିସ୍ଥିତିରେ ସମସ୍ତଙ୍କର ମୋହଜାତ ହେବା ସ୍ୱାଭାବିକ । ଏଣୁ ଏ ଅଧ୍ୟାୟର ନାମ ବିଷାଦ ଯୋଗ ରଖାଯାଇଅଛି ।

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିମିତ୍ତ କରି ସମସ୍ତଙ୍କୁ ଗୀତାର ଅମୂଲ୍ୟବାଣୀ ଶୁଣାଇଛନ୍ତି । ଏ ଅଧ୍ୟାୟରେ କୌଣସି ଧର୍ମୋପଦେଶ ନଥିଲେ ହେଁ ଏହା ଗୀତାର ଉପକ୍ରମଣିକା ଅଟେ ।

***ସଂଗ୍ରହକରୀ-- ନରେନ୍ଦ୍ର ପ୍ରସାଦ ବେହେରା, ଆଳଦା, ଖଇରା,ବାଲେଶ୍ୱର***

# ସାତ ଜନମ



ରମେଶ ଚନ୍ଦ୍ର ବେହେରା

ସାତ ଜନମକୁ କଥା ଦେଇଥିଲ
ହଜର କରିବ ବୋଲି
ପ୍ରତାରଣା କରି ଚାଲିଗଲ ତୁମେ
ସର୍ବହରା ମୁଁ ହୋଇଲି ।0।
କହି ବି ପାରୁନ ସହି ବି ପାରୁନ
ବେଦନା ମୋ ହୃଦୟର
ବୁଝି ପାରୁନାହିଁ ଏମିତି କାହିଁକି
ବିଚ୍ଛେଦ ହେଲା ଆମର ।0।
ତୁମ ବିଚ୍ଛେଦରେ ସବୁ ହରାଇଲି
ଦିନ କାଟୁଛି ଦୁଃଖରେ
ଗଲା ଦିନଠାରୁ ଭାବୁ ଅଛି ବସି
ଆଖି ଭିଜୁଛି ଲୁହରେ ।0।
ଆସିବା ବାଟକୁ ଚାହିଁ ଚାହିଁ ମୁହିଁ
ଦେହଟା ଗଲାଣି ଝଡି
ମଉଳ ଯାଉଛି ମନ ବଗିଚାରୁ
ପ୍ରେମ ରୂପ ଫୁଲକଢ଼ି ।0।

ବାଟୀ, ସିମୁଳଆ, ବାଲେଶ୍ୱର

# ଝି' ତମର୍ ବାଟ୍ ଦେଖୁଛେ



ଚିତ୍ତରଞ୍ଜନ ପଧାନ

ଖର୍ ଜାଇ ବର୍ଷା ଆସ୍‌ଲା
ବାପା ତମେ ନାଇଁ ଆସ୍‌ଲ,
ଦେଶର୍ ସେବା ଲାଗି ଗୋ ତମେ
ଝି' କେ କାଏଁ ଭୁଲିଗଲ ?
ମାଁ କହେସି ଆସ୍‌ବେ ତୋର୍ ବାପା
ଦିନାଦୁ ହେଲେ ଦମ୍‌ଧର୍,
ଯହ ଦିନ୍ ନାଇଁନ ବେଟାରେ
ପଠେଇ ଥିଲେ ସେ ଖବର୍ ।
ତିହାର୍ ଆସୁଛେ ଜଉଛେ ଗୋ
ତମର୍ ଦେଖା ମୁଟେଁ ନାଇଁ,
ନଠୁର୍ ହୁରୁଦ୍ ଧରି ବାପା
ଲୁକ ଦେଲକେଁ ତମେ କାହିଁ ।
ପୁଲ୍‌ଓ୍ୱମା ଥିନ୍ ଥିଲ ବୋଲି
ଲୋକ୍ ମତେ ଗୋ କହୁଛନ୍,
ଶହୀଦ ହେଲନ ବଲି ତମେ
ଫଟୁ ମାନେ ଗୋ ଛାପୁଛନ୍ ।
ତମେ ଦେଖ୍‌ବ ବଲି ତମର୍
ଡ୍ରେସ୍ ଘାଏ ଗୋ ପିନ୍ଧିଛେ,
ଆସ୍‌ବ ବଲି ତମେ ଗୋ ବାପା
ମାଆର୍ କଥା ସବୁ ମାନୁଛେ ।

ସୁନା ପିଲ୍ ହେବ କହେଲ ଯେ
ପଢୁଛେ ତ ଭଲ୍‌କରି,
ତଥାପି କାଏଁଯେ ମୁହୁଁ ମୁଡି
ନ ଆସ ଝି' ବଲିକରି ।
ମାଆ ମୋର୍ ଦେଖତ ବାପା
ଲୁକଲୁକ କରି କାନ୍ଦୁଛେ,
ଫଟୁଥି ତମର୍ ମାଲ୍‌ଦେଇ
ଭୁକେ ଶୁଷେ ଖାଲି ରହୁଛେ ।
ଟିଆଦିଆ ଦିନ୍ ତମର୍ ଗୋ
ଦିନୁ ଦିନ୍‌କେ ଗୁଲି ଜାଉଛେ,
ଟାଟିକୁନେ ବସି ଆସ୍‌ଟେ ରଖି
ଝି' ତମର୍ ବାଟ୍ ଦେଖୁଛେ ।
ଝି' ତମର୍ ବାଟ୍ ଦେଖୁଛେ ।।

ଡୁଙ୍ଗୁରିପାଲି,ଜମଲ୍, ପଦମ୍ପୁର୍ ,ବରଗଡ଼

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମିଛେଇ ପ୍ରେମିକା

ରମନ ଦୁରିଆ

ପ୍ରତ୍ୟହ କଳବଳ-ନୟନ ହଳଛଳ-ଝରଇ ଝର
ଝର ଲୋତକ...ହୃଦୟ ଖେଦ କରେ-ତୋ ପାଇଁ
ଝୁରି ମରେ- କମ୍ପାଇଁ ଭାଙ୍ଗିଲୁ ମୋ ସମ୍ପର୍କ ।୧।
ମନକୁ ନେଲୁ ମୋହି-ପ୍ରେମର ଗୀତ ଗାଇ-ପ୍ରୀତି
ଫଗୁଣ ରଙ୍ଗେ ରଙ୍ଗେଇ...ସାଜିଥୁଲୁ ପ୍ରେମିକା-
ମୋ ମନର ନାୟିକା-କ୍ଷଣିକେ କେଣେ ଗଲୁ ଉଭେଇ ।୨।
ଛଳନା ଲାଞ୍ଛନା ରେ-ଭରିଛି ତୋ ମନରେ-ବିରହ
ବେଦନା ଦେଲୁ ମୋତେ...କଳଙ୍କିତ ନାୟିକା-
ହେଲୁ ତୁ ନଜେ ଏକା-ଧୋକାବାଜ ପ୍ରେମିକା ତୁ ସତେ ।୩।
କ କଲୁ ଗୋ କ କଲୁ-ବିଶ୍ୱାସେ ବିଷ ଦେଲୁ-ପ୍ରେମେ
ଆଙ୍କିଲୁ କଳଙ୍କ ଟୀକା---ହରିତ ଜୀବନ ମୋ –ଜୀବନ
ବୃତ୍ତାନ୍ତ ମୋ-ଆଜି ସବୁ ଲାଗେ ଫିକା ଫିକା ।୪।
ଜୀବନର ପଥ ମୋର-ବିଷର୍ଣ୍ଣ ହେଲା ଘୋର-ଲିଭିଲା
ଜୀବନର ପ୍ରଦୀପ...କା ପାଇଁ ପ୍ରେମ ପୁଣ୍ୟ –କା ପାଇଁ
ପ୍ରେମ ଧନ୍ୟ-ମୋ ପାଇଁ ପ୍ରେମ ଯେ ଅଭିଶାପ ।୫।

# ପୁସ୍ତକ ସମୀକ୍ଷା

ପୁସ୍ତକ : ବିବେକହୀନ ପ୍ରତିଜ୍ଞା

ପୁସ୍ତକ : ଆକାଶ ଗଙ୍ଗା

ଲେଖକ – ସୁଧାଂଶୁ ଶେଖର ଦ୍ୱିବେଦୀ

ପ୍ରକାଶକ – ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର

ପ୍ରଚ୍ଛଦ ଶିଳ୍ପୀ – ପ୍ରଶାନ୍ତ କୁମାର ନାଥ, ସମୀକ୍ଷକ – ସନାତନ ମହାକୁଡ


ପ୍ରକାଶ କାଳ – ୨୦୧୮ ଓ ୨୦୧୯



ସୁଧାଂଶୁ ଶେଖର ଦ୍ୱିବେଦୀ



ସନାତନ ମହାକୁଡ



କବି, ଲେଖକ, ଗାଳ୍ପିକ ତଥା ଯୋଗ ପ୍ରଶିକ୍ଷକ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ଦ୍ୱାରା ରଚିତ "ବିବେକ-ହୀନ ପ୍ରତିଜ୍ଞା" ପୁସ୍ତକ ଯାହାକି ପୁରାଣ କଥା ଉପରେ ଆଧାରିତ ଏବଂ ଏହା ହେଉଛି ଏହିକ୍ରମର ୨ୟ ପୁସ୍ତକ । ଲେଖକ ଉକ୍ତ ପୁସ୍ତକଟିକୁ ନିଜ ଜେଜେ ମାଆଙ୍କୁ ଉତ୍ସର୍ଗ କରିଛନ୍ତି ଏବଂ ଏଥିରେ ୨୦ଟି ପୌରାଣିକ କଥା ସନ୍ନିବେଷିତ । ସେଥିମଧ୍ୟରୁ ଶ୍ରୀ ଗଣେଶ, ଆଦର୍ଶ ଶ୍ରୀରାମ, ବିଦୁର, ରତ୍ନାକରରୁ ବାଲ୍ମୀକି, ମହାବୀର ଓ ଜୈନଧର୍ମ, ନଚିକେତା, ସନ୍ଥ ପୁରନ୍ଦର, ଶ୍ରୀଧାମ ବୃନ୍ଦାବନ ଏବଂ ରାଧାକୃଷ୍ଣ ଇତ୍ୟାଦି ଖୁବ୍ ପାଠକ ପ୍ରିୟ ହେବାର ଦୃଷ୍ଟିଗୋଚର କରାଯାଉଛି ।

ସେହିପରି ପୁରାଣ କଥା କ୍ରମର ୩ୟ ଭାଗରେ ଥିବା "ଆକାଶ ଗଙ୍ଗା" ପୁସ୍ତକଟି ସମୁଦାୟ ୧୨ଟି ଗଳ୍ପକୁ ନେଇ ଏହାର କଳେବର ମଣ୍ଡନ କରୁଥିଲାବେଳେ ଲେଖକ ଶ୍ରୀ ଦ୍ୱିବେଦୀ ଏହି ପୁସ୍ତକଟି ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି । ଲେଖକଙ୍କ ଅନ୍ୟ ପୁସ୍ତକ ଗୁଡିକ ଭଳି ଏହା ମଧ୍ୟ ପାଠକ ଗହଣରେ ଆଦରଲାଭ କରିବ ବୋଲି ଆଶା କରାଯାଏ । ଏଥିରେ ଥିବା ସମସ୍ତ ଗଳ୍ପ ମଧ୍ୟରୁ ବୁଦ୍ଧି ପରୀକ୍ଷା, ତର୍କଶାସ୍ତ୍ର, ମହାସତୀ, ଶାପଗ୍ରସ୍ତ ଚନ୍ଦ୍ର, ଲୋପାମୁଦ୍ରା ଏବଂ ପୁଣ୍ୟାତ୍ମା ଆଦି ପାଠକଙ୍କ ମଧ୍ୟରେ ସ୍ୱତନ୍ତ୍ର ରୁଚି ସୃଷ୍ଟି କରିବ, ଏହା ନିଃସନ୍ଦେହ ।

ଉଭୟ ପୁସ୍ତକରେ ଦିଆଯାଇଥିବା ଅଙ୍ଗସଜ୍ଜା ଓ ଚିତ୍ରଗୁଡିକ ଆଉ ଟିକିଏ ସ୍ପଷ୍ଟ ହୋଇଥିଲେ ତାହା ସମସ୍ତଙ୍କୁ ଅଧିକ ଆକୃଷ୍ଟ କରିପାରିଥାନ୍ତା ।

ବେରୁଆଁବାରୀ, ନୟାଗଡ-୭୫୨୦୮୨

# ଶିଶୁ ବିଭାଗ



# ଶୂନ୍ୟ ଉପରେ ପ୍ରଶ୍ନ



ମମତା ଦାଶ

ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ଙ୍କ ପିଲାଦିନର ଘଟଣା । ଦିନେ ଗଣିତ କ୍ଲାସରେ ଅଧ୍ୟାପକ ବ୍ଲାକବୋର୍ଡରେ ତିନୋଟି କଦଳୀର ଚିତ୍ର ବନାଇ ପିଲାମାନଙ୍କୁ ପଚାରିଲେ – ଯଦି ଆମ ପାଖରେ ତିନୋଟି କଦଳୀ ଅଛି ଏବଂ ବିଦ୍ୟାର୍ଥୀ ମଧ୍ୟ ତିନି, ତେବେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଭାଗରେ କେତୋଟି କଦଳୀ ପଡିବ**?** ତତକ୍ଷଣାତ ଜଣେ ବାଳକ ଉତ୍ତର ଦେଲା – ପ୍ରତ୍ୟେକ ବିଦ୍ୟାର୍ଥୀକୁ ଗୋଟିଏ କଦଳୀ ମିଳିବ । ଅଧ୍ୟାପକ କହିଲେ, ବିଲକୁଲ ଠିକ୍ । ଭାଗ କରିବାର ପ୍ରକ୍ରିୟାକୁ ଅଧ୍ୟାପକ ବୁଝାଇବାକୁ ଯାଉଥିଲେ, ଠିକ୍ ସେହି ସମୟରେ ରାମାନୁଜନ ପ୍ରଶ୍ନ କଲେ – ଯଦି କୌଣସି ବାଳକକୁ କୌଣସି କଦଳୀ ବଣ୍ଟା ନଯାଏ, ତେବେ କଣ ପ୍ରତ୍ୟେକ ବାଳକକୁ ମଧ୍ୟ ଗୋଟିଏ କଦଳୀ ମିଳିବ**?** ଏହା ଶୁଣି ସମସ୍ତ ବିଦ୍ୟାର୍ଥୀ ହୋ..ହୋ.. କରି ହସିବାରେ ଲାଗିଲେ । ସେଥିମଧ୍ୟରୁ ଜଣେ ବିଦ୍ୟାର୍ଥୀ କହିଲା, କି ମୂର୍ଖତାପୂର୍ଣ୍ଣ ପ୍ରଶ୍ନ ପଚାରୁଛ**!** ଏହି କଥା ଉପରେ ଅଧ୍ୟାପକ ଟେବୁଲକୁ ଥପଥପାଇ କହିଲେ, ଏଥିରେ ହସିବାର କୌଣସି କଥା ନାହିଁ । ମୁଁ ତୁମ ମାନଙ୍କୁ କହିବି କି ଏହି ବାଳକ କଣ ପଚାରିବାକୁ ଚାହୁଁଛ । ସବୁ ବିଦ୍ୟାର୍ଥୀ ଶାନ୍ତ ହୋଇଗଲେ ଆଉ କେତେବେଳେ ଆଶ୍ଚର୍ଯ୍ୟପୂର୍ବକ ରାମାନୁଜଙ୍କୁ ତ କେତେବେଳେ ଅଧ୍ୟାପକଙ୍କୁ ଦେଖିବାକୁ ଲାଗିଲେ । ଅଧ୍ୟାପକ କହିଲେ, ଏହି ବାଳକ ଜାଣିବାକୁ ଚାହୁଁଛି ଯଦି ଶୂନ୍ୟକୁ ଶୂନ୍ୟରେ ବିଭାଜିତ କରାଯାଏ, ତେବେ ପରିମାଣ କଣ ଏକ ହେବ**?** ଏହି କଥା ବୁଝାଇବାକୁ ଯାଇ ଅଧ୍ୟାପକ କହିଲେ,

ଏହାର ଉତ୍ତର ଶୂନ୍ୟ ହିଁ ହେବ । ଅଧ୍ୟାପକ ଆହୁରି ମଧ୍ୟ କହିଲେ, ଏହା ଗଣିତର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଅଟେ । ଅନେକ ଗଣିତଜ୍ଞ ଙ୍କ ବିଚାର ଥିଲା କି ଶୂନ୍ୟକୁ ଶୂନ୍ୟରେ ବିଭାଜିତ କଲେ ଉତ୍ତର ଶୂନ୍ୟ ହିଁ ହେବ । ଯେତେବେଳେ ଅନ୍ୟ କିଛି ଲୋକଙ୍କ ବିଚାର ଥିଲା, ଉତ୍ତର ଏକ ହେବ । ଶେଷରେ ଏହି ସମସ୍ୟାର ନିରାକରଣ ଭାରତର ବୈଜ୍ଞାନିକ ଭାସ୍କର ହିଁ କରିଥିଲେ । ସେ ପ୍ରମାଣିତ କରିଥିଲେ ଯେ ଶୂନ୍ୟକୁ ଶୂନ୍ୟରେ ବିଭାଜିତ କଲେ ପରିଣାମ ସର୍ବଦା ଶୂନ୍ୟ ହିଁ ହେବ, ନା କି ଏକ ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ

# ମୋ ଦେଶ



ଅଜୟ କୁମାର ବେହେରା

କୋଟିଏରେ ଗୋଟିଏ ମୋ ଦେଶ
କେତେ ବିଚିତ୍ର ସତେ ଯାର ଇତିହାସ
ଏଇଠି ଗଙ୍ଗା, ଯମୁନା ବହେ
କାନେ କାନେ କେତେ କଥା ଅବା ସେ କହେ।୧।

ତାହାରି ପାଣି ପବନେ ସତେ
ଶରୀର ଆମ ହୁଏତ ଛୋଟରୁ ବଡ଼
ତାହାରି ସେବା ପାଇଁ କ ଆମେ
ଦିନେ ଲଙ୍ଘିବା ଯେତେ ସବୁ ବନ୍ଧବାଡ଼ ।୨।

ଏଇଠି ଅଛି ହିମାଳୟ
ସତେ ଛୁଇଁଛି ଯାଇ ସେ ଦିଗବଳୟ
ଏଇଠି ବହେ ଖୁସିର ବାଆ
କେତେ ମନହର ମନ୍ଦମଳୟ ଆହା ।୩।

ଯାହାର ଚରଣ ନିତି ଧୋଏ
ସତେ ଶତଶତ ପାରାବାର ଯେ କେତେ
ଏମିତି ଏହି ମୋହରି ଦେଶ
ସୁଖ ଦୁଃଖରେ ସେ ଲାଗଇ ଭଲ ମୋତେ ।୪।

ଏହି ଦେଶରେ ବାଛ ବିଚାର
ଛୁଆଁ ଅଛୁଆଁ ଜାତି ଅଜାତି ତ ନାହିଁ
ସଭିଏଁ ଏଠି ନଜେ ବଞ୍ଚନ୍ତି
ଆପଣାପର ସବୁରି ମୁହଁକୁ ଚାହିଁ ।୫।

କେଡେ ସୁନ୍ଦର ଦେଶ ଆମରି
ଖୁସି ଭରି ରହିଥାଏ ମୁଖେ ସବୁରି
ହିନ୍ଦୁ, ମୁସଲମାନ ସଭିଏଁ
ଏଠି ତ ପାଆନ୍ତି ସୁଯୋଗ ଏକା ପରି ।୬।

ମୋରଡ଼ା, ମୟୂରଭଞ୍ଜ

# ଜହ୍ନମାମୁଁ



ନବୀନ କୁମାର ପଧାନ

କଂସମାମୁଁ ନୁହେଁ     ଜହ୍ନମାମୁଁ ତୁମେ
କୋମଳ ହୃଦ ତୁମର ।
ନିଷ୍ଠୁର ନ ହୋଇ     ପ୍ରିୟ ଭଣଜାର
ନିବେଦନ ରକ୍ଷା କର ।।

ମାମୁଁଙ୍କର ସଙ୍ଗେ     ସମ୍ପର୍କ ରଖିବୁ
ପଠାଇଛୁ ଚନ୍ଦ୍ରଯାନ ।
ତେଜି ଅଭିମାନ     ବିକ୍ରମକୁ ତୁମେ
ତ୍ୱରିତ କର ଗ୍ରହଣ ।।

ତୁମ ଭଗ୍ନୀ ଧ୍ୱଜା     ତ୍ରିରଙ୍ଗା ଉଡିବ
ତୁମ ରାଇଜରେ ଯାଇ।
ଭଉଣୀର ମାନ     ସମ୍ମାନ ରଖିବ
ତୁମେ ପରା ମାଆ ଭାଇ ।।

ଭାଇ ହୋଇ ଯିଏ  ଭଉଣୀର କେବେ
ନ ରଖେ ମାନ ସମ୍ମାନ ।
ଧନ୍ୟ ସେଇ ଭାଇ     ଧିକ୍ ତା ଜୀବନ
ଭଗାରୀ ଠାରୁ ସେ ହୀନ ।।

ଆ  ଜହ୍ନମାମୁଁ        ଶରଦ ଶଶୀଲୋ
ଗୀତ ମୁହିଁ ଶୁଣୁଥାଏ ।
ମାଆ କୋଳେ ଥାଇ ତତେ ଦେଖିଦେଖି
ପେଟେ ଭାତ ଖାଇଦିଏ ।।

ଜୀବ ଥିବା ଯାଏ       ମାମୁଁ ଶବଦଟା
ମନରୁ କେବେ ନ ଯାଉ ।
ମାମୁଁ ଭଣଜାର          ନିବିଡ ସମ୍ପର୍କ
ଯୁଗେ ଯୁଗେ ରହିଥାଉ ।।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁଫାସଡ, ବଲାଙ୍ଗିର

# କରିବା ଆମେ ପଣ



ସତ୍ୟବ୍ରତ ସାହୁ

କହିବା ନାହିଁ ମିଛ କଥାଟି କରିବା ଆମେ ପଣ,
ସତ କଥାଟି କହିଲେ ସଦା ରହିବ ଆମ ଟାଣ ।୧।
ଶୁଣିବା ନାହିଁ ଖରାପ କଥା କରିବା ଆମେ ପଣ,
ମଧୁର କଥା କହି ସଭିଙ୍କ କଣି ନେବାରେ ମନ ।୨।
ଦେଖିବା ନାହିଁ ଖରାପ କାମ କରିବା ଆମେ ପଣ,
ଭଲକାମ ଯେ କରେ ଜୀବନେ ହୁଅଇ ସେ ମହାନ ।୩।
ଦେବା ନାହିଁ କା ମନରେ ଦୁଃଖ କରିବା ଆମେ ପଣ,
ଦୁଃଖୀର ଦୁଃଖ ହରି ପାରିଲେ ତାହାହିଁ ବଡପଣ ।୪।
ପାଠ ପଢାରେ ରଖିବା ମନ କରିବା ଆମେ ପଣ,
ପଢି, ପଢାଇ କରିବା ଆମେ ଶିକ୍ଷିତ କେତେ ଜଣ ।୫।
ପରିବେଶର ସୁରକ୍ଷା ପାଇଁ କରିବା ଆମେ ପଣ,
ଗଛ ଲଗାଇ ପରିବେଶକୁ ରଖିବା ଶୋଭିବନ ।୬।
ଗୁରୁଜନରେ ରଖିବା ଭକ୍ତି କରିବା ଆମେ ପଣ,
ପାଇ ସଭିଙ୍କ ସ୍ନେହ, ଆଦର ଜୀବନ ହେବ ଧନ୍ୟ ।୭।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ମୋ ପୂଜନୀୟ ମାଆ



ରାଜଶେଖର ସି "ଚମା"

କେତେ ଭଲ ମୋ ପୂଜନୀୟ ମାଆ,
ସବୁବେଳେ ମନେ ପଡନ୍ତି ମୋ ମାଆ,
ବୁଲାବୁଲି କରୁଥାଏ ମୁଁ ତ ସାରା ଗାଆଁ,
ଖୋଜନ୍ତି ମାଁ ମୋତେ ଡାକ ମୋ ନାଆଁ ।୧।

ମୋତେ ସବୁଠୁ ବେଶୀ ଭଲ ପାଆନ୍ତି,
ମୋ ପାଇଁ ବଢିଆ ମିଠା ମିଠା ରନ୍ଧାନ୍ତି,
ନିଜ ସ୍ନେହୀ ହାତରେ ମୋତେ ଖୁଆନ୍ତି,
ପ୍ରତିଦିନ ମୋତେ ନୂଆ କାହାଣୀ ଶୁଣାନ୍ତି ।୨।

ମୋ ଦିନଦିନ ର ସବୁ କଥା ବୁଝନ୍ତି,
ମୁଁ ରଷିଲେ ମୋତେ ଗେହ୍ଲା କରନ୍ତି,
ମୋତେ ଜ୍ୱର ହେଲେ ଔଷଧ ଦିଅନ୍ତି,
ମୋ ସୁସ୍ଥ ହେବାର ଅପେକ୍ଷା କରନ୍ତି ।୩।

ସକାଳେ ସକାଳେ ଶ୍ରୀ ଜୀଉଙ୍କ ଭଜନ ଗାଆନ୍ତି,
ସମସ୍ତ ପରୀକ୍ଷା ବେଳେ ମୋତେ ପାଠ ପଢାନ୍ତି,
ମୋତେ ଭଲ ଭଲ ନୀତିଶିକ୍ଷା ର କଥା ଶିଖାନ୍ତି,
ନିଜର ସବୁପ୍ରକାର ଅସୁବିଧା ଅଭାବ ଯେ ଲୁଗ୍ଦନ୍ତି ।୪।

ଆଖପାଖର ଅଭିଯୋଗ ସବୁ ଶୁଣି ଦିଅନ୍ତି,
ମୋର ସବୁଦୁଷ୍ଟାମି ହସିକ ସହି ଯାଆନ୍ତି,
ମୋର ଝଗଡା ଭଙ୍ଗା-ରୁଜା କ୍ଷମା କରନ୍ତି,
ମୋର କଛି ମିଛ କଥାକୁ ବିଶ୍ୱାସ କରି ଦିଅନ୍ତି ।୫ ।

ମୋ ଦୁଃଖରେ ବୋଉ ଯେ କାନ୍ଦି ପକାନ୍ତି,
ମୋର ସମସ୍ୟା ର ସମାଧାନ ଖୋଜନ୍ତି,
ଉତ୍ସାହ ଦେଇ ମୋର ସାହସ କୁ ବଢାନ୍ତି,
ସଦା ମୋର ସାହା ଭରସା ହୋଇ ରୁହନ୍ତି ।୬ ।

ମୋ ପୂଜନୀୟ ମାଆ କୁହନ୍ତି ସୁମଧୁର କଥା,
ମୋ ପାଇଁ ବହୁ ଅମୂଲ୍ୟ ତାଙ୍କର ସବୁ କଥା,
ମୋ ପାଇଁ ନେଇ ପାରନ୍ତି ଯେ କୌଣସି ବ୍ୟଥା,
ମାତାଙ୍କର ନିସ୍ୱାର୍ଥ ମମତା ଏକ ଅନନ୍ତ ଗାଥା ।୭ ।

chvrajasekhar@gmail.com

# ଆଣିଲେ ମୋ ଜେଜେ ଗାଈ



ଧିରେନ୍ଦ୍ର ମଲ୍ଲିକ

ଯାଇଥିଲେ ଜେଜେ ବଉଳାଙ୍ଗ ହାଟ
ଆଣିଲେ ଗୋଟିଏ ଗାଈ,
ବାନ୍ଧିଲେ ନେଇକ ଗୋରୁଙ୍କ ଗୋଠରେ
ପିଠିକୁ ଆଉଁଷି ଦେଇ,,
ଖାଇବାକୁ ଦେଲେ ବାଡ଼ି ଘାସ ଆଣି
ବିଚଲି ବି ଦେଲେ କାଟି,
ତୋରାଣୀରେ କୁଣ୍ଡା ବହଳଆ କରି
ପିଇବାକୁ ଦେଲେ ଘାଣ୍ଟି,,
ଶାନ୍ତ ସୁଧାର ସେ ଗାଇଟାକୁ ଦେଖି
ଜେଜେମା ବି ହେଲେ ଖୁସି,
ସଙ୍ଗେ ସଙ୍ଗେ ନାଁ ଦେଲେ ତାର ଲକ୍ଷ୍ମୀ
ଆଦର କରିଲେ ବେଶୀ,,
ଦେଖିବାକୁ ସିଏ ଏକବର୍ଣ୍ଣି କଳା
ଭରି ମିଠା ତାର କ୍ଷୀର,
କୋଉତିକଆ ତାର କଅଁଳା ବାଛୁରୀ
ମନ ମୋହିନଏ ମୋର,
ଡାକଦେଲା କ୍ଷଣି ବୁଲିକି ଅନାଏ
ଆଦର ଖୋଜେ ସେ ବେଶି,
କେଜେଙ୍କ ଯତନ ଦେଖିକ ଜେଜେମା
ହେଉଥାନ୍ତି ଭରି ଖୁସି,,

ନଳକଣ୍ଠପୁର ମଙ୍ଗଳପୁର ଯାଜପୁର

# ଯେଉଁ ଦେଶ ଯାଇ



ରଞ୍ଜିତ କୁମାର ସାହୁ

ଜେଜେମାଙ୍କ ପାଖରେ ଗେଲ୍ହା ହେବାକୁ କାହାର ପସନ୍ଦ ନୁହେଁ? ଆଉ ଜେଜେମା ଯଦି ଭଲକାହାଣୀ କହିପାରୁଥିବ ଆଉ ଭଲ ମିଠେଇ ତିଆରି କରି ପାରୁଥିବା, ତହା ହେଲେ ତ ଆହୁରି ମଜା ଜେଜେମା ଘରକୁ ଆସିଲେ। ପ୍ରଥମ ଥର ଦେଖୁଥିଲେ ତାହାର ଜେଜେମାଙ୍କୁ ପିକୁ, ଅଉ ଚମକ ପଡିଥିଲା ମଧ । ଜେଜେମା ଅନ୍ୟ ଜେଜେମାଙ୍କ ଭଳ ଦେଖିବାକୁ ବୁଢୀ ଲାଗନ୍ତି ନାହିଁ କ ପାକୁଆ ପାଟିରେ କଥା କୁହନ୍ତି ନାହିଁ । ବହୁତ ପଢନ୍ତି ମଧ । ବହୁତ ଦେଶ ବିଦେଶ ଭୁଲିଛନ୍ତି ଏବଂ ଅନେକ ଜିନଷ ବିଷୟରେ ଜାଣନ୍ତି, ତେଣୁ ପ୍ରଥମେ ଟିକେ ଡର ଲାଗିଥିଲା ପିକୁନକୁ, କାଳେ କଥାଟା ଭୁଲ ହୋଇଗଲେ ଜେଜେମା ବିଗିଡିବେ ! କନ୍ତୁ କଛି ସମୟରେ ଜାଣିଗଲା, ଜେଜେମା ବହୁତ ଭଲ ପାଆନ୍ତି ତାକୁ ଆଉ ଭୁଲ ହେଲେ ବୁଝେଇ ଦେବେ ଠିକ କଥା। ସମସ୍ତଙ୍କ ଠାରୁ ଆମେରିକା କଥା ଶୁଣି ପିକୁନ ମଧ ପଚାରିବାକୁ ଲାଗିଲା ଜେଜେମାଙ୍କୁ ଆମେରିକା ବିଷୟରେ। ଜେଜେମା ବହୁତ ଦିନ ରହିଛନ୍ତି ଆମେରିକାରେ ଏବଂ ବହୁତ କଛି ଦେଖିଛନ୍ତି । ଆଜି ମିଠେଇ ତିଆରି କଲା ବେଳେ ବୋଉ ସହ କଥା କଥାରେ ଜେଜେମା କହି ଦେଇଥିଲେ, "ଯେଉଁ ଦେଶଯାଇ ସେହି ଫଳଖାଇ ।" ପିକୁନର କାନରେ ପଡିଯାଇଥିଲା ଉବାଚଟି । ମନେ ମନେ ଭାବିବାକୁ ଲାଗିଲା, "ଏହାର ଅର୍ଥ କଣ ସବୁ ଦେଶରେ ଅଲଗା ଅଲଗା ଫଳ ମିଳେ?" ଯେତେବେଳେ ସେ ଦୂରଦର୍ଶନରେ ଆମେରିକା ବିଷୟରେ ଏଖେ ସେଠାରେ ଲୋକମାନଙ୍କୁ ସେହି ଫଳ ସବୁ ଖାଇବାର ଦେଖିଛି, ଯାହା ଘରକୁ ଆସେ ଯଥା; ଆମ୍ବ, ଅଙ୍ଗୁର, କଦଳୀ ଇତ୍ୟାଦି । ବରଂ କେବେ ଦେଖିନ ଆମେରିକାବାସୀଙ୍କୁ କେନ୍ଦୁ ଖାଇବାର! ଆଜି ଜେଜେମାଙ୍କୁ ଟିକଏ ଚଡେଇବ, ପଚାରିବ କୋଉ ନୂଆ ଫଳ ଖାଇଥିଲେ ଆମେରିକାରେ ଯହା ଆମେରିକାରେ ଉତ୍ପତି ଓ ବାହାର ଦେଶରୁ ଯାଇନ । ଏମିତି କଥା ନୁହେଁ ସେଠି ନଥିବ ବିଭିନ୍ନ ପ୍ରକାରର ଫଳ, ଯାହା ଆମ ଦେଶଠାରୁ ଭିନ୍ନ ହୋଇଥିବ। କନ୍ତୁ ଏହି ବାହାନାରେ ଜେଜେମାଙ୍କ ସହ

ଗପ କରିବାର ସୁଯୋଗ ମିଳିବ, ନହେଲେ ବୋଉ ରୋଷେଇ ଘରକୁ ଡାକି ଏକା ବସି ସବୁ ମଜା ନେଇ ଯାଉଛି ତାକୁ ପଢ଼ିବାକୁ କହିକି । ଥରେ ପ୍ରଶ୍ନଟିଏ ପଚାରିଦେଲେ, ଜେଜେମା ଉତ୍ତର ଦେବାକୁ କାହାଣୀଟିଏ ଲମ୍ବେଇବେ ଏବଂ ସେହି ବାହାନାରେ ଜେଜେମାଙ୍କୁ ବହୁତ କିଛି ପଚାରି ଦେବ । ପୁଣି ଜେଜେମା କିଛି ନା କିଛି ଖାଇବାକୁ ଧରି ଆସନ୍ତି ଏବଂ ଗପ କହୁ କହୁ ପିକୁନକୁ ଖୁଆଇ ଦିଅନ୍ତି । ମିଠେଇ ଆଉ ଫଳ ପିକୁନର ବହୁତ ପ୍ରିୟ । ମିଠେଇ ସକାଳୁ ପୂଜା ପରେ ହିଁ ମିଳିବ, କିନ୍ତୁ ଜେଜେମା ନିଶ୍ଚୟ ଫଳ ଧରିକି ଆସିବେ । ଯଦି କୌଣସି ଉପାୟରେ ତାଙ୍କୁ ନିଜ ପାଖକୁ ଡାକି ପାରିବ! "ଭୋକ ଲାଗୁଛି ବୋଉ", ଜୋରରେ ପାଟିକଲା ପିକୁନ । ଜାଣିଥିଲା ରୋଷେଇ ଘରେ ବୋଉ ନାହିଁ, କେବଳ ଜେଜେମା ଅଛନ୍ତି । ଏମିତି ବେଳେ ବେଳେ ଜାଣି ଶୁଣି ଚଗଲାମି କରେ ସିଏ । ଜେଜେମାଙ୍କ ପାଟି ଶୁଭିଲା, "ଜାଣୁଛି ତୋତେ ଭୋକ ଲାଗିବଣି, ବୋଉ ବାହାରକୁ ଯାଇଛି, ରହ ମୁଁ ଆସୁଛି ।"

ଜେଜେମାଙ୍କ ହାତରେ ଥାଳିଟିଏ ଆଉ ସେଥିରେ ସପୁରି, ଆମ୍ବ ଆଉ କଦଳୀ । ପିକୁନର ଆଖିରେ ଖୁସି, ଆଉ ପାଟିରେ ଲାଳ ଭରିବାକୁ ଲାଗିଲା । କିନ୍ତୁ ନିଜର ପ୍ରଶ୍ନଟିକୁ ଆଗୁଆ ପଚାରିଲା, "ଜେଜେମା ଯେଉଁ ଦେଶ ଯାଇ ସେଇ ଫଳ ଖାଇ, ଆମେରିକାରେ କେଉଁ ଅଜବ ଫଳଟିଏ ଖାଇଥିଲ ଯେ ତୁମେ?" ପାଖରେ ବସିଗଲେ ଜେଜେମା, ଥାଳିଟିଏ ଧରେଇ ଦେଇ ଓ କହିଲେ, "ହୁଁ, ଖାଇଛି ତ ଅନେକ ପ୍ରକାର, କିନ୍ତୁ ଗୋଟିଏ ଫଳ ମୋତେ ବହୁତ ପସନ୍ଦ ହେଲା । ଅଜବ ଲାଗିଲା ଟିକିଏ ମଧ୍ୟ, ନାଁ ଯେମିତି ଆଜବ ସ୍ୱାଦ ମଧ୍ୟ ।" "ଅଜବ କାହିଁକି?" ପିକୁନ ପଚାରିଲା । "ଆଚ୍ଛା ତୁ କହିଲୁ, ତୋତେ ଆମ୍ବ, ସପୁରି ଆଉ କଦଳୀ ଭିତରୁ ସବୁଠୁ ଭଲ କଣ କରିଦିଏ?" ଜେଜେମା ପଚାରିଲେ ।" ମାନେ ମିକ୍ସଡ ଫ୍ରୁଟ ସେକ୍ କି?" ପିକୁନ ପଚାରିଲା । "ନା, ନା, ମୁଁ ଏମିତି ଗୋଟାଏ ଫଳ କଥା କହୁଛି, ଯାହା ଏହି ତିନୋଟି ଫଳର ମିଶ୍ରଣ ଭଳି ସୁଆଦିଆ ଆଉ ଦେଖିବାକୁ ଛୋଟିଆ ରାମଫଳ ଭଳିଆ । ଆମେରିକାର ଆଦିମ ଲୋହିତ ଭାରତୀୟମାନେ ଏହାର ବ୍ୟବହାର କରୁଥିଲେ । ସେଥିରେ ଆତ କିମ୍ବା ରାମଫଳ ଭଳି ଅନେକ ମଞ୍ଜି ଥାଏ ଆଉ ଖାଇବାକୁ ବହୁତ ଭଲ ଲାଗେ । ମୁଁ ମଧ୍ୟ ପ୍ରଥମ ଥର ପାଇଁ ଖାଇଲି । "ତାକୁ କଣକି ହନ୍ତି ସେଠାରେ?" ପିକୁନ ପଚାରିଲା । "ସ୍ଥାନୀୟ ଭାଷାରେ ଅନେକ ନାମ ଅଛି । କିଛି ମୋ ପାଟିରେ ମଧ୍ୟ ପଶିବନି, କିନ୍ତୁ ଉମବି ବା ଆମ୍ବି ସବୁଠୁଁ ସରଳ ଶବ୍ଦ ସ୍ଥାନୀୟ ଭାଷାରେ । ଲୋକେ ପାଉପାଉ ମଧ୍ୟ କହନ୍ତି ଯଦିଓ ପାଉପାଉଟି

ଅମୃତଭଣ୍ଡାକୁ ଅଧିକାଂଶ ସମୟରେ ବୁଝାଏ।" ଅନେକ କଛି କହିଗଲେ ଜେଜେମା ସେ ଫଳ ବିଷୟରେ, କେମିତି ତାକୁ ଆଇସକ୍ରିମରେ ବ୍ୟବହାର କରାଯାଏ। ଫଳଟି ପାଚିଲା ପରେ ବେଶୀ ଦିନ ରହିପାରେ ନାହିଁ, ତେଣୁ ତହାର ବ୍ୟବହାର ଉତ୍ପାଦିତ ଅଞ୍ଚଳରେ ହିଁ ଅଧିକ ହୁଏ। ଆଉ ସେଠାକାର ପ୍ୟାନ-କେକରେ ମଧ୍ୟ ବ୍ୟବହାର କରାଯାଏ ଇତ୍ୟାଦି ଇତ୍ୟାଦି। ଶୁଣିକ ବହୁତ କୌତୁହଳ ଜାତ ହେଲା ପିକୁନ ମନରେ। ଜେଜେମାଙ୍କୁ କହିଲା ଏଥର ରବିବାର ଦିନ ଏହି ଫଳବିଷୟରେ ଆହୁରି ପଢିବ ଇଣ୍ଟରନେଟରୁ।



"ହବି ଟିଏ ସିନା ଦେଖିଦେବୁ, କନ୍ତୁ ନ ଖାଇଲେ ତାହାର ସ୍ୱାଦ ଜାଣିବୁ କେମିତି? ତେଣୁ ମନ ଦେଇ ପାଠ ପଢେ, ଭଲ ସୁଯୋଗ ମିଳବ ବାହାରକୁ ଯିବାକୁ। ଯେଉଁ ଦେଶ ଯାଇ ସେଇ ଫଳ ଖାଇ, ନ ହେଲେ ଦୂରରୁ ଖାଲି ଦୂରଦର୍ଶନରେ ଦେଖୁଥିବୁ," କହିକି ଜେଜେମା ସ୍ନେହରେ ଥାପୁଡେଇ ଦେଇ ବାହାରି ଗଲେ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲରଲେଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ଆସ ଆମେ ପଢ଼ିବା



ଅବିନାଶ ବେହେରା

ଆସ ଆମେ ପଢ଼ିବା,
ଭଲ କଥା କହିବା,
ନୂଆ ପାଠ ଜାଣିବା ।
ଆସ ଆମେ ପଢ଼ିବା,
ଭଲ ଭାବେ ଲେଖିବା,
ନୂଆ ଗପ ଶୁଣିବା ।
ଆସ ଆମେ ପଢ଼ିବା,
ଭଲ ପିଲା ହୋଇବା,
ନୂଆ ଗୀତ ଶୁଣିବା ।
ଆସ ଆମେ ପଢ଼ିବା,
ଭଲ କାମ କରିବା,
ନୂଆ ନାଚ ନାଚିବା ।
ଆସ ଆମେ ପଢ଼ିବା,
ଭଲ ଖାଦ୍ୟ ଖାଇବା,
ନୂଆ କିଛି ଭାବିବା ।
ଆସ ଆମେ ପଢ଼ିବା,
ଭଲ ଛାତ୍ର ହୋଇବା,
ନୂଆ ନିଜେ ଲାଗିବା ।

ଆସ ଆମେ ପଢିବା,
ଭଲ ମନ୍ଦ ଜାଣିବା,
ନୂଆ କଥା ଶିଖିବା ।
ଆସ ଆମେ ପଢିବା,
ଭଲ ପାଠ ପଢିବା,
ନୂଆ ପାଠ ଜାଣିବା ।

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୧୦/୨୦୧୯ | ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତି, ନତଃ ପଞ୍ଚମୀ |
| ୦୪/୧୦/୨୦୧୯<br>୦୫/୧୦/୨୦୧୯ | ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା<br>ମହାଷ୍ଟମୀ ଓ ଦୁର୍ଗାବ୍ରତ |
| ୦୬/୧୦/୨୦୧୯ | ମହାନବମୀ, ମୃଣ୍ମୟୀ ଦେବୀଙ୍କ ଅଷ୍ଟମୀ ପୂଜା, ସନ୍ଧିପୂଜା |
| ୦୭/୧୦/୨୦୧୯<br>୦୮/୧୦/୨୦୧୯ | ପୀଠେ ଦଶହର୍, ମୃଣ୍ମୟୀ ଦେବୀଙ୍କ ନବମୀ ପୂଜା, ସୋମନାଥ ବ୍ରତ<br>ମୃଣ୍ଂଅୟୀଦେବୀଙ୍କ ଦଶହର୍ |
| ୦୯/୧୦/୨୦୧୯ | ଭଷାଣୀ, ପାପାଙ୍କୁଶ ଏକାଦଶି |
| ୧୩/୧୦/୨୦୧୯ | କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା |
| ୧୪/୧୦/୨୦୧୯ | କାର୍ତ୍ତିକ ବ୍ରତାରମ୍ଭଃ |
| ୧୮/୧୦/୨୦୧୯ | ତୁଳା (ଗର୍ଭଣା) ସଂକ୍ରାନ୍ତି |
| ୨୪/୧୦/୨୦୧୯ | ରମା ଏକାଦଶୀ |
| ୨୫/୧୦/୨୦୧୯ | ଗୋବତ୍ସା ଦ୍ୱାଦଶୀ |
| ୨୬/୧୦/୨୦୧୯ | ଦନ୍ୱନ୍ତରୀ ଜୟନ୍ତୀ |
| ୨୭/୧୦/୨୦୧୯ | ଶ୍ୟାମାକାଳୀ ପୂଜା, ପୟାଶ୍ରାଦ୍ଧ, ଦୀପଦାନ |
| ୨୮/୧୦/୨୦୧୯ | ଅମାବାସ୍ୟା |
| ୨୯/୧୦/୨୦୧୯ | ଗିରି ଗୋବର୍ଦ୍ଧନ ପୂଜା |
| ୩୦/୧୦/୨୦୧୯ | ନାଗ ଚତୁର୍ଥୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ଉଷୁମ ଉଷୁମ ମାଟି ଖୁରୀ ଗୁହା
ସ୍ୱଚ୍ଛ-ଭାରତ ଅଭିଯାନ
କୁମ୍ଭାର ବାପୁଡା ଖୁସିରେ ରହିବ
ବଢିବ ଜୀବନ ମାନ ।

ବିଜେତା: ସୁମିତ୍ରା ପଣ୍ଡା, ରସୁଲଗଡ, ଭୁବନେଶ୍ୱର

ଗୁହା କୁ ସୁସ୍ୱାଦ ଦିଏ ମୃଣ୍ମୟ ପାନପାତ୍ର,
ମାଟି ର ଯାହା ହୋଇଛି ସୁନ୍ଦର ମୁଖପାତ୍ର,
କୁମ୍ଭାର ବିନା ମିଳବନ ଏହି ଛୋଟ ଗୃ-ପାତ୍ର,
ପର୍ଯ୍ୟାବରଣ ସଂରକ୍ଷଣରେ ଅଛି ଯାହାର ପ୍ରଧାନପାତ୍ର ||

ଶ୍ରୀ ରାଜଶେଖର ସି 'ବର୍ମା'

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ /ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**

ବେଦାନ୍ତୀ